# ବନଜା

**BANAJA 2020**

# ବନଜା

# BANAJA 2020

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ବନଜା-୨୦୨୦

| | | |
|---|---|---|
| ସମ୍ପାଦକ | : | ପ୍ରଫେସର (ଡ଼ଃ) ଅଖିଳ ବିହାରୀ ଓଟା<br>ସଦସ୍ୟ ସଚିବ |
| ସମ୍ପାଦନା ସହଯୋଗୀ | : | ଡ. ପରମାନନ୍ଦ ପଟେଲ |
| ପ୍ରକାଶକ | : | ସଦସ୍ୟ ସଚିବ<br>ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ<br>ଆଦିବାସୀ ପ୍ରଦର୍ଶନୀ ପଡ଼ିଆ<br>ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯ |
| ପ୍ରକାଶନ | : | ଜାନୁୟାରୀ - ୨୦୨୦ |
| ମୁଦ୍ରଣ | : | କ୍ୟାପିଟାଲ୍ ବିଜ୍ନେସ୍ ସର୍ଭିସ୍ ଏଣ୍ଡ୍ କନ୍ସଲ୍ଟାନ୍ସି<br>ବି-୫୧, ଶହୀଦନଗର, ଭୁବନେଶ୍ୱର |

## BANAJA-2020

**Editor**
Prof. (Dr.) Akhila Bihari Ota
Member Secretary

**Associate Editor:**
Dr. Paramananda Patel

**Publisher :**
Member Secretary
Academy of Tribal Languages & Culture
Adivasi Exhibition Ground
Unit-1, Bhubaneswar-751009

January 2020

Printed at : Capital Business Service & Consultancy
B-51, Sahid Nagar, Bhubaneswar

# ସଂପାଦକୀୟ

ଆଦିବାସୀ ମେଳା ଓ ଆଦିବାସୀ ସଂସ୍କୃତି ପରସ୍ପର ପରିପୁରକ । ସଂସ୍କୃତି ଚଳଣି ଆଧାରିତ ଅମୂର୍ତ୍ତ । ମେଳା ତା'ର ପ୍ରଦର୍ଶିତ ରୂପ ତଥା ମୂର୍ତ୍ତ । ଯାହା ଚିନ୍ତନ, ମନନ ଓ ମନ୍ଥନ କରାଯାଏ ତାକୁ କଥାରେ, ଭାବରେ, ଆକାରରେ, ଛନ୍ଦରେ ରୂପ ଦିଆଯାଏ । ଏକରୁ ଅନେକର ସମାଗମ ହେବା ସହ ମେଳା ଉତ୍ସବରେ ପ୍ରତିଫଳିତ ହୋଇଥାଏ । ପରଂପରା ଓ ପରଂପରାର ବିକାଶ ଧାରାରେ ମେଳାର ସ୍ୱରୂପ ପରିବର୍ତ୍ତନ ହେବାରେ ଲାଗିଛି । ଯାହା ସ୍ୱାଭାବିକ ଥିଲା, କିଛି ଆନୁଷ୍ଠାନିକ ନ ଥିଲା, ତାହା କ୍ରମଶଃ ସଂରଚିତ ଓ ପ୍ରାୟୋଜିତ ହେଉଛି ।

ମେଳା ସହ ଅର୍ଥନୀତିର ସମ୍ପର୍କ ଖୁବ୍ ନିବିଡ଼ । ଜନଜାତି ସମାଜ ହାତ ଖୋଲା ଖର୍ଚ୍ଚ କରି ତା'ର ଉତ୍ପାଦିତ ଅଂଶର ରାଜଭାଗ ବିନିଯୋଗ କରୁଥିଲା ଏହି ମେଳାରେ, ମଉଜ ନେଉଥିଲା । ବ୍ୟବସ୍ଥିତ ହେବା ବେଳକୁ ଏହାର ସ୍ୱରୂପ ବଦଳି ଯାଉଛି । ପ୍ରଥା, ପରିଣତ ହେଉଛି ବ୍ୟବସ୍ଥାରେ । ଜନଜାତି ସମାଜ ତା'ର ସୁବିଧା ଓ ଅନୁକୂଳ ପାଗ ଦେଖି ଆୟୋଜନ କରୁଥିଲା । ଏବେ ନିର୍ଦ୍ଧାରିତ ତାରିଖରେ ଅନୁଷ୍ଠିତ ହେଉଛି । ତେଣୁ ପ୍ରଥା ବ୍ୟବସ୍ଥାକୁ ପରିବର୍ତ୍ତନର କାରଣ ହେଉଛି, ଯାହା ଚଳଣି ଥିଲା, ସ୍ଥାନୀୟ ଥିଲା, ତାହା ବଜାର ଉପଯୋଗୀ ହେଉଛି । ଉତ୍ସବ, ମେଳା, ପ୍ରଦର୍ଶନୀ ସଂପ୍ରତି ଜନଜାତି ସଂଜ୍ଞାରୁ ବାହାରି ଆସି ସରକାରୀ ସଂଜ୍ଞା ଭିତରେ ବିଲୀନ ହେବାରେ ଲାଗିଛି ।

ତେବେ ଏ ଭିତରେ ସୁନ୍ଦର ଉପାଦାନଟାଏ ଯୋଡ଼ି ହୋଇଯାଇଛି "ମୁଖପତ୍ର" । ଅଧିକାଂଶ ମେଳା ମହୋତ୍ସବ, ପ୍ରଦର୍ଶନୀରେ "ମୁଖପତ୍ର" ଉନ୍ମୋଚନ ପ୍ରମୁଖ ସ୍ଥାନ ନେଉଛି । ସଂସ୍କୃତି ଓ ସଂସ୍କୃତି ଆଧାରିତ ଅନେକ ଅନାଲୋଚିତ ଉପାଦାନ ସମୂହ ଏହି ମୁଖପତ୍ରର ପୃଷ୍ଠାମଣ୍ଡନ ସହ ଅବଲୁପ୍ତ ସଂସ୍କୃତି ଉପରେ ଆଲୋକପାତ କରି ପାଠକୀୟ ବିଶ୍ୱସ୍ତତା ଲାଭ କରୁଛି ଏବଂ ଗବେଷଣାର ପଥ ଉନ୍ମୋଚନ ପାଇଁ ନୂତନ ଦିଶା ଦେବାରେ ସହାୟକ ହେଉଛି । ପାର୍ବଣକୁ ଯୋଡ଼ିବାର, ମୁଖରିତ କରିବାର ଏବଂ ତାକୁ ସର୍ବସାଧାରଣରେ ତଥା ଜିଜ୍ଞାସୁ ପାଖରେ ପହଂଚାଇବାର ସୁନ୍ଦର ପରିକଳ୍ପନାଟିଏ ଏହି ମୁଖପତ୍ର ।

ଆଦିବାସୀ ମେଳା ଅବସରରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ବନଜା ପତ୍ରିକାଟାଏ ପ୍ରକାଶ କରି ଆସୁଛି । ମେଳାକୁ ଉପଲକ୍ଷ କରି ଏହା ପ୍ରକାଶିତ ହେଉଥିଲେ ସୁଦ୍ଧା ସ୍ୱକୀୟ ମୌଳିକତା ବଜାୟ ରଖିବା ସହ ଜନଜାତି ସଂସ୍କୃତିର ବିବିଧ ଅନାଲୋଚିତ ଦିଗକୁ ଉନ୍ମୋଚନ କରିବାରେ ବନଜାର ନିଜସ୍ୱ ସ୍ଥାନ ରହିଛି ।

ସେହି ପରଂପରାକୁ ସଂପ୍ରସାରିତ କରିବାରେ ବନଜାର ଚଳିତ ସଂଖ୍ୟା ପ୍ରୟାସ ମାତ୍ର କରିଛି । ପତ୍ରିକାରେ ସ୍ଥାନୀତ ପ୍ରବନ୍ଧ ସମୂହ ଲେଖକମାନଙ୍କର ନିଜସ୍ୱ ମତ । ଏଥିରେ ସଂପାଦକ ମଣ୍ଡଳୀ କୌଣସି ମତେ ସଂପୃକ୍ତ ନୁହନ୍ତି । ଆଶା ଏହା ପାଠକଙ୍କ ଗ୍ରହଣୀୟ ହେବ ଏବଂ ଜନଜାତି ସମାଜ ଓ ସଂସ୍କୃତି ସହ ପରିଚିତ ହେବାର ସୁଯୋଗ ମିଳିବ ।

**ଅଖିଳ ବିହାରୀ ଓତା**
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

# ସୂଚୀପତ୍ର

## ଓଡ଼ିଆ ବିଭାଗ


| | | |
|---|---|---|
| ୧. | କଳାହାଣ୍ଡି ଦେଶିଆ କନ୍ଧମାନଙ୍କର ସାମାଜିକ ଚଳଣିର ଭିନ୍ନ ଏକ ବୈଶିଷ୍ଟ୍ୟ<br>*ମେଦିନୀଧର ଜାନୀ* | ୧ |
| ୨. | ଗସାଣେ<br>*ଠାକୁରଦାସ ହାଁସଦାଃ* | ୧୯ |
| ୩. | ସାନ୍ତାଳ ଜନଜାତିର ରୀତିନୀତି<br>*ଦମୟନ୍ତୀ ବେଶ୍ରା* | ୨୬ |
| ୪. | ସଉରା ଜନଜାତିର ରୀତିନୀତି<br>*ସୁରେନ୍ଦ୍ର ନାଥ ସାହୁ* | ୩୫ |
| ୫. | କନ୍ଧମାନଙ୍କ ସାମାଜିକ ଜୀବନରେ ରୀତିନୀତି<br>*ଅଜିତ କୁମାର ବେହେରା* | ୪୫ |
| ୬. | ଜୁଆଙ୍ଗ ସାମାଜିକ ଓ ସାଂସ୍କୃତିକ ଜୀବନରେ ପର୍ବପର୍ବାଣିର ଭୂମିକା<br>*ରଞ୍ଜନ ପ୍ରଧାନ* | ୫୩ |
| ୭. | ବଣ୍ଡାଙ୍କ 'ପାଟଖଣ୍ଡା ପର୍ବ'ଏକ ଅନୁଶୀଳନ<br>*ଦେବାଶିଷ ପାତ୍ର* | ୬୯ |
| ୮. | ଗାଦବା ଜନଜାତିର ରୀତିନୀତି<br>*ପ୍ରମୋଦିନୀ ହୋତା* | ୭୮ |
| ୯. | ବାଥୁଡ଼ି ଜନଜାତିରେ ପରମ୍ପରାର ଚିତ୍ର<br>*ରାଜକିଶୋର ନାୟକ* | ୮୩ |
| ୧୦. | ଓଡ଼ିଶା ଜନଜାତି ସଂସ୍କୃତିର ବିକାଶରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଭୂମିକା<br>*ବିଜ୍ଞାନ ମହାନ୍ତି* | ୯୧ |
| ୧୧. | ବଣ୍ଡା ସଂସ୍କୃତିରେ ନିଶାକାରୀ ପାନୀୟ, ରୀତିନୀତି ଓ ଜୀବନ ଶୈଳୀ<br>*ରମେଶ ପ୍ରସାଦ ମହାନ୍ତି* | ୧୦୦ |
| ୧୨. | ଜନଜାତିଙ୍କ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି ଓ ସାହିତ୍ୟିକ ଦୃଷ୍ଟିଭଙ୍ଗୀ<br>*ପରମାନନ୍ଦ ପଟେଲ* | ୧୦୭ |
| ୧୩. | ମେରିଆ ପୋଡ଼ବଳି ଓ କୁଟିଆ କନ୍ଧ ପରମ୍ପରା<br>*କ୍ଷେତ୍ରବାସୀ ମାନ୍‌ସେଠ୍* | ୧୧୪ |
| ୧୪. | ସାନ୍ତାଳ ସମ୍ପ୍ରଦାୟର ପାରଂପରିକ ଜ୍ଞାନ ବିଜ୍ଞାନ<br>*ନାକୁ ହାଁସ୍‌ଦାଃ* | ୧୨୨ |
| ୧୫. | ସାଂପ୍ରତିକ ଆଦିବାସୀର ପାର୍ବିକ ରୀତିନୀତି: ଆଉ ଏକ ଆଲୋଡନ ଜରୁରୀ<br>*ବିଜୟ ଉପାଧ୍ୟାୟ* | ୧୩୦ |

## English Section


| | | |
|---|---|---|
| **16.** | **Tribal Customary Law in India**<br>*Abhimanyu Sethy* | 142 |
| **17.** | **Rituals of Gadaba tribes of Odisha : A brief study**<br>*Rajendra Padhy* | 148 |
| **18.** | **Tribal Rituals Inter-woven with their Lifeline: An Analysis of Agro-Forestry Activities in Odisha**<br>*Trilochan Sahoo* | 156 |

# କଳାହାଣ୍ଡି ଦେଶିଆ କନ୍ଧମାନଙ୍କର ସାମାଜିକ ଚଳଣିର ଭିନ୍ନ ଏକ ବୈଶିଷ୍ଟ୍ୟ

**ମେଦିନୀଧର ଜାନୀ**

ସ୍ରଷ୍ଟାଙ୍କ ସୃଷ୍ଟିରେ ମାନବ ଜୀବ ଜଗତର ଶ୍ରେଷ୍ଠ ଜୀବ ରୂପେ ପରିଚିତ । ସୃଷ୍ଟିର ରହସ୍ୟକୁ ଅନୁଧ୍ୟାନ କଲେ ଅନେକ ମତବାଦ ଦେଖାଯାଏ । ବୈଜ୍ଞାନିକ, ଐତିହାସିକ ଓ ପୌରାଣିକ ଆଖ୍ୟାନରୁ ମାନବ ସୃଷ୍ଟିର ବହୁ ମତ ଓ ମତାନ୍ତର ଦୃଷ୍ଟି ଗୋଚର ହୁଏ । ବିଭିନ୍ନ ଧର୍ମଗ୍ରନ୍ଥରେ ଭିନ୍ନ ଭିନ୍ନ ମତବାଦ ମଧ୍ୟ ରହିଛି । କିନ୍ତୁ ନୃତତ୍ତ୍ୱବିତ୍‌ମାନଙ୍କ ମତରେ ପୃଥିବୀ ଦୁଇଶହ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିଲେ ମଧ୍ୟ ମାତ୍ର ସତୁରି କୋଟି ବର୍ଷ ହେଲା ଜୀବଜନ୍ତୁଙ୍କ ଉଦ୍ଭବ ଘଟିଛି । ମାତ୍ର ପା   ଲକ୍ଷ ବର୍ଷ ହେଲା ମାନବ ଜାତିର ଆବିର୍ଭାବ ଏବଂ ଏଥି ପୂର୍ବରୁ ସାଢ଼େ ଚାରି ଲକ୍ଷ ବର୍ଷ ପର୍ଯ୍ୟନ୍ତ ଆଦିମ ମାନବ କେବଳ ଜୀବନ ଧାରଣ କରି ମନ୍ଥର କ୍ରମ ବିକାଶ ପଥରେ ଅଗ୍ରସର ହୋଇ ଆଜିର ସଭ୍ୟ ମାନବର ରୂପରେଖ ନେଇଛି । ଅଥଚ ଏପରି ମତବାଦ ସ  ୍ୱ ଆଦିବାସୀ ମିଥ୍ ସମ୍ବନ୍ଧୀୟ ଅନେକ ରୋଚକ ଲୋକକଥା ମଧ୍ୟ ଗ୍ରହଣୀୟ । ଆଦିବାସୀମାନଙ୍କର ଗାଥା ଅନୁସାରେ ସର୍ବ ପ୍ରଥମେ ଆଦିମାନବର ସୃଷ୍ଟିକୁ ଅସ୍ୱୀକାର କରାଯାଇନପାରେ । ସୁତରାଂ, ପଶ୍ଚିମ ଓଡିଶାର କନ୍ଧମାନେ ଆଦିମାତା **(କନ୍ଧେନ୍ ବୁଢ଼ୀ)** ଓ ଆଦିପିତା **(କନ୍ଧ୍ ବୁଢ଼ା)**ଙ୍କୁ ସୃଷ୍ଟିର ପ୍ରଥମ ମାନବ ଭାବେ ଉପାସନା କରିଥାନ୍ତି । ଆଦିମ କାଳରୁ ପୃଥିବୀ ପୃଷ୍ଠରେ ଆଦିବାସୀମାନେ ବସବାସ କରି ଆସୁଥିବାରୁ ଏମାନଙ୍କୁ ଆଦିବାସୀ, ବନବାସୀ, ଗିରିଜନ, ଜନଜାତି ଭାବେ ମାନ୍ୟତା ଦିଆଯାଇଛି ।

ଜନଜାତି ବହୁଳ ରାଜ୍ୟମାନଙ୍କ ମଧ୍ୟରେ ଓଡିଶା ଭାରତବର୍ଷରେ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । ଓଡିଶାରେ ବସବାସ କରୁଥିବା **୬୨** ପ୍ରକାର ଜନଜାତି ରାଜ୍ୟର ମୋଟ ଜନସଂଖ୍ୟାର **୨୨.୮୫** ପ୍ରତିଶତ ଅଟେ । ୨୦୧୧ ମସିହା ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା **୯,୫୯,୭୫୬** । ଏମାନଙ୍କ ମଧ୍ୟରୁ ପଶ୍ଚିମା  ଳରେ କନ୍ଧଗୋଷ୍ଠୀ ସଂଖ୍ୟା ସର୍ବାଧିକ ଓ ଏମାନଙ୍କ ସଂସ୍କୃତି, ପରମ୍ପରା, ରୀତିନୀତିର ଏକ ନିଆରା ସ୍ୱତନ୍ତ୍ରତା ରହିଛି । ବିଶେଷତଃ କଳାହାଣ୍ଡିର ଦେଶିଆ କନ୍ଧମାନଙ୍କର ଆଲୋଚନା ସମ୍ବନ୍ଧୀୟ ଅଧ୍ୟୟନ ଏକାନ୍ତ ଅପରିହାର୍ଯ୍ୟ ।

ଡକ୍ଟର ଏନ୍. ପଟ୍ଟନାୟକ ଓ ପି.ଏସ୍. ଦାଶ ପଟ୍ଟନାୟକ ଓଡିଶାର କନ୍ଧ ଜାତିକୁ ତିନି ଭାବରେ ବିଭକ୍ତ କରିଛନ୍ତି, ଯଥା – କୁଟିଆ କନ୍ଧ, ଡ଼ଙ୍ଗରିଆ କନ୍ଧ ଓ ଦେଶିଆ କନ୍ଧ । ଗବେଷକ ଶ୍ରୀ କୃଷ୍ଣ ଶର୍ମା ଓଡିଶାର କନ୍ଧମାନଙ୍କୁ ଡ଼ଙ୍ଗରିଆ, କୁଭି, କୁଟିଆ, ଲାଙ୍ଗୁଳି, ପେଙ୍ଗା ଓ ଝରନିଆ – ଏପରି ୬ ଭାଗରେ ବିଭକ୍ତ କରିଛନ୍ତି । ଏ ସମସ୍ତ କନ୍ଧ ଗୋଷ୍ଠୀ ମଧ୍ୟରେ ସ୍ତର ଭେଦରେ ଉଚ୍ଚ-ନୀଚ ଭେଦଭାବ ରହିଛି । ଭାଷିକ ରୂପାନ୍ତର କ୍ରମରେ ଆମେ କନ୍ଧ ଭାଷାର ତିନୋଟି ନାମ ପାଇଥାଉ, ଯଥା – କୁଇ, କୁଭି ଓ କନ୍ଧାନ୍ । କୁଇ କନ୍ଧମାନଙ୍କର ମୂଳ ଭାଷା ରୂପେ ସ୍ୱୀକୃତ । କୋରାପୁଟ ଉପଖଣ୍ଡର କନ୍ଧମାନେ କୁଭି କହନ୍ତି ବୋଲି ଗବେଷକମାନଙ୍କ ମତ । କେତେକ

ଗବେଷକ କୁଇ ଠାରୁ କୁଭି ଆଦୌ ଭିନ୍ନ ନୁହେଁ ବୋଲି କହନ୍ତି । ଦେଶିଆ କନ୍ଧ ନାମରେ ଏକ କନ୍ଧ ଗୋଷ୍ଠୀ ତଥା ଭାଷା ଥିବାରୁ, କେହି କେହି ଦେଶିଆକୁ କନ୍ଧମାନଙ୍କର ଭାଷା ବୋଲି କହିଥାନ୍ତି । କିନ୍ତୁ ଏହି ମତ ଗ୍ରହଣୀୟ ହୋଇନପାରେ । କଳାହାଣ୍ଡି ଓ ବଲାଙ୍ଗିରର ବ୍ୟାପକ କନ୍ଧାନ୍ କ୍ଷେତ୍ରରେ କନ୍ଧାନ୍ ଭାଷା ବ୍ୟବହୃତ ହୋଇଥାଏ । କନ୍ଧାନ୍ ଭାଷାର ସାମାଜିକ ପୃଷ୍ଠଭୂମି ଏହି ଭାଷା ଗୋଷ୍ଠୀର କନ୍ଧମାନଙ୍କୁ କୁଇ ଭାଷାଭାଷୀ କନ୍ଧମାନଙ୍କ ଜୀବନ ଶୈଳୀ ଠାରୁ ଯଥେଷ୍ଟ ଦୂରରେ ରଖି ପାରିଛି ।

ଦେଶିଆ କନ୍ଧମାନଙ୍କର ଚଳଣି, କର୍ମକର୍ମାଣୀ, ମୌଳିକ ଚିନ୍ତନ, ବୋଧ ଶକ୍ତି, ଆଦର୍ଶ ଚିନ୍ତାଧାରା, ନିରାଡ଼ମ୍ବର ଜୀବନଧାରା, ସୌନ୍ଦର୍ଯ୍ୟବୋଧ, ବେଶଭୂଷା, ସାମାଜିକ ପ୍ରଥା, ଲୋକକଥା, କନ୍ଧାନ୍ ଭାଷା, ଅକୁଣ୍ଠିତ ଦାନ, ଅତିଥି ପରାୟଣତା, ନ୍ୟାୟ ବିଚାର, ସ୍ୱାଭିମାନ, ସ୍ୱାଧୀନଚେତା, ଦୁଃସାହସିକତା, ବୀରତ୍ୱ, କୃଷି ପ୍ରଣାଳୀ, ଶ୍ରଦ୍ଧା, ବିଶ୍ୱାସ, ଯାନିଯାତ୍ରା, ବୈବାହିକ ରୀତିନୀତି, ମା' ମାଟି ପ୍ରତି ଆତ୍ମବଳିଦାନ ଏବଂ ସର୍ବୋପରି ପ୍ରକୃତି ଉପାସନା ସଭ୍ୟ ସମାଜକୁ ବହୁ ଜ୍ଞାନ ଲାଭ କରିବାର ସୁଯୋଗ ଦେଇଥାଏ ।

ଏହି ଦେଶିଆ କନ୍ଧ ବା ଦେଶ୍ କନ୍ଧମାନେ କେବେ କଳାହାଣ୍ଡି ଓ ବଲାଙ୍ଗିରରେ ବସତି ସ୍ଥାପନ କଲେ, ତାହାର ସଠିକ୍ ପ୍ରମାଣ ନାହିଁ । ତେବେ କନ୍ଧମାନଙ୍କର ସିଡ଼ି ବା ଗାବାରୁ ଏମାନେ ସହସ୍ର ବର୍ଷ ପୂର୍ବେ କଳାହାଣ୍ଡିକୁ ଆସିଥିବାର ପ୍ରମାଣ ମିଳେ । କନ୍ଧମାନଙ୍କର ଲୋକକଥାରୁ ଜଣାଯାଏ ଯେ, ବିଞ୍ଜିଗିରି କନ୍ଧ ଅର୍ଥାତ୍ ବିନ୍ଧ୍ୟ ପର୍ବତର ପାଦଦେଶରୁ ଏମାନେ ବାହାରି ବନଗିରି ପରିଭ୍ରମଣ କରି ଶେଷରେ ଆସି ସ୍ଥାୟୀ ଭାବରେ କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାରେ ବସବାସ କରିଥିଲେ । ସହସ୍ର ସହସ୍ର ବର୍ଷ ଧରି ଏମାନେ ନିଜେ ରାଜା ଓ ନିଜେ ପ୍ରଜା ହୋଇ ନିଜକୁ ନିଜେ ଶାସନ କରୁଥିଲେ । ଏହାକୁ ସ୍ୱାୟ   ଶାସନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମୟ କ୍ରମେ ନିଜେ ରାଜା ହେବାକୁ ପସନ୍ଦ ନକରିବାରୁ, ଛୋଟନାଗପୁରରୁ ନାଗବଂଶୀୟ ରାଜପୁତ୍ର ଆଣି ନିଜର କନ୍ୟା ସହ ବୈବାହିକ ସମ୍ବନ୍ଧ ସ୍ଥାପନ ପୂର୍ବକ ରାଜ ସିଂହାସନରେ ଅଭିଷେକ କରାଇଥିଲେ । ତେଣୁ କୁହାଯାଏ –

ପାଟ୍ ବନ୍ଧା ପାଲାକା, ଝି' ଦିଆ ସେର୍‌ମେଲକା ।

କନ୍ଧମାନଙ୍କର ବାହୁଚ୍ଛାୟା ତଳେ ଆଶ୍ରୟ ନେଇ ରାଜା ରାଜ୍ୟ ଶାସନ କଲେ । ଏମାନେ ନାଗବଂଶୀୟ ରାଜା ଭାବେ ପରିଚିତ । ୧୦୦୫ ମସିହା ପୂର୍ବରୁ ଏଠାରେ ମଧ୍ୟ ଗଙ୍ଗବଂଶୀୟ ରାଜାମାନେ ଶାସନ କରୁଥିଲେ । ରାଜା କନ୍ଧମାନଙ୍କୁ ଗ୍ରାମର ଗୌନ୍ତିଆ ପଦବି ଦେଇ ଗୌନ୍ତିଆଙ୍କ ଉପରେ ଉମୁରା ଓ ଦଶଟି ଉମୁରା ଉପରେ ଜଣେ ଜମିଦାର ରହୁଥିଲେ । କେବଳ ସେତିକି ନୁହେଁ, ବେସ୍କା ଚକର କନ୍ଧମାନେ ଗୋସିଂହଙ୍କ ବଂଶଧର ବୋଲି ବାହାସ୍ଫୋଟ ମାରନ୍ତି । ଅସୁରଗଡ (ନର୍ଲା) ସେମାନଙ୍କର ଦେଶ ବୋଲି ଦାବି କରନ୍ତି । ପୁନଶ୍ଚ ନାଗବଂଶୀୟ ରାଜାମାନେ ଶାସନ ଦୃଷ୍ଟିରୁ କନ୍ଧମାନଙ୍କର ବର୍ଗକୁ ନେଇ ପ୍ରଗଣା ଗଠନ କରିଥିଲେ । କଳାହାଣ୍ଡିର ୪୪ଟି ପ୍ରଗଣା ମଧ୍ୟରୁ ୩୨ଟି ପ୍ରଗଣା କନ୍ଧମାନଙ୍କର ବର୍ଗ ଅନୁସାରେ ନାମିତ ହୋଇଥିଲା । ଗୋଟିଏ ବର୍ଗର କନ୍ଧମାନେ ଏକ ବା ଏକାଧିକ ଗ୍ରାମକୁ କେନ୍ଦ୍ରକରି ଏକ ନିର୍ଦ୍ଦିଷ୍ଟ ଅଂଚଳରେ ରହନ୍ତି । ଏହି ଅଂଚଳକୁ ସେମାନଙ୍କର ଦେଶ୍ ବା ରାଏଜ୍ (ପରେ ପ୍ରଗଣା) କୁହାଯାଏ, ଯଥା – କୋଟବେସ୍କା ପ୍ରଗଣା, ଅସୁରଗଡ ପ୍ରଗଣା, ଗଁହକା ପ୍ରଗଣା, ଗୁବ୍‌ରିଆ ପ୍ରଗଣା, ଲୁହା ପ୍ରଗଣା, ଧୁମନିଆ ପ୍ରଗଣା, ଚନ୍ଦରିଆ ପ୍ରଗଣା, ଟୁପା ପ୍ରଗଣା ଇତ୍ୟାଦି ଇତ୍ୟାଦି ।

କଳାହାଣ୍ଡି ଓ ବଲାଙ୍ଗିରର ଦେଶିଆ କନ୍ଧମାନଙ୍କର ଗୋଷ୍ଠୀ, ଉପଗୋଷ୍ଠୀ, ବର୍ଗ ଓ ଉପବର୍ଗ ସଂରଚନା କ୍ରମରେ ବନ୍ଧୁବର୍ଗ ଓ ଭ୍ରାତୃବର୍ଗ ନିର୍ଦ୍ଧାରଣ ଏକ ବିଶେଷ ବିଷୟ । ଏମାନେ ଚାର ଭାଇ - ଛଅ କନ୍ଧ, ବାର ଭାଇ – ବତିଶି କନ୍ଧ, ଅଠର ମାଝୀ, ଷୋହଳ ପ୍ରଧାନୀ ଓ ବାରଭାଇ ବେସ୍କା, ପ ରସି ଗାଁକା ଭାବେ ପରିଚିତ । କନ୍ଧମାନଙ୍କର ୩୨ ପ୍ରକାର ବହିଃ ଗୋତ୍ରୀ ବର୍ଗ (ବନ୍ଧୁ ବର୍ଗ) ଅଛନ୍ତି । ତେବେ ପାରମ୍ପରିକ ତଥା ମୌଖିକ ପରମ୍ପରା ଓ ଗବେଷକ ଡ଼. ଦୋଳଗୋବିନ୍ଦ ବିଶି (ଓଡିଶା ଅଧ୍ୟାପକ, ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଟିଟିଲାଗଡ)ଙ୍କ ଗବେଷଣା ଲବ୍ଧ ବିବରଣୀରୁ କନ୍ଧମାନଙ୍କର ଅସଂଖ୍ୟ ବର୍ଗ ଥିବାର ଜଣାଯାଏ । ବର୍ଗ ଓ ଉପବର୍ଗ ସୂଚୀରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସଂଖ୍ୟା ରହିଛି । ସଂପ୍ରତି ସେଥି ମଧ୍ୟରୁ କେତେକ ବର୍ଗ ଲୁପ୍ତପ୍ରାୟ । ଭାୟା ଓ ବନ୍ଧୁବର୍ଗର ପରିସର କେତେ ଯେ ବ୍ୟାପକ ଓ ଜଟିଳ, ତାହା କନ୍ଧମାନଙ୍କର ଲୋକୋକ୍ତିରୁ ଜ୍ଞାତ ହୋଇଥାଏ । ଯଥା –

- ଆକାଶର୍ ତରା, ଝାରର୍ ଚେରେ
  ଗଛର୍ ପତର୍ ଧାନର୍ ବରଗ୍
  କନ୍ଧର୍ ... କେନ୍ ଗିନି ପାର୍‌ଲିଆ ॥
- ବାଞ୍ଜିର ଯେ ଝଟ୍‌କା କନ୍ଧର୍ ଯେ ଲିଟ୍‌କା ॥
- ଏକ୍ ମାଞ୍ଜିନୁ ଅଠର ପୁଞ୍ଜି ।
- ଚାର୍ ଭାଇ ଛ'କନ୍ଧ, ବାରଭାଇ ବତିଶ କନ୍ଧ ।
- ବାରଭାଇ ବେସ୍କା, ଅଡ଼ାଡ଼ାହଲ୍ ଗାଁକା ।
- ବାର୍ ମାଟିର୍ ବାର୍‌କନ୍ଧ, ବତିଶ ଝାଡ଼ର୍ ବତିଶ୍ କନ୍ଧ ।

ନୂତନ ଗୋଷ୍ଠୀର ବିବର୍ତ୍ତନ ବିସ୍ତରଣ ଫଳରେ ଜୀବନଚର୍ଯ୍ୟାକୁ ଭି କରି ସଂସ୍କୃତିର ରୂପରେଖ ପରିବର୍ତ୍ତିତ ହୋଇଚାଲିଛି । ପାହାଡ଼, ପର୍ବତରେ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ ପରି ପାର୍ବତୀୟ ସଂସ୍କୃତି କାଳକ୍ରମେ ଭୂମିପୁତ୍ରର କୃଷି ସଂସ୍କୃତିରେ ରୂପାନ୍ତରିତ ହୋଇଛି । ଆଧୁନିକ ଶିକ୍ଷା ଓ ସଭ୍ୟତାର ପ୍ରସାର ଫଳରେ ବ ମାନ ସବୁକିଛି ପରିବର୍ତନ ହୋଇଯାଇଛି; ତଥାପି ଏମାନେ ନିଜର ସାମାଜିକ ପରମ୍ପରାକୁ ହତାଦାର କରିନାହାନ୍ତି । କିନ୍ତୁ ଏବେ ସାମଗ୍ରିକ ଭାବେ କନ୍ଧ ସଂସ୍କୃତି ଆଦିମ ବା ପ୍ରାଚୀନ ସ୍ୱରୂପରେ ତିଷ୍ଠି ରହିପାରିନାହିଁ ।

**ଦେଶ୍ କନ୍ଧ୍ ଅଂଚଳର କେତୋଟି ମୂଖ୍ୟ ବର୍ଗ ଓ ଉପବର୍ଗ ବା ଭାୟା ବର୍ଗଙ୍କ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।**

| କ୍ର.ନଂ. | ବର୍ଗର ନାମ | ଉପବର୍ଗ (ଭାୟା)ର ନାମ |
|---|---|---|
| ୦୧. | ବେସ୍କା (ବାରଭାଇ) | ୧. କଲେ, ୨. କଦିଲା, ୩. ନାନୁଙ୍ଗା, ୪. ଜିଲ୍ଲୁ, ୫. କଉ, ୬. ସାଙ୍ଗ, ୭. ଡୁଡ଼ି, ୮. ଡ଼ର୍‌ରା, ୯. ଆଁତାମିଲା, ୧୦. ରଗୁମିଲା, ୧୧. ସିଦିଘିରିଆ, ୧୨. ମିନ୍ଦିଘିରିଆ |

| | | |
|---|---|---|
| ୦୨. | ଗଁକା (ଗାଁକା) (ବାରଭାଇ) | ୧. ସାମା, ୨. ମୁନ୍ଦୁନ୍ଦ, ୩. ଗୁଜେ, ୪. ନାଙ୍ଗମଲ୍, ୫. ତିହିଡ଼ିଆ, ୬. ଲିହିଡ଼ିଆ, ୭. ଖୁଟି, ୮. କାଙ୍ଗ୍ଟି, ୯. ରୁଙ୍ଗ୍ରାଡ଼ିଆ ୧୦. କୁଟିଆ, ୧୧. କାନ୍ଦ୍ରା,୧୨. ଦାସେକାନ୍ଧେରା |
| ୦୩. | ବୁଡୁକା | ୧. ଘାଟ୍ପରିଆ, ୨. କଅଁର୍ ଘିରିଆ, ୩. ଟିକ୍ରିଆ, ୪. ଚିମ୍ନିଆ |
| ୦୪. | ବୁଡୁବୁଡୁକା | ୧. ଶିର୍ପୁରିଆ, ୨. ବଗେପୁରିଆ, ୩. ଲୁପ୍ରିଆ, ୪. ଲିମୁର୍କା |
| ୦୫. | ଲୁହା / ଲୁଆ | ୧. କାଇଲି, ୨. ସୁର୍ଦେ, ୩. ଜାନୀ, ୪. ବଡାକା |
| ୦୬. | ଟୁପା | ୧. ଜାନୀଟୁପା, ୨. ମାଝୀଟୁପା, ୩. ପାତର୍ଟୁପା, ୪. ପର୍ଧାନୀଟୁପା |
| ୦୭. | ଉଛରିଆ | ୧. ଉଛ୍ରିଆ, ୨. ଟୁର୍ଚିଆ, ୩. ମାଝୀ, ୪. ମାହାଡ଼ି |
| ୦୮. | ସେର୍ ମେଲକିଆ | ୧. ଆଁତାଲୁ, ୨. ପାଁତାଲୁ, ୩. ମିରୁକା, ୪. ଜାଡୁକା |
| ୦୯. | ଧୁମ୍ନିଆଁ | ୧. ପାଜି, ୨. କୁଡ଼ି, ୩. ଲିହିଡ଼ି, ୪. ଚୁର୍କିଆ |
| ୧୦. | ଚନ୍ଦରିଆ | ୧. ଡ଼ାଣ୍ବାର୍କିଆ, ୨. କାଣ୍ବାର୍କିଆ, ୩. ବିନ୍ଧ୍ରିଆ, ୪. କାନ୍ଦାନ୍ |
| ୧୧. | ବିଡ଼ାକା | ୧. ରୁପା ବିଡ଼ାକା, ୨. ସୁନା ବିଡ଼ାକା, ୩. କୁଙ୍ଗି ବିଡ଼ାକା, ୪. ପିଙ୍ଗି ବିଡ଼ାକା |
| ୧୨. | ସେର୍କିଆ | ୧. ଚିଟର୍ହିଆ, ୨. କିତର୍ଲିଆ, ୩.ସିର୍କୁଲିଆ, ୪. ଢେଙ୍ଗାବିରିଆ |
| ୧୩. | ଭଅଁରିଆ | ୧. କପାଟ୍ଗୁଡ଼ିଆ, ୨. ଦଲ୍ପତି, ୩. ମାହାଡ଼ିକା, ୪. ଖୁଟି, ୫. ବିନ୍ଧାନୀ |
| ୧୪. | ପାଲ୍କା | ୧. ଆଁତା, ୨. ଦିଗୁ, ୩. ନାଙ୍ଗ୍ମଲ୍, ୪. ରାଜ୍ଫୁଲିଆ |
| ୧୫. | କାର୍ରୁକା | ୧. ମାଝୀ କାର୍ରୁକା, ୨. ଜାଣି କାର୍ରୁକା, ୩. ଜାଡ଼େ କାର୍ରୁକା ୪. ମାଡ଼େ କାର୍ରୁକା |
| ୧୬. | କୁର୍ମୁଲ୍କିଆ | ୧. କୁର୍ମୁଲ୍କିଆ, ୨. ବିନ୍ଝାଲ୍କିଆ, ୩. ସିନ୍ଧୁଡ଼ିଆ, ୪. ସାବାଗିଡ଼ିଆ |
| ୧୭. | ଶିକା | ୧. ଶିକା, ୨. ବେସ୍କା, ୩. ବିଡ଼ା, ୪. ବାଗ୍ଝରିଆ |
| ୧୮. | ଗାଞ୍ଜା (ଗଞ୍ଜା) | ୧. ମାଝୀଗଞ୍ଜା, ୨. ଶଗଡିଆ, ୩. ଜାନୀଗଞ୍ଜା |

ନିମ୍ନ ଅଠର ମାଝୀ ଓ ଷୋହଳ ପ୍ରଧାନୀଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୁଏ ନାହିଁ । ଏମାନେ ପରସ୍ପର ଭାଇ ଗୋଷ୍ଠୀ ଭାବରେ ବିବେଚିତ ହୁଅନ୍ତି ।

| କ୍ର.ନଂ. | ୧୮ ମାଝୀ | କ୍ର.ନଂ. | ୧୬ ମାଝୀ |
|---|---|---|---|
| ୦୧. | ଘଟିଆ | ୦୧. | ଦଲ୍‌ପତ |
| ୦୨. | ଦଣ୍ଡ ପାଟିଆ | ୦୨. | ଟୁର୍‌ଚିଆ |
| ୦୩. | କଟା ମାଲିଆ | ୦୩. | ଭଅଁରିଆ |
| ୦୪. | କୁଡ଼ାସିଙ୍ଗିଆ | ୦୪. | ନିଙ୍ଗଡ଼ିଆ |
| ୦୫. | ଚିନ୍ଦ୍ରିଆ | ୦୫. | ବିନ୍ଧ୍‌ନିଆ |
| ୦୬. | ଗା | ୦୬. | କୁର୍‌ମୁଲ୍‌କିଆ |
| ୦୭. | ଘୁସ୍‌ରିଆ | ୦୭. | ମାହାଡ଼ି |
| ୦୮. | ଦେଶ୍‌ଘିରିଆ | ୦୮. | ମାଝୀଟୁପା |
| ୦୯. | ଗଟ୍‌କା, ବେଟ୍‌କା | ୦୯. | ପାତ୍ର ପାର୍‌ଧାନୀ |
| ୧୦. | ବଗେପୁରିଆ | ୧୦. | ବଛା, ଗୁଛା |
| ୧୧. | ମୁନିଙ୍ଗିଆ | ୧୧. | ବାଡ଼ାକା |
| ୧୨. | ବିଜାଲିଙ୍ଗିଆ | ୧୨. | ପିଙ୍ଗ୍‌ବାଡ଼ାକା |
| ୧୩. | ଗାଲିଙ୍ଗା | ୧୩. | ସୁନାବାଡ଼ାକା |
| ୧୪. | ଗରେଙ୍ଗା | ୧୪. | ରୁପାବାଡ଼ାକା |
| ୧୫. | କମାଲିଙ୍ଗିଆ | ୧୫. | କୁଙ୍ଗିବାଡ଼ାକା |
| ୧୬. | ଶୁଆଲିଙ୍ଗିଆ | ୧୬. | ଉଛରିଆ |
| ୧୭. | ମାଝୀଲୁଆ | | |
| ୧୮. | ଗୁବ୍‌ରିଆ | | |

କନ୍ଧମାନଙ୍କର ଭିନ୍ନ ଭିନ୍ନ ବର୍ଗ ପାଇଁ ଭିନ୍ନ ଭିନ୍ନ କୁଳପ୍ରତୀକ ରହିଛି । ବର୍ଗର ନାମକରଣ ଏହି କୁଳପ୍ରତୀକ, ସ୍ଥାନ, ପ୍ରବୃତିଗତ ବୈଶିଷ୍ଟ୍ୟ ବା ସଂଜ୍ଞା ଅନୁସାରେ ହୋଇଥାଏ । କୁଳପ୍ରତୀକକୁ ଅନୁସରଣ ପୂର୍ବକ ବହୁ ପୁରାତନ କାଳରୁ ଭାୟା ସଂପର୍କ ମୂଖ୍ୟତଃ ୪ଟି ସୂତ୍ରରେ ସାଧିତ ହୋଇଆସୁଛି, ଯଥା – (୧) ଦୁଧ୍ ଭାୟା, ଅଁଶ୍‌ଭାୟା, (୨) ଦଁତ୍ ଭାୟା, (୩) ମେଶା ଭାୟା ଓ (୪) ମେଏନା ଭାୟା । ଏମାନଙ୍କ ମଧ୍ୟରେ ବନ୍ଧୁ ସଂପର୍କ ହୁଏନାହିଁ ।

ଭାୟାମାନଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇନଥାଏ । ପୁନଶ୍ଚ ବର୍ଗ (ଗୋତ୍ର) ଚିହ୍ନିବା ପାଇଁ ବିବାହ ବେଳେ କାନିଚିହ୍ନ ରହିଛି । ନବବଧୂର ପଣତକାନିରେ ଭିନ୍ନ ଭିନ୍ନ ବର୍ଗ ପାଇଁ ଭିନ୍ନ ଭିନ୍ନ ଦ୍ରବ୍ୟ ବନ୍ଧା ଯାଇଥାଏ । ଏହି କାନିଚିହ୍ନରୁ ସ୍ପଷ୍ଟ ଭାବେ ବର୍ଗ ଜାଣି ହୁଏ, ଯଥା – (୧) ବେସ୍କା – କଉଡ଼ି / ସାରୁ, (୨) ଟୁପା – ବାଉଁଶପାତି, (୩) ସାଙ୍ଗୁ – କାଣ୍, (୪) ଦେହେଲିଆ – ମହୁଲ, (୫) ଦଲ୍‌ପତ – ମୟୁର୍ ଝାଲ୍ ଇତ୍ୟାଦି ।

## କନ୍ଧ ଜାତିର ବିବାହ ବିଧି ବ୍ୟବସ୍ଥା

କନ୍ଧ ଜାତିର ବିବାହ କର୍ମକୁ ଏକ ପବିତ୍ର ସାମାଜିକ ଅନୁଷ୍ଠାନ ବୋଲି ବିବେଚନା କରାଯାଏ । ପ୍ରାୟତଃ କନ୍ଧ ଜାତିରେ କେହି ଅବିବାହିତ ହୋଇ ରହନ୍ତି ନାହିଁ । କନ୍ଧ ସମାଜରେ ଯେଉଁ ଯୁବକ ଅବିବାହିତ ଅବସ୍ଥାରେ ମୃତ୍ୟୁ ବରଣ କରେ, ସେ ଅମୋକ୍ଷ ଏବଂ ଏକ ଅଶୁଭ ପ୍ରେତାତ୍ମା ହେତୁ, ତାକୁ ଠେଙ୍ଗୁଆମଶାନ କୁହାଯାଏ । ସେ ପିତୃଲୋକରେ ସ୍ଥାନ ପାଏ ନାହିଁ । ସେହିପରି ବିପତ୍ନୀକ ଜାନୀ / ଝାଙ୍କର ପୂଜା ତଥା ପର୍ବପାର୍ବଣାଦିରେ ଅଯୋଗ୍ୟ ବିବେଚିତ ହୋଇଥାନ୍ତି । ତେଣୁ ଗୃହସ୍ଥାଶ୍ରମରେ ଦୀକ୍ଷିତ ହୋଇ ସ୍ୱାମୀ-ସ୍ତ୍ରୀ ଭାବରେ ସମ୍ବନ୍ଧୀତ ହୋଇ ସନ୍ତାନ ଜାତ ତଥା ଲାଳନପାଳନ ପରି ମୌଳିକ ଉଦ୍ଦେଶ୍ୟ ପୂରଣ ପୂର୍ବକ ସାମାଜିକ ମର୍ଯ୍ୟାଦାର ଯଥାର୍ଥତା ଓ ମହତ୍ୱ ପ୍ରତିପାଦନ କରିବାର ବିଧାନ ରହିଛି । ଦାମ୍ପତ୍ୟ ଜୀବନରେ ବ୍ରହ୍ମଚର୍ଯ୍ୟ ପାଳନର ମଧ୍ୟ ଝଲକ୍ ଏହି ସମାଜରେ ଦୃଷ୍ଟି ଗୋଚର ହୋଇଥାଏ । ସ୍ତ୍ରୀ ମାସିକ ଋତୁଚକ୍ରରେ ଶୁଦ୍ଧସ୍ନାନ ନହେବା ପର୍ଯ୍ୟନ୍ତ ସ୍ୱାମୀ ଠାରୁ ଅଲଗା ରହେ । ପରିବାରର ଯେକୌଣସି ସଦସ୍ୟ ଛୁଇଁବା ମନା, ଛୁଇଁଲେ ଅଶୁଦ୍ଧ ହେବା, ରଜୋବତୀକୁ ସ୍ୱତନ୍ତ୍ର ପାତ୍ରରେ ଖାଇବାକୁ ଦେବା, ଖଟ, ବସ୍ତ୍ର ଆଦିକୁ ନଛୁଇଁବା ଇତ୍ୟାଦି କଠୋର ନିୟମ ରହିଥାଏ ।

ଯୁବକ (ଧଙ୍ଗଡା) ଓ ଯୁବତୀ (ଧାଙ୍ଗଡି) ଯୌବନାବସ୍ଥାରେ ପରିପକ୍ୱ ନହେଲେ ବିବାହ ହେଉନଥିଲା । ବାଲ୍ୟବିବାହ ପ୍ରଥା କନ୍ଧ ସମାଜରେ ପ୍ରଚଳିତ ନଥିଲା । ସେହିପରି ବ୍ୟୟବହୁଳ ବରଯାତ୍ରୀ ପ୍ରଥା ମଧ୍ୟ ନଥିଲା । ଯୌତୁକ ପ୍ରଥା ପରି ସାମାଜିକ କଳଙ୍କ କନ୍ଧ ସମାଜରେ ନଥିଲା । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଛାଡ଼ପତ୍ର ନଥିଲା, ବରଂ ଆବଶ୍ୟକ ସ୍ଥଳେ ସ୍ୱାମୀ-ସ୍ତ୍ରୀଙ୍କ ମତାମତ କ୍ରମେ ଦ୍ୱିତୀୟ ବିବାହ ପ୍ରଥା ପ୍ରଚଳିତ ଥିଲା । ଅଧୁନା ଏହିସବୁ ଉତ୍କୃଷ୍ଟ ସାମାଜିକ ବିଧି ବ୍ୟବସ୍ଥା ଦେଖିବାକୁ ମିଳୁନାହିଁ । ଉଚ୍ଚ ଜାତିର ସାମାଜିକ ପ୍ରଥା ଓ ପାଶ୍ଚାତ୍ୟ ଚଳଣି ଦିନକୁ ଦିନ କନ୍ଧ ସମାଜକୁ କବଳିତ କରି ପ୍ରାଚୀନ କନ୍ଧ ସଂସ୍କୃତିକୁ ଧ୍ୱଂସ କରିବାକୁ ବସିଲାଣି । କନ୍ଧ ସମାଜରେ ଏପରି ଆଦର୍ଶ ସାମାଜିକ ଚଳଣି ଥାଇ ସୁଦ୍ଧା ଅନ୍ୟ ଜାତିର ପ୍ରଥାକୁ ଗ୍ରହଣ କରିବା ଆଦୌ ଶୋଭନୀୟ ନୁହେଁ ।

## ବିବାହ ଉପକ୍ରମ

ବିଶ୍ୱର ସୃଷ୍ଟି ପ୍ରକ୍ରିୟା ମୂଳରେ ରହିଛି ପ୍ରଜନନ ପ୍ରକ୍ରିୟା । ଏହାକୁ ଆଧାର କରି ବିବାହ ପରି ଏକ ସୁନ୍ଦର ତଥା ଶୃଙ୍ଖଳିତ ଅନୁଷ୍ଠାନ କାହିଁ ଆଦିମ କାଳରୁ ପ୍ରଚଳିତ ହୋଇଆସୁଛି । ଏହି ଅନୁଷ୍ଠାନରୁ ମାନବ ଏକାଧାରରେ ଦୈହିକ, ମାନସିକ, ପରଲୌକିକ ଓ ସର୍ବୋପରି ମୌଳିକ ପ୍ରୟୋଜନୀୟତାକୁ ଲାଭ କରି ଜୀବନ ଅତିବାହିତ କରିବାର ଶିକ୍ଷା ଲାଭ କରେ ।

**କନିଆଁ ଖୁଜା –** ପ୍ରବାଦ ଅଛି 'କନ୍ଧ୍ ରଜା, ଡ଼ମ୍ ମନ୍ତ୍ରୀ' । ପ୍ରତ୍ୟେକ କାର୍ଯ୍ୟରେ କନ୍ଧ, ଡ଼ମକୁ ନିଜର ପରାମର୍ଶ ଦାତା ଭାବେ ଗ୍ରହଣ କରିଥାଏ । କନ୍ଧର ଦୂତ ଓ ମଧ୍ୟସ୍ଥି ହେଉଛି ଡ଼ମ । କନ୍ଧ ଯୁବକ ବିବାହ ଯୋଗ୍ୟ ହେଲେ, ପିତାମାତା ଏ ସମ୍ବନ୍ଧରେ ପ୍ରାରମ୍ଭିକ ଆଲୋଚନା କରିଥାନ୍ତି ଏବଂ ବନ୍ଧୁବାନ୍ଧବ ଓ ଡ଼ମ୍ (ଡ଼ୋମ)କୁ ଡ଼ାକି ଉପଯୁକ୍ତ କନ୍ୟା ସନ୍ଧାନ କରିବା ପାଇଁ ପ୍ରଥମ ପ୍ରସ୍ତାବ ଦେଇଥାନ୍ତି । ଡ଼ମକୁ କନ୍ୟା ଖୋଜିବା ଦାୟିତ୍ୱ ଦିଆଯାଇଥାଏ । ଏହି ଡ଼ମକୁ ସୁର୍‌କିଆ ଡ଼ମ୍ କୁହାଯାଏ । ଡ଼ାପ୍ ଗୀତରେ ବର୍ଣ୍ଣିତ ହୋଇଛି ଯେ –

ସୁର୍‌କିଆ ଡ଼ମ୍‌ରେ ବୁନ୍ଦୁ ଘେରକେ ଲାମ୍ ରେ ... । କାଣ୍ ଚିନାକେ ଚିନ୍‌ଲେ ମତର୍ ଆଁତୁର ସୁତୁନୁ ସମ୍ ରେ ॥

ସୁର୍‌କିଆ ଡ଼ମ୍ ଯାଇ କନ୍ୟାପକ୍ଷକୁ ବରର ଗୁଣ, ଯୋଗ୍ୟତା, ପରିବାରର ମର୍ଯ୍ୟାଦା ଓ ଧନସମ୍ପତିର ଗୁଣ ବଖାଣି ଥାଏ । ସେହିପରି, ସେ ଝିଅ ଦେଖି ଫେରିଆସି ଝିଅର ସୌନ୍ଦର୍ଯ୍ୟ ମଧ୍ୟ ବର ପରିବାରକୁ ବଖାଣି ଥାଏ । ପରବର୍ତୀ ସମୟରେ 'କଥା ପଟେନ୍' ନାମକ ଏକ ମିଳିତ ସାକ୍ଷାତ କାର୍ଯ୍ୟକ୍ରମରେ ବନ୍ଧୁ ଚୟନ ଏବଂ କନ୍ୟା ଚୟନ କାର୍ଯ୍ୟ ସମ୍ପାଦନ କରାଯାଏ । ବନ୍ଧୁ ଚୟନ ପାଇଁ ଯୋଗ୍ୟତା, ଯଥା – (୧) **ବାଏନା** (ବୟସ ସହିତ ରୂପଗୁଣ), (୨) **ମାଏନା** (ଜ୍ଞାତି ସଂପର୍କ), (୩) **ଯାଏନା** (ଯୋଗ୍ୟତା), (୪) **ପାଏନା** (ଉଚ୍ଚନୀଚ ବାସନ୍ଦ) ଏବଂ ଶେଷରେ (୫) **ଛାଏନା** (ଅନୁକୂଳତା ଅନୁସାରେ ବିବାହ ପ୍ରସ୍ତାବର ଚୂଡ଼ାନ୍ତ ନିଷ୍ପି) । ସେହିପରି କନ୍ୟା ଚୟନ ନିମ୍ନ ଆକାରେ ହୋଇଥାଏ ।

**୧.** **କାନ୍ ଖନ୍ଦଲିଆ** – କନ୍ୟା ବରର କାନ ପର୍ଯ୍ୟନ୍ତ ଉଚ୍ଚତା ହେବା ବାନ୍‌ଛନୀୟ, ବର ଠାରୁ କନ୍ୟା ଉଚ୍ଚ ନହେବା ଉଚିତ୍ ।

**୨.** **ଘିଚାବୁନ୍ଦଲିଆ** – ବୟସରେ ଊଣା, କିନ୍ତୁ ଅଳ୍ପ ତାରତମ୍ୟ (ଯେପରି କନ୍ଧ ଦୁଇଟି କେନ୍ଦୁବାଡ଼ିକୁ ଆଣି ଗୋଟିକୁ ବୁନ୍ଦ୍‌ଲେଇ ଦେଲେ, ତାହା ଅବୁନ୍ଦ୍‌ଲିଆ ବାଡ଼ି ଠାରୁ ସାମାନ୍ୟ ଛୋଟ ହୋଇଥାଏ) ବୟସରେ ବଡ କନ୍ୟାକୁ କନ୍ଧମାନେ ଭାଉଜ ମାନ୍ୟ ବୋଲି କହିଥାନ୍ତି । (ବଏସ୍ ଜିତା ବୁ' ଲେଖା) (ବୁ' – ଭାଉଜ)

**୩.** **ନାଇଁଗୁନ୍ଦଲିଆ** – ସତ୍ ଚରିତ୍ରବତୀ ।

**୪.** **କୁନ୍ଦ୍‌କୁନ୍ଦ୍‌ଲିଆ** – ଗୋଟିଏ ଚାଉଳରେ ଗଢା, କୁନ୍ଦରେ କୁନ୍ଦିଲା ପରି ସ୍ୱାସ୍ଥ୍ୟବତୀ, ସୌନ୍ଦର୍ଯ୍ୟବତୀ ଓ ଶୋଭାଙ୍ଗୀ ହୋଇଥିବ ।

**୫.** **ବୁନ୍ଦୁହତେ ମନ୍ଦ୍ ମାନ୍ଦ୍‌ଲିଆ** – କନ୍ୟାପିତା ମଦ ଭୋଜି ଓ ନୃତ୍ୟଗୀତରେ ଆପ୍ୟାୟିତ କରିବାର ସମ୍ଭାବନା ଥିବ ।

ଉପରୋକ୍ତ ଯୋଗ୍ୟତା ଆଧୁନିକ ସମାଜର **ABCDE** ଯୋଗ୍ୟତା ସଦୃଶ । **(A – Attitude, B – Beautiful, C – Character, D – Demand, E – Education, F – Final)**

ଠିକ୍ ସେହିପରି ବରକନ୍ୟାଙ୍କ ବୟସ ଯୋଗ୍ୟତାକୁ 'ବଗାର ଓ ବିଜାର' କୁହାଯାଏ । ଅର୍ଥାତ୍ ବର ଯୌବନ ମଦମ   ମହିଷ ଓ କନ୍ୟା ନବଯୌବନା ମଇଁଷି ସଦୃଶ ହେବା ଉଚିତ୍ । ଉପରୋକ୍ତ ଚୟନ ପ୍ରକ୍ରିୟାର ସକାରତ୍ମକ ଦିଗକୁ ବିଚାର କରି ବିବାହ ଚୂଡ଼ାନ୍ତ ହୋଇଥାଏ ।

**ନିର୍ବନ୍ଧ –** ବିବାହ ନିର୍ବନ୍ଧ କାର୍ଯ୍ୟକୁ କନ୍ଧ ଜାତିରେ 'ମଦ୍ ପିଆ' କୁହାଯାଏ । ନିର୍ବନ୍ଧ କାର୍ଯ୍ୟରେ କନ୍ୟା ଗୃହରେ ଉଭୟପକ୍ଷ ଓ ନିମନ୍ତ୍ରିତ ବନ୍ଧୁବାନ୍ଧବ ଏକତ୍ର ବସି ସମାଜିକ ବିଧି ଅନୁସାରେ ବିବାହର ଚୂଡ଼ାନ୍ତ ନିଷ୍ପତି ନିଅନ୍ତି । ଏ ପ୍ରକାର ଆଗୁଆ ଆଗମନକୁ 'କଟାଚତ୍‌ରେନ୍' ମଧ୍ୟ କୁହାଯାଏ । ଏହାକୁ ବିବାହର ପ୍ରାରମ୍ଭିକ କର୍ମ କହିଲେ ଅତ୍ୟୁକ୍ତି ହେବ ନାହିଁ । ବାଜାବାଜଣା ଓ ନୃତ୍ୟଗୀତ ସହ ଭୋଜିଭାତରେ ଏହି ଉତ୍ସବ ମହୋଲ୍ଲାସରେ ପାଳିତ ହୋଇଥାଏ ।

**କୁଏଁ ଦେଖା –** ନିର୍ବନ୍ଧ କାର୍ଯ୍ୟ ସମାପନରେ କନ୍ୟାପକ୍ଷ 'କୁଏଁ ଦେଖା' ପାଇଁ ଦିନ ଧାର୍ଯ୍ୟ କରିଥାନ୍ତି । ସୁର୍‌କିଆ ଡ଼ମ୍ ଦ୍ୱାରା ବାର୍ତା ପ୍ରେରଣ କରି ସଂପୃକ୍ତ ଠିକଣା ଦିନରେ କନ୍ୟାପକ୍ଷ ନିଜର ବନ୍ଧୁବାନ୍ଧବ ସାଙ୍ଗରେ ଧରି ବର ଘରକୁ ଯାଇଥାନ୍ତି । ଯଥା ରୀତିରେ ସ୍ୱାଗତ ସମ୍ଭାଷଣ ଓ ମାନ୍ୟ ବେଭାର ଦେଇ, ନୃତ୍ୟଗୀତର ତାଳେ ତାଳେ ଏକ ଶୋଭାଯାତ୍ରାରେ ଗାଁ ମୁଣ୍ଡରୁ କନ୍ୟାପକ୍ଷଙ୍କୁ ବରପକ୍ଷ ବରଣ କରି ସ୍ୱଗୃହକୁ ନେଇଥାନ୍ତି । ସମସ୍ତଙ୍କୁ ହାତ, ଗୋଡ଼, ମୁହଁ ଧୋଇବା ପାଇଁ ଜଳ ଦେଇଥାନ୍ତି । ସାମର୍ଥ୍ୟ ଅନୁସାରେ ଜଳଯୋଗ ବ୍ୟବସ୍ଥା ସହିତ ନାଚଗୀତରେ ଦିନଟି ଅତିବାହିତ ହୋଇଥାଏ ।

**ମୂଳଦିଆ ବା ଧନଖେଦା –** ଆଜକୁ ୫୦ ବର୍ଷ ପୂର୍ବେ କନ୍ଧ ସମାଜରେ କନ୍ୟା ଗୋଟିଏ କ୍ରୟବିକ୍ରୟ ସାମଗ୍ରୀ ଭାବରେ ବିବେଚିତ ହେଉଥିଲା । ଅଧୁନା ସେସବୁ ପ୍ରଥା ନଥିଲେ ସୁଦ୍ଧା ପାରମ୍ପରିକ ପ୍ରଥାର ମର୍ଯ୍ୟାଦା ରକ୍ଷା ପାଇଁ କନ୍ଧମାନଙ୍କ ବର୍ଗ ଅନୁସାରେ କନ୍ୟାପକ୍ଷକୁ ମୂଳ କଉଡ଼ି ଭାବରେ ଅର୍ଥ ପ୍ରଦାନ କରାଯାଏ । କନ୍ୟାପିତା ଉକ୍ତ ଅର୍ଥ ଗ୍ରହଣ କରି, ମୋ' ଝିଅକୁ ଆଜି ଠାରୁ ପ୍ରଦାନ କଲି ବୋଲି ଧର୍ମ ଦେବତାଙ୍କୁ ସାକ୍ଷୀ ରଖି ଶପଥ ଗ୍ରହଣ କରିଥାନ୍ତି । ପୂର୍ବ କାଳରେ ଏହାର ମୂଲ୍ୟ ଗୋରୁ, ମଇଁଷି, କୁକୁଡ଼ା ଓ ଅଳଙ୍କାର ଆଦିରେ ନିର୍ଣ୍ଣୟ କରାଯାଉଥିଲା । ବରପିତା ସାମର୍ଥ୍ୟ ଅନୁସାରେ ଏହାକୁ ସ୍ୱୀକାର କରି କନ୍ୟାପିତାଙ୍କୁ ଦେଉଥିଲେ । ଏହି ସମୟରେ ବିଭିନ୍ନ ପ୍ରାଣୀ ପାଇଁ ବିଭିନ୍ନ ପ୍ରତୀକ ବ୍ୟବହାର କରାଯାଉଥିଲା । ଯଥା –

| **ପ୍ରତୀକ** | **କନ୍ଧାନ୍ ଭାଷା** | **ଓଡିଆ ଅର୍ଥ** |
|---|---|---|
| କଲଗୋଡ଼ି | ପୁଡ୍ | ପଣ୍ଡା ବା ମହିଷ |
| ଗୋଡ଼ି | ଛଡା / ବସ୍ତା | ମାଈ ବାଛୁରୀ / ଅଣ୍ଡିରା ବାଛୁରୀ |
| ଗେଙ୍ଗୁଟି ପଥର | ବଗାର୍ | ମଇଁଷି |

ନିର୍ଦ୍ଧାରିତ ଦିନରେ ଚୂଡ଼ାନ୍ତ ହୋଇଥିବା ପରିମାଣର ଧନ ନେଇ ବରପିତା କନ୍ୟା ଗୃହକୁ ଯାଇଥାନ୍ତି । ଶିଙ୍ଗ୍ ବାଜା, ଶଗଡହଳ, ପିଠା ଇତ୍ୟାଦି ସାମଗ୍ରୀ ସହିତ କନ୍ୟାପିତା ଗୃହକୁ ଯାଉଥିବା ଉତ୍ସବକୁ ଧନଖେଦା କୁହାଯାଏ । ବରପକ୍ଷର ଜ୍ଞାତି, ବନ୍ଧୁ, ସଂପର୍କୀୟ ଆଦି ଲୋକଙ୍କୁ ଆମନ୍ତ୍ରଣ କରାଯାଇଥାଏ । ବନ୍ଧୁବାନ୍ଧବ,

ମାମୁଁମାନେ ଭାର ନେଇ ଆସିଥାନ୍ତି । କନ୍ଧମାନେ ଅଧିକ ମାତ୍ରାରେ ପିଠା ନେଇଥାନ୍ତି । ଏହାକୁ ବୁଢ଼ୀ ପିଠା, ଧାଙ୍ଗରୀ ପିଠା ବୋଲି ମଧ୍ୟ କୁହାଯାଏ । ନିର୍ଦ୍ଧାରିତ ସମୟରେ କନ୍ୟାଗୃହରେ ସମସ୍ତେ ଏକତ୍ର ବସି ସାମାଜିକ ରୀତି ଅନୁସାରେ କଥା ଉପସ୍ଥାପିତ ହୁଏ । 'କଥା କହନିଆ' ସାମାଜିକ ପ୍ରଥାକୁ କନ୍ଧ ଭାଷାରେ ଉପସ୍ଥାପନ କରିଥାଏ ।

ଏହି ସମୟରେ ମୂଳଦିଆ ସହିତ ବରପିତାଙ୍କୁ ଆଉ କେତୋଟି ଔପଚାରିକ ଭେଟି ଦେବାକୁ ପଡେ, ଯଥା – କାନ୍‌ଗୁଡୁ, କାନ୍‌ଖୁରି, ଝୁଟିଲେଖା, କଳସଥପା, ଧାଙ୍ଗରୀ ପଏସା ଓ ରାଶିମୂଳିଆ ଚିନା ଇତ୍ୟାଦି । ଶେଷରେ 'ହଳଦୀମଖା' ପର୍ବ ସହିତ ନାଚଗୀତର ଆସର ଜମେ ।

**ଲଗ୍ନ ନିରୂପଣ –** ମୂଳଦିଆ ସମୟରେ ହିଁ ଲଗ୍ନ ନିରୂପଣ ହୋଇଥାଏ । 'ଜାନୀ' ଖଡି ଦେଖି ଲଗ୍ନ ବାହାର କରିଥାନ୍ତି । ଲଗ୍ନ ନିରୂପଣକୁ କନ୍ଧ ଭାଷାରେ 'ଗଏଁଟ୍ ବନ୍ଧା ବା ଗଏଁଟ୍ ପକା' ବୋଲି କୁହାଯାଏ । ଏଥିପାଇଁ ଦୁଇଖଣ୍ଡ ବାବେ (ସବାଇ ଘାସ) ରଜ୍ଜୁ ଆଣି ଗଣ୍ଠି ବନ୍ଧାଯାଏ ଏବଂ ପୂଜା ହୁଏ । ଖଣ୍ଡିଏ ରଜ୍ଜୁ ବରପକ୍ଷକୁ ଓ ଆଉ ଖଣ୍ଡିଏ ରଜ୍ଜୁ କନ୍ୟାପକ୍ଷକୁ ଦିଆଯାଏ । ଉଭୟ ପକ୍ଷ ରଜ୍ଜୁରୁ ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ଗଣ୍ଠି ଫିଟାଇ ଚାଲନ୍ତି ଓ ଶେଷ ଗଣ୍ଠି ଫିଟାଇବାର ପରଦିନ ବିବାହ ଉତ୍ସବ ଅନୁଷ୍ଠିତ ହୁଏ । ପ୍ରାୟତଃ କନ୍ଧ ସମାଜରେ ଗୋଧୂଳି ଲଗ୍ନକୁ ଉତ୍କୃଷ୍ଟ ଲଗ୍ନ ବୋଲି ବିବେଚନା କରାଯାଏ । ଗୋଧୂଳି ଲଗ୍ନକୁ ଆର୍ଯ୍ୟ ସମାଜର ଜ୍ୟୋତିଷ ସାର ସଂଗ୍ରହ ଗ୍ରନ୍ଥର ପୃଷ୍ଠା ୧୭୬ ରୁ ୧୭୮ ମଧ୍ୟରେ ଶ୍ରେଷ୍ଠ ବୋଲି ଗ୍ରହଣ କରାଯାଇଛି । ସେଥିରୁ ଗୋଟିଏ ପଦ –

**ନାସ୍ୟ ମୃକ୍ଷଂ ନତିଥି କରଣଂ ନୈବ ଲଗ୍ନସ୍ୟ ଚିନ୍ତା । ନୈବ ବାରୋ ନ ଚ ନବବିଧି ନୋର୍ମହୂର୍ତସ୍ୟ ଚର୍ଚ୍ଚା ॥**

**ନୈବ ଯୋଗ ନୃପତିଭବନଂ ନୈବ ଯାମିତ୍ର ଦୋଷେ । ଗୋଧୂଳି ସା ମୁନିଭିରୁଦିତା ସର୍ବ କାର୍ଯ୍ୟେଷୁ ପ୍ରଶସ୍ତ ॥**

ଗୋଧୂଳି ଯୋଗ ହୋଇଥିଲେ ବିଧିନିୟମ ଦୋଷ, ଯୋଗ ଦୋଷ, ମୂହୁର୍ତ୍ତ ଦୋଷ ପ୍ରଭୃତି ଦୋଷ ହୁଏ ନାହିଁ । ଗୋଧୂଳି ସମୟରେ ବିବାହ କଲେ ଲଗ୍ନ ଯୋଗ, କରଣ, ତିଥି, ନକ୍ଷତ୍ର ପ୍ରଭୃତିର ଆବଶ୍ୟକତା ନାହିଁ । ମାସନ୍ତ, ସଂକ୍ରାନ୍ତିରେ ଓ କନ୍ୟାଙ୍କର ଜନ୍ମ ବାର ବା ଜନ୍ମ ମାସ, ମଳମାସ, ଯୋଗ୍ନୀ ଦୃଷ୍ଟି ପ୍ରତିକୂଳତାରେ କନ୍ଧ ଲଗ୍ନ ନିରୂପଣ କରିନଥାଏ । କୃଷ୍ଣପକ୍ଷ ଅପେକ୍ଷା ଶୁକ୍ଳପକ୍ଷ ବିବାହ ପାଇଁ ଉପଯୁକ୍ତ ବୋଲି କନ୍ଧମାନଙ୍କର ମତ ରହିଛି । କାଳ ଅଶୁଦ୍ଧରେ ବିବାହ ହୁଏନାହିଁ । କାଳ ଅଶୁଦ୍ଧରେ ବିବାହ କଲେ ନିମ୍ନ ଆକାରେ କ୍ଷତି ହୋଇଥାଏ ବୋଲି ଧାରଣା ରହିଛି ।

**ମାସ୍ ଛେଦ୍ କେ ଗଠଲାଜରା ଛେଦ୍‌ଲି ଛୁଆ ମୋର ...**
**ସଂକରାତିକେ ଶଲଡବ କାଏଁ ସେକରା ସୁତି ଧୋରେ ...**
**ମାସ ବଡିକେ ବେମାର୍ ପଡି ଯୁଗ୍ନିମୁହେ ଭୁଗନି**
**ନାଇ ମନ୍ କେର ଜନମ୍ ବାରେ ଯାଇ ଜୁଗ୍‌କେ ରୁଗ୍‌ନି**
**ଭୁଜିଭାତେ ବିହା ହେମା**
**ଏ ନୁନି ଭଦୋରେ ଫଗୁନ୍ ଚଇତ୍ ଜନ୍ ତର୍‌ମନ୍ ମର୍‌ମନ୍ ॥**

**ବିବାହ ଆୟୋଜନ –** ବିବାହ ଆୟୋଜନ ପୂର୍ବରୁ ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବଙ୍କୁ ନିମନ୍ତ୍ରଣ କରାଯାଏ । ଢ଼ାପଗୀତରେ ଉଲ୍ଲେଖ ଅଛି, 'ଛୁମ୍ ଗାଁକେ ହଲ୍‌ଦୀ ଗୁଣା, ଧୁର୍ ଗାଁକେ ପତର ପେଣା' । ଦେଶିଆ କନ୍ଧର ନିମନ୍ତ୍ରଣର ସଙ୍କେତ ହେଉଛି ହଳଦୀଗୁଣ୍ଡ । ପାଖ ଗାଁକୁ ବା ଗ୍ରାମର ବନ୍ଧୁବାନ୍ଧବଙ୍କୁ ହଳଦୀଗୁଣ୍ଡ ଦେଇ ନିମନ୍ତ୍ରଣ କରାଯାଏ । ନିମନ୍ତ୍ରଣକାରୀ ହଳଦୀଗୁଣ୍ଡ ଧରି ଗାଁ ଗାଁକୁ ଯାଇ ସପରିବାରକୁ ନିମନ୍ତ୍ରଣ ଜଣାଇଥାନ୍ତି । ଦୂର ସ୍ଥାନକୁ କରେଇ ପତ୍ରରେ ହଳଦୀଗୁଣ୍ଡ ପଠାଇ ଦିଆଯାଏ । ବିବାହ ବେଳେ ଉଭୟପକ୍ଷର ବା ର୍ତ୍ତା ନେବା ଆଣିବା ଏବଂ ଯୋଗସୂତ୍ର ସ୍ଥାପନ କରୁଥିବା ବ୍ୟକ୍ତି ବିଶେଷଙ୍କୁ "ଜଲ୍‌ଗାଁୟା" କୁହାଯାଏ ।

କନ୍ଧମାନଙ୍କର ପ୍ରତ୍ୟେକ ସାମାଜିକ ଅନୁଷ୍ଠାନ ସହଯୋଗ ଭିତିକ ଅଟେ । ବିବାହ ଆୟୋଜନ ପୂର୍ବରୁ ଗ୍ରାମର ସମସ୍ତ ପରିବାରବର୍ଗଙ୍କୁ ଡ଼କାଇ ବିବାହା ଅନୁଷ୍ଠାନ କିପରି ନିର୍ବିଘ୍ନରେ ଓ ସୁଚାରୁରୂପେ ସମ୍ପାଦିତ ହେବ, ସେଥିପାଇଁ ଦାୟିତ୍ୱ ବହନ କରାଯାଏ । ବିବାହ ଉତ୍ସବ ନିମନ୍ତେ ଡ଼ାଳରେ ଛାମୁଣ୍ଡିଆ କରାଯାଏ । ଏହାକୁ 'ଡ଼ାଲ୍ ଛମଡା' କୁହାଯାଏ । ରେଙ୍ଗାଲ (ଶାଳ) କିମ୍ବା ଜାମୁକୋଳି ଡ଼ାଳରେ ଛାମୁଣ୍ଡିଆ ନିର୍ମାଣ କରାଯାଏ । ବିବାହ ବେଦି, ଭୋଜି ଖାଇବା ସ୍ଥାନ, ରନ୍ଧାଶାଳ ଓ ବନ୍ଧୁବାନ୍ଧବ ବସାଉଠା ପାଇଁ ଡ଼ାଳରେ ଛାମୁଣ୍ଡିଆ କରାଯାଏ, ଯଥା – 'ଡ଼େବ୍‌ରି ଫାଲେ ଡ଼ାଲ୍ ମଡୁଆ ଭୁଞ୍ଜ୍‌ନି ଫାଲେ ଖାନ୍ଦା, ମେନ୍ଦାମୁନ୍ଦି ଡ଼ାଲର୍ ବେଦି ଜାତିଭାଇ ଭାତର୍ ରାନ୍ଧା' । ଅର୍ଥାତ୍, ବାମ ପଟରେ ମଣ୍ଡପ, ଡ଼ାହାଣ ପଟେ ରନ୍ଧନ ଶାଳ ଓ ମଝିରେ ବିବାହ ବେଦି ରହିଥାଏ ।

**ବଜାବସା –** ବିବାହ ଉତ୍ସବରେ ଗୀତ, ବାଦ୍ୟ, ଶଙ୍ଖନାଦ, ହୁଳହୁଳି ଇତ୍ୟାଦିକୁ ଶୁଭ ବୋଲି କନ୍ଧମାନଙ୍କର ବିଶ୍ୱାସ ରହିଛି । ତେଣୁ ବିବାହ କାର୍ଯ୍ୟରେ ବଜାବସା ବା ବାଦ୍ୟକାରୀମାନଙ୍କ ଦ୍ୱାରା ବାଦ୍ୟ ବାଜଣାର ଆୟୋଜନ ଏକ ବିଶିଷ୍ଟ କର୍ମ । ଡ଼ମ୍ ଜାତିର ଲୋକ ହିଁ କନ୍ଧମାନଙ୍କ ପାରମ୍ପରିକ ମଙ୍ଗଳବାଦ୍ୟ ବାଦନକାରୀ । ଏଥିପାଇଁ ଏମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଡ଼ାଳଛାମୁଣ୍ଡିଆ ଗୃହର ପ୍ରବେଶ ଦ୍ୱାର ନିକଟରେ ନିର୍ମାଣ ହୋଇଥାଏ ।

**ଡ଼ାଲ୍‌ଅନା –** ବଜାବସାର ପରଦିନ ଓ ବିବାହର ପ୍ରଥମ ଦିନରେ ପ୍ରାତଃ କାଳରେ କନ୍ୟା ବା ବରର ସ୍ୱଗୋତ୍ର ବହିର୍ଭୁତ କୌଣସି ସଂପର୍କୀୟ ଭାଇ ଲୁହୁରା ଦ୍ୱାରା ପ୍ରଦ   ନୂଆ ଟାଙ୍ଗିଆ (କୁରାଢ଼ି) ନେଇ ଯଥାକ୍ରମେ ତରୁଣ ସର୍ଗି (ଶାଳ) ଓ ମହୁଲ ଗଛର ମୂଳରୁ ହାଣି ଗାଁ ମୁଣ୍ଡର ମହୁଲ ଗଛରେ ରଖିଥାଏ । ଉକ୍ତ ମହୁଲ ଗଛରେ ହଳଦୀ ଲଗାଇ ଡ଼ାଳ ଦ୍ୱୟକୁ ପତ୍ରରେ ଘୋଡ଼େଇ ରଖାଯାଇଥାଏ । ଏହାପରେ ଏକ ଶୋଭାଯାତ୍ରାରେ ପୂଜା ସାମଗ୍ରୀ ଧରି ଡ଼ାଲଖାଇ ଗୀତ ଓ ରାମକାଠିର ତାଳେ ତାଳେ ନାଚି ନାଚି ବନ୍ଧୁପରିଜନ ସେଠାକୁ ଯାଇଥାନ୍ତି । ପରେ ଜଣେ ଯୁବକ ସେହି ଡ଼ାଳ ଦ୍ୱୟକୁ କାନ୍ଧରେ ବୋହି ଶୋଭାଯାତ୍ରା ସହ ଗୃହକୁ ପ୍ରତ୍ୟାବର୍ତନ କରେ । ଏତିକି ବେଳେ ଯୁବକଯୁବତୀମାନେ ପରସ୍ପର ହଳଦୀ ଲଗାଇ ନାଚିଥାନ୍ତି । ଉକ୍ତ ଡ଼ାଳ ଦ୍ୱୟକୁ ପରବର୍ତୀ ସମୟରେ ବେଦିରେ ସ୍ଥାପନ କରାଯାଏ ।

**ଗନ୍‌ସା ମଙ୍ଗ୍‌ଲା –** ଗନ୍‌ସା ମଙ୍ଗଳା ଦୁଇ ପ୍ରକାର, ଯଥା – ଦେ ଗନ୍‌ସନ୍ ଓ ବର/କନ୍ୟାଙ୍କ ଗନ୍‌ସନ୍ । ଯୁବକ ଓ ଯୁବତୀର ପ୍ରତୀକ ରୂପେ ଉପରୋକ୍ତ ସର୍ଗୀ (ଶାଳ) ଓ ମହୁଲ ଡ଼ାଳ ଦ୍ୱୟକୁ ବିବେଚନା କରାଯାଏ । ମହିଳାମାନେ ସେହି ଡ଼ାଳ ଦ୍ୱୟକୁ ବେଦିରେ ସ୍ଥାପନ ପୂର୍ବକ ଗନ୍‌ସନ୍ କାର୍ଯ୍ୟ କରିଥାନ୍ତି ।

**ପାଏନ୍ ଗୁଧା –** ଗନ୍‌ସା ମଙ୍ଗଲା ପରେ ବର କିମ୍ବା କନ୍ୟାକୁ ସ୍ୱ ସ୍ୱ ଗୃହରେ ଗନ୍‌ସା ମଙ୍ଗଲା ପରେ 'ଯୋଗପାଣି'ରେ ତେଲହଳଦୀ ଲଗାଇ ବୈବାହିକ ସ୍ନାନ କର୍ମ କରାଯାଇଥାଏ ।

**ଯୋଟଘାଟ –** ପାଏନ୍ ଗୁଧା ପରେ କନ୍ଧ ଜାତିର କନ୍ୟା ଯାତ୍ରାର ପ୍ରସ୍ତୁତି ଆରମ୍ଭ ହୁଏ । କନ୍ୟାକୁ ବଧୂ ବେଶରେ ସଜାଇ 'କାନି ଚିହ୍ନା' ବାନ୍ଧି ନାରୀମାନେ ପ୍ରଥମେ ଗ୍ରାମର ଇଷ୍ଟ ଦେବୀଙ୍କ ଦର୍ଶନ କରାଇଥାନ୍ତି । ତାପରେ ଗୃହର ସମସ୍ତ ଗୁରୁଜନଙ୍କୁ ମୁଣ୍ଡିଆ ମାରି ପାଦଧୂଳି ନେଇ ଶୁଭ ଲଗ୍ନ ଦେଖି ବରଗୃହକୁ କନ୍ୟା ବିଦାୟ ପର୍ବ ଆରମ୍ଭ ହୁଏ । ଏହି ସମୟରେ କନ୍ୟା ଓ ତାର ସମ୍ପର୍କୀୟ ଗୃହ ପରିଜନ ତଥା ବନ୍ଧୁବାନ୍ଧବଙ୍କ କରୁଣ ଭାବାବେଗ ସହିତ କାନ୍ଦନୀ ଗୀତ ଅତୀବ ହୃଦୟବିଦାରକ ହୋଇଥାଏ । ଏହି ସମୟରେ ମହୁରୀରେ ଶୋକ ଲହରୀ ଗୁଞ୍ଜରିତ ହେଉଥାଏ । ହୁଳହୁଳି ଓ ବାଦ୍ୟ ବାଦନ ମଧ୍ୟରେ ଚିର ପରିଚିତ ଜନ୍ମ ମାଟିକୁ ସବୁଦିନ ପାଇଁ ପରିତ୍ୟାଗ କରି ଏକ ଅଜଣା ଅଚିହ୍ନା ପରିବେଶକୁ ଆପଣାର କରିବା ପାଇଁ ଯାଉଥିବା ଯୁବତୀର ହୃଦୟ ଆଶା ଓ ଆଶଙ୍କା ମଧ୍ୟରେ ଦୋଦୁଲ୍ୟମାନ ସ୍ଥିତିରେ କୁରୁଳି ଉଠୁଥାଏ । ବରପକ୍ଷର ଗ୍ରାମର ଦୂରତ୍ୱକୁ ଦେଖି କନ୍ୟାପକ୍ଷ ଯଥା ସମୟରେ ଘରୁ ବାହାରିଥାନ୍ତି । ସ୍ଥଳ ବିଶେଷରେ ବରପକ୍ଷ ବାଟଭୋଜିର ବ୍ୟବସ୍ଥା ମଧ୍ୟ କରିଥାନ୍ତି । ଠିକ୍ ସୂର୍ଯ୍ୟାସ୍ତ ପୂର୍ବରୁ ବରପକ୍ଷଙ୍କ ଗାଁ ମୁଣ୍ଡରେ ପହଂଚିବା ପରେ ଗୁଣାଡ଼େଗା କାର୍ଯ୍ୟ ସମ୍ପନ୍ନ ହୁଏ । ଏହାକୁ 'ଗୋରୋଟଲା' କୁହାଯାଏ ।

ଏହାପରେ ଢ଼ୋଲ, ମହୁରୀ ଓ ନିଶାନ୍‌ର ତାଳେ ତାଳେ ବରକୁ କାନ୍ଧରେ ବସାଇ ନଚାଇ ନଚାଇ ବରପକ୍ଷ ଗାଁ ମୁଣ୍ଡରେ ଆସି ପହଂଚନ୍ତି । ଏତିକିବେଳେ ବର ନିଜ ହାତରେ ଧରିଥିବା ଧାନକୁ କନ୍ୟା ଉପରକୁ ଫୋପାଡ଼ିବା ସଙ୍ଗେ ସଙ୍ଗେ କନ୍ୟାକୁ ଟେକି ଧରିଥାଏ । ଏହା ହିଁ କନ୍ଧ ବିବାହରେ ବରକନ୍ୟାଙ୍କ ଯୋଟଘାଟ ବା ମିଳନ ଅଟେ । କିନ୍ତୁ ଆଜି ଏସବୁ ଲୁପ୍ତପ୍ରାୟ ।

ବରକନ୍ୟାଙ୍କ ଯୋଟଘାଟ ପରେ ବରର ମାତା କନ୍ୟାକୁ ନିଜର ବଧୂ ବା ଗୃହଲକ୍ଷ୍ମୀ ରୂପେ ସ୍ୱାଗତ କରିଥାନ୍ତି । ବର ଓ କନ୍ୟା ଉଭୟଙ୍କର ଗାଲକୁ ସେକି ଗୃହ ପରିଜନ ଓ ବନ୍ଧୁବାନ୍ଧବଙ୍କ ଗହଣରେ ଗୃହକୁ ପାଛୋଟି ନେଇଥାନ୍ତି । ଏହାପରେ ବାଟ୍‌ଛେକା, ପୁରାଥପା, କଟେନ୍‌ଶାଳ ଆଦି କର୍ମମାନ ପର୍ଯ୍ୟାୟ କ୍ରମେ ସଂପାଦିତ ହୋଇଥାଏ । କଟେନ୍‌ଶାଳରେ ପ୍ରଥମେ ଜାନୀ ଓ ଉଭୟ ପକ୍ଷର ଶୁଭଚିନ୍ତକ ଗୁରୁଜନମାନେ ଆସି ବରକନ୍ୟାଙ୍କ ମୁଣ୍ଡ ସୁଁରେଇଥାନ୍ତି (ଆଶୀର୍ବାଦ ଦେବା) । ଅର୍ଥାତ୍ ବରକନ୍ୟାଙ୍କ ମୁଣ୍ଡ ଉପରେ ପୂଜା ଚାଉଳ ପକାଇ ମୁଣ୍ଡରେ ହାତ ବୁଲାଇ ଏକ ଶରକୁ ଛୁଆଁଇ ଆଶୀର୍ବାଦ କରନ୍ତି । ଏହାପରେ ଦେବଦେବୀଙ୍କୁ ପୂଜା କରାଯାଇଥିବା ପୂର୍ବ ପ୍ରସ୍ତୁତ କାତୁଲ (ମାଣ୍ଡିଆ ଗୁଣ୍ଡ ଓ ସ୍ୱଳ୍ପ ପରିମାଣ ମଦରେ ପ୍ରସ୍ତୁତ ଔଷଧୀୟ ପାନୀୟ) ନବ ଦମ୍ପତିଙ୍କୁ ପାନ କରିବାକୁ ଦିଆଯାଏ ।

ପରବ ି ପର୍ଯ୍ୟାୟରେ ସମରମରା ପର୍ବ ପାଳିତ ହୁଏ । ତେବେ ସବୁ ବର୍ଗର କନ୍ଧମାନେ ଏହି ପର୍ବ ପାଳନ କରିନଥାନ୍ତି । କେତେକ ସ୍ୱତନ୍ତ୍ର ବର୍ଗର କନ୍ଧ ଯୁବକ ଯୁବତୀ ନବ ବରକନ୍ୟାଙ୍କୁ ସାଥୀରେ ନେଇ ବାଦ୍ୟ ବାଦନ ପୂର୍ବକ ଗ୍ରାମ ନିକଟସ୍ଥ ଜଳାଶୟକୁ ଯାଇଥାନ୍ତି । ଜାନୀ ଜଳରେ ହରିଡ଼ା ଲୁଚାଇ ରଖନ୍ତି ଓ ବରକନ୍ୟା

ଏହି ହରିଡ଼ାକୁ ଖୋଜି ବାହାର କରିବା ପରିପ୍ରେକ୍ଷୀରେ ଜଳକ୍ରୀଡା କରନ୍ତି । ତତ୍ ପଶ୍ଚାତ୍ ଉଭୟେ ଗୃହକୁ ପ୍ରତ୍ୟାବର୍ତନ ବେଳେ ସେମାନଙ୍କ ଠାରୁ କିଛି ଦୂରରେ ଘଷି (ଶୁଖିଲା ଗୋବର) ସ୍ଥାପନ କରାଯାଏ । ବର କନ୍ୟାର ପଛପଟେ ରହି ଉକ୍ତ ଘଷି (ସମ୍ବର)କୁ ଲକ୍ଷ୍ୟ କରି ଶର ସନ୍ଧାନ କରିଥାଏ । ସମ୍ବର ମାରିବା ମାତ୍ରେ ବରର ସାଥୀମାନେ ତାକୁ ନେଇଯାନ୍ତି । ଫଳରେ କନ୍ୟା ସେମାନଙ୍କୁ କିଛି ଟଙ୍କା/ପଇସା ଦେଇ ନିଜ ସ୍ୱାମୀଙ୍କୁ ମୁକୁଳାଇଥାଏ । ଏହାପରେ ଉଭୟ ବରକନ୍ୟା ଗୃହରେ ପହଂଚିବା ପରେ ବରମାତା ମୁହଁଜୁହା (ବନ୍ଦାପନା) କରି ପାଛୋଟି ନେଇଥାନ୍ତି ।

**କେରୋମଙ୍ଗା –** ଏହି କ୍ରମରେ ଗ୍ରାମର ମହିଳାମାନେ ଘର ଘର ବୁଲି ହାତରେ ରାମକାଠି ବଜାଇ ଡ଼ମ୍ବାଜାର ତାଳେ ତାଳେ ନୃତ୍ୟ କରି କେରୋ ମାଗିଥାନ୍ତି । ଏହି ପର୍ବରେ ନୃତ୍ୟରତା ମହିଳାମାନଙ୍କୁ ଟଙ୍କା/ପଇସା ଦିଆଯାଏ । ପରେ ରାତ୍ରୀ ଭୋଜନରେ ବନ୍ଧୁବାନ୍ଧବଙ୍କୁ ଆପ୍ୟାୟିତାନ୍ତେ ବନ୍ଧୁ ବିଦାୟ ପର୍ବ ଆରମ୍ଭ ହୁଏ । ବରପକ୍ଷର ଲୋକେ ଢ଼ାପ ନୃତ୍ୟ ମାଧ୍ୟମରେ କନ୍ୟାପକ୍ଷଙ୍କୁ ଖଣ୍ଡେ ଦୂର ପର୍ଯ୍ୟନ୍ତ ନଚାଇବା ପରେ ବିଦାୟ ଦେଇଥାନ୍ତି । ଏତିକିବେଳେ ବନ୍ଧୁବଲା ଗୀତ ଗାନ କରାଯାଏ ।

କନ୍ଧ ସମାଜରେ ବଜାଶାଳ, ଗନ୍ସା ମଙ୍ଗ୍ଲା, ଦୁର୍ଲନଚା, ପାଏନ୍ ଗୁଧା, ବାଟଲମ୍, ଗୋରଟଲା, ମୁହଁଜୁହା, ପୁରଥପା, କୁଟେନ୍ଶାଲ, ଚଉଲ୍ଛରା, ଡ଼ାଲ୍ବହଲା, ଢ଼େକିମଡା, ଲଠାକୁଟା, ପିଲାକନ୍ଦା, ପିଲାସେକା ଇତ୍ୟାଦି ବିଭିନ୍ନ ବୈବାହିକ ନୀତିଗତ ପର୍ଯ୍ୟାୟ ଗୀତ ମାଧ୍ୟମରେ ହିଁ ପରିଚାଳିତ ହୁଏ ।

**ମଡ଼ୋଝରା (ମଣ୍ଡପ ଭାଙ୍ଗିବା) –** ବିବାହ ଉତ୍ସବର ଶେଷ କର୍ମ ହେଉଛି ମଡ଼ୋଝରା । ବିବାହ ଉତ୍ସବର ପରବ ୀ ଦିନରେ ଡ଼ାଳ ଛାମୁଣ୍ଡିଆ ଇତ୍ୟାଦି ବୈବାହିକ କର୍ମ ସମ୍ବନ୍ଧୀୟ ନିର୍ମାଣକୁ ଭଙ୍ଗାଯାଏ । ଏହିଦିନ ମଧ୍ୟ ନାଚଗୀତର ଆସର ଜମେ ଓ ଭୋଜିଭାତର ଆୟୋଜନ କରାଯାଏ ।

**କନ୍ଧ ସମାଜରେ ବିବାହର ପ୍ରକାରଭେଦ**

କନ୍ଧ ସମାୟରେ ଆଠ ପ୍ରକାର ବିବାହ ବିଧାନକୁ ସମାଜ ସ୍ୱୀକୃତି ପ୍ରଦାନ କରିଥାଏ, ଯଥା – **(୧) ହର୍ଜା ବା ଜୋଲାବିହା, (୨) ଘର୍ଯୁଆଁ, (୩) ଘିଚାକନିଆଁ, (୪) ଉଦ୍ଲିଆ, (୫) ପଇସାମୁଡ଼ି, (୬) ବିଧବା ବିବାହ, (୭) ଛାର୍ରୀବିହା** ଓ **(୮) ବଦ୍ଲାବିହା** ।

**ହର୍ଜା ବା ଜୋଲାବିହା –** ଏହି ବିବାହରେ ବରପକ୍ଷ କନ୍ୟାପକ୍ଷକୁ କନ୍ୟାମୂଳ ପ୍ରଦାନ କରି ବିବାହର ସମସ୍ତ ଖର୍ଚ୍ଚ ବହନ କରିଥାନ୍ତି । ଉକ୍ତ ପ୍ରଥା ପ୍ରାୟତଃ ସମସ୍ତ ଜନଜାତି ସଂପ୍ରଦାୟରେ ସର୍ବତ୍ର ପରିଦୃଷ୍ଟ ହୁଏ । ପ୍ରାୟ ୫୦ ବର୍ଷ ପୂର୍ବେ ବରପକ୍ଷ, କନ୍ୟାପକ୍ଷଙ୍କ ଦାବି ଅନୁସାରେ ବଳଦ, ପୋଢ଼ ସହିତ ମାମୁଁ ଚିହ୍ନା, ମାଏସାରି, ଆଏସାରି ଏବଂ କନ୍ୟାର ସମସ୍ତ ଆଭୁଷଣ ପ୍ରଦାନ କରୁଥିଲେ । ତା'ଛଡା ସମଗ୍ର କନ୍ୟାପକ୍ଷ ପାଇଁ ବାଟଖର୍ଚ୍ଚ ସ୍ୱରୂପ ବରପକ୍ଷ ବାଟ୍ ଛେକେନ୍,କଁଟା ମାଡ଼େନ୍, ହଲାଝୁଲା, ଘର ସମେନ୍ ଓ ବାଟ ଭୋଜି ପାଇଁ ଅର୍ଥ ଦେଇଥାନ୍ତି । ବ ୀମାନ ଆଧୁନିକ ଯୁଗରେ ଏସବୁ ବିଧି ନଥିବା ସତ୍ତ୍ୱେ ହର୍ଜା ମୂଳ କଉଡ଼ି ସ୍ୱରୂପ ବର୍ଗ ଅନୁସାରେ ସର୍ତରକ୍ଷା ପାଇଁ ପ୍ରଚଳିତ ହେଉଛି ।

**ଘରଜୁଆଁ ବିହା –** ହରଜା ମୂଲ୍ ଦେଇ ପାରୁନଥିବା ବରପକ୍ଷ କ୍ଷେତ୍ରରେ ଏହାର ପ୍ରତିଦାନ ସ୍ୱରୂପ କନ୍ୟାପିତା ଗୃହରେ ବରପାତ୍ର ଏକ ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାମ କରିଥାଏ । କନ୍ୟାପିତା ଏବଂ କନ୍ୟା ଉଭୟେ ବରପାତ୍ରର କାର୍ଯ୍ୟରେ ସନ୍ତୁଷ୍ଟ ହେଲା ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇଥାଏ । ଏହି ସମୟକାଳ ମଧ୍ୟରେ କନ୍ୟାପିତା ବରପାତ୍ରକୁ ନିଜର ପୁତ୍ରବତ୍ ସମ୍ମାନ ଦିଅନ୍ତି । ଅପରପକ୍ଷରେ ଅଳସୁଆ, ଖଟୁଆ, ମିଛୁଆ ବରପାତ୍ର କାର୍ଯ୍ୟ ସଂପାଦନ କରିନପାରି ପଳାୟନ କରିଥାନ୍ତି । ଏପରି ପାତ୍ର ଯୋଗ୍ୟ ବିବେଚିତ ହୋଇନଥାନ୍ତି । ପ୍ରକାଶଥାଉକି, କନ୍ୟାପିତାଙ୍କ ବାସଭବନରେ ଅବସ୍ଥାନ କାଳରେ ବରପାତ୍ର(ଭାବିସ୍ୱାମୀ)ର କନ୍ୟା ସହିତ କୌଣସି ମାନସିକ କିମ୍ବା ଶାରୀରିକ ସମ୍ବନ୍ଧ ଆଦୌ ରହେନାହିଁ ।

**ଘିଚା କନିଆଁ –** ଏହି ପ୍ରଥାରେ ଯୁବତୀର ଇଚ୍ଛା ବିରୁଦ୍ଧରେ ସଂପୃକ୍ତ ଯୁବତୀର ରୂପ-ଯୌବନ ତଥା ଗୁଣରେ ମୁଗ୍ଧ ହୋଇ ଇଚ୍ଛିତ ଯୁବକ ବଳ ପୂର୍ବକ ଝିଅର ଡ଼େନା (ଡ଼େଣା) ଧରି ଉଠେଇ ନେଇଥାଏ । ପରବର୍ତ୍ତୀ ସମୟରେ ଯୁବକ ଓ ତା' ପରିବାରର ସମ୍ମତି କ୍ରମେ ଉଭୟ ପରିବାର ଓ ଜ୍ଞାତି, ବନ୍ଧୁ, କୁଟୁମ୍ବଙ୍କ ନିଷ୍ପତି ପରେ କୁଳାଚାର ମତେ ବିବାହ କାର୍ଯ୍ୟ ସମ୍ପନ୍ନ ହୁଏ ।

**ପଇସା ମୁଡ଼ି –** କୌଣସି ପରିବାରର ଯୁବତୀ ନିଜ ବନ୍ଧୁ ସମ୍ପର୍କୀୟ ଯୁବକ ପ୍ରତି ଆକୃଷ୍ଟ ହୋଇ ସ୍ୱଇଚ୍ଛାରେ ସଂପୃକ୍ତ ଯୁବକଙ୍କ ଗୃହରେ ଆଶ୍ରୟ ନିଏ ଏବଂ ତାକୁ ସ୍ୱାମୀ ରୂପେ ଯଦି ବରଣ କରେ, ତାକୁ 'ପଇସା ମୁଡ଼ି' ବିବାହ କୁହାଯାଏ । ଏ କ୍ଷେତ୍ରରେ ଯୁବକର ପରିବାର କିମ୍ବା ନିଜେ ଯୁବକ ସଂପୃକ୍ତ ଯୁବତୀକୁ ଯେତେ ମାଡ଼ପିଟ୍ କରି ଗୃହରୁ ବିତାଡ଼ିତ କରିବା ପାଇଁ ପ୍ରୟାସ କଲେ ସୁଦ୍ଧା ଯୁବତୀ ଜଣକ ଗୃହ ପରିତ୍ୟାଗ କରେନାହିଁ । ଶେଷରେ ବାଧ ହୋଇ, ଯୁବକ ଓ ତା' ପରିବାର ତାକୁ ଗ୍ରହଣ କରନ୍ତି ଓ କୁଳାଚାର ମତେ ବିବାହ କାର୍ଯ୍ୟ ସଂପାଦିତ ହୋଇଥାଏ ।

**ଉଦ୍‌ଲିଆ ବିହା –** ବନ୍ଧୁ ସମ୍ପର୍କୀୟ ଯୁବକ ଯୁବତୀ ପରସ୍ପରକୁ ଭଲ ପାଉଥିବା ହେତୁ ନିଜ ନିଜ ଗୃହ ପରିତ୍ୟାଗ କରି କୌଣସି ସମ୍ପର୍କୀୟଙ୍କ ଗୃହରେ କିଛିଦିନ ଆଶ୍ରୟ ନିଅନ୍ତି । କେତେଦିନ ଏକତ୍ର ବାହାରେ ରହିବା ପରେ, ଯେତେବେଳେ ସେମାନେ ଗୃହକୁ ପ୍ରତ୍ୟାବର୍ତନ କରନ୍ତି, ସମାଜ ସେମାନଙ୍କୁ ବୈବାହିକ ସ୍ୱୀକୃତି ପ୍ରଦାନ କରେ । ଏହାକୁ ଉଦ୍‌ଲିଆ ବିହା କୁହାଯାଏ ।

**ବିଧବା ବିବାହ –** କୌଣସି ସ୍ତ୍ରୀର ସ୍ୱାମୀ ମୃତ୍ୟୁ ବରଣ କଲେ, ଯଦି ସଂପୃକ୍ତ ବିଧବାର ଚାଲିଚଳଣ, ବ୍ୟବହାର ଓ ପରିବାର ପ୍ରତି ସେବା ମନୋବତି ଥାଏ, ତେବେ ମୃତ ସ୍ୱାମୀର ଭାଇ ସହିତ ପରିବାର ଲୋକେ ସେହି ବିଧବା ବଧୂଙ୍କର ବିବାହ କରାଇଥାନ୍ତି । କିନ୍ତୁ ବିଧବା ବଧୂର ଚଳିଚଳନ, ରୀତିନୀତି ଆପତିଜନକ ଥିଲେ, ସଂପୃକ୍ତ ବିଧବା ବଧୂ ନିଜ ପିତ୍ରାଳୟକୁ ଚାଲିଯାଇଥାଏ, ସେଠାରେ ତାର ପୁନଃ ବିବାହ ହୋଇଥାଏ ।

**ଛାଡ଼୍ରୀ ବିହା –** କୌଣସି ଯୁବତୀ ବିବାହ ପରେ ନିଜ ଶ୍ୱଶୁରାଳୟରେ ଚଳି ନପାରିଲେ କିମ୍ବା ତାର ଗୁଣ, ଚରିତ୍ର, ଚଳଣି ପରିବାର ପାଇଁ ସୁଗମ ନହେଲେ, ସେହି ବଧୂକୁ ପରିତ୍ୟାଗ କରାଯାଏ । ତାକୁ ଛାଡ଼୍ରୀ ବୋଲି କୁହାଯାଏ । ନିଜ ପିତ୍ରାଳୟରେ ରହିଲା ପରେ ପରିବାରର ସଦସ୍ୟମାନେ ପୁଣି ଥରେ ବରପାତ୍ର ଚୟନ କରି ତାକୁ ବିବାହ ଦେଇଥାନ୍ତି ।

**ବଦ୍‌ଲା ବିହା –** କନ୍ଧ ସଂପ୍ରଦାୟରେ ବଦ୍‌ଲା ବିହା ପ୍ରଚଳନ ନଥିଲେ ସୁଦ୍ଧା କେତେକ ପରିସ୍ଥିତିରେ ଏହି ବିବାହ ପ୍ରଥା ଅବଲମ୍ବନ କରାଯାଏ । ଏଥିରେ ଗୋଟିଏ ପରିବାରର ଭାଇ, ଭଉଣୀ ଅନ୍ୟ ଏକ ପରିବାରର ଜ୍ୱାଇଁ ଓ ବଧୂ ହୋଇଥାନ୍ତି ।

ବ ର୍ତମାନ ଉପରୋକ୍ତ ୮ ପ୍ରକାର ବିବାହ ମଧ୍ୟରୁ କନ୍ଧ ସମାଜରେ କେବଳ ହର୍‌ଜା ବା ଜୋଲା ବିବାହ ରହିଛି । ବରଯାତ୍ରୀ ପ୍ରଥା କନ୍ଧ ସମାଜରେ ନଥିଲେ ସୁଦ୍ଧା ଆଜିକାଲି ଅନେକ ଧନୀକ ଶ୍ରେଣୀର କନ୍ଧ ବରଯାତ୍ରୀ ପ୍ରଥା ଅବଲମ୍ବନ କରି ବିବାହ କରୁଛନ୍ତି । କିନ୍ତୁ କଳାହାଣ୍ଡିର ଆଦିସ୍କନ୍ଧ ସମାଜ ଏହାକୁ ବାରଣ କରୁଛି ।

## ଯାନିଯାତ୍ରା

କନ୍ଧ ସମାଜରେ ବାରମାସରେ ତେର ପର୍ବ ପାଳିତ ହୁଏ । କନ୍ଧମାନେ ଭୂମିପୁତ୍ର ହିସାବରେ କୃଷି, ସଂସ୍କୃତି ଓ ପ୍ରକୃତି ଉପାସକ ହେତୁ ବର୍ଷର ପ୍ରାରମ୍ଭିକ ପର୍ବ ଭାବରେ ଅକ୍ଷୟ ତୃତୀୟା ଦିନ କୃଷି ପର୍ବ ପାଳନ କରନ୍ତି । ଏହାକୁ ମୁଠିଧରା ଅର୍ଥାତ୍ ଚାଷ ଅନୁକୂଳ କୁହାଯାଏ ଓ ଏହା ଗ୍ରାମର ଧରଣୀ ପୀଠରେ ପାଳିତ ହୋଇଥାଏ । ଏହି ପର୍ବ ପରେ କନ୍ଧମାନେ କୃଷି କାର୍ଯ୍ୟରେ  ଲାଗିପଡନ୍ତି । ଏହାପରେ ପର୍ଯ୍ୟାୟ କ୍ରମେ କାଦୋ ଯାତ୍ରା, ନୂଆଁଖାଇ, ଦଶହରା, ସେମିପକା, ଅରୁଆପକା, ଚୈତ୍ରା, କାନ୍ଦୁଲ ଯାତ୍ରା, ମହୁଲପକା ଇତ୍ୟାଦି ଅନେକ କର୍ବ ପାଳିତ ହୁଏ । ଏହି ସବୁ ପର୍ବ ସହିତ ଦେବଦେବୀ ସମ୍ବନ୍ଧୀତ ବହୁ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥାଏ, ଯଥା – ଦେଶକନ୍ଧ ଯାତ୍ରା, ଡ଼ଙ୍ଗର ଯାତ୍ରା, ଡୁମା, ଗବ୍‌ଡା, କାଳିସୁନ୍ଦରୀ, ଡ଼ହକା, ଛତର୍, ଫୁସ୍‌ପୁନି ଓ ଡୁଙ୍ଗୁରୀ ଯାତ୍ରା, ଦ୍ୱାରସୁନୀ, କଲାପାର୍, ବାଞ୍ଜିବୁଟେନ୍, ଜେନାବୁଢ଼ା, ବାବୁରାୟ, ବସ୍ତରେନ୍, ଚଣ୍ଡି, ପାଟ୍‌ଦେଓ, ଭୀମା ଆଦି ଇଷ୍ଟଦେବତାଙ୍କ ପୂଜା କରାଯାଏ । କନ୍ଧମାନେ ପ୍ରକୃତିର ଉପାସକ । ପ୍ରକୃତି ଠାରୁ ନିଜର ସମସ୍ତ ଆବଶ୍ୟକ ପଦାର୍ଥ ଲାଭ କରୁଥିବାରୁ, କନ୍ଧମାନେ ଜଡରେ ଦେବଦେବୀଙ୍କ ଅସ୍ତିତ୍ୱ କଳ୍ପନା କରେ ଏମାନେ ନଦନଦୀ, ଝରଣା, ପାହାଡ଼, ପ୍ରସ୍ତର ଓ ବୃକ୍ଷ ଆଦିକୁ ମଧ୍ୟ ପୂଜା କରିଥାନ୍ତି । ଏହା ସହିତ ନିଜର ପୂର୍ବ ପୁରୁଷଙ୍କୁ ମଧ୍ୟ ଏମାନେ ଗୃହରେ ପୂଜା କରିଥାନ୍ତି ।

## ସାମାଜିକ ବିଧିବ୍ୟବସ୍ଥା

ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ସଂସ୍କାର ପଦ୍ଧତି କନ୍ଧ ସମାଜରେ ପାଳିତ ହୋଇଥାଏ । ଶିଶୁ ଜନ୍ମ ହେବା ମାତ୍ରେ ତାକୁ ଅଶୁଦ୍ଧି ବୋଲି ଧରାଯାଏ । ନବଜାତକର ନାଭି ଝଡିବା ପରେ ବନ୍ଧୁବାନ୍ଧବଙ୍କୁ ଡ଼ାକି ପରିବାର ଶୁଦ୍ଧି ହୋଇଥାନ୍ତି । ମୁଣ୍ଡନ, କର୍ଣ୍ଣଭେଦ, ଚିତାକୁଟା, ପ୍ରଥମ ରଜଦର୍ଶନ, ବିବାହ ଓ ଶେଷରେ ମରଣେ ।ର ସଂସ୍କାର ଆଦି ସାମାଜିକ ବିଧିବ୍ୟବସ୍ଥା କନ୍ଧ ସମାରେ ପାଳନ କରାଯାଏ ।

ଶବ ସଂସ୍କାରର ୧୦ଦିନରେ ଶୁଦ୍ଧିକ୍ରିୟା ସମ୍ପନ୍ନ ହୁଏ । ରାତ୍ରୀରେ 'ମଶାନ୍' ଅଣାଯାଏ । ଏହା ଗୃହର ବୟୋବୃଦ୍ଧ ସଦସ୍ୟ/ସଦସ୍ୟାଙ୍କ ମୃତ୍ୟୁ ସହ ଜଡିତ ଥିବାରୁ ୧୦ଦିନରେ ପ୍ରେତାତ୍ମାକୁ ଆବାହନ କରି ଗୃହରେ ଆସ୍ଥାନ ଦେଇ ବିଭିନ୍ନ ପର୍ବପର୍ବାଣୀରେ ପିତୃପୁରୁଷଙ୍କୁ ପୂଜା କରାଯାଏ । ଶିଶୁ ବା ଯୁବକମାନଙ୍କ ମୃତ୍ୟୁରେ ଶ୍ମଶାନ ଅଣାଯାଏ ନାହିଁ । ପୁନର୍ଜନ୍ମରେ କନ୍ଧମାନଙ୍କର ପୂର୍ଣ୍ଣ ବିଶ୍ୱାସ ରହିଛି । ଏଣୁ ଘରେ ଶିଶୁଟିଏ ଜନ୍ମ ହେଲେ, ସେ କେଉଁ ପୂର୍ବ ପୁରୁଷ, ତାହା ଜାନୀ ଧାନ ଦେଖି ନିର୍ଣ୍ଣୟ କରିଥାଏ ।

**ବୀରତ୍ୱଗାଥା**

କଳାହାଣ୍ଡିର କନ୍ଧମାନଙ୍କ ଦ୍ୱାରା ୩ଗୋଟି ମେଳି ସଂଗଠିତ ହୋଇଥିଲା । ସେଥିମଧ୍ୟରୁ ୧୮୫୫ ଓ ୧୮୮୨ ମସିହାର କନ୍ଧମେଳି ଉଲ୍ଲେଖ ଯୋଗ୍ୟ । କଳାହାଣ୍ଡିରେ ଇଂରେଜ ସରକାରଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ପାଇଁ ଅଂଟା ଭିଡ଼ିଥିବା ପ୍ରଥମ ସଂଗ୍ରାମୀ ହେଉଛନ୍ତି ସହୀଦ ରେଣ୍ଡୋ ମାଝୀ । ଘୁମୁସରର ଚକରା ବିଶୋଇଙ୍କ ପ୍ରେରଣାରେ ସେ ୧୮୫୫ ମସିହାରେ ମଦନପୁର-ରାମପୁର ବ୍ଲକ୍ ଅନ୍ତର୍ଗତ ଉର୍ଲାଦାନି ଠାରେ କନ୍ଧ ଯୁବକମାନଙ୍କୁ ଏକତ୍ରିତ କରି ଇଂରେଜ ଫୌଜ ସହିତ ଭୀଷଣ ସଂଗ୍ରାମ କରିଥିଲେ । ଶେଷରେ ରେଣ୍ଡୋ ମାଝୀ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇ ରସୁଲକୋଣ୍ଡା କାରାଗାରରେ ରହିଲେ ଓ ସେଠାରେ ସେ ପ୍ରାଣତ୍ୟାଗ କରି ସହୀଦ ହୋଇଗଲେ । ଠିକ୍ ସେହିପରି ୧୮୮୨ ମସିହାରେ ନର୍ଲା ବ୍ଲକ୍ ଅନ୍ତର୍ଗତ ବଲବସପୁରର କମଲ୍ ମାଝୀଙ୍କ ଦ୍ୱାରା କନ୍ଧମେଳି ହୋଇଥିଲା । ଏହି ମେଳି ପ୍ରତ୍ୟକ୍ଷ ଭାବେ ଏହି ଅ  ଳରେ ଏକଛତ୍ରବାଦ ଚଳାଇଥିବା କୁଲ୍ତାମାନଙ୍କ ବିରୁଦ୍ଧରେ ସଂଗଠିତ ହୋଇଥିଲେ ସୁଦ୍ଧା ପରୋକ୍ଷ ଭାବେ ଏହା ଇଂରେଜ ବିରୋଧି ସଂଗ୍ରାମ ହିଁ ଥିଲା । କନ୍ଧମାନଙ୍କ ଢ଼ାପ୍ ଗୀତରେ ଏହା ପ୍ରାଞ୍ଜଳ ଭାବେ ବର୍ଣ୍ଣିତ ହୋଇଛି । ଯଥା –

**ଏ... ଟେ ... ଟେ ... ଟେ ... ଆଢ଼େ ଜାନୀ**
**ଭୀମ୍ ଟାଙ୍ଗି କାନ୍ଧଛେ ...**
**ଗୁରାର୍ମାନେର୍ ଲାଲ୍ ରୁଧିର୍ ପି' ପି' ବଲଛେ ।**
**ଆଜ୍ ସେ ପି' କାଲ୍ସେ ପି', ଦିନା ନାହଲେ ଦିନେ ପି' ॥**
**ନାକର୍ ନିନାଶ୍ ହୁଁ କୁଟ୍ କେଲେ କେନ୍ତା କେତେ ଜୀ ?**
**ଆମର୍ ଗଛା, ଆମର୍ ମୂଲ୍**
**ଆମର୍ ମାଟିର୍ ମାତା**
**ଆମର୍ ଜମିନ୍ କେନ୍ ନେଲ ଯେ**
**ନା ମିଲଛେ ପାତା ...**
**ଆନାରେ ପିଲେ ମେଲ୍ ଟାଙ୍ଗି ବୁଲାତେ ଦୁଁ**
**ବେଲେନ୍ ବୁଢ଼ୀ କାନ୍ଦଲନେ ...**
**କନ୍ଧ ମାହେଜୀ – କେନ୍ ମେରିଆ ଗଡ୍‌ଧଡ୍**
**ହଲଦୀ ପାନ୍ ଗୁଦ୍‌ଲେନେ ॥**

**ଅର୍ଥ –** ହେ ଜାନୀ (କନ୍ଧ ସମାଜର ପୁରୋହିତ) ଭୀମା (କନ୍ଧର ଇଷ୍ଟ ଦେବତା) ଟାଙ୍ଗି ଦୁଃଖରେ କାନ୍ଧୁଛି । ଗୋରାମାନଙ୍କ ଲାଲ୍ ରକ୍ତ ପିଇବା ପାଇଁ ଚାହିଁଛି । ଆଜି ନହେଲେ କାଲି ନିଶ୍ଚୟ ରକ୍ତ ରଞ୍ଜିତ କରିବ । ଆମର ନାକର ନିଶ୍ୱାସ ପ୍ରଶ୍ୱାସ ଯଦି କପଟ କରେ ତେବେ ଆମେ ବଂଚି ପାରିବା କି ? ଆମର ମାଟି ମାତା, ବଣ ପାହାଡ଼କୁ କିଏ ନେଇଯାଇଛି, ଜଣାନାହିଁ । ଆଉ ବିଳମ୍ବ ନକରି ଟାଙ୍ଗି, ଖଣ୍ଡା, ଧନୁ ଧରି ଆକ୍ରମଣ

କରିବାର ସମୟ ଆସିଯାଇଛି । ସମସ୍ତେ ସଂଗଠିତ ହୋଇ ମାଟିକୁ ମୁକୁଳେଇବାକୁ ହେବ, ନର ସଂହାର କରିବାକୁ ହେବ । ନରବଳୀ ଖାଉଥିବା ବେଲେନ୍ ବୁଢ଼ୀ ମଧ୍ୟ କାନ୍ଦୁଛି । ଆମ କନ୍ଧ ସ୍ତ୍ରୀମାନେ ପ୍ରସ୍ତୁତ ଅଛନ୍ତି ଏବଂ ହଳଦୀ ପାଣିରେ ଗୋଡ଼ ଧୋଇଲେଣି ।

**ଶବ୍ଦାର୍ଥ –**

ଏ... ଟେ ... ଟେ ... ଟେ ... = ବିସ୍ମୟ ସୂଚକ ଶବ୍ଦ, ଆଡ଼େ = ସମ୍ବୋଧନ ସୂଚକ ଶବ୍ଦ, ଜାନୀ = କନ୍ଧ ସମାଜର ମୁଖ୍ୟ ପୂଜକ, ଭୀମା = ଇଷ୍ଟ ଦେବତା, ଗୁରାର୍‌ମାନେ = ଇଂରେଜମାନେ, ରୁଧିର୍ = ରକ୍ତ, ପି’ = ପିଇବା, ନିନାଶ୍ = ନିଶ୍ୱାସ ପ୍ରଶ୍ୱାସ, କୁଟ୍ = କପଟ, କେନ୍ତା = କିପରି, ଜୀ = ଜୀଇଁବା, ଗଛା = ଗଛପତ୍ର (ଜଙ୍ଗଲ), ମୂଲ୍ = ଦେଶ, ମାଟିମାତା = ମାଟିମା’, ପାତା = ଆଦିଅନ୍ତ ଜାଣିବା, ମେଲଟାଙ୍ଗି = ମେଳିରେ ବ୍ୟବହୃତ ଧାରୁଆ ଟାଙ୍ଗି, ବୁଲାତେ = ବୁଲାଇବା, ବେଲେନ୍ ବୁଢ଼ୀ = ନରବଳୀ ଖାଉଥିବା ଦେବୀ, ମାହେଜୀ = ସ୍ତ୍ରୀ, ଗଡ୍‌ଧଡ୍ = ଗୋଡ଼ ଧରିବା, ଗୁଦ୍‌ଲେନେ = ଗାଧୋଇଲେଣି ।

ବାସ୍ତବିକ୍ କନ୍ଧ ସଂସ୍କୃତି ଏକ ମହାନ୍ ସଂସ୍କୃତି । ସଂପ୍ରତି ଆଧୁନିକତା ଓ ପାଶ୍ଚାତ୍ୟ ରୀତିନୀତି କାୟା ବିସ୍ତାର କରିବା ହେତୁ ଏହି ସଂସ୍କୃତି ଜନାଦୃତ ହୋଇପାରୁନାହିଁ । ତେବେ କନ୍ଧ ସଂପ୍ରଦାୟର ଦାୟାଦମାନେ ନିଜର ହୃତ୍ ଗୌରବର ପୁନରାବୃତି ପାଇଁ ଚେଷ୍ଟିତ ହେବା ବିଧେୟ । କନ୍ଧ ସମାଜର ପ୍ରତିଟି କାର୍ଯ୍ୟକ୍ରମ ସୁସଂସ୍କୃତ ଓ ମନୁଷ୍ୟର ଜୀବନକାଳକୁ ସୁସଂଗଠିତ କରିବା ପାଇଁ ହିଁ ପ୍ରଯୁଜ୍ୟ । ଏଥିରେ କୌଣସି କୃତ୍ରିମତା ପରିଲକ୍ଷିତ ହୁଏ ନାହିଁ । ବରଂ କନ୍ଧମାନେ ଏକ ସରଳ, ନିଷ୍କପଟ ଓ ସଂସ୍କୃତିର ରକ୍ଷକ ହିସାବରେ ସମସ୍ତ ନୀତି ନିୟମକୁ ସୁଚାରୁ ରୂପେ ପାଳନ କରିବାକୁ ସତେ ଯେପରି ପ୍ରତିଜ୍ଞାବଦ୍ଧ । ସଭ୍ୟ ସମାଜ ନିଜର ସୂକ୍ଷ୍ମ ଦୃଷ୍ଟିରେ ଏହି ମହାନ୍ କନ୍ଧ ସଂସ୍କୃତିକୁ ଅବଲୋକନ କଲେ, ସାମ୍ପ୍ରତିକ ବିଚାରଧାରା ଯେ କେତେ ନ୍ୟୁନ ତାହା ନିଶ୍ଚୟ ହୃଦୟଙ୍ଗମ କରିପାରିବ, ଏଥିରେ ଦ୍ୱିରୁକ୍ତି ନାହିଁ ।

**ପରିଶିଷ୍ଟ**

କନ୍ଧ ସମାଜରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ର ବିନ୍ଦୁ କନ୍ଧାନ୍ ଭାଷାରେ ଗାୟନ କରାଯାଉଥିବା ବିଭିନ୍ନ ଗୀତ । ତେବେ ଏଠାରେ ବୈବାହିକ କାର୍ଯ୍ୟକ୍ରମ ସମ୍ବନ୍ଧୀତ କେତେକ ଗୀତ ପାଠକଙ୍କ ଅବଗତି ନିମନ୍ତେ ପ୍ରଦାନ କରାଗଲା ।

**କରୋମଙ୍ଗା ଗୀତ –** ବର ଓ କନ୍ୟା ପକ୍ଷର ଲୋକେ ରାମକାଠି ଓ ଅନ୍ୟାନ୍ୟ ବାଦ୍ୟ ବାଦନର ତାଳେ ତାଳେ ଏହି ଗୀତ ଗାୟନ ପୂର୍ବକ ବରକନ୍ୟାଙ୍କୁ ଗ୍ରାମର ସମସ୍ତ ଗୃହକୁ ଗୃହ ବୁଲାଇଥାନ୍ତି ।

**ଦିଆଁ ହୋ ଆମର୍ ବାନ୍ଦନା କେରୋ**
**ମେରା ଆଛେ ଗନେ ମାଙ୍ଗଛୁ କେରୋ**
**ପୋ’ର ଲାଗି ବି’ ଢୁକାଲାସ୍ ପିଦରଡୁମା ମେରୋ**
**ଆମେ ଧିର୍‌ଲୁ ଢ଼ାପଘୁଡୁକା ଆମର ଭାଗା ଆଛେ କେରୋ ... ॥**

**କନ୍ୟାର ପାଏନ୍‌ଗୁଧା ଗୀତ –**

ତର୍ ଗନ୍‌ସା ମଙ୍ଗଲା ହୁଲଦିପାନି ... ରେ
ଆଜ୍ ଗାଧଥା କାଲ୍‌କେ ନୁନି ବୁଦଲି ଯିବିସ୍‌ରେ ॥୧॥
ମା’ ଘେରେ ସୁନା ଷୁ’ଲ ଅନା, ଷୁ’ଲ ବଛର ହଲିସ୍ ଜୁହ୍ନା
ଶାଶ୍ ଘେରେ ସାବୁ ନୂଆଁଟି ନୂଆଁ ଉଧ୍‌ଲି ହବିସ୍‌କେ ॥୨॥
ଆରସା ଭୁଗାକେ, ନୁନି କପଟି ଲୁଗାକେ ...
ଖାଏଲ ଆବା ପା’ଲ ଜଏଁ ଭିଲୁଆ ଲଗାକେ
ଆର୍ ଛୋନେକେ ରସିଆ ସୁଦା ଉଦ୍‌ଲି ଯିବିସ୍‌ନେ ॥୩॥

**ଦୁର୍‌ଲାନଚା ଗୀତ –**

ଡାକ୍ ଦୁର୍ ଦୁର୍ ଦୁର୍‌ଲା କନିଆଁ ମୁନ୍ଦୁର୍ଲାରେ ... ବଉଲ
ବିହାର ଦିନେ ଉଡ଼ତେ ଉଡ଼େ ଖୁଟି ଜାମୁର୍ଲାରେ ... ବଉଲ
ନୂଆ ବନ୍ଧର ଚାରିକୁତି ପୁରୁତି ଧନିଆଁରେ ... ବଉଲ
ଧନିଆଁ ଧନିଆଁ ବାସ୍ ଦିଅଛେ ବାଲୁତ କନିଆଁରେ ... ବଉଲ
ରଙ୍ଗିଗଲା ରଙ୍ଗଗିରୁଲ୍ ଢ଼େଗିଗଲା ଦିଆଁରେ ... ବଉଲ
ନାଚାବାର୍ ହାତ୍ ଟେଟାଲନେ କିନିଆଁ ମା’ ଆମର ଭୂତି ଦିଆଁରେ ... ବଉଲ ॥

**କଟେନ୍‌ଶାଲର ଗୀତ (ପିଲାକନ୍ଦା ଗୀତ) –**

ବାହାରି ଘେରର୍ ଚଟିଆ, ଭିତରି ଘେରର୍ ମାଟିଆ

ଜଏ ମଙ୍ଗରା ଫୁଲ୍ ଫୁଟ୍‌ଛେ ରେ ... ମା’ ... ॥

କହେଁର୍ କହେଁର୍ ପିଲା କାନ୍ଦଛେ ...

ତର୍ ଆଇର୍‌ନିକେ ଯାଏନା ବଲଛେରେ ... ମା’

କନିଆ ଘେରର୍ ଉଲକେ, ବରପିଲାଘେର୍ ବେସାର

ନୁକୋ କେତେ କେନ୍‌ସେ ରାନ୍ଧିଥିଲେନେ ... ॥

**ବନ୍ଧୁବଲା ଗୀତ (ବିଦାୟୀ ଗୀତ) (କ)**

ବାଟେ ବାଟେ ଯାହା ବୁନ୍ଧୁ ବାଲାତେ ଦିଲୁଁ
ଯଉନୁ ବାଟେ ହୁସ୍ୟାର୍ ହବାସ୍ ରସ୍ ମହୁଲ୍ୟା ଭାଲୁ
ଲିଟି ଘେରେ ସାରି କୁନିଆଁ ହଲାସ୍

ମାଟିଧୂଳି ସନା ପାହାଁ ଥିଲାସ୍ ... ଯେ
ଲିଟିରି କଲିଜା କେତେ ...
ଆମେ କିଟିକିଟା ତମେ ଝଟ୍‌ଝଟା ବୁନ୍ଧୁହୋ
କାଏଁ ତୁନ୍ ଦିଲୁଁ ଭାତେ ... ॥୧॥
ଫଟା ଗୁଡୁପାନେ ଧ'ଲାସ୍ ପାହାଁ
ଫଟା ଖଟେ ବୁସି ପି'ଲାସ୍ ଚାହାଁ ... ଯେ,
ଫସ୍‌କା ଭାଙ୍ଗ କାହେଲି
ଆମେ ଆଁଟାଢ଼ିଲା ତମେ ରାଜାପିଲା ... ବୁନ୍ଧୁହୋ
ଟେରା ଟେରେ ବାନ୍ଦୁର୍ ଭିଲି ... ॥୨॥
ଆଁଚନ୍ ଛିଡ଼ା ଖଟେ ପଞ୍ଜରା ଦୁଖା
ଚିହ୍ନା ନିଆଁ ଦାସେ ହଲଦୀ ମଖା ... ଯେ
କାଁଟା ଝାଁଟା ବାଟେ ଯିବାସ୍
ଆମର୍ କଷାଚୁନ୍ ତମର୍ ବରପନ୍ ...ବୁନ୍ଧୁହୋ
ମୁହଁର୍ ଛାଏଁ ଦେଖ ଥିବାସ୍ ... ॥୩॥

**(ଖ)**

ଯା'ଛୁନେ ବୁନ୍ଧୁ ମେନେ ହରଷ ମନେ
ଆମର୍ ଗାଲା ପେଛେ ବୁନ୍ଧୁ ଗାଲି ନା' ଦିଆସ୍ ...
ଆ'ଲୁ ବାଟେ ... ଖାଁଲୁଁ ପେଟେ ...ଶ'ଲୁ ଖଟେ
ଖଟ୍ ତଲେ ଦିଲୁଁ ଆଙ୍ଗରା ଚଟେ
ଯା'ଛନେ ବାଟେ ବାଟେ ... ଇତ୍ୟାଦି ॥

**ତଥ୍ୟ ସଂଗ୍ରହ**

- ଡ଼ଃ ଦୋଳଗୋବିନ୍ଦ ବିଶି (ଓଡିଆ ଅଧ୍ୟାପକ, ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଟିଟିଲାଗଡ, ବଲାଙ୍ଗିର)
- ଶ୍ରୀ ନୃପରାଜ ଜାନୀ, ଯୋଡ଼ାବନ୍ଧ, ନର୍ଲା, କଳାହାଣ୍ଡି
- ୰ଶ୍ରୀ ବାଳି ମାଝୀ, ବୋରିଂ ପଦର, ନର୍ଲା, କଳାହାଣ୍ଡି
- ଶ୍ରୀ ଅନାଦି ମାଝୀ, ଜକାବାହାଲି, ମ.ରାମପୁର, କଳାହାଣ୍ଡି

**ଯୋଡ଼ାବନ୍ଧ, ନର୍ଲା, କଳାହାଣ୍ଡି**
**ଯୋଗାଯୋଗ- ୯୫୫୬୭୩୩୪୭୫**

# ଗସାଣେ

**ଠାକୁରଦାସ ହାଁସଦାଃ**

ଓଡିଶାରେ ସାନ୍ତାଳି ଜନଜାତି ମୁଖ୍ୟତଃ ମୟୁରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ବହୁଳ ମାତ୍ରାରେ ବସବାସ କରୁଥିବା ବେଳେ ଢେଙ୍କାନାଳ, ଅନୁଗଳ, ଯାଜପୁର, ଖୋର୍ଦ୍ଧା, ମାଲକାନଗିରି ଓ ସୁନ୍ଦରଗଡ ପ୍ରଭୃତି ଜିଲ୍ଲା ମାନଙ୍କରେ ଅଳ୍ପ ମାତ୍ରାରେ ବାସ କରୁଥିବାର ଦେଖିବାକୁ ମିଳେ । ଓଡିଶା ରାଜ୍ୟ ବାହାରେ ସାନ୍ତାଳି ଜନଜାତିର ଲୋକମାନେ ଝାଡଖଣ୍ଡ, ବିହାର, ପଶ୍ଚିମ ବଙ୍ଗ, ଛତିଶଗଡ, ଆସାମ ରାଜ୍ୟ ମାନଙ୍କରେ ବସବାସ କରନ୍ତି । ଏହି ସବୁ ରାଜ୍ୟମାନଙ୍କରେ ସାନ୍ତାଳି ଲୋକମାନେ ରହୁଥିବା ତାଙ୍କରି ନିଜସ୍ୱ ଗାଁକୁ ଆତୁ, ସାହିକୁ ଟଲା କହୁଥିବା ବେଳେ ୨୦୦ରୁ ଅଧିକ ପରିବାର ବସବାସ କରୁଥିବା ଗ୍ରାମ ଗୁଡିକ ରାସି ଆତୁ କହିଥାନ୍ତି । ସାନ୍ତାଳି ଭାଷାରେ ରାସି ଆତୁ କହିଲେ 'ରାସ୍କା ରେନାଂ ଆତୁ' ଅର୍ଥାତ୍ ଏକ ଆନନ୍ଦମୟ ଗାଁ । ଯେଉଁଠି ସାନ୍ତାଳି ସମାଜ ସଂସ୍କୃତିକୁ ନେଇ ବିଭିନ୍ନ ପର୍ବପର୍ବାଣୀ, ପ୍ରଥାପରମ୍ପରା, ଐକ୍ୟ ମନୋଭାବ, ପାଂଚ ପରିଷଦ, ନାଚ ଗୀତ ଓ ପୂଜାପାଠ ଆଦି ସାନ୍ତାଳି ସମାଜରେ ପ୍ରଚଳିତ ବିଧି ଅନୁସାରେ ପ୍ରଚଳନ ଥିବାସହିତ ଲୋକମାନେ ସୁଖ ଶାନ୍ତିରେ ଜୀବନଯାପନ କରୁଥିବେ । ସେମାନେ ସମସ୍ତେ ମୁଖିଆଙ୍କ କଥାରେ ଏକାବାଟରେ ଚାଲନ୍ତି । ଏହିପରି ଗୋଟେ ସାନ୍ତାଳି ରାସି ଆତୁ ଗାଁରେ 'ଗସାଣେ' ଦେଖିବାକୁ ମିଳେ ।

ଗସାଣେ ଏକ ପବିତ୍ର ପୂଜା ପୀଠ । ଗସାଣେକୁ ଗସାଣେ ଅଳାଃ, ଗସାଣେ ବଂଗାଥାନ୍ ଏବଂ ମାଁଝିଥାନ୍ ମଧ୍ୟ କୁହାଯାଏ । ଗୋଟିଏ ଗ୍ରାମରେ କେବଳ ଗୋଟିଏ ହିଁ ଗସାଣେ୍ ରହିଥାଏ । ସାନ୍ତାଳି ଲୋକମାନେ ଅନେକେ ମନ୍ତ୍ରତନ୍ତ୍ର ଓ ଗୁଣିଗାରିଡି ଜାଣିଥାନ୍ତି । ସେମାନେ ପରୋକ୍ଷ ଭାବରେ ନିଜ ଚେଲାକୁ ବଙ୍ଗାରୁମ୍ ତଥା ଦେବତା ଲଗାଇ ଝୁମ୍ପାଇ ଥାନ୍ତି ଏବଂ ତାରି ମାଧ୍ୟମରେ ଦେବାଦେବୀଙ୍କ ସହିତ କଥାବା ର୍ା କରିଥାନ୍ତି । ଏତିକି ବେଳେ ଦେବାଦେବୀଙ୍କୁ ଗସାଁୟ୍ ସମ୍ବଧୋନ କରି ନାନା ପ୍ରଶ୍ନ ପଚାରିଥାନ୍ତି । ଦେବାଦେବୀ ସମ୍ବୋଧିତ ଏହି ଗସାଁୟ୍ ଶବ୍ଦରୁ 'ଗସାଣେ' ଆନୀତ ହୋଇଛି ।

ସାନ୍ତାଳି ସଭ୍ୟତାର ଇତିହାସ ପୃଷ୍ଠାକୁ ଓଲଟାଇଲେ ଜଣାଯାଏ ଯେ, ଆଦି କାଳରୁ ସାନ୍ତାଳି ଜନବସତି ସ୍ଥାପନ କରିବା ପାଇଁ 'ଆତୁ ତେଙ୍ଗେନ' କରିଥାନ୍ତି । ଏହି ଆତୁ ତେଙ୍ଗନ୍ ହେଉଛି ଯେଉଁ ସ୍ଥାନରେ ଗାଁ ଗଢି ଉଠିବା ପାଇଁ ଜନବସତି କରାଯାଏ, ସେଠାରେ ପ୍ରଥମେ ସାର୍‌ସାଗୁନ ତଥା ଶୁଭ ଲକ୍ଷଣ ଦେଖାଯାଏ ଏବଂ ସାରସାଗୁନ୍ ପାଇଲା ପରେ ବଂଗା ରୁମ୍ କରାଯାଏ । ଏହି 'ବଂଗା ରୁମ୍' କୁ 'ରୁମ୍‌ଡାକାଅ' ମଧ୍ୟ କୁହାଯାଏ । ରୁମ୍‌ଡାକାଅ ହେଉଛି, ମନ୍ତ୍ର ଦ୍ୱାରା ଦେବତା ମାନଙ୍କୁ ଡାକି ପ୍ରଶ୍ନ ପଚାରିବା । ଏତିକି ବେଳେ ମନ୍ତ୍ରତନ୍ତ୍ର ପାରଙ୍ଗମ ଥିବା ଗୁଣିଆ ଗୁରୁ ନିଜ ଚେଲାକୁ ଝୁମ୍ପାଇ ଆବଶ୍ୟକୀୟ ପ୍ରଶ୍ନର ଉତ୍ତର ପଚାରିଥାଏ । ଯେପରି ଗାଁରେ ଖାଇବା ପିଇବାର ଅଭାବ ଓ ଅସୁବିଧା ନହୁଏ, ବିଲ ବାଡି ଚାଷବାସରେ ଭଲ ଶସ୍ୟ ଅମଳ ହୁଏ, ଗାଈଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀମାନେ ଯେପରି ନିରୋଗ ରହିବେ, ଗାଁ ପ୍ରତି କାହାର ଖରାପ ନଜର ନ ପଡେ ଏବଂ ଗ୍ରାମବାସୀ ମାନେ ଯେପରି ନାନା ପିଡା, ଯନ୍ତ୍ରଣା ଓ ରୋଗ ମୁକ୍ତ ହୋଇ ସୁଖ ଶାନ୍ତିରେ ଜୀବନଯାପନ

କରିପାରିବେ । ଦେବାଦେବୀଙ୍କ ଠାରୁ ଏସବୁ ବିଷୟରେ ଜାଣିଲା ପରେ ସେଠାରେ ଗାଁ ବସେଇବା ପାଇଁ ମୁଖିଆ ଗାଁର ପୂଜାରୀ ଓ ଗ୍ରାମବାସୀଙ୍କ ସହମତି କ୍ରମେ ରାୟ ଦିଅନ୍ତି । ଏହା ପରେ ଜାହେର ଗାଲ୍ ସ୍ଥାପନ ପାଇଁ ସ୍ଥାନ ନିରୁପଣ କରନ୍ତି, ପାଂଚ ପରିଷଦ ତଥା ମାଝି ମାନେ ପାଞ୍ଚି ବାଛନ୍ତି, ଗାଁକୁ ଗଢି ତଳନ୍ତି, ଗାଁ ସୀମା ନିରୁପଣ କରନ୍ତି, ଧରମ ଆଖିଲା ନିର୍ଣ୍ଣୟ କରନ୍ତି ଓ ସାଖି ଖୁଂଟ ପତି ଗସାଣେ ତିଆରି କରାଯାଏ ।

ଗସାଣେ ପୀଠ ଅନ୍ୟ ପୂଜାପୀଠ କି ବାସ ଗୃହ ପରି ହୋଇ ନଥାଏ । ସାଧାରଣତଃ ଭୂମିରୁ ୨ ଫୁଟରୁ ଅଧିକ ଉଚ୍ଚରେ ମଣ୍ଡପ କରାଯାଏ, ଚାରି କୋଣରେ ଚାରୋଟି ଶାଳଖୁଂଟ ପୋତା ଯାଏ କିନ୍ତୁ କାନ୍ଥ ଉଠାଯାଏ ନାହିଁ । ସାନ୍ତାଳି ପୁରାଣ ଶାସ୍ତ୍ର 'ବାଖେଣ ବିନ୍ତି' ଅନୁସାରେ ଯେଉଁଦିନ 'ଆତୁ ତେଙ୍ଗେନ୍' କରି ଜନବସତି ସ୍ଥାପନ କରିବା ନିମନ୍ତେ ସ୍ଥାନ ପବିତ୍ର କରାଯାଏ, ସେହି ଦିନ ହିଁ ଗସାଣେ ଘର ଓ ଜାହେର୍ ଗାଳ ନିର୍ମାଣ କରିବା ସହିତ ଓ ଧରମ୍ ଆଖିଲା ମଧ୍ୟ ଚିହ୍ନଟ କରାଯାଏ । ନିର୍ମାଣ କର୍ମରେ ନିୟୋଜିତ ଗ୍ରାମବାସୀମାନେ ଗସାଣେ ନିର୍ମାଣରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାନ୍ତି ପରନ୍ତୁ ମୁଖିଆ ନିଜ ଘରଲୋକ କିମ୍ବା ମାଁଝି ଗୁଡ୍ରି ତଥା ମୁଖିଆ ଗୋତ୍ର ଲୋକେ ଏହାକୁ ଛପର କରିବାର ରୀତିନୀତି ରହିଛି । ଗସାଣେ ଓ ଜାହେର ଗାଲ୍ ତିଆରି କଲାବେଳେ ପୂଜା ବିଧିରେ ଥିବା ପୂଜାରୀ ଓ ଭକ୍ତମାନେ 'ନିରବାର' ତଥା ବାରଣ ନୀତି ଅବଲମ୍ବନ କରିବା ସହିତ ଉପବାସ ମଧ୍ୟ ରଖିଥାନ୍ତି ।

ଆତୁତେଙ୍ଗେନ୍ ତଥା ଗ୍ରାମ ପବିତ୍ର କରିବା ଦିନ ଠାରୁ ଯେତେ ଜଣ ମୁଖିଆ ସେହି ଗ୍ରାମରେ ରହି ଆସିଲେ, ସେତିକିଟି ପଥର ଗସାଣେ ପୀଠରେ ଗାଡି ଦିଆଯାଏ, ନଚେତ୍ ପଥର ପରିବର୍ତେ ଶାଳ କାଠ ଖୁଂଟ ପୋତି ସେଥିରେ ଖୋପ ତିଆରି କରାଯାଏ, ଏହାକୁ ଖାପ୍ କୁହାଯାଏ । ଜଣେ ମୁଖିଆ ବା ମାଁଝି ମୃତ୍ୟୁ ବରଣ କଲେ ସେହି ଶାଳ ଖୁଂଟରେ ଗୋଟିଏ ଖୋପ ତିଆରି କରାଯାଏ । ଏହିଠାରେ ପୋତା ଯାଇଥିବା ପଥରକୁ 'ପିଲ୍‌ହି ଧିରି' ଏବଂ ଶାଳ ଖୁଂଟକୁ 'ପିଲ୍‌ହି ଖୁଂଟି' କୁହାଯାଏ । ଏଥିରେ ମାଁଝି ପିଲ୍‌ହି ତଥା ମୁଖିଆ ପିଢ଼ି ଗଣନା କରାଯାଏ । ଏହି ପିଢ଼ି ଗଣନା ଦ୍ୱାରା ଗ୍ରାମର ସଂସ୍କାର ଓ ଉତ୍ପତି ବିଷୟରେ ଜଣାପଡେ । ଗ୍ରାମରେ ଯେତେଜଣ ମୁଖିଆ ମୃତ୍ୟୁବରଣ କରିଥିବେ ସେତୋଟି ଖୋପ ତିଆରି କରାଯାଏ ଓ ଏହିପରି ଭାବରେ ଅନ୍ୟ ଶାଳ ଖୁଂଟ ଗୁଡିକରେ ଖୋପ ତିଆରି କରାଯାଏ ଓ ଗସାଣେ ପୀଠରେ ପୋତି ଦିଆଯାଏ ଯାହାକୁ ଦେଖି ସେହି ଗ୍ରାମର ପିଢି ଗଣନା କରିହୁଏ । କେତେକ ଗ୍ରାମ ଗୁଡିକରେ ପଥର ପୋତି ସ୍ଥାପନ କରାଯାଏ ତ କେଉଁ ଗ୍ରାମରେ ଶାଳ କାଠକୁ ପୋତି ସାକ୍ଷୀ ଖୁଂଟି ତଥା ସାକ୍ଷ୍ୟ ଖୁଂଟ ସ୍ଥାପନ କରାଯାଏ । ୨-୩ ଫୁଟର ଲମ୍ବ ଓ ୧.୫ ରୁ ୨ ଫୁଟ ଓସାର ବିଶିଷ୍ଟ ମୁଗୁନି କିମ୍ବା ଗ୍ରାନାଇଟ୍ ପଥର ପୋତାଯାଏ । କିନ୍ତୁ ପିଲ୍‌ହି ଖୁଂଟି ପାଇଁ ସାଧାରଣତଃ ଚାରି କୋଣିଆ ବିଶିଷ୍ଟ ପ୍ରାୟ ୧ ଫୁଟ ଓସାରିଆ ସୁଖିଲା ଶାଳ କାଠ ହିଁ ପୋତା ଯାଏ ଓ ଏହାକୁ ପୂଜା କରାଯାଏ । ଏହା ବ୍ୟତୀତ ଗସାଣେରେ କୌଣସି ଜିନିଷ ରଖାଯାଏ ନାହିଁ । ଗଷାଣେକୁ ସଫାସୁତୁରା କରିବା ପାଇଁ କାଟକମ୍ ଚାରେଃଜ୍‌ରେ ବୁଣା ହୋଇଥିବା ଝାଡୁ ରଖାଯାଏ, ଏଥିରେ ଗୋବର ଲିପା ଓ ଝାଡୁ ମରାଯାଏ । କାଟକମ୍ ଚାରେଃଜ୍ ଏକ ପ୍ରକାର ଘାସ ଯାହାକୁ ହେମନ୍ତ ଓ ଶୀତ ଋତୁରେ ବିଲ ହିଡ ମାନଙ୍କରୁ ସଂଗ୍ରହ କରାଯାଇ ଥାଏ । ଏହି ଘାସରୁ ମହିଳା ଲୋକମାନେ ଝାଡୁ ବୁଣି ଓ ଖରାରେ ସୁଖାଇ ନିଜ ଘର ଚାଳରେ ବାନ୍ଧି ରଖିଥାନ୍ତି ଓ ଦରକାର ମୁତାବକ ଏହାକୁ ବ୍ୟବହାର କରାଯାଏ ।

ସାନ୍ତାଳି ସମାଜ ଓ ସଂସ୍କୃତି ଅନୁସାରେ ଗ୍ରାମର ନାଚ, ଗୀତ, ସଭା, ଆଲୋଚନା ଓ ନ୍ୟାୟ ବିଚାର କରିବା ପାଇଁ ଗାଁ ଦାଣ୍ଡ ମଝିରେ ସ୍ୱତନ୍ତ୍ର ଏକ ପବିତ୍ର ସ୍ଥାନ ରହିଥାଏ, ଏହାକୁ ସାନ୍ତାଳି ଭାଷାରେ ଧରମ୍ ଆଖ୍ଡା କୁହାଯାଏ । ମୁଖିଆ ଘର ପ୍ରାୟ ଏହି ଧରମ୍ ଆଖ୍ଡା ପାଖାପାଖି ରହିଥାଏ । ଗସାଣେ ସାନ୍ତାଳି ଗ୍ରାମର ପୁରୁଣା ଜନବସତି ଓ ବଡ ପୁରପଲ୍ଲି ଗୁଡିକରେ ପ୍ରାୟ ନିର୍ମାଣ କରାଯାଇ ଥାଏ । ଗସାଣେ ଏକ ପବିତ୍ର ଧର୍ମପୀଠ ହୋଇଥିବାରୁ ପ୍ରତ୍ୟେକ ସାନ୍ତାଳି ଲୋକ ଏହାକୁ ମାନମର୍ଯ୍ୟାଦା ଦେବା ସହିତ ଭକ୍ତିପ୍ରଣତିରେ ଏଠାରେ ଜୁହାରୀ ହୋଇଥାଏ । ଏଠାରେ ଡରଭୟ କି ଏକୁଟିଆ ମଧ୍ୟ ଲାଗେନାହିଁ । ବିଲବାଡି କାମଦାମ ନ ଥିଲେ ଓ ଅବସର ସମୟରେ ଏହି ଗସାଣେ ପିଣ୍ଡାରେ ବସି ବୃଦ୍ଧ, ବୟସ୍କ ଓ ପଣ୍ଡିତ ଲୋକମାନେ ଯୁବକ ମାନଙ୍କୁ ସାନ୍ତାଳି ସଭ୍ୟତା ଉପରେ ଥିବା ପୁରାଣ ଧର୍ମ ଶାସ୍ତ୍ର ହିତାଲ, ବାଖେଣ ବିନ୍ତି, ମାନ୍‌ମି ସିର୍‌ଜନ୍ ଏବଂ ପୁରାଣ କଥା, ଗୀତ, ଗଳ୍ପ ଓ କାହାଣୀ ଆଦି ଆଲୋଚନା ମାଧ୍ୟମରେ ବୁଝାଇ ଥାନ୍ତି । କୌଣସି ପର୍ବପର୍ବାଣୀ ମାନଙ୍କରେ ଅନ୍ୟଗାଁର କିମ୍ବା ନିଜ ଗାଁର ଯୁବକ ଯୁବତୀମାନେ ନାଚଗୀତ କରିବାକୁ ଗଲେ କିମ୍ବା ଆସିଲେ ଏହିଠାରେ ଥିବା ମାଁଝିବାବା ଓ ସାଝିଖୁଂଟିକୁ ମୁଣ୍ଡିଆ ମାରିବା ସହିତ ଏଠାରେ ଗୋଟିଏ ଘେରା ନାଚି ଥାନ୍ତି ।

ଗସାଣେ ପୂଜା ପୀଠକୁ ପ୍ରତ୍ୟେକ ଦିନ ସକାଳ ସୂର୍ଯ୍ୟ ଉଦୟ ହେଲା ପରେ ମୁଖିଆ, ସହଧର୍ମିଣୀ, ଘର ଲୋକ କିମ୍ବା ମୁଖିଆ ଗୋତ୍ରର ଲୋକେ ଏଠାରେ ଗୋବର ଲିପା କାର୍ଯ୍ୟ କରିଥାନ୍ତି । ଏଠାରେ ମନେ ପକେଇ ଦିଆଯାଇ ପାରେ କି, ସାନ୍ତାଳି ସଂସ୍କୃତି ଓ ପରମ୍ପରା ଅନୁସାରେ ଶାଳ ଗଛରେ ପ୍ରଥମ ଫୁଲ ଆସିଲେ ସାନ୍ତାଳି ଜନଜାତିମାନେ ମହାଡମ୍ବରେ 'ପୁଷ୍ପପର୍ବ' ପାଳନ କରିଥାନ୍ତି । ଯାହାକୁ ନିଜ ସମ୍ପ୍ରଦାୟ ଭାଷାରେ 'ବାହା ବଙ୍ଗା' ବୋଲି କହିଥାନ୍ତି । ଏହା ବର୍ଷକରେ ଥରେ ପାଳନ କରାଯାଏ ଆଉ ସେହିଦିନ ହିଁ ଗ୍ରାମର ପବିତ୍ର ପୂଜାପୀଠ 'ଜାହେର ଗାଳ୍' ଛାଉଣୀ କରାଯିବା ସହିତ ଗସାଣେ ପୂଜା ପୀଠ ମଧ୍ୟ ଛାଉଣୀ କରିବାର ରୀତିନୀତି ରହିଛି । ଜାହେର ଗାଳ୍ ପୂଜାପୀଠ ଛାଉଣୀ କଲାବେଳେ ଯେକେହି ଗାଁଲୋକ ନିରବାର ତଥା ଉପବାସ ରଖି ଛାଉଣୀ କରିପାରେ କିନ୍ତୁ ଗସାଣେ ପୀଠକୁ କେବଳ ମୁଖିଆ(ମାଁଝି) ଘର କିମ୍ବା ମୁଖିଆ ବଂଶର ପୁରୁଷ ଲୋକମାନେ ହିଁ ଉପବାସ ରଖି ଏହାର ଛପର ଛାଉଣି କରିବାର ନିୟମ ରହିଛି । ସାଉଳି ଏକ ପ୍ରକାର ଘାସ, ଏହାରି ନଡାରେ ଗସାଣେ ପୂଜାପୀଠ ଛପର ଛାଉଣୀ କରାଯାଏ । ପ୍ରତ୍ୟେକ ପର୍ବପର୍ବାଣୀ ଓ ପୂଜାବିଧି ଦିନ ମାନଙ୍କରେ କେବଳ ସୁନୁମ ସିନ୍ଦୁର ତଥା ତେଲ କି ଘିଅ ମିଶ୍ରିତ ସିନ୍ଦୁର, ଧୂପ ଓ ଦୀପରେ ପୂଜାପାଠ କରାଯାଏ କିନ୍ତୁ ଏଠାରେ କୌଣସି ଜୀବ ବଳି କରାଯାଏ ନାହିଁ । ଗସାଣେରେ ବଳି ପୂଜା କରିବା ଆଦିକାଳରୁ ସମ୍ପୂର୍ଣ୍ଣ ବାରଣ ଓ ନିଷିଦ୍ଧ ରହିଛି ।

ସାନ୍ତାଳି ଭାଷାରେ ଗ୍ରାମ ମୁଖିଆ କୁ ମାଁଝି କୁହାଯାଏ । ସେ ନିଜ ଗ୍ରାମର ମୁଖ୍ୟ ଓ ମାନଗଣ୍ୟ ବ୍ୟକ୍ତି । ସେ ସାନ୍ତାଳି ଗ୍ରାମର ବିଚାରକ, ହୁକୁମକାରୀ ଏବଂ ରୀତିନୀତି ଉପରେ ରାୟ ଦିଅନ୍ତି । ମାଁଝି ଅବସ୍ଥାନ କରୁଥିବା ସ୍ଥାନକୁ ଗସାଣେ କୁହାଯାଏ । ଏହାକୁ ମାଁଝିଥାନ୍ ଓ ମାଁଝିବାବା ଥାପନ୍ ମଧ୍ୟ କୁହାଯାଏ । ଏହାର ତାତ୍ପର୍ଯ୍ୟ ହେଲା, ମୁଖିଆ ସ୍ୱର୍ଗବାସ ହେଲେ ତାଙ୍କରି ନାମରେ ପୋତାଯାଇଥିବା ପିଲ୍‌ହି ଖୁଂଟି ମଧ୍ୟରୁ ଗୋଟାକରେ ଏକ ଖୋପ ତିଆରି କରାଯାଏ ଏବଂ ଏହାକୁ ପ୍ରତ୍ୟେକ ପର୍ବପର୍ବାଣୀ ଓ ତୀଥି ମାନଙ୍କରେ ମୁଖିଆଙ୍କ ନାମରେ ପୂଜାପାଠ, ଆଳତୀ ବନ୍ଦନା ଓ ଉପାସନା କରାଯାଏ । ଭିନ୍ନଭିନ୍ନ ସ୍ଥାନରେ ଗସାଣେର ନାମକରଣରେ ଅନ୍ତର

ରହିଥାଏ, କେଉଁଠି ଗସାଣେ କୁହାଯାଏ ତ କେଉଁଠି ଏହାକୁ ମାଁଝିଥାନ୍ ନଚେଦ ମାଁଝି ହାଲାମ୍ ଥାପନ୍ ମଧ୍ୟ ଆଖ୍ୟା ଦିଆଯାଇଛି ।

ସାନ୍ତାଳି ସମାଜରେ ବିଶ୍ୱାସ ରହିଛି ଯେ ମାଁଝିବାବା ତଥା ମୁଖିଆକୁ ମୃତ୍ୟୁ କେବେ ଛୁଇଁ ପାରେନି, ତେଣୁ ସେ ଅମର । ପ୍ରତ୍ୟେକ ଲୋକର ଦିନେନା ଦିନେ ମୃତ୍ୟୁ ସୁନିଶ୍ଚିତ, କିନ୍ତୁ ଏହି ମୁଖିଆଙ୍କ ମୃତ୍ୟୁ ହୋଇନଥାଏ । ମୁଖିଆ ପରଲୋକ ହେଲେ ତାଙ୍କୁ ଗସାଣେରେ ସେବା କରାଯାଉଛି । ସାନ୍ତାଳ ଭାଷାରେ ସେ ହେଲେ ବଂଗା ମାଁଝି ତଥା ମୁଝିଆ ଠାକୁର । ମୁଖିଆ ଜଣେ ସୁସମ୍ମାନୀତ ଓ ମହାନ ଦେବତୁଲ୍ୟ ବ୍ୟକ୍ତି, ପ୍ରତ୍ୟେକ ସାନ୍ତାଳି ଗାଁ ତାଙ୍କୁ ମାନସମ୍ମାନ ଦେଇଥାଏ । ତାଙ୍କର ମୃତ୍ୟୁପରେ ତାଙ୍କୁ ଗସାଣେରେ ସ୍ଥାନ ଦିଆଯାଏ ଏବଂ ବିଭିନ୍ନ ପର୍ବପର୍ବାଣୀ ସମୟରେ ତାଙ୍କର ପୂଜା ଉପାସନା କରାଯାଇ ଥାଏ । ଗସାଣେ ପୂଜା ପୀଠରେ ତାଙ୍କ ମର ଶରୀରର କି ଦେହର କୌଣସି ଅଂଗ କି ଅସ୍ଥି ମଧ୍ୟ ରଖାଯାଏ ନାହିଁ, କେବଳ ତାଙ୍କରି ନାମରେ ପିଲହି ଖୁଂଟି ତଥା ପିଢ଼ି ଖୁଂଟରେ ଏକ ଖୋପ ତିଆରି କରାଯାଇ ପୂଜା କରାଯାଏ ।

ସୂର୍ଯ୍ୟଙ୍କୁ ସାନ୍ତାଳି ଜନଜାତିର ଲୋକମାନେ ଶ୍ରେଷ୍ଠ ଦେବତା ବୋଲି ମାନିଥାନ୍ତି । ସେମାନେ ସୂର୍ଯ୍ୟ ଦର୍ଶନ କଲେ ନମସ୍କାର ହୁଅନ୍ତି ଓ ଘରଲୋକ ମୃତ୍ୟୁ ହେଲେ ତାଙ୍କରି ପାଖରେ କାନ୍ଦିଥାନ୍ତି । ସାନ୍ତାଳି ଭାଷାରେ ସୂର୍ଯ୍ୟଙ୍କୁ 'ସିଞ୍ଜ୍ ବଙ୍ଗା' କୁହାଯାଏ । ଏହି ସିଞ୍ଜ୍ ବଙ୍ଗା ଅର୍ଥ ହେଉଛି ଦିନ ଦେବତା ତଥା ଦିବାକର । ପୃଥିବୀର ସମସ୍ତ ଜୀବଜନ୍ତୁ ମାନଙ୍କର ମାଲିକ ହେଉଛନ୍ତି ଏହି ସିଞ୍ଜ ବଙ୍ଗା ବା ସୂର୍ଯ୍ୟ ଦେବତା । ସେ ସକଳ ଶକ୍ତିର ଆଧାର, ସେ ସୃଷ୍ଟି ଓ ବିନାଶକାରୀ ମଧ୍ୟ । ତାଙ୍କରି କରୁଣାରେ ଜୀବଜଗତ ଚଳପ୍ରଚଳ କରିଥାନ୍ତି ଏବଂ ସେ ପ୍ରକୃତିର ମାଲିକ । ଏହି ସୂର୍ଯ୍ୟ ଦେବତା ତଥା ସିଞ୍ଜ୍ ବଙ୍ଗାଙ୍କୁ ସେମାନେ 'ସିଞ୍ଜ୍ ଚାନ୍ଦ ବଙ୍ଗା' ଏବଂ 'ଚାନ୍ଦବଂଗା' ମଧ୍ୟ କହିଥାନ୍ତି । ଆମ୍ଭେମାନେ ସମସ୍ତେ ଜାଣିଛେ, ପୃଥିବୀ ପଶ୍ଚିମରୁ ପୂର୍ବକୁ ଗତି କରେ ତଥା ଘଂଟାକଂଟା ଚଳନର ବିପରୀତ ଦିଗରେ ଏହା ଘୁରିଥାଏ । ପ୍ରକୃତିର ନିୟମକୁ ପାଳନ କରିବାକୁ ଯାଇ ଏହି ଜନଜାତି ଲୋକମାନେ ଡାହାଣରୁ ବାମକୁ ପୂଜା କରିବାର ନୀତିନିୟମ ରହିଛି । ସାନ୍ତାଳି ସମାଜର ସମସ୍ତ ଦେବାଦେବୀ ମାନଙ୍କୁ ପୂର୍ବ ଦିଗରେ ସ୍ଥାପନ କରାଯାଏ ଏବଂ ପୂଜାପାଠ କଲାବେଳେ ସେମାନେ ପଶ୍ଚିମକୁ ପିଠି କରି ନିଜ ଇଷ୍ଟ ଦେବା ଦେବୀଙ୍କୁ ପୂଜି ଥାନ୍ତି । ଏହି ଗସାଣେ ପୂଜାପାଠ ମଧ୍ୟ ସାନ୍ତାଳି ସମାଜ, ସଂସ୍କୃତି ଓ ରୀତିନୀତି ଭିତରେ ହିଁ ଅନ୍ତର୍ଭୁକ୍ତ । ଗସାଣେର ପୂଜା ପଦ୍ଧତି 'ସାର୍ନା ଧର୍ମ' ଅନୁସାରେ ହୋଇଥାଏ । ଏଠାରେ ସବୁ ଦିନ ପୂଜାର୍ଚ୍ଚନା କରାଯାଏ ନାହିଁ ମାତ୍ର ସାନ୍ତାଳି ସମାଜର ସଂସ୍କୃତି, ପ୍ରଥା ଓ ପରମ୍ପରା ଅନୁସାରେ ବିଭିନ୍ନ ପର୍ବ ପର୍ବାଣୀ ତଥା ମାଗ୍ ବଙ୍ଗା, ବାହାବଂଗା, ସହରାୟ ଗଟ୍ ବଂଗା ଏବଂ ମାଃ ମଣେ ଇତ୍ୟାଦି ମାନଙ୍କରେ ଜାହେର୍ ଗାଲ୍ ସହିତ ଗସାଣେ ପୂଜା ପୀଠରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥାଏ ।

ରାସି ଆତୁ ଗୁଡିକରେ ପର୍ବପର୍ବାଣୀ ପାଇଁ ଦିନ ଧ୍ୟାର୍ଯ୍ୟ ହୋଇଗଲେ ସମସ୍ତ ଗ୍ରାମବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଏ ଏବଂ ମନରେ ଉଙ୍କିମାରେ ଯେପରି ନାଚଗୀତ, ମୌଜମସ୍ତି କରି ଧୁମଧାମରେ ନିଜ ପରିବାର ଓ ବନ୍ଧୁମାନଙ୍କ ସହିତ ପର୍ବ ପାଳନ କରିବା । ରାସି ଆତୁ ଗ୍ରାମର ଯୁବକମାନେ ଗାଁ ସ୍ୱଚ୍ଛ କରିବା ପାଇଁ ସମସ୍ତେ ବାହାରି ପଡନ୍ତି ଏବଂ ରାସ୍ତାଘାଟ, ନାଳ ନର୍ଦ୍ଦମା, ଅନାବନା ଗଛଲତା ଆଦି ସଫାସୁତୁରା ରଖିବା ସହିତ

ଗସାଣେ ପୀଠର ମଧ୍ୟ ପରିଷ୍କାର ପରିଛନ୍ନ ରଖିଥାନ୍ତି । ଯଦି କୌଣସି ପରିବାର ଲୋକ ଯୋଗ ନଦିଅନ୍ତି, ତେବେ ତାକୁ ବିଭିନ୍ନ ପ୍ରକାର ବାରଣ, ବାଛନ୍ଦ ଓ ଜରିମାନା ମଧ୍ୟ କରାଯାଇ ଥାଏ । ଏହିସବୁ କାର୍ଯ୍ୟ ମୁଝିଆଙ୍କ ନିର୍ଦ୍ଦେଶ କ୍ରମେ ଗାଁ ପାଂଚ ପରିଷଦ ସଭ୍ୟ ଓ ଗାଁ ଯୁବକଙ୍କ ଦ୍ୱାରା ତ୍ୱରାନ୍ୱିତ ହୋଇଥାଏ । ଏଥି ସହିତ ଗାଁ କନିଆ ଓ ମହିଳାମାନେ ନିଜ ନିଜର ଘର କାନ୍ଥକୁ ସଜେଇବା ପାଇଁ ବିଭିନ୍ନ ମାଟି ରଙ୍ଗ ଲିପା କାମ ଆରମ୍ଭ କରିବା ସହିତ ଦାଣ୍ଡକାନ୍ଥ ଗୁଡିକରେ ଅତି ସୁନ୍ଦର ଚାରୁ କଳା ମାନ ଆଙ୍କିଥାନ୍ତି । ଏହାକୁ ସାନ୍ତାଳି ଭାଷାରେ 'ପତାଓ' କୁହାଯାଏ । ମାଟି ରଙ୍ଗକୁ ବ୍ୟବାହାର କରି ସାନ୍ତାଳି ଝିଅ, ବହୁ ଓ ମହିଳାମାନେ ନିଜ ନିଜର କାନ୍ଥରେ ଗଛ, ଲତା, ପତ୍ର, ଫୁଲ, ଡାଳ, ଧୋଡି, ପଶୁ, ପକ୍ଷୀ, ଯାନବାହନ, ଝରଣା, ସୂର୍ଯ୍ୟ, ବାଦ୍ୟଯନ୍ତ୍ର ଓ ନୃତ୍ୟ ଆଦି ଚିତ୍ର ମାଧ୍ୟମରେ ନିଜର ଅନ୍ତର୍ନିହିତ କଳା କୌଶଳକୁ ପ୍ରଦର୍ଶନ କରିବା ସହିତ କାନ୍ଥ ବାଡରେ ଅନେକ ସୁନ୍ଦର ଓ ମନଲୋଭା ଦୃଶ୍ୟମାନ ଆଙ୍କି ଥାଆନ୍ତି । କୌଣସି ବ୍ୟକ୍ତି ରାସ୍ତରେ ଯାତାୟାତ କଲାବେଳେ ଏହିସବୁ ମନମୁଗ୍ଧକର ଚିତ୍ର ଓ ଦୃଶ୍ୟ ଗୁଡିକ ଦେଖି ଅନେକ ପ୍ରଶଂସା କରିଥାନ୍ତି । ବାସ୍ତବରେ ଯୁବତୀମାନେ ଆଜିମଧ୍ୟ ନିଜ ସାନ୍ତାଳି ସମାଜର ପ୍ରଥାପରମ୍ପରା ଓ ରୀତିନୀତି ସହିତ ମାଟି ରଙ୍ଗ, ଚାରୁ କଳା, ସଂସ୍କୃତି ଓ ଐତିହ୍ୟକୁ ସଂରକ୍ଷିତ କରି ସାଇତି ରଖିଛନ୍ତି ।

ସାନ୍ତାଳି ସମାଜରେ ପ୍ରଚଳିତ ରୀତିନୀତି ତଥା ନୀତି ନିୟମ, ପ୍ରଥା ପରମ୍ପରା, ସମାଜ ସଂସ୍କୃତି ଇତ୍ୟାଦିକୁ ନେଇ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ପ୍ରତ୍ୟେକ ଗ୍ରାମରେ ଏକ ସାନ୍ତାଳି ଗ୍ରାମ ପରିଷଦ (Santal Village Council) ଗଠନ କରାଯାଏ । ଏହାକୁ ସାନ୍ତାଳି ଭାଷାରେ ମାଁଝି ମାପାଞ୍ଜି, ଆତୁ ମଣେହଲ୍, ମାଁଝିବାବା ରାୟରିତ୍ ଓ ମାଁଝି ରାୟ୍ ଆଦି କହିଥାନ୍ତି । ଏହି ସାନ୍ତାଳି ଗ୍ରାମ ପରିଷଦରେ ଜଣେ ଲେଖାଏଁ ମାଁଝି, ନାୟ୍କେ, ପାରନିକ୍, ଜଗମାଁଝି, ଗଡେତ୍ ଓ ଜଗ ରହିଥାନ୍ତି । ସମାଜର ଯେକୌଣସି କାର୍ଯ୍ୟରେ ପ୍ରଥମେ ମାଁଝି ବା ମୁଝିଆ ଦରକାର ପଡିଥାନ୍ତି । ତାଙ୍କରି ଆଦେଶ ବିନା କୌଣସି କାର୍ଯ୍ୟକୁ ସୁଭାରମ୍ଭ କରାଯାଏ ନାହିଁ କି ସମାପନ ମଧ୍ୟ କରାଯାଏ ନାହିଁ । ତେଣୁ ଗାଁରେ ସଭା, ସମିତି, ଆଲୋଚନା, ବିଚାର, ବାରଣ, ବାଛନ୍ଦ, ଜରିମାନା, ଦୋଷୀକୁ ଦଣ୍ଡ ଅବା କ୍ଷମା, ନିର୍ଦ୍ଦୋଷୀକୁ ନ୍ୟାୟ, ଓ ଅଧୀକାର ଆଦି ଆଦେଶ ଓ ଉପଦେଶ ମାନ ଗାଁର ମୁଖିଆ ତଥା ମାଁଝିବାବା ହିଁ ନିଃସାର୍ଥପର ଭାବେ ନିଜ ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ କରିଥାନ୍ତି । ସେ ସବୁବେଳେ ଦାୟିତ୍ୟବାନ ମହାପୁରୁଷ ହୋଇଥାନ୍ତି ଏବଂ କେତେକ ସ୍ୱତନ୍ତ୍ର କାର୍ଯରେ ନାୟକେ ଓ ଗ୍ରାମବାସୀଙ୍କର ମଧ୍ୟ ପରାମର୍ଶ ନେଇ କାର୍ଯ୍ୟ କରିଥାନ୍ତି । ମୁଖିଆ ଗ୍ରାମ ପ୍ରଶାସନର ମୁଖ୍ୟ ହୋଇଥିବା ବେଳେ ପୂଜା ବିଧି ଓ ସଂସ୍କାର କାର୍ଯ୍ୟରେ ନାୟକେ ମୁଖ୍ୟ ରହିଥାନ୍ତି । ନାୟକେ ସାନ୍ତାଳି ଗ୍ରାମର ପୁରୋହିତ ଅଟନ୍ତି ଏବଂ ମାଁଝି ସାନ୍ତାଳି ଗ୍ରାମ ପରିଷଦର ବିଚାରକ, ପରିଚାଳକ ଓ ଉପଦେଷ୍ଟା ଭାବରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

ଗ୍ରାମ ମୁଖିଆ ହେଉଛନ୍ତି ଜଣେ ମାନ୍ୟଗଣ୍ୟ ଓ ମହାନ ବ୍ୟକ୍ତି ବିଶେଷ, ତାଙ୍କରି ଉପରେ ଗାଁର ମାନମର୍ଯ୍ୟାଦା ନିର୍ଭର କରେ । ଯେ କେହି ଲୋକ ମଦ୍ୟପ, ମାତାଲ, ଲୋଭି, ଟାଉଟର, ଅଶିକ୍ଷିତ, ଅସାମାଜିକ ଓ ଚିରିତ୍ରହୀନ ବ୍ୟକ୍ତି ଗ୍ରାମର ମୁଖିଆ ପଦବୀରେ ରଖାଯାଏ ନାହିଁ । ଜଣେ ବିଜ୍ଞ, ଚତୁର, ଚାଲାକ, ବୟୋଜ୍ୟେଷ୍ଠ, ବୁଦ୍ଧିମାନ, ଚଂଚଳ, ନିରୋଗ, ସାଧୁ ଓ ସମୃଦ୍ଧି ସମ୍ପନ୍ନ ବ୍ୟକ୍ତିକୁ ହିଁ ମାଁଝି ତଥା ମୁଖିଆ ପଦରେ ସର୍ବସମ୍ମତ

ଚୟନକ୍ରମେ ରଖାଯାଏ । ଗ୍ରାମର ସମସ୍ତ କାର୍ଯ୍ୟ ତାଙ୍କରି ଉପରେ ସମ୍ପୂର୍ଣ୍ଣ ମାତ୍ରାରେ ନିର୍ଭର କରିଥିବାରୁ ତାଙ୍କୁ ସମସ୍ତେ ସମ୍ମାନ ଦେବା ସହିତ ଆଦର ମଧ୍ୟ କରିଥାନ୍ତି । ଯେକୌଣସି କଥା ଆଲୋଚନା, ରୀତିନୀତି ଗଠନ, ବିଚାର କିମ୍ବା ସଭାସମିତି ଆଦି ହେଲେ ମୁଖିଆଙ୍କୁ ପ୍ରଥମେ ଚୌକି ଦିଆଯାଏ । ଗ୍ରାମରେ ଯେ କୌଣସି ଜିନିଷ ଭାଗମାପ ହେଲେ ମୁଖିଆଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଅଧିକା ଭାଗ ଦିଆଯାଏ । ମୁଖିଆ ଯେତେବେଳେ କୌଣସି କାମରେ ଯାତ୍ରାକଲେ ତାଙ୍କୁ ଅନ୍ୟ ଗାଁର ଲୋକମାନେ ଦାରାମ ଦାଃ ତଥା ସ୍ୱାଗତ ଦେବା ସହିତ ତାଙ୍କର ଅତିଥୀ ସଂସ୍କାର କରାଯାଏ । ମୁଖିଆ ଦେହ ଖରାପ ହେଲେ ସେ ତାଙ୍କ ବଦଳରେ ପାର୍‌ନିକ କିମ୍ବା ଜଗମାଁଝି କାମ ତୁଲାଇ ଥାଏ । ଦରକାର ପଡିଲେ ତାଙ୍କରି ଇଚ୍ଛା ଅନୁସାରେ ଗ୍ରାମର ପାଂଚ ଲୋକ ତଥା ମଣେ ହୋଲ୍ ଭିତରୁ ଜଣେ କି ଦ୍ୱିଜଣଙ୍କୁ କୌଣସି ନିର୍ଦ୍ଧିଷ୍ଟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପଠେଇ ଥାନ୍ତି ।

ସାନ୍ତାଳି ଜନଜାତି ସମ୍ପ୍ରଦାୟଙ୍କୁ ସମୁଦାୟ ୧୨ଗୋଟି ସ୍ୱତନ୍ତ୍ର ଗୋଷ୍ଠୀରେ ବିଭାଜିତ ରହିଛି । ଏହାକୁ ସାନ୍ତାଳି ଭାଷାରେ ପାରିସ୍ କୁହାଯାଏ । ସେଗୁଡିକ ହେଲା ୧) ହାଁସଦାଃ ୨) ମାରାଣ୍ଡି ୩) କିସ୍କୁ ୪) ହେମ୍ବ୍ରମ ୫) ସୋରେନ ୬) ମୁର୍ମୁ ୭) ଟୁଡୁ ୮) ବାସ୍କେ ୯) ବେଶ୍ରା ୧୦) ଚଣେ ୧୧) ଡଂଟ୍‌କା ଓ ୧୨) ପାଉରିଆ । ଏବେ ମାତ୍ର ୯ଗୋଟି ଗୋଷ୍ଠୀର ଲୋକ ଅଛନ୍ତି ଏବଂ ଚଣେ, ଡଂଟକା ଓ ପାଉରିଆ ଗୋଷ୍ଠିର ଲୋକମାନେ ପ୍ରାୟ ଦେଶରୁ ଲୋପ ପାଇଲେଣି, ସେମାନଙ୍କର ଆଉ କୌଣସି ଅସ୍ତିତ୍ୱ ଜଣା ପଡୁନାହିଁ । ଏହି ୯ଗୋଟି ସାନ୍ତାଳି ଜାତି ମଧ୍ୟରୁ ଯେକୌଣସି ଗୋଷ୍ଠୀର ଲୋକମାନେ ମୁଖିଆ ରହିପାରିବେ, କିନ୍ତୁ ସେ ଭଦ୍ରବ୍ୟକ୍ତିଙ୍କର ସବୁ କ୍ଷେତ୍ରରେ ପାରଦର୍ଶୀତା ଓ ଗଭୀର ଜ୍ଞାନ ରହିବା ଆବଶ୍ୟକ ।

ଜାହେର୍ ଗାଲ୍‌ରେ ଜାହେର ଆୟ, ଲିଟା ଗସାଇଁ, ମାରାଂବୁରୁ, ପିଲ୍‌ପତି, ସିମାସାଳେ ବଂଗା, ସେନ୍ଦ୍ରାବଂଗା, ବୁରୁବଂଗା, ମଣେକ ଏବଂ ତୁରୁୟ୍‌କ ଆଦି ଦେବାଦେବୀ ପୂଜା ପାଉଥିବା ସ୍ଥାନେ ଗସାଣେରେ କେବଳ ସ୍ୱର୍ଗବାସ ହୋଇଥିବା ମୁଖିଆଙ୍କୁ ଦେବାସେବା, ପୂଜାପାଠ ଓ ଉପାସନା କରାଯାଇ ଥାଏ । ଜାହେର ଗାଲ୍‌ରେ ଥିବା ଦେବାଦେବୀ ମାନେ ସାନ୍ତାଳି ପରିବାର ଓ ସମାଜରେ ସୁଖଶାନ୍ତିରେ ରହିବା ପାଇଁ ବର ଦିଅନ୍ତି । ସିମାସାଳେ ବଂଗା ଗୁଡିକ ସୀମା ରକ୍ଷା କରିବା ସହିତ ସୀମା ବାହାର ଶତ୍ରୁ ତଥା ବିଭିନ୍ନ ପ୍ରକାର ଦୈବିକ ଶକ୍ତି ଓ ଦୈବ୍ୟ ଦୁର୍ଘଟଣା ଆଦି ଗାଁ ପରିସୀମା ଭିତରକୁ ପଶିବାକୁ ଦିଅନ୍ତି ନାହିଁ । ସେହିପରି ଗାଁ ଭିତରରେ ଥିବା ଗସାଣେ ମାଁଝିବାବା ଗାଁକୁ ସୁରକ୍ଷା ଦେବା ସହିତ ଗାଁର ଅସ୍ତିତ୍ୱ ପ୍ରମାଣ ପାଇଁ ବିଦ୍ୟମାନ । ସେ ନିଜ ଗାଁ ଏବଂ ପ୍ରତ୍ୟେକ ପରିବାରର ସୁଖଦୁଃଖରେ ସାଥୀ ଓ ଭାଗୀଦାର ମଧ୍ୟ ହୋଇଥାନ୍ତି । ସେ ଜଣେ ଦେବତୁଲ୍ୟ ଲୋକ ବୋଲି ସାନ୍ତାଳି ଲୋକମାନେ ଆଦିକାଳରୁ ମାନ୍ୟତା ଦେଇ ଆସୁଛନ୍ତି ।

ଏହିପରିଭାବରେ ମାଁଝି ତଥା ମୁଖିଆ ଜଣେ ମହାନ ଓ କୀର୍ତୀମାନ ବ୍ୟକ୍ତିବିଶେଷ ଯିଏ ନିଜସ୍ୱ ଗାଁର ସୁନାମ ଓ ଗାଁ ଲୋକଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ ଜୀବନ କାଳ ଭିତରେ କଠୋର ସାଧନା ଓ ତ୍ୟାଗ କାର୍ଯ୍ୟଭାର ସମ୍ପାଦନ କରିଥାନ୍ତି । ମାଁଝିଙ୍କର ପରଲୋକ ହେଲେ ତାଙ୍କରି ନାମରେ ଗାଁ ଲୋକ ଗସାଣେ ପୂଜାପୀଠ ନିର୍ମାଣ କରି ସେଠାରେ ତାଙ୍କୁ ଭକ୍ତି ପ୍ରଣତିରେ ପୂଜା ଉପାସନା କରିଥାନ୍ତି ।

ବାସ୍ତବରେ, ଗସାଣେ ସାନ୍ତାଳି ସମାଜ ସଂସ୍କୃତି, ପ୍ରଥା ପରମ୍ପରା, ଆଦିବାସୀ ସାର୍ନାଧର୍ମ ଓ ରୀତିନୀତିର ଏକ ପ୍ରତିକ ଯେଉଁଠାରେ କେବଳ ସ୍ୱର୍ଗତ ହୋଇଥିବା ଗ୍ରାମ ମୁଖିଆମାନଙ୍କୁ ଉପାସନା ଦେବାର ଏକ ଦେଉଳ ପୀଠ ଯେଉଁଠି ସେହି ଗ୍ରାମର ମୁଖିଆ ବଡବଡୁଆଙ୍କୁ ସ୍ମରଣ କରି ସେମାନଙ୍କର ପୂଜାପାଠ କରାଯାଏ । **ଗସାଣେ ସାନ୍ତାଳି ଜନଜାତି ସଭ୍ୟତା ଓ ଇତିହାସ ପୃଷ୍ଠାର ଏକ 'ମୁଖିଆ ପିରାମିଡ୍' ଯାହାକୁ ଦେଖି ସେହି ଗ୍ରାମର ଉତ୍ପତି ଓ ଆୟୂଷ ନିରୁପଣ କରିହୁଏ ।**

ଭାରତ ମହାଦେଶର ସାନ୍ତାଳ ଅଧ୍ୟୁଷିତ ରାଜ୍ୟ ଯଥା- ଓଡିଶା ପ୍ରଦେଶ, ଝାଡଖଣ୍ଡ, ବିହାର, ପଶ୍ଚିମ ବଙ୍ଗ, ଛତିଶଗଡ, ଆସାମ ମାନଙ୍କରେ ଥିବା ସାନ୍ତାଳି ରାସିଆତୁ ତଥା ବଡ ଗ୍ରାମ ଗୁଡିକରେ 'ଗସାଣେ' ଅବସ୍ଥିତ ରହିଛି । ଏହି ସବୁ ରାଜ୍ୟ ମାନଙ୍କରେ ଗସାଣେ ଅବା ମାଁଝିଥାନର ରକ୍ଷଣବେକ୍ଷଣ ପାଇଁ ଆଜିକାଲି ସାନ୍ତାଳି ସମାଜର ଲୋକମାନେ ବିଭିନ୍ନ ସଂଘ, ମହାସଂଘ ଗଠନ କରି ନିଜ ସମାଜ ସଂସ୍କୃତି, ପ୍ରଥା ପରମ୍ପରା, ରୀତିନୀତି, ପାଂଚ ପରିଷଦ, ଜାହେର୍ ଗାଲ୍‌ର ଯଥାବିଧ ସୁରକ୍ଷା ଓ ଉନ୍ନତି ପରିଲକ୍ଷିତ ହୋଇଥାଏ ଏବଂ ସଭ୍ୟତାର ବିକାଶ ଅନୁପାତରେ ସାନ୍ତାଳ ସମ୍ପ୍ରଦାୟ ଲୋକଙ୍କର ନିଜର ଉନ୍ନତି ପ୍ରତି ଧ୍ୟାନ ଦେଇ ଚାଲିଛନ୍ତି । ସାନ୍ତାଳି ଜନଜାତି ଗ୍ରାମରେ ଏହି ଗସାଣେ ଅନୁଷ୍ଠାନ ରହିବା ଦ୍ୱାରା ମୁଖିଆ ଶାସନର ମୁଖ୍ୟ ତଥା ମାଁଝି ବାବା ମାନଙ୍କୁ ଚିରସ୍ମରଣ କରିବା ସହିତ ଗ୍ରାମର ସୂନ୍ଦର୍ଯ୍ୟ ଓ ସଂସ୍କାର ଅଭିବୃଦ୍ଧି ଘଟାଇବାରେ ସାମର୍ଥ ହୋଇପାରୁଛି ଏବଂ ଆଦିବାସୀ ସାନ୍ତାଳ ସମାଜର ଏକ ନିଆରା ରୀତିନୀତି ଭିତରେ ଗ୍ରାମ ପାଂଚ ପରିଷଦ ଶାସନକୁ ସଦା ସୁରକ୍ଷା ଓ ସମ୍ମାନ ଦେଇ ରଖିଛି ।

**ବରିଷ୍ଠ ଅର୍ଥନୈତିକ ଅନୁସଂନ୍ଧାନକାରୀ,**
**ଯୋଜନା ଓ ସଂଯୋଜନ ବିଭାଗ, ଓଡିଶା ସରକାର**
**ଯୋଗାଯୋଗ: ୯୪୩୭୩୦୨୦୫୦**

# ସାନ୍ତାଳ ଜନଜାତିର ରୀତିନୀତି

**ଦମୟନ୍ତୀ ବେଶ୍ରା**

ମନୁଷ୍ୟର ଦୈବ ବିଶ୍ୱାସ ସକାରାତ୍ମକ ଓ ନକାରାତ୍ମକ ଭେଦରେ ଦ୍ୱିବିଧ ହୋଇ କାହିଁ କେଉଁକାଳରୁ ରହିଆସିଛି । କାରଣ ଏ ପୃଥିବୀର ରହସ୍ୟ ଏତେ ଜଟିଳତାରେ ଭରା ଯେ ତାକୁ ଭେଦ କରିବା ତା' ପକ୍ଷରେ ସମ୍ଭବପର ହୋଇ ପାରିନାହିଁ । ଏ ସବୁର ମୂଳରେ ଏକ ମହାନ ସ  । କାର୍ଯ୍ୟକରୁଥିବାର ଧାରଣାରେ ସେ କବଳିତ । ତେଣୁ ତାଙ୍କରି ଉଦ୍ଦେଶ୍ୟରେ ପ୍ରଣତିର ଅର୍ଘ୍ୟ ଢାଳି କାମଟିଏ ଅନୁକୂଳ କରେ ଏହି ବିଶ୍ୱାସ ରଖି ଯେ ତାହା ବିନା ବାଧାରେ ସମ୍ପନ୍ନ ହେବ । କୌଣସି ବିଘ୍ନ ଘଟିବ ନାହିଁ । ସେହି ମହାନ ସ  ।କୁ କେହି କେହି ପରମାତ୍ମା କହୁଥିବା ବେଳେ କେହି ଆଲ୍ଲା, କେହି ପରମପିତା ଆଦି ନାମରେ ନାମିତ କରି ବିଭିନ୍ନ ଅବସର ମାନଙ୍କରେ ଧୂପଦୀପ, ହୋମଯଜ୍ଞ ବା ପୂଜାର୍ଚ୍ଚନା କରି ଶୁଭ ମନାସି ଥାଆନ୍ତି । ଶୁଭକାମ ମାନଙ୍କରେ କିମ୍ବା ଦୁର୍ଦ୍ଦିନରେ ଅନାୟାସ ରୂପେ ଭଗବାନଙ୍କର ନାମ ସ୍ୱତଃ ଉଚ୍ଚାରିତ ହୁଏ । ତାହା ଅଭିଳଷିତ ଦ୍ରବ୍ୟର ପ୍ରାପ୍ତି ହେତୁ ହୋଇ ନ ଥାଏ, ବରଂ ଗତାନୁଗତିକ ଧାରାର ପ୍ରବାହରେ ପରିସ୍ଫୁଟ ହୁଏ । ଆଜିକାର ଯୁଗରେ ବିଜ୍ଞାନ ଅନେକ ରହସ୍ୟର ସମାଧାନ କରି ସାରିଥିଲେ ବି ମନ୍ଦିର, ଗୀର୍ଜା, ମସଜିଦ୍‌ର ସମ୍ପୃକ୍ତିରୁ ନିଜକୁ ଦୂରେଇ ରଖିଥିବା ଲୋକ ବୋଧହୁଏ ଏ ପୃଥିବୀରେ ମିଳିବା କଷ୍ଟକର । ଜନ୍ମ, ବିବାହ, ମୃତ୍ୟୁ, ଶ୍ରାଦ୍ଧ, ପର୍ବପର୍ବାଣି, ଓଷାବ୍ରତ ଆଦି କ୍ଷେତ୍ରରେ କୌଣସି ନା କୌଣସି ପ୍ରକାରେ ଆମେ ସେହି ପରମ ସ  ।ଙ୍କ ନିକଟରେ ନତମସ୍ତକ ହେବାପାଇଁ ବାଧ୍ୟ ହେଉଛୁ । କାରଣ ଯେଉଁ ଧାରାରେ ସମସ୍ତେ ପରିଚାଳିତ ହେଉଛନ୍ତି, ସେହି ରୀତିର ଅନୁପାଳନ ନ କଲେ ଆମେ ବାରି ହୋଇ ପଡ଼ିବା । ଅସଂସ୍କାରୀ ବୋଲାଇବା । ଆମଦ୍ୱାରା କରାଯାଇଥିବା କାର୍ଯ୍ୟ ଉପଯୁକ୍ତ ହୋଇଛି ବୋଲି ଆତ୍ମପ୍ରତ୍ୟୟ ରହିବ ନାହିଁ ଏବଂ କୌଣସି ପ୍ରକାରର ଅଘଟଣ ଘଟିଲେ ଉପେକ୍ଷିତ ହୋଇଥିବା କର୍ମଟି ଦାଉ ସାଧିବାର ଭୟ ରହିଛି । ତେଣୁ ନୂଆ ଘର କରିବା ପୂର୍ବରୁ ଭୂମିପୂଜନ, ଗୃହ ପ୍ରବେଶ ପୂର୍ବରୁ ଘରପ୍ରତିଷ୍ଠା ଏବଂ ବିଭିନ୍ନ ସଂସ୍କାର କାର୍ଯ୍ୟରେ ମନ୍ତ୍ରୋଚାର, ବିସମିଲ୍ଲାହ ଅର୍‌-ରହମାନ୍ ଅର୍‌-ରହିମ୍ କିମ୍ବା ବ୍ଲେସିଙ୍ଗସ୍ ଭଳି ପୁରାତନ ପ୍ରଥାକୁ ମାନି ଆମେ ଚଳୁ ।

ସେହିପରି ଆଦିବାସୀ ସମାଜରେ ମଧ୍ୟ ଚଳଣି, ରୀତିନୀତିକୁ ମାନି ନାନାଦି ସଂସ୍କାର କାର୍ଯ୍ୟ କରୁଥିବାର ଦୃଷ୍ଟିଗୋଚର ହୁଏ । ସେମାନଙ୍କ ବିଶ୍ୱାସ ଅନୁସାରେ ହିତକାରୀ ସହିତ ଅନିଷ୍ଟକାରୀ ଦେବଦେବୀ ମଧ୍ୟ ରହିଛନ୍ତି । ସେ ସମସ୍ତଙ୍କୁ ତୁଷ୍ଟକରି ରଖିବାପାଇଁ ବିଭିନ୍ନ ଅବସର ନେଇ ତାଙ୍କୁ କୁକୁଡ଼ା, ଛେଳି, ମେଣ୍ଢା, ଘୁଷୁରି, ପାରା, ବତକ ଆଦି ବଳି ଦିଆଯାଏ । ଆର୍ଯ୍ୟ ସମାଜରେ ପୂଜକର ଭୂମିକା ବ୍ରାହ୍ମଣ ମାନେ ନିର୍ବାହ କରୁଥିବା ବେଳେ ଆଦିବାସୀ ସମାଜରେ ଗୃହରେ ମୁରବୀ, ଗ୍ରାମରେ ଦେହୁରୀ ଏବଂ ରୋଗବ୍ୟାଧି ବେଳେ ତାନ୍ତ୍ରିକ ଚିକିତ୍ସା ପାଇଁ ଗୁଣିଆ ପୂଜାକରେ । ସାନ୍ତାଳ ମାନଙ୍କ କ୍ଷେତ୍ରରେ ଗ୍ରାମର ଦେହୁରୀ ହେଉଛି 'ନାଏକେ', ଗ୍ରାମସୀମାର ଦେବଦେବୀ ପାଇଁ 'କୁଡାମ୍‌ନାଏକେ' ଏବଂ ତାନ୍ତ୍ରିକ ଉପଚାର ପାଇଁ 'ଅଝା' କାର୍ଯ୍ୟକରେ । ସାନ୍ତାଳ ଗ୍ରାମ ମାନଙ୍କରେ

ରହୁଥିବା ଗ୍ରାମବାସୀ ମାନେ ପରସ୍ପର ମଧ୍ୟରେ ଉ ମ ବୁଝାମଣା ରକ୍ଷା କରୁଥିବାରୁ ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟକ୍ରମରେ ଗ୍ରାମ ଗୋଟାଏ ଏକକ ହୋଇଯାଏ । ଏଥିପାଇଁ ଗ୍ରାମରେ ସୁନ୍ଦର ବ୍ୟବସ୍ଥା ମଧ୍ୟ ରହିଛି । ପ୍ରତିବର୍ଷ ମାଘମାସରେ ଗ୍ରାମରେ ଏକ ମୁଖିଆ ବା 'ମାଝୀ' କୁ ନିର୍ବାଚନ କରାଯାଏ । ତାକୁ ସହଯୋଗ କରିବା ପାଇଁ ଉପମୁଖ୍ୟ 'ଜଗ୍‌ମାଝୀ', ସହ ଉପମୁଖ୍ୟ 'ପାରାନିକ୍', ଡାକୁଆ 'ଗଡେତ୍' ଏବଂ ପୂଜାକର୍ମ କରିବା ପାଇଁ 'ନାଏକେ' ଙ୍କୁ ବଛାଯାଏ । ଏମାନଙ୍କୁ ଗ୍ରାମ ପ (ଆତୁମଣେହଲ)କୁହାଯାଏ । ଏମାନଙ୍କର କାର୍ଯ୍ୟକାଳ ଅତିକମ୍‌ରେ ଏକବର୍ଷ ରହେ । ପାରିବାରିକ କାର୍ଯ୍ୟଠାରୁ ଆରମ୍ଭ କରି ଗ୍ରାମର ବିଭିନ୍ନ ସାମୂହିକ କାମ ମାନଙ୍କରେ ଏମାନେ ତ ୍ୱାବଧାରକ ସାଜନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଏହି ଯେ ସାନ୍ତାଳ ବ୍ୟବସ୍ଥା ଅନୁସାରେ ଜନ୍ମ ସଂସ୍କାର, ବିବାହ, ଶବସତ୍କାର, ଶ୍ରାଦ୍ଧ ଭଳି କର୍ମମାନ କେବଳ ସେହି ପରିବାର ବା ବଂଶର ହୋଇ ରହେ ନାହିଁ । ବରଂ ସେସବୁ ଗ୍ରାମମୁଖ୍ୟର ପ୍ରତ୍ୟକ୍ଷ ଦେଖରେଖରେ ସାଧିତ ହୁଏ । ଏସବୁଥିରେ ଗ୍ରାମମୁଖ୍ୟ ସାନ୍ତାଳ ବିଧି ମୁତାବକ ସବୁ କରାଏ । ଏଥିରେ ପ୍ରତିଘରୁ ଅନ୍ତତଃ ପକ୍ଷେ ଜଣେ ଉପସ୍ଥିତ ରହିବା ବାଧ୍ୟତାମୂଳକ । ବିଭିନ୍ନ ପର୍ଯ୍ୟାୟର କାମପାଇଁ ଏହି ଗ୍ରାମପ ଆବଶ୍ୟକୀୟ ଦ୍ରବ୍ୟାଦି ଗୃହସ୍ୱାମୀଙ୍କୁ ଯୋଗାଡ଼ କରାଏ । ତେଣୁ ସାନ୍ତାଳ ମାନଙ୍କ କ୍ଷେତ୍ରରେ ଅଧିକାଂଶ କାର୍ଯ୍ୟ ଗ୍ରାମବାସୀହିଁ କରନ୍ତି । ଗୃହସ୍ୱାମୀ ଏଥିରେ ନିମି ମାତ୍ର ।

ସାନ୍ତାଳ ମାନଙ୍କର ବ୍ୟକ୍ତିଗତ ଓ ଗୋଷ୍ଠୀଗତ କାର୍ଯ୍ୟ ନିର୍ବାହ ନିମି ନିଜସ୍ୱ ରୀତିନୀତି ରହିଛି । ସେସବୁକୁ ଜାଣିବା ପାଇଁ ନିମ୍ନରେ ତାର ଅବତାରଣା କରାଗଲା ।

**ଜନ୍ମ ସଂସ୍କାର**

ସନ୍ତାନ ପ୍ରାପ୍ତି ଗୋଟିଏ ପରିବାର ପାଇଁ ଖୁସିର କଥା । କାରଣ ନୂତନ ସଦସ୍ୟ ପରିବାରକୁ ଆସେ । କିନ୍ତୁ ସାନ୍ତାଳ ବିଶ୍ୱାସ ଅନୁସାରେ ସନ୍ତାନ ଜନ୍ମନେଲେ ପରିବାର ସହିତ ଗ୍ରାମ ଅଶୁଦ୍ଧ ହୋଇଯାଏ । ତେଣୁ ଗ୍ରାମ୍ୟ ବ୍ୟବସ୍ଥା ଅନୁସାରେ ତା'ର ସଂସ୍କାର କାର୍ଯ୍ୟ ଗ୍ରାମବାସୀଙ୍କୁ ନେଇ କରିବାକୁ ପଡ଼େ । ସଚରାଚର ଜନ୍ମର ସଂସ୍କାର କାର୍ଯ୍ୟରେ ଗୋଟିଏ ହାଣ୍ଡିରେ ରନ୍ଧା ହାଣ୍ଡିଆ ଗ୍ରାମବାସୀ ଆବଶ୍ୟକ କରିଥାଆନ୍ତି । ଆଉ ହାଣ୍ଡିଆ ପ୍ରକ୍ରିୟାକରଣରେ ତିନିଦିନ ଲାଗୁଥିବାରୁ ସେଭଳି କାମକୁ ତିନିଦିନ ଘୁ ।ଇ ଦିଆଯାଏ । ବିଶେଷ ପରିସ୍ଥିତିରେ ଚାଉଳଧୁଆ ପାଣିରେ ଜନ୍ମ ସଂସ୍କାର କାର୍ଯ୍ୟକୁ ଦିନେ ଦୁଇଦିନ ମଧ୍ୟରେ ତୁଲାଇ ଦିଆଯାଏ ଏବଂ ପରେ କେବଳ ପିଇବା ନିମି ଗୃହସ୍ୱାମୀଠାରୁ ହାଣ୍ଡିଆ ଆଦାୟ କରାଯାଏ ।

ଜନ୍ମ ସଂସ୍କାରରେ ଧାଇବୁଢୀର ମୁଖ୍ୟ କାମ ରହିଛି । ସେ ପ୍ରସୂତିର ପ୍ରସବ ବେଳଠାରୁ ନିୟୋଜିତ ଥାଏ । ପ୍ରସବ ପରେ ଶିଶୁକୁ ସେ ଗାଧୋଇ ଦେବା ସହିତ ପ୍ରସୂତିର ଲୁଗାପଟା ଧୋଇଦିଏ । ଜନ୍ମ ସଂସ୍କାର ଦିନ ଶିଶୁକୁ ଲଣ୍ଡା କଲାବେଳେ କୋଳରେ ଧରି ବସେ । ଶିଶୁର କିଛି ଚୁଟିକୁ ଦନାରେ ନେଇ ସ୍ତ୍ରୀଲୋକ ମାନଙ୍କ ସହିତ ଘାଟପୂଜା କରେ । ତାହାପରେ ସେମାନେ ମୁଣ୍ଡରେ ଚିକିଟାମାଟି, ଦେହରେ ତେଲ ଲଗାଇ ସ୍ନାନ କରନ୍ତି । ଘାଟପୂଜା ପାଇଁ ବାହାରିବା ପୂର୍ବରୁ ଗ୍ରାମର ଗଡେତ୍ ବା ଡାକୁଆର ସ୍ତ୍ରୀ ସମସ୍ତଙ୍କୁ ଦନାରେ ତେଲ ଧରାଇ ଦେଇଥାଏ । ପୁରୁଷ ଲୋକମାନେ ମଧ୍ୟ ସେହିରୂପେ ଜଳାଶୟରୁ ଗାଧୋଇ ଆସନ୍ତି । ତାହାପରେ ସମସ୍ତଙ୍କୁ

ହାଣ୍ଡିଆ ପିଇବାକୁ ଦିଆଯାଏ । ସମସ୍ତେ ହାଣ୍ଡିଆ ପିଇ ସାରିବା ପରେ କୁଶ ଘାସର ଚେରକୁ ବାଟି ଚାଉଳ ଚୁନା ସହିତ ଗୋଳାଇ ସେଥିରେ ଗୃହ ଅଗଣା ଏବଂ ଶିଶୁ ଜନ୍ମ ନେଇଥିବା ଘରକୁ ଧାଇବୁଢୀ ଛି୍ ସେସବୁକୁ ପବିତ୍ର କରେ । ଉପସ୍ଥିତ ସମସ୍ତ ଲୋକ ସହିତ ଶିଶୁକୁ ମଧ୍ୟ ସେଥିରେ ଛି୍ ଦିଆଯାଏ । ତାହାପରେ ପରିବାର ଦ୍ୱାରା ଆଗରୁ ନିର୍ଦ୍ଧାରଣ କରାଯାଇଥିବା ନାମ ଶିଶୁକୁ ଦିଆଯାଏ । ଧାଇବୁଢୀ ଶିଶୁକୁ କୋଳରେ ନେଇ ସମସ୍ତ ଉପସ୍ଥିତ ଗ୍ରାମବାସୀଙ୍କ ସହିତ ପରିଚୟ କରାଏ । ଏହି ନାମକରଣ ନିଆରା ଢଙ୍ଗରେ କରାଯାଏ । ଜନ୍ମିତ ଶିଶୁ ପୁଅ ହୋଇଥିଲେ ଜେଜେବାପାର ଏବଂ ଝିଅ ହୋଇଥିଲେ ଜେଜେମାଆର ନାମରେ ନାମିତ ହୁଏ । ଦ୍ୱିତୀୟ ପୁଅ କିମ୍ବା ଝିଅ କ୍ଷେତ୍ରରେ ତାହା ଅଜା ଏବଂ ଆଈର ନାମକୁ ବହନ କରେ । ସେଥିରୁ ଅଧିକ ହେଲେ କକେଇ, ଦଦେଇ,ମାମୁ କ୍ରମରେ ତାହା ଚାଲେ ।

ଏହି ନାମକରଣ ପରେ ଶିଶୁକୁ ଧାଇବୁଢୀ ମାଆ କୋଳକୁ ପୃଥକ ଢଙ୍ଗରେ ଟେକିଦିଏ । ସେ ଏରୁଣ୍ଡି ବାହାରେ ଠିଆ ହୋଇ ଘରଭିତରେ ଥିବା ମାଆ କୋଳକୁ ଶିଶୁକୁ ବଢାଏ । ଶିଶୁର ମାଆ ତିନୋଟି ଅସନ ପତ୍ର ହାତ ପାପୁଲିରେ ଧରି ଶିଶୁକୁ ଗ୍ରହଣ କରେ । ଏହାରି ମାଧ୍ୟମରେ ତିନୋଟି ଉଦ୍ଦେଶ୍ୟ ସମ୍ପାଦିତ ହୁଏ । ପ୍ରଥମତଃ ଶିଶୁ ଗ୍ରାମର ସଦସ୍ୟତା ହାସଲ କରେ । ଦ୍ୱିତୀୟତଃ ତା'ର ପ୍ରବେଶ ପିତାର ଗୋତ୍ରକୁ ହେବା ସହିତ ସେ ଗୃହଦେବତାର ଆଶୀର୍ବାଦ ପାଏ । ତୃତୀୟତଃ ନାମକରଣ ମାଧ୍ୟମରେ ସେ ସାମାଜିକ ପରିଚୟ ପାଏ ।

ଅଧିକାଂଶ କ୍ଷେତ୍ରରେ ଶିଶୁ ଦୁଇଗୋଟି ନାମ ବହନ କରେ । ଗୋଟାଏ 'ଭିତିର୍ ଞ୍ଜୁତୁମ୍' ଓ ଅନ୍ୟଟି 'ବାହ୍‌ରେ ଞ୍ଜୁତୁମ୍' । ସାନ୍ତାଳ ପ୍ରଥା ଅନୁସାରେ ବୋହୁମାନେ ଶାଶୁ ଶ୍ୱଶୁରରଙ୍କର , ଦେଢଶ୍ୱରର, ଦେଢଶାଶୁର ନାମ ନେବା ନିଷେଧ । ତେଣୁ ତାଙ୍କର ସୁବିଧା ପାଇଁ ବାହ୍‌ରେ ଞ୍ଜୁତୁମ୍ ବା ଡାକନାମ ରଖା ଯାଇଥାଏ ।

କୌଣସି ବ୍ୟକ୍ତିକୁ ବାଘ ଖାଇଥିଲେ, ସର୍ପଦଂଶନରେ ମୃତ୍ୟୁ ବରଣ କରିଥିଲେ, ଆତ୍ମହତ୍ୟା କରିଥିଲେ କିମ୍ବା କୁଷ୍ଠରୋଗ ହୋଇଥିଲେ ସେହିନାମ ଲୋପପାଏ । ସେହିବଂଶରେ କାହାରିକୁ ଆଉ ସେହିନାମ ଦିଆଯାଏ ନାହିଁ ।

**ବିବାହ ସଂସ୍କାର**

ପ୍ରାପ୍ତ ବୟସ୍କ ହେଲେ ଦାମ୍ପତ୍ୟ ଜୀବନ ଜିଇଁବା ପାଇଁ କେବଳ ମନୁଷ୍ୟ କାହିଁକି ଜୀବଜନ୍ତୁ, ପଶୁପକ୍ଷୀ, କୀଟପତଙ୍ଗ ମାନେ ସାଥୀଟିଏ ଆବଶ୍ୟକ କରନ୍ତି । ତଫାତ୍ ଏତିକି ଯେ ଅନ୍ୟମାନଙ୍କ ପାଇଁ କେବଳ ମନର ମିଳନ ବା ସମ୍ମତି ମୁଖ୍ୟ ହୋଇଥିବା ବେଳେ ମନୁଷ୍ୟ କ୍ଷେତ୍ରରେ ଜାତକ ମିଳନ, ଶୁଭାଶୁଭର ବିଚାର, ଶୁଭଲଗ୍ନ ନିର୍ଣ୍ଣୟ ଭଳି ନାନାଦି ନୀତି ମଧ୍ୟଦେଇ ଏହା ଗତିକରେ । କିନ୍ତୁ ସାନ୍ତାଳ ମାନେ ଜାତକ, ପଞ୍ଜିକା ଆଦି ଉପରେ ଆସ୍ଥା ନ ରଖି ଦୈବ ଇଙ୍ଗିତକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି । ନିଜ ନିଜର ସୁବିଧା ସୁଯୋଗ ଦେଖି ସେମାନେ କାମ ଅନୁକୂଳ କରନ୍ତି ଏବଂ ସେଥିରେ କିଛି ଅଶୁଭ ହେଲା କି ନାହିଁ, ତା'ର ବିଚାର ସେହି ସାକ୍ଷାତରେ ହିଁ ଦୁଇପକ୍ଷ ବସି ଆଲୋଚନା କରନ୍ତି । ଅତିଥି ପହ୍ ବା ପରେ ଲୋଟାପାଣି ଦେଇ ଜୁହାର ପରେହିଁ ଆଗ କୁଶଳ ବା ୍ ପଚାରିବା ଅବସରରେ ତାହାର ସମୀକ୍ଷା ହୁଏ । ସେଥିମଧ୍ୟରୁ ପୂଜାପାଠ ମାଧ୍ୟମରେ କିଛିକୁ ସୁଧାରି ପାରିବା

ଭଳି ଥିଲେ ତାହାର ଦୂରୀକରଣ କରାଯାଏ, ଅନ୍ୟଥା ସେମାନେ ପ୍ରସ୍ତାବକୁ ସେଇଠାରେ ନାକଚ କରି ଦିଅନ୍ତି । ସବୁକିଛି ଠିକ୍‌ଥିଲେ ବରବଧୂର ପସନ୍ଦ ଅପସନ୍ଦ ସହିତ ଘରଦ୍ୱାର ଦେଖାଦେଖି ପରେ ସେମାନେ ଚୂଡାନ୍ତ ନିର୍ଣ୍ଣୟ ନିଅନ୍ତି । ଉଭୟ ପକ୍ଷର ବା ର୍ତ୍ତାବାହୀ ରୂପେ ଏକ ମଧ୍ୟସ୍ଥ ବା 'ରାୟ୍‌ବାର୍' ନିଯୁକ୍ତ ହୁଏ । ଆଲୋଚନା ବେଳେ ସେ ଉପସ୍ଥିତ ରହି ସମ୍ପର୍କକୁ ସୁଦୃଢ଼ କରାଏ ।

ସାନ୍ତାଳ ବିବାହରେ ଅନେକ ରୀତିନୀତି ପ୍ରତିପାଳିତ ହୁଏ । ଉଭୟପକ୍ଷ ରାଜି ହେବାପରେ ଲଗ୍ନଧରା ଦିନ ଗ୍ରାମବାସୀ ଗୁଆ ପ୍ରସ୍ତୁତ କରନ୍ତି । ପାରିବାରିକ ବନ୍ଧୁଙ୍କୁ ନିମନ୍ତ୍ରଣ ସେମାନେ ଗୁଆ ପଠାଇ କରନ୍ତି ନାହିଁ । ଗୁଆ ସ୍ଥାନରେ ଅରୁଆ ଚାଉଳକୁ ସୂତାରେ ବାନ୍ଧି ହଳଦୀ ଗୋଳାଇ ଶାଳପତ୍ରରେ ସେମାନେ ପଠାନ୍ତି । ତାହା ଗ୍ରାମବାସୀଙ୍କ ଦ୍ୱାରା ପଠାଯାଏ । ସାନ୍ତାଳ ଗ୍ରାମର ବନ୍ଦୋବସ୍ତ ଅନୁସାରେ ଯେଉଁମାନେ ଗୁଆନେଇ ଯାଆନ୍ତି, ସେମାନଙ୍କୁ ଗୋଟାଏ ପଟର ଭଡ଼ା ଦିଆଯାଏ । ଆସିବା ଭଡ଼ା ସେମାନେ ନିଜେ ବହନ କରନ୍ତି । ତେଣୁ ଯାହାର ଗୁଆ ବା ିବା ପାଳି ପଡ଼େ ସେ ନିଜେ ସେହି ବ୍ୟବସ୍ଥା କରେ ।

ତାହାପରେ ବିବାହ ପୂର୍ବଦିନରୁ ଗ୍ରାମବାସୀ ମାନେ ବିଭିନ୍ନ କାର୍ଯ୍ୟ ପାଇଁ ଦାୟିତ୍ୱ ଅନୁରୂପେ ଉପସ୍ଥିତ ହୁଅନ୍ତି । ପ୍ରଥମେ ଘର ଅଗଣାରେ ଗ୍ରାମର ଡାକୁଆ ଯୁବକ ମାନଙ୍କୁ ଏକତ୍ର କରି ଛାମୁଡ଼ିଆ ନିର୍ମାଣ କରାଏ । ତାହା ଡାଳରେ ଛାଉଣି ହୁଏ । ସେହି ଛାମୁଡ଼ିଆ ତଳେ ଏକବେଦୀ ତିଆରି ହୁଏ । ତିନୋଟି ଅନୁଢ଼ା କନ୍ୟା ଡାକୁଆର ସ୍ତ୍ରୀ ଦ୍ୱାରା ଏହି ବେଦୀ କରନ୍ତି । କନ୍ୟାଗୃହରେ ଶାଳ ସହିତ ମହୁଲ ଡାଳ ପୋତି ତାକୁ ବେ ିରେ ଗୁଡ଼ାଇ ମାଟି ଲେପି ଦିଆଯାଏ । ସେହି ଅନୁରୂପେ ବରଘରେ ଶାଳ ଡାଳ ସହିତ ଆମ୍ବଡାଳର ବେଦୀ ହୁଏ । ସେହିଦିନ ସନ୍ଧ୍ୟାବେଳେ 'ଦାଃବାପ୍ଲା' ବା ପାଣି ବିବାହ ପର୍ବ ସମ୍ପାଦିତ ହୁଏ । ବର ଏବଂ କନ୍ୟା ଉଭୟ ଗ୍ରାମରେ ତାଙ୍କର ଭାଉଜ ମାନଙ୍କର ସହାୟତାରେ ଅନୁଢ଼ା କନ୍ୟାମାନେ ତିନୋଟି ମାଠିଆରେ ପାଣି ଆଣନ୍ତି । ସେତେବେଳେ ଭାଉଜ ହାତରେ ଧନୁଶର ଓ ଖଣ୍ଡା ଶୋଭାପାଏ । ସେହି ପାଣିରେ ବରଘରେ ବରକୁ ଏବଂ କନ୍ୟାଘରେ ସେହିପ୍ରକାରେ ଅଣା ହୋଇଥିବା ପାଣିରେ କନ୍ୟାକୁ ଗାଧୋଇ ଦିଆଯାଏ । ସେଥିରେ ମଧ୍ୟ ଅଲଗା ରୀତି ରହିଛି । ଗାଧୋଇବା ନିମି   ପ୍ରାୟ ପା  ଫୁଟ ଲମ୍ବର ଏକ ଗାତ ପୂର୍ବରୁ ପଶ୍ଚିମକୁ ଖୋଳାଯାଏ । ତହିଁ ଉପରେ ଜୁଆଳି ରଖି ତିନିକୋଣରେ ତିନିଗୋଟି କଦଳୀ ଗଛ ପୋତା ଯାଉଥିବା ବେଳେ ଆଉ ଏକ କୋଣରେ ତୀର ପୋତାହୁଏ । ସେ ସମସ୍ତ କଦଳୀ ଗଛ ଏବଂ ତୀରକୁ ସାତଖିଅ ସୂତାରେ ଗୁଡ଼ାଯାଏ । ତାପରେ ବର ଏବଂ କନ୍ୟାକୁ ନିଜନିଜ ଗ୍ରାମରେ ତାଙ୍କର ପିତମାତା ସହିତ ଜୁଆଳି ଉପରେ ଠିଆ କରାଇ ତାଙ୍କର ମୁଣ୍ଡ ଉପରେ ଜଣେ ଖଣ୍ଡା ସଳଖକରି ଧରେ । ତାରି ଉପରେ ପ୍ରଥମେ ତେଲ ଢଳା ହୁଏ । ତାହାପରେ ପାଣି ଢାଳି ତାଙ୍କୁ ଗାଧୋଇ ଦିଆଯାଏ । ଏତକ ସରିଲେ 'ଜଲ୍ ଅଜଃ' ବା ଯୋଡ଼ିମଖା କାର୍ଯ୍ୟକ୍ରମ ଚାଲେ । ଶୁଭର ସନ୍ତକ ରୂପରେ ଅତିକମ୍‌ରେ ତିନି, ପା   କିମ୍ବା ସାତଗୋଟି ଦମ୍ପ ିକୁ ତେଲହଳଦୀ ଲଗାଇବା ହେଉଛି ଏହି ଯୋଡ଼ିମଖା । ଗ୍ରାମମୁଖ୍ୟ ସବୁକ୍ଷେତ୍ରରେ ଅନୁକୂଳ କାମ କରୁଥିବା ବେଳେ ଯୋଡ଼ିମଖା ବେଳେ ଗ୍ରାମର ପୂଜକ ନାଏକେଙ୍କୁ ପ୍ରଥମେ ସସ୍ତ୍ରୀକ ତେଲ ହଳଦୀ ମାଖି ନୂତନ ବସ୍ତ୍ର ଦିଆଯାଏ । ତାଙ୍କପରେ ଗ୍ରାମପ   ଓ ମାତାପିତା ମାନଙ୍କର ପାଳି ପଡ଼େ ।

କନ୍ୟା ଗ୍ରାମର ଦୂରତ୍ୱ ଅନୁସାରେ ବର ଏବଂ ବରକୁଳିଆ ମାନେ ବିବାହ ପାଇଁ ବାହାରିବା ସମୟ ଧାର୍ଯ୍ୟକରି କନ୍ୟାଗ୍ରାମକୁ ଯାଆନ୍ତି । ସେ ବାହାରିବା ପୂର୍ବରୁ ତିନୋଟି ଶାଳପତ୍ର ଡେଙ୍ଫ ମାଆକୋଳରେ ବସି ଚୋବାଏ । ତାକୁ ଗୁଣ୍ଡକରି ମାଆ ହାତରେ ଦେଲେ କିଛି ଗୁଡ଼ ମିଶାଇ ମାଆ ତାକୁ ଖାଏ । ତାହାପରେ ବେଦୀ ନିକଟରେ ବସି ଡାହାଣ ହାତ ମଣିବନ୍ଧରେ ସେ 'କାକ୍‌ନା' ବାନ୍ଧେ । ଏହି କାକ୍‌ନା ଧାନରୁ ସଦ୍ୟ ଚୋପା ଛଡ଼ା ହୋଇଥିବା ଚାଉଳ, ହଳଦୀ ଓ ଦୁବଘାସକୁ ଶାଳପତ୍ରରେ ବାନ୍ଧି କରାଯାଇଥାଏ । ତାହା ଏକ ପ୍ରକାରର ସୁରକ୍ଷା କବଚ ଅଟେ ଯାହା ସେ କନ୍ୟାକୁ ଆଣି ଫେରିବା ପର୍ଯ୍ୟନ୍ତ ବନ୍ଧା ହୋଇରହେ । ଏହାପରେ ଯାତ୍ରାରମ୍ଭ ହୁଏ ଏବଂ ଠିକ୍ ପାହାନ୍ତିଆ ବେଳେ ସେମାନେ କନ୍ୟାଗ୍ରାମରେ ପହ ନ୍ତି । ଗ୍ରାମମୁଖ୍ୟ ତାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଏକ ଶୋଭାଯାତ୍ରାରେ ଗ୍ରାମ ମଧ୍ୟକୁ ପାଛୋଟି ନିଏ । କନ୍ୟାଗୃହରେ ବରକୁ ପୁଣି ଦେଢଶାଶୁ ଗାଧୋଇ ଦେବାପରେ ନୂତନ ବସ୍ତ୍ର 'ସିନ୍ଦୂର୍‌ଲୁଗ୍‌ଲି' ଦିଏ ପିନ୍ଧିବାକୁ । ଏହିପର୍ବ ସରିଲେ ବରପକ୍ଷର ଯୁବକମାନେ କନ୍ୟାକୁ ଏକ ବାଉଁଶ ନିର୍ମିତ ଡାଲା ଦାଉଳାରେ ବସାଇ ଟେକି ଟେକି ଆଣନ୍ତି । ଗ୍ରାମଦାଣ୍ଡରେ ବର ତାର ଭିଣୋଇ କିମ୍ବା ପିଉସା କାନ୍ଧରେ ବସି କନ୍ୟାକୁ ଆମ୍ବଡାଳରେ ତିନିଥର ପାଣି ଛିଟେ । କନ୍ୟା ମଧ୍ୟ ସେପରି କଲାପରେ ବର ପ୍ରଥମେ କିଛି ସିନ୍ଦୂର ବସୁମତୀ ନାମରେ ଭୂମିରେ ପକାଇ କନ୍ୟାର ସିନ୍ଥିରେ ତିନିଥର ବୋଳିଦିଏ । ଏତିକିବେଳେ ବରପକ୍ଷର ଯୁବକମାନେ 'ହିର୍ଲାମାରାଂବୁରୁ' ଧ୍ୱନି ଦେଇ ଗୀତ ବୋଲିଥାଆନ୍ତି । ତାହାପରେ ଖିଆପିଆ ପର୍ବଚାଲେ । ଅପରାହ୍‌ଣ ବେଳକୁ ବରକନ୍ୟାକୁ ବେଦୀରେ ବସାଇ ବନ୍ଦାପନା କରାଯାଏ । ଏହି ସମୟରେ ଉପହାର ଉପଢୌକନ ଆଦି କାହାର କିଛି ଦେବାର ଥିଲେ ଦିଆଯାଏ । କନ୍ୟାଗ୍ରାମର ଗ୍ରାମମୁଖ୍ୟ ବରପକ୍ଷରୁ କନ୍ୟାପଣ ବାବଦକୁ ଯାହାଯାହା ପାଇବାର ଥାଏ ତାହା ଗଣି ପରଖି ରଖେ । ତତ୍‌ପରେ ତାଙ୍କୁ ବିଦାୟ ଦିଆଯାଏ । ବର ଗ୍ରାମରେ ମଧ୍ୟ ବରକନ୍ୟାକୁ ଶୋଭାଯାତ୍ରାରେ ନିଆଯାଏ । ସେଠାରେ କନ୍ୟାକୁଳିଆ ମାନଙ୍କୁ ପଣବଳଦ ଚିହ୍ନେଇ ଦିଆହୁଏ । ତତ୍‌ପରେ ଖିଆପିଆ ଓ ବନ୍ଦାପନା କାର୍ଯ୍ୟଚାଲେ । ବାହାଘର ଏତିକିରେ ଶେଷ ହୁଏନାହିଁ । କନ୍ୟାକୁଳିଆ ସହିତ ବରକନ୍ୟାଙ୍କୁ ପୁଣି ଫେରିବାକୁ ହୁଏ । ସେଠାରେ ବରକନ୍ୟାର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଛେଳିବଳି ଦେଲେ ବିବାହ କାର୍ଯ୍ୟର ପରିସମାପ୍ତି ଘଟେ । ଏହାକୁ 'ଚାଡ଼ିକୁଟାମ୍' କୁହାଯାଏ । ଏହାରି ମାଧ୍ୟମରେ ବରର ପରିଚୟ କନ୍ୟାଗୃହର ପିତୃପୁରୁଷ ତଥା ଗୃହ ଦେବତା ସହିତ ହୁଏ । ତେଣୁ ପୂଜାପର୍ବରେ ସେ ଠାକୁରଘର ବା ଭିତାର୍‌କୁ ପ୍ରବେଶ କରିବାର ଅଧିକାର ପ୍ରାପ୍ତ ହୁଏ ।

**ଶବସତ୍କାର**

ପୃଥିବୀରେ ଜନ୍ମ ନେଉଥିବା ସମସ୍ତ ଜୀବ ମୃତ୍ୟୁବରଣ କରିବା ଧୃବସତ୍ୟ । ସାନ୍ତାଳମାନେ କାହାରି ମୃତ୍ୟୁହେଲେ ସିଧାସଳଖ ଶ୍ମଶାନକୁ ଶବସତ୍କାର ପାଇଁ ନ ନେଇ ଏକ ପ୍ରଥା ମଧ୍ୟଦେଇ ତାକୁ ବିଦାୟ ଦିଅନ୍ତି । ତେଣୁ ଗ୍ରାମରେ କାହାରି ମୃତ୍ୟୁହେଲେ ଏ ସମ୍ପର୍କରେ ପ୍ରଥମେ ଗ୍ରାମମୁଖ୍ୟଙ୍କୁ ଜଣାଇବାକୁ ପଡ଼େ । ଗ୍ରାମମୁଖ୍ୟ ଗ୍ରାମର ଡାକୁଆ ଗଡ଼େତ୍‌କୁ ପଠାଇ ପ୍ରତିଘରେ ଖବର ଦିଏ । ତାଙ୍କଠାରୁ ଶବ ସତ୍କାରର ପ୍ରକାର ଦାହ ଅଥବା ପୋତା ସମ୍ପର୍କରେ ଜାଣି ରଖନ୍ତି । ଦାହ ସଂସ୍କାର ହେବାର ଥିଲେ କାଠରଳା କାନ୍ଧରେ ବୋହି ସେମାନେ ମୃତକ ଘରେ ଉପସ୍ଥିତ ହୁଅନ୍ତି । ପ୍ରାୟ ପ୍ରତିଘରୁ ନାରୀମାନେ ମଧ୍ୟ କାନ୍ଦିକାନ୍ଦି ସେଠାରେ ପହ ନ୍ତି । ସମସ୍ତେ ପହ ୍ଲା

ପରେ ନାରୀମାନେ ଶବକୁ ଜଣଜଣ ହୋଇ ହଳଦୀ ଲଗାଇ ଦିଅନ୍ତି । ଏହି କ୍ରିୟା ସରିଲେ ଶବକୁ ଅଗଣାକୁ ଅଣାଯାଏ । ସେଠାରେ ଗୃହଶିରୀ ହସ୍ତାନ୍ତର ପ୍ରକ୍ରିୟା ଗ୍ରାମମୁଖ୍ୟ କରାଏ । ମୃତକ ହାତରେ ଗ୍ରାମମୁଖ୍ୟ କିଛିଧାନ ଦେଇ ତାହା ପୁଣି ମୃତକର ପୁତ୍ର ଅଥବା ଗୃହର ମୁରବୀ ହାତରେ ଅଜାଡ଼ି ଦିଏ । ଏହାପରେ ଶବକୁ ବୋହି ଶ୍ମଶାନକୁ ନିଆଯାଏ । ସେଠାରେ ପରିବାରର ପୁରୁଷ ଲୋକମାନେ ମୃତକର ମୁହଁ ହାତ ଓ ଗୋଡ଼ରେ ହଳଦୀ ଲଗାଇ ଦିଅନ୍ତି । ମୃତକ ପାଇଁ ଚିତା ଉ ର ଦକ୍ଷିଣ ଦିଗ କରି ସଜ୍ଜିତ ହୁଏ । ତା ଉପରେ ଶବକୁ ଶୁଆଇ ଦିଆଯାଏ । ଶବର ମୁଣ୍ଡ ଦକ୍ଷିଣ ଦିଗକୁ ରହେ ଏବଂ ମୁଖାଗ୍ନି ଏକ ମହୁଲ ଡାଳ ବା କାଠି ସାହାଯ୍ୟରେ ଦିଆଯାଏ । ଶବଦାହ ପରେ ସମସ୍ତେ ସ୍ନାନ କରି ମୃତକ ଘରେ ଉପସ୍ଥିତ ହୁଅନ୍ତି । ତାହାପରର କ୍ରିୟା ହେଲା 'ତେଲ୍‌ନାହାନ୍' ବା ତେଲଛୁଆଁ ପର୍ବ । ଏହିପର୍ବ କେତେକ ଯାଗାରେ ସେହିଦିନ ହେଉଥିବା ବେଳେ କେତେକ ଯାଗାରେ ତୃତୀୟ ଦିନରେ ଏବଂ କେତେକ ଯାଗାରେ ଦଶ ଦିନରେ ଶୁଦ୍ଧିକ୍ରିୟା ହେବା ଅବସରରେ କରାଯାଏ । ଏଥିରେ ମୁଖ୍ୟ ରୂପରେ ମୃତବ୍ୟକ୍ତିର ଆତ୍ମାର ଗୃହପ୍ରବେଶ କରାଯାଏ, ମୃତକର ପରିବାରକୁ ତେଲଛୁଆଁଣି ଏବଂ ଆମିଷ ଛୁଆଁଣି ମଧ୍ୟ କରି ଦିଆଯାଏ । ଏଥିପାଇଁ ଗ୍ରାମମୁଖ୍ୟ ଦ୍ୱାରା ଦୁଇଜଣଙ୍କୁ ନିଯୁକ୍ତ କରାଯାଏ ଛୋଟକୁକୁଡ଼ା ମାରି ତାକୁ ମାଛ କିମ୍ବା ଶୁଖୁଆ ସହିତ ରାନ୍ଧିବା ପାଇଁ । ଏସବୁକୁ ସେମାନେ ଏକତ୍ର ରାନ୍ଧି ଆଉ ଏକ ହାଣ୍ଡିରେ କିଛି ଭାତ ରାନ୍ଧନ୍ତି । ରନ୍ଧାକାର୍ଯ୍ୟ ସରିଲେ ତିନୋଟି ଖଲିରେ ଭାତ ଏବଂ ତିନୋଟି ଖଲିରେ ତରକାରି ରାନ୍ଧି ତାକୁ ନେଇ ଗାଆଁ ମୁଣ୍ଡକୁ ଯାଆନ୍ତି । ସେଠାରେ ଦାନ୍ତ କାଠି ସାହାଯ୍ୟରେ ଛୋଟ କୁଡ଼ିଆ ନିର୍ମାଣ କରି ତାକୁ କୁଟାରେ ଛାଉଣି କରନ୍ତି । ତାହାରି ଭିତରେ ତିନୋଟି ଖଲି ଏବଂ ଦନାରେ ବଢା ହୋଇ ଆସିଥିବା ଭାତ ତରକାରିକୁ ମାରାଂବୁରୁ, ପୁରୁଧୁଲ ଏବଂ ମୃତକ ନାମରେ ରଖାଯାଏ । ତାହାପରେ ମୃତକ ଉଦ୍ଦେଶ୍ୟରେ ରଖା ହୋଇଥିବା ଭାଗକୁ କୁଲାରେ ରଖି କୁଡ଼ିଆରେ ଅଗ୍ନି ସଂଯୋଗ କରି ଘର ପୋଡ଼ିଗଲା ଚାଲିଆସ(ଅଲାଃତାମ୍ ଲୟେନା ମାର୍ ଅକାରେ ମେନାମା ହିଜୁଃମେ) କହି ସେଠାରୁ ଚାଲି ଆସନ୍ତି । ଏହିବେଳରେ ମରାଯାଇଥିବା କୁକୁଡ଼ାର ଡେଣା ଯାହାକୁ ନ ରାନ୍ଧି ପୃଥକ ଭାବରେ ରଖା ଯାଇଥାଏ, ତାହାକୁ ଏକ କାଠି ପିଞ୍ଚି ସେଥିରେ ବାନ୍ଧି ଆଗରେ ଆଗରେ ଜଣେ ଟାଣିଟାଣି ଚାଲେ । ତାପଛରେ କୁଲାଧରି ଚାଲୁଥିବା ଲୋକ ଲୋଟାରେ ଅଳ୍ପ ଅଳ୍ପ ପାଣି ପକାଇ ଚାଲେ । ଘରେ ପହ ୍ଲା ପରେ ଡେଣା ବନ୍ଧା ହୋଇଥିବା କାଠିକୁ ଘର ଚାଳ ଉପରକୁ ଫୋପାଡ଼ି ଦିଆଯାଏ । କୁଲାରେ ଥୁଆ ହୋଇଥିବା ଭାତକୁ ଘରର ଗୋଟାଏ କୋଣରେ ଶିକାରେ ଓହଳାଇ ଦିଆଯାଏ । ତାହାପରେ ଘରର ମୁରବୀକୁ ସସ୍ତ୍ରୀକ ଚାଳତଳେ ବସାଇ ପ୍ରଥମେ କରମାପତ୍ରର ଖଲିରେ ଭାତ ବାଢି ଦିଆଯାଏ । ସେମାନେ ନାମକୁ ମାତ୍ର ତିନିଥର ଓଠରେ ଛୁଆଁଇ ରଖି ଦିଅନ୍ତି । ନିଯୁକ୍ତ ହୋଇଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ପତ୍ର ସହିତ ସେ ସବୁକୁ ଉଠାଇ ହାଣ୍ଡିରେ ରଖେ । ପୁଣି ତାଙ୍କୁ ଶାଳଖଲି ଏବଂ ଦନାରେ ଭାତ ଓ ତରକାରି ବାଢି ଦିଆଯାଏ । ସେମାନେ ପୂର୍ବପରି ତିନିଥର ଉଠାଇ ରଖି ଦିଅନ୍ତି । ପୂର୍ବପରି ସେହି ଖାଦ୍ୟକୁ ଉଠାଇ ନିଆଯାଏ । ତହିଁପରେ ତାଙ୍କ ଉପରକୁ କୁଶଘାସର ଚେର ବା ଶରଗଛର ଚେରରେ ତେଲ ଓ ପାଣି ଛି ୍ ଦିଆଯାଏ । ଏତକ ସରିଲେ ପୁରୁଷ ଲୋକମାନେ ସାମାନ୍ୟ କ୍ଷଅର ହୋଇ ଦନାରେ ପତ୍ର, ପିଡ଼ିଆମିଶା ଚିକିଟା ମାଟି ନେଇ ଜଳାଶୟକୁ ଯାଆନ୍ତି । ଘାଟରେ ଗୃହସ୍ୱାମୀ ମାରାଂବୁରୁ, ମୃତକ ଓ ପିତୃପୁରୁଷ ଉଦ୍ଦେଶ୍ୟରେ ଦାନ୍ତକାଠି, ଚିକିଟା ମାଟି

ପୂଜାକରି ମନ୍ତ୍ରୋଚାର କରେ– 'ମା ତବେ ଫାଲ୍‌ନାଦ ବହଃ ପେରେଜ୍ ତରଜ୍ ମଚା ପେରେଜ୍ ମାୟାଂ ଆର ଲୁତୁର୍ ପେରେଜ୍ ଜବ୍‌ରା ତାହେଁକାନା, ନାଇଦାଃ ଗୁଚିହାସାତେ ଉମ୍‌କାତେ କଃଲେକା ବାଙ୍କ୍‌ଲେକାୟ ଫାର୍ଚାୟେନା । ଆମହଁ ସାଲାରେ ସାମୁଦରେ ଉମ୍‌କଃ ନାଲ୍‌କା କଃ ମେ । ବାଂ ଅଓ୍ୱାୟ ସାତେ ଅଓ୍ୱାୟ କୁଡ଼ାମ୍ କାତେ ତାଲା ଅଳାଃ ଆସନ୍‌ତେ ବଲ ହିଜୁଃମେ ।' ଅର୍ଥାତ୍ ଏହିଯେ ତେଲସ୍ନାନ ନାମରେ ଆମେ ଜଳାଶୟରେ ସ୍ନାନ କରି ନିଜକୁ ଶୁଦ୍ଧପୂତ କଲୁ, ତୁମେ ମଧ୍ୟ ହ୍ରଦରେ ସମୁଦ୍ରରେ ସ୍ନାନ କରି କାହା ଓଳି ତଳ କିମ୍ବା ଘର ବାଡ଼ି ପଛରେ ଅସହାୟ ଅବସ୍ଥାରେ ନ ରହି ମଝି ଘର ଆସନକୁ ସିଧା ଚାଲି ଆସିବ । ଏହିପୂଜା ସରିଲେ ମୃତକ ଘରର ସଦସ୍ୟ ମାନଙ୍କୁ ଦାନ୍ତକାଠି ଧରାଇ ଦିଆଯାଏ । ସେଥିରେ ଦାନ୍ତଘଷି ସେମାନେ ମୁଣ୍ଡକୁ ପିଡ଼ିଆମିଶା ଚିକିଟା ମାଟିରେ ଧୋଇ ଗାଧୁଅନ୍ତି । ସେହି ସ୍ନାନ ତେଲଛୁଆଁଣିର ଥିବାରୁ ଗୃହ ତରଫରୁ ଦିଆ ଯାଇଥିବା ତେଲକୁ ଗୃହର ସଦସ୍ୟ ସହିତ ସମସ୍ତ ଗ୍ରାମବାସୀ ମଧ୍ୟ ଲଗାନ୍ତି । ସେଇଠୁ ଫେରିଲା ପରେ ମୃତକ ଗୃହର ସଦସ୍ୟ ମାନଙ୍କୁ ଗ୍ରାମବାସୀ ମାନେ ନିଜନିଜ ଘରୁ ଖାଦ୍ୟ ଆଣି ଖୁଆଇ ଥାଆନ୍ତି ।

ତାହାପରେ ସୁବିଧା ଅନୁସାରେ ଶୁଦ୍ଧିକ୍ରିୟା କାର୍ଯ୍ୟ ହୁଏ । ସେଥିରେ ମୁଖ୍ୟ ରୂପରେ ମୃତକ ଉଦ୍ଦେଶ୍ୟରେ ବଳିପଡ଼େ । ଏହି ବେଳରେ ବନ୍ଧୁଘରୁ ଛେଳି କିମ୍ବା ମେଣ୍ଢା ନିହାତି ଆସେ । ଅନ୍ୟମାନେ ସାଧ୍ୟମତେ କୁକୁଡ଼ା ଛେଳି ଆଦି ଦେଇଥାଆନ୍ତି । ତାଙ୍କ ମତରେ ଏହିବଳି ମୃତାତ୍ମାକୁ ବଳଦେବା ଉଦ୍ଦେଶ୍ୟରେ ଦିଆଯାଏ । ଗୃହ ତରଫରୁ ପଡୁଥିବା ବଳିର ମାଂସକୁ ତିନିଭାଗ କରି ଦୁଇଭାଗ ଗ୍ରାମବାସୀ ନିଅନ୍ତି । 'ଭାଟ୍‌ବୁଷ୍ଟମ୍' ନାମରେ ବଳିର ମାଂସ ସହିତ ତିନୋଟି ଛୋଟ ହାଣ୍ଡିରେ ରନ୍ଧାମଦ, କାଠ, ଚାଉଳ, ତେଲ ମସଲା ସହ ସେମାନଙ୍କୁ ବିଦାୟ ଦେଲାପରେ ଅବଶିଷ୍ଟ ବଳିକୁ କଟାକଟି କରି ରାନ୍ଧିବାର ବ୍ୟବସ୍ଥା ହୁଏ । ସମସ୍ତ ବନ୍ଧୁବାନ୍ଧବଙ୍କୁ ମାଂସରାନ୍ଧି ଭୋଜିଭାତ ଦିଆଯାଏ ।

ମୃତ୍ୟୁ ସଂସ୍କାରର ଶେଷ କ୍ରିୟା ହେଉଛି ଅସ୍ଥି ବିସର୍ଜନ । ମୟୂରଭଞ୍ଜ ଜିଲ୍ଲାରେ ମକର ସଂକ୍ରାନ୍ତିର ତୃତୀୟ ଦିନରେ ସାମୂହିକ ଅସ୍ଥି ବିସର୍ଜନ ପର୍ବ ଅନୁଷ୍ଠିତ ହୁଏ । କଥିତ ଅଛି ସାନ୍ତାଳ ମାନଙ୍କର ଉତ୍ପି ରାଜହଂସର ଅଣ୍ଡାରୁ ହୋଇଥିଲା । ତେଣୁ ଅସ୍ଥି ବିସର୍ଜନ ଜଳରେ କଲେ ଆତ୍ମାର ପ୍ରବେଶ ଜୀବନଚକ୍ରରେ ହେବାର ବିଶ୍ୱାସ ରହିଛି । ସାନ୍ତାଳ ମାନେ ଅସ୍ଥିକୁ 'ଜାଙ୍‌ବାହା' ବା ଅସ୍ଥିପୁଷ୍ପ କହିଥାଆନ୍ତି । ଅର୍ଥାତ୍ ଦେହାବଶେଷ ହେଉଛି ପୁଷ୍ପ । ତାକୁ ପାଣିରେ ବିସର୍ଜିତ କଲେ ସେ ଫଳ ହୋଇ ମଞ୍ଜିରେ ପରିଣତ ହେବ, ମଞ୍ଜି ବୃକ୍ଷ ହୋଇ ଶରୀର ଧାରଣ କରିବ ।

ନାମକରଣ ହୋଇ ନ ଥିବା ଶିଶୁର ମୃତ୍ୟୁ ହେଲେ ତାର ଶୁଦ୍ଧିକ୍ରିୟା ହୁଏ ନାହିଁ । ମୃତ୍ୟୁ ଦିନରେହିଁ ତାର ସମସ୍ତ ପ୍ରକାରର କାର୍ଯ୍ୟକୁ 'ପାୟ୍‌ରା' ବା ପହଁରା କରି ଦିଆଯାଏ ।

### ଗ୍ରାମ୍ୟପୂଜା

ପୂର୍ବରୁ ବର୍ଣ୍ଣିତ ହୋଇସାରିଛି ସାନ୍ତାଳ ଗ୍ରାମଗୁଡ଼ିକରେ ବହୁ ପରିବାର ବସବାସ କରୁଥିଲେବି ତାହା କର୍ମକର୍ମାଣି କ୍ଷେତ୍ରରେ ଗୋଟାଏ ଏକକରେ ପରିଣତ ହୁଏ । ତେଣୁ ସାମ୍ପ୍ରଦାୟିକ ପୂଜା ଏବଂ ପର୍ବପର୍ବାଣି

କ୍ଷେତ୍ରରେ ସମସ୍ତ ଗ୍ରାମବାସୀ ଏକ ହୋଇଯାଆନ୍ତି । ସାନ୍ତାଳମାନେ ପ୍ରବଳ ଈଶ୍ୱରବିଶ୍ୱାସୀ ହୋଇଥିବାରୁ ବିଭିନ୍ନ ଅବସରରେ ଗ୍ରାମ୍ୟ ଦେବଦେବୀ ମାନଙ୍କର ଅନୁକମ୍ପା ଯାଚଞ୍ଚା କରନ୍ତି । ଏଥିନିମି  ସାନ୍ତାଳ ମାନଙ୍କର ଦୁଇଟି ପୂଜାକ୍ଷେତ୍ର 'ଜାହିରା' ଓ 'ଗସାଣେ' ରହିଛି । ତୃତୀୟ ପୂଜାକ୍ଷେତ୍ର ହେଉଛି 'ଭିତାର୍' ଯାହା ଗୃହଦେବତାଙ୍କ ଉଦ୍ଦେଶ୍ୟରେ ଘରୋଇ ରୂପେ ଗୃହଦେବତାଙ୍କୁ ପୂଜା କରାଯାଏ । ଏହି ଗ୍ରାମ୍ୟପୂଜା କ୍ଷେତ୍ର ଜାହିରାରେ ଅତିକମ୍‌ରେ ପା ଥର ପୂଜା ହୁଏ । ଏରଃସିମ୍(ଫସଲବୁଣା), ଆଷାଳିଆ(ବେଉଷଣ), ଗଟ୍‌ବଙ୍ଗା (ଗୋଠପୂଜା), ମାଗ୍‌ବଙ୍ଗା(ମାଘପୂଜା) ଓ ବାହା(ଫୁଲପୂଜା) । ଜାହିରାର ଏକ ଅଙ୍ଗ ରୂପେ ଗସାଣେ ଓ ଗୋଠର ମଧ୍ୟ ଯଥେଷ୍ଟ ଭୂମିକା ରହିଛି । ବାହାପାରାବ୍ ସମୟରେ ଗସାଣେରେ ଛାଗଳବଳି ପଡୁଥିବା ସ୍ଥଳେ ଗୋଠରେ ଗୋଠପୂଜା ଓ ମାଗ୍‌ବଙ୍ଗା ଅବସରରେ ଜାହିରା ଦେବଦେବୀ ମାନଙ୍କୁ ପୂଜାର୍ଚ୍ଚନା କରାଯାଏ । ମୁଖ୍ୟରୂପରେ ଏହିପୂଜା ମାନଙ୍କରେ 'ମାରାଂବୁରୁ(ଲିଟା)', 'ଜାହେର୍ ଏରା', 'ମଣେକ ତୁରୁୟ୍‌କ', 'ମାଝୀହାଲାମ୍', 'ଗରାମ୍', 'ରଙ୍ଗବୁଢ଼ୀ', 'ଗସାୟଁ ଏରା', 'ସାହାରପାଟ୍' ଆଦି ଦେବଦେବୀଙ୍କୁ ନିରୋଗ ଜୀବନଯାପନ, ଭଲଫସଲ, ଭଲବୃଷ୍ଟି , ପଶୁ ସମ୍ପଦର ବୃଦ୍ଧି ପାଇଁ ଗୁହାରୀ କରାଯାଏ । ଫସଲବୁଣା ପୂଜା ନ ହେଲେ ବିଲରେ କେହି ଫସଲ ବୁଣନ୍ତି ନାହିଁ । ସେହିପରି 'ଆଷାଳିଆ' ପୂଜା ନ ହେଲେ ବେଉଷଣ, ମାଘ ପୂଜା ନ ହେଲେ ଘର ବା ଜାଳେଣି ପାଇଁ କାଠ କାଟି କେହି ଆଣନ୍ତି ନାହିଁ । 'ବାହା ପାରାବ୍' ହେଉଛି ବସନ୍ତ ପର୍ବ । ଏହି ସମୟରେ ରଙ୍ଗବେରଙ୍ଗର ଫୁଲରେ ପ୍ରକୃତି ନିଜକୁ ସଜାଇଥାଏ । କିନ୍ତୁ ସାନ୍ତାଳ ମାନେ ବାହାପାରାବ୍ ନ ହେବା ଯାଏଁ ଫୁଲ ତୋଳନ୍ତି ନାହିଁ । ଏପରିକି ଗ୍ରାମର ପୂଜକ ନାଏକେ ନିକଟସ୍ଥ ଗ୍ରାମ ମାନଙ୍କରେ ବାହାପାରାବ୍ ଆଗତୁରା ହୋଇ ସାରିଥିଲେ ସେହି ଗ୍ରାମର ସୀମାକୁ କୌଣସି ପରିସ୍ଥିତିରେ ମଧ୍ୟ ଯାଏ ନାହିଁ । ସେଠାକାର ଖାଦ୍ୟକୁ ଗ୍ରାମବାସୀ ଗ୍ରହଣ କରନ୍ତି ନାହିଁ ।

ଜାହିରା ପୂଜାରେ ବଳି ପଡ଼ିଲେ ତାକୁ ଖେଚୁଡି କରି ଖିଆଯାଏ । କିନ୍ତୁ ନାମକରଣ ହୋଇ ନ ଥିବା ଶିଶୁକୁ ଖେଚୁଡ଼ି ଭୋଗ ଦିଆଯାଏ ନାହିଁ । କେତେକ ଗ୍ରାମରେ ଏବେସୁଦ୍ଧା ନାରୀମାନଙ୍କୁ ଜାହିରା ପ୍ରବେଶର ଅନୁମତି ଦିଆଯାଇ ନାହିଁ ।

**ଗୃହପୂଜା**

ଏହିପୂଜା ଗୋଟାଏ ବଂଶର ସଦସ୍ୟ ଏବଂ ବିବାହିତ ଝିଅଜୋଇଁ, ଭଣଜା, ଭାଣିଜୀଙ୍କୁ ନେଇ ସଂଘଟିତ ହୁଏ । କିନ୍ତୁ ବଳିର ମୁଣ୍ଡଭୋଗ ସେହିବଂଶର ଉପାସ ରହିଥିବା ବ୍ୟକ୍ତିବିଶେଷଙ୍କୁ ହିଁ ଦିଆଯାଏ । ଏଥିରେ କି ୍ତ ବ୍ୟତିକ୍ରମ ରହିଛି । ଯଦି ପ୍ରଥମ ସ୍ୱାମୀଠାରୁ ଛାଡ଼ପତ୍ର ପାଇ କେହି ବଧୂହୋଇ ଗୃହକୁ ଆସିଥାଏ, ତେବେ ସେ ମୁଣ୍ଡଭୋଗ ପାଇବାରୁ ବ ୍ତ ରହେ । ଅନ୍ୟଜାତିର ଝିଅ ବୋହୁ ହୋଇ ଆସିଥିଲେ, ତା କ୍ଷେତ୍ରରେ ମଧ୍ୟ ଏହି ନିୟମ ଲାଗୁ ହୁଏ । ଗୃହଦେବତା ମାନଙ୍କୁ ଦୁଇତିନି ବର୍ଷର ଅନ୍ତରାଳରେ ବଳିଦେଇ ପୂଜା କରିବା ଆବଶ୍ୟକ । ପର୍ବପର୍ବାଣି ମାନଙ୍କରେ ପିତୃପୁରୁଷ ମାନଙ୍କୁ ହାଣ୍ଡିଆ ରସି ଓ ପିଠାପଣା ଭିତାର୍ ବା ଠାକୁରଘରେ ପୂଜା କରାଯାଏ । ଗୃହଦେବତା ମାନେ ଅତ୍ୟନ୍ତ ହିତକାରୀ । ସ୍ୱପ୍ନାଦେଶ ମାଧ୍ୟମରେ ବିପଦ ଆପଦ ବା ବିଘ୍ନ ଉପୁଜିବାରଥିଲେ ସେମାନେ ସତର୍କ କରାଇ ଦିଅନ୍ତି ।

ସାନ୍ତାଳ ଜନଜୀବନରେ ଆହୁରି ଅନେକ ରୀତିନୀତି ରହିଛି, ଯାହା ଅନ୍ୟମାନଙ୍କ ଦ୍ୱାରା ପାଳିତ ହୁଏନାହିଁ । ତହିଁ ମଧ୍ୟରୁ ଶିଶୁର କୁକୁର ବିବାହ ଅନ୍ୟତମ । କୌଣସି ଶିଶୁର ପ୍ରଥମେ ଉପର ଦାନ୍ତ ଉଠିଲେ ତାହା ଅଶୁଭ ବୋଲି ବିବେଚିତ ହୁଏ । ତାହାର ପ୍ରତିକାର ସ୍ୱରୂପେ ଶିଶୁର ବିବାହ ଶାହାଡ଼ା ଗଛ ସହିତ କିମ୍ବା କୁକୁର ଛୁଆ ସହିତ କରିଦିଆଯାଏ । ଏହା ନ କଲେ ଝିଅ ହୋଇଥିଲେ ତାର ସ୍ୱାମୀ ଏବଂ ପୁଅ ହୋଇଥିଲେ ତାର ସ୍ତ୍ରୀ ଅସମୟରେ ମୃତ୍ୟୁମୁଖରେ ପଡ଼େ ବୋଲି ବିଶ୍ୱାସ ରହିଛି । ଏହାକୁ ଗଣମାଧ୍ୟମ ମାନଙ୍କରେ ଅନ୍ଧବିଶ୍ୱାସ କହି ବହୁଳ ପ୍ରସାର ପ୍ରଚାର କରୁଥିଲେବି ଏହାକୁ ମହାଭାରତୀୟ ଧୃତରାଷ୍ଟ୍ର ଗାନ୍ଧାରୀ ଉପାଖ୍ୟାନ ସହିତ ତୁଳନା କରାଯାଇପାରେ ।

ଏ ସମସ୍ତ ବ୍ୟତୀତ କେହି ଅତିଥି ଅଭ୍ୟାଗତ ଆସିଲେ ତାଙ୍କୁ ଖଟରେ ବସାଇ ଲୋଟାରେ ପାଣିଦେଇ ଜୁହାର କରିବା ହେଉଛି ସାନ୍ତାଳ ପ୍ରଥା । ସାଧାରଣତଃ ଝିଅଜୋଇଁ କୁଣିଆ ହୋଇ ସସ୍ତ୍ରୀକ ଆସିଲେ ସେମାନେ ସାଙ୍ଗରେ ରନ୍ଧା ହାଣ୍ଡିଆ ଅଥବା ଚାଉଳ ନେଇ ଆସନ୍ତି । ତାହା ପିତୃପୁରୁଷଙ୍କୁ ଅର୍ପଣ କଲାପରେ ଗୃହର ସଦସ୍ୟ ତଥା ପାଖ ପଡ଼ୋଶୀ ମାନଙ୍କୁ ଦିଆଯାଇଥାଏ । ଆଧୁନିକତାର ଛା  ରେ ପଡ଼ି କେହି ହାଣ୍ଡିଆ ସ୍ଥାନରେ ମିଠା ବା ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ ଆଣିଲେବି ତାକୁ ପ୍ରଥମେ ପୂଜାଘରେ ଅର୍ପଣ କରି ଅନ୍ୟମାନେ ଖାଇ ଥାଆନ୍ତି । ସାନ୍ତାଳ ମାନେ ପିତୃପୁରୁଷ ଙ୍କୁ ଏତେ ପରିମାଣରେ ସମ୍ମାନ ଜଣାନ୍ତି ଯେ ନିଜପାଇଁ ବଢ଼ା ହୋଇଥିବା ଖାଦ୍ୟରୁ ମଧ୍ୟ ଅଳ୍ପ ପରିମାଣରେ ତାଙ୍କ ଉଦ୍ଦେଶ୍ୟରେ ତଳେ ପକାଇ ଖାଦ୍ୟ ଗ୍ରହଣ କରନ୍ତି ।

ଅତ୍ୟଧିକ ମଦ୍ୟପାନ, ଗୁଣିଗାରେଡ଼ିରେ ବିଶ୍ୱାସ, ଅଶିକ୍ଷା ଏବଂ କୃଷି କ୍ଷେତ୍ରରେ ବୈଜ୍ଞାନିକ ପ୍ରଣାଳୀକୁ ଆପଣାଇ ନ ଥିବାରୁ ସାନ୍ତାଳ ମାନେ ମୁଖ୍ୟଧାରାରେ ସାମିଲ ହୋଇ ପାରି ନାହାନ୍ତି । ତଥାପି ସ୍ୱଭାବ ଓ ବିବେଚନା କ୍ଷେତ୍ରରେ ସେମାନେ ଯଥେଷ୍ଟ ଆଗରେ । ତାଙ୍କଠାରେ ଯୌତୁକ ପ୍ରଥା ନାହିଁ । ନାରୀକୁ ସେମାନେ ନିମ୍ନ ଦୃଷ୍ଟିରେ ଦେଖନ୍ତି ନାହିଁ । ବିଧବା ବିବାହ ତାଙ୍କଠାରେ ରହିଛି -ଏ ସମସ୍ତ ନିଜସ୍ୱ ନୀତି ଓ ଆଦର୍ଶର ଫଳଶ୍ରୁତି । ଶିକ୍ଷିତ ବର୍ଗର ଲୋକମାନେ ଏଭଳି ନୀତିକୁ ସାନ୍ତାଳ ମାନଙ୍କଠାରୁ ଶିଖି ପାରିଲେ ଆଜି ଯେଉଁ ବଳାତ୍କାର, ନାରୀ ନିର୍ଯ୍ୟାତନା, କନ୍ୟାଭ୍ରୃଣ ହତ୍ୟା ଆଦି ଚରମସୀମାରେ ଉପନୀତ ହୋଇଛି, ତାହା ଯଥେଷ୍ଟ ହ୍ରାସ ପାଆନ୍ତା ।

**ଏମ୍. ପି. ସି ଅଟୋନୋମସ୍ କଲେଜ୍**
**ଯୋଗାଯୋଗ-୯୪୩୭୩୪୯୭୯୧**

# ସଉରା ଜନଜାତିର ରୀତିନୀତି

**ସୁରେନ୍ଦ୍ର ନାଥ ସାହୁ**

ଓଡ଼ିଶାରେ ବସବାସ କରୁଥିବା ୬୨ପ୍ରକାର ଆଦିବାସୀମାନଙ୍କ ମଧ୍ୟରେ ୧୩ପ୍ରକାର ପ୍ରାଚୀନତମ ଜନଜାତି ଅଛନ୍ତି । ସେମାନଙ୍କ ମଧ୍ୟରୁ ସଉରା ସଂପ୍ରଦାୟ ଅନ୍ୟତମ । ଏମାନଙ୍କ ସାମାଜିକ ଚଳଣି, ଐତିହ୍ୟ, ପରମ୍ପରା, ସାଂସ୍କୃତିକ ଚେତନା ଓ ଆଧାତ୍ମିକ ଅନୁଚିନ୍ତା ଅନ୍ୟମାନଙ୍କଠାରୁ ଉନ୍ନତ । ସାମ୍ୟ-ମୈତ୍ରୀ ଓ ଭ୍ରାତୃତ୍ୱ ବନ୍ଧନରେ ଏମାନେ ଆବଦ୍ଧ । 'ଏକ ନିମନ୍ତେ ଅନେକ' ଏବଂ 'ଅନେକଙ୍କ ନିମନ୍ତେ ଏକ' ଭାବଧାରାକୁ ସମସ୍ତେ ଅନୁଭବ କରି ଏମାନେ ଜୀବନ ନିର୍ବାହ କରନ୍ତି । ଏମାନଙ୍କ ସାମାଜିକ, ଆର୍ଥନୀତିକ, ରାଜନୈତିକ ଓ ଧର୍ମୀୟ କାର୍ଯ୍ୟାବଳୀରେ ଏହା ପ୍ରତିଫଳିତ । ସଉରା ସଂସ୍କୃତି ଆଦିବାସୀ ସଂସ୍କୃତିର ଅନ୍ୟତମ ବିଭବ । ସଉରା ସମ୍ପ୍ରଦାୟର ସାମାଜିକ ଜୀବନ ଅତ୍ୟନ୍ତ ବୈଚିତ୍ର୍ୟପୂର୍ଣ୍ଣ ଓ ସୁନିୟନ୍ତ୍ରିତ । ଏମାନେ ଗୋଷ୍ଠୀକୈନ୍ଦ୍ରିକ ଜୀବନଯାପନ କରନ୍ତି । ନିଜ ସଂପ୍ରଦାୟର ବନ୍ଧନକୁ ଛିନ୍ନ କରିବା ଏମାନଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାଏ । ବସ୍ତି କିମ୍ବା ଗାଆଁରେ ରହିଲା ବେଳେ ଗୋଟିଏ ପରିବାରର ଲୋକଙ୍କ ପରି ଏମାନେ ବସବାସ କରନ୍ତି । ପାରମ୍ପରିକ ରୀତିନୀତି ଅନୁସାରେ ସଉରା ସମାଜ ପରିଚାଳିତ । ନିଜ ସମାଜ ପ୍ରତି ଏମାନଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ ରହିଛି । ଏମାନଙ୍କ ସାମାଜିକ ଓ ପାରିବାରିକ ଜୀବନ ଏବଂ ପାରିବାରିକ ସମ୍ପର୍କ ଖୁବ୍ ନିବିଡ଼ । ପୁଅଝିଅଙ୍କର ବିବାହ ଉତ୍ସବକୁ ଗାଁର ଏକ ସାମାଜିକ ପର୍ବ ରୂପେ ପାଳନ କରାଯାଏ । ଏହି ସଂପ୍ରଦାୟରେ ମୃତ୍ୟୁକାଳୀନ ବିଧିବିଧାନର ପରମ୍ପରାରୁ ଆଧୁନିକ ସଭ୍ୟତାର ସଭ୍ୟମାନବମାନେ କିଛି ଶିକ୍ଷା କରିବାର ଅଛି । ସେମାନେ ସାମୁହିକ ଭାବରେ ଶବସତ୍କାର ଓ ସଂସ୍କାର କାର୍ଯ୍ୟପାଳନ କରିଥାନ୍ତି । ସଉରା ସମାଜର ପାରମ୍ପରିକ ରୀତିନୀତି ଓ ସାମାଜିକ ବିଧିବିଧାନ ସେମାନଙ୍କର ଆଦର୍ଶ ଜୀବନର ପ୍ରତିଫଳନ ।

ପରିବାର ସଉରା ସମାଜର ମୁଖ୍ୟ ସାମାଜିକ ସଂଗଠନ । ସଉରାମାନଙ୍କ ପରିବାର ସାଧାରଣତଃ ଛୋଟ । ବାପା, ମାଆ ଓ ଅବିବାହିତ ପୁତ୍ରକନ୍ୟାମାନଙ୍କୁ ନେଇ ପରିବାର ଗଠିତ ହୋଇଥାଏ । ପୁଅଟିଏ ବାହାଘର ହେଲାପରେ ତା'ର ସ୍ତ୍ରୀକୁ ନେଇ ସେ ଅଲଗା ରହେ । ସଉରା ସମାଜରେ ଯୌଥ ପରିବାର ପ୍ରାୟତଃ ଦେଖିବାକୁ ମିଳେ ନାହିଁ । ପିତା ପରିବାରର ମୁଖ୍ୟ ଅଟନ୍ତି । ସେମାନଙ୍କର ପରିବାର ପିତୃକୈନ୍ଦ୍ରିକ ହେଲେ ମଧ୍ୟ ପରିବାରରେ ନାରୀର ସ୍ଥାନ ସ୍ୱତନ୍ତ୍ର । ପରିବାରରେ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ପରିବାର ଅର୍ଥନୀତିର ମେରୁଦଣ୍ଡ ସଦୃଶ । ମହିଳାମାନେ ପିଲାମାନଙ୍କର ଯତ୍ନ ନେବା ସହିତ ଘରକାମ, ବ୍ୟବସାୟ ବାଣିଜ୍ୟ, କୃଷି ଓ ବଗଡ଼ କାମ କରିଥାନ୍ତି । ସଉରା ସ୍ତ୍ରୀମାନେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବା, ସ୍ୱାଧୀନ ଭାବେ ବିଚରଣ କରିବା ଏବଂ ପୁରୁଷ ସହିତ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରିବାର ଦେଖାଯାଏ । ପୁରୁଷର ପ୍ରାଧାନ୍ୟକୁ ସେମାନେ ପ୍ରକାଶ୍ୟ ଭାବେ ସ୍ୱୀକାର କରିଥାଆନ୍ତି । ସେମାନେ ପୁରୁଷମାନଙ୍କଦ୍ୱାରା ଶୃଙ୍ଖଳିତ ହେବାକୁ ଇଛା କରିଥାଆନ୍ତି । ଏହା ସତ୍ତ୍ୱେ ମଧ୍ୟ ସେମାନେ ସମତାମାନ ଆଚରଣଦ୍ୱାରା ପରିଚାଳିତ ହୋଇଥାଆନ୍ତି ।

ସଉରାମାନେ ବାସ୍ତବରେ ହିନ୍ଦୁ ଧର୍ମାବଲମ୍ବୀ । କେଉଁ ଅନାଦି କାଳରୁ ଏମାନେ ଏହି ଧର୍ମ ସହିତ ଓତୋଃପ୍ରୋତ ଭାବେ ଜଡ଼ିତ । ସତ୍ୟଯୁଗରେ ଶବରୀ ନାରାୟଣଙ୍କ ପୂଜାଠାରୁ ଆରମ୍ଭକରି ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ ଶବରୀ ଓ ଶବର ରାଜା ଗୁହକଙ୍କ ଆତିଥ୍ୟ ପ୍ରଦାନ ଶବରମାନଙ୍କ ଧର୍ମବିଶ୍ୱାସର ସ୍ୱଷ୍ଟ ସୂଚନା ମିଳେ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଓ ଜାରା ଶବର ସମ୍ପର୍କଠାରୁ କଳିଯୁଗର ଶ୍ରୀଜଗନ୍ନାଥଙ୍କ ସେବା ପର୍ଯ୍ୟନ୍ତ ସବୁଠି ଶବରମାନେ ଧର୍ମ ସହିତ ସଂଶ୍ଳିଷ୍ଟ । ଧର୍ମ ଓ ଶବର ସଂପ୍ରଦାୟ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆଦିବାସୀମାନଙ୍କ ମଧ୍ୟରେ ଶବରମାନେ ଅଧିକ ଧାର୍ମିକ । ଏମାନେ ଦେବଦେବୀଙ୍କ ସହ ଭୂତପ୍ରେତଙ୍କୁ ପୂଜା କରନ୍ତି । ସ୍କନ୍ଦ ପୁରାଣର ମୁଖଲିଙ୍ଗମ୍ କ୍ଷେତ୍ର ମାହାତ୍ମ୍ୟରେ ଶବରମାନେ ଶୈବ ଧର୍ମାବଲମ୍ବୀ ଥିବାର ପ୍ରମାଣ ମିଳେ । ପ୍ରତ୍ୟେକବର୍ଷ ଶିବରାତ୍ର ଦିନ ଗଂଜାମ, ଗଜପତି ଓ ଶ୍ରୀକାକୁଳମ୍ ଜିଲ୍ଲାରୁ ହଜାରହଜାର ଆଦିବାସୀ ଶବରମାନେ ମହେନ୍ଦ୍ରଗିରି ପର୍ବତରେ ଅବସ୍ଥିତ ଗୋକର୍ଣ୍ଣେଶ୍ୱର ମହାଦେବଙ୍କୁ ପୂଜାକରିବା ପାଇଁ ଏକତ୍ରିତ ହୁଅନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ ସଉରାମାନେ ଶିବଭକ୍ତ ଅଟନ୍ତି । ରାୟଗଡ଼ା ଜିଲ୍ଲାରେ ମୁଖ୍ୟତଃ ବାସ କରୁଥିବା ସଉରାମାନଙ୍କ ଧର୍ମୀୟ ବ୍ୟବସ୍ଥା ବହୁବିଧ ତଥା ଜଟିଳ । ଈଶ୍ୱରବାଦୀ ହୋଇଥିବାରୁ ସେମାନେ ବିଭିନ୍ନ ଦେବଦେବୀଙ୍କୁ ପୂଜା ଆରାଧନା କରିବା ସହ ଉଭୟ କୁ ଓ ସୁ ପ୍ରେତାତ୍ମାଙ୍କ ଉଦ୍ଦେଶ୍ୟରେ କର୍ମକର୍ମାଣି ପାଳନକରନ୍ତି । ଉଭୟ ଶାମାନ୍ ଓ ଶାମାନିନ୍ ଏବଂ କୁଦାନ୍ ଓ କୁଦାନ୍‌ବୋଇ ପୁରୁଷ ତଥା ମହିଳା କର୍ମକର୍ମାଣି ଅନୁଷ୍ଠାନରେ ମୁଖ୍ୟ ଅଂଶଗ୍ରହଣ କରନ୍ତି । ସେମାନଙ୍କ ପୁରୋଧା ବୁୟା ନାମରେ ପରିଚିତ । ସଉରାମାନେ ବିଷ୍ଣୁ ଓ ଶିବଙ୍କର ଭକ୍ତ ଅଟନ୍ତି । ଏହା ସହିତ ସେମାନେ ଶକ୍ତି ପୂଜା ମଧ୍ୟ କରିଥାନ୍ତି ।ମାଣିକେଶ୍ୱରୀ ହେଉଛନ୍ତି ଗଜପତି ଜିଲ୍ଲାର ମୁଖ୍ୟ ଅଧିଷ୍ଠାତ୍ରୀ ଦେବୀ । ଜିଲ୍ଲାର ବିଭିନ୍ନ ସ୍ଥାନରେ ୫୦ରୁ ଅଧିକ ମାଣିକେଶ୍ୱରୀ ପୀଠ ଅବସ୍ଥିତ । ଦେବୀଙ୍କ ଉଦ୍ଦେଶ୍ୟରେ ଖରଖରୀ ପର୍ବ ଜିଲ୍ଲାର ସର୍ବତ୍ର ପାଳନ କରାଯାଏ । ଡକ୍ଟର ହରେକୃଷ୍ଣ ମହତାବଙ୍କ ମତରେ "ଅଶୋକଙ୍କ ସମୟରେ ଓଡ଼ିଶାରେ ଶବରମାନେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ । ତତ୍‌କାଳରେ ପୁରୀରେ ନିର୍ମିତ ବୌଦ୍ଧ ସ୍ତୁପରେ ବୌଦ୍ଧ ତ୍ରିରତ୍ନ ସ୍ୱାଭାବିକ ଭାବରେ ଅଙ୍କିତ ହୋଇଥିଲା । ସରଳ ବିଶ୍ୱାସୀ ଶବରମାନେ ସ୍ତୁପର ତ୍ରିରତ୍ନ ମଧ୍ୟରେ ବୁଦ୍ଧଙ୍କୁ ଉପାସନା କଲେ । ପରବ ୀ କାଳରେ ଯେତେବେଳେ ମୂ ି ପୂଜାର ପ୍ରଚଳନ ହେଲା, ସେତେବେଳେ ଏକ ମୂ ି ବଦଳରେ ବୌଦ୍ଧ ଧର୍ମର ବୁଦ୍ଧ, ଧର୍ମ, ସଂଘ ତ୍ରିରତ୍ନକୁ ସ୍ୱତନ୍ତ୍ର ଭାବରେ ରଖି ତ୍ରିମୂ ିର କଳ୍ପନା କରାଗଲା । ତେଣୁ ଜଗନ୍ନାଥଙ୍କଠାରେ ବୁଦ୍ଧ, ସୁଭଦ୍ରାଙ୍କଠାରେ ଧର୍ମ ଓ ବଳଭଦ୍ରଙ୍କଠାରେ ସଂଘର ଆରୋପ କରାଗଲା । ଶବରମାନେ ଦାରୁ ଉପାସକ ଥିବାରୁ ଦାରୁରେ ଏ ତିନି ମୂ ି ନିର୍ମାଣକରି ପୂଜାକଲେ ।"[୧] ଆଦିବାସୀ ଗବେଷକ ଭେରିଅର୍ ଏଲ୍‌ୱିନ୍ ସଉରା ସମ୍ପ୍ରଦାୟରେ ୧୭୧ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିବାର ବିଧି ପ୍ରଚଳିତ ଅଛି ବୋଲି ମତବ୍ୟକ୍ତ କରିଛନ୍ତି । ଏହି ଦେବଦେବୀଗଣ ସେମାନଙ୍କ ଜୀବନ ଓ ଜୀବିକାକୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରିଥାନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି । ସଉରାମାନେ ବ୍ରାହ୍ମଣ ଓ ସେମାନଙ୍କର ଦେବତାମାନଙ୍କୁ ମଧ୍ୟ ବିଶ୍ୱାସ କରନ୍ତି । ସଉରାମାନେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସାମାଜିକ ପରମ୍ପରା ଅନୁଯାୟୀ ପୂଜାବିଧି ପାଳନ କରିଥାନ୍ତି ଏବଂ ବର୍ଷସାରା ଗ୍ରାମର ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପୂଜାର୍ଚ୍ଚନା କରି ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରିଥାନ୍ତି । ବିଭିନ୍ନ ନୈବେଦ୍ୟ ଓ ପୂଜାର୍ଚ୍ଚନା ଦ୍ୱାରା

ଦୈବୀଶକ୍ତିମାନଙ୍କୁ ସନ୍ତୁଷ୍ଟ କରି ନିଜର ଅଭୀଷ୍ଟ ସିଦ୍ଧି ତଥା ବିଭିନ୍ନ ସୁଖ ସ୍ୱାଛନ୍ଦ୍ୟ ଲାଭକରିବା ଏହାର ମୂଳ ଉଦ୍ଦେଶ୍ୟ । ବର୍ଷର ବିଭିନ୍ନ ସମୟରେ ମିଳୁଥିବା ଫଳ, ମୂଳ, ଫସଲ ଆଦି ଖାଇବା ପୂର୍ବରୁ ନୂଆଖିଆ ପର୍ବ ପାଳନ କରିଥାନ୍ତି । ବହୁ ଧନସମ୍ପ ି, ଉ ମ ପତି, ସନ୍ତାନସନ୍ତତି, ଅଶେଷ ପରମାୟୁ ଓ ଯଶ ପ୍ରତିଷ୍ଠାଦି ବିଭିନ୍ନ ଅଭୀଷ୍ଟ ଭିନ୍ନ ଭିନ୍ନ ଦେବଦେବୀ ପ୍ରଦାନ କରିଥାନ୍ତି ବୋଲି ସଉରାମାନେ ବିଶ୍ୱାସ କରିଥାନ୍ତି । ତେଣୁ ସଉରାମାନେ ଶ୍ରଦ୍ଧା ଓ ବିଶ୍ୱାସରେ ବହୁ ଦେବଦେବୀଙ୍କୁ ପୂଜା କରିଥାନ୍ତି ।

ବର୍ଷର ବିଭିନ୍ନ ସମୟରେ ମିଳୁଥିବା ବିଭିନ୍ନ ବନ୍ୟଜାତ ପଦାର୍ଥକୁ କ । କିମ୍ବା ରାନ୍ଧିକରି ସଉରାମାନେ ଖାଇଥାନ୍ତି । ପ୍ରକୃତି ଦ ଏହି ଖାଦ୍ୟରେ ଥାଏ ଦିବ୍ୟ ଆନନ୍ଦ । ସେମାନେ ଗ୍ରୀଷ୍ମଋତୁରେ ବିଭିନ୍ନ ପ୍ରକାର କନ୍ଦା ଖୋଳି ଆଣି ରୋଷେଇ କରନ୍ତି । ସଉରା ସଂପ୍ରଦାୟରେ କନ୍ଦା ଖାଇବା ପୂର୍ବରୁ କନ୍ଦାନୂଆଁ ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରାଯାଏ । କନ୍ଦାଗୁଡ଼ିକ ସ୍ୱାଦିଷ୍ଟ ଓ ନିରୋଗ ଖାଦ୍ୟ । ଏଥିରେ କୌଣସି ରାସାୟନିକ ସାରର ପ୍ରୟୋଗ ହୋଇ ନ ଥାଏ । ବଣରୁ ବହୁ ପରିମାଣରେ ବିଭିନ୍ନ କନ୍ଦା ମିଳୁଥିବାରୁ ସେମାନେ ଖାଇବା ପରେ ବଳକା କନ୍ଦାଗୁଡ଼ିକୁ ସ୍ଥାନୀୟ ବଜାରରେ ବିକ୍ରି କରିଦିଅନ୍ତି । ବିନ୍, କଟକି ପୋଟଲ, ଭେଣ୍ଡି, ଟମାଟୋ, ଫୁଲକୋବି ଆଦି ପନିପରିବା ଖାଉଥିବା ଆଧୁନିକ ମଣିଷ ବଣର କନ୍ଦାଗୁଡ଼ିକୁ ଦେଖି ଆତ୍ମବିଭୋର ହୋଇ ଉଠେ । ତା'ପରେ ସେ କୃତ୍ରିମ ରଙ୍ଗରେ ରଙ୍ଗାୟିତ ପନିପରିବାକୁ ନ ନେଇ ସେହିଦିନ ବଣର କନ୍ଦାକୁ କିଣିଥାଏ । ବଣଜଙ୍ଗଲ ଖାଦ୍ୟର ଭଣ୍ଡାର ଅଟେ । ସେଥିପାଇଁ ଆଦିବାସୀମାନେ ବଣଜଙ୍ଗଲକୁ ପୂଜା କରିବା ସହିତ କଳକାରଖାନା ପ୍ରତିଷ୍ଠା ନିମି ବଣଜଙ୍ଗଲକୁ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି । ଗ୍ରୀଷ୍ମଋତୁରେ କନ୍ଦା ବ୍ୟତୀତ ଆମ୍ବ, ପଣସ, ଖଜୁରୀ ଓ ସପୁରୀରେ ବଣ ମହକି ଉଠେ । ଦିନେଦିନେ ସଉରା ପରିବାରରେ ଆମ୍ବ, ପଣସ ଖାଇ ଓ ମଦ ପିଇ ଚୁଲି ଜଳେ ନାହିଁ । ବର୍ଷାଋତୁରେ ସଉରାମାନଙ୍କର ଖାଦ୍ୟ ଚିନ୍ତା ନ ଥାଏ । ବର୍ଷାଋତୁରେ ବାଉଁଶ କରଡ଼ି, ଶାଳ ଛତୁ, ଶ୍ରାବଣ ଛତୁ, ମୟୁର ଡିମ୍ବ ଛତୁ ଆଦି ବିଭିନ୍ନ ପ୍ରକାର ଛତୁ ଆଣି ସଉରାମାନେ ରୋଷେଇ କରି ଖାଆନ୍ତି । ଆଦିବାସୀର ପ୍ରିୟ ଖାଦ୍ୟ ଛତୁ ଏବେ ଆଧୁନିକ ସମାଜର ପ୍ରିୟ ଖାଦ୍ୟରେ ପରିଣତ ହୋଇଛି । କେହିକେହି ଛତୁ ଓ ବାଉଁଶ କରଡ଼ିକୁ ଶୁଖାଇକରି ରଖିଥାନ୍ତି ପରେ ତା'କୁ ପାଣିରେ ଭିଜାଇ ରୋଷେଇ କରିଖାଆନ୍ତି । କାନ୍ଦୁଲ, କୋଳଥ ଓ ବିରିକୁ ଏମାନେ ଡାଲି କରି ଖାଇଥାନ୍ତି । ମକା ଓ ଜହ୍ନା ଅମଳ ସମୟରେ ସେମାନେ ମକା ଓ ଜହ୍ନା ଖାଇଥାନ୍ତି । ନିରାମିଷ ଖାଦ୍ୟଠାରୁ ଆମିଷ ଖାଦ୍ୟ ସଉରା ସଂପ୍ରଦାୟର ଅଧିକ ପ୍ରିୟ । ସେଥିପାଇଁ ସେମାନେ ନିଜ ଘରେ କୁକୁଡ଼ା, ଛେଳି, ଘୁଷୁରି ଆଦି ପଶୁପାଳନ କରିଥାନ୍ତି । ଆବଶ୍ୟକ ପଡ଼ିଲେ ସେହି ପଶୁମାନଙ୍କୁ ସେମାନେ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ଏତଦ୍‌ବ୍ୟତୀତ ସଉରାମାନେ ବିଭିନ୍ନ ବଣ୍ୟଜନ୍ତୁ ଶିକାରକରି ରୋଷେଇକରି ତା'ମାଂସକୁ ଖାଇଥାନ୍ତି ।

ଗଜପତି ଜିଲ୍ଲାର ସଉରା ସମ୍ପ୍ରଦାୟର ପୋଷାକ ଓ ପରିଧାନ ଶୈଳୀ ସ୍ୱତନ୍ତ୍ର । ସେମାନଙ୍କର ପୋଷାକ ରଙ୍ଗୀନ୍ । ସାଧାରଣତଃ ପୁରୁଷମାନେ ୬ ଫୁଟ ଲମ୍ବା ଓ ୧୦ଇ ଓସାରର କପଡ଼ା ପିନ୍ଧିଥାନ୍ତି । ଏମାନଙ୍କ ପୋଷାକପରିଧାନ ସଂପର୍କରେ ଆଦିବାସୀ ଗବେଷକ ଶ୍ରୀ ଅଖିଳ ବିହାରୀ ଓତା ଏବଂ ଶ୍ରୀ ଶରତଚନ୍ଦ୍ର ମହାନ୍ତି ଲେଖିଛନ୍ତି, "ପୁରୁଷମାନେ ଲମ୍ବା ଓ ଅଣଓସାରିଆ କପଡ଼ାକୁ ଏମିତି ବାଗରେ ପିନ୍ଧନ୍ତି ଯେପରି ଲାଲ ରଙ୍ଗରେ

ସୂଚୀକର୍ମ କରାଯାଇଥିବା ଦୁଇ ପ୍ରାନ୍ତଭାଗ ଲାଞ୍ଜ ଭଳି ଆଗକୁ ଓ ପଛକୁ ଝୁଲି ରହେ । ଏହି କାରଣରୁ ପଡ଼ୋଶୀମାନେ ସେମାନଙ୍କୁ ଲାଞ୍ଜିଆ ସଉରା ବୋଲି କୁହନ୍ତି । ଜଣେ ସଉରା ମହିଳାର ପାରମ୍ପରିକ ପରିଧାନ ହେଉଛି ଅ  ।ରେ ଗୁଡ଼େଇ ପିନ୍ଧାଯାଉଥିବା ତିନିଫୁଟ ଲମ୍ବ ଓ ଦୁଇଫୁଟ ଚଉଡ଼ାର ଖଣ୍ଡେ ଧୂସର ଓ ନାଲି ଧଡ଼ିଯୁକ୍ତ ମୋଟା କପଡ଼ା । ଏହା ପ୍ରାୟତଃ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥାଏ । ଅ  । ପାଖରେ ଶରୀରର ଉପର ଅଂଶକୁ ଆଉଖଣ୍ଡେ କପଡ଼ାରେ ଆବୃତ କରେ । କପଡ଼ାର ଦୁଇ ମୁଣ୍ଡକୁ ଆଗ ପଟରୁ ପଛ ପଟକୁ ନେଇ ପଛପଟେ ଗୋଟିଏ ଗଣ୍ଠି ପକାଯାଏ ।''[୨]

ଆଦିବାସୀ ସଂପ୍ରଦାୟ ମଧ୍ୟରେ ସଉରାମାନଙ୍କର କଳାପ୍ରୀତି ସେମାନଙ୍କର ବାସଗୃହରୁ ଜଣାପଡ଼ିଥାଏ । ଘରର କାନ୍ଥ, ବାରଣ୍ଡା, ଦୁଆର, ଚଟାଣ, ରଙ୍ଗମାଟି ଓ ଗୋବର ଦ୍ୱାରା ଲିପା ହୋଇ ସୁନ୍ଦର ଦିଶେ । ସେମାନଙ୍କର କଳା କେବଳ କାନ୍ଥଚିତ୍ରରେ ପ୍ରଦର୍ଶିତ ହୋଇରହିନାହିଁ ବରଂ ଏହି କଳା ଜୀବନର ପ୍ରତିଟି ସ୍ପନ୍ଦନରେ ପ୍ରତି'ଳିତ ହୋଇଛି । ସେମାନେ ଘରର ଭିତର କାନ୍ଥରେ ବିଭିନ୍ନ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ଚିତ୍ର ଅଙ୍କନ କରିଥାନ୍ତି । କିନ୍ତୁ ବାହାର କାନ୍ଥ ବା ଦୁଆରରେ କୌଣସି ଚିତ୍ର ଅଙ୍କନ କରି ନ ଥାନ୍ତି । ତାଙ୍କର ଚିତ୍ରକଳା ଆଜି ପର୍ଯ୍ୟନ୍ତ ରହସ୍ୟମୟ । ରୋଗ ନିବାରଣ ପାଇଁ, ଜମିର ଉର୍ବରତା ବଢ଼ାଇବା ପାଇଁ, କୃଷିର ଉନ୍ନତି ପାଇଁ, ସର୍ବ ଶାନ୍ତି ପାଇଁ, ବିପଦ ଆପଦରୁ ରକ୍ଷା ପାଇବା ପାଇଁ, ବଗଡ଼ ଚାଷରୁ ରକ୍ଷା ପାଇବା ନିମନ୍ତେ, ମୃତବ୍ୟକ୍ତି ଓ ଦେବତାମାନଙ୍କ ଉଦ୍ଦେଶ୍ୟରେ ଘରର କାନ୍ଥରେ ଦେଉଥିବା ଝୋଟିକୁ ସଉରାଭାଷାରେ ଇଡିତାଲ୍ ଓ ଇଂରାଜୀ ଭାଷାରେ ଆଇକନ୍ କୁହାଯାଏ । ସଉରା ଭାଷାରେ 'ଇଡ଼୍'ର ଅର୍ଥ ଚିତ୍ର ଓ 'ତାଲ୍'ର ଅର୍ଥ କାନ୍ଥ । ତେଣୁ ଏହି କାନ୍ଥ ଚିତ୍ରକୁ ଇଡ଼ିତାଲ୍ କୁହାଯାଏ । ସଉରାମାନଙ୍କର ଚିତ୍ରକଳା ଇଡ଼ିତାଲ୍ ବହୁ ପୁରାତନ । ବିଭିନ୍ନ ସମୟରେ ଓ ବିଭିନ୍ନ ଅ  ଳରେ ଏହାର ବ୍ୟବହାର ରହିଆସିଛି । ଯେପରିକି ଚନ୍ଦ୍ରଗିରି ଅ  ଳରେ ଏହାକୁ 'ଆନିତାଲ୍' ବୋଲି କହନ୍ତି । ଆଉ କେହିକେହି ଏହାକୁ 'ଇତ୍‌ତାଲ୍' ବୋଲି କହିଥାନ୍ତି । ଡ. ଏଲ୍‌ୱିନ୍‌ଙ୍କ ପୁସ୍ତକରେ ଏହାର ନାମ 'ଇତାଲାନ୍' ବୋଲି ଉଲ୍ଲେଖ ଅଛି ।

ସଉରା ଝିଅ ଓ ରମଣୀମାନେ ଅନ୍ୟ ଆଦିବାସୀ ଝିଅ ଓ ରମଣୀମାନଙ୍କଠାରୁ ବେଶ୍ ସୁନ୍ଦର ଅଟନ୍ତି । ପ୍ରସାଧନ ପାଇଁ ସେମାନେ କେଶ ସଜ୍ଜା, ନଖରେ ପ୍ରଲେପ, ଶରୀରର ବିଭିନ୍ନ ଅଂଶରେ ଚିତାକୁଟା, ପୋଷାକ ପରିଛଦ, ଅଳଙ୍କାର ଆଭୂଷଣ, ତ୍ୱଚାରେ ରଙ୍ଗ ପ୍ରଲେପନ ଇତ୍ୟାଦିର ପ୍ରୟୋଗ କରିଥାନ୍ତି । ସଉରା ରମଣୀମାନେ କେଶରୁ ମଇଳା ଛଡ଼ାଇବା ନିମନ୍ତେ ଏକ ପ୍ରକାର ଚିକିଟା ଧଳାମାଟିକୁ ମୁଣ୍ଡରେ ଘସିଥାନ୍ତି । କେଶର ମଇଳା ଛଡ଼ାଇବା ଓ ସ୍ଥାୟିତ୍ୱ ବୃଦ୍ଧିକରିବା ନିମନ୍ତେ ସିକାକାୟା ଓ ରିଠା ଫଳକୁ ସଉରା ସମ୍ପ୍ରଦାୟର ଲୋକମାନେ ବହୁଳ ବ୍ୟବହାର କରିଥାନ୍ତି । ନାରୀ ଏବଂ ପୁରୁଷ ଉଭୟ ହଳଦୀକୁ ପଥରରେ ବାଟି ଦେହ ଓ ମୁହଁରେ ଲଗାଇଥାନ୍ତି । ସାଧାରଣତଃ ସେମାନେ ଏହାକୁ ରାତିରେ ଲଗାଇ ଶୋଇପଡ଼ନ୍ତି ଓ ସକାଳେ ନାଳ କିମ୍ବା ଝରଣାରେ ଘସି ହୋଇ ସ୍ନାନ କରନ୍ତି । ଗୋଡ଼ ହାତରୁ ମଇଳା ଛଡ଼ାଇବା ନିମନ୍ତେ ଏକ ଗୋଲ୍ ପଥର କିମ୍ବା ପାଚିଲା ଜହ୍ନି ଫଳର ରୋପରକୁ ବ୍ୟବହାର କରିଥାନ୍ତି । ସଉରାମାନେ ବର୍ଷାଦିନେ ଗୋଡ଼ ଓ ହାତରେ ପାଣି ନ ଲାଗିବାପାଇଁ ମଞ୍ଜୁଆତି ଗଛର ପତ୍ରର ପ୍ରଲେପ ଲଗାଇଥାନ୍ତି । ସଉରା ରମଣୀମାନେ ରାତିରେ ଖାଇ ସାରିବାପରେ ମଞ୍ଜୁଆତି ଗଛର

ପତ୍ରକୁ ପଥରରେ ବାଟି ତା'ର ପ୍ରଲେପକୁ ଗୋଡ଼ ଏବଂ ହାତର ଆଙ୍ଗୁଠିରେ ଲଗାଇଥାନ୍ତି । ଏହାଦ୍ୱାରା ହାତ ଓ ଗୋଡ଼ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ । ସମ୍ପ୍ରତି ବଜାରରେ ମିଳୁଥିବା ମେହେନ୍ଦିକୁ କେହି କେହି ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରିଥାନ୍ତି । ଆଦିବାସୀମାନଙ୍କ ମଧ୍ୟରେ ସଉରାନାଚ ଖୁବ୍ ସାଧାସିଧା । ବାହାଘର, ପର୍ବପର୍ବାଣି ବେଳେ ଏମାନେ ନାଚନ୍ତି । ନାଚିବାବେଳେ ରଙ୍ଗବେରଙ୍ଗ ପୋଷାକ ପିନ୍ଧନ୍ତି । ମୁଣ୍ଡରେ ମୟୂର ଓ ଧଳା କୁକୁଡ଼ା ପର ଖୋସନ୍ତି ।

ସଉରାମାନେ ଜନ୍ମକାଳୀନ ବିଧିବିଧାନକୁ ବହୁ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ପୁଅ ହେଉ ବା ଝିଅ, ସଉରାମାନେ ଶିଶୁମାନଙ୍କୁ ଅତ୍ୟଧିକ ଭଲପାଇଥାନ୍ତି । ଶିଶୁଟିଏ ଜନ୍ମ ହେବାପାଇଁ କିମ୍ବା ଶିଶୁ ଜନ୍ମହେବାପରେ ତା'ର ଲାଳନପାଳନ ପାଇଁ ସଉରାମାନେ ସଦାସର୍ବଦା ପ୍ରାଧାନ୍ୟ ଦେଇଥାନ୍ତି । ଲାଞ୍ଜିଆସଉରା ସମାଜରେ ପିଲା ଓ ମା' ସମସ୍ତଙ୍କଠାରୁ ସ୍ନେହ-ଆଦର ପାଇଥାନ୍ତି । ଏମାନେ ସ୍ୱାଧୀନ ଜୀବନଜାପନ ବିତାଇବାର ସୁଯୋଗ ଲାଭକରିଥାନ୍ତି । ପରିବାରରେ ଛୋଟପିଲା ଥିଲେ ସେ ପରିବାର ସ୍ୱର୍ଗ ଭଳି ଲାଗେ । ଏଣୁ ପରିବାରରେ ପିଲା ନ ଥାଇ ଜୀବନ ଜୀଇଁବା ମୂଲ୍ୟହୀନ ବୋଲି ଏମାନେ କହିଥାନ୍ତି । ବିବାହ ପରେ ଯଥାଶୀଘ୍ର ସନ୍ତାନପ୍ରାପ୍ତିକୁ ସଉରା ସଂପ୍ରଦାୟ ଅଧିକ ଗୁରୁତ୍ୱ ଦେଇଥାନ୍ତି । ତେଣୁ ସେମାନେ ଶିଶୁ ଜନ୍ମହେବା ଓ ବନ୍ଧ୍ୟାଦୋଷ ନିବାରଣ ପାଇଁ ବହୁ ବିଧିବିଧାନ ପାଳନ କରିଥାନ୍ତି । ଯେଉଁମାନଙ୍କର ସନ୍ତାନ ହୁଏ ନାହିଁ କିମ୍ବା ସନ୍ତାନପ୍ରାପ୍ତି ବିଳମ୍ବ ହୁଏ ସେମାନେ ଗୁଣିଗାରେଡ଼ି ଓ ଚେରମୂଳିର ଆଶ୍ରୟ ନିଅନ୍ତି । ପ୍ରସୂତୀ ମା'ର କ୍ଷୀର ବୃଦ୍ଧି ହେବାପାଇଁ ସଉରାମାନେଇଡ଼ାଇବଇ(ଦେବଦାସୀ)ଙ୍କୁ ନିଷ୍ଠାର ସହିତ ପୂଜା କରିଥାନ୍ତି । ପ୍ରସୂତୀ ମା'ର କ୍ଷୀର ବୃଦ୍ଧି ହେବାପାଇଁ ଓ ସନ୍ତାନ ପ୍ରାପ୍ତି ପାଇଁ ସେମାନେ ଉୟୁଁସୁମ୍(ସୂର୍ଯ୍ୟଦେବତା)ଙ୍କୁ ଏବଂ ସନ୍ତାନ ପ୍ରାପ୍ତି, ଗର୍ଭସ୍ଥ ଶିଶୁର ମଙ୍ଗଳ କାମନା, ହଇଜା, ବସନ୍ତ ଆଦି ମହାମାରୀ କବଳରୁ ଶିଶୁକୁ ରକ୍ଷାକରିବା ପାଇଁ ଏହିମାନେ ଆଙ୍ଗାଇସୁମ୍(ଚନ୍ଦ୍ରଦେବତା)ଙ୍କୁ ପୂଜା କରିଥାନ୍ତି । ଆପ୍‌ଡ଼ିବଣ୍ଡାଂ(ନାଭିଦେବତା)ଙ୍କୁ ନବଜାତ ଶିଶୁର ନାଭି ସହଜରେ ଶୁଖିବା, ଶିଶୁ ଓ ମା'ର ସ୍ୱାସ୍ଥ୍ୟ ଭଲ ରହିବା ନିମନ୍ତେ ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜା କରିଥାନ୍ତି । ସଉରାମାନେ ଏହି ବିଶ୍ୱାସକୁ ନେଇ ବ ିଥାନ୍ତି ।

ନବଜାତ ଶିଶୁର ନାମକରଣ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଧିବିଧାନ । ସଉରାମାନେ ଜନ୍ମିତ ପିଲାଟିକୁ ପୂର୍ବପୁରୁଷଙ୍କ ଡୁମ୍ବା ଭାବେ ଗ୍ରହଣ କରି ସେହିମାନଙ୍କ ମଧ୍ୟରୁ କିଏ ପୁନର୍ଜନ୍ମ ନେଇଛି ବୋଲି ବିଶ୍ୱାସକରି ସେମାନଙ୍କ ନାମାନୁସାରେ ଶିଶୁଟିର ନାମକରଣ କରିଥାନ୍ତି । ସମ୍ପ୍ରଦାୟରେ କେତେକ ପିତାମାତା ନିଜ ଇଚ୍ଛା ଅନୁସାରେ ଶିଶୁର ନାମକରଣ କରିଥାନ୍ତି । ଆଉ କେତେକ ଋତୁ, ମାସ, ବାର, ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ ଓ ଚନ୍ଦ୍ରର ନାମାନୁସାରେ ଶିଶୁର ନାମକରଣ କରିଥାନ୍ତି । ପରିବାରର ନିଜ ସୁବିଧା ଅନୁସାରେ ପା , ଆଠ କିମ୍ବା ଦଶ ଦିନ ପରେ ଶିଶୁର ନାମକରଣ ଉତ୍ସବ ପାଳନ କରାଯାଇଥାଏ । ନାମକରଣ କାର୍ଯ୍ୟରେ ମାମୁଙ୍କର ଭୂମିକା ସର୍ବାଧିକ । ନାମକରଣ ନିମନ୍ତେ ନୂଆଲୁଗା, ପୋଢ଼ ଏବଂ ଭୋଜି ନିମନ୍ତେ ଆବଶ୍ୟକ ସମସ୍ତ ଜିନିଷ କିଣି ଅଣାଯାଏ । ନାମକରଣ ଉତ୍ସବକୁ ପିତା ଓ ମାତା ଉଭୟଙ୍କ ସମ୍ପର୍କୀୟମାନଙ୍କୁ ଆମନ୍ତ୍ରଣ କରାଯାଏ । ଆମନ୍ତ୍ରିତ ବନ୍ଧୁମାନେ ଆସିଲା ପରେ ଗାଁ ମୁଖିଆ ଓ ପୂଜକ ଶିଶୁଟିର ଘରକୁ ଆସି ସମସ୍ତ କାର୍ଯ୍ୟରେ ସାହାଯ୍ୟ କରନ୍ତି । ପ୍ରଥମେ ଛୁଆକୁ

ହଳଦୀ ପାଣିରେ ସ୍ନାନ କରାଯାଏ । ଆର୍ଥିକ ସ୍ୱଚ୍ଛଳ ଥିବା ଲୋକ ଶିଶୁକୁ ଅ  ।ରେ କିଛି ପିନ୍ଧାଇଥାନ୍ତି କିନ୍ତୁ ମୁଣ୍ଡର ପଗଡ଼ି ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ । ଶିଶୁର ନାମକରଣ ଉତ୍ସବରେ ପୂଜା ପାଉଥିବା ଦେବତା ହେଉଛନ୍ତି ଆନିମନ୍ । ଶିଶୁକୁ ବିଭିନ୍ନ ରୋଗଦାଉରୁ ରକ୍ଷା କରିବା ଏବଂ ପରିବାରରେ ସୁଖଶାନ୍ତି ବୃଦ୍ଧିହେବା ସଉରାମାନେ ଆନିମନ୍ ଦେବତାଙ୍କୁ ପୂଜା କରିଥାନ୍ତି । କୁଡ଼ାନ୍ ଦୁଇପଦ ମନ୍ତ୍ର କହିଲା ପରେ ଶିଶୁକୁ କଅଁଳିଆ କଦଳୀ ପତ୍ର ଉପରେ ଛିଡ଼ା କରାଇ ମୁଣ୍ଡରେ ପଗଡ଼ି ବନ୍ଧାଯାଏ । ଏହି ସମୟରେ ଶିଶୁର ମାମୁ, ଶିଶୁଙ୍କ ଉଦ୍ଦେଶ୍ୟରେ ଗୋଟିଏ ନାମକରଣ ଗୀତ ଗାଇଥାନ୍ତି–

''ଜ୍ଞାଙ୍ଗ୍‌ଲ ବି ଆନ୍‌ଲେନ୍ ଜ୍ଞାଙ୍ଗ୍‌ଲ ବି ନାମି ।
ପାତଲିନ୍ ରେଡ଼ନା ଜ୍ଞାଙ୍ଗ୍‌ଲ ବି ॥
ଗିଜଲ୍‌ବି ଆନ୍‌ଲେନ୍ ଗିଜଲ୍‌ବି ନାମି ।
ପାତଲିନ୍ ରେଡ଼ନା ଗିଜଲ୍ ବି ॥
ଡୁଙ୍ଗ୍ ନାଇତିନ୍ ନାମି, ୟିରାଇତିନ୍ ନାମି ।
କାଣ୍ଡାର୍ ଲେନ୍ ଡୁଙ୍ଗ୍ ନାଇତିନ୍ ନାମି ॥
ଡୁଙ୍ଗ୍ ନାଇତିନ୍ ନାମି, ଜ୍ଞାଆଇତିନ୍ ନାମି ।
ସିପାଲେନ୍ ଜ୍ଞାଆଇତିନ୍ ନାମି ॥''

**ଓଡ଼ିଆ ଅନୁବାଦ:**

''ପାଇଛୁ ଆମେ,  ଲଭିଛୁ ଆମେ  ପଗଡ଼ି ବନ୍ଧା ପୁଅ,
ଦେଖିଛୁ ଆମେ, ଭେଟିଛୁ ଆମେ ମୁକୁଟ ବନ୍ଧା ପୁଅ ।
ବାହାରିଛି ଆଜି   ବଢ଼ିଛି ଆଜି
ନୂତନ ଆମ ଶାଖା,
କଅଁଳି ଯାଇଛି, ପଲ୍ଲବିତ ହୋଇଛି ଆଗାମୀ ଆମର ବଂଶ,
ସଜାଗ ହୋଇଛି, ମୁଣ୍ଡ ଟେକିଛି ବଢ଼ିବ ଆମର ବଂଶ ॥''

ମାମୁଙ୍କର ନାମକରଣ ଗୀତ ସହିତ ଶିଶୁକୁ ପୋଢ଼ ଉପରେ ବସାଇ ସାହିର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ବୁଲାଯାଏ । ଏହି ସମୟରେ ଗାଁର ସମସ୍ତଲୋକ ଉପସ୍ଥିତ ଥା'ନ୍ତି । ସାହି ବୁଲା ସରିଲେ ଶିଶୁକୁ ପୋଢ଼ ପିଠିରୁ ଓହ୍ଲାଇ ଅଣାଯାଏ । ତାପରେ ପୋଢ଼କୁ ମାରି ଭୋଜି କରାଯାଏ । କିନ୍ତୁ ମେରୁହାଡ଼ ଓ ପିଞ୍ଜରାକୁ ଲାଗିଥିବା ମାଂସ (ସଉରା ଭାଷାରେ ଆତାକ୍ ତାଇଜେଲ୍)ଦୁଇଟିକୁ ମାମୁଙ୍କ ପାଇଁ ରଖିଦିଆଯାଏ । ମାମୁମାନେ ସିଧାସଳଖ ସେହି ମାଂସକୁ ନେଇପାରନ୍ତି ନାହିଁ । ଘରର ଚାଳ ଉପରେ ସେହି ମାଂସକୁ ରଖି ପାତାଳ ବେଲ ଗଛର କ  ।ଦ୍ୱାରା ଘରର ଦ୍ୱାର ମୁହଁକୁ ବେଢ଼ାଇ ଦିଆଯାଏ । ମାମୁମାନେ ଗୀତ ଗାଇଗାଇ କ  ।କୁ ଖାତିର୍ ନ କରି କୌଶଳରେ ସେହି ମାଂସକୁ ନେଇଆସନ୍ତି । ମାମୁମାନେ କ  ।କୁ ଖାତିର୍ ନ କରି ମାଂସକୁ ଆଣିବାରେ ଗୋଟିଏ ବିଶ୍ୱାସ

ରହିଛି । ବିଶ୍ୱାସଟି ହେଲା-”ଦୁନିଆରେ ବ ୍ରହିବା ସମୟରେ ବହୁ ବାଧାବିଘ୍ନ ଆସେ । ଏହି ବାଧାବିଘ୍ନକୁ କେତେକ କ୍ଷେତ୍ରରେ ନିଜେ ମୁକାବିଲା କରୁଥିବାବେଳେ, ଅନ୍ୟ କେତେକ କ୍ଷେତ୍ରରେ ପରିବାରର ସଦସ୍ୟ ଓ ନିଜ ବିରିନ୍ଧାର ସଦସ୍ୟମାନେ ସହାୟତା କରିଥାନ୍ତି । ମାତ୍ର କୌଣସି କାରଣରୁ ପରିବାରର ସଦସ୍ୟ ନ ଥିଲେ କିମ୍ବା  ବିରିନ୍ଧାର ସଦସ୍ୟମାନେ ଅପ୍ରିୟ ହୋଇଗଲେ, ମାମୁ ଏବଂ ମାମୁର ବିରିନ୍ଧା ଅନ୍ତର୍ଗତ ସଦସ୍ୟମାନେ ସାହାଯ୍ୟ କରିଥାନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ମାମୁ ନିଜର ଭଣଜାକୁ ନିଜର ପ୍ରାଣଠାରୁ ଅଧିକ ଭଲପାଏ ଓ ଭଣଜାର ସମସ୍ତ ବାଧାବିଘ୍ନକୁ ଦୂରକରେ । ଏହି ପରମ୍ପରା ସଉରାମାନଙ୍କ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ । ଏହି ପରମ୍ପରାକୁ ଭି ି କରି ମାଂସ ନେବା ବିଧିବିଧାନ ସଉରା ସଂପ୍ରଦାୟରେ ଦେଖାଯାଏ । ପାତାଳ ବେଲ ଗଛର କ  ।ରେ ଯେପରି ବିପଦ ପୂର୍ଣ୍ଣହୋଇ ରହିଛି, ସେହିପରି ଜୀବନ ବିପଦପୂର୍ଣ୍ଣ ଅଟେ । ପାତାଳବେଲ ଗଛର କ  ।ଦ୍ୱାରା ପରିବେଷ୍ଟିତ ମାଂସକୁ ମାମୁ ବହୁ କୌଶଳ ପ୍ରୟୋଗକରି ନେଲାପରି ଭଣଜାର ଜୀବନରେ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ମାମୁ ନିଜର ବୁଦ୍ଧିବଳରେ ଭଣଜାକୁ ରକ୍ଷା କରିବ, ଏହି ସାମାଜିକ ନୀତିନିୟମକୁ ମାମୁ ଏଠାରେ ସମସ୍ତଙ୍କୁ ଜଣାଇଦିଏ ।

ସଉରା ପରିବାରରେ ଝିଅଟିଏ ପ୍ରଥମ ରଜଃବତୀ ହେଲେ ସେ ନିଜ ମା’ଙ୍କୁ ପ୍ରଥମେ ଏ ସମ୍ବନ୍ଧରେ ସୂଚନା ଦିଏ । ଉକ୍ତ ସମୟରେ ସାତ ଦିନ ପର୍ଯ୍ୟନ୍ତ ରଜଃବତୀ କନ୍ୟାକୁ ବାସଗୃହ ସଂଲଗ୍ନ ଏକ କ୍ଷୁଦ୍ର କୋଠରୀରେ ପୃଥକ ରଖାଯାଏ । ଉକ୍ତ କାଳକୁ ଅଶୁଚି କାଳ ରୂପେ ବିବେଚନା କରାଯାଏ । ସଉରାମାନେ ଋତୁବତୀ କନ୍ୟାକୁ ଅସ୍ପୃଶ୍ୟ ବୋଲି ମାନନ୍ତି । ପରିବାରର ସଦସ୍ୟମାନେ ସେହି କନ୍ୟା ବା ତାହାଦ୍ୱାରା ବ୍ୟବହୃତ ଲୁଗାପଟା ଛୁଇଁନଥାନ୍ତି । ସାତ ଦିନ ପରେ ଗାଁର ମୁଖିଆ ଆବଶ୍ୟକ ମନ୍ତ୍ର ଉଚ୍ଚାରଣ କରି କର୍ମକର୍ମାଣୀ ସମାପନ କରନ୍ତି । ଏଥିରେ ଆରାଧ୍ୟ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ପୂଜାର୍ଚ୍ଚନା କରାଯାଏ । ଏହି ଉପଲକ୍ଷେ ଅରୁଆ ଚାଉଳ, ହଳଦୀ, ସିନ୍ଦୂର, ଦୀପ, ଧୂପ, ଫୁଲ, କୁକୁଡ଼ା ଇତ୍ୟାଦି ଆବଶ୍ୟକ ହୁଏ । ଶୁଦ୍ଧସ୍ନାନ ପରେ ଉକ୍ତ କନ୍ୟା ଉପରେ ଶୁଦ୍ଧଜଳ ଅଭିମନ୍ତ୍ରିତ କରି ସି ିବା ଫଳରେ ସେ ଶୁଚି ହୋଇଥାଏ । ଏହି କର୍ମକର୍ମାଣି ଅନୁଷ୍ଠିତ ହେବା ପରେ ଉକ୍ତ ରଜଃବତୀକନ୍ୟା ଅଶୁଦ୍ଧ ବା ଅଶୁଚି ଦୋଷରୁ ମୁକ୍ତ ହୁଏ ।  ଯେଉଁଦିନ କନ୍ୟାଟିଏ ପ୍ରଥମେ ଋତୁବତୀ ହୁଏ, ସେହିଦିନଠାରୁ ସେ ବିବାହଯୋଗ୍ୟା ହେଲା ବୋଲି ଧରିନିଆଯାଏ ।

ଅନ୍ୟାନ୍ୟ ଜନଜାତିଙ୍କ ପରି ସଉରାମାନେ ମଧ୍ୟ ବିବାହକୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ମନେକରିଥାନ୍ତି । ତେବେ ଏମାନଙ୍କ ବିବାହରେ ବରପିତା ଓ ଆତ୍ମୀୟ ସ୍ୱଜନ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ପିତାମାତାଙ୍କ ଦ୍ୱାରା ଆୟୋଜିତ ବିବାହ ଏମାନଙ୍କ ବିବାହ ପ୍ରଥାଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏତଦ୍‌ଭିନ୍ନ ଗାନ୍ଧର୍ବ ବିବାହ, ପସରାମୁଣ୍ଡି ବିବାହ, ଘିଚା କନିଆଁ ବିବାହ, ଉଦ୍‌ଲିଆ ବିବାହ ଓ ବିଧବା ବିବାହ ମଧ୍ୟ ସଉରା ସମାଜରେ ପ୍ରଚଳିତ ଅଛି । ତେବେ ଏମାନଙ୍କ ମଧ୍ୟରେ ସ୍ୱଗୋତ୍ର ବିବାହ ପରମ୍ପରା ଦେଖିବାକୁ ମିଳି ନ ଥାଏ । ପୌରୁଷ ଶକ୍ତି ବର୍ଦ୍ଧକ, ସୁଖୀ ତଥା ସଫଳ ଯୌନ ଜୀବନଯାପନ କରିବା ପାଇଁ ସୁରେଣ୍ଡୋପୁର୍‌ସୁମ୍‌ଙ୍କୁ ପୂଜା କରିଥାନ୍ତି । ବୈବାହିକ ଜୀବନରେ ସୁଖଶାନ୍ତି ଲାଭ କରିବାପାଇଁ ପାଙ୍କୁଇସୁମ୍ ଦେବତାଙ୍କୁ ପୁଜା କରାଯାଏ । ଏମାନଙ୍କ ସଂପ୍ରଦାୟରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ନାହିଁ । ଏହି ସଂପ୍ରଦାୟରେ ୧୪ବର୍ଷ ତଳକୁ ବିବାହ ନିଷିଦ୍ଧ । ବିବାହ ଏମାନଙ୍କ ପାଇଁ ଆମୋଦପ୍ରମୋଦ ନୁହେଁ, ବରଂ ଜୀବନର ଏକ ଅଂଗ ।

ସଉରା ସମାଜରେ ବିବାହ ପରି ଛାଡ଼ପତ୍ର ମ୍ଭ ଖୁବ୍ ସହଜରେ ହୋଇଥାଏ । ଛାଡ଼ପତ୍ର ଗାଁସଭାର ନିଷ୍ପତ୍ତି କ୍ରମେ ହୋଇଥାଏ । କୌଣସି ସଉରା ସ୍ତ୍ରୀ ନଷ୍ଟଚରିତ୍ରା ହେଲେ, ଚୋରଣି ହେଲେ, ଅଳସେଇ ହେଲେ, ସ୍ୱାମୀ ସହିତ ସଦାସର୍ବଦା ଗଣ୍ଡଗୋଳ କଲେ ତାକୁ ଛାଡ଼ପତ୍ର ଦିଆଯାଇଥାଏ । ଏପରି କ୍ଷେତ୍ରରେ ସ୍ତ୍ରୀକୁ ତା'ର ବାପାଘରକୁ ପଠାଇ ଛାଡ଼ପତ୍ର ବିଷୟ ଜଣାଇ ଦିଆଯାଏ । ସେହିପରି ସ୍ୱାମୀ ସ୍ତ୍ରୀକୁ ଚଳାଇ ନ ପାରିଲେ ସ୍ତ୍ରୀ ମଧ୍ୟ ସ୍ୱାମୀକୁ ଛାଡ଼ପତ୍ର ଦେଇଥାଏ । ଏହାବ୍ୟତୀତ ଯଦି ସ୍ତ୍ରୀ ବା ସ୍ୱାମୀ କେହି ଅସାଧ୍ୟ ରୋଗରେ ଆକ୍ରାନ୍ତ ହୁଅନ୍ତି ତେବେ ସେମାନେ ଜଣେ ଜଣକୁ ଛାଡ଼ପତ୍ର ଦେଇପାରନ୍ତି । ଏପ୍ରକାର ନିୟମ ସଉରା ସଂପ୍ରଦାୟରେ ପ୍ରଚଳିତ । ସଉରା ସମ୍ପ୍ରଦାୟରେ ସାଧାରଣତଃ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବୁଝାମଣାର ଅଭାବ, ଶାରୀରିକ କିମ୍ବା ମାନସିକ କ୍ଷେତ୍ରରେ ବିକଳାଙ୍ଗ, ଯୌନସମ୍ପର୍କରେ ଅକ୍ଷମତା, ସ୍ୱାମୀର ସ୍ତ୍ରୀ ପ୍ରତି ନିର୍ଯ୍ୟାତନା ଆଦି କ୍ଷେତ୍ରରେ ଛାଡ଼ପତ୍ର ହୋଇଥାଏ । ଛାଡ଼ପତ୍ର ହେଲେ ଛାଡ଼ପତ୍ର ଦେଇଯାଉଥିବା ସ୍ତ୍ରୀଲୋକଟିର ପିତାଙ୍କୁ କନ୍ୟାସୁନା ଟଙ୍କା ଫେରାଇବାକୁ ପଡ଼ିଥାଏ ।

ସଉରା ସଂପ୍ରଦାୟରେ ମୃତ୍ୟୁକାଳୀନ ବିଧିବିଧାନର ସ୍ୱାତନ୍ତ୍ର୍ୟତା, ଅନ୍ୟାନ୍ୟ ଜନଜାତିଙ୍କଠାରୁ ଭିନ୍ନ । ଏହି ସଂପ୍ରଦାୟର ଜଣେ ବ୍ୟକ୍ତି ମୃତ୍ୟୁବରଣ କଲେ ଶବକୁ କୁଟୁଣୀ ସିଧାରେ ଶୁଆଇ ଦିଆଯାଏ । ଯଦି ଘରେ ଖଟ ଥାଏ, ଖଟକୁ କୁଟୁଣୀ ସିଧାରେ ପକାଇ ଖଟ ଉପରେ ଶବକୁ ଶୁଆଇ ଦିଆଯାଏ । ତା'ପରେ ଶବ ଉପରେ ଗୋଟିଏ ନୂଆ ଲୁଗା ଘୋଡ଼ାଇ ଦିଆଯାଏ । ମୃତ୍ୟୁ ଖବର ପ୍ରଥମେ ସାହିପଡ଼ିଶାରେ ଦିଆଯାଏ । ଗାଁ ବାହାରେ ଏବଂ ବଗଡ଼ରେ ଥିବା ବ୍ୟକ୍ତିମାନେ ଜାଣିବା ପାଇଁ ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ବନ୍ଧୁକରୁ ଗୁଳି ଫୁଟାଯାଏ । ବନ୍ଧୁକ ଶବ୍ଦ ଶୁଣିବା ମାତ୍ରେ ସମସ୍ତେ ଗାଁକୁ ଆସନ୍ତି । ଦୂରସ୍ଥାନକୁ ଲୋକ ପଠାଇ ମୃତ୍ୟୁ ଖବର ଜଣାଇ ଦିଆଯାଏ । ଖବର ପହ୍ଂବା ସମୟ ମଧ୍ୟରେ ମୃତବ୍ୟକ୍ତିଙ୍କ ପରିବାରଲୋକେ ଗୋଟିଏ ହାଣ୍ଡି ମଦ ଆଣି ଦାଣ୍ଡ ମଝିରେ ରଖିଥାନ୍ତି । ମୃତ୍ୟୁଖବର ଶୁଣିଲା ମାତ୍ରେ ଗାଁର ସମସ୍ତଲୋକ ମଡ଼ାଘରେ ଉପସ୍ଥିତ ହୁଅନ୍ତି । ଡଙ୍କେ କିମ୍ବା ଦୁଇଡ଼ଙ୍କା ମଦ ପିଇବା ପରେ ବୟସ୍କ ବ୍ୟକ୍ତିମାନେ କାଠ ହାଣିବା ପାଇଁ ବାହାରି ପଡ଼ନ୍ତି । ଯାହାର କରଞ୍ଜ ଗଛ ଅଛି, ତା' ପାଇଁ କରଞ୍ଜ କାଠ ଆଣନ୍ତି ଏବଂ ଯାହାର କରଞ୍ଜ ଗଛ ନାହିଁ ତା' ପାଇଁ କରଞ୍ଜ ଭିନ୍ନ ଅନ୍ୟକାଠ ଆଣନ୍ତି । କିନ୍ତୁ କରଞ୍ଜ କାଠରେ ହିଁ ଶବ ସତ୍କାର କରିବା ନିୟମ ସଉରା ସଂପ୍ରଦାୟରେ ଅଛି । ପୁରୁଷମାନଙ୍କ ପଞ୍ଜରାହାଡ଼ ସାତଗୋଟି ଓ ସ୍ତ୍ରୀମାନଙ୍କ ପଞ୍ଜରାହାଡ଼ ଆଠଗୋଟି ବୋଲି ସଉରାମାନଙ୍କ ବିଶ୍ୱାସ ଅଛି । ତେଣୁ ମୃତ ପୁରୁଷବ୍ୟକ୍ତିଙ୍କ ପାଇଁ ସାତହାତ ରଇ ଓ ମୃତା ସ୍ତ୍ରୀଲୋକଙ୍କ ପାଇଁ ଆଠହାତ ରଇ ତିଆରି କରାଯାଏ । ରଇ ତିଆରି ସରିଲେ, ଗାଁର ପ୍ରତ୍ୟେକ ପରିବାରରୁ ଜଣେଜଣେ ସ୍ତ୍ରୀଲୋକ ଗୋଟିଏ ହାଣ୍ଡି ପାଣି ନେଇ ତେଲ ଓ ହଳଦୀ ଲଗାଇ ଶବକୁ ଗାଧୋଇ ଦିଅନ୍ତି । ଶତ୍ରୁ-ମିତ୍ର ନିର୍ବିଶେଷରେ ଗାଁର ସମସ୍ତ ପରିବାର ଗୋଟିଏ ହାଣ୍ଡି ପାଣି ନେଇ ଶବକୁ ଗାଧୋଇ ଦିଅନ୍ତି । ଶବକୁ ଗାଧୋଇ ସାରିବାପରେ ନୂଆ ଲୁଗା ଘୋଡ଼ାଇ ଢାମ୍ପ, ଟାମକ, ତୂରୀ ଓ ଭେରୀ ବଜାଇ ଶ୍ମଶାନକୁ ନିଆଯାଏ । ଉଭୟ ପୁରୁଷ ଓ ସ୍ତ୍ରୀ କିଛି ବ୍ୟବହୃତ ଜିନିଷ ଧରି ଶବ ସହିତ ଶ୍ମଶାନ ପର୍ଯ୍ୟନ୍ତ ଯାଆନ୍ତି । ସଉରା ସମାଜର ମୃତ୍ୟୁକାଳୀନ ବିଧିବିଧାନ ସମ୍ପର୍କରେ ଡକ୍ଟର ରଘୁନାଥ ମେହେର କହନ୍ତି- "ପରିବାରର କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ, ଲୋକମାନେ ଚିତା ଜଳାଇବା ପାଇଁ କାଠ ସଂଗ୍ରହ କରୁଥିବାବେଳେ ପରିବାରର କନ୍ୟା ପାଣି ଆଣେ ଓ ହଳଦି ବାଟେ । ମୃତବ୍ୟକ୍ତିଙ୍କୁ ହଳଦୀ ଲଗାଇ ଗାଧୋଇ ଦିଆଯାଏ । ଶବକୁ ନୂଆ ଲୁଗା

ପିନ୍ଧାଇଥାନ୍ତି ଓ ସ୍ତ୍ରୀମାନେ ଶବବୋହି ଶ୍ମଶାନକୁ ନେଇଥାନ୍ତି । ପୁରୁଷ ଲୋକମାନେ ଶ୍ମଶାନରେ ଶବଦାହର ବ୍ୟବସ୍ଥା କରିଥାନ୍ତି । ଶବକୁ ସ୍ତ୍ରୀଲୋକମାନେ ଶ୍ମଶାନ ଉଦ୍ଦେଶ୍ୟରେ ନେଉଥିବାବେଳେ ପାରମ୍ପରିକ ବାଦ୍ୟ ବଜାଇ ନିଆଯାଏ । ସଉରାମାନେ ଏ ସମୟରେ ମଦ୍ୟପାନ କରନ୍ତି ।"(୩)

ଶ୍ମଶାନରେ ପହ ୍ଲେ ଶବକୁ ରଇର ଚାରିପାଖରେ ତିନିଥର ବୁଲାଇ ରଇ ଉପରେ ଶୁଆଇ ଦିଅନ୍ତି । ଯେଉଁମାନେ ସାହସୀ ସେମାନେ ନିଆଁକୁ ଧରି ଚାରିଦିଗକୁ ନମସ୍କାରକରି ରଇରେ ଅଗ୍ନି ସଂଯୋଗ କରନ୍ତି । ଦିନ ହେଉ କିମ୍ବା ରାତି ଯେପର୍ଯ୍ୟନ୍ତ ଶବଟି ସମ୍ପୂର୍ଣ୍ଣରୂପେ ପୋଡ଼ି ନାହିଁ, ସେପର୍ଯ୍ୟନ୍ତ ବାଜା ବଜାଇ ସମସ୍ତେ ଶ୍ମଶାନରେ ଜଗିରହନ୍ତି । ମଡ଼ଟି ସମ୍ପୂର୍ଣ୍ଣ ପୋଡ଼ିଗଲେ ସମସ୍ତେ ଘରକୁ ଫେରି ଆସନ୍ତି । ତା'ପରଦିନ ସକାଳେ ମୃତବ୍ୟକ୍ତିର ସଂପର୍କୀୟମାନେ ହାଡ଼ଶୀତଳା ପାଇଁ ମଶାଣିକୁ ଯାଆନ୍ତି । ସ୍ତ୍ରୀଲୋକମାନେ ରଇରେ ଥିବା ନିଆଁ ଓ ପାଉଁଶରେ ପାଣି ପକାନ୍ତି । ନିଆଁରେ ପାଣି ପକାଇବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି । ଯିଏ ରଇରେ ପାଣି ପକାଇବ, ସିଏ ଦୁଇଟା ମୁଦି ଓ କିଛି ଦୁବଘାସ ଉପରେ ଗୋଡ଼ ରଖି ଧିରେ ଧିରେ ନିଆଁ ଓ ପାଉଁଶ ଉପରେ ପାଣି ପକାଇବ । ଯଦି ମୃତ ବ୍ୟକ୍ତିର ପୂର୍ବଶତ୍ରୁ ପାଣି ଧରି ପକାଇବାକୁ ଆସେ, ତେବେ ଟିକିଏ ପାଣି ପଡୁପଡୁ ନିଁଆର ଝାସ ହୁହୁ ହୋଇ ରଇରୁ ବାହାରି ଆସିବ । ସେତେବେଳେ କୁଡ଼ାନ୍ ଆସି ଦୁଇପଦ ମନ୍ତ୍ର ଉଚ୍ଚାରଣ କରି କହିବ, ଯେଉଁ ଶତ୍ରୁତା ଥିଲା ତା'କୁ ପାସୋରି ଯା, ମନରେ ରଖନା, ଏତେ କୁଟ ରଖିଲେ ପ୍ରେତପୁରୀକୁ ଯାଇ କିପରି ରହିପାରିବୁ । ତା'ପରେ ପୂର୍ବଶତ୍ରୁତା ଥିବା ସ୍ତ୍ରୀଲୋକ ପାଣି ପକାଇଲେ ଆଉ ନିଁଆର ଝାସ ହୁହୁ ହୋଇ ରଇରୁ ବାହାରି ଆସେ ନାହିଁ । ଏପରି ଲୋକବିଶ୍ୱାସ ଅନ୍ୟ କୌଣସି ଜନଜାତି ସଂପ୍ରଦାୟରେ ଦେଖାଯାଏ ନାହିଁ । ନିଆଁ ସଂପୂର୍ଣ୍ଣ ଲିଭିଲା ପରେ ଅଙ୍ଗାର ଓ ପାଉଁଶକୁ ଗୋଟିଏ ଗାତ କରି ପୋତିଦିଆଯାଏ । ଗାତ ମୁହଁରେ କିଛି ପୁରୁଣା ଛଣ ରଖିଦିଆଯାଏ । କେହି କେହି ସେହି ପାଉଁଶର କିଛି ଅଂଶ ଗାତରେ ପୋତି ଦିଅନ୍ତି ଓ ଆଉ କିଛି ଅଂଶ ଗୋଟିଏ ସାନ ମାଟି ହାଣ୍ଡିରେ ରଖି ତା' ଉପରେ ଘୋଡ଼ଣୀ ଦେଇ ପୋତିଦିଅନ୍ତି । ହାଡ଼ଶିତଳା ସରିଲେ ସିଙ୍ଗ୍‌କୁଣ୍ଡା ପାଳନ କରାଯାଏ ।

ସଉରା ସମାଜରେ ସିଙ୍ଗ୍‌କୁଣ୍ଡାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସିଙ୍ଗ୍‌କୁଣ୍ଡା ପାଳନ କରାଯାଏ । ଏହା ମୃତବ୍ୟକ୍ତିର ପ୍ରେତାତ୍ମାକୁ ବିଦାୟ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ପାଳନ କରାଯାଇଥାଏ । ଶବସତ୍କାର କରିବାକୁ ଯାଇଥିବା ବ୍ୟକ୍ତିମାନଙ୍କୁ ଆତିଥ୍ୟ ପ୍ରଦାନ କରିବା ନିମନ୍ତେ ସିଙ୍ଗ୍‌କୁଣ୍ଡା ପାଳନ କରାଯାଏ ବୋଲି କେହିକେହି କହିଥାନ୍ତି । ଏହି ଭୋଜିକୁ କେବଳ ପୁରୁଷ ବ୍ୟକ୍ତିମାନେ ହିଁ ଯିବାର ପରମ୍ପରା ରହିଛି । ମୃତବ୍ୟକ୍ତିର ସଂପର୍କୀୟମାନେ ଗୋଟିଏ ଗୋଟିଏ କୁକୁଡ଼ା ଓ କିଛି ଚାଉଳ ନେଇ ଗୋଟିଏ ସ୍ଥାନରେ ଭୋଜି ରାନ୍ଧନ୍ତି । ତା'ପରେ ଭାତ ଓ ମାଂସ ପତ୍ର ଠୋଲାରେ ସମାନ ଭାଗ କରି ସମସ୍ତେ ଖାଆନ୍ତି । ସଉରାମାନଙ୍କର ଦୃଢ଼ ବିଶ୍ୱାସ ଅଛି ଯେ, ମୃତବ୍ୟକ୍ତିଙ୍କ ପ୍ରେତାତ୍ମା ଦୁଇତିନି ଦିନ ପର୍ଯ୍ୟନ୍ତ କାହା ସହିତ ସାମିଲ୍ ହୋଇନଥିବ । ପ୍ରେତପୁରୀରେ ତା'କୁ ନୂଆଁ ନୂଆଁ ଲାଗୁଥିବ । ଖାଇବାକୁ ପାଇଥିବ କି ନାହିଁ ସନ୍ଦେହ, ତେଣୁ ପ୍ରେତାତ୍ମାକୁ ଡାକି ଭାତ ଓ ମାଂସ ଠୋଲାରେ ଖାଇବାକୁ ଦିଅନ୍ତି । ଏପରି ଖାଇବାକୁ ଦେଲେ ମୃତବ୍ୟକ୍ତିଙ୍କ ଆତ୍ମା ଶାନ୍ତି ପାଇଥାଏ ବୋଲି ସଉରାମାନେ ବିଶ୍ୱାସ କରନ୍ତି । ପ୍ରେତପୁରୀରେ ଯେତିକି ଇଚ୍ଛା ସେତିକି ଖାଇବାକୁ ମିଳେ

ନାହିଁ । ଏହି ବିଶ୍ୱାସ ଥିବାରୁ ସିଙ୍ଗ୍‌କୁଣ୍ଡା ଭୋଜିରେ କେହି ବି ପେଟପୁରା ଖାଦ୍ୟ ଖାଆନ୍ତି ନାହିଁ କିମ୍ବା ପ୍ରେତାତ୍ମାକୁ ମଧ୍ୟ ପେଟପୁରା ଖାଇବାକୁ ଦିଅନ୍ତି ନାହିଁ । ଶବ ସତ୍କାରକରିବା ନିମନ୍ତେ ବହୁ କଷ୍ଟ ସ୍ୱୀକାର କରିଥିବାରୁ ସେମାନଙ୍କୁ ଏହି ସିଙ୍ଗ୍‌କୁଣ୍ଡା ଭୋଜିରେ ସନ୍ତୁଷ୍ଟ କରାଯାଏ । ଯାହା ହେଉନା କାହିଁକି ଏହି ସିଙ୍ଗ୍‌କୁଣ୍ଡା ଭୋଜି ସଉରାମାନଙ୍କର ଗୋଷ୍ଠୀଗତ ଐକ୍ୟର ପରିଚୟ ପ୍ରଦାନ କରେ ।

ସଉରାମାନେ ସରଳ, ନିଷ୍କପଟ ଓ କ ର୍ତ୍ତବ୍ୟପରାୟଣ ଆଦିବାସୀ । ସେମାନଙ୍କର ଆଚାର ବ୍ୟବହାର ଖୁବ୍ ସାଧାସିଧା । ସେମାନଙ୍କର ଚିନ୍ତା ଚେତନା ଅତୀବ ଅମାୟିକ ଓ ସରଳ । ଏମାନଙ୍କଠାରେ ରହିଛି ଅତୁଟ ଭକ୍ତି ଓ ନିଷ୍ଠା । ସେମାନେ ଖୁବ୍ ସତର୍କତା ପୂର୍ବକ ଜୀବନ ଅତିବାହିତ କରନ୍ତି । ଜାଣିଶୁଣି ସେମାନେ କୌଣସି ଭୁଲ୍ କିମ୍ବା ଅପରାଧ କରନ୍ତି ନାହିଁ । କୌଣସି କାର୍ଯ୍ୟ କରିବାବେଳେ ସେମାନେ ଶୁଭାଶୁଭ ନିର୍ଣ୍ଣୟ କରି କାର୍ଯ୍ୟ କରନ୍ତି । ଅଜାଣତରେ କିଛି ଭୂଲ୍ ହୋଇଗଲେ, ସେଥିପାଇଁ ମଧ ସେମାନେ ପ୍ରାୟଶ୍ଚିତ କରିଥାନ୍ତି ।  ଏଥିପାଇଁ ବିଭିନ୍ନ ପୂଜାବିଧି ସେମାନଙ୍କ ସାମାଜିକ ବ୍ୟବସ୍ଥାରେ ପ୍ରଚଳିତ ।ଏହି ବିଧିବିଧାନଗୁଡ଼ିକୁ ଲକ୍ଷ୍ୟକଲେ ଜଣାଯାଏ ଯେ- ସଉରାମାନଙ୍କ ସାମାଜିକ ବିଧିବିଧାନର ସ୍ୱାତନ୍ତ୍ୟତା ଅନ୍ୟାନ୍ୟ ଜନଜାତିମାନଙ୍କଠାରୁ ସ୍ୱତନ୍ତ୍ର ଓ ପରିମାର୍ଜିତ । ସଉରା ସଂପ୍ରଦାୟର ସାମାଜିକ ବିଧିବିଧାନ ଓ ରୀତିନୀତି ଯେ ବେଶ୍ ସଂସ୍କାରଧର୍ମୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଏଥିରେ ଦ୍ୱିମତ ନାହିଁ । ସଉରା ଗାଁଗୁଡ଼ିକର ସାମାଜିକ-ସାଂସ୍କୃତିକ ଦିଗର ସମାଜତା ତ୍ତ୍ୱିକ ଅଧ୍ୟୟନ କରାଯିବାର ଆବଶ୍ୟକତା ବ ର୍ତ୍ତମାନର ଆଧୁନିକ ସମାଜରେ ମଧ ପରିଲକ୍ଷିତ ହୁଏ ।

**ସହାୟକ ଗ୍ରନ୍ଥସୂଚୀ**

୧. ରାଉତ, ଡକ୍ଟର ଭୋଳାନାଥ; ‘ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଇତିହାସ’, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ-୨ ।

୨. ଓତା, ଅଖିଳ ବିହାରୀ ଏବଂ ମହାନ୍ତି, ଶରତ ଚନ୍ଦ୍ର; ‘ଲାଞ୍ଜିଆ ସଉରା’, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର ।

୩. ମେହେର, ଡ. ରଘୁନାଥ; ଦକ୍ଷିଣ ଓଡ଼ିଶାର ଆଦିବାସୀ ସଂସ୍କୃତି, ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର, ୨୦୧୦ ।

**ପ୍ରଧାନ ଶିକ୍ଷକ,କବିସୂର୍ଯ୍ୟନଗର,ଗଞ୍ଜାମ**
**ସଉରା ସଂସ୍କୃତି ଗବେଷକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
**ଯୋଗାଯୋଗ-୯୪୩୮୦୬୦୦୩୮**
**surendranathasahu@gmail.com**

# କନ୍ଧମାନଙ୍କ ସାମାଜିକ ଜୀବନରେ ରୀତିନୀତି

**ଅଜିତ କୁମାର ବେହେରା**

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସେ ସମାଜ ବ୍ୟତୀତ ବଂିପାରିବ ନାହିଁ । ଆରିଷ୍ଟୋଟଲ କହିଥିଲେ 'ଯେଉଁ ବ୍ୟକ୍ତି ସମାଜ ବିନା ବଂିପାରେ, ସେ ଭଗବାନ କିମ୍ବା ପଶୁ ।' କୌଣସି ମନୁଷ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ । ତାହାର ବହୁବିଧ କାର୍ଯ୍ୟ, ଆବଶ୍ୟକତା ପାଇଁ ସେ ସମାଜର ଅନ୍ୟମାନଙ୍କ ଉପରେ ନିର୍ଭର କରିବା ସହ ବହୁ ରୀତି ନୀତି ମାନି ଚଳିଥାଏ । ଏହାଦ୍ୱାରା ସମାଜରେ ଏକ ସୁସ୍ଥ, ମଙ୍ଗଳମୟ ଓ ଶୃଙ୍ଖଳିତ ବାତାବରଣ ସୃଷ୍ଟି ହୋଇଥାଏ । ମଣିଷ ନିଜର ବୁଦ୍ଧି, ବିବେକ, ଜ୍ଞାନ ଓ ପ୍ରତିଭା ବଳରେ ସମାଜ ପାଇଁ, ସମାଜ ନିକଟରେ, ନିଜ ବ୍ୟକ୍ତିତ୍ୱର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାଏ । ଏକ ବୃହ ର ମାନବିକ ସଂଗଠନକୁ 'ସମାଜ' କୁହାଯାଏ । କନ୍ଧ ଜାତିରେ ସମାଜ ପ୍ରତି ଲୋକଙ୍କ ଯଥେଷ୍ଟ ଶ୍ରଦ୍ଧା ଓ ଭୟ ରହଛି । ଯେତେବଡ ଧନୀ କିମ୍ବା ପଦ ପଦବୀଧାରୀ ହେଲେ ମଧ୍ୟ ସମାଜ ପାଖରେ ସେ ବଡ ନୁହେଁ । ସମାଜ ପାଖରେ ଧନୀ-ଗରୀବ, ଜ୍ଞାନୀ-ଅଜ୍ଞାନ, ସବଳ-ଦୁର୍ବଳ ସମସ୍ତେ ସମାନ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେସବୁ କ୍ରିୟାକର୍ମ ରୀତିନୀତି ସବୁଠାରେ ସମାଜର ଉପସ୍ଥିତି ଅପରିହାର୍ଯ୍ୟ ଅଟେ ।

ଆଦିମ ଅଧିବାସୀ କଳାହାଣ୍ଡିର କନ୍ଧମାନଙ୍କ ଆଇନ କାନୁନ ଅତ୍ୟନ୍ତ ସରଳ । କନ୍ଧଟିଏ କୌଣସି ସମୟରେ ଦୋଷୀ ସାବ୍ୟସ୍ତ ହେଲେ ସେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବା ପାଇଁ 'ନିୟମ' ବା 'କିରିଆ' ଖାଇଥାଏ । ଏହି କିରିଆ ମାଧ୍ୟମରେ ନିଜକୁ ଦୋଷୀ ନିର୍ଦ୍ଦୋଷ ପ୍ରମାଣ କରିବାପାଇଁ ଯେଉଁ ଅନୁଷ୍ଠାନ ଆୟୋଜିତ ହୁଏ ତାକୁ କୁଇ ଭାଷାରେ 'ସାରଡା ଆଃପା' କହନ୍ତି । ଏହା ତିନି ପ୍ରକାର ହୋଇଥାଏ । ଯଥା- ୧. ସାରଡା ଆଃପା- ବାଦୀ ଓ ପ୍ରତିବାଦୀ ଉଭୟଙ୍କ ଉପସ୍ଥିତିରେ ନିୟମକରି ପରୀକ୍ଷା ଦେବା, ୨. ସାରଡା ମୋଃପା- ପରୀକ୍ଷା ଦେବା ପୂର୍ବରୁ ନିଜ ଭୁଲପାଇଁ ଅନୁସୃତ ସ୍ୱୟଂ ପରୀକ୍ଷା ପଦ୍ଧତି, ୩. ସାରଡା ବେଃପା- ନିର୍ଦ୍ଦୋଷ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲେ ବା ଦୋଷୀ ବ୍ୟକ୍ତି ପରିଶୋଧ ନେବା ପାଇଁ ହେଲେ ବିଭିନ୍ନ ପ୍ରଣାଳୀର ଆଶ୍ରୟ ନେଇଥାଏ । ମୋଟାମୋଟି ଭାବରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଟିଏ କେତୋଟି ସତ୍ୟ ପ୍ରମାଣ ମାଧ୍ୟମରେ ସେ ନିର୍ଦ୍ଦୋଷ ବୋଲି ପରୀକ୍ଷା ଦେଇଥାଏ । ସେଗୁଡିକ ହେଲା- କ) ଫୁଟନ୍ତା ଗୋବର ପାଣିରେ ହାତ ବୁଡାଇ, ଖ) ରଡ ନିଁଆ ଉପରେ ଚାଲି, ଗ) ଫୁଟନ୍ତା ଗୋବର ପାଣିରେ କୁକୁଡାର ଗୋଡ ବୁଡାଇ, ଘ) ପାଣି ଭିତରେ ବୁଡି, ଙ) ଧରନୀ ଖୁ , ପର୍ବତ ଓ ନଦୀକୁ ଛୁଇଁ, ଚ) ପୂଜା ଟାଙ୍ଗୀ ବା ଅସ୍ତ୍ରକୁ ଛୁଇଁ, ଛ) ଚାଉଳ ପୁଞ୍ଜି ଭକ୍ଷଣ କରି ଜ) ଖଟ ବୁଲାଇ, ଝ) ବାଉଁଶ ପାଟିଆ ଦ୍ୱାରା ଚାପ ପ୍ରୟୋଗ କରି, ଞ) ଧରନୀ ଶାଳରେ ଦୀପ ଜାଳି ଜ୍ୱଳନ୍ତ ଦୀପ ଛୁଇଁ, ଟ) ମାଟି, କଳା, ପଥର, ଲୁଣ, ବଣତୁଳସୀ ଡାଳ, କେନ୍ଦୁ ଡାଳ, ଧାତୁକୀ ଡାଳ, ଅଁଳା ଡାଳ ଇତ୍ୟାଦି ଷୋହଳ ପ୍ରକାର ଜିନିଷକୁ ଏକ ନୂଆ ମାଟି ହାଣ୍ଡିରେ ରଖି ତାକୁ ଦୁଇ ହାତରେ ଉପରକୁ ଟେକି ଧରମ ନାମରେ ନିୟମ କରି, ଠ) ଆଖି ଛୁଇଁ, ଡ) କୁଲା

ବୁଲାଇ ଢ) ପାପୁଲି ଉପରେ ଢିଙ୍କି ଚଢାଇ, ଣ) କୁମ୍ଭାର ଚକ ଛୁଆଁଇ, ତ) ଦଣ୍ଡେଇ ଗଛକୁ ଛୁଇଁ, ଥ) ତତଲା ଦା'କୁ ହାତରେ ମୁଠେଇ ଧରି ଇତ୍ୟାଦି । ପ୍ରତ୍ୟେକ ପ୍ରକାର ସତ୍ୟ ପ୍ରମାଣ ପୂର୍ବରୁ ଧର୍ମଡାକ, ପୂଜାପାଠ ଓ ମନ୍ତ୍ରପାଠ ହୋଇଥାଏ । ଏଥିରେ ଗ୍ରାମର ମଲ୍ଲିକ/ଗୌନ୍ତିଆ,ପୂଜାରୀ/ବେଜୁ/ଶିରା ଓ ଗୁଣିଆମାନେ ଉପସ୍ଥିତ ରହିଥାନ୍ତି ।

**ଜନ୍ମ**

କନ୍ଧମାନଙ୍କ ଜୀବନଚକ୍ରରେ ଜନ୍ମ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ତେଣୁ ସେମାନଙ୍କ ଘରେ ସ୍ତ୍ରୀଟିଏ ଗର୍ଭବତୀ ହେଲେ ତା'କୁ ସାଦରେ ଗ୍ରହଣ କରିଥାନ୍ତି । କନ୍ଧ ସମାଜରେ ନୂଆବୋହୂର ଋତୁସ୍ରାବ ବନ୍ଦ ହେଲେ ମହାପୁରୁ ଶୁଭ କରିଛନ୍ତି ବୋଲି ବିଚାର କରନ୍ତି । ଏହାକୁ କନ୍ଧମାନେ 'ଦେହେଁ ଧରିଛେ' ବୋଲି କହିଥାନ୍ତି । ସାଧାରଣତଃ ତିନି ଚାରି ମାସ ଭିତରେ ଯଦି ସେଇ ସ୍ତ୍ରୀର କୌଣସି ସଙ୍କେତ ଦେଖା ନଦିଏ ତେବେ ସେମାନେ ଗୁଣି ଗାରେଡିର ସହାୟତା ନେଇ କାରଣ ଖୋଜିଥାନ୍ତି । ପୁଣି କନ୍ଧମାନେ ମୃତ୍ୟୁ ହୋଇଥିବା ନିଜ ଘରର ସିଆନ୍ ଡୁମା ଗର୍ଭବତୀ ମହିଳାର ଦେହରେ ପ୍ରବେଶ କରେ ବୋଲି ବିଶ୍ୱାସ କରନ୍ତି । ଗର୍ଭବତୀ ସ୍ତ୍ରୀ ତା'ର ଗୃହକାର୍ଯ୍ୟ କଲେ ମଧ୍ୟ କିଛି ବ୍ୟବହାର ଓ କାର୍ଯ୍ୟକଳାପରେ କଟକଣା ଲଗାଯାଇଥାଏ । ସଦାବେଳେ ସେଇ ନାରୀଟିର ପେଟରେ ଗର୍ଭସ୍ଥ ଶିଶୁଟି ଖେଳୁଛି କି ନାହିଁ ସେଥିପ୍ରତି ଯଥେଷ୍ଟଧ୍ୟାନ ଦିଆଯାଏ । ଶିଶୁଟି ପେଟ ଭିତରେ ଏପଟ ସେପଟ ହେଉଥିଲେ ସେ ଠିକ ଅଛି ବୋଲି ବିଚାର କରିଥାନ୍ତି । ଏଇ ସମୟରେ ଗାଈ ବନ୍ଧା ଯାଇଥିବା ଦଉଡିକୁ ଡେଇଁବାକୁ, ପଡିଶା ଘରୁ ତରକାରୀ ବା ଖାଦ୍ୟଦ୍ରବ୍ୟ ଖାଇବାକୁ ବାରଣ କରାଯାଏ । କାରଣ ଏହି ଖାଦ୍ୟ ଉପରେ କୌଣସି ଭୂତପ୍ରେତର ନଜର ପଡିଥିବ ତେଣୁ ତାକୁ ଖାଇଲେ ଗର୍ଭସ୍ଥ ଶିଶୁର ଅନିଷ୍ଟ ହେବାର ଆଶଙ୍କା କରାଯାଏ ।  ଚନ୍ଦ୍ରଗ୍ରହଣ ସମୟରେ ଚନ୍ଦ୍ରକୁ ଦେଖିବାକୁ ମନା କରାଯାଇଥାଏ । କାରଣ ଗ୍ରହଣ ଚନ୍ଦ୍ର ଦେଖିଲେ ଗ୍ରହଣ ଖଣ୍ଡିଆ ଶିଶୁ ଜନ୍ମ ହୋଇଥାଏ । ପୁଣି ଯୋଡି ହୋଇଥିବା ଫଳ, ପନିପରିବା ଇତ୍ୟାଦିକୁ ସେମାନଙ୍କୁ ଖାଇବାକୁ ଦିଆଯାଏ ନାହିଁ । କାରଣ ଏହି ଯୋଡା ଦ୍ରବ୍ୟ ଖାଇଲେ ଜାଆଁଳା ଛୁଆ ଜନ୍ମ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଗର୍ଭାବସ୍ଥାରେ ଦେବଦେବୀ ମନ୍ଦିରରେ ଲାଗଥିବା ପ୍ରସାଦ ଖାଇବାକୁ ଓ ସଂଜ ହେଲେ ପଦାକୁ ଯିବା ମନା କରାଯାଏ । ଆସନ୍ନ ପ୍ରସବା କନ୍ଧ ନାରୀଟିଏ ବିଭିନ୍ନ ଦ୍ରବ୍ୟ ଯେପରିକି, ଖଟା, ଶୁଖୁଆ/ପୋଡାମାଛ, ପିଠା, ବିଭିନ୍ନ ଫଳ ଇତ୍ୟାଦି ଖାଇବାକୁ ଇଚ୍ଛାପ୍ରକାଶ କରିଥାଏ । ଏହି ଦ୍ରବ୍ୟକୁ ପରିବାର ଲୋକେ ଗର୍ଭବତୀ ନାରୀକୁ ଦେବା ପାଇଁ ଯଥାସାଧ୍ୟ ପ୍ରୟାସ କରିଥାନ୍ତି । କାରଣ ଇଚ୍ଛା କରୁଥିବା ଦ୍ରବ୍ୟ ତା'କୁ ପ୍ରଦାନ ନକଲେ ମା'ର ହାତଗୋଡ ଫୁଲି ଯାଇଥାଏ ଓ ନବଜାତ ଶିଶୁର ପାଟିରୁ ଲାଳ ଗଡିଥାଏ । ଏହି ସମୟରେ ସଞ୍ଜ ବା ରାତିରେ ବାଳ ମୁକୁଳା କରିବା, ମୁଣ୍ଡ କୁଣ୍ଡାଇବା, ଖଟରେ ବସି ଦି'ଗୋଡ ଓହଳେଇ ଝୁଲିବା, ଦ୍ୱାରବନ୍ଧ/ଲଙ୍ଗଳ ଉପରେ ବସିବା ଅଶୁଭ ହେତୁ ବାରଣ କରାଯାଏ । ଏତଦ୍‌ବ୍ୟତୀତ କାହାଘର ଯଦି ସନ୍ତାନ ଜନ୍ମ ହୋଇଥାଏ (ଚିରିକିଟିଆ) ଓ ମୃତ୍ୟୁ ହୋଇଥାଏ (ମିରିକିଟିଆ) ସେଭଳି ଘର ଖାଦ୍ୟ ଖାଇବା ନିଷେଧ କରାଯାଏ । କୌଣସି ଘରେ କେହି ଗର୍ଭବତୀ ଥିଲେ ସେଇ ଘରର ଲୋକେ ଶବାଧାରକୁ ଯାଆନ୍ତି ନାହିଁ କି ଶବସତ୍କାର ପାଇଁ ଘରୁ କାଠ ଦିଅନ୍ତି ନାହିଁ । ଶୋଇଲା ବେଳେ ଭୂତପ୍ରେତ, ବା ଦେ'ଦେବତା,

ମସାନ ଇତ୍ୟାଦି ଭୟରେ ଖଟତଳେ କୌଣସି ଏକ ଲୁହା ଆଦି ଧାତୁକୁ ରଖି ଦେଲେ କୌଣସି ଅପଶକ୍ତି ଆକ୍ରମଣ କରିପାରେ ନାହିଁ ବୋଲି ବିଶ୍ୱାସ କରାଯାଏ ।

କନ୍ଧମାନେ ଗର୍ଭବତୀ ନାରୀର ବିଭିନ୍ନ ସଙ୍କେତକୁ ଆଧାରକରି ପ୍ରସୂତି ଗୃହକୁ ନେଇଥାନ୍ତି । ସେଠାରେ ପୂର୍ବରୁ ଗରମପାଣି, ଜଡା, ସୋରିଷ ତେଲ ଆଦି ରଖାଯାଇଥାଏ । ପ୍ରସବ ବେଦନା ଆରମ୍ଭ ହେଲେ ଘର ପାଖର ଜଣେ ବା ଦୁଇଜଣ ଅଭିଜ୍ଞ ସ୍ତ୍ରୀ ଲୋକଙ୍କୁ ଡକାଯାଏ । ସେମାନେ ଆସି ପିଲାଜନ୍ମ କରାଇଥାନ୍ତି । ସାଧାରଣତଃ ଶିଶୁ ଜନ୍ମ ହେବାକ୍ଷଣି କାନ୍ଦିଥାଏ । ଯଦି ନକାନ୍ଦେ ତେବେ ପ୍ରସବ ସ୍ଥାନରେ ଥିବା ସ୍ତ୍ରୀ ଲୋକମାନେ ଥାଳି, ଗିନା, କବାଟ, ଠେଙ୍ଗା ଆଦି ବଜାଇ ନାନାଦି ଶବ୍ଦ କରାଯାଏ । ଏସବୁ ଶୁଣି ଶିଶୁଟି ଅଧଘ ।/ଘେ ମଧ୍ୟରେ ନକାନ୍ଦିଲେ ମୃତ ବୋଲି ଘୋଷଣା କରାଯାଏ । ଏହାଛଡା କନ୍ଧ ପରିବାରରେ ଶିଶୁଟି ଜନ୍ମ ହେବାରେ ବିଭିନ୍ନ ଅସୁବିଧା ଦେଖାଦେଲେ ଗୁଣିଆ ଡାକି କେଉଁ ଡୁମାର ଆଗମନ ହେଉଛି ତାହା ଅବଗତ ହୋଇଥାନ୍ତି । ତାକୁ 'ଧାନଦେଖା' କୁହାଯାଏ । ଏହି ଧାନଦେଖା ପାଇଁ କିଛି ଧାନ/ଚାଉଳ ଆବଶ୍ୟକ ହୋଇଥାଏ । ଗୁଣିଆ ତାକୁ ମୁଠାରେ ନେଇ କୁଲାରେ ବା ମାଟିରେ ରଖି ଯୋଡି ଯୋଡି କରି ଫିଟାଏ ଏବଂ କେତେକ ଯୋଡା ଫିଟିଲା ତଥା କେତେଥର ଫିଟିଲା ଏହିପରି ଗଣନାକରି ଯେଉଁ ଡୁମାକୁ ନାଁ ଧରିଲା ବେଳେ ଯୋଡା ଫିଟିଲା ନାହିଁ ସେଇ ଡୁମା ପ୍ରକଟ ହୋଇଛି ବୋଲି ଜଣାଇଦିଏ । ଏହାପରେ ସେଇ ଦେବତା ବା ଡୁମାର ଭୋଗ ପ୍ରଦାନ କରିବାକୁ ସମ୍ମତି ହେଲେ ସବୁ ଠିକ୍‌ଠାକ୍ ହୋଇଯାଏ ।

ଶିଶୁ ଜନ୍ମର ସାତଦିନ ପରେ ଅଶୌଚ ସମୟ ଅତିକ୍ରମ କଲେ ଗୁନିଆ ବା ଦିଆରି ଡକାଇ ଶିଶୁଟି କିଏ ତାହା ଜାଣିବା ପାଇଁ ଦେବ୍‌ତା ଭରାନ୍ତି । ଗୋଟିଏ କୁକୁଡା ଆଣି ଇଷ୍ଟ ଦେବୀ ପାଖରେ 'ଚାଉଳ ଠୁକା' ହୁଏ । ପୁର୍ବପୁରୁଷର ନାମ ଧରିଲାବେଳେ କୁକୁଡାଟି ଚାଉଳ ଠୁକେ ସେହି ଲୋକଟି ଜନ୍ମ ହୋଇଛି ବୋଲି ବିଶ୍ୱାସ କରାଯାଏ । ଅନ୍ୟ ପ୍ରକାରର ନାମକରଣଟି ଏହିପରି କନ୍ଧ ଜାନି ଧନୁର ଦୁଇ ପାର୍ଶ୍ୱକୁ ଧରି ସମ୍ପୃକ୍ତ ଶିଶୁର ପୁର୍ବପୁରୁଷର ନାମ ଉଚ୍ଚାରଣ କରୁଥାଏ । ଯେଉଁ ନାମ ଧରିଲାବେଳେ ଧନୁଟି ହଲେ, ଉଚ୍ଚାରିତ ପୁର୍ବପୁରୁଷ ଶିଶୁ ରୂପେ ଜନ୍ମିଛି ବୋଲି ବିଶ୍ୱାସ କରାଯାଏ । ଏହାଛଡା ନବଜାତ ଶିଶୁର ଶରୀରରେ କୌଣସି ଜନ୍ମଚିହ୍ନ ଥିଲେ ତାକୁ ଅନୁଧ୍ୟାନ କରାଯାଏ । କେଉଁ ଧରଣର ଚିହ୍ନ କେଉଁଠି ଅଛି ଏବଂ ଏଭଳି ଚିହ୍ନ ଧାରୀ ମୃତ୍ୟୁବରଣ କରିଥିବା କେଉଁ ଲୋକ ଦେହରେ ଥିଲା ତା'ର ବିଚାରକରି ଅମୁକ ଡୁମା ବା ସମୁକ ଡୁମା ଜନ୍ମ ନେଇଛି ବୋଲି କୁହାଯାଏ । ଶିଶୁର ଯେଉଁଦିନ ନଲୁଆ ସଂପୂର୍ଣ୍ଣ ଛିଣ୍ଡିଯାଏ ତାକୁ 'ନଲୁଆ ପଡିଲା' କୁହାଯାଏ । ଏ ନଲୁଆକୁ ସହଜ ଭାବରେ ଫିଙ୍ଗି ନଦେଇ ଘର ଭିତରେ ବା ଘର ସାମ୍ନାରେ ପୋତି ଦିଆଯାଏ । ଏହିପରି କଲେ ସନ୍ତାନକୁ ଘରର ଇଷ୍ଟ ଦେବଦେବୀ ଆସନ୍ନ ବିପଦରୁ ରକ୍ଷା କରିଥାନ୍ତି । କୌଣସି ନିର୍ଦ୍ଦିଷ୍ଟ ଏକ ବାପା ମା'ର ଶିଶୁମାନେ ବାରମ୍ବାର ମୃତ୍ୟୁ ମୁଖରେ ପଡୁଥିଲେ ଅଥବା ଅନେକ ଦିନର ବ୍ୟବଧାନ ପରେ ଯଦି ଶିଶୁ ଜନ୍ମ ନେଲେ ଗଣା, ଚମାର ଭଳି ନୀଚ ଜାତି ଘରେ ବିକ୍ରୟ କରାଯାଏ । ନିଜ ଜାତିରେ ବା ପରିବାରରେ ଥିଲେ ମରିଯାଉଛି ତେଣୁ ଅନ୍ୟ ଜାତିରେ ବିକ୍ରୟ କରିଦେଲେ ଆସନ୍ନ ମୃତ୍ୟୁକୁ ଏଡାଇ ଦିଆଯାଇପାରେ ବୋଲି ବିଶ୍ୱାସ କରାଯାଏ ।

କନ୍ଧ ଜାତିରେ ଝିଅମାନଙ୍କ ବୟଃପ୍ରାପ୍ତି ପୂର୍ବରୁ କଣାବରା (Arrow Marrage) ନାମକ ଏକ ସାମାଜିକ ଅନୁଷ୍ଠାନ କରାଯାଇଥାଏ । ଏହାଦ୍ୱାରା ବାପଘରେ ଝିଅ ଘରଯୋଗ୍ୟା ହେଲେ କନ୍ୟାପିତାର ଅନିଷ୍ଟ ହୁଏନାହିଁ ଓ କନ୍ୟାର ରିଷ୍ଟ ଖଣ୍ଡନ ହୋଇଥାଏ । ଏଣୁ କନ୍ୟାକୁ ଗୋଟିଏ ଶର ସହିତ ବିବାହ ସମ୍ପନ୍ନ କରାଯାଏ । ଏହି ଶର ପୁରୁଷ ପିଲାର ପ୍ରତୀକ । ଶର ସହିତ ବିବାହ କରିବାର ଏହି ସାଙ୍କେତିକ ରୀତିର ତାତ୍ପର୍ଯ୍ୟ ହେଉଛି ଝିଅ ଘରଯୋଗ୍ୟା ହେବା ପୂର୍ବରୁ ବିବାହ କରିସାରିଛି । ବିବାହର ପ୍ରଥମ ପର୍ଯ୍ୟାୟ 'ଗନସନ' କାର୍ଯ୍ୟଟି ଏହି କଣାବରା ଦିନ ସମାପ୍ତ ହୋଇଥାଏ । କନ୍ୟାଟି କଣାବରା ହେବା ପୂର୍ବରୁ ବୟଃପ୍ରାପ୍ତି ହେଲେ ତାକୁ ବେହେରା କିମ୍ବା ଟିକେନ ଗଛ ସହ ବିବାହ କରାଯାଏ । ଗନସନ୍ କରି ଗୋରଟଳା କରାଯାଏ । ଫଳରେ କନ୍ୟା ଉପରେ ପଡିଥିବା ଗ୍ରହର କୁପ୍ରଭାବ ଦୂରହେବା ସହ ରିଷ୍ଟ ଖଣ୍ଡନ ହୋଇଥାଏ ।

କନ୍ଧ ସମାଜରେ କଣାବରା ହୋଇ ନଥିବା ଯୁବତୀକୁ କେହି ବିବାହ କରିବାକୁ ଇଚ୍ଛାପ୍ରକାଶ କରନ୍ତି ନାହିଁ । ବିବାହ ସମୟରେ ବରକନ୍ୟାକୁ ବିବାହ ମଣ୍ଡପରେ ଯେଉଁ ପାଣି ଢଳାଯାଏ ତାକୁ 'ଅମେରା ପାନି' କୁହାଯାଏ । ଅମେରା ପାନି ପଡିଲେ ହିଁ ଜଣେ ନାରୀ ଶ୍ୱଶୁର ଘରର ସମସ୍ତ ମାଙ୍ଗଳିକ/ଧାର୍ମିକ ଅନୁଷ୍ଠାନରେ ସାମିଲ ହୋଇପାରେ । କିନ୍ତୁ କଣାବରା ହୋଇଥିବା ଝିଅ ଆର୍ଥିକ ଅସୁବିଧା/ଉଧୁଲିଆ/ପରସାମୁଡି ହେତୁ ଜୀବନରେ ବିବାହକରି ନପାରିଲେ ମ୍ଭ ବିବାହିତା ନାରୀଭଳି ସମସ୍ତ ମାଙ୍ଗଳିକ କାର୍ଯ୍ୟ ସମ୍ପାଦନ କରିବା ସୁଯୋଗ ପାଇଥାଏ । ଏଥିରେ ସମାଜର କୌଣସି କଟକଣା ରହେନାହିଁ । ଏଥିରୁ କନ୍ଧ ସମାଜରେ କଣାବରା କେତେ ଗୁରୁତ୍ୱପୂର୍ଣ୍ଣ ତାହା ସ୍ପଷ୍ଟ ଅନୁମେୟ ।

**ବିବାହ**

କଳାହାଣ୍ଡିରେ ବସବାସ କରୁଥିବା ଅନ୍ୟ ସମ୍ପ୍ରଦାୟପରି କନ୍ଧ ସମାଜରେ ବିବାହକୁ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ମନେ କରାଯାଏ । ଏମାନେ ବିବାହକୁ 'ଭିଆ' ବୋଲି କହିଥାନ୍ତି । କନ୍ଧ ସାମାଜିକ ନିତିନିୟମ ତଥା ପାରିବାରିକ ସ୍ୱୀକୃତିରେ ଯୁବକ ଯୁବତୀ ମ୍ଭରେ ଯେଉଁ ବିବାହ ଅନୁଷ୍ଠିତ ହୁଏ କୁଟିଆ କନ୍ଧମାନେ 'ସେଡି' କହିଲା ଅନ୍ୟ କନ୍ଧମାନେ 'ମାଙ୍ଗିଭିଆ' କହନ୍ତି । 'ପଶିଖାଇ ବିହା'ରେ ଅବିବାହିତ ଯୁବତୀ ନିଜ ମନୋନୀତ ପ୍ରେମିକ ପୁରୁଷ ଘରକୁ ବଳପୂର୍ବକ ପ୍ରବେଶକରି ସ୍ତ୍ରୀର ଅଧିକାର ଜାହିର କରେ । କିନ୍ତୁ ଯୁବକ ପରିବାର ଲୋକେ ତାକୁ ଅନେକ ପ୍ରକାର କଟୁକଥା କହି ଅନାଦର କରନ୍ତି । ତଥାପି ଯୁବତୀଟି ସେସବୁକୁ ଖାତିର ନକରି ସେଠାରେ ରହେ । ଶେଷରେ ଯୁବକ ପରିବାରର ଲୋକେ ସମାଜ ଆଗରେ ତା'କୁ ବୋହୂର ସ୍ୱୀକୃତି ପ୍ରଦାନ କରିଥାନ୍ତି । କନ୍ଧ ଯୁବକ ତା'ର ମନପସନ୍ଦ ଯୁବତୀ ଅଥବା କନ୍ୟାପିତା ବରପିତାଙ୍କୁ ବିବାହ ପାଇଁ ଜବାବଦେଇ ଯଦି ଠିକ ସମୟରେ କନ୍ୟାକୁ ନଦିଅନ୍ତି ତେବେ ସେ ସାଙ୍ଗସାଥୀଙ୍କ ସହାୟତାରେ ଅପହରଣ କରି ଆଣି ବିବାହ କରେ । ତା'କୁ କନ୍ଧ ଭାଷାରେ 'ଘିଚାକନିଆ ଭିଆ' କୁହାଯାଏ । ଏହା ଏକ ଯୋର ଜବରଦସ୍ତ କାର୍ଯ୍ୟ; ମାତ୍ର ସବୁବର୍ଗର କନ୍ଧସମାଜ ଏହାକୁ ଯଥାର୍ଥ ଓ ବୀରଯୋଗ୍ୟ ବିବାହ ବୋଲି ଗଣନା କରନ୍ତି । ଏମାନଙ୍କ ମ୍ଭରେ ଏହି ବିବାହ ଦୁଇଟି ସମୟରେ କରାଯାଇଥାଏ । ତେବେ ବରପକ୍ଷରୁ କେତେଜଣ 'ଧରିପଲା ଭିଆ'ରେ ଯୁବକ ଯୁବତୀ ପରସ୍ପର ପ୍ରତି ଆକୃଷ୍ଟହୋଇ ପରିବାର ଲୋକଙ୍କ ଅଜ୍ଞାତରେ କୌଣସି

ସ୍ଥାନକୁ ଲୁଚି ପଳେଇଯାନ୍ତି । ସେଠାରେ କିଛିଦିନ ରହି ଗୃହକୁ ଫେରି ସାମାଜିକ ସ୍ୱୀକୃତି ଲାଭ କରନ୍ତି । ପୁତ୍ରହୀନ ବା ବହୁ କନ୍ୟାର ପିତାମାତା 'ଘେରଙ୍ଗା ଭିଆ' କରିଥାଏ । ଏହି ପ୍ରଥାନୁସାରେ ସାଧାରଣତଃ ବରକୁ କନ୍ୟାଘରେ ରହି ଶ୍ରମଦାନ କରିବାକୁ ପଡିଥାଏ । ସ୍ୱାମୀର ମୃତ୍ୟୁପରେ କନ୍ଧନାରୀ ନିଜ ଦିଅରକୁ ବିବାହ କରିବାରେ କୌଣସି ସାମାଜିକ ପ୍ରତିବନ୍ଧକ ନାହିଁ । ଏହି ପରିପ୍ରେକ୍ଷୀରେ କନ୍ଧମାନେ *'ଖୁସାର ଗେତରେ ଟାଉଁରି ଆଚେ, ମୁନୁଷ ମଲେ ଦିଅର ଆଚେ'* ବୋଲି କହିଥାନ୍ତି । ବିଧବା ସ୍ତ୍ରୀର ଯଦି ନିଜ ଦିଅର ନଥାଏ ବା ପ୍ରତ୍ୟାଖ୍ୟାନ କରେ ତେବେ ଜଣେ ଦିଅର ମାନ୍ୟ ଯୁବକକୁ 'ବିଧବା ଭିଆ' କରିପାରେ । ସ୍ତ୍ରୀ ନଷ୍ଟଚରିତ୍ରା, କଳହପ୍ରିୟା, ଡାହାଣୀ, ଚିରରୋଗିଣୀ ହେଲେ ସ୍ୱାମୀ ତା'କୁ ଛାଡପତ୍ର ଦେଇଥାଏ । ଠିକ୍ ସେହିପରି ପୁରୁଷ ଅତ୍ୟଧିକ ଲମ୍ପଟ, ମଦ୍ୟପ, ଅପାରଗ, ସଙ୍ଗମଶକ୍ତି ରହିତ, କୁଟୁମ୍ବ ପୋଷିବାକୁ ଅଯୋଗ୍ୟ ହୁଏ ତେବେ ସେପରିସ୍ଥଳେ ସ୍ତ୍ରୀ ମଧ୍ୟ ଛାଡପତ୍ର ଦେଇଥାଏ । ସମାଜରୁ ଛାଡପତ୍ର ପାଇଥିବା ନାରୀକୁ 'ଛାର୍‌ରୀ' ଓ ପୁରୁଷକୁ 'ଛର୍‌ରା' କୁହାଯାଏ । ଏହାପରେ ସେମାନଙ୍କ ପୁନର୍ବିବାହ ଅନୁଷ୍ଠିତ ହୋଇଥାଏ । ପୁଣି ଯଦି ପ୍ରଥମା ସ୍ତ୍ରୀ ରୋଗୀଣା, ସନ୍ତାନହୀନା ହୁଏ ତେବେ ପୁରୁଷ ଦ୍ୱିତୀୟ ବିବାହ କରିବାରେ ସାମାଜିକ ପ୍ରତିବନ୍ଧକ ରହେନାହିଁ । ସାଧାରଣତଃ କନ୍ଧମାନେ ଏ କ୍ଷେତ୍ରରେ ଶାଳୀକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି ।

କୁଟେନ୍‌ଶାଳ ହେଉଛି ଦାମ୍ପତ୍ୟ ଜୀବନର ମୂଳଦୁଆ । ସେଠାରେ 'କୁଟେନ ଗାତ' ଓ 'ପାହାରୁନ' ରହିଥାଏ । କୁଟେନ ଗାତ ଯୋନିର ପ୍ରତୀକ ଓ ପାହାରୁନ ଲିଙ୍ଗର ପ୍ରତୀକ । ସେଠାରେ ବରର ଭାଉଜ ଓ ଶାଳୀମାନଙ୍କ ଦ୍ୱାରା କଉଡି ଖେଳ, ପିଲାକନ୍ଦା, ପିଲାସେକା, ଉହ୍ଲେଇ ଚହଁରା, ଦୁଲଦୁଲି ଓ ଘୁଡାଚଢା ଇତ୍ୟାଦି କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଏହାରି ମାଧ୍ୟମରେ ତାଙ୍କ  ଭବିଷ୍ୟତ ଜୀବନ କିପରି ସନ୍ତାନ ଜନ୍ମ, ପାଳନକରି ସୁଖମୟ ଭାବେ ଜୀବନ ନିର୍ବାହ କରିବେ ସେଥିପାଇଁ ଶିକ୍ଷା ଦିଆଯାଇଥାଏ । ସେମାନେ ଯିବାପରେ କଟେନଶାଳକୁ ଜାନୀ ଆସି କୁଟେନ ବୀରଙ୍କୁ ଏକ କୁକୁଡା ବଳିଦେଇ ପୂଜାକରିବା ପରେ ଏକ ଦୀପ ଜାଳି ଚାଲିଯାଏ । ସେହି ଦୀପକୁ  କୁଟେନଶାଳରେ ନବବଧୂ ତେଲଦେଇ ରାତିଯାକ ଜଳାଇ ରଖିବାକୁ ଚେଷ୍ଟାକରେ । ଯଦି ସକାଳ ହେବା ଆଗରୁ ଦୀପ ଲିଭିଯାଏ ତେବେ ତାହା ନବଦମ୍ପ ିଙ୍କ ଭବିଷ୍ୟତ ଜୀବନ ଅନ୍ଧକାର ହେବ ବୋଲି ବିଶ୍ୱାସ କରାଯାଏ ।

ସକାଳ ହେଲେ ବରପିଲା ଧନୁ ଓ ଶର ଧରି ଜଙ୍ଗଲକୁ ସମ୍ବର ମାରିବାକୁ ଯାଏ । ଏହି 'ସମ୍ବର ମରା' କେବଳ କଳାହାଣ୍ଡିର କନ୍ଧ ବିବାହ ବେଳେ ଦେଖିବାକୁ ମିଳେ । ବରକନ୍ୟା ଆସିବା ରାସ୍ତାରେ ବରର ସାଙ୍ଗମାନେ ପୂର୍ବରୁ ଅଲଗା ଅଲଗା ସ୍ଥାନରେ ସମ୍ବରର ପ୍ରତୀକ ହିସାବରେ ସାତଗୋଟି ଘଷିଫଡାକୁ ରଖି ଦେଇଥାନ୍ତି । ଘଷିଫଡା ପାଖକୁ ଆସିଲେ କନ୍ୟା ବାମଗୋଡରେ ଆଣ୍ଠେଇ ପଡେ । ବର କନ୍ୟାକୁ ନିଜ ବାହୁ ବନ୍ଧନରେ ରଖି ବାମ ହସ୍ତରେ ଧନୁ ଓ ଡାହାଣ ହସ୍ତରେ ଶରଧରି ସମ୍ବରକୁ ମାରିଥାଏ । ବାଟରେ ପଡିଥିବା ଶରକୁ କନ୍ଧପତ୍ନୀ ଡାହାଣ ଗୋଡରେ ଉଠାଇ ସ୍ୱାମୀକୁ ପ୍ରଦାନ କରିଥାଏ । ଏହିପରି ବାଟଯାକ ସାତଗୋଟି ସମ୍ବର ମାରି ଘରକୁ ବାହୁଡିଥାନ୍ତି । ସବାଶେଷ ସମ୍ବର ମରିବା ମାତ୍ରେ ବରର ସାଥିମାନେ ତା'କୁ ନେଇଯା'ନ୍ତି । କନ୍ୟା ସେମାନଙ୍କୁ କିଛି ପଇସା ଦେଇ ମୁକୁଳାଇ ଥାଏ । ଏହାପରେ ବରକନ୍ୟା ନିଜ ଗୃହକୁ ଆସିବା ମାତ୍ରେ ବରର ମା' ହୁଳହୁଳି ଦେଇ ଘର ଭିତରକୁ ସ୍ୱାଗତ କରିଥାଏ । ଏହି ସ୍ୱାଗତ ପର୍ବ କନ୍ଧ ଭାଷାରେ 'ମୁହୁଁଜୁହି' ଭାବେ ପରିଚିତ ।

କନ୍ଧ ସମ୍ପ୍ରଦାୟରେ ବିବାହ ଭଳି ଛାଡପତ୍ର ପ୍ରଥା ପ୍ରଚଳିତ ରହିଛି । ଏହି ସମାଜରେ ଛାଡପତ୍ର ପ୍ରକ୍ରିୟା ଅତି ସହଜ । ଏହା ଉଭୟ କୁଟା ଛିଣ୍ଡାଇ ଓ ଏକତରଫା କୁଟା ଛିଣ୍ଡାଇ ଛାଡପତ୍ର ଦିଆନିଆ ହୋଇଥାଏ । ଯେତେବେଳେ ପୁରୁଷ ମଧ୍ୟରେ ମନୋମାଳିନ୍ୟ ଦେଖାଦେଲେ କିମ୍ବା ପାଖରେ ସ୍ତ୍ରୀ ବଳରେ ନରହିଲେ ସ୍ୱାମୀ ସ୍ତ୍ରୀ ଉଭୟେ ଛାଡପତ୍ର ପାଇଁ ସମ୍ମତି ପ୍ରକାଶ କଲେ ଗ୍ରାମରେ ସଭା ବସେ । ସେଠାରେ ନିୟମ ମୁତାବକ ଉଭୟେ ସଭାଟଙ୍କା ପ୍ରଦାନ କରନ୍ତି । ଏହାକୁ କୁଟିଆ କନ୍ଧମାନେ 'ପୁଞ୍ଜୁ' କହିଥାନ୍ତି । ସ୍ୱାମୀ ଓ ସ୍ତ୍ରୀ ସଭାସଦଙ୍କ ସମ୍ମୁଖରେ ସାତଗୋଟି କୁଟାକୁ ଛିଣ୍ଡାଇ କହନ୍ତି 'ଆଏଜ୍ ଠାନୁ ଆମ ଭିତରେ କୌଣସି ସମ୍ପର୍କ ନାହିଁ ।' ଏହାପରେ ପୁଅ/ଝିଅ ଅନ୍ୟ ସ୍ଥାନରେ ବିବାହ କରିବାର ଅଧିକାର ପାଇଥାନ୍ତି । ଏହି ସମୟରେ କାହାକୁ ଧନ ବା ଗଣ୍ଡି ଫେରେଇବାକୁ ପଡେନାହିଁ । କିନ୍ତୁ ଏକତରଫା କୁଟା ଛିଣ୍ଡାଇବା କ୍ଷେତ୍ରରେ ଯଦି ସ୍ତ୍ରୀ କୁଟା ଛିଣ୍ଡାଇବ ତେବେ ସେ କ୍ଷେତ୍ରରେ ପୁଅଠାରୁ ପାଇଥିବା ସମସ୍ତ ଧନ ଫେରେଇଥାଏ ମାତ୍ର ପୁଅ ଯୌତୁକ ଫେରାଏ ନାହିଁ । ଅନ୍ୟପକ୍ଷରେ ପୁଅ ଝିଅକୁ 'ରଖିବି ନାହିଁ 'କହି କୁଟା ଛିଣ୍ଡାଇ 'ଆଜିଠାରୁ ସ୍ତ୍ରୀ ଉପରେ ମୋର କୌଣସି ଦାବୀ ରହିବ ନାହିଁ ବୋଲି' କହିଥାଏ । ଏଥିରେ ପୁଅ ଦେଇଥିବା ଧନସବୁ ବୁଡିଯାଏ । କିନ୍ତୁ ଝିଅକୁ ସେ ଯୌତୁକ ଫେରେଇ ଥାଏ । ଏହି ଛାଡପତ୍ର ପରେ ସେଇ ସ୍ତ୍ରୀକୁ ତାର ବାପଘରେ ପୁନର୍ବିବାହ ଦେବାରେ କୌଣସି ପ୍ରତିବନ୍ଧକ ରହେନାହିଁ ।

## ମୃତ୍ୟୁ

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ । ଯିଏ ମୃତ୍ୟୁ ବରଣ କରେ ସେ ଆଉ କେବେ ବି ଫେରେ ନାହିଁ । ତେଣୁ କନ୍ଧମାନେ କୌଣସି ସମ୍ପର୍କୀୟ ରୋଗରେ ପଡିଥିଲେ ବା ତା'ର ଆସନ୍ନ ମୃତ୍ୟୁର ଆଭାସ ପାଇଲେ ସାଇ ପଡିଶା ତଥା ଆତ୍ମୀୟମାନେ ଆସି ସେଇ ବ୍ୟକ୍ତିକୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ପଦାର୍ଥ ଖାଇବାକୁ ଦେଇଥାନ୍ତି । ମୃତ୍ୟୁ ହେବାପରେ ପରିବାରର ଅନ୍ୟ ସଦସ୍ୟମାନେ ଜୋରରେ ମୃତବ୍ୟକ୍ତିର ଗୁଣ ସ୍ମରଣକରି ବଡ ପାଟିରେ କାନ୍ଦିଥାନ୍ତି । ଏହି କାନ୍ଦଣାର ସ୍ୱର ଶୁଣି ପାଖ ପଡିଶା ଲୋକେ ଠୁଳ ହୋଇଥାନ୍ତି ଏବଂ ଶୋକାକୂଳ ପରିବାରକୁ ଶାନ୍ତ୍ୱନା ଦେବାକୁ ପ୍ରୟାସ କରନ୍ତି । ଏହି ସମୟରେ ସେଇ ଘର ଆଗରେ ସ୍ୱତନ୍ତ୍ର ଧରଣର ନିଶାନ ବାଜେ । ତାକୁ 'ମର୍ହା ବଜା' ବୋଲି କୁହାଯାଏ । ଯାହାକୁ ଶୁଣି ଲୋକେ ଗ୍ରାମରେ କାହାର ମୃତ୍ୟୁ ହୋଇଥିବା କଥା ଜାଣିପାରନ୍ତି । ସମ୍ପର୍କୀୟମାନେ ଶବ ଦେହରେ ନୂଆ ଲୁଗା ଢାଙ୍କନ୍ତି । ମୃତାହ ହୋଇଥିବା ଘରଲୋକେ ଖବରିଆ ଡମ୍ବ ସହାୟତାରେ ନିଜ ସମ୍ପର୍କୀୟ ଓ ବନ୍ଧୁବର୍ଗଙ୍କୁ ଖବର ଦେଇଥାନ୍ତି । ଖବର ପାଇବାକ୍ଷଣି ଲୋକେ ସେଇ ସ୍ଥାନକୁ ଆସିଥାନ୍ତି । ବ୍ୟକ୍ତିଟି ଯେଉଁ ଖଟରେ ଶୋଇ ମୃତ୍ୟୁବରଣ କରିଥାଏ ସେଇ ଖଟରୁ ତାକୁ ସାମୟିକ ଭାବେ ଓହ୍ଲେଇ ତଳେ ରଖାଯାଏ । ଏହାପରେ ଖଟକୁ ଶବ ନେବା ନିମନ୍ତେ ସଜଡା ଯାଏ । ଶବ ରଖାଯାଇଥିବା ଓଲଟ ଖଟକୁ ଚାରିଜଣ ଖଟର ଗୋଡ ବା ମଚୁଆ ଧରି ଉଠାନ୍ତି । ବାପା ମା' ମୃତ୍ୟୁବରଣ କରିଥିଲେ ମୁଖ୍ୟତଃ ପୁଅ, ନାତି, ଜ୍ୱାଇଁ, ଏବଂ ସେଇ ବଂଶୀୟ ଲୋକେ ମରାଖଟକୁ କାନ୍ଧେଇଥାନ୍ତି ।

ଶବନେଇ ଗ୍ରାମ ବାହାରେ ଥିବା ଡେଲାବାଟ (ତିନିଛକ)ରେ ଶବବାହକମାନେ କାନ୍ଧରୁ ମରାଖଟକୁ ତଳକୁ ଓହ୍ଲାଇଥାନ୍ତି । ସେଠାରେ ଶବର ଶେଷ ଦର୍ଶନ କରାଯାଏ । ମୃତବ୍ୟକ୍ତି ପୁରୁଷ ହୋଇଥିଲେ ତା'ର

ସ୍ତ୍ରୀ କାନ୍ଦି କାନ୍ଦି ଆସି ପ୍ରଣାମ କରେ ଓ ଘରୁ ଅଣା ଯାଇଥିବା ବଟା ହଳଦୀକୁ ଶବ ଦେହରେ ଲେପନ କରେ । ହଳଦୀ ଲେପନ ପରେ ଜଣେ ବିଧବା ନାରୀ ପଥରରେ ସେ ନାରୀ ପିନ୍ଧିଥିବା ଚୁଡି ଭାଙ୍ଗେ । ସେଇ ଭଙ୍ଗା ଚୁଡିକୁ ଶବର ମୁଣ୍ଡ ପାଖରେ ରଖି ଦିଆଯାଏ । ସେଇ ଦିନଠୁ ସେ ସ୍ତ୍ରୀଲୋକଟି ଆଉ ଚୁଡି ପିନ୍ଧେ ନାହିଁ । ଯଦି ଶବଟି ସ୍ତ୍ରୀଲୋକର ହୋଇଥାଏ ତେବେ ପ୍ରଥମେ ତା'ର ସ୍ୱାମୀ ଡେଲାବାଟରେ ତା ମଥାରେ ସିନ୍ଦୁର ଓ ହଳଦୀ ଲଗେଇଥାଏ । ମଶାନ ପଦାକୁ କେବଳ ପୁରୁଷମାନେ ହିଁ ଯାଇଥାନ୍ତି । ସେଠାରେ ଶବ ଶରୀରରେ ଥିବା ସୂତା, ମାଳି, ଡେଉଁରିଆ ଆଦିକୁ କାଢି ଦିଆଯାଏ । କାରଣ ଶରୀରରେ କୌଣସି ବନ୍ଧନ ଥିଲେ ତା'ର ଡୁମା ମୁକ୍ତଭାବେ ବିଚରଣ କରିପାରେନି ବୋଲି କୁହାଯାଏ ।

କନ୍ଧ ସମ୍ପ୍ରଦାୟରେ ମୃତ୍ୟୁର ତିନିଦିନ ପର୍ଯ୍ୟନ୍ତ ସେଇ ବଂଶରେ ଚୁଲି ଜଳେନାହିଁ । ସେମାନେ ଅସ୍ପୃଶ୍ୟ ହୋଇ ରହନ୍ତି । ଅବଶ୍ୟ ଖାଇବା ନିଷିଦ୍ଧ ନଥିବାରୁ ବନ୍ଧୁଘର ଲୋକେ ଖାଇବାକୁ ଆଣି ଦେଇଥାନ୍ତି । ସେହି ଭାତରେ ନିମ୍ବପତ୍ର ପକାଇ ଖିଆ ଯାଉଥିବାରୁ ତାହା 'ପିତାଭାତ' ଭାବେ ପରିଚିତ । ଏହାକୁ ବନ୍ଧୁବର୍ଗର ଲୋକେ ପ୍ରଦାନ କରିଥାନ୍ତି । ସାଧାରଣତଃ ତିନିଦିନ ପରେ ଘରେ ସ୍ତ୍ରୀ ଲୋକମାନେ ପାଉଁଶରେ ଘରର ସମସ୍ତ କପଡା ସଫା କରନ୍ତି । ପାଳକୁ ପୋଡେଇ କ  । ଗୋବର ସହିତ ମିଶେଇ ଘରକୁ ଢାଳିଥାନ୍ତି । ଏହାକୁ 'ନୁଡା ଦେବା' କୁହାଯାଏ । ଘରର ବ୍ୟବହୃତ ମାଟି ହାଣ୍ଡି, ତେଲେନ, ମାଠିଆ ଆଦିକୁ ଫୋପାଡି ଦେଇ ନୂଆ ମାଟିପତ୍ର ବ୍ୟବହାର କରିଥାନ୍ତି । ମୃତ୍ୟୁର ତିନିଦିନରେ ତିନ୍‌ଦିନିଆ କାମ ଅନୁଷ୍ଠିତ ହୁଏ । ଏହି ତିନିଦିନର କ୍ରିୟାକୁ କନ୍ଧମାନେ 'ତେଲଘର' କହିଥାନ୍ତି । ଏହିଦିନ ଭଣ୍ଡାରୀ ସେଇ ବଂଶର ଲୋକଙ୍କ ଦାଢି ବାଳ ଆଦି କାଟିଥାଏ । ମୃତ୍ୟୁ ପରେ ଏହିଦିନ ପ୍ରଥମେ ତେଲ ଲଗାଇଥାନ୍ତି । କାରଣ ମୃତ୍ୟୁ ଦିନରୁ ତେଲଘର ତିନିଦିନ ଯାଏଁ ତେଲ ଲଗାଇବା, ଆମିଷ ଖାଇବା ତଥା ସାବୁନ ଲଗାଇବା ଇତ୍ୟାଦି ଉପରେ କଟକଣା ଥାଏ । ତେଲଦିନ ସେଇ ପରିବାର ଲୋକେ ଛୋଟିଆ ଭୋଜିର ଆୟୋଜନ କରିଥାନ୍ତି । ଚତୁର୍ଥ ଦିନଠାରୁ ସେଇ ଘରେ ରୋଷେଇ କାମ ଆରମ୍ଭ ହୋଇଥାଏ ।

କନ୍ଧମାନେ ମୃତବ୍ୟକ୍ତିର ଆତ୍ମାକୁ ଡୁମା ବା ଜୀ ବୋଲି କହିଥାନ୍ତି । ତେଣୁ ଦଶାହ ଦିନ ଡୁମା ଆବାହନ କରାଯାଏ । ଡୁମା ଆଣିବା ପାଇଁ ଗ୍ରାମର ଡେଲାବାଟକୁ ରାତିରେ ଯିବାକୁ ହୋଇଥାଏ । ତା ପୂର୍ବରୁ ପିଦରକୁ ଗୋବର ପାଣିରେ ସଫାକରି ପବିତ୍ର କରାଯାଏ । ପିଦର ପିଢା ଉପରେ କିଛି ଚାଉଳ ଗୁଣ୍ଡକୁ ଜମାକରି ସୁନ୍ଦର ଓ ଅକ୍ଷତଭାବେ ସଜାଡି ତା ଉପରେ ଏକ ଢାଙ୍କୁଣି ଘୋଡେଇ ଦିଆଯାଏ । ସେଇ ସମୟରେ ଘରକୁ ସଂପୂର୍ଣ୍ଣ ଅନ୍ଧକାର ରଖି ପିଦର ଘର ସାମ୍ନାରେ ଏକ ଦୀପ ଜଳେଇ ଦିଆଯାଇଥାଏ । ତଥା ଡୁମା ଆଣିବାବେଳେ କୌଣସି ବାହାର ବା ଘରର ଲୋକଙ୍କୁ ଘର ଭିତରକୁ ପ୍ରବେଶ କରିବାକୁ ଦିଆଯାଏ ନାହିଁ । ଚାଉଳ ପିଠଉରେ ଚିତ୍ରିତ ଦୁଇଟି ଛୋଟ ମାଟିହାଣ୍ଡିରେ ସାତ ଭଅଁର ସୂତା ଗୁଡେଇ ସେଥିରେ ଦହି, ମୁଗ, ଅରୁଆ ଚାଉଳ, ଲିଆ, ତିଖୁର ଇତ୍ୟାଦି ସରଞ୍ଜାମ ଧରି ବଡପୁଅ ବା ବଡଜ୍ୱାଇଁ ବନ୍ଧୁବର୍ଗଙ୍କ ସହିତ ଡେଲାବାଟକୁ ଯାଇଥାନ୍ତି । ସେଠାକୁ ଯିବାବେଳେ କେହିଜଣେ ଦୁଇଟି ଲୁହା ବା ଥାଳିକୁ ବଜାଇ ଶବ୍ଦ କରିଥାଏ । ଏହି ଶବ୍ଦଶୁଣିବା ପରେ କେହି ମଧ୍ୟ ବାଟରେ ରହନ୍ତି ନାହିଁ । ଅନ୍ଧାରୁଆ

ପିଦର ଘରେ ଜଣେ ବ୍ୟକ୍ତି ଜଗି ରହିଥାଏ । ଡେଲାବାଟରୁ ଡୁମା ଆମନ୍ତ୍ରଣ କରି ଆସିବାବେଳେ ପିଦର ନିକଟରେ ଜଗିଥିବା ବ୍ୟକ୍ତିକୁ ଘର ବାହାରେ ଥାଇ ପାଟିକରି ଲୋକେ 'ଜାଗେ କି ସୁତେ' ବୋଲି ପଚାରନ୍ତି । ସେତେବେଳେ ପିଦର ଘରେ ଥିବା ଲୋକ ଚାଉଳ ଗୁଣ୍ଡରେ କୌଣସି ଚିହ୍ନ ଆସିଲେ ଜାଗେ ବୋଲି କହିଥାଏ । ସୁତେ କହିଲେ ପୁଣିଥରେ ଡୁମା ଆଣିବାକୁ ଡେଲାବାଟକୁ ଯାଇଥାନ୍ତି । ଡୁମା ଆସିଲାପରେ ପିଦର ଉପରେ ଥିବା ଚାଉଳ ଚୁନାରେ କି ଚିହ୍ନ ଆସିଛି ତାହା ଚିହ୍ନିବା ପାଇଁ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟ ଓ ବନ୍ଧୁମାନେ ଯାଇଥାନ୍ତି । ଚାଉଳ ଚୁନା ଉପରେ ଢଙ୍କା ହୋଇଥିବା ଢାଙ୍କୁଣିକୁ ଅତ୍ୟନ୍ତ ସତର୍କତାର ସହ ଘୁ । ଯାଇଥାଏ । ଏହାପରେ ଚୁନାକୁ ଭଲଭାବେ ନିରୀକ୍ଷଣ କରି ଡୁମାଟି କିଭଳି କି ଚିହ୍ନନେଇ ଆବିର୍ଭାବ ହୋଇଛି ତାହା ବିଚାର କରନ୍ତି । ଡୁମା ମୁଖ୍ୟତଃ ହାତୀ ପାହାଁ, ବିଲେଇ ପାହାଁ ଓ ଧାନ ଖେଡ୍ ଏହିଭଳି ତିନି ପ୍ରକାର ଚିହ୍ନରେ ଆବିର୍ଭାବ ହୋଇଥାଏ । ସେହି ଡୁମାକୁ ଆଣି ଘରର ରୋଷେଇ ଘରେ ରଖାଯାଇଥାଏ । ଏହାପରେ ଘରର କୌଣସି ସ୍ଥାନରେ ପିଣ୍ଡିପାରି ସ୍ଥାପନ ପୂର୍ବକ ପୂଜା କରାଯାଏ । ଆର୍ଥିକ ସମ୍ବଳ ବ୍ୟକ୍ତିମାନେ ଏହିଦିନ ସମସ୍ତ ଜ୍ଞାତିକୁଟୁମ୍ବ ଓ ବନ୍ଧୁବର୍ଗ ଡକାଇ ଦଶାହ ପାଳନ କରିଥାନ୍ତି । ଏହି ଡୁମାମାନଙ୍କୁ ଜନ୍ମ, ମୃତ୍ୟୁ, ବିବାହ, କୃଷିକର୍ମ, ଯାନିଯାତରା, ପର୍ବପର୍ବାଣୀ ସବୁଥିରେ ଆବାହନ କରି ଆଶିଷ ଭିକ୍ଷା କରାଯାଏ ।

କନ୍ଧ ସମାଜରେ ରୀତିନୀତି ଏକ ଅଲିଖିତ ନିଜସ୍ୱ ଚିନ୍ତାଧାରା । ଏହାକୁ କେହି କୌଣସି ଶାସ୍ତ୍ରରେ ଖୋଜିଲେ ପାଇବ ନାହିଁ । ସାମାଜିକ ଆଦର୍ଶର ପରିବ ିନ ହେଲେ ଏହାର ପରିବ ିନ ହୋଇଥାଏ । ସମାଜକୁ ଅନୀତି କାଯର୍ୟରୁ ନିବୃ  କରିବା ପାଇଁ ଏହା ସାମାଜିକ ଜୀବନରେ ହାତଗଢା ଏକ ନିୟମ । ଯାହାକୁ ଅସ୍ୱୀକାର କଲେ ସମାଜର ଅଧୋଃପ  ନ ହୋଇଥାଏ । ଏହା ପୁରାତନ ସମୟରୁ ପ୍ରଚଳିତ ଏକ ଅଲିଖିତ ସମ୍ବିଧାନ ।

**ସହାୟକ ପୁସ୍ତକ**


ବାସୁଦେବ ସୁନାନୀ : ଦଳିତ ସଂସ୍କୃତିର ଇତିହାସ ଈଶାନ, ଅଙ୍କିତ ପ୍ରକାଶନୀ ମାନିଗୁଡା ନୂଆପଡା୨୦୦୯

ବିଶୀ ଡ. ଦୋଳଗୋବିନ୍ଦ : କନ୍ଧ ମାନଙ୍କର ସାଂସ୍କୃତିକ ପରମ୍ପରା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ, ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ଟିଟିଲାଗଡ,

ରଥ ରଘୁନାଥ : କନ୍ଧ ସଂସ୍କୃତିର ଅନାଲୋଚିତ ଅଧ୍ୟାୟ କ୍ଷେତ୍ର ଗବେଷଣା ୧୮ ମୁଠା ଅ  ଳ



**ମୁଖ୍ୟ ଅଧ୍ୟାପକ, ଓଡିଆ ବିଭାଗ**

**କଣ୍ଟପଡା ମହାବିଦ୍ୟାଳୟ କଳାହାଣ୍ଡି**

**ଯୋଗାଯୋଗ- ୯୪୩୭୨୯୩୩୬୩**

# ଜୁଆଙ୍ଗ ସାମାଜିକ ଓ ସାଂସ୍କୃତିକ ଜୀବନରେ ପର୍ବପର୍ବାଣିର ଭୂମିକା

ରଞ୍ଜନ ପ୍ରଧାନ

ଜୁଆଙ୍ଗମାନଙ୍କ ଜୀବନଧାରା ପ୍ରକୃତି ଓ ଅରଣ୍ୟ ସହିତ ଓତପ୍ରୋତ ଭାବେ ଜଡ଼ିତ । ସେମାନେ ଅରଣ୍ୟ, ବୃକ୍ଷ, ଜଙ୍ଗଲ, ନଦୀ, ଝରଣା, ସୂର୍ଯ୍ୟ, ପୃଥିବୀ, ଗ୍ରହ, ନକ୍ଷତ୍ର ଆଦି ପ୍ରାକୃତିକ ଏବଂ ସ୍ୱର୍ଗୀୟ ବସ୍ତୁକୁ ଦେବତା ରୂପେ ପୂଜା କରନ୍ତି । ଜୁଆଙ୍ଗମାନେ ବିଶ୍ୱାସ କରନ୍ତି ସେମାନଙ୍କ ଦେବଦେବୀ ଅରଣ୍ୟରେ, ପାହାଡ଼ରେ ଏବଂ ନଦୀ କିମ୍ବା ଝରଣାରେ ଅବସ୍ଥାନ କରନ୍ତି । ଜୁଆଙ୍ଗମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି ।

ଗୋଷ୍ଠୀଗତ ଭାବେ ବ ିବା ହେଉଛି ଜୁଆଙ୍ଗ ଜୀବନର ସଫଳ ଫର୍ମୁଲା । ଯେକୌଣସି ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସେମାନେ ଗୋଷ୍ଠୀଗତ ଭାବେ ତୁଲେଇଥାନ୍ତି । ପର୍ବପର୍ବାଣି ପାଳନ ମାଧ୍ୟମରେ ସେମାନେ ଏକତ୍ରିତ ହେବାର ସୁଯୋଗଲାଭ କରିଥାନ୍ତି । ପ୍ରତ୍ୟେକ ପର୍ବପର୍ବାଣିମାନଙ୍କରେ ଜୁଆଙ୍ଗମାନେ ନିଜର କର୍ମମୟ ଜଞ୍ଜାଳ ଛାଡ଼ି ଗାଁର ମଧ୍ୟସ୍ଥଳରେ ଏକଜୁଟ୍ ହୋଇଥାନ୍ତି ।

ପର୍ବପର୍ବାଣି ପାଳନ ମାଧ୍ୟମରେ ଜୁଆଙ୍ଗମାନଙ୍କର ସାମାଜିକ-ସାଂସ୍କୃତିକ ଭାବଧାରା ଏବଂ ଗୋଷ୍ଠୀଗତ ଜୀବନ ଅତ୍ୟନ୍ତ ଦୃଢ ହୋଇଥାଏ । ପର୍ବପର୍ବାଣି, ଉତ୍ସବ, ମହୋତ୍ସବ ପାଳନ କରି ପ୍ରଚୁର ଆନନ୍ଦ ଉପଭୋଗ କରିବା ଜୁଆଙ୍ଗ ଜୀବନର ପ୍ରମୁଖ ବିଭବ ।

ଜୁଆଙ୍ଗମାନଙ୍କର ପର୍ବପର୍ବାଣିମାନଙ୍କୁ ମୁଖ୍ୟତଃ ଛଅ ଭାଗରେ ବିଭକ୍ତ କରାଯାଇପାରେ ।

୧. କୃଷିଭିତିକ ପର୍ବ
୨. ପାରମ୍ପରିକ ପର୍ବ
୩. ସାମାଜିକ ପର୍ବ
୪. ଶିକାରଭିତିକ ପର୍ବ
୫. ରୋଗ ନିରାକରଣଭିତିକ ପର୍ବ
୬. ଗ୍ରାମ ସଂସ୍କାର ପର୍ବ

ବର୍ଷର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁ ସମୟରେ ଜୁଆଙ୍ଗ ଗାଁରେ କିଛି ନା କିଛି ପର୍ବ ପାଳିତ ହେଉଥାଏ । ଜୁଆଙ୍ଗମାନେ ମୁଖ୍ୟତଃ କୃଷି, ଶିକାର ଓ ପଶୁପାଳନ ମାଧ୍ୟମରେ ସେମାନଙ୍କର ଜୀବିକା ନିର୍ବାହ କରିଥାନ୍ତି । ଏଣୁ ସେମାନଙ୍କର ଅଧିକାଂଶ ପର୍ବପର୍ବାଣି କୃଷିଭିତିକ ।

'ତଇଳା' (ପାହାଡ଼ିଆ ଉଚ୍ଚ ଚାଷଭୂମି)ରେ ଭଲ ଫସଲ ହେଉ କି ଫସଲର ସୁରକ୍ଷା ପାଇଁ ଜୁଆଙ୍ଗମାନେ ଅନେକ ପର୍ବ ପାଳନ କରିଥାନ୍ତି । ସେହିଭଳି ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ଏବଂ ନିଜ ସନ୍ତାନସନ୍ତତିଙ୍କ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ କାମନା ଉଦ୍ଦେଶ୍ୟରେ ଜୁଆଙ୍ଗମାନେ ଆଉ କେତେକ ପର୍ବ ପାଳନ କରିଥାନ୍ତି ।

ବର୍ଷକରେ ଥରେ ଜୁଆଙ୍ଗମାନେ ନିଜ ଗ୍ରାମକୁ ସଂସ୍କାର କରିଥାନ୍ତି । ଘରର ପୁରୁଣା ଜିନିଷପତ୍ରକୁ ବଦଳେଇ ନୂତନ ଜିନିଷପତ୍ର ଆପଣେଇଥାନ୍ତି । ପୂର୍ବେ ପ୍ରତ୍ୟେକ ଜୁଆଙ୍ଗ 'ଅଖାଣି ପର୍ବ' (ଶିକାର ଯାତ୍ରା)କୁ ଧୁମ୍‌ଧାମ୍‌ରେ ପାଳନ କରୁଥିଲେ । ଜଙ୍ଗଲରୁ ଭଲ ଶିକାର ମିଳିବା ଏବଂ ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲରେ ବସବାସ କରୁଥିବାରୁ ନିଜର ସୁରକ୍ଷା ପାଇଁ ମଧ୍ୟ ଆଉ କେତେକ ପର୍ବ ପାଳନ କରାଯାଏ ।

ଜୁଆଙ୍ଗମାନେ ନିଜନିଜର ବାଡ଼ିବଗିଚା ଏବଂ ତଇଳାରେ ଚାଷ କରିଥିବା ଶସ୍ୟ, ପନିପରିବା ଓ ଫଳମୂଳକୁ ନୂଆ କରି ଖାଇଥାନ୍ତି । ଏସବୁ ଶସ୍ୟ, ପନିପରିବାକୁ ପ୍ରଥମେ ନିଜ ପିତୃପୁରୁଷ ଓ ଦେବଦେବୀଙ୍କୁ ଅର୍ପଣ କରିବା ପରେ ନିଜେ ଭକ୍ଷଣ କରିଥାନ୍ତି । ଏହି କ୍ରମରେ ଜୁଆଙ୍ଗମାନେ ଧାନ ନୂଆଖିଆ, ଆମ୍ବ ନୂଆଖିଆ, ଶାଗ ନୂଆଖିଆ, ରୁମା ନୂଆଖିଆ, କୁସୁମ ନୂଆଖିଆ ଭଳି ଅନେକ ପର୍ବପର୍ବାଣି ପାଳନ କରିଥାନ୍ତି ।

ଜୁଆଙ୍ଗମାନେ ନିଜ ଗ୍ରାମ, ତଇଳା ଓ ସର୍ବୋପରି ନିଜ ପିଢ଼ର ସୁରକ୍ଷା ନିମନ୍ତେ 'ପିଢ଼ ପୂଜା'ର ଆୟୋଜନ କରିଥାନ୍ତି । ପିଢ଼ ପୂଜାଟି ତନ୍ତ୍ରମତେ ଅନୁଷ୍ଠିତ ହୋଇଥାଏ । ଗ୍ରାମର ଗୁଣିଆ (ରାଉଳିଆ) ଦ୍ୱାରା ପିଢ଼ ପୂଜା ପାଳିତ ହୋଇଥାଏ । ଏହାବ୍ୟତୀତ ଜୁଆଙ୍ଗମାନେ ମକର ପର୍ବ, ରଜ ପର୍ବ, ଗହ୍ମା ପୂର୍ଣ୍ଣିମା, ରକ୍ଷାବନ୍ଧନ ଉତ୍ସବ, ଲକ୍ଷ୍ମୀ ପୂଜା, ବିଷୁବ ସଂକ୍ରାନ୍ତି, ମହା ଶିବରାତ୍ରୀ ଭଳି ପର୍ବପର୍ବାଣି ପାଳନ କରିଥାନ୍ତି ।

ଡିସେମ୍ବର-ଜାନୁୟାରୀ ମାସରେ ଜୁଆଙ୍ଗମାନେ ପୁଷ୍ ପୂନେଇଁ (ମାଘପୋଡ଼ି) ପର୍ବ ପାଳନ କରୁଥିବାବେଳେ ମାର୍ଚ୍ଚ-ଏପ୍ରିଲ୍ ମାସ ବେଳକୁ 'ଆମ୍ବ ନୂଆଖିଆ' ପର୍ବ ପାଳନ କରିଥାନ୍ତି । ପୁଷ୍ ପୂନେଇଁ (ମାଘ ପୋଡ଼ି) ପର୍ବଟି ଜୁଆଙ୍ଗମାନଙ୍କର ଆଦ୍ୟ ପର୍ବ ଭାବେ ପାଳନ କରାଯାଇଥାଏ । ଏହି ପର୍ବ ପାଳନ ହେବା ପରେ ବର୍ଷର ଅନ୍ୟାନ୍ୟ ପର୍ବ ପାଳିତ ହୋଇଥାଏ ।

ଏପ୍ରିଲ୍-ମେ ମାସ ବେଳକୁ ଜୁଆଙ୍ଗମାନେ 'ଶିକାର ଯାତ୍ରା' (ଅଖାଣି ପର୍ବ) ପାଳନ କରୁଥିବାବେଳେ ମେ ମାସରେ ସେମାନେ ତିର୍ତୀୟା (ଅକ୍ଷି ତୃତୀୟା), ମଞ୍ଜିବୁଣା ପର୍ବ ପାଳନ କରିଥାନ୍ତି । ପ୍ରତିବର୍ଷ ଜୁନ୍ ମାସ ବେଳକୁ ଜୁଆଙ୍ଗମାନେ ରଜ ପର୍ବ ପାଳନ କରୁଥିବାବେଳେ ଜୁଲାଇ ମାସରେ ଆଷାଢ଼ି ପର୍ବ (ବାଙ୍ଗୁରୁ ଅବ) ଓ କୁସୁମ ନୂଆଖିଆ ପର୍ବ, ଜୁଲାଇ-ଅଗଷ୍ଟ ମାସରେ ପିଢ଼ପୂଜା ଓ ଗହ୍ମା ପୂର୍ଣ୍ଣିମା, ଅଗଷ୍ଟ-ସେପ୍ଟେମ୍ବର ମାସରେ ଧାନ ନୂଆଖିଆ ଓ ରୁମା ନୂଆଖିଆ ଏବଂ ଡିସେମ୍ବର-ଜାନୁୟାରୀ ମାସରେ ଗୁଣ୍ଡାଦିଆ ପର୍ବ ଓ ଗୁରୁବାର ଓଷା (ଲକ୍ଷ୍ମୀ ପୂଜା) ପାଳନ କରିଥାନ୍ତି ।

## ପୁଷ୍ ପୂନେଇଁ (ମାଘ ପୋଡ଼ି)

'ପୁଷ୍ ପୂନେଇଁ' ପର୍ବଟି ଅନ୍ୟ ଅର୍ଥରେ 'ମାଘ ପୋଡ଼ି' ପର୍ବ ଭାବେ ପରିଚିତ । ଏହା ଜୁଆଙ୍ଗମାନଙ୍କ ଆଦ୍ୟ ପର୍ବ ଭାବେ ବିବେଚିତ । ଏହି ପର୍ବଟି ଧାର୍ମିକ ଦୃଷ୍ଟିରୁ ଯେତିକି ଗୁରୁତ୍ୱପୂର୍ଣ୍ଣ ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ଏହା ଏକ କୃଷିଭିତିକ ପର୍ବ । ମାଘପୋଡ଼ି ପର୍ବଟି ଡିସେମ୍ବର-ଜାନୁୟାରୀ ମାସ ବେଳକୁ ବିଶେଷକରି କ୍ଷେତରୁ 'ସଲ ଅମଳ ଶେଷ ହୋଇଯିବା ପରେ ପାଳିତ ହୋଇଥାଏ । ଏହି ପର୍ବ ପାଳନ ସହ ଜୁଆଙ୍ଗମାନଙ୍କର ନୂତନ କୃଷିବର୍ଷର ଶୁଭାରମ୍ଭ ହୋଇଥାଏ । ପରବର୍ତୀ ବର୍ଷର କୃଷି ଯୋଜନା କିଭଳି ହେବ ତାହା ମାଘପୋଡ଼ି ପର୍ବ ପାଳନ ପରେ ହିଁ ସ୍ଥିର କରାଯାଇଥାଏ । ମାଘ ପୋଡ଼ି ପର୍ବ ପାଳନ ପରେ ଜୁଆଙ୍ଗମାନେ 'ତଇଲା' (ପାହାଡ଼ିଆ ଉଚ୍ଚଭୂମି) ସଫା କରି ପୋଡୁ ଚାଷ ପାଇଁ ପ୍ରସ୍ତୁତ ହୁଅନ୍ତି ।

ମାଘ ପୋଡ଼ି ପର୍ବ ପାଳନ ପରେ ପରେ ଜୁଆଙ୍ଗ ସେଲାନ୍, କଙ୍ଗେରମାନେ ଚାଙ୍ଗୁ ବାଦନ କରିଥାନ୍ତି । ମାଘପୋଡ଼ି ପର୍ବ ପାଳନ ପୂର୍ବରୁ ଜୁଆଙ୍ଗ ଗ୍ରାମମାନଙ୍କରେ ଚାଙ୍ଗୁ ନୃତ୍ୟ ଓ ଗୀତର ଆସର ହୋଇ ନଥାଏ । କ୍ଷେତରୁ ଫସଲ ଅମଳ ନ ହେବା ପର୍ଯ୍ୟନ୍ତ ଜୁଆଙ୍ଗମାନଙ୍କୁ ଚାଙ୍ଗୁ ବଜେଇବାକୁ ମନା ଥାଏ ।

ପୁଷ୍ ପୂନେଇଁ (ମାଘପୋଡ଼ି) ପର୍ବର ଏକ ସାମାଜିକ ଗୁରୁତ୍ୱ ରହିଛି । ବର୍ଷକରେ କେବଳ ଏହି ପର୍ବ ପାଳନ ବେଳେ ହିଁ ଜୁଆଙ୍ଗମାନେ ସେମାନଙ୍କ ବାସସ୍ଥାନ ପରିବର୍ତନ, ନୂତନ ଗୃହ ନିର୍ମାଣାଦି କାମ କରିଥାନ୍ତି । ଯେଉଁ ଜୁଆଙ୍ଗମାନେ ନିଜର ପୁରୁଣା ଗ୍ରାମ ପରିବର୍ତନ କରି ଜଙ୍ଗଲ ମଧ୍ୟରେ ନୂତନ ଗ୍ରାମ ପ୍ରତିଷ୍ଠା କରିବାକୁ ଚାହିଁବେ, ସେମାନେ କେବଳ ମାଘପୋଡ଼ି ପର୍ବ ବେଳେ କରିପାରିବେ । ନଚେତ୍ ସେମାନଙ୍କୁ ପୁଣି ବର୍ଷେ ଅପେକ୍ଷା କରିବାକୁ ପଡ଼ିଥାଏ ।

ପୁଷ୍ ପୂନେଇଁ ପର୍ବ ପାଳନ ପରେପରେ ଜୁଆଙ୍ଗ ସମାଜରେ ବିବାହ, ବ୍ରତ ଆଦିର ଶୁଭାରମ୍ଭ ହୋଇଥାଏ । ପୁଷ୍ ପୂନେଇଁ ପର୍ବ ପାଳନ ପରେପରେ ଜୁଆଙ୍ଗମାନେ ବିରି, ମୁଗ, ରୁମା (ବରୁଗୁଡ଼ି) ଆଦି ଡାଲି ଜାତୀୟ ଶସ୍ୟକୁ ରଗଡ଼ି ଡାଲି କରି ଖାଆନ୍ତି । ପୁଷ୍ ପୂନେଇଁ ପୂର୍ବରୁ ଡାଲି ଜାତୀୟ ଶସ୍ୟ ଖାଇବା ମନା ଥାଏ । ମାଘପୋଡ଼ି ପର୍ବ ପରଠାରୁ ଜୁଆଙ୍ଗମାନେ ବିଧବଦ୍ଧ ଭାବେ ନଡ଼ାକୁଟା, ଅନ୍ୟାନ୍ୟ ଶସ୍ୟଜାତ ଶୁଷ୍କ ଗଛ (ଧାନ, ମାଣ୍ଡିଆ, ମକା, ବାଜରା, ସୁଆଁ ଘାସ) ଆଦି ଜାଳିଥାନ୍ତି ।

ପୁଷ୍ ପୂନେଇଁ (ମାଘପୋଡ଼ି) ପର୍ବ ତିନି ଦିନ ଧରି ଚାଲେ । ପର୍ବ ପାଳନର ସପ୍ତାହେ କି ଦୁଇ ସପ୍ତାହ ପୂର୍ବରୁ ଗାଁ ମୁଖିଆ (ପଧାନ) ଓ ଧାର୍ମିକ ମଖିଆ (ନାଗମ୍)ଙ୍କ ନେତୃତ୍ୱରେ ଗାଁର ମଜାଙ୍ଗ୍ (ମଣ୍ଡଘର)ରେ ଏକ ପ୍ରସ୍ତୁତି ବୈଠକ ବସିଥାଏ । ଏଥିରେ ନାଗମ୍, ରାଉଳିଆ, ବାରଭାଇ ଏବଂ ଅନ୍ୟାନ୍ୟ ପୁରୁଖା ଲୋକମାନେ ଉପସ୍ଥିତ ରହି ପର୍ବର ଦିନ ଧାର୍ଯ୍ୟ କରିଥାନ୍ତି । ପର୍ବ ପାଳନ ପାଇଁ ଗ୍ରାମର ପ୍ରତି ପରିବାରରୁ ନିର୍ଦ୍ଦିଷ୍ଟ ପରିମାଣର ଚାନ୍ଦା ମଗାଯାଇ ମଜାଙ୍ଗ୍ ପାଣ୍ଠିରେ ଦାଖଲ କରାଯାଏ ।

ଏହି ସଂଗୃହିତ ପାଣ୍ଠିକୁ ଗାଁ ମୁଖିଆ 'ପଧାନ' ନିଜ ହେପାଜତରେ ମଣ୍ଡଘରେ ସାଇତି ରଖନ୍ତି ଏବଂ ପର୍ବ ପାଳନ ପାଇଁ ଏହି ପାଣ୍ଠିରୁ ହିଁ ଖର୍ଚ୍ଚ କରାଯାଇଥାଏ । ଏହି ଅର୍ଥରେ ପୂଜାରେ 'ଛେଦ' (ବଳି) ପଡ଼ିବାକୁ ଥିବା ଛେଳି, ମେଣ୍ଢା, କୁକୁଡ଼ା, ମହୁଲି ମଦ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ କିଣାଯାଇଥାଏ । ପର୍ବଟି ତିନି ଦିନ ଧରି ପାଳିତ ହୋଇଥାଏ ।

## ପ୍ରଥମ ଦିନ

ପ୍ରଥମ ଦିନ ଗାଁର ପୂଜକ, ମୁଖିଆ ଓ ଅନ୍ୟାନ୍ୟ ବୟସ୍କ ବ୍ୟକ୍ତିମାନେ ସକାଳୁ ସ୍ନାନ ଓ ନିତ୍ୟକର୍ମ ସାରି ନିଷ୍ଠାର ସହ ଉପବାସ ରହିଥାନ୍ତି । ଏହାକୁ 'ବାର ରୁଆ' କୁହାଯାଇଥାଏ । ନାଗମ୍ ଏବଂ ପଧାନ ସକାଳୁ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରନ୍ତି । ଜୁଆଙ୍ଗ ସ୍ତ୍ରୀଲୋକମାନେ ସ୍ନାନତର୍ପଣ ସାରି ଘରଦ୍ୱାର ଲିପାପୋଛା କରିଥାନ୍ତି । କାନ୍ଥରେ ଝୋଟି ଚିତା ପକେଇଥାନ୍ତି । ସକାଳୁ ସକାଳୁ ସେଲାନ୍ (ଯୁବତୀ)ମାନ ଗୋବର ଓ ରଙ୍ଗୀନ୍ ମାଟିରେ ମଜାଙ୍ଗ (ମଣ୍ଡଘର)ର କାନ୍ଥ ଓ ଅଗଣାକୁ ଲିପାପୋଛା କରିବା ପରେ ଝୋଟି ଚିତା ପକେଇଥାନ୍ତି ।

ସ୍ନାନ ସାରିବା ପରେ ନାଗମ୍ ଓ ପଧାନ ନିଜ ଘରେ ଅପେକ୍ଷା କରିଥାନ୍ତି । ଗାଁର ସମସ୍ତ ପରିବାରର ପ୍ରତିନିଧିମାନେ ନିଜ ନିଜ ଘରୁ ଧାନ, ମାଣ୍ଡିଆ, ଗଙ୍ଗେଇ, କାଙ୍ଗୁ, ସୁଆଁ ଆଦି ଶସ୍ୟ ଡାଲାରେ ଭିର୍ତି କରି ନାଗମ୍ କିମ୍ବା ପଧାନଙ୍କ ଘରେ ଠୁଳ କରନ୍ତି । ସଂଗୃହୀତ ଧାନ, ଚାଉଳ, ବିରି, ମାଣ୍ଡିଆ ଆଦି ଶସ୍ୟକୁ ପୃଥକ କରି ରଖାଯାଏ ।

ଗ୍ରାମବାସୀଙ୍କଠାରୁ ସଂଗୃହୀତ ଶସ୍ୟକୁ ଚାରି ଭାଗ କରାଯାଏ । ଗୋଟିଏ ଭାଗ ଗାଁର ବୟସ୍କ ବ୍ୟକ୍ତି (ବାରଭାଇ)ଙ୍କୁ ପ୍ରଦାନ କରାଯାଏ । ଦ୍ୱିତୀୟ ଭାଗଟି ଗାଁର ଯୁବକ, ଯୁବତୀଙ୍କୁ, ତୃତୀୟ ଭାଗକୁ ପୂଜକ ଏବଂ ଚତୁର୍ଥ ଭାଗଟିକୁ ଗାଁ ମୁଖିଆ 'ପଧାନ'ଙ୍କୁ ପ୍ରଦାନ କରାଯାଏ । ଏହି ଚାରି ଭାଗ ଧାନ, ବିରି, ମାଣ୍ଡିଆ, ସୁଆଁ ଆଦି ଶସ୍ୟକୁ ନାଗମ୍ କିମ୍ବା ପଧାନଙ୍କ ଘରର ସ୍ତ୍ରୀଲୋକମାନେ ଶୁଖେଇ ଏଥିରୁ ଏକ ବିଶେଷ ପ୍ରକାର ଚୂନା ପ୍ରସ୍ତୁତ କରନ୍ତି । ଏହି ଚୂନାରେ ମଣ୍ଡାପିଠା ପ୍ରସ୍ତୁତ କରାଯାଇ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପୂଜା କରାଯାଏ ।

ପ୍ରଥମ ଦିନ ନାଗମ୍ ଓ ପଧାନଙ୍କୁ ଗାଁର ଯୁବକ, ଯୁବତୀମାନେ ଶୋଭାଯାତ୍ରାରେ ମଣ୍ଡଘରକୁ ପାଛୋଟି ଆଣିଥାନ୍ତି । ନାଗମ୍ ଓ ପଧାନ ଏକ ଡାଲାରେ ଅରୁଆ ଚାଉଳ, ହଳଦୀ ଗୁଣ୍ଡ, ସିନ୍ଦୁର, କଜ୍ୱଳ, ଧୂପ, ଦୀପ, ଦୁବ, ଶିଆଳି ପତ୍ର, ଲାଉ ତୁମ୍ବାରେ ଭର୍ତି ପବିତ୍ର ପାଣି ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ହାତରେ ଧରି ମଣ୍ଡଘର ନିକଟକୁ ଆସନ୍ତି । ଗ୍ରାମର କିଛି ଜୁଆଙ୍ଗ ବାଜା ବଜେଇ ରୋଷଣି କରି ନାଗମ୍ ଓ ପଧାନଙ୍କୁ ମଣ୍ଡଘର ନିକଟକୁ ଆଣିଥାନ୍ତି ।

ନାଗମ୍ ଓ ପଧାନ ମଣ୍ଡଘରୁ ମହୁଲି ମଦ ଆଣି ମଣ୍ଡଘର ସମ୍ମୁଖ ଭାଗରେ ଥିବା ଗ୍ରାମଶିରିଙ୍କ ନିକଟକୁ ଯାଆନ୍ତି । ସେଠାରେ ନାଗମ୍ ଓ ପଧାନ ଧରମ୍ ଦେବତା, ବସୁମତୀ ମାତା ଓ ଅନ୍ୟାନ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପୂଜାର୍ପଣ କରିଥାନ୍ତି । ଭୂମି ଉପରେ ମହୁଲି ମଦ ଢାଳି ନାଗମ୍, ପଧାନ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ପ୍ରଥମ ଦିନର ପୂଜା କାର୍ଯ୍ୟ ଏଇଠୁ ଶେଷ ହୋଇଥାଏ ।

## ଦ୍ୱିତୀୟ ଦିନ

ଦ୍ୱିତୀୟ ଦିନ ମଧ୍ୟ ଗାଁର ସେଲାନ୍ (ଯୁବତୀ)ମାନେ ପୁନର୍ବାର ମଣ୍ଡଘରକୁ ଲିପାପୋଛା କରିଥାନ୍ତି । ନାଗମ୍ ଓ ପଧାନ ସ୍ନାନ ସାରି ପୂଜା ପାଇଁ ପ୍ରସ୍ତୁତ ହୁଅନ୍ତି । ପ୍ରଥମ ଦିନ ଭଳି ଦ୍ୱିତୀୟ ଦିନ ନାଗମ୍ ଓ ପଧାନଙ୍କୁ

ଶୋଭାଯାତ୍ରାରେ ମଣ୍ଡଘର ନିକଟକୁ ଅଣାଯାଏ । ନାଗମ୍ ଓ ପଧାନ ଡାଲାରେ ଅରୁଆ ଚାଉଳ, ହଳଦୀ ଗୁଣ୍ଡ, ସିନ୍ଦୁର, କଜ୍ଜ୍ୱଳ, ଧୂପ, ଦୀପ, ଦୁବ, ଶିଆଳି ପତ୍ର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି ମଣ୍ଡଘରକୁ ଆସନ୍ତି ।

ପୂର୍ବଦିନ ଭଳି ନାଗମ୍ ଓ ପଧାନ ମଣ୍ଡଘରୁ ମହୁଲି ନେଇ ଗ୍ରାମଶିରିଙ୍କ ପାଖକୁ ଯାଆନ୍ତି । ଗ୍ରାମଶିରୀଙ୍କ ପିଣ୍ଡିରେ ଭୂମି ଉପରେ ମହୁଲି ମଦ ଢାଳି ନାଗମ୍, ପଧାନ ଧରମ୍ ଦେବତା, ବସୁମତୀ ମାତା ଓ ନିଜର ପିତୃପୁରୁଷ ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ଆବାହନ କରନ୍ତି ।

ଏହା ପରେ ବାରଭାଇଙ୍କ ମଧ୍ୟରୁ ଜଣେ ବୟସ୍କ ବ୍ୟକ୍ତି ନାଗମ୍ ଓ ପଧାନଙ୍କ ହାତ ପାପୁଲିରେ ମହୁଲି ମଦ ଢାଳନ୍ତି । ନାଗମ୍ ଓ ପଧାନ ମହୁଲି ମଦକୁ ହାତରୁ ଭୂମି ଉପରେ ଢାଳି ଦେବଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି ।

ଗ୍ରାମଶିରିଙ୍କ ନିକଟରେ ପୂଜା କାମ ଶେଷ ହେବା ପରେ ନାଗମ୍, ପଧାନଙ୍କ ସମେତ ବାରଭାଇମାନେ ଗାଁ ମୁଣ୍ଡରେ ଥିବା 'ଶାଳଘର'କୁ ଯାଆନ୍ତି । ଗ୍ରାମଶିରିଙ୍କ ନିକଟରୁ ଶାଳ ପର୍ଯ୍ୟନ୍ତ ଜୁଆଙ୍ଗମାନେ ପଧାନ, ନାଗମ୍‌ଙ୍କୁ ବାଜା ବଜେଇ, ରୋଷଣି କରି ନେଇଥାନ୍ତି । ଶାଳଘର ନିକଟରେ ପହଂିବା ପରେ ସେଠାରେ ବଳକା ପୂଜା କାର୍ଯ୍ୟ ସମ୍ପନ୍ନ ହୁଏ ।

ଶାଳଘର ନିକଟରେ ନାଗମ୍ ଓ ପଧାନ ଭୂମିରେ ମାଟି ଖୋଳି ଏକ ଚୂଲି ନିର୍ମାଣ କରନ୍ତି । ଛୋଟ ଛୋଟ ଶୁଖିଲା ଶାଳକାଠ ସଂଗ୍ରହ କରନ୍ତି । ପୂର୍ବରୁ ଶାଳଘରେ ଥିବା ଏକ ଶାଳ ଗଛର କୋରଡ଼ରେ ଗୁପ୍ତରେ ଏକ ମାଟି ହାଣ୍ଡି ରଖାଯାଇଥାଏ । ନାଗମ୍ ଗଛ କୋରଡରୁ ଏହି ମାଟି ହାଣ୍ଡିଟି ବାହାର କରି ସେଥିରେ ଗାଈ ଦୁଧ ଭର୍ତି କରି ଶାଳଘରେ ନିର୍ମାଣ କରାଯାଇଥିବା ଚୂଲିରେ ବସାନ୍ତି । ହାଣ୍ଡିରେ ଦୁଧ ସହିତ ଅରୁଆ ଚାଉଳ ପକାଇ ପଧାନ ଓ ନାଗମ୍ ତାକୁ ସାତ ଫୁଟଣା କରନ୍ତି । ସାତଫୁଟଣା ସମୟରେ ଯେଉଁଭଳି ପେଜ ଉତୁରି ତଳେ ନ ପଡ଼େ ସେଥିପ୍ରତି ଧ୍ୟାନ ରଖିବାକୁ ପଡ଼ିଥାଏ । ପେଜ ଉତୁରି ଭୂମି ଉପରେ ପଡ଼ିଗଲେ ଗାଁ ପ୍ରତି ଅମଙ୍ଗଳ ହେବ ବୋଲି ବିଶ୍ୱାସ ରହିଛି ।

ସାତଫୁଟଣା ହୋଇଯିବା ପରେ ମାଟି ହାଣ୍ଡିକୁ ତଳକୁ ଓହ୍ଲାଇ ଖିରିକୁ ସାତଗୋଟି ଶିଆଳି ପତ୍ରରେ ଦେବଦେବୀ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବାଢ଼ନ୍ତି । ଦେବଦେବୀ ଓ ପିତୃପୁରୁଷଙ୍କୁ ସମର୍ପଣ କରିବା ପରେ ମାଟି ହାଣ୍ଡିରେ ଯାହା ଖିରି ବଳିଥାଏ, ତାକୁ ସାତଗୋଟି ଶିଆଳି ପତ୍ରରେ ଗୁଡ଼େଇ ନାଗମ ଶାଳଗଛ କୋରଡ଼ରେ ଲୁକ୍କାୟିତ ଭାବେ ରଖି ଦିଅନ୍ତି ।

ମାଘପୋଡ଼ି ପର୍ବ ପରେ ଗାଁରେ ଆମ୍ବନୂଆଖିଆ ପାଳନ କରାଯାଉଥିବାବେଳେ ସେତେବେଳେ ଏହି ମାଟି ହାଣ୍ଡିକୁ ଶାଳ ଗଛ କୋରଡ଼ରୁ ବାହାର କରାଯାଇଥାଏ ।

ଶାଳଘରେ ପୂଜା ସମୟରେ ଦେବଦେବୀ ଓ ପିତୃପୁରୁଷଙ୍କୁ ମଦଦାନ କରାଯାଇଥାଏ । ଦେବଦେବୀ ଓ ପିତୃପୁରୁଷଙ୍କୁ ମହୁଲି ଅର୍ପଣ କରିବା ପରେ ନାଗମ, ପଧାନଙ୍କ ସମେତ ବାରଭାଇ ଓ ଅନ୍ୟାନ୍ୟ ବୟସ୍କ

ଜୁଆଙ୍ଗମାନେ ଭୋଗ ଲାଗି ହୋଇଥିବା ମହୁଲି ମଦକୁ ପାନ କରିଥାନ୍ତି । ଜୁଆଙ୍ଗମାନଙ୍କର ଏହି ସମୂହ ମଦ୍ୟ ପାନକୁ 'ଜୁରିପକା' କହନ୍ତି । ଏହାପରେ ସମସ୍ତେ ଶାଳଘର ଛାଡ଼ି ପୁନର୍ବାର ଗ୍ରାମକୁ ଅର୍ଥାତ୍ ମଣ୍ଡଘରକୁ ଫେରନ୍ତି ।

**ତୃତୀୟ ଦିନ**

ତୃତୀୟ ଦିନ ପିଠାଖିଆ ଅନୁଷ୍ଠିତ ହୋଇଥାଏ । ପ୍ରଥମ ଦିନ ଗାଁର ସମସ୍ତ ପରିବାରଙ୍କ ପକ୍ଷରୁ ପୂଜକ (ନାଗମ୍)ଙ୍କୁ ପ୍ରଦାନ କରାଯାଇଥିବା ବୁଆ (ଧାନ), କୁଦୁ (ମାଣ୍ଡିଆ), ରୁମା (ବରୁଗୁଡ଼ି), ଜାଲି, ଗଙ୍ଗେଇ (ବାଜରା), କାଙ୍ଗୁ (ସୁଆଁ), ଜୁଆଣି (ମକା) ଆଦି ନୂତନ ଶସ୍ୟରୁ ଚାଉଳ ପ୍ରସ୍ତୁତ କରାଯାଇ ସେଥିରୁ ଚୂନା ତିଆରି ହୋଇଥାଏ । ଏହି ଚୂନାରେ ନାଗମ୍‌ଙ୍କର ଘର ଲୋକେ ପିଠା ପ୍ରସ୍ତୁତ କରନ୍ତି ।

ପିଠାଖିଆ ଦିନ ଗ୍ରାମର ସମସ୍ତ ପରିବାର ପିଠା କରି ନାଗମଙ୍କ ଦ୍ୱାରକୁ ନିଅନ୍ତି । ସେଠାରେ ସମସ୍ତ ପିଠାକୁ ଏକତ୍ର କରି ଗ୍ରାମବାସୀଙ୍କ ମଧ୍ୟରେ ବ  ନ କରାଯାଏ ।

ପୂର୍ବ ଦୁଇଦିନମାନଙ୍କ ଭଳି ସକାଳୁ ସକାଳୁ ନାଗମ୍ ଓ ପଧାନ ସ୍ନାନ ସାରି ହାତରେ ପୂଜା ସାମଗ୍ରୀ ଡାଲା ଧରି ଗ୍ରାମଶିରିଙ୍କ ନିକଟରେ ହାଜର ହୁଅନ୍ତି । ପୂର୍ବଦିନ ମାନଙ୍କ ଭଳି ବାଜା ବଜେଇ ଭୂମି ଉପରେ ପବିତ୍ର ଜଳ ସି  ନ କରି ନାଗମ ଓ ପଧାନଙ୍କୁ ସେମାନଙ୍କ ଘରୁ ମଣ୍ଡଘର ନିକଟକୁ ଅଣାଯାଏ । ମଣ୍ଡଘରେ ପହ ିବା ପରେ ନାଗମ୍ ସେଠୁ ଗ୍ରାମଶିରିଙ୍କ ନିକଟକୁ ଯାଇ ପୂଜା କାର୍ଯ୍ୟ ଆରମ୍ଭ କରନ୍ତି ।

ଏହାପରେ ନାଗମ୍ ଓ ପଧାନଙ୍କ ସମେତ ବାରଭାଇ, ସେଲାନ୍, କଙ୍ଗେରମାନେ ଗ୍ରାମ ଉପକଣ୍ଠସ୍ଥ ଏକ ଖୋଲା ସ୍ଥାନକୁ ଯାଇ ସେଠାରେ ପୂଜାପାଠ କରନ୍ତି । ଏହାକୁ 'ଦାଣ୍ଡ ପୂଜା' କହନ୍ତି । ନାଗମ୍ ସେଠାରେ ଭୂମି ଉପରେ ଗୋବର ପାଣି ଢାଳି ଭୂମିକୁ ଲେପନ କରି ଶୁଦ୍ଧ କରନ୍ତି । ଭୂମି ସଂସ୍କାର କରିବା ପରେ ସାତଗୋଟି ଶିଆଳି ପତ୍ରରେ ଦେବଦେବୀ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଭୋଗ ଅର୍ପଣ କରନ୍ତି । ଏଠାରେ ମଧ୍ୟ ପୂର୍ବଦିନ ମାନଙ୍କ ଭଳି ଦେବଦେବୀ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମହୁଲି ମଦ ଦାନ କରାଯାଏ । ଦାଣ୍ଡ ପୂଜାରେ ଏକ ଛୋଟ କୁକୁଡ଼ା ଛୁଆ ବଳି ପକାଯାଇଥାଏ ।

ଦାଣ୍ଡ ପୂଜା ସରିଗଲା ପରେ ନାଗମ୍, ପଧାନ, ବାରଭାଇ ପୁନର୍ବାର ମଣ୍ଡଘର ନିକଟକୁ ଫେରି ଆସନ୍ତି । ସମସ୍ତେ ଗ୍ରାମଶିରିଙ୍କ ସମ୍ମୁଖ ସଦର ଦାଣ୍ଡରେ ଏକତ୍ରିତ ହୁଅନ୍ତି । ନାଗମ ଗାଁର ମଝିଦାଣ୍ଡରେ ପୂଜାପାଠ ଆରମ୍ଭ କରନ୍ତି । ସମସ୍ତେ ପୂଜାସ୍ଥଳର ଚତୁର୍ପାର୍ଶ୍ୱରେ ଘେରି ବସନ୍ତି କିମ୍ବା ଠିଆ ହୁଅନ୍ତି । ସେଠାରେ ନାଗମ୍ ଓ ପଧାନ ଧରମ୍ ଦେବତା, ବସୁମତୀମାତାଙ୍କ ଉଦ୍ଦେଶ୍ୟରେ ପୂଜା କରନ୍ତି ।

ନଅ ଖଣ୍ଡ ସାନ ସାନ ଶୁଖିଲା ଓ କ  । ଫାଳିକିଆ ଶାଳକାଠିକୁ ନାଗମ୍ ଦେବତାମାନଙ୍କ ନାମ ଉଚ୍ଚାରଣ କରି ଭୂମି ଉପରେ ଫିଙ୍ଗିଥାନ୍ତି । ଏହି ଦୁଇଫାଳ କାଠିରୁ ଗୋଟିଏ ଉପରକୁ ଓ ଅନ୍ୟଟି ତଳକୁ ମୁହଁକରି ଭୂମି ଉପରେ ପଡ଼ିଲେ ଏହା ଶୁଭ ବୋଲି ବିଚାର କରାଯାଏ । ଏହାଦ୍ୱାରା ଗାଁ ରୋଗମୁକ୍ତ ହେବା ସହିତ ଜମିରେ ଭଲ

ଫସଲ ଓ ଗୃହପାଳିତ ପଶୁପକ୍ଷୀ, ଶିଶୁମାନେ ନିରୋଗ ରହିଥାନ୍ତି ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ନଅ ଖଣ୍ଡ ସାନ ସାନ ଶୁଖିଲା ଓ କ  । ଫାଳିକିଆ କାଠି ବ୍ୟତୀତ ୭ଟି କ  । ପିଜୁଳି, କଣାଯୁକ୍ତ ଏକ ଗୋଲାକୃତି ଲାଉତୁମ୍ବା, ସାତଗୋଟି ଶିଆଳି ପତ୍ର, ଧୂପ, ଦୀପ, ଅରୁଆ ଚାଉଳ, ସିନ୍ଦୁର, କଜ୍ୱଳ, ହଳଦୀଗୁଣ୍ଡ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଏହି ପୂଜା କାର୍ଯ୍ୟରେ ଆବଶ୍ୟକ ହୋଇଥାଏ ।

ସଦର ଦାଣ୍ଡରେ ନାଗମ୍ ପବିତ୍ର ଜଳକୁ ସି  ନ କରି ଗାଁ ଦାଣ୍ଡକୁ ଶୋଧନ କରି ଦିଅନ୍ତି । ଲାଉ ତୁମ୍ବାରେ ଭର୍ତି ଥିବା ପବିତ୍ର ପାଣିକୁ ନାଗମ୍ କିମ୍ବା ପଧାନ ସେଠାରେ ସମବେତ ହୋଇଥିବା ସେଲାନ୍, କଙ୍ଗେର ଓ ଛୋଟଛୋଟ ଶିଶୁମାନଙ୍କ ଚତୁର୍ପାର୍ଶ୍ୱରେ ସାତ ଥର ପରିକ୍ରମା କରି ଭୂମି ଉପରେ ସି*ନ କରନ୍ତି । ଏହା ଦ୍ୱାରା ଗାଁ ଦାଣ୍ଡ ଏବଂ ଗାଁର ସମସ୍ତ ସଦସ୍ୟମାନଙ୍କୁ ଶୁଦ୍ଧ ପବିତ୍ର କରାଯାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି । ଏହାକୁ ‘ଗାଁ ବନ୍ଧା’ କୁହାଯାଏ । ଗାଁକୁ ସୁରକ୍ଷିତ ରଖିବା ହେଉଛି ‘ଗାଁ ବନ୍ଧା’ର ଉଦ୍ଦେଶ୍ୟ ।

ଗାଁ ବନ୍ଧା କାର୍ଯ୍ୟକ୍ରମରେ ନାଗମ୍, ପଧାନ ଓ ବାରଭାଇ ନିକଟସ୍ଥ ଝରଣା କିମ୍ବା ନଦୀ କୂଳକୁ ଯାଆନ୍ତି । ସେଠାରେ ପଶୁ ବଳି ଦିଆଯାଏ । ଏହାକୁ ‘ଛେଦ’ କୁହାଯାଏ । ଏଠାରେ ଏକାଧିକ ଛେଳି, କୁକୁଡ଼ା, ମେଣ୍ଢାମାନଙ୍କୁ ବଳି ଦିଆଯାଇଥାଏ ।

ଛେଦ କାର୍ଯ୍ୟକ୍ରମ ପୂର୍ବରୁ ନାଗମ୍ ପ୍ରଥମେ ଝରଣା କୂଳ ଭୂମିକୁ ଗୋବରରେ ଲେପନ କରି ସଂସ୍କାର କରନ୍ତି । ଏହାକୁ ‘ଭୂମି ବନ୍ଧା’ କୁହାଯାଏ । ଏଠାରେ ଧରମ ଦେବତା, ବସୁମତୀ ମାତା, ପିତୃପୁରୁଷ ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଭୋଗ ଓ ମଦ ଅର୍ପଣ କରାଯାଏ । ଏହା ପରେ ପରେ ଛେଦ ପକାଯାଏ । ଛେଦ ପରେ ପଶୁପକ୍ଷୀଙ୍କ କଟା ମୁଣ୍ଡକୁ ନାଗମ୍ ଓ ପଧାନଙ୍କୁ ପ୍ରଦାନ କରାଯାଇଥାଏ । ଛେଦ ପଡ଼ିଥିବା ପଶୁପକ୍ଷୀଙ୍କ ମାଂସରେ ଏକ ଗୋଷ୍ଠୀ ଭୋଜନର ଆୟୋଜନ ହୋଇଥାଏ ।

ମାଘ ପୋଡ଼ି ପର୍ବ ପାଳନ ବେଳେ ଯୁବକ, ଯୁବତୀମାନେ ଚାଙ୍ଗୁ ବାଦ୍ୟ ବାହାର କରି ପ୍ରଥମ ଥର ପାଇଁ ବଜେଇ ଶୁଭାରମ୍ଭ କରିଥାନ୍ତି ।  ମାଘ ପୋଡ଼ି ପୂର୍ବରୁ ଚାଙ୍ଗୁ ନାଚ ଓ ଗୀତ ହୋଇ ନଥାଏ । ମାଘ ପୋଡ଼ି ପର୍ବ ପାଳନ ପରେ ହିଁ ଜୁଆଙ୍ଗମାନେ ବିଭିନ୍ନ ପ୍ରକାର ଡାଲିଜାତୀୟ ଶସ୍ୟକୁ ଖାଇବା ଆରମ୍ଭ କରନ୍ତି । ପ୍ରଥମେ ନାଗମ୍ ଖାଇବା ପରେ ଗ୍ରାମବାସୀ ଖାଆନ୍ତି ।

ତିନି ଦିନ ଧରି ପାଳନ କରାଯାଉଥିବା ମାଘପୋଡ଼ି ପର୍ବର ଉଦ୍‌ଯାପନର ପ୍ରାୟ ସପ୍ତାହ ପରେ ଗ୍ରାମର ଜୁଆଙ୍ଗମାନଙ୍କ ମଧ୍ୟରେ ଚାଷ ଜମିର ଭାଗବ  । ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଦିନରେ ଗାଁ ମୁଖିଆ ପଧାନ, ପୂଜକ ନାଗମ୍, ବାରଭାଇ ଏବଂ ଅନ୍ୟାନ୍ୟ ମୁରବୀ ଶ୍ରେଣୀୟ ଜୁଆଙ୍ଗମାନେ ମଣ୍ଡଘରେ ବସି ନିଜନିଜ ମଧ୍ୟରେ ତଇଲା ଓ ଅନ୍ୟାନ୍ୟ ଭୂମି ବ   ନ କରିଥାନ୍ତି । ଗ୍ରାମବାସୀ ନିକଟସ୍ଥ ଜଙ୍ଗଲକୁ ଯାଇ ଜଙ୍ଗଲ ସ'। କରି ନିଜନିଜର ମନ ମୁତାବକ ତଇଲା ଜମି ବା ି ନେଇଥାନ୍ତି । ସମସ୍ତ ପରିବାରର ସଦସ୍ୟମାନେ ପର୍ବତ ଉପରକୁ ଯାଇ ନିରୂପଣ କରାଯାଇଥିବା ତଇଲା ଭୂମିର ସ୍ଥାନ ଚିହ୍ନଟ କରନ୍ତି ।

ଅତୀତରେ ଜୁଆଙ୍ଗ ଗ୍ରାମଗୁଡ଼ିକର ସମସ୍ତ ଭୂମି ଅର୍ଥାତ୍ ତଇଲା ଭୂମି, ଏକାନ୍ (ଚାଷ ଜମି), ଗୋଡା ଭୂମି ଏପରିକି ଘରବାଡ଼ିମାନଙ୍କରେ ମଧ୍ୟ ଜୁଆଙ୍ଗମାନଙ୍କର ବ୍ୟକ୍ତିଗତ ମାଲିକାନା ନଥିଲା । ସମସ୍ତ ଭୂମି ଗ୍ରାମର ସାମୂହିକ ସମ୍ପତି ଥିଲା । ଗାଁ ମୁଖିଆ (ପଧାନ), ପୁରୋହିତ (ନାଗମ୍), ବାରଭାଇ ଓ ଅନ୍ୟାନ୍ୟ ପୁରୁଖା ବ୍ୟକ୍ତିମାନେ ମାଘପୋଡ଼ି ପର୍ବରେ ଏକତ୍ରିତ ହୋଇ ପରିବାର ମଧ୍ୟରେ ଭୂମି ବ  ନ କରୁଥିଲେ । ବସତି ଓ ଗ୍ରାମଗୁଡ଼ିକ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡରେ ସ୍ଥାନାନ୍ତରିତ ହେଉଥିଲା ।

## ଆମ୍ବ ନୂଆଖିଆ ପର୍ବ

ଜୁଆଙ୍ଗମାନେ ଶସ୍ୟ, ଡାଲି, ପନିପରିବା ଖାଇବା ପୂର୍ବରୁ ପ୍ରଥମେ ଦେବଦେବୀ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଏହାକୁ ନୂଆଖିଆ କୁହାଯାଏ । ଅନୁରୂପ 'ଆମ୍ବ ନୂଆ' ପର୍ବରେ ନୂଆକରି ଫଳିଥିବା ଆମ୍ବକୁ ଖାଇବା ପୂର୍ବରୁ ପ୍ରଥମେ ତାହାକୁ ଦେବତା ଓ ପିତୃପୁରୁଷଙ୍କୁ ଅର୍ପଣ କରିଥାନ୍ତି । ମାର୍ଚ୍ଚ-ଏପ୍ରିଲ୍ ମାସ ବେଳକୁ ଜୁଆଙ୍ଗମାନେ ଆମ୍ବ ନୂଆଖିଆ ପର୍ବ ପାଳନ କରିଥାନ୍ତି ।

ଆମ୍ବ ଗଛରେ ଆମ୍ବ ସାମାନ୍ୟ ବଡ଼ ହୋଇ ଭୋଜନଯୋଗ୍ୟ ଅବସ୍ଥାକୁ ଆସିଲେ ଏହାକୁ ଦେବତାମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥାଏ । ଗ୍ରାମବାସୀ ଆମ୍ବ ବଉଳ ଓ ଆମ୍ବକଷି ସଂଗ୍ରହ କରି ନାଗମ୍ (ପୂଜକ)ଙ୍କୁ ଅର୍ପଣ କରନ୍ତି । ନାଗମ୍ ସେଗୁଡ଼ିକୁ ଦେବତାମାନଙ୍କ ଉଦ୍ଦେଶ୍ୟରେ ପୂଜା କରି ଗ୍ରାମବାସୀଙ୍କୁ ବିତରଣ କରନ୍ତି । ପିତୃପୁରୁଷ ଓ ଦେବଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବା ପରେ ଜୁଆଙ୍ଗମାନେ ବିଧିବଦ୍ଧ ଭାବେ ଆମ୍ବ ଖାଇବା ଆରମ୍ଭ କରନ୍ତି । ଆମ୍ବ ନୂଆ ପର୍ବଟି ଚାରିଦିନ ଧରି ଅନୁଷ୍ଠିତ ହୋଇଥାଏ । ପ୍ରଥମ ଦିନ ମଣ୍ଡା ଖିଆ, ଦ୍ୱିତୀୟ ଦିନ ବାରରୁଆ, ତୃତୀୟ ଦିନ ଭାତ ଖିଆ ଏବଂ ଚତୁର୍ଥ ଦିନ ଆମ୍ବ ନୂଆଖିଆ କରାଯାଇଥାଏ ।

ଚତୁର୍ଥ ଦିନରେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପଶୁବଳି (ଛେଦ) ଦିଆଯାଇଥାଏ । ଏହିଦିନ ନୂଆକରି ଯୁବକମାନେ (ଯେଉଁମାନେ ପୂର୍ବରୁ ମଣ୍ଡଘରର ସଦସ୍ୟତା ଗ୍ରହଣ କରି ନଥିବେ) ଗ୍ରାମ ସଂଗଠନ 'ମଣ୍ଡଘର'ର ସଦସ୍ୟତା ଗ୍ରହଣ କରିଥାନ୍ତି । ଏହି ଦିନଟି ଅବିବାହିତ ଯୁବକ, ଯୁବତୀମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ ଭାବେ ପରିଗଣିତ ହୋଇଥାଏ । ଯୁବକମାନେ ନୂତନ ଭାବେ ବ୍ରତ ଗ୍ରହଣ କରି 'ମଣ୍ଡଘର' (ମଜାଙ୍ଗ)ର ସଭ୍ୟ ପଦ ଗ୍ରହଣ କରନ୍ତି ।

ମଣ୍ଡଘରର ସଦସ୍ୟତା ଗ୍ରହଣ କରିଥିବା ଯୁବକମାନେ ସ୍ୱୟଂ କିମ୍ବା ନାଗମ୍‌ଙ୍କ ଦ୍ୱାରା ଚାଙ୍ଗୁ ଦେବତା 'କାଞ୍ଜୁଣୀ'ଙ୍କୁ ପୂଜା କରନ୍ତି । ଯୁବକମାନେ ଚାଙ୍ଗୁ ଦେବତାଙ୍କୁ କୁକୁଡ଼ା ଅଣ୍ଡା ଓ ପେଣ୍ଟି କୁକୁଡ଼ା ଅର୍ପଣ କରନ୍ତି । ଯୁବକମାନେ ଘୋଡ଼ା, ହାତୀ ବେଶ ଧାରଣ କରି ନୃତ୍ୟ କରନ୍ତି । ଏହାକୁ ଘୋଡ଼ାନାଚ କୁହାଯାଏ । ବିଳମ୍ବିତ ରାତିରେ ଘୋଡ଼ାନାଚର ଆୟୋଜନ କରାଯାଇଥାଏ । ଦିନବେଳା ଗ୍ରାମରେ ଭୋଜିଭାତ, ମଦପାଣି (ମହୁଲି) ଓ ନାଚଗୀତର ଆୟୋଜନ ହୋଇଥାଏ ।

## ଜୁଆଙ୍ଗଙ୍କ ଶିକାର ଯାତ୍ରା (ଅଖାଣି ପର୍ବ)

ଆମ୍ବନୂଆ ପର୍ବ ଶେଷ ହେବା କ୍ଷଣି ସାମୂହିକ ଶିକାର (ଅଖାଣି ପର୍ବ)ର ଆୟୋଜନ କରାଯାଏ । ଦ୍ରୁତ ଜଙ୍ଗଲ କ୍ଷୟ ଓ ଜଙ୍ଗଲ ବିଭାଗର କଟକଣା କାରଣରୁ ଶିକାର ଯାତ୍ରା ଆଉ ପୂର୍ବଭଳି ହେଉନାହିଁ । ମାତ୍ର ପ୍ରତୀକାତ୍ମକ ଭାବେ ଏହାକୁ ପାଳନ କରାଯାଉଛି ।

ଶିକାର ପର୍ବ ପାଳନ ନେଇ ପୂର୍ବରୁ ପଧାନ, ନାଗମ୍ ଓ ବାରଭାଇ ମଜାଙ୍ଗରେ ବସି ଦିନ ଧାର୍ଯ୍ୟ କରିଥାନ୍ତି । ଶିକାର ଯାତ୍ରାର ପୂର୍ବଦିନ ସନ୍ଧ୍ୟାରେ ପୂଜକ (ନାଗମ) ପ୍ରତିଘରୁ ଧନୁ, ତୀର ବର୍ଚ୍ଛା ଓ ଅନ୍ୟାନ୍ୟ ଶିକାର ସାମଗ୍ରୀ ସଂଗ୍ରହ କରି ମଣ୍ଡଘରେ ଏକତ୍ରିତ କରି ରଖନ୍ତି । ଏହାପରେ ଏ ସମସ୍ତ ଅସ୍ତ୍ରଶସ୍ତ୍ରକୁ ନାଗମ୍ ପୂଜା କରି ଶିକାର ପାଇଁ ଅନୁକୂଳ କରନ୍ତି । ଏହି ଅବସରରେ ମଣ୍ଡଘର ସାମ୍ନାରେ ଗ୍ରାମଶିରିଙ୍କ ନିକଟରେ ଜୁଆଙ୍ଗମାନେ ଏକତ୍ର ହୋଇ ନିଜନିଜର ପିତୃପୁରୁଷ ଓ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପୂଜା ଲାଗି କରନ୍ତି ।

ପରଦିନ ଶିକାର ଯାତ୍ରାରେ ସାମିଲ ହେବାକୁ ଥିବା ପ୍ରତି ସଦସ୍ୟ ନିଜ ସାଥୀରେ ଅସ୍ତ୍ରଶସ୍ତ୍ର ସହିତ ଗୋଟିଏ ଗୋଟିଏ କୁକୁଡ଼ା ସଂଗ୍ରହ କରି ସାଥୀରେ ନେଇଥାନ୍ତି । ନାଗମ୍ ଏ ଯାତ୍ରାର ନେତୃତ୍ୱ ନିଅନ୍ତି । ଗାଁର ସ୍ତ୍ରୀଲୋକମାନେ ଘର ମଧ୍ୟରେ କବାଟ କିଳି ରହିଥାନ୍ତି । ଯେଉଁ ଜୁଆଙ୍ଗ ମହିଳା ରଜସ୍ୱଳା ହୋଇଥାଏ, ତା ସ୍ୱାମୀକୁ ଏ ଶିକରା ଯାତ୍ରାରେ ସାମିଲ ହେବାକୁ ବାରଣ କରାଯାଇଥାଏ ।

ଜୁଆଙ୍ଗମାନେ ଗ୍ରାମରୁ ବାହାରିଯାଇ ଜଙ୍ଗଲରେ ପ୍ରବେଶ କଲାମାତ୍ରେ ନାଗମ୍ ଜଙ୍ଗଲ ମଧ୍ୟରେ ଏକ ଭୂମିକୁ ସଫା କରି ଗୋବର ପାଣିରେ ଶୋଧନ କରନ୍ତି । ଭୂମି ସଂସ୍କାର ହେବା ପରେ ନାଗମ ସେଠାରେ ମାଟିରେ ଏକ ଛୋଟ ବେଦୀ ବା ମଣ୍ଡପ ନିର୍ମାଣ କରନ୍ତି । ବେଦୀ ଉପରେ ନାଗମ୍ ହଳଦୀଗୁଣ୍ଡ ଓ ଚାଉଳ ଚୂନାରେ ମୁରୁଜ ପକାନ୍ତି । ନାଗମ୍ ଦୁଇଖଣ୍ଡ ବଡ଼ ଶିଶୁକାଠ ଓ ଦୁଇଖଣ୍ଡ ଶାଳକାଠ ବେଦୀର ଉଭୟ ପାର୍ଶ୍ୱରେ ପୋତି ଦିଅନ୍ତି । ପରେ ଜୁଆଙ୍ଗମାନେ ସାଥୀରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ବେଦୀ ନିକଟରେ ରଖନ୍ତି । ଜୁଆଙ୍ଗ ଯୁବକମାନେ ସାଥୀରେ ଆଣିଥିବା କୁକୁଡା କିମ୍ବା କୁକୁଡ଼ା ଛୁଆଗୁଡ଼ିକୁ ନାଗମ୍ ଜଙ୍ଗଲ ଠାକୁରାଣୀ ବନଦୁର୍ଗା ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପୂଜା କରି ବଳି ଚଢ଼ାଇଥାନ୍ତି ।

କୁକୁଡ଼ା ରକ୍ତକୁ ନାଗମ୍ ବେଦୀ ନିକଟରେ ରଖାଯାଇଥିବା ଅସ୍ତ୍ରଶସ୍ତ୍ରରେ ସି ନ କରନ୍ତି । ପୂଜା କାମ ଶେଷ ହେଲା ପରେ ନାଗମ୍ ସେଠାରେ ପୋତାଯାଇଥିବା ଶାଳକାଠ ଦୁଇଖଣ୍ଡକୁ ଶୂନ୍ୟରେ ଫିଙ୍ଗି ଦିଅନ୍ତି । ଯଦି ଶାଳକାଠ ଦୁଇଖଣ୍ଡ ଅସଜଡ଼ା ହୋଇ ଭୂମି ଉପରେ ପଡ଼େ ତେବେ ଏହା ଶୁଭ ସୂଚନା ବୋଲି ନାଗମ୍ ଘୋଷଣା କରନ୍ତି । ପୂଜା ପରେ ନାଗମ୍ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଯୁବକମାନଙ୍କୁ ଫେରାଇ ଦିଅନ୍ତି ।

ଜୁଆଙ୍ଗ ଯୁବକମାନେ ଜଣଜଣ କରି ଶିଶୁ କାଠ ପୋତା ଯାଇଥିବା ସ୍ଥାନକୁ ଡେଇଁ ଆଗକୁ ମାଡ଼ି ଚାଲନ୍ତି । ଶିକାର ଯାତ୍ରାର ନେତୃତ୍ୱ ନେଉଥିବା ଜୁଆଙ୍ଗ ଯୁବକ (କଙ୍ଗେର)ଟି ଯଦି ଝୁ ି ପଡେ ତା' ପଛରେ ଥିବା ଅନ୍ୟ ଜୁଆଙ୍ଗମାନେ ତାକୁ ଧରି ନେଇ ତାକୁ ସମ୍ବର ବୋଲି ବଡ଼ ପାଟିରେ ଘୋଷଣା କରନ୍ତି । ଜଣେ ଜୁଆଙ୍ଗ ତା'ର କାନ ଧରି ତାକୁ ଏହା ସତ୍ୟ ନା ମିଥ୍ୟା ବୋଲି ପଚାରେ । ଭୂମି ଉପରେ ଝୁ ି ପଡ଼ିଥିବା କଙ୍ଗେରଟି ଏହା ସତ୍ୟ ବୋଲି କହିବା ପରେ ସମସ୍ତ ଜୁଆଙ୍ଗ ଶିକାର ଯାତ୍ରାରେ ଜଙ୍ଗଲ ମଧ୍ୟକୁ ଯାଆନ୍ତି ।

ଯେଉଁ ଯୁବକଟି ପ୍ରଥମେ ପଶୁ ଶିକାର କରିବାରେ ସମର୍ଥ ହୁଏ, ତାକୁ ଅନ୍ୟ ଜୁଆଙ୍ଗମାନେ 'ରାଜା' ବୋଲି ସମ୍ବୋଧନ କରନ୍ତି । ସେହି ରାଜାର ଗଳାରେ ଏକ ଫୁଲ ହାର ପିନ୍ଧାଇ ଅନ୍ୟ ଯୁବକମାନେ କାନ୍ଧରେ ବସାଇ ଜଙ୍ଗଲ ମଧ୍ୟରେ ବୁଲାନ୍ତି । ଏହାପରେ ଜୁଆଙ୍ଗମାନେ ମୃତ ପଶୁର ଶରୀରକୁ ବୋହି ଝରଣା କୂଳକୁ ନିଅନ୍ତି । ସେଠାରେ ପଶୁଟିକୁ କାଟି ମାଂସ ପ୍ରସ୍ତୁତ କରାଯାଏ ଏବଂ ମାଂସକୁ ଭାଗ କରି ସମସ୍ତେ ନିଅନ୍ତି । ମାତ୍ର 'ରାଜା'କୁ ଏକ ବଡ଼ଭାଗ ପ୍ରଦାନ କରାଯାଇଥାଏ । ଯଦି ପଶୁଟି ମାଈ ହୋଇଥାଏ, ତେବେ ତାର ସ୍ତନ ଦୁଇଟି ଏବଂ ଯଦି ପଶୁଟି ପୁରୁଷ ହୋଇଥାଏ, ତେବେ ତାର ଅଣ୍ଡକୋଷକୁ ରାଜାକୁ ଦିଆଯାଇଥାଏ ।

## ଅକ୍ଷି ତୃତୀୟା (ତିର୍ତିୟା)

ଅକ୍ଷି ତୃତୀୟ (ତିର୍ତିୟା) ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ଦିନ ପାଳନ କରାଯାଇଥାଏ । ଜୁଆଙ୍ଗମାନେ ଏ ପର୍ବଟିକୁ ଦୁଇ ଦିନ ଧରି ପାଳିଥାନ୍ତି ।  ଅକ୍ଷି ତୃତୀୟା ପର୍ବକୁ ଜୁଆଙ୍ଗମାନେ 'ମୁଠି ଛୁଆଁ' କହିଥାନ୍ତି । ତିର୍ତିୟା ଦିନ ମୁଠି ଅନୁକୂଳ କରିବା ପରେ ଜୁଆଙ୍ଗମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି । ଅକ୍ଷି ତୃତୀୟା ପରେ ପରେ ବର୍ଷା ଉପରେ ନିର୍ଭର କରି ଜୁଆଙ୍ଗମାନେ କୃଷି କାର୍ଯ୍ୟକୁ ଆଗକୁ ବଢ଼େଇଥାନ୍ତି ।

ନାଗମ୍‌ଙ୍କ ଘରୁ ସଂଗୃହୀତ ଧାନକୁ ଗ୍ରାମଶିରିଙ୍କ ନିକଟରେ ପୂଜା କରିବା ପରେ ଏହାକୁ ପ୍ରତି ଜୁଆଙ୍ଗ ଘରକୁ ଗୋଟିଏ ଗୋଟିଏ ଚୌପତି (ଦନା)ରେ ଭାଗ କରାଯାଇ ପ୍ରଦାନ କରାଯାଏ । ଜୁଆଙ୍ଗମାନେ ଏହି ଧାନକୁ ନେଇ ନିଜ ଘରେ ଥିବା ଧାନ ସହ ମିଶେଇ ଅଖି ମୁଠି ଅନୁକୂଳ କରିବାକୁ କ୍ଷେତକୁ ଯାଆନ୍ତି । ପ୍ରଥମ ଦିନରେ ଧାନ (ଲକ୍ଷ୍ମୀ ଦେବୀ)ଙ୍କୁ ଆବରଣ କରି ଗ୍ରାମଶିରିଙ୍କ ନିକଟକୁ ଆଣିଥାନ୍ତି । ଯୁବକମାନେ ପାଳରେ ଦୁଇଟି ଆଉଳିଆ (ଓଳିଆ) ନିର୍ମାଣ କରନ୍ତି । ନାଗମଙ୍କ ଘରୁ ଅଣାଯାଇଥିବା ପବିତ୍ର ଧାନକୁ ଏହି ଦୁଇ ଓଳିଆରେ ଭର୍ତି କରାଯାଏ । ଏହି ଦୁଇ ଓଳିଆକୁ ଗାଁ ଦୁଇ ମୁଣ୍ଡରେ ଥିବା ଗଛର କୋରଡ଼ରେ ରଖାଯାଏ । ପରେ ନାଗମ୍ ଓ ପଧାନ ଏ ସ୍ଥାନକୁ ଯାଇ ଓଳିଆ ଦୁଇଟିକୁ ପୁନର୍ବାର ଗ୍ରାମଶିରିଙ୍କ ନିକଟକୁ ଆଣନ୍ତି । ଏହାକୁ 'ବୁଆ ଆବରଣ' କହନ୍ତି ।

ଦ୍ୱିତୀୟ ଦିନ ମୁଠି ଅନୁକୂଳ କରାଯାଇଥାଏ । ପ୍ରଥମେ ନାଗମ୍ ନିଜ କ୍ଷେତକୁ ଯାଇ ମୁଠି ଅନୁକୂଳ କରିବା ପରେ ଗ୍ରାମର ଅନ୍ୟାନ୍ୟ ଲୋକେ ନିଜନିଜର କ୍ଷେତକୁ ଯାଇ ମୁଠି ଅନୁକୂଳ କରନ୍ତି ।

## ରଜ ପର୍ବ

ରଜ ପର୍ବ ଜୁଆଙ୍ଗମାନଙ୍କ ସାମାଜିକ ଜୀବନକୁ ଅଧିକ ମାତ୍ରାରେ ପ୍ରଭାବିତ କରିଥାଏ । ରଜ ପର୍ବ ପାଳନ ଅବସରରେ ଜୁଆଙ୍ଗ ପୁରପଲ୍ଲୀ ଉତ୍ସବମୁଖର ହୋଇ ଉଠେ । ସବୁଠି ଦୋଳି ଖେଳ ଓ ଦୋଳିଗୀତର ଆସର ଜମିଥାଏ । ଜୁଆଙ୍ଗ ଯୁବତୀମାନେ ଦୋଳି ଖେଳିବା ସାଙ୍ଗକୁ ରଜଗୀତ ଗାଇ ଖୁସି ମନେଇଥାନ୍ତି ।

ରଜ ପର୍ବଟି ଏକ ଗ୍ରାମ୍ୟ କୃଷିଭିତ୍ତିକ ପର୍ବ । ଗ୍ରୀଷ୍ମର ଅବସାନ ଓ ବର୍ଷାର ଆଗମନ ମଧ୍ୟରେ ମିଥୁନ ସଂକ୍ରାନ୍ତିକୁ ହିଁ ରଜ ସଂକ୍ରାନ୍ତି ଭାବେ ପାଳନ କରାଯାଇଥାଏ । ସାଧାରଣତଃ ରଜପର୍ବ ତିନି ଦିନ ବ୍ୟାପୀ ଚାଲେ ।

ଯୁବକମାନେ ରଜଦୋଳି ପ୍ରସ୍ତୁତ କରନ୍ତି । ଦୋଳି ତିଆରି ଶେଷ ହେବା ପରେ ଦୋଳି ପୂଜା ହୋଇଥାଏ । ଗାଁର କୁମାରୀମାନେ ରଜପିଠା ନେଇ ଦୋଳି ପାଖକୁ ଯାଆନ୍ତି । ତିନିଦିନ ଧରି ଜୁଆଙ୍ଗ ଝିଅମାନେ ବିଭିନ୍ନ ଅଂଚଳ ବୁଲନ୍ତି । ଏହି ସମୟରେ ଝିଅବୋହୂମାନେ କାମଧନ୍ଦା କରନ୍ତି ନାହିଁ କି ଜଙ୍ଗଲ ଯାଆନ୍ତି ନାହିଁ ।

ପୃଥିବୀ ମାତାଙ୍କୁ ପୂଜା କରାଯାଉଥିବାରୁ ଜୁଆଙ୍ଗମାନେ ମାଟି ଖୋଳନ୍ତି ନାହିଁ । ଶେଷ ଦିନରେ ଜୁଆଙ୍ଗ ଝିଅବୋହୂମାନେ ରଜକୁ ବିଦାୟ ଦେଇଥାନ୍ତି । ଗାଁ ଝିଅମାନେ ବରକନ୍ୟା ବସନ୍ତି । ତା' ପରେ ଶବର, ଶବରୁଣୀ ନାଚ ଅନୁଷ୍ଠିତ ହୋଇଥାଏ । ରଜ ବିଦାୟ ଉତ୍ସବରେ ପୁରୁଷମାନେ ଅଂଶଗ୍ରହଣ କରନ୍ତି ନାହିଁ ।

ରଜ ତିନି ଦିନ କୃଷି କାର୍ଯ୍ୟ ହୋଇ ନଥାଏ । ଏହି ସମୟରେ ପୃଥିବୀମାତା ରଜୋବତୀ ହୋଇଥିବାରୁ ମାଟି ଖୋଳା ହୋଇ ନଥାଏ । ଧରିତ୍ରୀ ରଜୋବତୀ ହେଉଥିବା କାରଣରୁ ଜୁଆଙ୍ଗମାନେ ଖାଲି ପଦାରେ ଭୂମି ଉପରେ ଚାଲନ୍ତି ନାହିଁ । ଗ୍ରାମର ଯୁବତୀମାନେ କଦଳୀପଟୁଆ, ଗୁଆ ଖୋଳପା ଆଦି ପାଦରେ ବାନ୍ଧି ଭୂମି ଉପରେ ଚାଲନ୍ତି । ଶବର-ଶବରୁଣୀ ନୃତ୍ୟ ମାଧ୍ୟମରେ ପ୍ରକୃତି ଓ ପୁରୁଷର ମିଳନରେ ଶସ୍ୟଶ୍ୟାମଳା ଧରିତ୍ରୀ କାମନା କରନ୍ତି । ରଜ ଅବସରରେ ଜୁଆଙ୍ଗ ଯୁବତୀମାନଙ୍କୁ ଶିଳରେ ବାଟଣ ବାଟିବା, ପରିବା କାଟିବା ଆଦି ମନା ହୋଇଥାଏ ।

ଶେଷ ଦିନ ବସୁମତୀ ଗାଧୁଆ କରାଯାଇଥାଏ । ଧରମ ଦେବତାଙ୍କ ପରେ ବସୁମତୀ ମାତା ହେଉଛନ୍ତି ଜୁଆଙ୍ଗମାନଙ୍କର ଆରାଧ୍ୟ ଦେବୀ । ଏଣୁ ବସୁମତୀ ମାତାଙ୍କୁ ଆରାଧନା କରିବା ପାଇଁ ଜୁଆଙ୍ଗମାନେ ରଜପର୍ବ ପାଳନ କରିଥାନ୍ତି ।

### ଅଷାଢ଼ି ପର୍ବ (ବାଙ୍ଗୁରୁ ଅବ)

କୁସୁମ (ବାଙ୍ଗୁରୁ) ଗଛଟି ଜୁଆଙ୍ଗ ଜନଜୀବନ ସହିତ ଓତପ୍ରୋତ ଭାବେ ଜଡ଼ିତ । କୁସୁମ ଗଛଟିକୁ ଜୁଆଙ୍ଗମାନେ ମିତ୍ର ଭଳି ଦେଖିଥାନ୍ତି । ଏହାକୁ ଏକ ଦେବ ବୃକ୍ଷ ଭାବେ ଜୁଆଙ୍ଗମାନେ ପୂଜା କରିଥାନ୍ତି । କୁସୁମ ଫଳ, କୁସୁମ ତେଲ, କୁସୁମ ଗଛର ଛାଲି, ଚେର, ପତ୍ର ଜୁଆଙ୍ଗମାନଙ୍କ ପାଇଁ ଅତି ଉପଯୋଗୀ ହୋଇଥାଏ ।

ବର୍ଷା ଦିନ ଆରମ୍ଭରେ କୁସୁମ ଫଳ ପାଚିଥାଏ । ଫଳ ଖାଇବା ପୂର୍ବରୁ ଜୁଆଙ୍ଗମାନେ ନିଜର ପିତୃପୁରୁଷ ଓ ଦେବଦେବୀଙ୍କୁ ଅର୍ପଣ କରିଥାନ୍ତି । କୁସୁମ ନୂଆଖିଆ ପର୍ବକୁ ଜୁଆଙ୍ଗମାନେ ଅଷାଢ଼ି ପର୍ବ ଭାବେ ପାଳନ କରନ୍ତି । ଆଷାଢ଼ ମାସରେ ଏହି ପର୍ବ ପାଳନ ହେଉଥିବାରୁ ଏହାର ନାମ ଆଷାଢ଼ି ପର୍ବ ହୋଇଛି ।

ଏହି ପର୍ବରେ ଜୁଆଙ୍ଗମାନେ କୁସୁମ, ଆମ୍ବଷଢ଼ା, ଆମ୍ବୁଲ ଆଦି ଖାଦ୍ୟଦ୍ରବ୍ୟ ଦେବଦେବୀ ଓ ପିତୃପୁରୁଷଙ୍କୁ ଅର୍ପଣ କରିବା ପରେ ନିଜେ ଖାଇଥାନ୍ତି । ଏହି ପର୍ବଟି ଏକ କୃଷିଭିତିକ ପର୍ବ । ଭଲ ଫସଲ ଓ ବର୍ଷା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରଯାଇଥାଏ । ଏହି ପର୍ବ ପାଳନ ପରେ ପରେ ଜୁଆଙ୍ଗମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି । ବିଶେଷକରି ପାହାଡ଼ିଆ ଉଚ୍ଚଭୂମିମାନଙ୍କରେ ଧାନ, ରାଶି, ସୋରିଷ, ମାଣ୍ଡିଆ, କାଙ୍ଗୁ, ଗଙ୍ଗେଇ ଆଦି ମଞ୍ଜି ବୁଣାଯାଇଥାଏ ।

ଆଷାଡି ପର୍ବଟି ଆଷାଢ଼ ମାସର ଯେକୌଣସି ଦିନରେ ପାଳିତ ହୋଇଥାଏ । ଏଥିପାଇଁ କିଛି ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ହୋଇ ନଥାଏ । ପର୍ବ ପାଳନ ପୂର୍ବରୁ ପଧାନ, ନାଗମ୍ ଓ ବାରଭାଇ ମଣ୍ଡଘରେ ବସି ପ୍ରସ୍ତୁତି କରିଥାନ୍ତି ।

ଆଷାଢ଼ି ପର୍ବରେ ଗ୍ରାମଶିରି କିମ୍ବା ଗାଁ ଉପକଣ୍ଠରେ ଥିବା ଶାଳ (ଗ୍ରାମଦେବୀ)ଙ୍କ ନିକଟରେ ଘୁଷୁରି ଓ କୁକୁଡ଼ା ବଳି ପଡ଼ିଥାଏ । ଆଷାଢ଼ି ପର୍ବ ପରେ ଧାନ ବେହୁଡ଼ା ହୁଏ । ଆଷାଢ଼ି ପର୍ବ ଦୁଇଦିନ ଧରି ଅନୁଷ୍ଠିତ ହୋଇଥାଏ । ପ୍ରଥମ ଦିନ ବାରରୁଆ ଏବଂ ଦ୍ୱିତୀୟ ଦିନ ଛେଦ ପକା କାର୍ଯ୍ୟକ୍ରମ ହୋଇଥାଏ ।

ଦ୍ୱିତୀୟ ଦିନ ନାଗମ୍ ଓ ପଧାନ ସ୍ନାନ ସାରି ଘରେ ଅପେକ୍ଷା କରିଥାନ୍ତି । ଜୁଆଙ୍ଗ ଯୁବକମାନେ ବାଜା ବଜେଇ ରୋଷଣି କରି ଏ ଦୁହିଁଙ୍କୁ ମଣ୍ଡଘର ଓ ଗ୍ରାମଶିରି ନିକଟକୁ ଆଣନ୍ତି । ନାଗମ୍ ଏକ ବାଉଁଶ ଡାଲାରେ କିଛି କୁସୁମ ଫଳ, ଆମ୍ବଷଢ଼ା, ଆମ୍ବୁଲ, ଶାଳପତ୍ର, ଶିଆଳି ପତ୍ର, ଧୂନ, ଦୀପ, ଅରୁଆ ଚାଉଳ, କ୍ଷୀର, ହଳଦୀ, ସିନ୍ଦୁର ଆଦି ପୂଜା ସାମଗ୍ରୀ ପ୍ରସ୍ତୁତ କରି ମଣ୍ଡଘରେ ପହଂଚନ୍ତି ।

ପଧାନ ନିଜ ଘରୁ ପାଟଖଣ୍ଡା ଧରି ଗାଁ ଶାଳକୁ ଯିବାକୁ ପ୍ରସ୍ତୁତ ହୁଅନ୍ତି । ଗ୍ରାମଶିରିଙ୍କ ନିକଟରେ ଯଥାବିଧି ପୂଜା ହେଲା ପରେ ସେମାନେ ଗ୍ରାମ ଶାଳକୁ ଯାଆନ୍ତି । ନାଗମ୍, ପଧାନ ଓ ବାରଭାଇ ପୂଜା ସାମଗ୍ରୀ ଧରି ଗାଁ ଶାଳକୁ ଯିବା ବେଳେ ଗ୍ରାମର କେତେକ ଯୁବକ ଏକ ଠେଙ୍ଗାରେ ଘୁଷୁରିର ଚାରିଗୋଡ଼କୁ ବାନ୍ଧି ନିଜନିଜର ଚାଷ ଜମିକୁ ନେଇଥାନ୍ତି । ଯୁବକମାନେ ଘୁଷୁରିକୁ କାନ୍ଧରେ ବୋହି ବୋହି ଚାଷ ଜମିର ଚତୁପାର୍ଶ୍ୱରେ ପରିକ୍ରମା କରନ୍ତି । ଏହି ପରିକ୍ରମା ଅନେକ ସମୟ ନେଇଥାଏ ।

ପ୍ରତି ଜୁଆଙ୍ଗର ଚାଷ ଜମି ଚାରିକଡ଼େ ଘୁଷୁରି ବୁଲାଇବା ବାଧ୍ୟତାମୂଳକ ହୋଇଥାଏ । ଏପରି କଲେ ଭଲ ଫସଲ ହେବ ବୋଲି ଜୁଆଙ୍ଗମାନଙ୍କର ବିଶ୍ୱାସ ରହିଛି । ଚାଷ ଜମି ପରିକ୍ରମା କରିବା ପରେ ଘୁଷୁରିକୁ ଶାଳ ନିକଟକୁ ଅଣାଯାଏ ଏବଂ ପରେ ଏହାକୁ ଛେଦ ପକାଯାଏ ।

ନାଗମ୍ ଓ ପଧାନ ଶାଳ ନିକଟରେ ପହଂଚିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୁଏ । ଶାଳଘର ପରିସରରେ ଏକ ଚୂଲି ଥାଏ ଏବଂ ଶାଳ ଗଛ କୋରଡ଼ରେ ପୂର୍ବରୁ ଏକ ମାଟି ହାଣ୍ଡି ରଖାଯାଇଥାଏ । ନାଗମ୍, ପଧାନ ଛୋଟ ଛୋଟ ଶୁଖିଲା ଶାଳକାଠ ସଂଗ୍ରହ କରନ୍ତି । ପଧାନ ଗଛ କୋରଡ଼ରୁ ମାଟି ହାଣ୍ଡିକୁ ବାହାର କରି ସେଥିରେ ଗାଈଦୁଧ, ପାଣି, ଅରୁଆ ଚାଉଳ ପକେଇ ସାତ ଫୁଟଣା କରନ୍ତି । ସାତଥର ଫୁଟିବା ପରେ ମାଟି ହାଣ୍ଡିକୁ ତଳକୁ ଓହ୍ଲାଇ ଭାତକୁ ସାତଗୋଟି ଶିଆଳି ପତ୍ରରେ ଦେବଦେବୀ ଓ ପିତୃପୁରୁଷଙ୍କ ଆତ୍ମା ଉଦ୍ଦେଶ୍ୟରେ ବାଢନ୍ତି । ଏଠାରେ ପିତୃପୁରୁଷଙ୍କୁ ଭାତ ପିଣ୍ଡଦାନ କରାଯାଏ ।

ଶାଳଘରେ 'ଭାତଖିଆ' ପୂଜା ସମୟରେ ଦେବଦେବୀ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମହୁଲି ମଦ ଦାନ କରାଯାଏ । ଗ୍ରାମର ଯୁବକମାନେ ଘୁଷୁରିକୁ ବିଲ ପରିକ୍ରମା କରି ଶାଳ ଘର ନିକଟରେ ପହଂଚନ୍ତି । ପ୍ରଥମେ ଘୁଷୁରି ମୁଣ୍ଡରେ ସିନ୍ଦୁର ଲଗାଇ ଅରୁଆ ଚାଉଳ (ଆକତା) ଖାଇବାକୁ ଦିଆଯାଏ । ଘୁଷୁରିଟି ଅରୁଆ ଚାଉଳ ଖାଇଲେ ଗାଁର ସବୁ ମଙ୍ଗଳ ବୋଲି ନାଗମ କହିଥାଏ । ଯଦି ଘୁଷୁରି ଅରୁଆ ଚାଉଳ ନ ଖାଏ, ତେବେ ଗ୍ରାମ ପ୍ରତି ବିପଦ ଅଛି ବୋଲି ନାଗମ୍ ପ୍ରକାଶ କରେ । ଘୁଷୁରି ଅରୁଆ ଚାଉଳ ଖାଇବା ପରେ ତାକୁ ସେଠାରେ ଛଦ

ପକାଯାଏ । ଏହାପରେ ସମସ୍ତେ ପୁନର୍ବାର ଗାଁର ମଣ୍ଡଘରକୁ ଫେରନ୍ତି ଏବଂ ସେଠାରେ ସମୂହ ମହୁଲି ମଦ ପାନ (ଜୁରି ପକା) କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ ।

## ପିଢ଼ ପୂଜା

ଜୁଲାଇ-ଅଗଷ୍ଟ ମାସ ବେଳକୁ ଜୁଆଙ୍ଗମାନେ ପିଢ଼ ପୂଜା କରନ୍ତି । ଫସଲ ଭଲ ଅମଳ ହେବା ଏବଂ ତଇଲାରେ ଫସଲର ସୁରକ୍ଷା ନିମନ୍ତେ ଜୁଆଙ୍ଗମାନେ ଏ ପୂଜା କରନ୍ତି । ଚାଷଜମିରେ ଫସଲ ପାଚିଗଲା ପରେ ଏହାର ସୁରକ୍ଷା ନିମନ୍ତେ ଜୁଆଙ୍ଗମାନେ ଅଧିକ ତତ୍ପର ହୋଇ ଉଠନ୍ତି । ଜୁଆଙ୍ଗମାନଙ୍କର ଚାଷଜମି ନିଜ ବାସଗୃହ ଏବଂ ଗ୍ରାମଠାରୁ ଦୂରରେ ଥିବାରୁ ବାର୍ହା, ଭାଲୁ, ହାତୀ ଭଳି ଜଙ୍ଗଲୀ ପଶୁ ଏବଂ ନାନା ପ୍ରକାର ପାପ ଆତ୍ମାମାନଙ୍କ କବଳରୁ ଫସଲକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଜୁଆଙ୍ଗମାନେ ପିଢ଼ ପୂଜା କରିଥାନ୍ତି । ବିଶେଷକରି ମୂଷା ଓ ହାତୀ ଦାଉରୁ ଫସଲକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଜୁଆଙ୍ଗମାନେ ପିଢ଼ ପୂଜାର ଆୟୋଜନ କରିଥାନ୍ତି । ଏହି ପୂଜା ଏକାନ୍ (ଚାଷଜମି) କିମ୍ବା ତଇଲାରେ ହୋଇଥାଏ ।

ପିଢ଼ ପୂଜା ମାତ୍ର ଗୋଟିଏ ଦିନ ପାଳିତ ହୋଇଥାଏ । ରାଉଳିଆ (ତାନ୍ତ୍ରିକ) ଏ ପୂଜା କାର୍ଯ୍ୟ ସମାପନ କରିଥାନ୍ତି । ଯେଉଁ ଗାଁର ନାଗମ୍ (ପୂଜକ) ନିଜେ ଗୁଣିଗାରେଡ଼ି କାମ କରୁଥାନ୍ତି, ସେ ଏହି ପୂଜା କରିଥାନ୍ତି ।

ଅନ୍ୟ ପର୍ବମାନଙ୍କ ଭଳି ପିଢ଼ ପୂଜାରେ ଜୁଆଙ୍ଗ ଯୁବକମାନେ ରାଉଳିଆକୁ ଗ୍ରାମଶିରିଙ୍କଠାରୁ ଏକାନ୍ ପର୍ଯ୍ୟନ୍ତ ବାଜା ବଜେଇ, ରୋଷଣି କରି ନେଇଥାନ୍ତି । ରାଉଳିଆ ଏକ ଡାଲାରେ ଧୂପ, ଦୀପ, ଅରୁଆ ଚାଉଳ, ସିନ୍ଦୁର, ହଳଦୀ, ଶିଆଳି ପତ୍ର, ଗୁଡ଼, କ୍ଷୀର, କଦଳୀ ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ ସାଥୀରେ ଧରି ନେଇଥାନ୍ତି ।

ରାଉଳିଆ ଏକାନ୍‌ରେ ପହଂଚି ନିଜର ତନ୍ତ୍ର ବିଦ୍ୟାର ପ୍ରୟୋଗ କରି ସାଥୀରେ ଗାଁରୁ ଡାଲାରେ ନେଇଥିବା ଧାନକୁ ମନ୍ତୁରେଇ ଦୁଇ ଜଣ ଯୁବକଙ୍କ ହାତରେ ଦୁଇ ମୁଠା ଦେଇଥାନ୍ତି । ଦୁଇ ଜଣ ଜୁଆଙ୍ଗ ଯୁବକ ହାତ ମୁଠାରେ ମନ୍ତୁରା ଧାନ ଧରି ଏକାନ୍‌ର କଡ଼େ କଡ଼େ ବୁଣି ବୁଣି ଚାଲନ୍ତି । ଶେଷରେ ଯେଉଁ ସ୍ଥାନରେ ପୂଜା କାର୍ଯ୍ୟ ହେଉଥାଏ, ପୁଣି ସେଠାରେ ଉପସ୍ଥିତ ହୁଅନ୍ତି ।

ବାର୍ହାଗଡ଼ର ଶ୍ରୀଧର ଜୁଆଙ୍ଗଙ୍କ କହିବା ଅନୁଯାୟୀ, ରାଉଳିଆ ଏମିତି ମନ୍ତ୍ରତନ୍ତ୍ର କରନ୍ତି ଯେ, ହାତୀ ଫସଲ କିଆରିକୁ ଆସିଲେ ମଧ୍ୟ ଧାନ ନଖାଇ ଫେରି ଯାଆନ୍ତି । ସେମାନଙ୍କୁ ଧାନ ପିତା ଲାଗେ ଓ ନଖାଇ ଫେରି ଯାଆନ୍ତି । ସେହିଭଳି ବର୍ହା କିମ୍ବା ମୂଷାମାନେ ମଧ୍ୟ ପିତା ଲାଗିବା କାରଣରୁ ଧାନ ଖାଆନ୍ତି ନାହିଁ । ଏହା ସହିତ ଏକାନର ଚାରିକଡ଼େ ବୁଣା ଯାଇଥିବା ଏହି ମନ୍ତୁରା ଧାନକୁ ଡେଇଁ ହାତୀ, ବାର୍ହା କିମ୍ବା ମୂଷାମାନେ ଧାନ କ୍ଷେତକୁ ପ୍ରବେଶ କରିପାରନ୍ତି ନାହିଁ ।

ପୂଜା କାର୍ଯ୍ୟରେ ରାଉଳିଆଙ୍କୁ ପଧାନ ଓ ଡାଙ୍ଗୁଆ ସହାୟତା କରିଥାନ୍ତି । ଫସଲକୁ ପାପାତ୍ମା ଏବଂ ଅନ୍ୟ ବନ୍ୟ ପଶୁପକ୍ଷୀଙ୍କ କବଳରୁ ଉଦ୍ଧାର କରିବା ପାଇଁ ରାଉଳିଆ ତନ୍ତ୍ର ସାଧନା କରନ୍ତି । ଗାଁର ନାଗମ୍ ଓ ପଧାନ ଧରମ ଦେବତା, ବସୁମତୀ ମାତା, ଗ୍ରାମଶିରି ଏବଂ ପିତୃପୁରୁଷଙ୍କୁ ଆବାହନ କରନ୍ତି । ଏହି ଅବସରରେ ପ୍ରତି ଜୁଆଙ୍ଗ ପରିବାର ପକ୍ଷରୁ ମାନସିକ ରଖାଯାଇଥିବା କୁକୁଡ଼ାକୁ ଏକାନ୍‌ରେ ଛେଦ ପକା ଯାଇଥାଏ । ଛେଦ ପକାଯାଇଥିବା କୁକୁଡାଙ୍କ ରକ୍ତକୁ ବସୁମତୀ ମାତା (ମାଟି ମାଆ)ଙ୍କୁ ଅର୍ପଣ କରାଯାଏ । ଏହା କରାଗଲେ ଆସନ୍ତା ବର୍ଷ ମାଟି ମା' ଭଲ ଫସଲ ଫଳାଇବେ ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି ।

ଅତୀତରେ ପିଢ଼ ପୂଜା ସମୟରେ ରାଉଳିଆ କିମ୍ବା ନାଗମ୍ ଦେବଦେବୀଙ୍କ ଉଦ୍ଦେଶ୍ୟରେ ନିଜନିଜର ଅଙ୍ଗଦାନ କରୁଥିଲେ । ସେମାନେ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ନିଜର ହାତ, ଗୋଡ଼, ଜିଭ, ନାକ, କାନ, ଚକ୍ଷୁ ଭଳି ଯେକୌଣସି ଅଙ୍ଗ ଦାନ କରୁଥିଲେ । ମାତ୍ର, ବର୍ତମାନ ଏହା କରାଯାଉନାହିଁ । ଏଭଳି ଏକ ଜଘନ୍ୟ ପରମ୍ପରା ପୂଜାବିଧିରେ ଅନେକ ପରିବର୍ତନ ଦେଖା ଦେଇଛି ।

## ଧାନ ନୂଆଖିଆ (ଗୁଡ଼ା ବୁଆ ପର୍ବ)

ବୁଆ (ଧାନ) ନୂଆ ଖିଆ ପର୍ବ ହେଉଛି ଏକ କୃଷିଭିତିକ ପର୍ବ । ଏହା ଭାଦ୍ରବ-ଆଶ୍ୱିନ (ଅଗଷ୍ଟ-ସେପ୍ଟେମ୍ବର)ରେ ଅନୁଷ୍ଠିତ ହୋଇଥାଏ । ଦେବତା, ଦେବୀଙ୍କୁ ନୂଆକରି ଅମଳ ହୋଇଥିବା ଧାନ ଅର୍ପଣ କରି ପରେ ଜୁଆଙ୍ଗମାନେ ଭକ୍ଷଣ କରନ୍ତି ।

ଧାନ ନୂଆଖିଆ ପର୍ବଟି ତିନି ଦିନ ଧରି ପାଳନ କରାଯାଏ । ପ୍ରଥମ ଦିନଟି ବାର ରୁହା ହୋଇଥାଏ । ନାଗମ୍ ଓ ପଧାନ ଉପବାସ ରହି ନିଷ୍ଠାର ସହ ବ୍ରତ ଧାରଣ କରନ୍ତି । ଦ୍ୱିତୀୟ ଦିନ ଗାଁର କିଛି ଯୁବକ ଏକାନ୍ କିମ୍ବା ତଇଳାକୁ ଯାଇ ସେଠାରୁ କିଛି ନୂଆ ଧାନ କେଣ୍ଡା ସଂଗ୍ରହ କରି ଆଣନ୍ତି । ତଇଳାରୁ ଆଣିଥିବା ଧାନ କେଣ୍ଡାକୁ ଯୁବକମାନେ ମଣ୍ଡଘରେ ରଖନ୍ତି । ଏହା ପରେ ନୂଆ ଧାନକୁ ମଣ୍ଡଘର ସମ୍ମୁଖରେ ଥିବା ଗ୍ରାମଶିରିଙ୍କ ନିକଟରେ ପୂଜା କରାଯାଏ । ନୂଆ ଧାନ ପୂଜା ହୋଇ ସାରିବା ପରେ ପୂଜକ ସବୁତକ ଧାନକୁ ଗୋଟିଏ ଗୋଟିଏ ଦନାରେ ଭାଗ କରି ପ୍ରତି ପରିବାରକୁ ବ  ନ କରିଥାନ୍ତି ।

ପୂଜକ ଦେଇଥିବା ନୂଆ ଧାନ ଓ ଘରେ ଥିବା ପୁରୁଣା ଧାନକୁ ମିଶେଇ ଜୁଆଙ୍ଗମାନେ କୁଟି ଚାଉଳ ପ୍ରସ୍ତୁତ କରନ୍ତି । ଏହି ଚାଉଳ ସହ ଗୁଡ଼, ଦୁଧ, ଘିଅ ମିଶେଇ ଜୁଆଙ୍ଗମାନେ ଖିରି ପ୍ରସ୍ତୁତ କରନ୍ତି । ଖିରି ପ୍ରସ୍ତୁତ ହୋଇଗଲା ପରେ ପ୍ରତି ପରିବାର ପକ୍ଷରୁ ଶାଳପତ୍ର ଦନାରେ ଗ୍ରାମ ଶିରିଙ୍କ ନିକଟକୁ ଆଣି ପୂଜା କରାଯାଏ । ଜୁଆଙ୍ଗମାନେ ପିତୃପୁରୁଷ ଓ ଦେବଦେବୀଙ୍କୁ ଅର୍ପଣ ପରେ ନବାନ୍ନ ଭକ୍ଷଣ କରନ୍ତି ।

ତୃତୀୟ ଦିନରେ ଗ୍ରାମଶିରିଙ୍କ ନିକଟରେ ପୂଜାର୍ଚ୍ଚନା ପରେ ସେମାନେ ଗାଁମୁଣ୍ଡରେ ଥିବା ଶାଳ ନିକଟକୁ ଯାଆନ୍ତି । ସେଠାରେ ଥିବା ଦେବଦେବୀଙ୍କ ନିକଟରେ ଛେଳି, ମେଣ୍ଢା, କୁକୁଡ଼ା ଆଦି ପଶୁବଳି (ଛେଦ) ପଡ଼ିଥାଏ । ଜୁଆଙ୍ଗମାନେ କ୍ଷେତରେ ହୋଇଥିବା ନୂଆ ଧାନକୁ ଇଷ୍ଟଦେବୀଙ୍କ ନିକଟରେ ପୂଜା କରିଥାନ୍ତି । ଏହି ଛେଦ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁମାନଙ୍କୁ ବାରଣ କରାଯାଇଥାଏ । ଏହି ସମୟରେ ଚାଙ୍ଗୁ ବାଦ୍ୟକୁ ନିଷିଦ୍ଧ କରାଯାଇଥାଏ ।

## ରୁମା ପର୍ବ (କାଳାର ଅବ)

ରୁମା (ବରୁଗୁଡ଼ି)କୁ ଖାଇବା ପୂର୍ବରୁ ଜୁଆଙ୍ଗମାନେ ନିଜନିଜର ପିତୃପୁରୁଷ ଓ ଦେବଦେବୀଙ୍କୁ ଅର୍ପଣ କରିଥାନ୍ତି । ଏହି ଅବସରରେ ରୁମା ନୂଆଖିଆ ପାଳିତ ହୋଇଥାଏ । ଏହି ପର୍ବ ସେପ୍ଟେମ୍ବର-ଅକ୍ଟୋବର ମାସ ବେଳକୁ ପାଳନ କରାଯାଇଥାଏ । ରୁମା ନୂଆଖିଆ ପାଳନ ପରେ ଜୁଆଙ୍ଗମାନେ ରୁମା ଛୁଇଁକୁ ବିଧିବଦ୍ଧ ଭାବେ ଖାଇଥାନ୍ତି । ରୁମା ଛୁଇଁ ବ୍ୟତୀତ ଜୁଆଙ୍ଗମାନେ ସାରୁ, ପିଡାଳୁ, ବଇଁଗାଳୁ, ଦେଶିଆଳୁ, କଖାରୁ, ପାଣିକଖାରୁ ଆଦି ଖାଦ୍ୟକୁ ନୂତନ କରି ଖାଇଥାନ୍ତି ।

ରୁମା ନୂଆଖିଆ ପରେ ଜୁଆଙ୍ଗମାନେ ତଇଳାରୁ ଦେବ ଧାନ (କିମ୍ବା ଧାନ/କିମା ଧାନ) କାଟିବା ଆରମ୍ଭ କରିଥାନ୍ତି । କିମ୍ବା ଧାନ ହେଉଛି ଏକ ପ୍ରକାର ବିଳମ୍ବିତ କିସମର ଧାନ । ଏହି ଧାନ ପାଚିବାକୁ ଚାରି ପା ମାସ ସମୟ ନେଇଥାଏ । ରୁମା ନୂଆଖିଆ ପର୍ବଟି ଦୁଇ ଦିନ ଧରି ପାଳିତ ହୋଇଥାଏ । ପ୍ରଥମ ଦିନକୁ ବାର ରୁଆ କୁହାଯାଏ । ନାଗମ୍, ପଧାନ ଓ ବାରଭାଇ ଉପବାସ ରହି ବ୍ରତ ଧାରଣ କରିଥାନ୍ତି ।

ଦ୍ୱିତୀୟ ଦିନ ସକାଳୁ ନାଗମ୍ ତଇଳାକୁ ଯାଇ ନୂଆ କରି ଫଳିଥିବା ରୁମା ଛୁଇଁ (ବରୁଗୁଡ଼ି) ତୋଳି ଆଣନ୍ତି । ନାଗମ ଏକ ଡାଲାରେ କିଛି ରୁମା ଛୁଇଁ, ବଣ ଆଳୁ, ସାରୁ, ପିଡାଳୁ, ଟମାଟର, ବୋଇତାଳୁ, ପାଣିକଖାରୁ, ଲାଉ, ଫୁଲ, ଅରୁଆ ଚାଉଳ, ହଳଦିଗୁଣ୍ଡ, ସିନ୍ଦୁର, ଧୁପ, ଦୀପ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି ମଣ୍ଡଘରେ ଉପସ୍ଥିତ ହୁଅନ୍ତି ।

ଏହାପରେ ଗ୍ରାମଶିରିଙ୍କ ନିକଟରେ ରୁମା ଛୁଇଁ ବ୍ୟତୀତ ଅନ୍ୟାନ୍ୟ ପନିପରିବାକୁ ପୂଜା କରାଯାଇଥାଏ । ନାଗମ୍ ଗ୍ରାମଶିରିଙ୍କ ପାଖରେ ଦୁଧ ଢାଳି ଦେବଦେବୀଙ୍କ ଉଦ୍ଦେଶ୍ୟରେ ରୁମା, ସାରୁ, ପିଡାଳୁ, ବଇଁଗାଳୁ, ଶାଗ, ଲାଉ, ପାଣିକଖାରୁ ଆଦି ଅର୍ପଣ କରିଥାନ୍ତି ।

ଗ୍ରାମଶିରିଙ୍କ ନିକଟରେ ପୂଜା ହେବା ପରେ ନାଗମ, ପଧାନ ଓ ବାରଭାଇ ଗାଁ ମୁଣ୍ଡରେ ଥିବା ଗ୍ରାମଶାଳକୁ ପୂଜା କରିବାକୁ ଯାଆନ୍ତି । ଗ୍ରାମଶାଳରେ ଯଥାବିଧି ପୂଜାର୍ଚ୍ଚନା ହୁଏ ।

ଗ୍ରାମଶାଳରୁ ପୂଜା ହୋଇ ଆସିଥିବା ରୁମାଛୁଇଁ, ବଣଆଳୁ, ସାରୁ, ବୋଇତାଳୁ, ପାଣିକଖାରୁ, ଲାଉ ଆଦି ପନିପରିବାକୁ ମିଶାଇ ଏକ ଘା ତର୍କାରୀ ପ୍ରସ୍ତୁତ କରାଯାଏ । ଏହି ପର୍ବ ବେଳେ ଚାଙ୍ଗୁ ବଜାଇବା ନିଷିଦ୍ଧ ଥାଏ ।

ଏହା ବ୍ୟତୀତ ଜୁଆଙ୍ଗମାନେ ଗହ୍ମା ପୂନେଇଁ, ତଇଳା ପୂଜା (ବିଲ ପୂଜା), ଗୁରୁବାର (ଲକ୍ଷ୍ମୀ) ଓଷା, ଗୁଣ୍ଡାଦିଆ ପର୍ବ (କିମିୟାଂ ଅବ) ଭଳି କୃଷିଭିତିକ ପର୍ବ ପାଳନ କରିଥାନ୍ତି । ତଇଳା ପୂଜା ଓ ଗୁଣ୍ଡାଦିଆ ପର୍ବ ଫସଲ କ୍ଷେତରେ ହୋଇଥାଏ । ଗୁରୁବାର ଓଷାକୁ ଜୁଆଙ୍ଗ ମହିଳାମାନେ ନିଜ ଘରେ ପାଳିଥାନ୍ତି ।

**ଉପସଂହାର**

ପର୍ବପର୍ବାଣି ଜୁଆଙ୍ଗମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ଅଧିକ ଶୃଙ୍ଖଳିତ କରିଥାଏ । ଏଥିରେ ସାମାଜିକ ବାର୍ତା ଥାଏ । ନୂଆଖିଆ ପର୍ବ ମାଧ୍ୟମରେ ଜୁଆଙ୍ଗମାନଙ୍କ ମଧ୍ୟରେ ଥିବା ଭାଇଚାରା ଅଧିକ ଦୃଢ଼ ହୋଇଥାଏ । ମାଘପୋଡ଼ି ପର୍ବ ମାଧ୍ୟମରେ ଗାଁର କୃଷିନୀତି ଓ କୃଷି କାର୍ଯ୍ୟର ଏକ ଚିଠା ପ୍ରସ୍ତୁତ ହୋଇଥାଏ । ପର୍ବପର୍ବାଣି ମାଧ୍ୟମରେ ଜୁଆଙ୍ଗମାନଙ୍କର ଗୋଷ୍ଠୀ ଜୀବନ ଅଧିକ ରୁଦ୍ଧିମନ୍ତ ହୋଇଥାଏ । ମାତ୍ର ଏବେ ଅଧିକାଂଶ ପର୍ବପର୍ବାଣି ଜୁଆଙ୍ଗମାନଙ୍କ ବାର୍ଷିକ ପର୍ବପର୍ବାଣି କ୍ୟାଲେଣ୍ଡରରୁ ଲିଭିଗଲାଣି । ଏସବୁ ପର୍ବଗୁଡ଼ିକ କୃଷିଭିତିକ ହୋଇଥିବାରୁ ଏହା ଜୁଆଙ୍ଗମାନଙ୍କ କୃଷି ଜୀବନକୁ ପ୍ରଭାବିତ କରିଥାଏ । ବର୍ତମାନ ଜୁଆଙ୍ଗମାନେ ଅଖାଣି ଯାତ୍ରା (ଶିକାର ପର୍ବ) ପୂର୍ବ ଭଳି ପାଳନ କରୁନାହାନ୍ତି । ଜଙ୍ଗଲ କ୍ଷୟ ଓ ବନ ବିଭାଗର କଟକଣା ଯୋଗୁଁ ଏ ପର୍ବଟିକୁ ପ୍ରତୀକାତ୍ମକ ଢଙ୍ଗରେ ଜୁଆଙ୍ଗମାନେ ପାଳୁଛନ୍ତି । ଏସବୁ ପର୍ବର ଗୋଟିଏ ଗୋଟିଏ ସାମାଜିକ ମୂଲ୍ୟବୋଧ ରହିଛି । ଭଲ ଫସଲ ଅମଳ ହେଉ କି ଗ୍ରାମବାସୀ ରୋଗମୁକ୍ତ ହେବା ଉଦ୍ଦେଶ୍ୟରେ ଜୁଆଙ୍ଗମାନେ ଅଧିକାଂଶ

ପର୍ବ ପାଳନ କରିଥାନ୍ତି । ଦୁର୍ଭାଗ୍ୟର ବିଷୟ, ଆଜି ତଥାକଥିତ ଆଧୁନିକତା ଓ ଶିକ୍ଷା ଆଳରେ ଅଧିକାଂଶ ପର୍ବପର୍ବାଣି ଅପ୍ରାସଙ୍ଗିକ ହୋଇ ପଡୁଥିଲା ଲକ୍ଷ୍ୟ କରାଯାଉଛି ।

**ସହାୟକ ଗ୍ରନ୍ଥ ସୂଚୀ**


୧. ପ୍ରଧାନ ରଞ୍ଜନ, 'ଜୁଆଙ୍ଗ ପର୍ବପର୍ବାଣି', ପ୍ରକାଶକ: କ୍ରିଏଟିଭ ଓଡ଼ିଶା, ନିଗିନିପୁର, ସାନଜରିଆ, କେନ୍ଦ୍ରାପଡ଼ା, ୨୦୧୪

୨. ପ୍ରଧାନ ରଞ୍ଜନ, 'ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ: କେନ୍ଦୁଝର' ପ୍ରକାଶକ: କ୍ରିଏଟିଭ ଓଡ଼ିଶା, ନିଗିନିପୁର, ସାନଜରିଆ, କେନ୍ଦ୍ରାପଡ଼ା, ୨୦୧୩


**କ୍ଷେତ୍ର ସହାୟକ/ସହାୟିକା**

**୧.** ଶୁକଦେବ ଜୁଆଙ୍ଗ (ପଧାନ), କୁସୁମାଇ ଜୁଆଙ୍ଗ (ନାଗମ୍), ପିନ୍ଦିକା ଜୁଆଙ୍ଗ (ଡାଙ୍ଗୁଆ), ଅର୍ଜୁନ ଜୁଆଙ୍ଗ, ମାଧବ ଜୁଆଙ୍ଗ, ରତ୍ନାକର ଜୁଆଙ୍ଗ, ବେଣୁ ଜୁଆଙ୍ଗ, ଯୋଗୀ ଜୁଆଙ୍ଗ
ଗ୍ରାମ: ଗୁପ୍ତ ଗଙ୍ଗା, ଗ୍ରାମ ପ ।ୟତ: ଗୋନାସିକା, ବ୍ଲକ୍: ବାଂଶପାଳ, ଜିଲ୍ଲା: କେନ୍ଦୁଝର

**୨.** ରାହାସ ଜୁଆଙ୍ଗ, ଶ୍ରୀକାନ୍ତ ଜୁଆଙ୍ଗ, ବୀରବର ନାଏକ
ଗ୍ରାମ: ଗୋନାସିକା, ବ୍ଲକ୍: ବାଂଶପାଳ, ଜିଲ୍ଲା: କେନ୍ଦୁଝର

**୩.** ପରବାସିଆ ଜୁଆଙ୍ଗ (ପଧାନ), ମଣିଆ ଜୁଆଙ୍ଗ (ନାଗମ୍), ନାରଦ ଜୁଆଙ୍ଗ (କାର୍ଜି), ଚେମନ୍ ଜୁଆଙ୍ଗ (ଡାଙ୍ଗୁଆ), ଗୋବିନ୍ଦ ଜୁଆଙ୍ଗ, ବଙ୍ଗାଳି ଜୁଆଙ୍ଗ, ବେନୁ ଜୁଆଙ୍ଗ, ବିନୋଦ ଜୁଆଙ୍ଗ (ମାଟା କଙ୍ଗେର), ପ୍ରାଣବଲ୍ଲଭ ଘଣା
ଗ୍ରାମ: ଉପର ରଡୁଆଁ, ଗ୍ରାମ ପ ।ୟତ: ତଳ ଚମ୍ପେଇ, ବ୍ଲକ୍: ବାଂଶପାଳ, ଜିଲ୍ଲା: କେନ୍ଦୁଝର

**୪.** ରଘୁ ଜୁଆଙ୍ଗ (ନାଗମ୍), ସୁନିଆଁ ଜୁଆଙ୍ଗ (ପଧାନ), ଲକ୍ଷ୍ମୀଧର ଜୁଆଙ୍ଗ, ଦେଶ ଜୁଆଙ୍ଗ
ଗ୍ରାମ: ଉପର ବୈତରଣୀ, ଗ୍ରାମ ପ ।ୟତ: ଗୋନାସିକା, ବ୍ଲକ୍: ବାଂଶପାଳ, ଜିଲ୍ଲା: କେନ୍ଦୁଝର

**୫.** ଶ୍ରୀଧର ଜୁଆଙ୍ଗ, କୈଳାସ ଜୁଆଙ୍ଗ, ପ୍ରଫୁଲ୍ଲ ଜୁଆଙ୍ଗ, ସନାତନ ଜୁଆଙ୍ଗ, ଶଇଳ ଜୁଆଙ୍ଗ, ବାରିକ ଜୁଆଙ୍ଗ, ସାଗର ଜୁଆଙ୍ଗ, ରାଜ ଜୁଆଙ୍ଗ, ଋଷି ଜୁଆଙ୍ଗ
ଗ୍ରାମ: ବାର୍ହାଗଡ଼, ଗ୍ରାମ ପ ।ୟତ: ବାର୍ହାଗଡ଼, ବ୍ଲକ୍: ବାଂଶପାଳ, ଜିଲ୍ଲା: କେନ୍ଦୁଝର

**୬.** ଲଛମନ ଜୁଆଙ୍ଗ, ଧୀର ଜୁଆଙ୍ଗ, ଦାଶରଥୀ ଜୁଆଙ୍ଗ, ପଠାଣି ଜୁଆଙ୍ଗ, ଶୁକୁରା ଜୁଆଙ୍ଗ, ଦୀନବନ୍ଧୁ ଜୁଆଙ୍ଗ, କଲିଆ ଜୁଆଙ୍ଗ
ଗ୍ରାମ: ଟେଟେ  ଇନାଳି, ଗ୍ରାମ ପ ।ୟତ: ପୋଡ଼ାଙ୍ଗ, ବ୍ଲକ୍: ତେଲକୋଇ, ଜିଲ୍ଲା: କେନ୍ଦୁଝର


**ବରିଷ୍ଠ ସାମ୍ବାଦିକ, ସମ୍ବାଦ, ଭୁବନେଶ୍ୱର**
**ଯୋଗାଯୋଗ-୯୪୩୭୨୧୩୮୫୪**

# ବଣ୍ଡାଙ୍କ 'ପାଟଖଣ୍ଡା ପର୍ବ'ଏକ ଅନୁଶୀଳନ

**ଦେବାଶିଷ ପାତ୍ର**


## ସାରାଂଶ

ଓଡ଼ିଶାର ବଣ୍ଡା ଜନଜାତିଙ୍କ ସାମାଜିକ ଓ ଧାର୍ମିକ କର୍ମକର୍ମାଣିରେ 'ପାଟଖଣ୍ଡା ପର୍ବ'ର ସ୍ୱାତଂତ୍ର୍ୟ ବାରି ହୋଇପଡ଼େ । ଏହି ପାଟଖଣ୍ଡାଙ୍କ ସୃଷ୍ଟି ରହସ୍ୟ, ତାଙ୍କର ପୂଜାବିଧି, ଲୋକବିଶ୍ୱାସ ତଥା ବଣ୍ଡାଙ୍କ ଜୀବନରେ ତାଙ୍କର ଭୂମିକା ପରି ଅନେକ ପ୍ରସଙ୍ଗ ପାଠକଙ୍କ ପାଖରେ ଉପସ୍ଥାପନ କରାଯାଇଛି ଏହି ନିବନ୍ଧରେ । ତାଙ୍କୁ ବାଦ୍ ଦେଇ ବଣ୍ଡାଙ୍କ ଜୀବନର ଅସ୍ତିତ୍ୱ ଓ ଅସ୍ମିତା କଥା ଚିନ୍ତା କରିବା ପ୍ରସଙ୍ଗବିହୀନ ପରି ମଧ୍ୟ ମନେ ହୁଏ । ତେବେ ପାଟଖଣ୍ଡାକୁ ନେଇ ବଣ୍ଡା ତା'ର ସଂସ୍କୃତିକୁ କିପରି ମହୀୟାନ୍ କରି ଗଢ଼ି ତୋଳିଛି ତାହା ବିଶଦ୍ ଭାବେ ଅଙ୍ଗେନିଭା ଅନୁଭୂତିରୁ ଉପସ୍ଥାପିତ ।


## ଉପକ୍ରମ

ପ୍ରତେକ ଜନଜାତିର ରହିଛି ନିଜସ୍ୱ ବିଶ୍ୱ । ଯାହା ସେମାନଙ୍କର ଅସ୍ତିତ୍ୱ ଓ ଅସ୍ମିତାର କଥା କହିଥାଏ । ତା'ରି ଭିତରୁ ବାରି ହୋଇପଡ଼େ ସେମାନଙ୍କ ଜୀବନାନୁଭବର ସ୍ୱର, ଆଉ ମିଳିଯାଏ ଲୋକ ଜୀବନ ଅନୁଶୀଳନର ବାଟ । ଓଡ଼ିଶାରେ ଥିବା ବାଷଠି ଜନଜାତିଙ୍କ ବିପୁଳାୟତନ ଉଚ୍ଚାରଣ ଆଉ ଆଚରଣର ଏକ ପ୍ରମୁଖ ଅଂଶ ହେଉଛି 'ରେମୋ'; ଯାହା ବଣ୍ଡା ଭାବରେ ଲୋକ ମାନସରେ ପରିଚିତ । ଏହି ପୁରାତନ ଜନଜାତିର ପରଂପରା, ସଂସ୍କୃତି, ଧାର୍ମିକ ଅନୁଷ୍ଠାନ, ରୀତିନୀତି ସବୁଥିରେ ରହିଛି ଜୀବନର ମହାର୍ଘ ଅନୁଭବ ।

ସେମାନଙ୍କର ବିଶ୍ୱାସ ଯାହାଙ୍କ ଇଙ୍ଗିତରେ ଏହି ସୃଷ୍ଟି ଆତଯାତ, ସିଏ ହେଉଛନ୍ତି ତାଙ୍କର 'ପାଟଖଣ୍ଡା ମା'ପ୍ରୁ' । କେତେବେଳେ ସେ 'ସିଙ୍ଗିଆର୍କେ' ପୁଣି କେତେବେଳେ 'ଧର୍ମଦେବତା', କେତେବେଳେ ସେ 'ରାମାଇ-ଭୀମାଇ'ତ' କେତେବେଳେ ସେ 'ଧରଣୀ ଦେବତା' । ଉ ।ନ ଚାହୁଁଥିବା ଲୋକ ଯେବେ ଶୀର୍ଷରେ ପହଚେ , ପତନୋନ୍ମୁଖୀ ଯେବେ ପତିତ ହୁଏ; ମୁମୂର୍ଷୁ ଯେବେ ମରଣକୁ ବରେ, ଜାତ ହେବାକୁ ଥିବା ଯେବେ ଜନ୍ମ ନିଏ, ସହସ୍ରାଂଶୁ ଜ୍ୟୋତିରେ ସେ ସମାହିତ ହୁଏ । ସେଥିପାଇଁ ତ' ବଣ୍ଡାମାନେ ପାଟଖଣ୍ଡାଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ନ୍ତି ଆଉ କହନ୍ତି- 'ଉଡ଼ିବା ଲୋଗ୍ ଉଡ୍‌ସି ଆର୍ ବୁଡ଼ିବା ଲୋଗ୍ ବୁଡ୍‌ସି' (ଉଡ଼ିବା ଲୋକ ଉଡୁଛି ଏବଂ ବୁଡିବା ଲୋକ ବୁଡୁଛି) । (ତଳବଣ୍ଡା)

ପ୍ରକୃତରେ ବଣ୍ଡାର ଈଶ୍ୱରୀୟ ସମର୍ପଣ ଅତ୍ୟନ୍ତ ସ୍ୱତନ୍ତ୍ର । ସେଥିପାଇଁ ସେମାନେ ପାଟଖଣ୍ଡାଙ୍କ ଭିତରେ ଦେଖନ୍ତି ସୂର୍ଯ୍ୟର ଦୀପ୍ତି, ପୁଣି ଲୋକ ପରଂପରାଶ୍ରିତ ସାମାନ୍ୟ ଜୀବନଧାରା, ସେଥିପାଇଁ ସେମାନେ କହନ୍ତି- 'ତୁମେ ଉଦିତ ହେଲେ ଆମେ ଦେଖୁ ଆଲୋକ ସୂର୍ଯ୍ୟର, ତୁମେ ଅସ୍ତଗଲେ ଆମପାଇଁ ଅନ୍ଧାର ।'

ପ୍ରକୃତରେ ମହାପ୍ରଭୁ ପାଟଖଣ୍ଡା ରୂପରେ ଜିଣିଛନ୍ତି ବଣ୍ଡାର ଆସ୍ଥା । ସେମାନଙ୍କ ଦୃଷ୍ଟିରେ ପାଲଟିଛନ୍ତି ବିଶ୍ୱସ୍ରଷ୍ଟା ଓ ବିଶ୍ୱନିୟନ୍ତା । ସେ ତାଙ୍କୁ ଅନୁଭବ କରିଛି । ଅନେକ ସମୟରେ କୁତୂହଳୀ ହୋଇଛି ପୁଣି ତାଙ୍କୁ

ଚିତ୍ରାୟିତ କରିଛି ନିଜସ୍ୱ ଢ଼ଙ୍ଗରେ । ସେହି ପୁରାତନ ଲୋକଦେବତାଙ୍କର ସୃଷ୍ଟି ପ୍ରକିୟା, ଆବାହନ, କର୍ମକାଣ୍ଡ, ପ୍ରାର୍ଥନା ଓ ତାଙ୍କପ୍ରତି ଥିବା ବିଶ୍ୱାସ ଅନୁଶୀଳନ ଆମର ଲକ୍ଷ । ଯାହା ସେମାନଙ୍କ ଧାର୍ମିକ କାର୍ଯ୍ୟଧାରାର ପରିପ୍ରକାଶ ପାଇଁ ଅଭିପ୍ରେତ ଓ ସମର୍ଥ ।

## ପାଟଖଣ୍ଡା ମହାପ୍ରଭୁଙ୍କ ସୃଷ୍ଟି ବୈଚିତ୍ର୍ୟ

ମାଲକାନଗିରି ଜିଲ୍ଲାର ମୁଦୁଲିପଡ଼ାର ଶ୍ୟାମଳ ପର୍ବତମାଳାର ଶୀର୍ଷରେ ରହିଛି ଏକ ବିରାଟ ବଟବୃକ୍ଷ । ଆଉ ସେହି ବୃକ୍ଷର କୋରଡ଼ରେ ବହୁ ବର୍ଷରୁ ରହିଆସିଛି ଏକ ରାଜକୀୟ ପ୍ରାଚୀନ ଖଣ୍ଡା । ଯାହା ବର୍ଷକରେ ଥରଟିଏ ମାତ୍ର ମାଘ ପୂର୍ଣ୍ଣମୀର ପୂର୍ବ ସୋମବାର ବାହାରକୁ ଆଣି ପୂଜା କରାଯାଇଥାଏ । ଦ୍ୱି-ଧାର ବିଶିଷ୍ଟ ୩ଫୁଟ୍ ଲମ୍ବର ଓ ୫ଇ ଓସାରର ଲୌହ ନିର୍ମିତ ଖଣ୍ଡାଟି ରାଜକୀୟ ଖଣ୍ଡା ହୋଇଥିବା କାରଣରୁ ଏହି ଖଣ୍ଡାଟି 'ପାଟଖଣ୍ଡା'ଭାବରେ ପରିଚିତ । ଆଉ ଏହି ଖଣ୍ଡାପୂଜାର ପରଂପରା 'ପାଟଖଣ୍ଡା ପର୍ବ' ନାମରେ ନାମିତ । ତେବେ ସମଧରଣର 'ପାଟଖଣ୍ଡା ପର୍ବ' ନନ୍ଦପୁର ରାଜବଂଶ ଦ୍ୱାରା ଦଶହରା ସମୟରେ ପାଳନ କରାଯାଉଥିବା କାରଣରୁ ବଣ୍ଡାଙ୍କ ପାଟଖଣ୍ଡା ପର୍ବ ସହିତ ରାଜବଂଶର ସମ୍ପର୍କ ଗୁରୁତ୍ୱ ବହନ କରେ ।

ବଣ୍ଡାର ବିଶ୍ୱାସ ଏହି ପାଟଖଣ୍ଡା ମହାପ୍ରଭୁ ହେଉଛନ୍ତି ବାରଟି ପ୍ରାଚୀନ ବଣ୍ଡା ଗାଁ ବା 'ବାରଜାଙ୍ଗର' ଦେଶର ଚଳନ୍ତି ଭଗବାନ । ସେ କେବେକେବେ ମୁଦୁଲିପଡ଼ାର ସେହି ବୃକ୍ଷ କୋରଡ଼ରୁ ଅନ୍ତର୍ଦ୍ଧାନ ହୋଇଯାଇ ଗୋଦାବରୀ, ବସ୍ତର, ନନ୍ଦପୁର ପ୍ରଭୃତି ଅ ଳକୁ ଭ୍ରମଣରେ ଯାଆନ୍ତି । ଆଉ ସେତେବେଳେ ବାରଜଙ୍ଗର ଅଂଚଳରେ ରୋଗ ଓ ମହାମାରୀ ବ୍ୟାପେ । ପ୍ରବାଦ ଏହି ଉକ୍ତିକୁ ପ୍ରମାଣ କରୁଥିଲେ ବି ପାଟଖଣ୍ଡାଙ୍କ ସୃଷ୍ଟି ସମ୍ବନ୍ଧୀୟ ଐତିହାସିକ ବିବରଣୀ ଏବେବି ଅସ୍ପଷ୍ଟ । ଯଦିଓ ଅନେକ ଜନଶ୍ରୁତି ଓ କିମ୍ବଦନ୍ତୀ ପାଟଖଣ୍ଡା ସୃଷ୍ଟିର କଥା କହିଥାନ୍ତି ।

ବଣ୍ଡାର ପୁରୁଣାକଳ୍ପ (ମିଥ୍) କହେ, ମହାଭାରତ ବର୍ଣ୍ଣିତ ପ ୍ପାଣ୍ଡବ ବନବାସ ସମୟରେ ଦଣ୍ଡକାରଣ୍ୟର ଏକ ଅଂଶ ଥିବା ଏହି ଅଂଚଳକୁ ଆସିଥିଲେ ଏବଂ ଅଜ୍ଞାତବାସରେ ଯିବା ପୂର୍ବରୁ ଏହି ବୃକ୍ଷର କୋରଡ଼ରେ ଅନେକ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ । ଅଜ୍ଞାତବାସ ପରେ ସମସ୍ତ ଅସ୍ତ୍ର ବୃକ୍ଷ କୋରଡ଼ରୁ ନେଲା ବେଳେ ଭୁଲବଶତଃ ଏହି ଖଣ୍ଡାଟି ଛାଡ଼ି ଯାଇଥିଲେ, ଯାହା ଏକ ଅଲୌକିକ ଘଟଣା ପରେ ବଣ୍ଡାଙ୍କ ଦୃଷ୍ଟିକୁ ଆସିଲା । ଆଉ ସେବେଠାରୁ ସେହି ଖଣ୍ଡାକୁ ସେମାନେ 'ପାଟଖଣ୍ଡା' ଭାବରେ ଗ୍ରହଣ କରି ନେଇଛନ୍ତି ।

ପୌରାଣିକ ଆଧାର ବ୍ୟତୀତ ଇତିହାସ ଆଧାରିତ କିଛି ଜନଶ୍ରୁତି ମ୍ନ ଶୁଣିବାକୁ ମିଳେ ପାଟଖଣ୍ଡାକୁ ନେଇ । ତେବେ ଏହା ଯେ କିଛି ଅଂଶରେ ସତ୍ୟ ତାହା ବାରାସୁର ଶିଳାଲେଖ (ଖ୍ରୀ. ୧୦୬୦) ଏବଂ କୁରଶପାଲି ଶିଳାଲେଖ (ଖ୍ରୀ. ୧୦୭୪) ଅନୁଧ୍ୟାନ କଲେ ପ୍ରତୀୟମାନ ହୁଏ । ଏହି ଶିଳାଲେଖ ଅନୁଯାୟୀ ଚକ୍ରକୋଟର ରାଜା ଜଗଦ୍ଦେବ ଭୂଷଣଙ୍କୁ ତାଙ୍କ ସେନାପତି ମଧୁରାନ୍ତକ ହତ୍ୟା କରିବା ପରେ ମହାରାଣୀ ତାଙ୍କ ପୁତ୍ର ସୋମେଶ୍ୱରଙ୍କୁ ନେଇ ବଣ୍ଡା ଅଂଚଳରେ ଆତ୍ମଗୋପନ କରିଥିଲେ । ପରେ ବଣ୍ଡାଙ୍କ ସହାୟତାରେ ରାଜ୍ୟ ଅଧିକାର କରିଥିବାରୁ ବଣ୍ଡା ଦଳପତିଙ୍କୁ ଏହି ରାଜକୀୟ ଖଣ୍ଡା ପ୍ରଦାନ କରିଥିଲେ । ମାତ୍ର କେହି କେହି ଯୁକ୍ତି

ବାଢ଼ନ୍ତି ଯେ ଜୟପୁର ରାଜାଙ୍କ ପ୍ରତି ବଣ୍ଡାଙ୍କର ଆନୁଗତ୍ୟ ଦେଖି ଜୟପୁର ରାଜା ଏହି ଖଣ୍ଡାଟି ରାଜପ୍ରତୀକ ଭାବେ ବଣ୍ଡା ଦଳପତିଙ୍କୁ ଅର୍ପଣ କରିଥିଲେ । ତେବେ ସତ୍ୟ ଯାହା ହେଉନା କାହିଁକି, ପାଟଖଣ୍ଡା ଯେ ସାଧାରଣ ଖଣ୍ଡାରୁ ମହାପ୍ରଭୁଙ୍କ ପ୍ରତୀକ ଭାବେ ପୂଜା ପାଉଛନ୍ତି ସେଥିରୁ ବଣ୍ଡାଙ୍କ ଦୃଢ଼ ବିଶ୍ୱାସର କଥାକୁ ଅନୁଭବ କରିହୁଏ ।

ପାଟଖଣ୍ଡା ପ୍ରଥମ କରି ପୂଜା ପାଇବା ସଂପର୍କରେ ବଣ୍ଡାର ଏକ ପୁରାଣକଳ୍ପରେ ବର୍ଣ୍ଣନା ରହିଛି । ଯେଉଁଥିରୁ ପାଟଖଣ୍ଡାର ଈଶ୍ୱରତ୍ୱ ଉପରେ ମୋହର ମାରିଥିଲା ବଣ୍ଡା ମଣିଷ । ଯେଉଁଦିନ ପ୍ରଥମ ବଣ୍ଡା ମଣିଷ ରେମୋ ବାରଜାଙ୍ଗରର ଏହି ପାହାଡ଼ର ଶୀର୍ଷ ଦେଶରେ ପତ୍ନୀ ଗୋର୍ଭେଇ ସହିତ ଖୋଲା ଆକାଶ ତଳେ ରାତ୍ରିଯାପନ କରୁଥିଲା । ମ୍ଳରାତ୍ରି ବେଳକୁ ଗୋର୍ଭେଇ ବଟବୃକ୍ଷର ଶୀର୍ଷଦେଶରେ ଏକ ଉଜ୍ଜ୍ୱଳ ଆଲୋକ ବ ିକା ଦେଖି ଭୟଭୀତ ହେବା ସହିତ ତା’ ସ୍ୱାମୀକୁ କହିଲା । ଦୁହେଁ ଭୟଭୀତ ହୋଇ ସେହି ଆଲୋକ ଆଡେ ଅନେଇଲା ବେଳକୁ ତାହା ଏକ ଜ୍ୟୋତିର୍ମୟ ପୁରୁଷ ଭାବରେ ଉଭା ହୋଇ ବଟବୃକ୍ଷରେ ଲୀନ ହୋଇଗଲା । ସେଦିନ ଥାଏ ମାଘ ପୂର୍ଣ୍ଣମୀର ପୂର୍ବ ସୋମବାର । ଭୋର ବେଳକୁ ବଣ୍ଡାକୁ ସ୍ୱପ୍ନାଦେଶ ହେଲା ବରଗଛରେ ଥିବା ପାଟଖଣ୍ଡାକୁ ପୂଜା କରିବା ପାଇଁ । ସେହି ଘଟଣା ପରଠାରୁ ପାଟଖଣ୍ଡା ପର୍ବ ପାଳନ ବଣ୍ଡା ଜନଜୀବନର ଏକ ଅବିଚ୍ଛେଦ୍ୟ ଅଂଗ ଭାବରେ ପ୍ରତିପାଦିତ ହୋଇ ଆସିଛି ।

**କର୍ମକାଣ୍ଡ ଓ ବିଧିବିନ୍ୟାସ**

ପ୍ରତିବର୍ଷ ମାଘ ପୂର୍ଣ୍ଣମୀର ପୂର୍ବ ସୋମବାର ଦିନ ପାଟଖଣ୍ଡା ପର୍ବ ପାଳିତ ହୁଏ । ଏହି ପର୍ବ ପାଳନର ସ୍ଥାନ ହେଉଛି ମୁଦୁଲିପଡ଼ାରେ ଥିବା ବଟବୃକ୍ଷର ପାଦଦେଶ । ପାଟଖଣ୍ଡା ରହିଥିବା ଏହି ବଟବୃକ୍ଷର ପରିଧି ପଚାଶ ମିଟରରୁ ଅଧିକ ହେବ । ତାହାର ଓହଳ ଗୁଡ଼ିକ ମଧ୍ୟ ଏକ ଏକ ବଟବୃକ୍ଷ ପରି ପ୍ରତୀୟମାନ ହୁଅନ୍ତି । ସେହି ବୃକ୍ଷର ଡାଳପତ୍ର ପ୍ରସାରିତ ହୋଇ ଅନ୍ୟୁନ ଚାରି ହଜାର ବର୍ଗଫୁଟରୁ ଅଧିକ ଅଂଚଳ ପରିବ୍ୟାପ୍ତ । ବଟବୃକ୍ଷର ପାଦଦେଶରେ ସଜା ହୋଇ ରଖାଯାଇଛି ଅନେକ ଛୋଟ ବଡ଼ ପ୍ରସ୍ତର ଖଣ୍ଡ । ତାହା ଏକ ବିରାଟକାୟ ଚଟାଣ ସଦୃଶ ଦୃଶ୍ୟମାନ । ବୃକ୍ଷର ନିମ୍ନ ଦେଶରେ ଥିବା ଅଂଚଳଟି ଅତ୍ୟନ୍ତ ଶୀତଳ ଏବଂ ଛାଇ ପରିବ୍ୟାପ୍ତ । ବିଶ୍ୱାସ ଅଛି ଏହି ପୀଠର ପାର୍ଶ୍ୱ ଦେଶରେ ଥିବା କୌଣସି ବୃକ୍ଷ କେବେ ମରିଯାଏନି କି ଗ୍ରୀଷ୍ମ ପ୍ରବାହରେ ଶୁଖି ନଷ୍ଟ ହୁଏ ନାହିଁ ।

ପାଟଖଣ୍ଡା ମହାପ୍ରଭୁଙ୍କ ମୁଖ୍ୟ ପୂଜକ ସିସା । ପୂଜାରେ ମାଣ ଧରୁଥିବାରୁ ତାଙ୍କୁ ମାନଦୋରା (ମାଣଧରା) କୁହାଯାଏ । ଅନେକ ସମୟରେ ଏହି ମାନଦୋରା ପଦବୀଟି ଲୋକମୁଖରେ ଅପଭ୍ରଂଶ ହୋଇ ‘ମାନ୍ଦ୍ରା’ ଭାବେ ବ୍ୟବହୃତ ହୁଏ । ସିସାଙ୍କ ଉପସ୍ଥିତରେ ମୁଦୁଲିପଡ଼ା ସହିତ ଅନ୍ୟ ଏଗାରଟି ଗାଁ କିର୍ସାନୀପଡ଼ା, ଡୁମୁରିପଡ଼ା, ତୁଳାଗୁରମ୍, ବଣ୍ଡାପଡ଼ା, ବାଣ୍ଡିଗୁଡ଼ା, ବାସୁପଡ଼ା, ଚାଲାଣପଡ଼ା, ଗୋକୁରପଡ଼ା, କିଚିପଡ଼ା, ଦାନ୍ତିପଡ଼ା ଓ ପାଣ୍ଡ୍ରାଗୁଡ଼ାର ମୁଖିଆ ତାଙ୍କ ଅନୁଗାମୀଙ୍କ ସହିତ ଯୋଗ ଦେଇଥାନ୍ତି । ଏହି ପର୍ବରେ ଯୋଗ ଦେବା ପାଇଁ ସେମାନେ ପୂଜା ସାମଗ୍ରୀ ଏବଂ ଉପହାର ଧରି ବାଦ୍ୟ ବଜାଇ ଯିଏ ଯାହା ଗାଁରୁ ଆସିଥାନ୍ତି । ଆସନ୍ତା ବର୍ଷକୁ ଯେମିତି ସେମାନଙ୍କ ମୁଖିଆ ପଦ ଅକ୍ଷୁଣ୍ଣ ରହିବ ସେଥିପାଇଁ ସେମାନେ ମହାପ୍ରଭୁଙ୍କ ସମ୍ମୁଖରେ ସ୍ଥିର କରିଥାନ୍ତି ।

ଏହି ପର୍ବଦିନ ବଣ୍ଡା ପୁରୁଷମାନେ ମୁଣ୍ଡର ଚୁଟି କାଟି ନୂଆ ପଟି ବାନ୍ଧିଥାନ୍ତି । ସେହିପରି ଏଠାରେ ସାମିଲ ହୋଇଥିବା ତରୁଣୀମାନେ ନୂଆ ରିଙ୍ଗା ପରିଧାନ କରନ୍ତି । ବାଦ୍ୟକାରମାନେ ବିଭିନ୍ନ ପ୍ରକାରର ବାଦ୍ୟ ଯଥା: ଢ଼ୋଲ, ମହୁରୀ, ଟାମକ, ଶିଙ୍ଗା ଧରି ଉପସ୍ଥିତ ରହିଥାନ୍ତି ।

ପୂଜାର ପ୍ରାରମ୍ଭରେ ସିସା ଶିଳ, ଶିଳପୁଆ, ଚକି ଆଦି ବିଭିନ୍ନ ଘରକରଣା ଜିନିଷକୁ ବୃକ୍ଷର ପାଦଦେଶରେ ରଖି ତୈଳ ମାର୍ଜନା କରନ୍ତି । ଏହାପରେ ମୁଦୁଲିପଡ଼ାରେ ଥିବା ସୀତାକୁଣ୍ଡ ବା କିଙ୍ଗୁବୋଡକରୁ ଲାଉ ତୁମ୍ବାରେ ସଂଗୃହୀତ ହୋଇଥିବା ପାଣିରେ ସ୍ନାନ କରାନ୍ତି । ଏପରିକି ଏହି ଜଳ ସି ନ କରି ପୂଜା ଅଗଣା ଓ ଗାଁ ଦାଣ୍ଡକୁ ମ୍ଭ ପବିତ୍ର କରାଯାଇଥାଏ । ପାଠକଙ୍କ ଅବଗତି ନିମନ୍ତେ କୁହାଯାଉଛି ଯେ ମୁଦୁଲିପଡ଼ାର ପୂର୍ବଦିଗରେ 'ସୀତାକୁଣ୍ଡ' ଅବସ୍ଥିତ । ଏହାର ଝରପାଣିକୁ ତିନୋଟି ଭାଗରେ ପଥର ଖଣ୍ଡ ଦେଇ ଭାଗ ଭାଗ କରାଯାଇଛି । ପ୍ରଥମ ଭାଗ ହେଉଛି 'କିଙ୍ଗୁ ବୋଡକ୍' ଦେବୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀତ; ଯେଉଁଠାରୁ ବଣ୍ଡାମାନେ ପାନୀୟ ଜଳ କିମ୍ବା ପୂଜା ଉଦ୍ଦେଶ୍ୟରେ ପବିତ୍ର ଜଳ ସଂଗ୍ରହ କରିଥାନ୍ତି । ଚଇତ୍ର ମାସରେ ସୀତାକୁଣ୍ଡର ଜଳଦେବୀ 'କପୁର ଚୁଆଁ'ଙ୍କୁ ପୂଜା କରାଯାଇଥାଏ ।

ପବିତ୍ର ପାଣିରେ ପୂଜା ସାମଗ୍ରୀକୁ ମାର୍ଜନା କଲାପରେ ପାଟଖଣ୍ଡାଙ୍କ ଉଦ୍ଦେଶ୍ୟରେ 'ଚରୁଅନ୍ନ' ପ୍ରସ୍ତୁତ ହୁଏ । ଏହି ଚରୁ ଅନ୍ନ ପ୍ରସ୍ତୁତି ପ୍ରଣାଳୀ ଅତ୍ୟନ୍ତ ସ୍ୱତନ୍ତ୍ର । ଯାହା ବର୍ଷ ବର୍ଷ ଧରି ରୀତି ଭାବରେ ପ୍ରଚଳିତ । ଚରୁଅନ୍ନ ପ୍ରସ୍ତୁତି ପାଇଁ ଏକ ନୂଆ ବାଉଁଶ ନଳୀ ମଧ୍ୟରେ ଅରୁଆ ଚାଉଳ, ହଳଦୀଗୁଣ୍ଡ, ଶୁଖା ଯାଇଥିବା ମାଛ, ଲଙ୍କା, ଲୁଣ, ଏବଂ ଅଳ୍ପ ପାଣି ଭ କରି ନଳୀର ମୁହଁକୁ ଭଲ ଭାବେ ବନ୍ଦ କରି ନିଆଁରେ ପକାଇ ଦିଆଯାଏ । କିଛି ସମୟ ପରେ ବାଉଁଶ ନଳୀକୁ ନିଆଁ ଭିତରୁ ଆଣି ତାକୁ ଫଟାଇ ତା' ଭିତରୁ ଚରୁଅନ୍ନ ସଂଗ୍ରହ କରାଯାଇ ମହାପ୍ରଭୁଙ୍କ ଭୋଗ ପାଇଁ ସଜଡ଼ା ଯାଏ ।

ଚରୁଅନ୍ନ ପ୍ରସ୍ତୁତି ପରେ ପୂଜା ସ୍ଥଳରେ ଧଳା, କଳା ଓ ନାଲି ବର୍ଣ୍ଣର ମୁରୁଜରେ ଝୋଟି ଅଙ୍କନ କରାଯାଇଥାଏ । ଏହି ସବୁ ମୁରୁଜ ପ୍ରାକୃତିକ ଉପାୟରେ ସଂଗୃହୀତ । ଏହା ପରେ ବାଉଁଶରେ ତିଆରି ମାଣରେ ବିଭିନ୍ନ ମୁଖିଆମାନେ ଆଣିଥିବା ବିହନକୁ ରଖାଯାଇ ସଜାଯାଏ । ପାଟଖଣ୍ଡା ମହାପ୍ରଭୁଙ୍କ ପାଖରେ ବଳି ପଡ଼ିବା ପାଇଁ ଆସିଥିବା ବତକ, କୁକୁଡ଼ା, ଛେଳି ଉପରେ ଅକ୍ଷତ ଓ ହଳଦୀ ପାଣି ଛି ।ଯାଏ । ମୁଖ୍ୟ ପୂଜା ଆରମ୍ଭ ପୂର୍ବରୁ କୁକୁଡ଼ାଟିଏ ବଳି ପଡ଼ିଲା ପରେ ପାଟଖଣ୍ଡାଙ୍କ ଆବାହନ କରାଯାଇଥାଏ ।

ସିସା ବରଗଛକୁ ପ୍ରଣାମ କରି ଚାଳିଶ ଫୁଟ ଉପରେ ଥିବା ପାଟଖଣ୍ଡାକୁ ଆଣିବା ପାଇଁ ଆରୋହଣ କରନ୍ତି । ଡାହାଣ ହାତରେ ଉକ୍ତ ଖଣ୍ଡାକୁ ଧରି ତଳକୁ ଓହ୍ଲାଇଲା ପରେ ସୀତାକୁଣ୍ଡରୁ ସଂଗୃହୀତ ପବିତ୍ର ପାଣିରେ ହଳଦୀଗୁଣ୍ଡ ମିଶାଇ ଖଣ୍ଡାକୁ ସ୍ନାନ କରାଯାଏ । ଏତିକି ରୀତି ପ୍ରାୟତଃ ଅଧଘ । ମଧ୍ୟରେ ସମାପନ ହୋଇଥାଏ । ଏହାପରେ ମୁଖ୍ୟ ସିସା ପୂଜାର ପ୍ରଥମ ପର୍ବରେ ବତକଟିଏ ବଳି ଦେଲା ପରେ ଅନ୍ୟ ଗାଁର ସିସାମାନେ ଛେଳି, କୁକୁଡ଼ା, ମେଣ୍ଢା, ଇତ୍ୟାଦିକୁ ପୂଜା କରି ସେମାନଙ୍କ ମସ୍ତକରେ ସିନ୍ଦୂର ଲଗାଇ ବଳି ଦିଅନ୍ତି ।

ତେବେ ପାଟଖଣ୍ଡାଙ୍କ ମୁଖ୍ୟ ପୂଜା ପାଇଁ ଦେବୀ ଦାମଲଦେଇଙ୍କ ଆଗମନକୁ ପ୍ରତୀକ୍ଷା କରିବାକୁ ପଡ଼େ । ବଣ୍ଡାଙ୍କର ବିଶ୍ୱାସ ରହିଛି ଦେବୀ ଦାମଲଦେଇ ହେଉଛନ୍ତି ପାଟଖଣ୍ଡା ମହାପ୍ରଭୁଙ୍କ ଶକ୍ତି । ତେଣୁ ତାଙ୍କୁ ପୂଜା କରି ପାଟଖଣ୍ଡାଙ୍କୁ ସନ୍ତୁଷ୍ଟ କରିବାର ବିଧି ରହିଛି । ତେଣୁ ଦେବୀଙ୍କ ସଂପର୍କରେ କହିବା ପ୍ରାସଙ୍ଗିକ ହେବ ।

ବଣ୍ଡା ଅଂଚଳର କିର୍ସାନୀପଡ଼ା ପାଖରେ ଥିବା ବାଲିଡଙ୍ଗର ପାହାଡ଼ରୁ ଝରଣାଟିଏ ବାହାରି ଦାମଲଦେଇ ନଦୀ ଭାବେ ପ୍ରବାହିତ ହୋଇ ଖଇରପୁଟ ଯାଏଁ ଯାଇ ସିଲେରୁ ନଦୀରେ ମିଶିଛି । ଏହି ନଦୀରେ ରହିଛି ତିନୋଟି ଗଣ୍ଡ । ପ୍ରଥମଟି 'ବାଲିକୁଣ୍ଡ', ଦ୍ୱିତୀୟଟି 'ସାରୁକୁଣ୍ଡ' ଏବଂ ତୃତୀୟଟି 'ଆମ୍ମାକୁଣ୍ଡ' । ଏହି ଆମ୍ମାକୁଣ୍ଡ ଅ ଳରେ ଦେବୀ 'ଦାମଲଦେଇ' ନାମରେ ପୂଜା ପାଇ ଆସୁଛନ୍ତି । ତେବେ କିମ୍ବଦନ୍ତୀରେ ବର୍ଣ୍ଣିତ ଦେବୀ ବଣ୍ଡାମାନଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମୂଳ ସ୍ଥାନ ଛାଡ଼ି ବାଉଁଶପଡ଼ାଠାରେ ପୂଜା ପାଉଛନ୍ତି ।

ପାଟଖଣ୍ଡା ପର୍ବଦିନ ବାଉଁଶପଡ଼ାଠାରୁ ଏକ ସୁସଜ୍ଜିତ ବିମାନରେ ଦେବୀଙ୍କୁ ବାଣ୍ଡିଗୁଡ଼ା, କିର୍ସାନୀପଡ଼ା ଓ ପଡ଼େଇଗୁଡ଼ା ବାଟଦେଇ ମୁଦୁଲିପଡ଼ାକୁ ନିଆଯାଇଥାଏ । ବାଟରେ ଯିବା ସମୟରେ ବାଦ୍ୟ ବଜାଇ ନାଚି ନାଚି ଦେବୀଙ୍କୁ ସାଥିରେ ନେଇଥାନ୍ତି ବଣ୍ଡାମାନେ । ଏପରିକି ଯାତ୍ରାକାଳରେ ବିଭିନ୍ନ ଗାଁରେ ଦେବୀଙ୍କ ପୂଜା କରାଯାଇଥାଏ । ଶେଷରେ ଦେବୀ ଦାମଲଦେଇ ମୁଦୁଲିପଡ଼ାରେ ପହଁ୍ଲା ପରେ ପାଟଖଣ୍ଡାଙ୍କ ଆସ୍ଥାନ ପାଖରେ ତାଙ୍କୁ ରଖିଲା ପରେ ମୁଖ୍ୟ ପୂଜା ଆରମ୍ଭ ହୁଏ । ଲୋକବିଶ୍ୱାସ ଅଛି କୋୟାମାନଙ୍କର ତଥା ମାଲକାନଗିରି ଜନଜାତିଙ୍କ ଦ୍ୱାରା ପାଳିତ ବଡଯାତ୍ରାର ଦେବତା ବାଲାରାଜୁ, ପୋତରାଜୁ, କାନମରାଜୁଙ୍କ ଭଉଣୀ ହେଉଛନ୍ତି ଦାମଲଦେଇ । ଯିଏକି ମୁତ୍ୟାଲାମ୍ମା ଭାବରେ ମଧ ପରିଚିତ । ପାଟଖଣ୍ଡା ମହାପ୍ରଭୁଙ୍କୁ ବିବାହ କରିବା ପରେ ଦେବୀ ଆମ୍ମାକୁଣ୍ଡ ଠାରେ ରହି ଆସୁଛନ୍ତି ।

ଦ୍ୱିତୀୟ ପର୍ଯ୍ୟାୟରେ ମନ୍ତ୍ରପାଠ ଓ ପୂଜାର ମୁଖ୍ୟ ଉଦ୍ଦେଶ୍ୟ ଜଣାପଡ଼େ । ମୁଖ୍ୟ ସିସା ଆଣ୍ଠୁ ମାଡ଼ି ପ୍ରଣାମ କରି ପାଟଖଣ୍ଡା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମନ୍ତ୍ର ଉଚ୍ଚାରଣ କରନ୍ତି –

ଆଜି ମାପ୍ର ! ସତ ଯେନ
ବାରଜାଙ୍ଗର, ବାରମୁଟାନା
ପାଟଖଣ୍ଡା, ପାଟ ଭୈରବ
ମୁଦୁଲି ପାଡ୍ୟା ଦେବତା
ଡେଙ୍ଗ ଡିଙ୍ଗନାଲ୍, ମିସାଂ କୁକୁସାଗ
ମିସାଂ ଗିମେସଂ, ସୁନାର ସିନେ
ସୁନାର ଇନଂ, ନାଗଂ ବୁନବରତ
ଡେମସେ ବିରେବ, କୁରୁଂବ
ସୁମୁ ସାରାଇ, ପାକନା ଗାଜା ଡେମତା !
ମାପ୍ର ନନ ସତରେ ମାନେକ
ନା ଦୁଇମାନ ଡେନ୍ତା ।

(ହେ, ମହାପ୍ରଭୁ ! ତୁମେ ଯଦି ବାରଜାଙ୍ଗର, ବାରମୁଠାର ମୁଦୁଲିପଡ଼ାର ପ୍ରତ୍ୟକ୍ଷ ଦେବତା ପାଟଖଣ୍ଡା ହୋଇଥିବ; ତେବେ ଗୋଟିଏ ପଟେ ବାଘ ଅନ୍ୟ ପଟେ ଭାଲୁକୁ ସୁନାର ଲଙ୍ଗଳରେ ଓ ଜୁଆଳି ପକାଇ ନାଗ ସାପର ବରତରେ ବାନ୍ଧି ବିସ୍ତୀର୍ଣ୍ଣ ଶିଳା ଉପରେ ହଳ କରି ବିହନ ବୁଣି ଚାଷ କରିବ । ବିହନ ଲଟାରେ, ପଥର ଉପରେ, ଖମ୍ବ ଉପରେ ପଡ଼ିଲେ ବି ଗଜା ହେବ । ତୁମରି ସତ୍ୟରେ ମାଣେଧାନ ଦୁଇମାଣ ହେବ ।)

ଏହି ମନ୍ତ୍ର ପାଠ ପରେ ବିହନ ପୂଜା ଆରମ୍ଭ କରାଯାଏ । ବିଶେଷ କରି ମାଣେ ଧାନକୁ ଠାକୁରଙ୍କ ଆଗରେ ଘୋଡ଼ାଇ ରଖାଯାଏ । ଏହାପରେ ପାଟଖଣ୍ଡାଙ୍କ ଉଦ୍ଦେଶ୍ୟରେ ଗୋଟିଏ ବୋଦା ଓ କୁକୁଡ଼ା ବଳି ଦେବା ପରେ ଘୋଡ଼ାଯାଇ ରଖାଯାଇଥିବା ବିହନ ଉଦ୍ଦେଶ୍ୟରେ ଏକ ଧଳା କୁକଡ଼ା ବଳି ଦିଆଯାଏ । ବଳି ପରେ ଠାକୁରଙ୍କୁ କଦଳୀ, ନଡ଼ିଆ ଆଦି ଭୋଗ ଅର୍ପଣ କରାଯାଏ । ବିହନ ପୂଜା ପରେ ଘୋଡ଼ଣୀ ଖୋଲି ପୂଜାଧାନକୁ ଆଉଥରେ ମାଣରେ ମପାଯାଏ । ଯଦି ଧାନ ମାଣକରୁ ଅଧିକ ହୁଏ ତେବେ ବଣ୍ଡାମାନେ ଜାଣନ୍ତି ଯେ ପାଟଖଣ୍ଡା ମହାପ୍ରଭୁ ପୂଜାରେ ସନ୍ତୁଷ୍ଟ ଅଛନ୍ତି ଏବଂ ସେହି ବର୍ଷ ଭଲ ଫସଲ ହେବ ବୋଲି ସେମାନେ ବିଶ୍ୱାସ କରନ୍ତି ।

ପୂଜାର ଶେଷ ପର୍ବରେ ପାଟଖଣ୍ଡାରେ ବଳି ରକ୍ତ ଲଗାଇବା ସହିତ ବିହନରେ ମ୍ଭ ରକ୍ତ ଗୋଳା ଯାଇଥାଏ । ସିସା ସର୍ବମଙ୍ଗଳ କାମନା କରି ପାଟଖଣ୍ଡା ମହାପ୍ରଭୁଙ୍କଠାରେ ପୁଣି ନିବେଦନ କରନ୍ତି – 'ଓ ନନ୍ଦପୁର ମହାପ୍ରଭୁ, ଓ ପାଟଖଣ୍ଡା ବିକ୍ରମ, ଓ ନନ୍ଦପୁର ବୁଢ଼ା ଭୈର, ଓ ଦୁଲାର୍ ଦେଇ, ଓ ଶିରୀ ମାଉଳୀ ! ନନ୍ଦପୁରର ରାତିକୁ ବାରଜାଙ୍ଗରର ଦିନ । ଧୂପ, ବେଲପତ୍ର, ହଳଦୀ, ମାଣ୍ଡିଆ ସବୁ ତୋତେ ଦେଲି । କଳା କୁକୁଡ଼ା, କଳା ଛେଳି ଆମେ ତୋତେ ଦେଉଛୁ । ଆମ ପିଲା ଛୁଆଙ୍କୁ ଭଲରେ ରଖ । ଆମ ଦେଶ, ଧରିତ୍ରୀ ସବୁ ଭଲରେ ରହୁ । କ୍ଷେତରେ ଫସଲ ହସୁ । ଗଛରେ ଫୁଲଫଳ ଭରି ଉଠୁ । କିଛି ବିପଦ ନ ଆସୁ ଓ ପାଟଖଣ୍ଡା ମହାପ୍ରୁ ! ରାଜ୍ୟ, ଦେଶ, ପୃଥିବୀ ସବୁ ଭଲରେ ଥାଉ ।'

ଏହି ମନ୍ତ୍ର ପରେ ମାଦଳ, ମହୁରୀ ଓ ଢ଼ୋଲରେ ପୂଜାସ୍ଥାନ କମ୍ପିଉଠେ । ବଣ୍ଡାମାନେ ଦଳଗତ ନୃତ୍ୟ ଆରମ୍ଭ କରନ୍ତି । ବାରଜାଙ୍ଗରର ମୁଖିଆମାନଙ୍କୁ ପୂଜା କରାଯାଇଥିବା ବିହନ ମୁଖ୍ୟ ସିସା ଅର୍ପଣ କରନ୍ତି । ଏହାପରେ ଆଣ୍ଠୁ ମାଡ଼ି ମୁଣ୍ଡିଆ ମାରି ମୁଖ୍ୟ ସିସା ଡାହାଣ ହାତରେ ପାଟଖଣ୍ଡାକୁ ଧରି ବରଗଛ ଆରୋହଣ କରନ୍ତି ଏବଂ ଗଛର କୋରଡ଼ରେ ଖଣ୍ଡାଟିକୁ ରଖିଦିଅନ୍ତି । ବାଦ୍ୟରେ ତାଳେ ତାଳେ ଦାମଲଦେଇଙ୍କ ବିଦାୟ ପର୍ବ ମଧ୍ୟ ଅନୁଷ୍ଠିତ ହୁଏ । ଯେଉଁ ବାଟରେ ଦେବୀଙ୍କୁ ନିଆଯାଇଥାଏ । ସେହି ବାଟରେ ଦେବୀଙ୍କୁ ମୂଳପୀଠକୁ ଅଣାଯାଏ । ଦେବୀ ସେହି ରାତିରେ ଗାଁ ଭ୍ରମଣ କରନ୍ତି । ବିଶେଷ କରି ଗାଁର ପ୍ରତିଟି ଘରେ କଳସ ସ୍ଥାପନ କରି ନଡ଼ିଆ ଭାଙ୍ଗି ଦେବୀଙ୍କୁ ଦର୍ଶନ କରିଥାନ୍ତି ଗାଁ ଲୋକେ । ଗୁମ୍ମା ଓ ଖଇରପୁଟ ଅ ଳରେ ଥିବା ବିଭିନ୍ନ ଗ୍ରାମ ଦେବ-ଦେବୀଙ୍କ ପ୍ରତୀକ ଭାବରେ ପ୍ରତିଟି ଗାଁରୁ ବଡ଼ ବାଉଁଶ (ଲାଠି) ଖଣ୍ଡିଏରେ ପାଟକନା ଗୁଡାଇ ବାଦ୍ୟ ବଜାଇ ଦାମଲ ଦେଇ ପୀଠକୁ ପୂଜକଙ୍କ ନେତୃତ୍ୱରେ ଯାତ୍ରା କରିଥାନ୍ତି । ଏହି ଦଳରେ ପୂଜକଙ୍କ ସହିତ ଦିଶାରୀ, ଗୁରୁମାଇ, ଗାଁ ମୁଖିଆଙ୍କ ସହିତ ମାନସିକ କରିଥିବା ଲୋକ ରହିଥାନ୍ତି ।

ସେପଟେ ପାଟଖଣ୍ଡା ପର୍ବର ସମାପ୍ତି ପରେ ବାରଜାଙ୍ଗରର ମୁଖିଆମାନେ ନିଜ ନିଜ ଗାଁକୁ ଫେରି ହୁଣ୍ଡି ଦେବତାଙ୍କ ପୀଠରେ ପୂଜା ହୋଇଥିବା ବିହନକୁ ରଖି ପ୍ରତିଟି ଘରକୁ ଖବର ଦିଅନ୍ତି । ପ୍ରତି ପରିବାରର ମୁଖିଆ

ପାଟଖଣ୍ଡାଙ୍କ ଠାରେ ପୂଜା ହୋଇଥିବା ବିହନରୁ କିଛି ସଂଗ୍ରହ କରି ଘରେ ଥିବା ବିହନରେ ମିଶାନ୍ତି ଏବଂ କ୍ଷେତରେ ସେହି ବିହନ ପକାଇ କୃଷିକାର୍ଯ୍ୟକୁ ଆଗେଇ ନିଅନ୍ତି ।

ସୋମବାର ଦିନ ପାଟଖଣ୍ଡା ପର୍ବ ଅନୁଷ୍ଠିତ ହେଉଥିବା ବେଳେ ମଙ୍ଗଳବାର ଖଇରପୁଟଠାରେ ଥିବା ଦାମଲ ଦେଇ ପୀଠରେ ପୂଜାର୍ଚ୍ଚନା ହେବା ସହିତ ସମସ୍ତ ଗାଁରୁ ଆସିଥିବା ଦେବ-ଦେବୀଙ୍କ ପ୍ରତୀକ ଲାଠି ମାନଙ୍କର ମିଳନ ହୁଏ । ଅନ୍ୟ ଗାଁରୁ ଆସିଥିବା ପୂଜାରୀମାନେ ପୂଜା କରିବା ସହିତ ବଳି ଅର୍ପଣ କରିଥାନ୍ତି ।

ମୁଦୁଲିପଡ଼ାରେ ହେଉଥିବା ପାଟଖଣ୍ଡା ପର୍ବର ଅବଧି ଦୁଇ-ତିନି ଘ  ାର ମାତ୍ର । ତଥାପି ତିନି ଦିନ ଧରି ମୁଦୁଲି ପଡ଼ାରେ ନାଚ-ଗୀତର ଆସର ଜମେ । କିନ୍ତୁ, ଅନ୍ୟ ବଣ୍ଡା ଗାଁରେ ପ୍ରଥମ ଦିନକୁ ଛାଡ଼ିଦେଲେ ବିଶେଷ କିଛି ଉତ୍ସବ ପାଳନ ହୁଏ ନାହିଁ ।

ମୁଦୁଲିପଡ଼ାର ପାଟଖଣ୍ଡା ପର୍ବ ବ୍ୟତୀତ ଦଶହରାରେ ନନ୍ଦପୁର ରାଜବଂଶ (ଏବେ ଜୟପୁର ରାଜବଂଶ ଭାବରେ ଖ୍ୟାତ) ଦ୍ୱାରା ଏହି ପାଟଖଣ୍ଡା ମହାପ୍ରଭୁଙ୍କୁ ପୂଜା କରାଯାଏ । ତେବେ ମୁଦୁଲିପଡ଼ାର ସେହି ବଟବୃକ୍ଷରୁ ପାଟଖଣ୍ଡାଙ୍କୁ ସେଠାକୁ ନିଆଯାଏ ନାହିଁ । କାରଣ ଗଛ କୋରଡ଼ରେ ଥିବା ଖଣ୍ଡାର ମୁଠି ବା ବେ   ସେଠାରେ ପୂଜା ପାଇଁ ଆସୁଛନ୍ତି । ତେବେ ଖଣ୍ଡା ଦେହରୁ ମୁଠି ଅଲଗା ହୋଇ ନନ୍ଦପୁର କିପରି ଗଲା ତାହାର ଏକ ସୁନ୍ଦର କିମ୍ବଦନ୍ତୀ ମୁଦୁଲିପଡ଼ାରେ ଶୁଣିବାକୁ ମିଳେ । ନନ୍ଦପୁରର ରାଜା ପାଟଖଣ୍ଡାର ଅଲୌକିକତା ସଂପର୍କରେ ଜାଣିବା ପରେ ସେହି ଖଣ୍ଡାକୁ ନନ୍ଦପୁର ଆଣିବା ପାଇଁ ପାରିଷଦ ମାନଙ୍କୁ ନିର୍ଦ୍ଦେଶ ଦେଲେ । ରାଜାଙ୍କ ଲୋକେ ଖଣ୍ଡାକୁ ନେବାକୁ ଚେଷ୍ଟା କଲାବେଳେ ଖଣ୍ଡାରୁ ବେ   ବାହାରି ଆସିଥିଲା ଏବଂ ବେ  ହୀନ ଖଣ୍ଡାଟି କୋରଡ଼ ଭିତରେ ରହିଗଲା । ପରବ ୀ ସମୟରେ ସ୍ୱପ୍ନାଦେଶ ପାଇ ନନ୍ଦପୁର ରାଜା ସେଠି ଖଣ୍ଡାର ମୁଠିକୁ ସମ୍ମାନ ଜଣାଇ ଦଶହରାରେ ପୂଜା କଲେ । ସେହି ପରଂପରା ଏବେବି ଚାଲି ଆସୁଛି । ତେବେ ଏହି ଘଟଣା ବୀର ବିକ୍ରମ ଦେବ ମହାରାଜାଙ୍କ କାଳରେ ହୋଇଥାଇପାରେ ଯାହାଙ୍କ ସମୟ ୧୬୪୧ ଖ୍ରୀ ରୁ ୧୬୬୯ ଖ୍ରୀ. । କାରଣ ବଣ୍ଡାଙ୍କ ପାଟଖଣ୍ଡା ମନ୍ତ୍ରରେ 'ବିକ୍ରମ' ବୋଲି ସମ୍ବୋଧନ କରାଯାଇଛି ।

ନନ୍ଦପୁରଠାରେ ପାଟଖଣ୍ଡା ପୂଜା ସମୟରେ ମୁଦୁଲିପଡ଼ାରୁ ମୁଖ୍ୟ ସିସାଙ୍କ ସହିତ ଗାଁ ମୁଖିଆ ଓ ଅନେକ ବଣ୍ଡାଲୋକ ଯୋଗ ଦିଅନ୍ତି । ସେମାନେ ମହାପ୍ରଭୁଙ୍କ ମୂଳପୀଠ ମୁଦୁଲିପଡ଼ାରୁ ଅକ୍ଷତ (ହଳଦୀ ମିଶ୍ରିତ ଚାଉଳ) ଏବଂ କେରଙ୍ଗ ସୂତା ପ୍ରସ୍ତୁତ ବସ୍ତ୍ର ନେଇ ସେଠାରେ ଅର୍ପଣ କଲାପରେ ପାଟଖଣ୍ଡା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଅର୍ପଣ ହୁଏ । ପୂଜା ସମାପନ ପରେ ବଣ୍ଡାମାନେ ମୁଦୁଲିପଡ଼ା ଫେରି ଆସନ୍ତି । ସେହିଦିନ ବାରଜାଙ୍ଗରର ସମସ୍ତ ବଣ୍ଡା ନିଜର ମୁଣ୍ଡ ଧୋଇବା ସହିତ ପାରଂପରିକ ଅସ୍ତ୍ରଶସ୍ତ୍ରକୁ ପ୍ରକ୍ଷାଳନ କରି ପାଟଖଣ୍ଡା ମହାପ୍ରଭୁଙ୍କ ନାମରେ ବଳି ଅର୍ପଣ କରନ୍ତି । ପାଟଖଣ୍ଡାଙ୍କ ମୂଳପୀଠରେ ମଧ୍ୟ ସିସା ପୂଜା କରି କାକୁଡ଼ି, ମାଗୁର ମାଛ ଓ କଳାପାରାକୁ ବଳି ଦେଇ ଅର୍ପଣ କରିଥାନ୍ତି । ବଣ୍ଡାମାନେ ଏହିଦିନ ମୁଣ୍ଡ ଧୋଉଥିବା କାରଣରୁ ଏହା 'ମୁଣ୍ଡ ଧୌନୀ' ପର୍ବ ନାମରେ ପରିଚିତ । କେବଳ ସେତିକି ନୁହେଁ ବଣ୍ଡାର ପ୍ରତ୍ୟେକ ପର୍ବପର୍ବାଣିରେ ପାଟଖଣ୍ଡା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଘରେ ଘରେ ପୂଜା କରାଯାଏ, ମାତ୍ର ପାଟଖଣ୍ଡାଙ୍କୁ ବୃକ୍ଷରୁ ତଳକୁ ଅଣାଯାଏ ନାହିଁ ।

## ପାଟଖଣ୍ଡା ଓ ଲୋକବିଶ୍ୱାସ

ବଣ୍ଡାମାନେ ସାଧାରଣତଃ ପାଟଖଣ୍ଡାଙ୍କୁ 'ସିଙ୍ଗିଆର୍କେ' ଭାବରେ ସମ୍ବୋଧନ କରିଥାନ୍ତି । 'ସିଙ୍ଗି' ଓ 'ଆର୍କେ' ଶବ୍ଦର ମିଶ୍ରଣରୁ ଏହି 'ସିଙ୍ଗିଆର୍କେ' ଶବ୍ଦର ସୃଷ୍ଟି । ଯାହାର ଅର୍ଥ 'ଚନ୍ଦ୍ର-ସୂର୍ଯ୍ୟ' ଦେବତା । ବଣ୍ଡାର ବିଶ୍ୱାସ ପାଟଖଣ୍ଡା ବା ସିଙ୍ଗିଆର୍କେ ହେଉଛନ୍ତି ଏହି ବିଶ୍ୱ ଓ ପ୍ରକୃତିର ସ୍ରଷ୍ଟା । ତାଙ୍କର ପ୍ରତିନିଧି ହେଉଛନ୍ତି ବଣ୍ଡା ଗାଁରେ ଥିବା ଅନ୍ୟ ଦେବଦେବୀ । ଘର ମଝିରେ ଥିବା ମୁଖ୍ୟ ଖୁ 'ମୂଳଦେଇ', ଗାଁ ମଝିରେ ଥିବା 'ହୁଣ୍ଡିଦେବୀ' ବା 'ବୁର୍ସୁଙ୍ଗ', ସୀତାକୁଣ୍ଡର ଦେବୀ 'କପୁରଚୁଆଁ', ବଣ ଦେବତା 'ସିଙ୍ଗରାଜ', ଜଙ୍ଗଲ ଦେବୀ 'ଉଗା' (ସିଙ୍ଗରାଜ ଦେବତାଙ୍କ ପତ୍ନୀ), ଗ୍ରାମ ପ୍ରବେଶ ଦ୍ୱାରରେ ଥିବା ଦେବୀ 'ରେନୁଙ୍ଗ୍‌ବର' ଗ୍ରାମର ସିନ୍ଧିବୋର ଠାରେ ସ୍ଥାପିତ 'ଗେସୁଙ୍ଗ୍ ଦେବୀ' ଏବଂ ବିଭିନ୍ନ ପ୍ରକାରର ଡୁମା ଦେବତା ଯଥା: ଲମ୍‌ତା ଚୁଆଁ, ଡୋଲିଆଂ, ଗର୍‌ଦାବା, କାଳିଆରାଣୀ, କିଡ଼ିଙ୍ଗ୍ ସାଗର, ଗୁନାମ୍ ଆଦି ସିଙ୍ଗିଆର୍କେଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିଥାନ୍ତି ବୋଲି ବଣ୍ଡାର ବିଶ୍ୱାସ ।

ବଣ୍ଡାର ପୁରାଣକଳ୍ପ ବା ଲୋକମିଥ୍‌ରେ ପାଟଖଣ୍ଡାଙ୍କ ସଂପର୍କୀତ ଅନେକ କାହାଣୀ ଶୁଣିବାକୁ ମିଳେ । ଏପରିକି ପୃଥିବୀ କିପରି ସୃଷ୍ଟି ହେଲା, ମଣିଷର ସୃଷ୍ଟି ଓ ତା'ର କାର୍ଯ୍ୟାବଳୀ, ଜଡ଼-ଜୀବର ସୃଷ୍ଟି, ନାଚ-ଗୀତର ସୃଷ୍ଟି ପଛରେ ପାଟଖଣ୍ଡାଙ୍କ ଭୂମିକା ନେଇ ପର୍ବପର୍ବାଣି ସମୟରେ ଗୁରୁମାଇ, ଦିସାରୀ, ସିସା ପ୍ରମୁଖ ଲୋକଙ୍କୁ ଶୁଣାଇଥା'ନ୍ତି । ମହାପ୍ରଭୁ କିପରି ଦେହର ମଳିରୁ ସ୍ଥଳଭାଗ ସୃଷ୍ଟି କଲେ, ସୋମା ବଡ଼ନାଏକର ସାହାଯ୍ୟ ନେଇ ଧୂଆଁପତ୍ର ସୃଷ୍ଟି କଲେ, ପଥୁରିଆ ଭୂଇଁକୁ ଉର୍ବର କରିବା ପାଇଁ ଜିଆ ସୃଷ୍ଟି କଲେ, ଭୀମଙ୍କୁ କିପରି ଧାନଚାଷ କରିବା ପାଇଁ କହିଲେ ଇତ୍ୟାଦି ମିଥ୍ ଗୁଡ଼ିକ ଏବେ ବି ପ୍ରଚଳିତ । ଯାହା ପାଟଖଣ୍ଡାଙ୍କ ଅଲୌକିକତା ତଥା ଆତ୍ମିକତାର ପ୍ରମାଣ ଦେଇଥାଏ ।

ପାଟଖଣ୍ଡା ମହାପ୍ରଭୁଙ୍କୁ ନେଇ ଆଉ କିଛି ଲୋକ ବିଶ୍ୱାସ ରହିଛି ସେଗୁଡ଼ିକ ହେଲା-

୧) ପାଟଖଣ୍ଡାଙ୍କ ପୂଜାରେ ବିଘ୍ନ ହେଲେ ବଣ୍ଡା ଗାଁରେ ବିପଦ ମାଡ଼ି ଆସିବ ।

୨) ଲାଲ ରଙ୍ଗର ଘୋଡ଼ାଚଢ଼ି ପାଟଖଣ୍ଡା ସ୍ୱପ୍ନରେ ଦେଖାଦେଲେ ଅନାବୃଷ୍ଟି ହେବା ।

୩) ପାଟଖଣ୍ଡାଙ୍କ ପୂଜାରେ ମାଣରେ ଥିବା ଶସ୍ୟର ପରିମାଣ ପୂଜା ପରେ ଅଧିକ ହେଲେ କ୍ଷେତରେ ଭଲ ଫସଲ ହେବ ।

୪) ପାଟଖଣ୍ଡାଙ୍କ ସମ୍ମାନାର୍ଥେ ରାତିସାରା ନୃତ୍ୟ କଲେ ଦୁଃଖ, କଷ୍ଟ ଦୂରେଇ ଯିବ ।

୫) କାହାକୁ ଯଦି ସ୍ୱପ୍ନରେ ପାଟଖଣ୍ଡା ମହାପ୍ରଭୁ ଭିକ୍ଷାଦାନ କରୁଥିବାର ଦେଖାଦେବେ ତେବେ ସେହି ବ୍ୟକ୍ତି ଦିଶାରୀ ହେବ ।

୬) ବୟୋଜ୍ୟେଷ୍ଠ ବ୍ୟକ୍ତି ପାଟଖଣ୍ଡା ମହାପ୍ରଭୁଙ୍କ ପ୍ରତିନିଧି ହୋଇଥିବାରୁ ସେମାନଙ୍କୁ ଅସମ୍ମାନ କଲେ ଈଶ୍ୱରଙ୍କ ଦ୍ୱାରା ଜଣେ ଦଣ୍ଡିତ ହେବ ।

୭) ପାଟଖଣ୍ଡାଙ୍କ ପୂଜା ସମୟରେ ପୂଜାରୀ, ସିସା, ଦିଶାରୀ, ଗୁରୁମାଇଙ୍କ ନାମ ଧରି ସେମାନଙ୍କୁ ଡାକିଲେ ଡାକୁଥିବା ବ୍ୟକ୍ତିର ଅନିଷ୍ଟ ହେବ ।

୮) ପାଟଖଣ୍ଡାଙ୍କୁ ପୂଜା କଲେ କୁଷ୍ଠ ରୋଗ ହୁଏ ନାହିଁ ।

## ଉପସଂହାର

ବଣ୍ଡାର ପାଟଖଣ୍ଡା ପର୍ବର ପୂଜାବିଧି, ଆଧାତ୍ମିକ ଭାବ ସ ।ର ଅନୁଷ୍ଠାନକୁ ବିଶ୍ଳେଷଣ କଲେ ମନେହୁଏ ତାଙ୍କର ଏହି ପର୍ବ ତାଙ୍କ ଈଶ୍ୱରୀୟ ଉପଲବ୍ଧିକୁ ସାବ୍ୟସ୍ତ କରିଥାଏ । ଧର୍ମ ଓ ଈଶ୍ୱରଙ୍କ ପ୍ରତି ଆନୁଗତ୍ୟକୁ ମଧ୍ୟ ତାହା ଦର୍ଶାଇଥାଏ । ଯେଉଁ କାରଣରୁ ପାଟଖଣ୍ଡା ଜନଜୀବନକୁ ଆଚ୍ଛାଦିତ କରି ରଖିଥାଏ ସେଗୁଡ଼ିକ ହେଲା (କ) ଈଶ୍ୱରଙ୍କ ସନ୍ତୁଷ୍ଟିରେ ଜଗତର କଲ୍ୟାଣ, (ଖ) ଖରାପ ଗୁଣ ତ୍ୟାଗ ପାଇଁ ପ୍ରବ ର୍ାଇଥାଏ, (ଗ) ଆରୋଗ୍ୟ ଲାଭର ବିଶ୍ୱାସ, (ଘ) ପରିବାର-ପରିବାର ମଧ୍ୟରେ ଏବଂ ଆନ୍ତଃଗ୍ରାମ୍ୟ ସଂପର୍କ ବୃଦ୍ଧିରେ ସହାୟକ, (ଙ) ଈଶ୍ୱର ଆବାହନ, ପ୍ରାର୍ଥନା ଓ ଗୁରୁମାଇ ତଥା ସିସାଙ୍କ ଦ୍ୱାରା ପୁରାଣ ଗାଥା ଗାନ ଦ୍ୱାରା ଐତିହ୍ୟ ବ ୍ ରହିବା, (ଚ) ନୃତ୍ୟ-ଗୀତ ପରିବେଷଣ ଦ୍ୱାରା କଳାତ୍ମକ ଦୃଷ୍ଟିଭଙ୍ଗୀର ବିକାଶ, (ଛ) ଏହା ଏକ କୃଷିଭି ିକ ସଂସ୍କୃତିର ଭି ି ସ୍ଥାପନ କରିବା ଇତ୍ୟାଦି ।

ପ୍ରକୃତିରେ ସାମାଜିକ, ସାଂସ୍କୃତିକ, ମନୋବୈଜ୍ଞାନିକ ଓ ଗଣତାଂତ୍ରିକ ଭାବରେ ଆତ୍ମିକତାର ଉପଲବ୍ଧି ପାଟଖଣ୍ଡା ପର୍ବର ପ୍ରମୁଖ ଦିଗ । ତେବେ ବିସ୍ମିତ ହେବାକୁ ପଡ଼େ କେଉଁ ପ୍ରାଚୀନ କାଳରୁ ତାହା ଅପରିବ ର୍ିତ ଭାବେ ପୀଢ଼ି ପରେ ପୀଢ଼ି ତାର ସ୍ୱାତଂତ୍ରତା ବଜାୟ ରଖିଛି । ଏବେବି ସେମାନେ ବିଶ୍ୱାସ କରନ୍ତି- ପାଟଖଣ୍ଡା ମହାପ୍ରଭୁ ହେଉଛନ୍ତି ଏମିତି ଜଣେ ପରମ ପୁରୁଷ ଯିଏ କି ବିଶ୍ୱକୁ ବଦଳାଇବାର ସାମର୍ଥ୍ୟ ରଖିଛନ୍ତି ଏବଂ ମାନବ ଶରୀରର ରୂପାନ୍ତରଣ ମଧ୍ୟ ସେ କରିପାରନ୍ତି । ପ୍ରକୃତରେ ବଣ୍ଡାର ଏହି ଶାଶ୍ୱତା ବ୍ୟାକୁଳତାର ପରିସମାପ୍ତି ନାହିଁ ।

(ଏହି ନିବନ୍ଧଟିରେ ବର୍ଣ୍ଣିତ ଅଧିକାଂଶ ତଥ୍ୟ ଲେଖକଙ୍କ ଦ୍ୱାରା ସଂଗୃହୀତ । ସୌଭାଗ୍ୟବଶତଃ ୨୦୦୯ ମସିହାରେ ପାଟଖଣ୍ଡା ପର୍ବ ଓ ଦାମଲଦେଇ ଯାତ୍ରା ଦେଖିବାର ସୁଯୋଗ ମିଳିବା ସହିତ ଦୀର୍ଘ କୋଡ଼ିଏ ବର୍ଷର ଜନଜାତି ଗବେଷଣା ତଥ୍ୟ ଆଧାରିତ ।)

## ସହାୟକ ଗ୍ରନ୍ଥସୂଚୀ


1. Elwin, verrier; Bondo Highlander, Oxford University Press, 1950
2. Elwin, verrier; Tribal Myths of Odisha, Vol-I & II, Prafulla Pathagara, 2012
3. ପାତ୍ର ଦେବାଶିଷ; ମୁଦୁଲିପଡ଼ାର ଲୋକେ, ସଂଶ୍ରିତା ପ୍ରକାଶନୀ, ଭୁବନେଶ୍ୱର, ୨୦୧୦
4. ପାତ୍ର ଦେବାଶିଷ; ରେମୋ: ବଣ୍ଡା ଜୀବନ ଓ ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨୦୧୭
5. Patra, Debashis; The Village of Mahua Flowers, Ka Publication, New Delhi, 2014



**ସହକାରୀ ପ୍ରଫେସର**

**ସ୍ନାତକୋ ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**

**ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର-୩**

**ଯୋଗାଯୋଗ - ୭୯୭୮୯୦୩୩୪୫, E. Mail – dr.debashispatra@gmail.com**

# ଗାଦବା ଜନଜାତିର ରୀତିନୀତି

**ପ୍ରମୋଦିନୀ ହୋତା**

ପାଳି ଭାଷାର ଜନ୍ମ ସ୍ଥଳ ବ ର୍ମାନ ଓଡ଼ିଶାର ଦକ୍ଷିଣା ଳ ଯେଉଁଠି ଆନ୍ଧ୍ରର ଖମାମ ଜିଲ୍ଲା । ଛତିଶଗଡ଼ର ବସ୍ତର, ଓଡ଼ିଶାର କୋରାପୁଟ, କଳାହାଣ୍ଡି ଏବଂ ମାଲକାନଗିରି ଜିଲ୍ଲାର ଶାଖାନଦୀର ସମଷ୍ଟିରେ ସୃଷ୍ଟି ହୋଇଥିବା ଗୋଦାବରୀ ନଦୀ । ବନପଥରେ ପାହାଡ଼ ସମଷ୍ଟିମୟ ଅ ଳକୁ ନେଇ ଗଠିତ ହୋଇଥିବା ଦଣ୍ଡକ ରାଜାଙ୍କ "ଦଣ୍ଡକ ରାଜ୍ୟ" । ବନବାସୀମାନେ ଏହାକୁ ପମ୍ପାଗଡ଼ ବୋଲି କହିଥାନ୍ତି । ପୌରାଣିକ ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ, ଗାଦବାମାନେ ମର୍କଟ ଗୋଷ୍ଠୀର । ଏମାନେ ଓଡ଼ବାଡ଼ି ମଣ୍ଡଳରେ ବାସ କରୁଥିଲେ । ଭୂଷଣ୍ଡି ରାମାୟଣରେ ବର୍ଣ୍ଣିତ –

"ଇତି ତସ୍ମାତ୍ ବରଂଲବ୍ଧା ଦଣ୍ଡକାରଣ୍ୟବାସିନଃ
ସୁନୟଃ ତତ୍ର ସିଦ୍ଧାର୍ଥଃ ତସ୍ତୁଃ୍ମନ ପରାୟଣାଃ ।।"

ଅବିଭକ୍ତ କୋରାପୁଟ ଜିଲ୍ଲା ଗଠନ ହେଲାପରେ ଏଠାରେ ଆର୍ଯ୍ୟ, ଦ୍ରାବିଡ଼, ଅନାର୍ଯ୍ୟ (ଜନଜାତି) ର ତ୍ରିବେଣୀ ସଂଗମ ହେଲା । ଏଠାର ୬୨ ଜନଜାତିମାନଙ୍କ ମଧ୍ୟରୁ "ଗଦବା" ମାନେ ସର୍ବ ପୁରାତନ ଜନଜାତି । ଗଦବାମାନେ ଗୋଦାବରୀ ନଦୀର ଦଣ୍ଡକ୍ ରାଜ୍ୟରୁ ଆସି ଏଠାରେ ବସବାସ କଲେ । ଗଦବା ଶବ୍ଦ ଗାଦ ବା ଖାଲ ଶବ୍ଦ ସହିତ ଓ୍ୱ ଶବ୍ଦ ସଂଯୋଜନାରୁ ଉତ୍ପନ୍ନ । ପ୍ରଥମେ ଗଦବାମାନେ ଗୋଦାବରୀ ଅବବାହିକାରୁ ଆସି ଜୟପୁରର ରାଜଧାନୀ ନନ୍ଦପୁରରେ ବସବାସ କଲେ । ତା'ପରେ ଦଳବଦ୍ଧ ଭାଗରେ ଅବିଭକ୍ତ କୋରାପୁଟ ଜିଲ୍ଲାର ପଟାଙ୍ଗି, ଲମତାପୁଟ, ସେମିଳିଗୁଡ଼ା, ଜୟପୁର, ବୈପାରିଗୁଡ଼ା, ନବରଙ୍ଗପୁରର କେତୋଟି ଅ ଳ, ମାଲକାନଗିରିର କେତୋଟି ଅଂଚଳରେ ବସବାସ କଲେ । ଗାଦବାମାନେ ମୁଣ୍ଡାରୀ ଗୋଷ୍ଠୀର ଅର୍ଥାତ୍ ଯେଉଁମାନେ କାନ୍ଧରେ ବୋଝ ବୋହି ଚାଲିଥାନ୍ତି ସେମାନେ ଗାଦବା । ରାଜାଙ୍କ ଶାସନ ସମୟରେ ଗଦବା ମାନେ ରାଜାଙ୍କ ପାଲିଙ୍କି ବୋହୁଥିଲେ । ଅଷ୍ଟ୍ରୋ-ଏସିଆଟିକ୍ ଭାଷା ମାନ୍ୟତା ପାଇଥିବା ଗୁଟୋବ୍ ହେଉଛି ଗାଦବା ଭାଷା । ଏହାର ଅର୍ଥ "ଗୁତ୍‌ବ୍‌ଶାମ" । ଏମାନେ ବିଶ୍ୱାସ କରନ୍ତି ଯେ, ମୁଣ୍ଡ ଉପରେ ଧରମୁ ଦେବତା, ପାଦତଳେ ଧରତନୀ ମାଇ (ମାତା) ରହିଛି, ଚତୁର୍ଦ୍ଦିଗ ବଣ ଜଙ୍ଗଲ ଘେରା ବନାନୀ ପର୍ବତମାଳା । ଗାଦବା ମାନେ ବଣଜଙ୍ଗଲରେ ବାସ କରନ୍ତି । ଏମାନେ ସରଳ, ଅମାୟିକ, ଛନ୍ଦକପଟ ବିହୀନ, ଅସତ୍ୟ, ଅହଙ୍କାରରୁ ଦୂରରେ ରହି ନିରାଡ଼ମ୍ବର ଜୀବନଯାପନ କରିଥାନ୍ତି । ଗାଦବା ମାନେ ପ୍ରଥମେ ଧାନ ଚାଷ କରିଥିଲେ । ଆଜି ମଧ୍ୟ ପ୍ରଥମ ବିହନ ବୁଣି "ବିହନ ଉତ୍‌ରାନୀ" ପରବ ପାଳନ କରନ୍ତି । ଗାଦବାମାନେ ପା ଭାଗରେ ବିଭକ୍ତ । ୧) ବଡ଼ ଗାଦବା, ୨) ସାନ ଗାଦବା, ୩) ପାରେଙ୍ଗା ଗାଦବା, ୪) ଓଲାର ଗାଦବା, ୫) କାପୁ ଗାଦବା । ଗାଦବା ମାନେ ଗୁତ୍‌ବ, ଓଲାରୀ ଏବଂ ଗୋରୁମ୍ ଭାଷାରେ କଥାବା ର୍ା କରିଥାନ୍ତି । ଶିରା ପୂଜାରୀ, ଗୁରୁମାଇ, ଚାଲାଣ, ଜାନି, ରୋଗବ୍ୟାଧି, ଭୂତପ୍ରେତ, ଡ଼ାହାଣୀ, ଚିରୁଗୁଣୀ ଠାରୁ ତନ୍ତ୍ରମନ୍ତ୍ର, ବିଦ୍ୟା ପ୍ରୟୋଗ କରି ଗାଦବା ସଂପ୍ରଦାୟକୁ ରକ୍ଷା କରିଥାନ୍ତି । ଗାଦବା ମାନେ ନାଗବଂଶ ଏବଂ ବାଘବଂଶର । ନାଗବଂଶ ହେଲେ କାଙ୍ଗରା ପାଡ଼ିଆ, ଆଲାଙ୍ଗ ପାଡ଼ିଆ,

ଦେଉଳ ପାଡ଼ିଆ, ସିଲ୍ ପାଡ଼ିଆ, କାଲା ପାଡ଼ିଆ, ବାଲା ପାଡ଼ିଆ । ବାଘ ବଂଶ – ସାଙ୍ଗିମା, ମିସିଂ, ରୁଡ଼ାଇ, ତାରବ୍, ମୁର୍ଜ୍ୟା, ଲେଞ୍ଜିଆ, ସିର୍, ମେଲିଆ, ସିକର ଗୁସ୍‌ତସ୍, ପୁଷବ, କୁବ୍, ଗୁତାଇ ଏବଂ ଅଇଲେଙ୍ଗ । ଏମାନେ ଧାନ, ମାଣ୍ଡିଆ, ସୁଆଁ, ଜନା, କରଡ଼ି, ନାନା ପ୍ରକାର ଛତୁ, କନ୍ଦା, ବଡ଼ ମୂଷା, ସମ୍ବର, ଛେଳି, ମେଣ୍ଢା, ଘୁଷୁରୀ ମାଂସ, ଚଢ଼େଇ, କୁକୁଡ଼ା ମାଂସକୁ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ବେ   ପରବରେ ନିଜସ୍ୱ ରୀତିନୀତି ଅନୁସାରେ ବସ୍ତ୍ର ପିନ୍ଧି ବେ   କରିଥାନ୍ତି ।

ଅନ୍ୟାନ୍ୟ ଜନଜାତିମାନଙ୍କ ମଧ୍ୟରେ ଗାଦବା ଜନଜାତିର ଜନ୍ମ, ମୃତ୍ୟୁ, ପର୍ବପର୍ବାଣୀ, ବିବାହ, ନୃତ୍ୟଗୀତ, ବାଦ୍ୟ, ଦେବଦେବୀ, ଧର୍ମାଚାର, ରୀତିନୀତିରେ ବିଶିଷ୍ଟତା ରହିଛି । ମନ୍ତ୍ରଯନ୍ତ୍ର, ଗୁଣିଗାରେଡ଼ିରେ ଏମାନେ ବିଶ୍ୱାସ କରିଥାନ୍ତି । ରୀତିନୀତି ଅନୁସାରେ ସେମାନଙ୍କ ନିଜସ୍ୱ ପୂର୍ବପୁରୁଷଙ୍କୁ ଉପାସନା କରିଥାନ୍ତି । "ଡୁମାକୁ" (ପ୍ରେତାତ୍ମା) କୁ ବିଶ୍ୱାସ କରନ୍ତି । ଗ୍ରାମରେ ସଂକ୍ରାମକ ରୋଗହେଲେ ଦିଶାରୀକୁ ଡ଼ାକି ମାଟିର ଗୋଟିଏ ଶଗଡ଼ ତିଆରି କରି ସେହି ଶଗଡ଼ରେ ମାଟିରେ ପ୍ରସ୍ତୁତ ଘୋଡ଼ା, ହାତୀ, ବଳଦର ମୂର୍ତ୍ତି ରଖି ଶଗଡ଼କୁ ତିନି ଛକି ରାସ୍ତାରେ ରଖିଥାନ୍ତି । ସେଠାରେ ଛେଳି, ଘୁଷୁରୀ, ପାରା ବଳି ଦେଇଥାନ୍ତି । ଜ୍ୱର ହେଲେ ଦିଶାରୀ, ଗୁରୁମାଇ ମନ୍ତ୍ର ପଢ଼ନ୍ତି । ଦିଶାରୀ ମନ୍ତ୍ରସୂତାକୁ ରୋଗୀର ହାତରେ ବାନ୍ଧିଦିଏ । ଚନ୍ଦ୍ର ଦେବତାଙ୍କୁ ପୂଜା କଲେ ସେମାନେ ଭାବନ୍ତି ଜ୍ୱର ହୁଏ ନାହିଁ । ରୀତିନୀତି ଅନୁସାରେ ଦେବଦେବୀ, ଗଙ୍ଗାଦେବୀ, ଗାଁ ଠାକୁରାଣୀ, ହୁଣ୍ଡୀ ଦେବତା, ନିଶାଣ ମୁଣ୍ଡି, ଧାରଣୀ ଦେବତା, ଦୁଆର ମୁଣ୍ଡିଆଣି, ସତୀ ସାତଭଉଣୀ, ବିରଖମ୍ଭ, ବାରାଳି, ଲଦା ଲଦିଆଣୀଙ୍କୁ ପୂଜା କରନ୍ତି । ଏମାନଙ୍କର ଅନେକ ଦେବତା କାଠ ଓ ପଥରରେ । ଧାଙ୍ଗଡ଼ା ଧାଙ୍ଗଡ଼ି ବସାରେ ଗୋଷ୍ଠୀ, ଯୌନ ଜୀବନର ଶୃଙ୍ଖଳ, ଆଚାର ବ୍ୟବହାର ନୀତିଗୁଡ଼ିକ ରହିଥାଏ । ଦେବତା ଆରାଧନା, ନାଚଗୀତ ସାମାଜିକ ଜୀବନର ବ୍ୟବସ୍ଥା ଶିକ୍ଷା ଦିଆଯାଏ । ଢ଼ୋଲ, ଟମକ, ଟୁଡୁବୁଡ଼ି, ମହୁରୀ ବାଦ୍ୟରେ, ଢ଼େମସା, ମଣ୍ଡଳର ନୃତ୍ୟରେ ସାଇଁଲୋଡ଼ି ଗୀତରେ ବିମୋହିତ ହୋଇ ନିଜକୁ ହଜାଇ ଦେଇଥାନ୍ତି । ଏକକ ଗାନ ଏବଂ ଗାନ ସମୂହ ରହିଛି କେତେ ଗୀତରେ ବାଜା ବଜାଯାଏ ଏବଂ କେତେକ ଗୀତରେ ବାଜା ବଜାଯାଏନାହିଁ ।

**ଜନ୍ମ ସଂସ୍କାର**

ଜନ୍ମ ସଂସ୍କାରରେ ରୀତିନୀତିରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ । ଗର୍ଭବତୀ ସ୍ତ୍ରୀର ପ୍ରସବ ସମୟରେ "ବଣ୍ଡକି ଡ଼କ୍ରୀ" (ଧାଇ) ଡ଼କାଯାଏ । ଛୁଆର ଜନ୍ମ ନାଡ଼ିକୁ ବାଡ଼ିରେ ପୋତାଯାଏ । ଜନ୍ମିତ ଶିଶୁର ନାଭିକୁ କୁଟ୍ରାମାରିବା ତୀରରେ କଟାଯାଏ । ନାଭି ଝଡ଼ିଗଲେ ଦୁଆର ବନ୍ଧର ତଳେ ମାଟିରେ ପୋତାଯାଏ । ଦୁଆର ମୁଣ୍ଡିଆଣୀଙ୍କୁ ପୂଜା କରାଯାଏ । ଛୁଡ୍ରିକା ପରେ ବାନା ଭୂରୁବା ବିଧି କରାଯାଏ । ଘରେ କଳା ଗୁଣ୍ଡରେ ମୁରୁଜ ମିଶାଇ ଚିତା ପକାଯାଏ । ଚିତା ଉପରେ ପଣସ ପତ୍ର ରଖି ତା'ଉପରେ ଏକ କଙ୍କଡ଼ାକୁ ଖୋଳପା ଛଡ଼ାଇ ରଖାଯାଏ । ଏକ ନୂଆ ଛୋଟ ମାଟିହାଣ୍ଡିରେ ଭାତରାନ୍ଧି କଙ୍କଡ଼ା ରଖିଥିବା ପଣସ ପତ୍ରରେ ବଢ଼ାଯାଏ । ଦିଶାରୀ ଚାଉଳ ପକାଇ ବାବା ଡୁମା, ମାମାଡୁମା, ଆନିଡୁମା ନାମଧରି ପୂର୍ବପୁରୁଷମାନଙ୍କୁ ଡ଼ାକି ନିମନ୍ତ୍ରଣ କରୁଥାଏ । ଚାଉଳ କୁକୁଡ଼ା ପାଖରେ ପକାଉଥାଏ ଯଦି କୁକୁଡ଼ା ଚାଉଳ ଖାଏ ତେବେ ଗାଦବା ମାନେ ବିଶ୍ୱାସ କରନ୍ତି ଡୁମା ବା ପିତୃପୁରୁଷ ପୁତ୍ର ବା କନ୍ୟା ଭାବରେ ଜନ୍ମଲାଭ କରିଛନ୍ତି ବୋଲି ଗୀତ ଗାଇ ଆନନ୍ଦ ଉଲ୍ଲାସରେ ଭୋଜଭାତ କରି ଖାଇଥାନ୍ତି । ଏକ ମାସ ମଧ୍ୟରେ ଜନ୍ମିତ ଶିଶୁ ଝିଅ ହୋଇଥିଲେ ତା' ମୁଣ୍ଡରେ ପାଣି ମାଠିଆ ତଳେଥିବା

ପାଳର ଗୋଲ ବିଡ଼ାକୁ ରଖାଯାଏ । ଶିଶୁପୁତ୍ର ହୋଇଥିଲେ ତା' କାନ୍ଧରେ ଟାଙ୍ଗିଆ ରଖାଯାଏ । ନାଉଦିଆନି (ନାମଦିଆ) ଦିନ କେତେକ ସ୍ଥାନରେ ପୁଅଝିଅଙ୍କୁ କୁକୁଡ଼ା ହାଡ଼, ଶରଗିପତ୍ର ବିଡ଼ା, ଦାନ୍ତକାଠି କାନ୍ଧରେ ରଖାଯାଏ । କେତେକ ସ୍ଥାନରେ ଗୋଟିଏ ଗାତ ଖୋଳାଯାଏ । ଗାତର ତିନି ଦିଗରେ ଡ଼ାଳ ପୋତାଯାଏ । ସେହି ଗାତ ଉପରେ ସେ ମା'ଶିଶୁକୁ ଗାଧୋଇ ଦିଏ । ଏକ ବର୍ଷ ପରେ ଶିଶୁ ଚାଲିଲେ ଦୋଛକି ବାଟରେ ଧଳା କୁକୁଡ଼ା ବଳି ଦେଇ ମୁଣ୍ଡକୁ ଲଣ୍ଡା କରିଥାନ୍ତି ।

## ମୃତ୍ୟୁ ସଂସ୍କାର

ଗର୍ଭବତୀ ସ୍ତ୍ରୀ ମୃତ୍ୟୁବରଣ କଲେ ଗୋଟିଏ ମୂଷା ଧରି ନଈ ବା ଝରଣା କୂଳରେ ମୃତସ୍ତ୍ରୀର ନାମରେ ବଳଦ ବଳି ଦିଆଯାଏ । ଶିଶୁ ଜନ୍ମ ପରେ ଯଦି ସ୍ତ୍ରୀ ମରିଯାଏ, ତେବେ ଦିଶାରୀ ନଅଗୋଟି ଲୁହାକ ।, ଦୃଷ୍ଟି ଔଷଧ ନେଇ ଖୁ ି ପୋତିଥାଏ । ଶ୍ମଶାନ, ରାସ୍ତା, ଗୃହରେ ଖୁ ି ପୋତା ହୋଇଥିବା ଫଳରେ ଡୁମା ଗୃହକୁ ପ୍ରବେଶ କରିପାରେ ନାହିଁ । ଗତର୍ ହେଉଛି ଗାଦବାମାନଙ୍କର ବଡ଼ ମେଳା । ଏହାକୁ ଗତର୍ ମେଲିବା କୁହାଯାଏ । ସେହି ସ୍ଥାନକୁ ଗତର୍ ମୁଣ୍ଡା ବୋଲି କୁହନ୍ତି । ଗତର୍ ମାଘ ମାସରେ ହୁଏ । ବିଗତ ଚାରି ପା  ବର୍ଷ ଭିତରେ ମୃତ୍ୟୁବରଣ କରିଥିବା ଆତ୍ମୀୟମାନଙ୍କ ଡୁମା (ପ୍ରେତ)ମାନଙ୍କର ତୃପ୍ତି ତଥା ମୁକ୍ତି ନିମନ୍ତେ ସାମୁହିକ ଶ୍ରାଦ୍ଧ କରାଯାଏ । ଏଥିରେ ୫ ବର୍ଷ ମ୍ଭରେ ଯେତେ ଜଣ ପୁରୁଷ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ନାମରେ ଗୋଟିଏ ଗୋଟିଏ ପୋଢ଼ ଓ ଯେତେଜଣ ସ୍ତ୍ରୀଲୋକ ମୃତ୍ୟୁବରଣ କରିଛିନ୍ତି ପ୍ରତ୍ୟେକଙ୍କ ନାମରେ ଗୋଟିଏ ଗୋଟିଏ ମଇଁଷି କିଣାଯାଏ । ଗତର୍ ପୂର୍ବରୁ ପୋଢ଼ ଓ ମଇଁଷିମାନଙ୍କୁ ଭାତ, ମାଂସ, ମଦ, ପେଣ୍ଡମ୍ ଆଦି ଖାଇବାକୁ ଦିଆଯାଏ ଏବଂ ବିଭିନ୍ନ ରଙ୍ଗୀନ ପୋଷାକରେ ସଜ୍ଜିତ କରାଯାଇଥାଏ । ଗତର୍‌ର ପୂର୍ବ ଦିନ ମଇଁଷିକୁ ବା ପୋଢ଼କୁ କୁଣ୍ଢାଇ ଧରି ସଂପର୍କୀୟମାନେ ଗତର୍ ଗୀତ ଗାଇ କାନ୍ଦିଥାନ୍ତି । ପରମ୍ପରା ଅନୁସାରେ ଗତର୍ ପୋଢ଼ ବା ମଇଁଷିକୁ ନାନା ପ୍ରକାର ନାମକରଣ କରାଯାଏ । ଯଥା :- ଖୁ ି ପୋଢ଼, ରାହୁ ପୋଢ଼, ପାଞ୍ଜିଆ ପୋଢ଼, ପୁରାଣି ପୋଢ଼ । ଖୁ ି ପୋଢ଼ ଗତର୍ ପୋଢ଼ର ପ୍ରଧାନ ପୋଢ଼ । ଗାଁର ମୁଖିଆ, ନାୟକ ମରିଥିଲେ ତା ନାଁରେ ପୋଢ଼ କିଣାଯାଏ । ରାହୁପୋଢ଼ ଗତର୍ ଦିନ ଯେଉଁ ବ୍ୟକ୍ତି ପାହାନ୍ତିଆରେ ମରିଯାଏ । ପାଞ୍ଜିଆ ପୋଢ଼ ସ୍ତ୍ରୀ ନାମରେ ସ୍ତ୍ରୀର ବାପାମା' କିଣି ଆଣିଥିବା ମଇଁଷି ତା'ର ସ୍ୱାମୀଘରକୁ, ପୁରାଣି ପୋଢ଼ ମୃତ ଶାଶୁ, ଶ୍ୱଶୁର ନାଁରେ ଜୋଇଁ କିଣିଥିବା ପୋଢ଼ ଏବଂ ମଇଁଷି ।

ଶିମୁଳି ଗଛରେ ଖୁ ି କରି ପୋଢ଼ମାନଙ୍କୁ ବନ୍ଧାଯାଇଥାଏ । ଏହାକୁ ଶିମୁଳି ମୁଣ୍ଡା କୁହାଯାଏ । ରାହୁ ପୋଢ଼କୁ ଭୋର୍‌ରୁ ବନ୍ଧାଯାଏ । ପ୍ରଥମେ ତା'ର ଦୁଇ ପଖାକୁ ଦୁଇ ଚୋଟ ହାଣି ଛାଡ଼ି ଦିଆଯାଏ । ପୋଢ଼ ପ୍ରାଣ ବିକଳରେ ଦୌଡ଼ୁଥାଏ । ତା' ପଛରେ ଲୋକମାନେ ଦୌଡ଼ି ପୋଢ଼କୁ ହାଣୁଥାନ୍ତି । ଶେଷରେ ପୋଢ଼କୁ ହାଣି ତା'ର ଅନ୍ତ, ଜିଭ, ହୃତପିଣ୍ଡ ଟାଣି ଆଣନ୍ତି । ପୋଢ଼ର କଲିଜା ଏବଂ ଜିଭକୁ ଔଷଧ ଭାବରେ ବ୍ୟବହାର କରାଯାଏ ଏବଂ ମାଂସକୁ ଖାଇଥାନ୍ତି । ଅନ୍ତନାଡ଼ିକୁ ଭଲ ଫସଲ ପାଇଁ ବିଲରେ ପୋତିଥାନ୍ତି । ସନ୍ଧ୍ୟା ସମୟରେ ପାଞ୍ଜିଆ ପୋଢ଼ ଏବଂ ଅନ୍ୟାନ୍ୟ ପୋଢ଼କୁ ମାରି ତା'ର ଶରୀରର ଜିଭ, କଲିଜା ମଧ୍ୟ ଔଷଧ, ମାସଂକୁ ଖାଆନ୍ତି ଏବଂ ଅନ୍ତନାଡ଼ିକୁ 'ସଲ ଭାବରେ ଜମିରେ ପୋତାଯାଏ । ଶେଷରେ ପୋଢ଼ ବା ମଇଁଷିର ହାଡ଼ ରହିଥାଏ । ଏହାର ଚରୁଭାଇ ମଧ୍ୟରେ ବ ।ଯାଏ । ସମବେତ ଲୋକ ପୋଢ଼ମରା ମେଳାରେ ଭାଗନେଇଥାନ୍ତି । ଗତର୍

ମେଳା ପଡ଼ିଆରେ ଖଜା ପିଠା, ବିଭିନ୍ନ ପ୍ରକାର ଦୋକାନ ଖୋଲାଯାଏ । ଲୋକମାନେ ମାତାଲ ହୋଇ ପେଣ୍ଡମ୍, ଲଦା, ମହୁଲି ପିଇ, ଢ଼ୋଲ ଢ଼ମକ, ମହୁରୀର ତାଳେ ତାଳେ ଢ଼େମ୍ସା ନୃତ୍ୟରେ ନିଜକୁ ହଜାଇ ଦେଇଥାନ୍ତି । ଏହା ଫଳରେ ପିତୃପୁରୁଷମାନେ ଶାନ୍ତି ହୋଇଥାନ୍ତି ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ମାଛକୁଣ୍ଡ ଅଂଚଳରେ ଅରଗାନ୍ ଗତର୍ ବାଳକ ବାଳିକା ମାନେ ପାଳନ କରିଥାନ୍ତି । ରାସ୍ତାରେ ପଥର ପୋତିଥାନ୍ତି । ବଡ଼ ବଡ଼ କଙ୍କଡ଼ା ନଦୀରୁ ଧରି ଆଣି ପଥରରେ ସୂତାକୁ ବାନ୍ଧି କିଛି ସମୟ ପରେ କଙ୍କଡ଼ାକୁ ଖୋଲି ଦିଆଯାଏ, କଙ୍କଡା ଚାଲି ଚାଲି ଯିବା ସମୟରେ ପଥରେ ମାରି ତା'ର ମାଂସକୁ ଆଣି ଭୋଜିକରି ଖାଇଥାନ୍ତି ।

## ପର୍ବପର୍ବାଣୀ

ଗାଦବାମାନଙ୍କର ଚୈତ୍ର ମାସରେ ବେ   ପରବ, ଆଷାଢ଼ ମାସରେ ଛେକି ପରବ, ଶ୍ରାବଣ ମାସରେ କ୍ଷେତ ପୂଜା, ଭାଦ୍ରବ ମାସରେ ନିଶାନି, ଆଶ୍ୱିନ ମାସରେ ଜାଗର ପର୍ବ, କାର୍ି କ ମାସରେ ଦିଆଲି, ପୁଷ ମାସରେ ପୁଷ ପରବ । କିନ୍ତୁ ଲମତାପୁଟର ଗାଦବାମାନେ ଏବଂ କୋରାପୁଟର ଗାଦବା ମାନେ ଶ୍ରାବଣ ମାସରେ ବାଘ ପୂଜନ ପର୍ବ ପାଳନ କରିଥାନ୍ତି । ଏହି ପର୍ବ ରବିବାର ଦିନ ପାଳିତ ହୁଏ । ଗ୍ରାମର ଗାଣ୍ଡା, ପୂଜାରୀ, ଚାଲାଣ, ଦିଶାରୀ, ଗୁରୁମାଇ, ଘୁଷୁରୀ, ଖଇରା କୁକୁଡ଼ା, ଧଳା କୁକୁଡ଼ା, ଅଣ୍ଡା, ୩ଟି ଦୀପ, ଜଡ଼ାତେଲେ, ଲାଲ ସିନ୍ଦୁର, ଲଡୁ ମୁଆଁ, ଅଗରବତୀ, ଝୁଣା, ଗାଈକ୍ଷୀର, କଦଳୀ, ନଡ଼ିଆ, ଫୁଲ ନେଇ ଟଟାଖାଲ (ପୂଜାସ୍ଥଳୀ) ନିକଟକୁ ଯାଆନ୍ତି । ସେଠାରେ ଗୋବରରେ ଲିପି ମୁରୁଜ ୪ଟି କୋଠରୀ ତିଆରି କରନ୍ତି । ପ୍ରଥମ କୋଠରୀ ହେଉଛି ମାଂସ, ବଡ଼ା, ବଳିସ୍ଥଳ, ସ୍ଥାନ । ବଳି ପୂର୍ବରୁ ଏଠାରେ ଆକତ (ଚାଉଳ) ଭୋଗ କୁକୁଡ଼ା ଅଣ୍ଡା ଭୋଗ ହୁଏ, ଦୀପ ଜଳାଯାଏ । ଦ୍ୱିତୀୟ କୋଠରୀରେ ପୂଜାରୀ ଦିଶାରୀ ବସି ପୂଜା କରିଥାନ୍ତି । ତୃତୀୟ ଏବଂ ଚତୁର୍ଥ କୋଠରୀରେ ଆକତ ଦୀପ ଜଳାଯାଏ । ଏଠାରେ ରୀତି ଅନୁସାରେ କାମିନୀ ଦେବତାଙ୍କୁ କୁକୁଡ଼ା ଅଣ୍ଡା, ନାଗ ଦେବତାଙ୍କୁ ଖଇରା କୁକୁଡ଼ା, ଖ୍ଲ (ବାଘ) ଦେବତାଙ୍କୁ ଧଳା କୁକୁଡ଼ା, ଛେଳି ପୂଜା କରାଯାଇ ବଳି ଦିଆଯାଏ । ନାରୀମାନଙ୍କୁ ଏହି ପୂଜା ପାଇଁ ନିଷେଧ । ମନ୍ତ୍ର ପଢ଼ାଯାଏ ନାହିଁ । ବାଘକୁ ପୂଜାକରି ପୂଜାରୀ କହୁଥାଏ - ତକେ ପୂଜା ଦେଲୁସ୍ନି, ତୁଇ ମାଉସ, ଖାଦି କରି ରୁଆ, ଗାଇ ବଳଦ, ମନକେ ଡ଼ରା ବୁଝା କରବୁସ୍ ନାଇ, ଟକି ପିଲା ମନକେ ଡରାବୁ ନାହିଁ । ସରୁଭାତ ପୂଜାରେ ବଳି ଦେଇଥିବା ମାଂସକୁ ଜାତି, ଗୋତ୍ର, ବଂଶ ସରୁଭାଇ ବ  ।ବି କରି ଖାଇବେ, ସେମାନଙ୍କୁ ନାନା ବ୍ୟାଧି ରୋଗ ହେବ ବୋଲି ରୀତିନୀତି ରହିଛି ।

## ବିବାହ

ଗାଦବାମାନଙ୍କ ବିବାହ ଚାରି ପ୍ରକାରର । ଉଦ୍‌ଲିଆ ବିବାହ, ଘରଜୋଇଁ ବିବାହ, ବିଧବା ବିବାହ, ପଇସା ମୁଣ୍ଡି ବିବାହ, ମାଙ୍ଗନି ବିବାହର ରୀତିନୀତି ଗୁଡ଼ିକ ଅନ୍ୟ ଆଦିବାସୀମାନଙ୍କ ସହିତ ସାମଞ୍ଜସ୍ୟ ରହିଛି । କିନ୍ତୁ ଗାଦବାମାନଙ୍କ ମଧ୍ୟରେ ବାଲ୍ୟ ବିବାହ ନାହିଁ କି ବୃଦ୍ଧ ବିବାହ ନାହିଁ । ସମବୟସ୍କମାନେ ବିବାହ କରିଥାନ୍ତି । ପୁରୁଷ ମରିଗଲେ ମୃତ ବ୍ୟକ୍ତି ଭାଇ ଭାଉଜକୁ କଳାମାଳି, ସିନ୍ଦୁର ପିନ୍ଧାଇ ବିବାହ ଗାଦବାର ରୀତିନୀତିରେ ବିବାହ କରିଥାଏ । ଗାଦବାର ମାଙ୍ଗନି ବିବାହରେ ଦିଶାରୀ ଟିକା ଦିଏ, ହୁଳହୁଳି ଦେଇଥାଏ, ଚାଲାନ୍‌କୁ କହିଥାଏ । ବିବାହ କର୍ମ ସମାପ୍ତି ପରେ ଦିଶାରୀ ଚାଉଳ ଓ କୁଣ୍ଡିରେ ଥିବା ପାଣି (ନିତା ହାଣ୍ଡିପାଣି) କୁ ବରକନ୍ୟା ଉପରେ ମନ୍ତ୍ର ଉଚ୍ଚାରଣ କରି ପକାଇଥାଏ ।

## ଗୃହ ନିର୍ମାଣ

୧୦ ଜଣ ଗାଦବା ପୂଜାରୀ, ଦିଶାରୀ ସାଥିରେ ଗୃହ ନିର୍ମାଣ କରିବା ସ୍ଥାନକୁ ଯାଇଥାନ୍ତି । ସେଠାରେ ଦିଶାରୀ ପୂଜା କରି ଗୋଟିଏ କଳା କୁକୁଡ଼ାକୁ ଖୁ ିରେ ବାନ୍ଧି ଛାଡ଼ି ଦେଇଥାଏ । ସେଠାରେ ଗୋଟିଏ ସ୍ଥାନରେ ଦିଶାରୀ ପୁଞ୍ଜାଏ ଚାଉଳ ରଖି ତା' ଉପରେ ନୂଆହାଣ୍ଡିର ସରାକୁ ଘୋଡ଼ାଇ ଦିଏ ଚାଉଳ (ରୁକୁ) ଯଦି ଏଣେ ତେଣେ ପଡ଼ି ନଥାଏ ଏବଂ କୁକୁଡ଼ାଟି ଯଦି ଅକ୍ଷତ ଅବସ୍ଥାରେ ଥାଏ ତା' ପରଦିନ ଦିଶାରୀ ସେହି ସ୍ଥାନଟି ଗୃହ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ରୂପେ ବିବେଚନା କରିଥାଏ । ଗାଦବାମାନେ ସେଠାରେ ଗୃହ ନିର୍ମାଣ କାର୍ଯ୍ୟ କରିଥାନ୍ତି ।

## ବେଶଭୂଷା

ଏମାନେ କେରଙ୍ଗ ବସ୍ତ୍ର ପରିଧାନ କରିଥାନ୍ତି । ପୁରୁଷମାନେ ଅ ।ରେ ଅ ।ସୂତା ପିନ୍ଧନ୍ତି ଏବଂ ଅ ।ରୁ ଆଗକୁ ଝୁଲାଇ ଲେଙ୍ଗୁଟି ମାରନ୍ତି । ମହିଳାମାନେ ୨ଟି କେରଙ୍ଗ ବସ୍ତ୍ର ପିନ୍ଧନ୍ତି, ଗୋଟିଏ ଅ ।ରେ ଅନ୍ୟଟି ଦେହରେ ପକାଇ ଡ଼ାହାଣ କାନ୍ଧରେ ଗଣ୍ଠି କରିଥାନ୍ତି । ମୁଣ୍ଡରେ ଗୁଞ୍ଜମାଳି, କେଖ୍ନା, କାନରେ ଇରେସିସିଲ୍, କାନବଳା, ମୁଦି, ଦଣ୍ଡି ନାକରେ, ବେକରେ ଖାଗଳ, ହାତରେ ରସଖଡ୍ଡୁ, କଚଟି ଠାରୁ କହୁଣୀ ପର୍ଯ୍ୟନ୍ତ ପିନ୍ଧନ୍ତି । ପୁରୁଷମାନେ ଗୋଡ଼ବଳା, ମୁଦି, ଖଞ୍ଜାଲୁଳି, ଗିନିମାଳି, ବଇଟା, ଅ ।ସୂତା ପିନ୍ଧିଥାନ୍ତି ।

ଆଧୁନିକ ଯୁଗରେ ଗାଦବାମାନେ ଶିକ୍ଷିତ ହେଲେଣି ଏବଂ ସେମାନଙ୍କ ଜୀବନଧାରାରେ ମ୍ନ ପରିବ ର୍ନ ହେଲାଣି । ପାରମ୍ପରିକ ସଂସ୍କୃତିର ପରିବର୍ତନ, ଅପରାପର ସଂସ୍କୃତିର ଉତ୍‌ଥାନ, ପର୍ବ ପର୍ବାଣୀ, ବିବାହ, ରୀତିନୀତି ପ୍ରାୟତଃ ଲୋପ ପାଇଲାଣି । ତଥାପି ଏମାନଙ୍କର ପରମ୍ପରା, ପ୍ରଥା, ସାମାଜିକ ଆଦର୍ଶ, ଧର୍ମବିଶ୍ୱାସ ଭରା ଜୀବନ ଆଦି ମଧ୍ୟ ଅନେକ ସ୍ଥାନରେ ଦେଖିବାକୁ ମିଳେ । ଏମାନେ ପ୍ରକୃତରେ ଅମୃତର ସନ୍ତାନ, ପ୍ରକୃତିର ଉପାସକ ।

## ସଂଗୃହୀତ

୧) ମଧୁ ଗାଦବା – ଡ଼ଙ୍ଗରଛି୍
୨) ସକନୀ ଗାଦବା – ଲକ୍ଷ୍ମୀପୁର
୩) ଲଖନୀ ଗାଦବା – ଲମତାପୁଟ
୪) ଦେବୀ ପ୍ରସାଦ – ଜୟପୁର
୫) ସମନା ଗାଦବା – ବୈପାରୀଗୁଡ଼ା

**ଅତିରିକ୍ତ ପ୍ରଫେସର (ପ୍ରାକ୍ତନ ଶିକ୍ଷା ବିଭାଗ)**
**ପାଇଲସାହି, ଜୟପୁର, ଜିଲ୍ଲା-କୋରାପୁଟ**
**ଯୋଗାଯୋଗ : ୯୪୩୭୦୭୯୯୦୨**

# ବାଥୁଡ଼ି ଜନଜାତିରେ ପରମ୍ପରାର ଚିତ୍ର

**ରାଜକିଶୋର ନାୟକ**

ଭାରତରେ ପ୍ରାଚୀନ କାଳରୁ ବାସକରି ଆସୁଥିବା ମାନବଗୋଷ୍ଠୀକୁ ଆମେ ସାଧାରଣତଃ 'ଆଦିବାସୀ' କହିଥାଉ । ଭାରତର ସମ୍ବିଧାନରେ ସେମାନଙ୍କୁ Scheduled Tribe ବା ଅନୁସୂଚିତ ଜନଜାତି ପରିଚୟ ଦିଆଯାଇଛି । ପ୍ରଖ୍ୟାତ ଔପନାସିକ ଗୋପୀନାଥ ମହାନ୍ତିଙ୍କ ମତରେ, ଆଦିବାସୀ ଗିରିଜନ ବୋଲି କୌଣସି ଗୋଟିଏ ବିଶିଷ୍ଟ ଜାତି ନାହିଁ । କେତେଗୁଡ଼ିଏ ଜାତିର ଲୋକଙ୍କୁ ଆଦିବାସୀ କୁହାଯାଇଛି, ସେତିକି ମାତ୍ର । ଇଂରେଜ ଅମଳରେ କେତେଗୁଡ଼ିଏ ଅରଣ୍ୟବାସୀ ଜାତିଙ୍କୁ ଟ୍ରାଇବ, ହିଲ୍ ଟ୍ରାଇବ ଆଦି କୁହାଯାଉଥିଲା । ସେମାନେ ନିଜର ସରଳତା, ଅଜ୍ଞତା ଓ ଯୁଗସଙ୍ଗେ ଖାପୁ ନ ଥିବା ଚଳଣି, ରୀତିନୀତି, ବିଶ୍ୱାସ ଆଦି ଲାଗି ବାରମ୍ବାର ଶୋଷିତ ହେଉଥିଲେ । ତେଣୁ ସେମାନେ ରହୁଥିବା ଅଂଚଳରେ ତାଙ୍କ ସଂରକ୍ଷଣ ଲାଗି କେତେକ ବିଶେଷ ଆଇନ୍ ଚାଲୁ ରହିବା ଲାଗି ସେ ଅଂଚଳଗୁଡ଼ିକୁ ଓ ସେ ଜାତିଗୁଡ଼ିକୁ ଅଲଗା ତାଲିକା ବା ସିଡ୍ୟୁଲଭୁକ୍ତ କରାଯାଇଥିଲା; ସେଥିରୁ ଉପୁଜିଲା Scheduled Tribe ବା ତାଲିକାଭୁକ୍ତ ଜନଜାତି ନାଁଟି । (୧)

ଓଡ଼ିଶାରେ ବାସ କରୁଥିବା ବିଭିନ୍ନ ଜନଜାତି ସମ୍ପ୍ରଦାୟ ନିଜର ସ୍ୱତନ୍ତ୍ର ଭାଷା, ସଂସ୍କୃତି ଓ ପରମ୍ପରାକୁ ନେଇ ଭିନ୍ନ ଭିନ୍ନ ପରିଚୟ ପାଇଥାନ୍ତି । ସୁତରାଂ, ପ୍ରଥା ଓ ପରମ୍ପରା ସେମାନଙ୍କ ଜୀବନର ସମ୍ବିଧାନ ହୋଇଥାଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେମାନେ ପରମ୍ପରା ଅନୁସରଣ କରି, ଜୀବନର ପ୍ରତ୍ୟେକ ସୋପାନ ପାରି ହୋଇଥାନ୍ତି । ପ୍ରଥା ଓ ପରମ୍ପରା ଆଦିବାସୀ ଜୀବନର ସର୍ବୋଚ୍ଚ ସୋପାନ ହୋଇଥାଏ । କୌଣସି ବ୍ୟକ୍ତି ପରମ୍ପରାର ପ୍ରାଚୀର ଭାଙ୍ଗିଲେ, ତାକୁ ସମାଜରୁ ବହିଷ୍କାର କରାଯାଏ କିମ୍ବା ଜୋରିମାନା କରାଯାଏ । ଆବଶ୍ୟକ ସ୍ଥଳେ ତାକୁ ବାସନ୍ଦ ମଧ୍ୟ କରିଥାନ୍ତି । ସମାଜକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବା ପାଇଁ ପ୍ରଥା ଓ ପରମ୍ପରାର ପରିପାଳନ ଅପରିହାର୍ଯ୍ୟ ମନେ କରାଯାଏ । ତେଣୁ ପରମ୍ପରା ଆଦିବାସୀ ସମ୍ପ୍ରଦାୟର ମୂଳବିନ୍ଦୁ ହୋଇଥାଏ । ଓଡ଼ିଶାରେ ବାସ କରୁଥିବା ୬୨ ବର୍ଗର ଆଦିବାସୀମାନଙ୍କ ମଧ୍ୟରୁ 'ବାଥୁଡ଼ି' ଏକ ସୁପରିଚିତ ଜନଜାତି ସମ୍ପ୍ରଦାୟ । ଏହି ଜନଜାତି ସମ୍ପ୍ରଦାୟ ମୟୂରଭଂଜ ଜିଲ୍ଲାର ମୂଳ ବାସିନ୍ଦା । ଶିମିଳିପାଳ ଜଙ୍ଗଲ ହେଉଛି ସେମାନଙ୍କ ଆଦିବାସ ଭୂମି । ବାଥୁଡ଼ି ଜନଜାତିର ସୃଷ୍ଟି ସମ୍ବନ୍ଧରେ ପ୍ରଖ୍ୟାତ ପ୍ରତ୍ନତ ୍ୱବିତ ନଗେନ୍ଦ୍ର ନାଥ ବସୁ ଶଙ୍କର 'Archaeological Survey of Mayurbhanj' ପୁସ୍ତକରେ ଉଲ୍ଲେଖ କରିଯାଇଛନ୍ତି । – In the beginning there was nothing but 'cilnya' and from the arms of cilnya Mahaprabhu sprang into existence their founder of their Tribe and it was for this that the Tribe come to be known as Bahuri or Bathuri (ବାଥୁଳି) । (୨) ଅର୍ଥାତ୍ ଶୂନ୍ୟ ମହାପ୍ରଭୁଙ୍କ ବାହୁରୁ ଯାତ ହୋଇଥିବା ହେତୁ ଜାତିର ନାମ 'ବାହୁରି' ବା 'ବାଥୁଳି' ହୋଇଥିବା ଜଣାଯାଏ । ଓଡ଼ିଶାର କେନ୍ଦୁଝର, ମୟୂରଭଂଜ, ଓ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ସମେତ ଝାଡ଼ଖଣ୍ଡରେ ମଧ୍ୟ ବାଥୁଡ଼ିମାନେ ବସବାସ କରନ୍ତି । ତତ୍କାଳିନ ଭଞ୍ଜ ରାଜାମାନଙ୍କ ରାଜତ୍ୱ ସମୟରେ ମୟୂରଭଂଜ ରାଜ୍ୟର ୨୨ ଜଣ ଜମିଦାରଙ୍କ ମଧ୍ୟରୁ ଚାରିଜଣ ବାଥୁଡ଼ି ସମ୍ପ୍ରଦାୟର ଥିଲେ । (୩) ୧୫୬୮ରେ ଓଡ଼ିଶାର ଶେଷ

ସ୍ୱାଧୀନ ରାଜା ମୁକୁନ୍ଦଦେବ, ବଙ୍ଗର ଆଫଗାନ ଶାସକ ସୁଲେମାନ୍ କର୍‌ରାନୀଙ୍କ ସହିତ ଯୁଦ୍ଧ ଲଢ଼ି ପରାସ୍ତ ହୋଇଥିଲେ । ଉକ୍ତ ଯୁଦ୍ଧରେ ବାଥୁଡ଼ି ଓ କୁଡୁମୀ ସମ୍ପ୍ରଦାୟର ସୈନ୍ୟମାନେ ମୁକୁନ୍ଦଦେବଙ୍କୁ ସାହାଯ୍ୟ କରିଥିଲେ । କବିଶେଖର ଚିନ୍ତାମଣି ମହାନ୍ତିଙ୍କ ମୁକୁନ୍ଦଦେବ କାବ୍ୟରେ ଏହାର ବର୍ଣ୍ଣନା ଦେଖିବାକୁ ମିଳେ ।

ଜଗନ୍ତି ଆଖଟେ ତହିଁ ବନ୍ୟବୀର ବର୍ଗ
ବାଥୁଡ଼ି କୁରମି ଆଦି ଉଜ୍ୱଳ କୃଷ୍ଣାଭ
ହସ୍ତେଧରି ପ୍ରକ୍ଷେଡ଼ନ ଚର୍ମ ଶିଞ୍ଜିନିତ
ଅବ୍ୟର୍ଥ ସନ୍ଧାନୀ ସର୍ବେ ଅବ୍ୟର୍ଥ ପ୍ରତିଜ୍ଞା । (୪)

ସୁତଂରା, ବାଥୁଡ଼ିମାନଙ୍କ ପରମ୍ପରାରେ ଥିବା ବୈଶିଷ୍ଟ୍ୟ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ୨୦୧୧ ମସିହା ଜନଗଣନା ଅନୁସାରେ ଓଡ଼ିଶାରେ ବାଥୁଡ଼ି ଜନସଂଖ୍ୟା ୨୧୭୩୯୫ । ଶିକ୍ଷା କ୍ଷେତ୍ରରେ ପୁରୁଷ ଶିକ୍ଷାହାର ୫୨.୨୭% ଏବଂ ହାରାହାରି ଶିକ୍ଷାହାର ୭୫.୭୪% ଥିଲାବେଳେ, ମହିଳା ଶିକ୍ଷାହାର ୫୨.୨୭% ଏବଂ ହାରାହାରି ଶିକ୍ଷାହାର ୬୩.୭୧%ରେ ପହଁଚି ପାରିଛି । (୫) କୃଷି ବାଥୁଡ଼ିମାନଙ୍କ ମୁଖ୍ୟ ପେଷା । ତେଣୁ ସେମାନଙ୍କ ପରଂପରାରେ କୃଷିର ଦେବତା 'ବଡ଼ାମ ଠାକୁର' ବଡ ଠାକୁରର ମାନ୍ୟତା ପାଇଛନ୍ତି ।

## ଗ୍ରାମ୍ୟ ଜୀବନରେ ପରଂପରା ଚିତ୍ର

ଗୋଟିଏ ବାଥୁଡ଼ି ଗ୍ରାମର ପରିଚୟ ବଡ଼ାମଶାଳରୁ ମିଳିଥାଏ । ପ୍ରତ୍ୟେକ ବାଥୁଡ଼ି ଗ୍ରାମରେ ବଡ଼ାମଶାଳ ପ୍ରତିଷ୍ଠା ଏକ ଅଭିନବ ପରଂପରା । କାରଣ, ବଡ଼ାମ ଠାକୁର ବାଥୁଡ଼ିମାନଙ୍କ ଇଷ୍ଟ ଦେବତା ଭାବେ ଗୃହୀତ ଓ ପୂଜିତ ହୋଇଥାନ୍ତି । ଝିଅ ବିବାହ ହୋଇ ଶାଶୁଘରକୁ ଯିବା ସମୟରେ ବଡ଼ାମକୁ ମୁଣ୍ଡିଆ ମାରି ବିଦାୟ ନିଏ । କୌଣସି ଶୁଭକାର୍ଯ୍ୟରେ ଘରୁ ବାହାରିବା ସମୟରେ ଲୋକମାନେ ବଡ଼ାମକୁ ସ୍ମରଣ କରିଥାନ୍ତି । ବିପଦଆପଦରେ ବଡ଼ାମକୁ ଡାକିଲେ ସେ ସାହା ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି ।

ପରଂପରା ଅନୁସାରେ ପ୍ରତ୍ୟେକ ବାଥୁଡ଼ି ଗ୍ରାମକୁ ଏକ ପରିବାର ମନେ କରାଯାଏ । କାରଣ, ଗ୍ରାମବାସୀମାନେ ପରସ୍ପରର ସହଭାଗୀ ହୋଇ ଏକ ପରିବାର ଭଳି ଚଳନ୍ତି । ଗ୍ରାମରେ ଧାନ ନୂଆଖିଆ, ଆମ୍ବ ନୂଆଖିଆ ଓ ମାଘୁଆଣି ଆଦି ପୂଜାର ଦିନ ଧାର୍ଯ୍ୟ ପାଇଁ ଗ୍ରାମବାସୀ ଏକାଠି ବସି ନିଷ୍ପତ୍ତି ନେଇଥାନ୍ତି । ମାଘୁଆଣି ପୂଜା ସାଧାରଣତଃ ଠାକୁରାଣୀ ଥାନରେ ହୁଏ । ମାଘୁଆଣି ପୂଜା ପୂର୍ବରୁ ବିଲରେ ହଳ ବୁଲାଇବା, ଘର ଛପର କରିବା କିମ୍ୱା ଜଙ୍ଗଲକୁ ଯାଇ ଫଳମୂଳ ଓ କାଠପତ୍ର ସଂଗ୍ରହ କରିବା ନିଷେଧ ହୋଇଥାଏ । ଏ ସମସ୍ତ ବ୍ୟବସ୍ଥା ପରମ୍ପରା କ୍ରମେ ଚଳି ଆସିଥାଏ ।

ଗ୍ରାମର ଯେ କୌଣସି ପରିବାରରେ ସନ୍ତାନ ଜନ୍ମ ହେଲେ କିମ୍ୱା ଯେ କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ସମଗ୍ର ଗ୍ରାମ ଅଶୌଚରେ ଥିବା ବିବେଚନା କରାଯାଏ । ଉକ୍ତ ସମୟରେ ନୂଆଖିଆ ଓ ମାଘୁଆଣି ପୂଜା କରିବା ନିଷେଧ ହୋଇଥାଏ । ଗ୍ରାମରେ ବସନ୍ତ କିମ୍ୱା ଝାଡ଼ାବାନ୍ତି ରୋଗ ବ୍ୟାପିଲେ, କୌଣସି ଶୁଭକାର୍ଯ୍ୟ କରାଯାଇ ନଥାଏ । ଏହା ବାଥୁଡ଼ି ଗ୍ରାମର ପରମ୍ପରାକୁ ଦର୍ଶାଇଥାଏ ।

**ଖାଦ୍ୟ ପରମ୍ପରା**

ମନୁଷ୍ୟର ଜୀବନଧାରଣ ପାଇଁ ଖାଦ୍ୟ ପ୍ରଥମ ଆବଶ୍ୟକତା । ଏହି ଖାଦ୍ୟ ମଧ୍ୟ ଗୋଟିଏ ଜାତିର ପରମ୍ପରା ପ୍ରତିଷ୍ଠାରେ ମୁଖ୍ୟ କାରଣ ହୋଇଥାଏ । ବାଥୁଡ଼ି ସମ୍ପ୍ରଦାୟରେ ପ୍ରଚଳିତ ଖାଦ୍ୟ ପରମ୍ପରା ସ୍ୱତନ୍ତ୍ର ଓ ଅନନ୍ୟ । ସାଧାରଣତଃ, ବାଥୁଡ଼ିମାନେ ଅତ୍ୟନ୍ତ ନୈଷ୍ଠିକ ଓ ରକ୍ଷଣଶୀଳ । ତେଣୁ ସେମାନେ ଜାତି ଭିନ୍ନ ଅନ୍ୟ କାହାରି ଘରୁ ଖାଦ୍ୟ, ପାନୀୟ ଗ୍ରହଣ କରି ନଥାନ୍ତି । ବାଥୁଡ଼ିମାନଙ୍କ ପରଂପରାରେ ନିଶାପାନ ବର୍ଜନୀୟ ହୋଇଥାଏ । କୃଷି ବାଥୁଡ଼ିମାନଙ୍କ ମୁଖ୍ୟ ଜୀବିକା । ତେଣୁ ଉତ୍ପାଦିତ 'ସଲକୁ ଦେବଦେବୀଙ୍କୁ ଅର୍ପଣ କଲାପରେ ତାହା ସେମାନେ ନିଜେ ଗ୍ରହଣ କରନ୍ତି । ବସ୍ତୁତଃ, 'ଧାନ ନୂଆଖିଆ' ଓ 'ଆମ୍ବ ନୂଆ' ପର୍ବର ସୃଷ୍ଟି ବାଥୁଡ଼ି ସମ୍ପ୍ରଦାୟର ଖାଦ୍ୟ ପରଂପରାକୁ ସମୃଦ୍ଧ କରିଛି । ଢ଼ିପ ଜମିରେ ସେମାନେ ଆଶୁଧାନ ବା ସହଳ କିସମର ଧାନ ବୁଣିଥାନ୍ତି । ଭାଦ୍ରବ ମାସରେ ଉକ୍ତ ଧାନ ପ୍ରଥମେ ଅମଳ ହୁଏ । ଆଶୁଧାନ ପାଚିଲେ ସମନ୍ତେ ନୂଆ ଖାଇଥାନ୍ତି । ତତ୍‌ସହିତ ପ୍ରତି ବାଥୁଡ଼ି ଗ୍ରାମରେ ଚାଙ୍ଗୁ ବାଜିବା ଆରମ୍ଭ ହୁଏ । ତେଣୁ ସେମାନେ ମନ ଖୁସିରେ ଗାଇଥାନ୍ତି –

॥ ଆଶୁଧାନ ପାଚିଲା ବାଥୁଡ଼ି ଚାଙ୍ଗୁ ବାଜିଲା
ଢ଼ାଙ୍ଗୁଳି ନାନୀ ନାଚିଲା ॥ (୬)

ଗ୍ରାମବାସୀମାନେ ଏକାଠି ବସି ନୂଆଖିଆ ଦିନ ସ୍ଥିର କରନ୍ତି । ତେଣୁ ନିଜର ସୁବିଧା ଅନୁସାରେ ଭିନ୍ନ ଭିନ୍ନ ଗ୍ରାମରେ ଭିନ୍ନ ଭିନ୍ନ ଦିନରେ ନୂଆଖିଆ ହୁଏ । ନୂଆଖିଆରେ ନୂଆଧାନର ଚୁଡ଼ା ଓ ଚାଉଳ ବ୍ୟବହୃତ ହୋଇଥାଏ । ନୂଆ ମାଟି ହାଣ୍ଡିରେ ନୂଆ ଧାନର ଚାଉଳରେ କ୍ଷୀରି ପ୍ରସ୍ତୁତ କରି ଇଷ୍ଟ ଦେବଦେବୀଙ୍କୁ ଅର୍ପଣ କରାଯାଏ । ଉକ୍ତଦିନ ନୂଆଧାନର ଭାତ ଖାଇ ନୂଆଖିଆ ପାଳନ କରନ୍ତି । ପରଂପରା ଅନୁସାରେ ନୂଆ ଖାଇସାରିଥିବା ଗ୍ରାମର ଲୋକ ନୂଆ ଖାଇ ନଥିବା ବନ୍ଧୁ ଘରକୁ ଆସିଲେ, ତା'ର ଅଇଁଠା କେହି ଛୁଇଁ ନ ଥାନ୍ତି । ଏପରି ସ୍ଥଳେ ନୂଆ ଖାଇସାରିଥିବା ଲୋକଟି, ଖାଇସାରି ନିଜର ବାସନ ଧୋଇଥାଏ । ଅନୁରୂପ ଭାବରେ ନୂଆ ଖାଇ ନଥିବା ଗ୍ରାମର ଲୋକ ଯଦି ନୂଆ ଖାଇ ସାରିଥିବା ବନ୍ଧୁ ଘରେ ପହେ , ତାକୁ ନିଜ ହାତରେ ଅଲଗା ରୋଷେଇ କରି ଖାଇବାକୁ ହୋଇଥାଏ । ଏପରି ପରମ୍ପରା ବାଥୁଡ଼ି ସମାଜରେ ପୁରାତନ କାଳରୁ ପ୍ରଚଳିତ ହୋଇ ଆସିଛି । ଅତୀତରେ ବାଥୁଡ଼ି ମାନେ ଜାଙ୍ଗଲିକ ପରିବେଶରେ ରହି ଜୀବନଯାପନ କରୁଥିଲେ । ତେଣୁ ସେମାନେ ଜଙ୍ଗଲରେ ମିଳୁଥିବା ବିଭିନ୍ନ ପ୍ରକାର ଆଳୁ ଓ ମହୁ ଭଳି ସ୍ୱାଦିଷ୍ଟ ଖାଦ୍ୟ ଖାଇ ସୁସ୍ଥ, ସବଳ ରହୁଥିଲେ । ଆଜି ମଧ ସେମାନେ ଡାକସଂକ୍ରାନ୍ତିରେ ବିଭିନ୍ନ ପ୍ରକାର ଆଳୁ, ପିତାଳୁ, ତୁଙ୍ଗାଆଳୁ ଓ ବଇଁଆ ଆଳୁ ଆଦି ସିଝାଇ ଖାଇଥାନ୍ତି । ଏହା ସେମାନଙ୍କୁ ନିରୋଗ ରଖିବା ସହିତ ପୁଷ୍ଟି ଯୋଗାଇଥାଏ । ପିଠା ସହିତ ମହୁ ମିଶାଇ ଖାଇବା ସେମାନଙ୍କର ପରଂପରା ଅଙ୍ଗ । ତେଣୁ ବାଥୁଡ଼ି ଯୁବକ, ଯୁବତୀକୁ ଆହ୍ୱାନ ଜଣାଇ ଗାଇଥାଏ–

ଆଇରେ ଢ଼ାଙ୍ଗୁଳୀ ନାଚିବେତ
ମହୁଲ ଗଛରେ ମହୁବାନ୍ଧିଛେଇଁ
କୁଣ୍ଡା ପିଠା ସାଙ୍ଗେ ଖାଇବେତ ॥ (୭)

'କୁଣ୍ଡାପିଠା' ଚାଉଳ କୁଣ୍ଡା ଓ ଖୁଦ ଚାଉଳରୁ ପ୍ରସ୍ତୁତ ଏକ ପ୍ରକାର ପିଠା । ଏହାକୁ ମହୁ ସହିତ ଖାଇଲେ ଅତ୍ୟନ୍ତ ରୋଚକ ହୋଇଥାଏ ।

**ବନ୍ଧୁ ଚର୍ଚ୍ଚା ପରଂପରା**

ବନ୍ଧୁତ୍ୱ ଅତୁଟ ସମ୍ପର୍କର ସେତୁବନ୍ଧ । ତେଣୁ ବନ୍ଧୁ ଚର୍ଚ୍ଚାକୁ ନେଇ ବାଥୁଡ଼ି ସମ୍ପ୍ରଦାୟରେ ଯେଉଁ ପହଳି ଶୁଣିବାକୁ ମିଳିଥାଏ, ତାହା ଉଲ୍ଲେଖନୀୟ ।

ବନ୍ଧୁର ଗୁଣ କେମିତି ଜାଣିବ
ଖଣ୍ଡ ଦୂରୁ ଯେବେ ହସି
ମାଇପର ଗୁଣ କେମିତି ଜାଣିବ
ବୁଢ଼ାକାଳେ ଯେବେ ରସି । (୮)

ଉପରୋକ୍ତ ପହଳିଟି ଜୀବନାନୁଭୂତିର ଏକ ମନୋଜ୍ଞ ପ୍ରକାଶ । ଯେଉଁ ବନ୍ଧୁ ଖଣ୍ଡେ ଦୂରରୁ ଦେଖି ସହାସ୍ୟବଦନରେ ପାଛୋଟି ନିଏ, ତାକୁ ବନ୍ଧୁ ପଣରେ ଗଣାଯାଏ । ସେହିପରି ବାର୍ଦ୍ଧକ୍ୟ କାଳରେ ସ୍ତ୍ରୀ ଯଦି ଭଲପାଏ, ତାକୁ ପ୍ରକୃତ ସ୍ତ୍ରୀର ମର୍ଯ୍ୟାଦା ମିଳେ । ବାଥୁଡ଼ି ଗୃହକୁ ବନ୍ଧୁ ଆସିଲେ ପ୍ରଥମେ ପାଣି ନୋଟା ଦେଇ ପାଦ ଧୋଇବା ପାଇଁ ଦିଆଯାଏ । ତତ୍ ପଶ୍ଚାତ୍ ଆସନ ଦେଇ ବସିବାକୁ ଅନୁରୋଧ କରାଯାଏ । ଦୋକ୍ତା ଖାଉଥିଲେ ଗୋଟିଏ ଶାଳପତ୍ରରେ ଦୋକ୍ତ ଓ ଚୂନ ଆଣି ଦିଆଯାଏ । ବନ୍ଧୁ ଜଣକ ତାହା ହାତରେ ଦଳି ପାଟିରେ ପକାଇଥାନ୍ତି । ଯେଉଁ ବ୍ୟକ୍ତି ପିକା ଟାଣେ, ତା ପାଇଁ ଦୋକ୍ତା, ଶୁଖିଲା ଶାଳପତ୍ର ଓ ନିଆଁ ଦିଆଯାଏ । ବସ୍ତୁତଃ, ବନ୍ଧୁ ଜଣକ ପିକା ତିଆରି ଓ ତହିଁରେ ନିଆଁ ଧରାଇ ପିକା ଟାଣିଥାଏ । ମହିଳା ହୋଇଥିଲେ, କେବଳ ଦୋକ୍ତା ଗ୍ରହଣ କରି ସନ୍ତୁଷ୍ଟ ହୋଇଥାଏ । ତା'ପରେ ବନ୍ଧୁଙ୍କର ଖାଇବା ପିଇବାର ବନ୍ଦୋବସ୍ତ କରାଯାଏ । ବନ୍ଧୁ ଘରକୁ ଗଲେ କେହି ଖାଲି ହାତରେ ଯାଇ ନ ଥାନ୍ତି । ସାଙ୍ଗରେ ପିଠା, ସିଝାଆଳୁ, ମକା, ପାଚିଲା ପଣସ ଆଦି ଖାଦ୍ୟ ପଦାର୍ଥ ନେଇ ଯାଇଥାନ୍ତି ।

ବାଥୁଡ଼ି ଜାତି କେବଳ ପାରିବାରିକ ସମ୍ପର୍କକୁ ନେଇ ସୀମିତ ନ ଥାଏ । ଗୋଷ୍ଠୀଗତ ବନ୍ଧୁତ୍ୱର ସୂତ୍ରରେ ମଧ୍ୟ ବାନ୍ଧି ହୋଇ ରହିଥାଏ । ଏହି ଅଭିନବ ପରମ୍ପରା ବାଥୁଡ଼ି ଜାତିକୁ ଏକାତ୍ମ କରି ରଖିଥାଏ । ଏହାକୁ 'ଜାତି-ବନ୍ଧୁ' ବୋଲି ସଂଜ୍ଞାୟିତ କରାଯାଏ । ବିଶେଷତଃ, ଗୋଟିଏ ଗ୍ରାମର ଯୁବକ କିମ୍ବା ଯୁବତୀ ଦଳ ସହିତ ଅନ୍ୟ ଏକ ବନ୍ଧୁ ଗ୍ରାମର ଯୁବକ ଓ ଯୁବତୀମାନଙ୍କର ସମ୍ବନ୍ଧକୁ ଏହା ସୁଦୃଢ଼ କରିଥାଏ । ସାଧାରଣତଃ, ରଜସଂକ୍ରାନ୍ତିରେ ଯୁବକ ଓ ଯୁବତୀ ଦଳ ବନ୍ଧୁ ଗ୍ରାମକୁ ଦୋଳି ଝୁଲିବା ପାଇଁ ଯାଇଥାନ୍ତି । ଯୁବତୀ ଦଳ ଯାଇଥିଲେ, ବନ୍ଧୁଗ୍ରାମର ଯୁବକମାନେ ସେମାନଙ୍କୁ ପାଛୋଟି ନିଅନ୍ତି । ଉଭୟ ଯୁବତୀ ଓ ଯୁବକମାନେ ଦୋଳି ଝୁଲିବା ସହିତ ବାଦି ଦୋଳିଗୀତ ଗାଇ ଆତ୍ମମଗ୍ନ ହୋଇଥାନ୍ତି । ଆସର ଶେଷରେ ଯୁବତୀମାନେ ଚାଲିଯିବାକୁ ବାହାରିଲେ, ଯୁବକମାନେ 'ଅର୍ଗଳି' ପକାଇ ସେମାନଙ୍କ ବାଟ ଓଗାଳନ୍ତି ଏବଂ ରାତିରେ ରହିବା ପାଇଁ ଅନୁରୋଧ କରନ୍ତି । ଯିବା ରାସ୍ତା ଉପରେ ଗୋଟିଏ ଠେଙ୍ଗା ପକାଇ ବାଟ ଓଗାଳିବାକୁ ଅର୍ଗଳି ପକାଇବା କୁହାଯାଏ । ଅର୍ଗଳି ଉଠାଇ ଚାଲିଯିବା

ପାଇଁ କେହି ଦୁଃସାହସ କରନ୍ତି ନାହିଁ । ଏହା ଦ୍ୱାରା ପରମ୍ପରାର ଅବମାନନା ହେଲା ବୋଲି ଧରାଯାଏ । ଯୁବକମାନଙ୍କ ଅନୁରୋଧ ରକ୍ଷା କରି ଯୁବତୀମାନେ ବନ୍ଧୁ ଗ୍ରାମରେ ରହିଲେ ସେମାନଙ୍କର ରହିବା ଓ ଖାଇବା ବନ୍ଦୋବସ୍ତ କରାଯାଏ । ଯୁବକମାନେ ଘର ଘର ବୁଲି ଚାଉଳ ଓ ପଇସା ଆଦାୟ କରନ୍ତି । ତେଲ ମସଲା ଓ କୁକୁଡ଼ା କିଣିବାରେ ଚାନ୍ଦା ଟଙ୍କା ବ୍ୟୟ ହୁଏ । ରାତ୍ରିରେ ଭାତ ଓ ମାଂସ ପରଷି ଯୁବତୀମାନଙ୍କୁ ଅପ୍ୟାୟିତ କରାଯାଏ । ଖିଆପିଆ ଶେଷ ହେଲା ପରେ, ଯୁବକମାନେ ଚାଙ୍ଗୁ ନୃତ୍ୟ କରି ଯୁବତୀମାନଙ୍କୁ ନଚାଇଥାନ୍ତି । ଅଥବା ବାରଣ୍ଡା ଉପରେ ବସି ବାଦି ଦୋଳି ଗୀତ ବୋଲି ପରିବେଶକୁ ଉପଭୋଗ୍ୟ କରନ୍ତି । ଗ୍ରାମର ସ୍ତ୍ରୀ ପୁରୁଷ ସେମାନଙ୍କ ଭାବର ମିଳନକୁ ମନଭରି ଉପଭୋଗ କରିଥାନ୍ତି । ଅନୁରୂପ ଭାବରେ ଯୁବକମାନେ ଯୁବତୀମାନଙ୍କ ଗ୍ରାମକୁ ଗଲେ, ସମାନ ଧରଣର ଆତିଥ୍ୟ ପ୍ରଦାନ କରନ୍ତି । ବସ୍ତୁତଃ, ବନ୍ଧୁ ଚର୍ଚ୍ଚାର ଏହି ମହାର୍ଘ ପରମ୍ପରା ଜାତିପ୍ରୀତି ଓ ସମ୍ପର୍କ ପ୍ରତିଷ୍ଠାରେ ଭାବାବେଗ ଆଣି ଦେଇଥାଏ ।

**ଧର୍ମୀୟ ପରମ୍ପରା**

ପ୍ରକୃତିର ଉଦାରବକ୍ଷରେ, ମଣିଷ ଶ୍ରେଷ୍ଠ ପ୍ରାଣୀର ଗୌରବ ଲାଭ କରିଛି । ସେ ସୁରକ୍ଷିତ ଭାବରେ ବ୍ ରହିବା ପାଇଁ ସୃଷ୍ଟି କରିଛି ଅଖଣ୍ଡ ଈଶ୍ୱର ବିଶ୍ୱାସ ଏବଂ ନିରାପଦ ଆଧ୍ୟାତ୍ମିକ ବଳୟ । ତେଣୁ ସେ ବିଭିନ୍ନ ଦେବଦେବୀଙ୍କୁ ସ୍ଥାପନ କରି ସେମାନଙ୍କର ପୂଜା କରି ଆସିଛି । ଏହା ତାକୁ ମାନସିକ ଶାନ୍ତି ଦେବା ସହିତ ସୁରକ୍ଷିତ ରଖିବା ପାଇଁ ଭରସା ଦେଇଥାଏ ।

ବାଥୁଡ଼ି ଏକ ହିନ୍ଦୁଧର୍ମୀ ଆଦିବାସୀ ସମ୍ପ୍ରଦାୟ । ତେଣୁ ସେମାନେ ହିନ୍ଦୁ ଦେବାଦେବୀମାନଙ୍କୁ ପୂଜା କରନ୍ତି । ତଥାପି ଏପରି କେତେକ ଦେବଦେବୀ ଅଛନ୍ତି, ଯେଉଁମାନଙ୍କ ପରିକଳ୍ପନା ଓ ପୂଜାବିଧି ସ୍ୱତନ୍ତ୍ର ହୋଇଥାଏ । ବାଥୁଡ଼ି ସମ୍ପ୍ରଦାୟର ପୂଜକଙ୍କୁ ଦେହୁରୀ କୁହାଯାଏ । ସେ ପ୍ରଥମେ ବାସୁକୀ, ବସୁମାତା, ଧର୍ମଦେବତା, ଗ୍ରାମଦେବତୀ ଓ ବଡ଼ାମ ଠାକୁରଙ୍କୁ ଆବାହନ କରି ପୂଜାସ୍ଥଳରେ ସିନ୍ଦୂର ଟୋପା ଦିଏ । ତତ୍‌ପଶ୍ଚାତ୍ ଅନ୍ୟ ଦେବଦେବୀଙ୍କ ନାମ ନେଇ ଆବାହନ କରାଯାଏ । ଶେଷରେ ଜଣା ଅଜଣା କହି ଅଜ୍ଞାତରେ ରହିଯାଇଥିବା ଦେବଦେବୀଙ୍କୁ ଆବାହନ କରାଯାଏ । ପ୍ରତ୍ୟେକ ଗ୍ରାମରେ ଦୁଇଟି ଦେବଦେବୀ ପୀଠ ରହିଥାଏ । ଗ୍ରାମରେ ଯେଉଁ ଉପସନା ପୀଠ ଥାଏ, ତାହା 'ବଡ଼ାମଶାଳ' । ସୁତରାଂ କୁହାଯାଇଥାଏ, ବଡ଼ାମଶାଳରୁ ବାଥୁଡ଼ି ଗ୍ରାମର ପରିଚୟ ଜଣାପଡ଼େ । ଅନ୍ୟ ପୀଠଟି ଗ୍ରାମ ବାହାରେ ଥାଏ । ଏହା ଗ୍ରାମଦେବତୀଙ୍କ ପୀଠ । ଏଠାରେ ଦିଅଁ ମଙ୍ଗୁଳା, ମାଘୁଆଣି ପୂଜା ଓ ଆଷାଢ଼ି ପୂଜା ଆଦି ପୂଜା କରାଯାଇଥାଏ । ବେଳେବେଳେ ବର୍ଷା ନହୋଇ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖାଦିଏ । ଏପରି ପରିସ୍ଥିତି ଉପୁଜିଲେ, ଠାକୁରାଣୀ ସ୍ଥାନରେ 'ମାଜଣା' କରାଯାଏ । ଗ୍ରାମର ସ୍ତ୍ରୀ ପୁରୁଷ ଅଖିଆ ଅପିଆ ରହି ଠାକୁର ଠାକୁରାଣୀ ମଥାରେ ପାଣି ଢ଼ାଳନ୍ତି । କେତେକ ଲୋକଙ୍କୁ କାଳିସି ମଧ୍ୟ ଲାଗିଥାଏ । ଦେହୁରୀ କାଳିସୀଙ୍କୁ ବର୍ଷା କରାଇବା ପାଇଁ ପ୍ରାର୍ଥନା କରେ । ଗ୍ରାମବାସୀମାନେ ମଧ୍ୟ ବର୍ଷା ପାଇଁ ଗୁହାରୀ କରନ୍ତି । ଏହା ସହିତ ଠାକୁରାଣୀଙ୍କୁ ଗୁଡ଼, ଖଇ ଓ ପଣା ଅର୍ପଣ କରାଯାଏ । ବିଶ୍ୱାସ ରହିଛି, ଏପରି କଲେ ଇନ୍ଦ୍ର ଖୁସି ହୋଇ ବର୍ଷା କରନ୍ତି ।

'ଅଠର ଦେଉଳ' ପୂଜା ବାଥୁଡ଼ି ସମ୍ପ୍ରଦାୟର ପରମ୍ପରାରେ ମୁଖ୍ୟ ସ୍ଥାନ ନେଇଥାଏ । ଅଠର ଦେଉଳ ଶିମିଳିପାଳ ଜଙ୍ଗଲ ମଧ୍ୟରେ ଥିବା ବାଥୁଡ଼ି ଜାତିର ଆଦି ଉପାସନା ପୀଠ । ଅତୀତରେ ସେମାନେ ଏଠାରେ ରହି ୧୮ଟି ସ୍ଥାନରେ ବିଭିନ୍ନ ଦେବଦେବୀଙ୍କର ପୂଜା କରୁଥିଲେ । ବିଭିନ୍ନ କାରଣରୁ ଶିମିଳିପାଳ ପରିତ୍ୟାଗ କରି ସମତଳ ଭୂମିକୁ ଓହ୍ଲାଇ ଆସି ବସତି ସ୍ଥାପନ କରି ରହିଲେ । ଅଠର ଦେଉଳ ଦୁର୍ଗମ ଅରଣ୍ୟ ମଧ୍ୟରେ ଥିବା ହେତୁ ସେଠାକୁ ସବୁ ସମୟରେ ଯାଇ ପୂଜା କରିବା ସମ୍ଭବ ହୋଇ ନ ଥାଏ । ତେଣୁ ପ୍ରତିବର୍ଷ ଚୈତ୍ର ମାସରେଥରେ ଅଠର ଦେଉଳ ଯାଇ ପୂଜା କରିବାର ପରମ୍ପରା ଚଳି ଆସିଛି । ଅଠର ଦେଉଳର ମୁଖ୍ୟ ପୂଜକଙ୍କୁ 'ମହାପାତ୍ର' କୁହାଯାଏ । ବଂଶ ପରମ୍ପରା କ୍ରମେ ମହାପାତ୍ର ବଂଶର ଲୋକ ଅଠର ଦେଉଳର ପୂଜକ ଭାବେ କାର୍ଯ୍ୟ କରିଥାନ୍ତି । ଅଠର ଦେଉଳକୁ ଯିବା ପାଇଁ ଧଳାବସ୍ତ୍ର ପରିଧାନ କରିବାକୁ ହୁଏ । ଭକ୍ତମାନେ ମାନକ ଦେଉଳ ସମ୍ମୁଖ ପଡ଼ିଆରେ କୁଡ଼ିଆ ନିର୍ମାଣ କରି ରହନ୍ତି । ରାତିରେ ଧୂନି ଜାଳି ପଡ଼ିଆକୁ ଆଲୋକିତ କରନ୍ତି ଏବଂ ପ୍ରତି ରାତ୍ରିରେ ଚାଙ୍ଗୁ ନୃତ୍ୟ ହୋଇଥାଏ । ମହିଳାମାନେ ଜୁଡ଼ା ବାନ୍ଧନ୍ତି ନାହିଁ କିମ୍ବା ଅଙ୍ଗସଜ୍ଜା ପାଇଁ କୌଣସି ଦ୍ରବ୍ୟ ବ୍ୟବହାର କରନ୍ତି ନାହିଁ । ସବୁ ମହିଳା ଅତି କମ୍‌ରେ ଅଢ଼େଇଫେରା ଚାଙ୍ଗୁ ନୃତ୍ୟ କରିବା ପରମ୍ପରା ଏଠାରେ ପାଳିତ ହୋଇଥାଏ । ସାତଦିନ କାଳ ଜଙ୍ଗଲ ମଧ୍ୟରେ ରହି ବାଥୁଡ଼ି ସ୍ତ୍ରୀ ପୁରୁଷ ବଡ଼ାମ ଠାକୁରଙ୍କ ଆଦିପୀଠରେ ସାମୂହିକ ପୂଜା କରିଥାନ୍ତି । ଶିମିଳିପାଳ ଜଙ୍ଗଲର ଶାନ୍ତ, ସ୍ନିଗ୍ଧ ପରିବେଶ ସମସ୍ତଙ୍କୁ ତନ୍ମୟ କରି ରଖିଥାଏ । ସୁତରାଂ, ଅଠରଦେଉଳ ପୂଜାର ଅମୂଲ୍ୟ ପରମ୍ପରା ବାଥୁଡ଼ି ଜାତିକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ ।

### ଡାଳିପୂଜା ପାଳନର ପରମ୍ପରା

ପ୍ରକୃତି ସବୁବେଳେ ନୂଆ ରୂପ ନେଇ ଆମ ଆଗରେ ଠିଆ ହୋଇଥାଏ । ତାହା ସହିତ ବସନ୍ତ ଋତୁର ଆଗମନରେ ନୂତନ ପତ୍ର, ପୁଷ୍ପ ଓ 'ଳ ଧାରଣ କରି ଉଭା ହୋଇଥାଏ । ଅଠର ଦେଉଳ ପୂଜାସାରି ଗାଁକୁ ଫେରିଲା ପରେ ପ୍ରତି ବାଥୁଡ଼ି ଗ୍ରାମରେ ଡାଳିପୂଜା କରାଯାଇ, ଆମ୍ବ ନୂଆଖିଆ ପାଳନ କରାଯାଏ । ଏହାକୁ କାଳିପୂଜା କହିବାର ତାତ୍ପର୍ଯ୍ୟ ହେଲା, ଜଙ୍ଗଲରୁ ନଅ ପ୍ରକାର ବୃକ୍ଷର ଡ଼ାଳ ଆଣି ବଡ଼ାମଶାଳରେ ପୂଜା କରାଯାଏ । ମହୁଲ, ଭାଲିଆ, କେନ୍ଦୁ, ଶାଳ, ଜାମୁ, ଆମ୍ବ, ଅଁଳା, ପଳାଶ ଓ ଧାଡିଙ୍ଗ ବୃକ୍ଷର ଡାଳ ଏହି ପୂଜାରେ ସ୍ଥାନ ପାଇଥାଏ । ରାତିରେ ଚାଙ୍ଗୁ ନୃତ୍ୟ କରି ବଡ଼ାମ ଠାକୁରଙ୍କର ମନୋରଞ୍ଜନ କରନ୍ତି । ଡାଳି ପର୍ବର ଆରମ୍ଭ ଶ୍ରୀରାମଙ୍କ ବନବାସ ସମୟରେ ହୋଇଥିବା, ସୂଚନା ବାଥୁଡ଼ି ମାନଙ୍କ ଲୋକଗୀତରୁ ଜଣା ଯାଇଥାଏ ।

ପିତୃସତ୍ୟ ପାଳି ରାମ ବନକୁ ଗଲେ
ଡାଳପଲ୍ଲା ମାରି ବନେ ରହିଲେ
ଡାଳିପୂଜା ଆରମ୍ଭିଲେ । (୯)

ଡାଳିପୂଜା ତିନିଦିନ ବ୍ୟାପି ଚାଲେ । ତୃତୀୟ ଦିନରେ ମେଲାଣି ଛାଡ଼ନ୍ତି । ଜଙ୍ଗଲରୁ ଆଣିଥିବା ଡାଳଗୁଡ଼ିକ ସହିତ ପ୍ରତ୍ୟେକ ଗୃହରେ ଥିବା ଛିଣ୍ଡା ଝାଡ଼ୁ, କୁଲା, ପାଛିଆ ଓ ଟୋକେଇ ଆଦି ନେଇ ଗ୍ରାମ ସୀମା ପାରି ଛାଡ଼ି ଆସନ୍ତି । ଏହା ଦ୍ୱାରା ଗ୍ରାମର ପରିବେଶ ନିର୍ମଳ ରହେ ଏବଂ ଲୋକମାନେ ରୋଗରୁ ସୁରକ୍ଷା

ପାଇଥାନ୍ତି । ମେଲାଣି ଛାଡ଼ିବାକୁ ଯାଉଥିବା ଲୋକମାନଙ୍କ ପଛେ ପଛେ ଜଣେ କ ।ଡ଼ାଳ ଘୋଷାରି ଘୋଷାରି ଚାଲେ । ଏହା ଦ୍ୱାରା ଭୂତପ୍ରେତ ଗାଁ ଛାଡ଼ି ପଳାନ୍ତି ବୋଲି ବିଶ୍ୱାସ ରହିଛି । ମେଲାଣି ଛାଡ଼ିବା ସ୍ଥାନରେ ସାଙ୍ଗରେ ଯାଇଥିବା ଦେହୁରୀ ଡାଳି ବଡ଼ାମଙ୍କୁ ପୂଜା ଦେଇଥାଏ । ପାଖରେ ଥିବା କୌଣସି ବୃକ୍ଷରେ ସାଙ୍ଗରେ ନେଇଥିବା କୁଲା, ପାଛିଆ ପ୍ରଭୃତି ଝୁଲାଇ ଦେଇଥାନ୍ତି ଏବଂ ପଛକୁ ନ ଚାହିଁ ଏକ ମୁହାଁ ଗାଁକୁ ଫେରନ୍ତି । ମେଲାଣି ଛାଡ଼ିବାକୁ ଯାଉଥିବା ସମୟରେ ସେମାନେ ଅଶ୍ଳିଳ ବୋଲି ଉଚ୍ଚାରଣ କରନ୍ତି । ଏହା ଦ୍ୱାରା ଦୁଷ୍ଟଶକ୍ତି ଗାଁ ଛାଡ଼ି ପଳାଏ ବୋଲି ବିଶ୍ୱାସ କରାଯାଏ । ଏହାପରେ ଗ୍ରାମବାସୀ ଆମ୍ବ ନୂଆଖାଇ ପରଂପରା ରକ୍ଷା କରିଥାନ୍ତି । ବାପ ଅଜା ଅମଳରୁ ଚଳି ଆସିଥିବା ପରଂପରା ପାଳନ ଓ ପରଂପରା ପ୍ରତି ସମ୍ମାନ, ସାମାଜିକ ମୂଲ୍ୟବୋଧକୁ ସୁଦୃଢ଼ କରିଥାଏ । ଏହା ବ୍ୟତୀତ ବିଭିନ୍ନ ପର୍ବପର୍ବାଣୀ ପାଳନରେ ଯେଉଁ ପରଂପରା ଅନୁସରଣ କରାଯାଏ, ତାହା ବାଥୁଡ଼ି ଜାତିର ସ୍ୱାତନ୍ତ୍ର୍ୟ ପ୍ରମାଣିତ କରେ ।

ସମୟର ପ୍ରଭାବରେ ବାଥୁଡ଼ି ଜାତିର ମୌଳିକ ପରଂପରା ଆଜି କ୍ଷୁର୍ଣ୍ଣ ହୋଇଛି । ଶିକ୍ଷିତ ଗୋଷ୍ଠୀ ନିଜ ଜନ୍ମମାଟି ସହିତ ସମ୍ପର୍କ ଛିନ୍ନ କରି ଆଧୁନିକତାର ଲାଞ୍ଜ ଧରି ବାଟ ଚାଲୁଛି । ସେମାନଙ୍କ ପିଲାମାନେ ପର୍ବପର୍ବାଣିରେ ଗାଁ କୁ ଯାଇ ଗୋଷ୍ଠୀ ଜୀବନ ସହିତ ଏକାତ୍ମ ହେବାକୁ ପସନ୍ଦ କରନ୍ତି ନାହିଁ । ବସ୍ତୁତଃ, ନିଜ ସଂସ୍କୃତି, ପରଂପରା ଓ ନିଜ ଜାତିର ଗୌରବମୟ ଅତୀତ ପ୍ରତି ସେମାନେ ଅବଗତ ହୋଇପାରନ୍ତି ନାହିଁ । ଆଜି 'ଗାଁ ଲୋକ' ଓ 'ସହରୀ ଲୋକ'– ଏହିପରି ପରଂପରା ଦୁଇ ଭାଗରେ ବିଭକ୍ତ ହୋଇଯାଇଛି ।

ପୂର୍ବେ କନ୍ୟାକୁ ବରଘର ତରଫରୁ ନିର୍ବନ୍ଧ ବା ପିନ୍ଧାଣି ପରେ ସେ ନିଜର ଆତ୍ମୀୟ ଯଥା, ମାମୁଁ, ମଉସା, ପିଉସା, ଆଦି ଘରକୁ ଯାଇ ସାଙ୍ଗରେ ଧରି ଅଭିଆଡ଼ି ଝିଅ ଓ ଜଣେ ବୟସ୍କା ମହିଳା ଯାଇଥାନ୍ତି । ବିଦା ହୋଇ ଆସିବା ସମୟରେ କନ୍ୟା ବନ୍ଧୁବାନ୍ଧବଙ୍କ ଗୋଡ଼ଧରି ବାହୁନି ବାହୁନି କାନ୍ଦିଥାଏ । ବନ୍ଧୁଘରୁ ତାକୁ ଶାଢ଼ୀ ଓ ଟଙ୍କା ପଇସା ମିଳେ । ଏହାକୁ 'ପିନ୍ଧାଣିମଗା' କୁହାଯାଏ । ମାତ୍ର ଏପରି ଏକ ମୂଲ୍ୟବାନ ପରଂପରାର ଆଜି ଅବସାନ ଘଟିଛି । ପୂର୍ବରୁ ଗାଁର ଝିଅମାନେ ଏକାଠି ଶୋଉଥିଲେ ଏବଂ ବୟସ୍କ ଝିଅମାନେ ଅନ୍ୟ ଝିଅମାନଙ୍କୁ କାନ୍ଦଣା ଗୀତ ଶିକ୍ଷା ଦେଉଥିଲେ । ମାତ୍ର ଆଜି ସେ କାନ୍ଦଣା ଗୀତର ପରଂପରା ଲୁପ୍ତ ପ୍ରାୟ ହୋଇ ଯାଇଛି । ଝିଅବିଦା ବେଳେ ଯେଉଁ କାନ୍ଦଣା ଗୀତ ବୋଲି ପରିବେଶକୁ ଭାବବିହ୍ୱଳ କରୁଥିଲା, ତାହା ଶୁଣିବା ପାଇଁ ମିଳୁ ନାହିଁ । ଉକ୍ତ କାନ୍ଦଣା ଗୀତରେ ଥିବା ଲୋକ ସଂସ୍କୃତିର ଉପାଦାନ ହଜି ହଜି ଯାଉଛି । ବାଥୁଡ଼ି ଜାତିର ପରଂପରାକୁ ସୁଦୃଢ଼ କରିଥିବା 'ଢ଼ାଙ୍ଗୁଆ' ଓ 'ଢ଼ାଙ୍ଗୁଳି' ଗୃହ ଦୃଷ୍ଟି ଆଢୁଆଳୁ ଚାଲି ଯାଇଛି । ଢ଼ାଙ୍ଗୁଆ ଓ ଢ଼ାଙ୍ଗୁଳି ଗୃହ ଥିଲା ବାଥୁଡ଼ି ସମ୍ପ୍ରଦାୟର ସାଂସ୍କୃତିକ ପ୍ରାଣକେନ୍ଦ୍ର । ସଂସ୍କୃତି, ପରଂପରା ଓ ନୃତ୍ୟଗୀତର ମୌଳିକ ଶିକ୍ଷାକେନ୍ଦ୍ର ଭାବେ ଯୁବକ ଓ ଯୁବତୀମାନଙ୍କ ବସାଘରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସମୟ କ୍ରମେ ସଂପୃକ୍ତ ଗୁରୁତ୍ୱପୂର୍ଣ୍ଣ ପରଂପରା ଗୋଷ୍ଠୀ ଜୀବନରୁ ଲୁପ୍ତ ହୋଇଯାଇଛି ।

ଆଦିବାସୀ ସମ୍ପ୍ରଦାୟର ପରମ୍ପରା ସ୍ରୋତକୁ ଜାଣିବାକୁ ହେଲେ, ପ୍ରଥମେ ଜାତିର ଅତୀତ ଓ ଗୌରବମୟ ପରଂପରାର ମୂଲ୍ୟବୁଝିବା ଆବଶ୍ୟକ । କାରଣ, ପରମ୍ପରା ଗୋଟିଏ ଜାତିର ସୁରକ୍ଷାର ପ୍ରାଚୀର । ଏହା ଥରେ

ଭାଙ୍ଗିଗଲେ ତାକୁ ପୁନଃ ପ୍ରତିଷ୍ଠା କରିବା ସମ୍ଭବ ହୋଇ ନ ଥାଏ । ଆଦିବାସୀ ସମ୍ପ୍ରଦାୟର ପରଂପରା ଗୋଷ୍ଠୀ ଭେଦରେ ଭିନ୍ନ ଭିନ୍ନ ହୋଇଥାଏ । ଏହାର ବିଷଦ ଅଧ୍ୟୟନ ଓ ପୁସ୍ତକ ରୂପରେ ପ୍ରକାଶ ପାଇଲେ, ଗୋଟିଏ ମାନବଗୋଷ୍ଠୀର ଜୀବନ୍ତ ଅଧ୍ୟାୟ ସୁରକ୍ଷିତ ରହି ପାରନ୍ତା । କାରଣ ଆଦିବାସୀ ପରମ୍ପରାରେ ଯେଉଁ ମୂଲ୍ୟବୋଧର ସୂଚନା ମିଳେ, ତାହା ଅନ୍ୟମାନଙ୍କ ଠାରୁ ଉନ୍ନତତର ।

**ସହାୟକ ପୁସ୍ତକ ଓ ତଥ୍ୟ ସଂଗ୍ରହ**


୧. ମହାନ୍ତି, ଗୋପିନାଥ, ବନଫୁଲ, ଉପେନ୍ଦ୍ର ମିଶ୍ର, ଭୁବନେଶ୍ୱର-୬, ୧୯୭୧

୨. ବସୁ, ନଗେନ୍ଦ୍ର ନାଥ, Archaeological survey of Mayurbhanj, 1911

୩. Senapathi Nilamani, Orissa, Dist- Gazetteers, Mayurbhanj, 1967

୪. ମହାନ୍ତି, କବିଶେଖର ଚିନ୍ତାମଣି, ମୁକୁନ୍ଦଦେବ କାବ୍ୟ, ନବମ ସର୍ଗ

୫. Demographic profile of Scheduled Tribes in Odisha (1961-2011), SCSTRTI, Bhubaneswar, 2018

୬. ତଥ୍ୟ: କବିତା ନାୟକ, ଭୁଗୁଡ଼ାକଟା, ବାରିପଦା- ୭୫୭୦୦୨, ମୟୂରଭଂଜ ।

୭. ତଥ୍ୟ: ସନାତନ ନାୟକ, ଜୁନା, ମୟୂରଭଞ୍ଜ ।

ତଥ୍ୟ: ନବକିଶୋର ବିଶ୍ୱାଳ, ଭୁଗୁଡ଼ାକଟା, ୱାର୍ଡନମ୍ବର-୨୬, ବାରିପଦା- ୭୫୭୦୦୨, ମୟୂରଭଂଜ ।



**ଭୁଗୁଡ଼ାକଟା, ୱାର୍ଡ଼ ନମ୍ବର -୨୧,**

**ପୋଷ୍ଟ- ବାରିପଦା- ୭୫୭୦୦୨, ମୟୂରଭଞ୍ଜ,**

**ଯୋଗାଯୋଗ- ୯୪୩୭୦୧୫୬୮୧**

# ଓଡ଼ିଶା ଜନଜାତି ସଂସ୍କୃତିର ବିକାଶରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଭୂମିକା

ବିଜ୍ଞାନ ମହାନ୍ତି

ବନ ସଂପଦ, ଖଣିଜ ସମ୍ପଦ ତଥା ସାଂସ୍କୃତିକ ବିବିଧତା ପରିପୂର୍ଣ୍ଣ ଓ କଳାକୃତିରେ ଭରପୁର ରାଜ୍ୟ ଓଡ଼ିଶା, ଭାରତର ପୂର୍ବ ଉପକୂଳରେ ଅବସ୍ଥିତ । ବହୁବିଧ ଓ ବର୍ଣ୍ଣିଳ ଜନଜାତି ସମ୍ପ୍ରଦାୟ ପାଇଁ ଓଡିଶା ସାରା ଭାରତବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଭାରତ ବର୍ଷରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟ ମ୍ନରୁ କେବଳ ଓଡିଶାରେ ୬୨ ଗୋଟି ଜନଜାତି ଗୋଷ୍ଠୀ ଦେଖିବାକୁ ମିଳନ୍ତି । ତନ୍ମଧ୍ୟରୁ ୧୩ଟି ଜନଜାତି PVTG ନାମରେ ପରିଚିତ । ୨୦୧୧ ଜନଗଣନା ଅନୁସାରେ ଓଡିଶାରେ ଜନସଂଖ୍ୟା ପ୍ରାୟତଃ ୪.୫୦ କୋଟି । ଯାହାର ୮୫% ଜନସଂଖ୍ୟା ଗ୍ରାମାଚଂଳରେ ବସବାସ କରନ୍ତି । ରାଜ୍ୟର ଜନସଂଖ୍ୟାର ପ୍ରାୟ ୨୨.୮୫% ଜନସଂଖ୍ୟା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଯାହାକି, ଭାରତ ବର୍ଷର ଜନଜାତି ଜନସଂଖ୍ୟାର ୯.୧୭ ପ୍ରତିଶତ । ଏମାନେ ଓଡିଶାରେ ବିକ୍ଷିପ୍ତ ଭାବେ ବସବାସ କରୁଥିଲେ ମଧ୍ଧ କେତୋଟି ଜିଲ୍ଲାରେ ଏମାନେ ସଂଖ୍ୟାବହୁଳ ଯାହାକି ପାହାଡ ଘେରା ଓ ବଣଜଙ୍ଗଲ ଭରା ଅଂଚଳ । ଓଡ଼ିଶାର ଆୟତନର ପ୍ରାୟତଃ ୪୪.୭ ପ୍ରତିଶତ ଅଂଚଳକୁ "ଅନୁସୂଚିତ ଅଂଚଳ" ଭାବେ ନାମିତ କରାଯାଇଛି । ଏହି ଅଂଚଳ ରାଜ୍ୟର ୧୧୯ଟି ଜନଜାତି ବହୁଳ ବ୍ଲକକୁ ନେଇ ଗଠିତ ଯେଉଁଠାରେ କି ଜନଜାତି ସମ୍ପ୍ରଦାୟର ୬୮ ପ୍ରତିଶତ ଜନସଂଖ୍ୟା ବସବାସ କରନ୍ତି । ପୁରାତନ କାଳରୁ ଅନୁସୂଚିତ ଜନଜାତି ମାନେ ସ୍ୱାଭାବିକ ସାମାଜିକ ସୁରକ୍ଷାରୁ ବଂଚିତ ଓ ପକ୍ଷପାତର ଶିକାର ଯାହାକି ସେମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିଆସିଛି । ଏଥିପାଇଁ, ରାଜ୍ୟର ପରିସୀମା ଭିତରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ବିକାଶ ଓ ପ୍ରଗତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ନ୍ୟସ୍ତ । ସ୍ୱାଧିନତା ପରଠାରୁ , ସରକାର ଅନୁସୂଚିତ ଜନଜାତି ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟିତ । ଜନଜାତି ମାନଙ୍କର ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ଉନ୍ନତି ପାଇଁ ରାଜ୍ୟ ସରକାର ୨୨ଟି "ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା", ୧୭ଟି "ଅଣୁ ପ୍ରକଳ୍ପ" ୧୩ଟି PVTGଙ୍କ ପାଇଁ; ୪୫ଟି, "MADA" ଏବଂ ୧୪ଟି "Cluster" ମାଧ୍ୟମରେ ବିଭିନ୍ନ ପ୍ରକାର ବିକାଶଭିତିକ କାର୍ଯ୍ୟ କରିଆସୁଛନ୍ତି ।

ପଂଚମ ପଂଚବାର୍ଷିକ ଯୋଜନା ସମୟରେ ଭାରତ ସରକାର PVTG ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱତନ୍ତ୍ର ବିକାଶମୂଳକ ଯୋଜନା ମାନ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିଛନ୍ତି । ଏଥିନିମନ୍ତେ ୧୩ଟି PVTGଙ୍କର ଉନ୍ନତି ପାଇଁ ରାଜ୍ୟର ୧୨ଟି ଜିଲ୍ଲାରେ ୧୭ଟି ଅଣୁପ୍ରକଳ୍ପ (Micro Project) ଗଠନ କରାଯାଇଅଛି । ଏହି ଅଣୁ ପ୍ରକଳ୍ପ ମାଧ୍ୟମରେ ସେଠାରେ ବସବାସ କରୁଥିବା ସମସ୍ତ PVTG ପରିବାରଙ୍କୁ କୃଷି, ଫଳଋଷ, ମୃତିକା ସଂରକ୍ଷଣ, ପଶୁପାଳନ ଇତ୍ୟାଦି ଯୋଜନା ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଥାଏ । ଏହାବ୍ୟତୀତ, ଅଣୁ ପ୍ରକଳ୍ପ ସ୍ତରୀୟ ବିକାଶ ପାଇଁ ସ୍ୱଚ୍ଛ ପାନୀୟ ଜଳଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ଇତ୍ୟାଦି ଗଠନ କରିବାର କାର୍ଯ୍ୟକ୍ରମ ହାତକୁ ନେଇଥାଆନ୍ତି ।

ପରେପରେ ଏକାଦଶ ପଂଚବାର୍ଷିକ ଯୋଜନା (୨୦୦୭-୧୨) ସମୟରେ, ଭାରତ ସରକାରଙ୍କର ଜନଜାତି ବ୍ୟାପାର ମନ୍ତ୍ରାଳୟ PVTG ମାନଙ୍କର ବିକାଶ ପାଇଁ କିଛି ନୂତନ ଚିନ୍ତାଧାରା ପରିପ୍ରକାଶ କରିଛନ୍ତି । ଯାହା ମାଧ୍ୟମରେ PVTG ମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ସହ ସେମାନଙ୍କର ସାଂସ୍କୃତିକ ସଂରକ୍ଷଣ ହୋଇପାରିବ । ଏହି ଆଧାରକୁ ଭିତିକରି ରାଜ୍ୟ ସରକାର ୧୩ଟି PVTG ଙ୍କ ପାଇଁ Conservation-cum-Development (CCD) "ସଂରକ୍ଷଣ ତଥା ବିକାଶ" ଯୋଜନା ପ୍ରଣୟନ କରିଥିଲେ । ଏହି ଯୋଜନା ଆଧାରରେ ସେମାନଙ୍କର ଶୈକ୍ଷିକ ବିକାଶ, ସ୍ୱାସ୍ଥ୍ୟର ଉନ୍ନତି, ଖାଦ୍ୟ ନିରାପତା, ଜୀବନ ଜୀବିକାର ମାନବୃଦ୍ଧି ଏବଂ ପାରମ୍ପରିକ ସଂସ୍କୃତିର ସଂରକ୍ଷଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । କିନ୍ତୁ ଦେଖାଗଲା ଯେ, PVTG ମାନଙ୍କର ସାମାଜିକ ଓ ଅର୍ଥନୈତିକ ସୂଚକ ଗୁଡିକର ଉନ୍ନତି ହୋଇଥିଲେ ମଧ୍ୟ ତାହା ରାଜ୍ୟର ଅନ୍ୟାନ୍ୟ ଜନଜାତି ଗୋଷ୍ଠୀ ଓ ଅନ୍ୟାନ୍ୟ ସମ୍ପ୍ରଦାୟ ମାନଙ୍କ ଠାରୁ କମ ରହିଲା । ତେଣୁ ଦ୍ୱାଦଶ ପଂଚବାର୍ଷିକ ଯୋଜନା (୨୦୧୨-୧୩ ଠାରୁ ୨୦୧୬-୧୭ ପର୍ଯ୍ୟନ୍ତ) କାଳରେ ରାଜ୍ୟ ସରକାର ଏକ ନୂତନ "ସଂରକ୍ଷଣ-ତଥା-ବିକାଶ" ଯୋଜନା (CCD) ପ୍ରସ୍ତୁତ କଲା, ଯାହାକି ସାମାଜିକ, ଭିତିଭୂମି, ସଂସ୍କୃତି, ନିରନ୍ତର ଜିବୀକା, ଗୁଣବତାର ବିକାଶ ସାଧନ କରିବାପାଇଁ ଖସଡା ପ୍ରସ୍ତୁତ କରାଯାଇଥିଲା । ସାଂସ୍କୃତିକ ବିକାଶ ମାଧ୍ୟମରେ ଜନଜାତି ମାନଙ୍କର କୋଠଘର ନିର୍ମାଣ, ପାରମ୍ପରିକ କଳା, କଳାକୃତି ଏବଂ ନୃତ୍ୟର ପ୍ରଚାର ଓ ପ୍ରସାର, ଏବଂ ଅଣୁ ପ୍ରକଳ୍ପ ଅଂଚଳରେ ଜନଜାତି ସଂଗ୍ରହାଳୟ ସ୍ଥାପନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ।

ବିଗତ ଦୁଇ ଗୋଟି ଯୋଜନା କାଳରେ ସରକାର ବିଶେଷ ଭାବରେ PVTG ମାନଙ୍କ ପାଇଁ ସଂରକ୍ଷଣ ତଥା ବିକାଶ ଯୋଜନା ମାଧ୍ୟମରେ ସେମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଉନ୍ନତି ପାଇଁ ବିଶେଷ ଯତ୍ନ ନେଇଛନ୍ତି । ଏହି ଯୋଜନାଟି ଓଡ଼ିଶାର ସାଧାରଣ ଜନଜାତିଙ୍କ ପାଇଁ ନୁହେଁ, କେବଳ ପ୍ରାଚୀନ ଜନଜାତିଙ୍କ (PVTG) ପାଇଁ ଉଦ୍ଦିଷ୍ଟ । ଏତଦ୍‌ବ୍ୟତୀତ ଏହି ଯୋଜନାରେ ସାଂସ୍କୃତିକ ବିକାଶ ବିଷୟଟି ସ୍ୱତନ୍ତ୍ର ଭାବେ କାର୍ଯ୍ୟକାରୀ କରାଯାଇନାହିଁ ବରଂ ଏହା ସାମାଜିକ ଓ ଅର୍ଥନୈତିକ ବିକାଶର ଏକ ଅଂଶ ରୂପେ କାର୍ଯ୍ୟ କରୁଅଛି ।

କିନ୍ତୁ ଏହି ସମୟ ମଧ୍ୟରେ PVTG ମାନଙ୍କ ସହିତ ଅନ୍ୟାନ୍ୟ ଜନଜାତି ମାନଙ୍କର ସାଂସ୍କୃତିକ ବିକାଶର କୌଣସି ଦିଗ CCD ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଦେଖିବାକୁ ମିଳିଲା ନାହିଁ । କିନ୍ତୁ ସାମଗ୍ରିକ ଭାବେ ଓଡିଶାର ଜନଜାତି ମାନଙ୍କର ବିକାଶ ପରିଲକ୍ଷିତ ହୋଇଛି । ଏସବୁ ସତ୍ତ୍ୱେ ସରକାରଙ୍କ ହୃଦ୍‌ବୋଧ ହୋଇଛି ଯେ ଏପରି କିଛି ଅଂଶ ରହିଯାଉଛି, ଯାହାଫଳରେ ଜନଜାତି ମାନଙ୍କର ସାମାଜିକ ଓ ସାଂସ୍କୃତିକ ବିକାଶ ସଠିକ୍ ଭାବରେ କରାଯାଇପାରୁନାହିଁ । ଏତଦ୍‌ବ୍ୟତୀତ ରାଜ୍ୟ ସରକାର ହୃଦ୍‌ବୋଧ କଲେ ଯେ ବିକାଶର ପ୍ରତ୍ୟେକ ସୋପାନ ଯଥା ସମ୍ବେଦନଶୀଳ ଅଂଚଳର ଚିହ୍ନଟ, ସେହି ଅଂଚଳ ପାଇଁ ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରୀ ଓ ତଦାରଖ କାର୍ଯ୍ୟରେ ଜନଜାତି ମାନଙ୍କର ଯୋଗଦାନ ନିହାତି ଜରୁରୀ । ଏହି ବିଷୟକୁ ଆଖି ଆଗରେ ରଖି ଓଡ଼ିଶା ସରକାର ୯ ଗୋଟି ଜନଜାତି ବହୁଳ (୪୫%ରୁ ଅଧିକ ଜନଜାତି) ଜିଲ୍ଲା ଯଥା କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, ଗଜପତି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାର ୧୧୭ଟି

ବ୍ଲକ୍‌ର ୨୦୨୨ଟି ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ୧୮୬୮୭ଟି ଗ୍ରାମରେ ବସବାସ  କରୁଥିବା ୧୪ ଲକ୍ଷ ପରିବାରର ୬୩.୪୩ ଲକ୍ଷ ଜନଜାତିଙ୍କ କଳା ଓ ସଂସ୍କୃତିର ବିକାଶ ପାଇଁ ୯ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ୨୦୧୭ ମସିହାରେ ଗଠନ କରିଛନ୍ତି । ଏଥିରେ ଯେଉଁ ଜନପ୍ରତିନିଧି ମାନଙ୍କର ସମାଜ ଓ ସଂସ୍କୃତି ଉପରେ ଯଥେଷ୍ଟ ଧାରଣା ଥିବା ସାଙ୍ଗକୁ ଜନସମାଜରେ ପ୍ରତିଷ୍ଠା ଲାଭ କରିଥିବେ, ସେମାନଙ୍କର ପ୍ରତ୍ୟକ୍ଷ ଅନ୍ତର୍ଭୁକ୍ତିରେ ସେମାନଙ୍କର ବିକାଶ କାର୍ଯ୍ୟ ତଦାରଖ କରିବାପାଇଁ ଉନ୍ନୟନ ପରିଷଦର  ପରିକଳ୍ପନା । ଏହି ଜିଲ୍ଲାମାନଙ୍କର ଜିଲ୍ଲାପାଳ, ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟ କରୁଥିବା ବେଳେ ଜିଲ୍ଲା ସଦର ମହକୁମାରେ ଥିବା ITDA ର ପ୍ରକଳ୍ପ ପରିଚାଳକ ଯୋଜନା ଗୁଡ଼ିକର ରୂପାୟନ କରିବେ । ଏହି ପରିଷଦ ସ୍ୱତନ୍ତ୍ର ଭାବେ ସେହି ଜିଲ୍ଲାରେ ବସବାସ କରୁଥିବା ଜନଜାତି ମାନଙ୍କର କାଳକ୍ରମେ ଲୋପ ପାଇଯାଉଥିବା ସଂସ୍କୃତି ଓ ପରମ୍ପରା, ଐତିହ୍ୟ ଓ ପରିଚିତିର ପ୍ରଚାର, ପ୍ରସାର, ସୁରକ୍ଷା, ଉନ୍ନତି ଓ ରକ୍ଷଣାବେକ୍ଷଣ ଉପରେ ଆଲୋକପାତ କରିବା ସହ ପ୍ରତିଷ୍ଠା ଲାଭ କରିଥିବା କୁଶଳୀ କାରିଗର ମାନଙ୍କୁ ଚିହ୍ନଟ ଓ ଜନଜାତି ମାନଙ୍କର ବିକାଶରେ ସେମାନଙ୍କର ଯୋଗଦାନ ଉପରେ ଗୁରୁତ୍ୱ ଦିଆଯାଇଅଛି । ଏହି ପରିଷଦ ଓଡିଶା ସରକାରଙ୍କର ଏକ ଐତିହାସିକ ପଦକ୍ଷେପ ଯାହାକି ଅନ୍ୟ କୌଣସି ରାଜ୍ୟରେ ଦେଖାଯାଇନାହିଁ

ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଧାନ ଆଭିମୁଖ୍ୟ ଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା –

- ଜନଜାତି ପରିଚିତିକୁ ବଜାୟ ରଖିବାପାଇଁ ଜନଜାତି ସଂସ୍କୃତିର ସଂରକ୍ଷଣ ଓ ପରିପ୍ରସାର ।
- ସ୍ୱକୀୟ ଜ୍ଞାନ କୌଶଳର ଚିହ୍ନଟ  ଓ ଉନ୍ନତିକରଣ ।
- ଜନଜାତି ସଂପ୍ରଦାୟର ଅନୁଭୁତ ଓ ବୌଦ୍ଧିକ ସାଂସ୍କୃତିକ ପରମ୍ପରା ଓ ପ୍ରଥାର ନଥୀକରଣ ।
- ଜନଜାତି ଉତ୍ସର ଚିହ୍ନଟ ଓ ସ୍ୱକୀୟ ଜ୍ଞାନ ଓ ସ୍ୱତନ୍ତ୍ର ସଂସ୍କୃତି ମାଧ୍ୟମରେ ଜୀବିକା ନିର୍ବାହ ।
- ଆତ୍ମବିଶ୍ୱାସ ପ୍ରତିଷ୍ଠା ନିମନ୍ତେ ଜନଜାତି ଗୋଷ୍ଠୀଙ୍କ ପାଇଁ ପରିଭ୍ରମଣ ବ୍ୟବସ୍ଥା ।
- ଭାଷାର ବିକାଶ କ୍ଷେତ୍ରରେ ଜନଜାତି ଭାଷା ଓ ଉପଭାଷା ସମୂହର ପରିପ୍ରସାର ଓ ବିକାଶ ।
- ଜନଜାତି ମାନଙ୍କର ଆବଶ୍ୟକତା ଅନୁସାରେ ଆଦିବାସୀ ଅଧୁଷିତ ଅଂଚଳରେ ଉପଲବ୍ଧ ସମ୍ବଳକୁ ଅତ୍ୟୁତମ ଭାବେ ଜନଜାତି ମାନଙ୍କର ସୁର୍ଦୀଘପ୍ରସାରୀ ବିକାଶରେ ବିନିଯୋଗ ।
- ସବୁସ୍ତରରେ ଜନଜାତି କ୍ରୀଡ଼ା ଓ ଯୁବ ବ୍ୟାପାର କ୍ଷେତ୍ରରେ ବିକାଶ ।

ପ୍ରତ୍ୟେକ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାର ବ୍ଲକ ଗୁଡ଼ିକର ସଂଖ୍ୟା ଅନୁଯାୟୀ ପ୍ରତ୍ୟେକ ବ୍ଲକକୁ ବର୍ଷକୁ ୧.୫ କୋଟି ଟଙ୍କା ଅନୁସାରେ ଅନୁଦାନ ରାଶି ପ୍ରଦାନ କରାଯିବ । ବ୍ଲକ ଗୁଡିକ ମଧ୍ୟରେ ପାଣ୍ଠିର ଆଭ୍ୟନ୍ତରୀଣ ବିତରଣର ନିଷ୍ପତି, ପରିଷଦ ଦ୍ୱାରା ନିର୍ଣ୍ଣୟ କରାଯିବ । ଜିଲ୍ଲାରେ ଥିବା ପ୍ରତ୍ୟେକ ଜନଜାତିଙ୍କର ଅନୁପାତ ଅନୁଯାୟୀ ଆବଶ୍ୟକତା ବିଶ୍ଳେଷଣକୁ  ଭିତି କରି ଏହି ପାଣ୍ଠି ବିତରଣ କରାଯିବ । ଏହି ପରିଷଦ ଗୁଡିକ ମାଧ୍ୟମରେ ବର୍ଷକୁ ସମୁଦାୟ ୧୭୫ କୋଟି ଟଙ୍କା ଖର୍ଚ୍ଚ କରାଯାଇପାରିବ । ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପରିଷଦର ନିଷ୍ପତି ଅନୁସାରେ ଜନଜାତିଙ୍କର ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡିକ ପାଇଁ ମୂଳ ପାଣ୍ଠି ହିସାବରେ ଏହି ଅନୁଦାନକୁ ବିନିଯୋଗ କରାଯିବ । ଏହି ଅନୁଦାନର ଅତିକମ୍‌ରେ

୫୦% ଭାଗ ଅର୍ଥ ଜନଜାତି ସଂସ୍କୃତି ଏବଂ ମାନବ ସମ୍ବଳ ଏବଂ ସୂଚନା, ଶିକ୍ଷା, ସଂବାଦ କାର୍ଯ୍ୟକ୍ରମ ପାଇଁ ବିନିଯୋଗ କରାଯିବ ।

ଜନଜାତି ମାନଙ୍କର ସାଂସ୍କୃତିକ ପରିଚିତିକୁ ବଜାୟ ରଖିବା ପାଇଁ ସାଂସ୍କୃତିକ ଚିହ୍ନ / ଛାପ ଗୁଡ଼ିକର ପୁନର୍ଗଠନ, ସଂରକ୍ଷଣ ଏବଂ ବିକାଶ ଯଥା ପୂଜାସ୍ଥଳୀ, ପବିତ୍ର ପୀଠ, ବାଦ୍ୟଯନ୍ତ୍ର ପ୍ରଦାନ, ଚିତ୍ରକଳା, କଳା ପ୍ରସ୍ତୁତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହୃତ ପୋଷାକ ବିତରଣ, ଏବଂ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ବିଭିନ୍ନ ବାଦ୍ୟ ଉପକରଣ ପ୍ରଦାନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ୨୦୧୭-୧୮ ଆର୍ଥିକ ବର୍ଷଠାରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ହାତକୁ ନିଆଯାଇଛି । ଏହି କ୍ରମରେ ନିମ୍ନୋକ୍ତ କାର୍ଯ୍ୟକ୍ରମ ଗୁଡ଼ିକ ଆରମ୍ଭ କରାଯାଇଛି ।

## ୧. ପବିତ୍ର ପୀଠ ଗୁଡ଼ିକର ସଂରକ୍ଷଣ ଓ ବିକାଶ

ଜନଜାତି ସମୁହ ଦ୍ୱାରା କୌଣସି ବୃକ୍ଷ କିମ୍ବା ବୁଦାକୁ ଦିଆଯାଉଥିବା ଧାର୍ମିକ ମାନ୍ୟତାକୁ ଭିତିକରି ଉକ୍ତ ବୃକ୍ଷ କିମ୍ବା ବୁଦାକୁ ପବିତ୍ର ପୀଠ ରୂପେ ଗ୍ରହଣ କରାଯାଇଛି । ଏହା ଜନଜାତି ମାନଙ୍କର ସାଂସ୍କୃତିକ ଚିହ୍ନ । ଜନଜାତିଙ୍କ ଦ୍ୱାରା ସର୍ବମାନ୍ୟ ଦେବୀ ବା ଦେବତା ରୂପେ ଗ୍ରହଣ କରାଯାଉଥିବା ପ୍ରସ୍ତର, ବୃକ୍ଷ କିମ୍ବା ଅନ୍ୟାନ୍ୟ ପ୍ରାକୃତିକ ବିଷୟକୁ ଏହି ପବିତ୍ର ପୀଠ ମାନଙ୍କରେ ସ୍ଥାପନା କରାଯାଏ । ଏହାର ସଂରକ୍ଷଣ କରୁଥିବା ଜନଜାତି ଗୋଷ୍ଠୀ ମାନଙ୍କ ପାଇଁ ଏହାର ମହତ୍ୱପୂର୍ଣ୍ଣ ଧାର୍ମିକ ଅର୍ଥ ରହିଥାଏ । ଏହି ପୀଠର ପାରିପାର୍ଶ୍ୱିକ ଅଂଚଳରେ ପଶୁ ଶୀକାର ଏବଂ କାଠ କଟା ଉପରେ ପ୍ରତିବନ୍ଧ ରହିଥାଏ । ସାଧାରଣତଃ ମନ୍ଦିର, ପୁରାତନ ପୀଠ, ଶ୍ମଶାନ ଅଂଚଳ ଆଦିକୁ ଭାରତୀୟ ଧାର୍ମିକ ପୀଠ ଭାବେ ଗ୍ରହଣ କରାଯାଇଥାଏ । ପବିତ୍ର ପୀଠ ଗୁଡ଼ିକ ମଧ୍ୟରେ ସାମାଜିକ ଅନୁଷ୍ଠାନ ତଥା ଉତ୍ସବ ଅନୁଷ୍ଠିତ ହୋଇଥାଏ ଯାହା ସମାଜକୁ ସୁଦୃଢ କରି ବାନ୍ଧି ରଖେ । ପବିତ୍ର ପୀଠ ଗୁଡ଼ିକ ବିଭିନ୍ନ ପ୍ରଜାତିକ ଗୋଷ୍ଠୀ ଦ୍ୱାରା ରାଜ୍ୟର ବିଭିନ୍ନ ଅଂଚଳରେ ଭିନ୍ନ ଭିନ୍ନ ନାମରେ ନାମିତ ହୋଇଥାଏ ଯଥା – ସାନ୍ତାଳ, ମୁଣ୍ଡା, ଭୂମିଜ, ହୋ, କୋହ୍ଲ, ପାହାଡି ଖଡ଼ିଆ, ମାଙ୍କିଡିଆ ମାନଙ୍କର ଜାହିରା; ଓରାମ, ମୁଣ୍ଡା, ଖଡ଼ିଆ ଏବଂ କିସାନ ମାନଙ୍କର 'ସାର୍‌ନା', ବାଥୁଡ଼ି, ସାଉନ୍ତି, ରାଜୁଆର ଏବଂ ଭୂୟାଁ ମାନଙ୍କର 'ଶାଳ', ବାଥୁଡ଼ି, ଗୋଣ୍ଡ ଏବଂ ଅସୁରଙ୍କର 'ପାଟ', ଭୂୟାଁ ଏବଂ ଓରାମ୍‌ଙ୍କର 'ଦେମୂଳ', ପରଜା, ଗଦବା, ପେଂଟିଆ, ଭତ୍ରା ଏବଂ ଓମାନତ୍ୟ ମାନଙ୍କର 'ହୁଣ୍ଡି', କନ୍ଧ ମାନଙ୍କର 'ଦର୍ଣ୍ଣି', 'ତୁଳେଣି' ଏବଂ 'ଗଙ୍ଗାମା', କିସାନ, କୁଡ଼ା, ମାଟିଆ ଏବଂ ବିଂଝାଲ ମାନଙ୍କର 'ଗୁଡ଼ି', ବଣ୍ଡା ଏବଂ ଡିଡାୟୀ ଜନଜାତିଙ୍କର 'ପାଟଖଣ୍ଡା' ।

ପବିତ୍ର ପୀଠ ଗୁଡ଼ିକ ବିଭିନ୍ନ ଆୟୁର୍ବେଦିକ ବନସ୍ପତି ଗୁଡିକର ଭଣ୍ଡାର ରୂପେ ରହିଥାଏ । ଏହି ବନସ୍ପତି ଗୁଡିକ ମୃତିକା କ୍ଷରଣକୁ ପ୍ରତିରୋଧ କରିଥାଏ । ଆଧୁନିକ ଯୁଗରେ ଏହି ପବିତ୍ର ପୀଠ ଗୁଡ଼ିକ 'ଜୈବିକ ବିବିଧତା'ର ଏକ ସଂବେଦନଶୀଳ ଅଂଚଳ ହୋଇ ରହିଛି । ଅଧିକାଂଶ ପବିତ୍ର ପୀଠ ଗୁଡ଼ିକରେ ଅତି ପୁରୁଣା ବୃକ୍ଷ ଏବଂ ତା'ର ପାରିପାର୍ଶ୍ୱିକ ପ୍ରାକୃତିକ ପରିବେଶକୁ ସଂରକ୍ଷିତ ରଖିଛନ୍ତି ଯାହା ରୋଗନାଶକ ପରିବେଶ ତଥା ଜନଜାତି ସଂସ୍କୃତିର ସଂରକ୍ଷଣ ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ଅଟେ । ପବିତ୍ର ପୀଠ ଗୁଡ଼ିକ ମୂଳନିବାସୀ ସଂସ୍କୃତି, ସ୍ଥାନୀୟ ଜୈବିକ ବିବିଧତା, ପାରମ୍ପରିକ ପ୍ରଥା ଗୁଡିକର ସଂରକ୍ଷଣର ଏକ ପ୍ରତିବିମ୍ବ ରୂପେ ପରିଗଣିତ ହେଉଛି ।

ପରମ୍ପରା, ପରିବେଶ ତଥା ବିକାଶ ମଧ୍ୟରେ ସମନ୍ୱୟ ତଥା ପୁନଃସ୍ଥାପନ ରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବିଭିନ୍ନ, ପବିତ୍ର ପୀଠ ଗୁଡ଼ିକର ସଂରକ୍ଷଣ ପାଇଁ ୨୦୧୭-୧୮ ମସିହା ଠାରୁ ପଦକ୍ଷେପ ଗ୍ରହଣ କରିଆସୁଛି । ଆକଳନ କରାଯାଇଥିବା ୩୮୫୦ ଗୋଟି ପବିତ୍ର ପୀଠ ମଧ୍ୟରୁ ୨୦୧୭-୧୮ ମସିହାରୁ ଅଦ୍ୟାବଧି ୩୫୬୨ଟି ପବିତ୍ର ପୀଠର ସଂରକ୍ଷଣ ତଥା ଉନ୍ନତିକରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ।

## ୨. ସାଂସ୍କୃତିକ ଅନୁଷ୍ଠାନ ଗଠନ

ଜନଜାତି ସାଂସ୍କୃତିକ ପରମ୍ପରାରେ ସାଂସ୍କୃତିକ ଅନୁଷ୍ଠାନ ଗୃହ, ଜନଜାତି ଯୁବଗୋଷ୍ଠୀ ମାନଙ୍କର ସମାହାର ଏବଂ ଗୋଷ୍ଠୀଗତ ତଥା ପାରମ୍ପରିକ ଜୀବନ ଯାତ୍ରା ପାଇଁ ଏକ ମୂଖ୍ୟ ସ୍ଥାନ । ଏହା ଜନଜାତିଙ୍କର ପାରମ୍ପରିକ ଯୋଗ୍ୟତା ଯଥା- ପଶୁ ଶୀକାର, ଚିତ୍ରକଳା, ହସ୍ତଶିଳ୍ପ, ନୃତ୍ୟ, ସଂଗୀତ, ଲୋକକଳା ଏବଂ ବୌଦ୍ଧିକତା ଇତ୍ୟାଦିର ଶିକ୍ଷା କେନ୍ଦ୍ର ରୂପେ କାର୍ଯ୍ୟ କରେ । ଏହି ଯୁବାଳୟ ଗୁଡ଼ିକର ଗୋଷ୍ଠୀ ବୋଧ ଏବଂ ଜନଜାତି ପରମ୍ପରାର ଦୀର୍ଘ ଜୀବନକୁ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଥାଏ । ଏହି ଯୁବାଳୟ ଗୁଡ଼ିକ ବିଭିନ୍ନ ଜନଜାତି ଦ୍ୱାରା ବିଭିନ୍ନ ନାମରେ ନାମିତ ହୋଇଥାଏ ଯଥା – ଜୁଆଙ୍ଗ ମାନଙ୍କର 'ମଜାଙ୍ଗ / ମଣ୍ଡଘର' କନ୍ଧ ମାନଙ୍କର 'ଧାଙ୍ଗଡ଼ା ବସା / ଧାଙ୍ଗଡ଼ିବସା', ବଣ୍ଡା ମାନଙ୍କର 'ଇଙ୍ଗରାସିଜିଙ୍ଗ / ସାଲେନିଡ଼ିଙ୍ଗ', କୋୟା ମାନଙ୍କର 'ପିକିନ୍ କୁଡ଼ମା', ଡିଡାୟୀ ମାନଙ୍କ 'ଗୁଲିସଂଗ', ପରଜାଙ୍କର 'ବସା ଘର', ଗୋଣ୍ଡଙ୍କର 'ଘୋଟୁଲ', ଡ଼ଙ୍ଗରିଆ କନ୍ଧଙ୍କର 'ଦାସଶାଡା', ସାନ୍ତାଳ ମାନଙ୍କର 'ଗାସେନ', ଓରାଓଁ ମାନଙ୍କର 'ଧୁମକୁରିଆ', ହୋ ଏବଂ ମୁଣ୍ଡା ମାନଙ୍କର 'ଗିତିଓରା' ତଥା ଭୂୟାଁ ମାନଙ୍କର 'ଧଙ୍ଗର ବସା' । ଜନଜାତି ପରମ୍ପରାର ସଂରକ୍ଷଣ ପାଇଁ ଗ୍ରାମ ପଂଚାୟତ ସ୍ତରରେ ଜନଜାତି ସାଂସ୍କୃତିକ କ୍ଲବ ଗୃହ ନିର୍ମାଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ଯୋଜନା କରାଯାଇ କ୍ରୀୟାନ୍ୱିତ ହୋଇଛି । ୧୫୩୩ଟି କ୍ଲବ ଗୃହ ମଧ୍ୟରୁ ୮୪୨ଟିର ନିର୍ମାଣ ୨୦୧୭-୧୮ ମସିହା ଠାରୁ ଅଦ୍ୟାବଧି ସଂପୂର୍ଣ୍ଣ ହୋଇଛି ।

## ୩. ସାଂସ୍କୃତିକ ସଂଗଠନ (କ୍ଲବ) ଗୁଡ଼ିକୁ ବାଦ୍ୟଯନ୍ତ୍ର ପ୍ରଦାନ

ନୃତ୍ୟ, ସଂଗୀତ ଏବଂ ସମୁହ ଗାନ ଜନଜାତି ସଂସ୍କୃତିର ଏକ ଅଭିନ୍ନ ପରମ୍ପରା । ଦେଶୀ ବାଦ୍ୟଯନ୍ତ୍ର ଓଡିଶାର ଜନଜାତି ମାନଙ୍କର ପାରମ୍ପରିକ ଚିତ୍ରପଟର ବିବିଧତାକୁ ବର୍ଣ୍ଣନା କରିଥାଏ । କେତେକ କ୍ଷେତ୍ରରେ ନୃତ୍ୟଶୈଳୀ ଗୁଡିକ ସେଥିରେ ବ୍ୟବହୃତ ବାଦ୍ୟଯନ୍ତ୍ର ଏବଂ ବାଦ୍ୟଯନ୍ତ୍ରର ତାଳ ଓ ନୃତ୍ୟ ଶୈଳୀ ଦ୍ୱରା ପରିଚିତ ହୋଇଥାଏ ।

ପ୍ରାୟତଃ ଜନଜାତି ସମାଜରେ ଅର୍ଥାଭାବ ହେତୁ ଦେଶୀ ଓ ପାରମ୍ପରିକ ବାଦ୍ୟଯନ୍ତ୍ର ନଥାଏ । ତେଣୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନିଜ ଜିଲ୍ଲାର ଜନଜାତି ବ୍ୟବହାର କରୁଥିବା ପାରମ୍ପରିକ ବାଦ୍ୟଯନ୍ତ୍ର ସଂଗ୍ରହ କରି ବିଭିନ୍ନ ଜନଜାତି ସମାଜରେ ପ୍ରଦାନ କରିବାର ନିଷ୍ପତି ନେଇଛି । ୨୦୧୭-୧୮ ଆର୍ଥିକ ବର୍ଷ ଠାରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାରମ୍ପରିକ ବାଦ୍ୟଯନ୍ତ୍ର କ୍ରୟ କରି ସମୁଦାୟ ୧୫୪୪ଟି ଚିହ୍ନିତ ଜନଜାତି ସାଂସ୍କୃତିକ ଅନୁଷ୍ଠାନ ମଧ୍ୟରୁ ୧୫୩୦ଟି ଅନୁଷ୍ଠାନକୁ ଯୋଗାଇ ଦେଇଛି ।

## ୪. ନୃତ୍ୟ ଦଳ ପଞ୍ଜିକରଣ ଓ ନୃତ୍ୟ ପୋଷାକ ଯୋଗାଣ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାୟୋଜିତ କରିବା

ଜନଜାତି କଳାର ପ୍ରଦର୍ଶନ ମାଧ୍ୟମରେ ଜନଜାତି ମାନେ ସେମାନଙ୍କର ପରମ୍ପରା ଓ ସଂସ୍କୃତିକୁ ବଂଚାଇ ରଖିଥାନ୍ତି । ଜନଜାତି ନୃତ୍ୟ କେବଳ ନୃତ୍ୟ ପ୍ରଦର୍ଶନ ନୁହେଁ, ବରଂ ତାଙ୍କର ପ୍ରଜାତିକ ପାରମ୍ପରିକ ସଂଗୀତ, ପୋଷାକ ଏବଂ ବିଶେଷତାକୁ ବହନ କରିଥାଏ । ବିଭିନ୍ନ ଋତୁ ଏବଂ ବିଶେଷ କାରଣ / ଅନୁଷ୍ଠାନ ପାଇଁ ଜନଜାତି ମାନଙ୍କର ଭିନ୍ନ ଭିନ୍ନ ନୃତ୍ୟ ଶୈଳୀ ଥାଏ । ପ୍ରତ୍ୟେକ ନୃତ୍ୟର ସ୍ୱତନ୍ତ୍ର ତାଳ ଓ ଶୈଳୀ ରହିଥାଏ ଯାହା ସ୍ଥାନୀୟ ଲୋକଙ୍କର ଜୀବନଶୈଳୀ ସହିତ ଯାହାର ସଂପର୍କ ରହିଥାଏ । ଏହି ନୃତ୍ୟ ତାଙ୍କୁ ତାଙ୍କର ଐତିହ୍ୟ ସହିତ ଯୋଡ଼ି ରଖିଥାଏ । ପ୍ରତ୍ୟେକ ନୃତ୍ୟ ପ୍ରତୀକାତ୍ମକ ପୋଷାକ ଏବଂ ବାଦ୍ୟ ଦ୍ୱାରା ଯୋଡ଼ି ହୋଇଥାଏ । ଯଦି ଏହାର ମୂଳ ସ୍ୱରୂପର ସଂରକ୍ଷଣ କରାନଯାଏ, ଏହା ପ୍ରଦୁଷିତ ହେବାର ଏବଂ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଜନଜାତି ନୃତ୍ୟ ଶୈଳୀକୁ ଚିହ୍ନିତ କରି ତାଙ୍କୁ ପଞ୍ଜିକରଣ ପୂର୍ବକ ପାରମ୍ପରିକ ନୃତ୍ୟ ପୋଷାକ ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

ନୃତ୍ୟ ପୋଷାକ ଗୁଡ଼ିକ ତାଙ୍କର ପ୍ରଜାତିକ ମୂଲ୍ୟବୋଧ ଓ ସାଂସ୍କୃତିକ ଐତିହ୍ୟକୁ ବଜାୟ ରଖିବା ଏବଂ ଜନଜାତି ସମାଜର ପରିଚିତିକୁ ସଂରକ୍ଷିତ କରିବାରେ ଏକ ବିଶେଷ ଭୂମିକା ନିର୍ବହ କରିଥାଏ । ଜଣେ ସେମାନଙ୍କର ନୃତ୍ୟ ପୋଷାକକୁ ଦେଖି ଜନଜାତିର ପରିଚୟ ସହଜରେ ଜାଣିପାରେ । ଜନଜାତି ନୃତ୍ୟ ପାଇଁ ଧରୁଆ, କିସାନ, ଓରାଓଁ, କୋୟା, ଲାଞ୍ଜିଆ ସଉରା, ସାନ୍ତାଳ, ଡଙ୍ଗରିଆ କନ୍ଧ ଏବଂ ଲୋଧା ଜନଜାତି ଓଡ଼ିଶାରେ ବିଶେଷ ରୂପେ ପରିଚିତ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଜନଜାତିଙ୍କର ଐତିହ୍ୟ, ପରମ୍ପରା, ସଂସ୍କୃତି, କଳା, ହସ୍ତକଳାର ସଂରକ୍ଷଣ ଓ ବିକାଶ ପାଇଁ ଓଡ଼ିଶା ସରକାର ସବୁ ପ୍ରକାର ଉଦ୍ୟମରତ । ଏ ପର୍ଯ୍ୟନ୍ତ ସମୁଦାୟ ୬୪୯ ଗୋଟି ନୃତ୍ୟ ଦଳ ଚିହ୍ନିତ ହୋଇଛନ୍ତି ଏବଂ ୬୪୭ଟି ଦଳ ପଞ୍ଜିକୃତ ହୋଇ ୯ ଗୋଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ସେମାନଙ୍କୁ ନୃତ୍ୟ ପୋଷାକ ଯୋଗାଇ ଦିଆଯାଇଛି । ଜନଜାତି ନୃତ୍ୟର ପ୍ରାଦେଶିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଏହି ଜନଜାତି ନୃତ୍ୟ ଦଳଙ୍କୁ ବିଭିନ୍ନ ସ୍ତରରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରାୟୋଜିତ କରିବାପାଇଁ ପଦକ୍ଷେପ ନେବ ।

## ୫. ବ୍ଲକ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ

ଜନଜାତି ପରମ୍ପରା, ନୀତି, ନୈତିକ ମୂଲ୍ୟ, ଆଚରଣ, ଉତ୍ସବ, ଲୋକସଙ୍ଗୀତ, ବିଶ୍ୱାସ ଏବଂ ଆଦର୍ଶ ସମାଜ ଏବଂ ପାରମ୍ପରିକ ଐତିହ୍ୟର ଏକ ମିଶ୍ରଣ । ପ୍ରତ୍ୟେକ ଜନଜାତି ସମାଜର ନିଜସ୍ୱ ଉତ୍ସବ ସମୂହ ରହିଥାଏ । ତିନି ପ୍ରକାର ଧାର୍ମିକ ଅନୁଷ୍ଠାନ ଯଥା – ପ୍ରକୃତି ଓ ପ୍ରାକୃତିକ ସଂପଦର ପୂଜା, ପୂର୍ବ ପୁରୁଷଙ୍କ ପୂଜା ଏବଂ ଦେବାଦେବୀଙ୍କର ପୂଜାକୁ ନେଇ ଜନଜାତି ସାଂସ୍କୃତିକ ଉତ୍ସବର ମୂଳଦୁଆ ଗଠିତ । ବିକାଶ ପରିପ୍ରେକ୍ଷୀରେ ପାରମ୍ପରିକ ହସ୍ତଶିଳ୍ପ, କଳାକାର ଏବଂ ଯୋଗ୍ୟ ଖେଳାଳୀଙ୍କର ଚିହ୍ନଟ, ବିକାଶ ଏବଂ ସମ୍ବାଦର ମାଧ୍ୟମ ସନ୍ଧାନ

କରିବାରେ ଜନଜାତି ଉତ୍ସବ ସାହାଯ୍ୟ କରିଥାଏ । ଜନଜାତିଙ୍କ ମଧ୍ୟରେ ଆପୋଷ ଘନିଷ୍ଠତା ଏବଂ ସମ୍ବାଦକୁ ପ୍ରୋତ୍ସାହନ ଦେବାପାଇଁ ଜନଜାତି ଉତ୍ସବ ଏକ ସାମାଜିକ ଅନୁଷ୍ଠାନ ଭାବେ କାର୍ଯ୍ୟ କରିଥାଏ । ଜିଲ୍ଲାର ଜନଜାତି ସାଂସ୍କୃତିକ ଉତ୍ସବର ପ୍ରୋତ୍ସାହନ ଜନଜାତି ପ୍ରତିଭା ଏବଂ ଦକ୍ଷତାକୁ ଲୋକଲୋଚନକୁ ଆଣିବା ତଥା ତାର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଏକ ବିଶେଷ ଭୂମିକା ଗ୍ରହଣ କରିଥାଏ । ଏହାକୁ ଦୃଷ୍ଟିରେ ରଖି ୨୦୧୭-୧୮ ମସିହା ଠାରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ୮୬ ଗୋଟି ବ୍ଲକସ୍ତରୀୟ ଏବଂ ୬ ଗୋଟି ଜିଲ୍ଲାସ୍ତରୀୟ ସାଂସ୍କୃତିକ ଉତ୍ସବ ଆୟୋଜନ କରି ଜିଲ୍ଲାର ଜନଜାତି କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ସଙ୍ଗୀତ ଏବଂ ଖେଳକୁଦ ଇତ୍ୟାଦି ଅନୁଷ୍ଠିତ ହୋଇଛି ।

## ୬. ବ୍ଲକ, ଜିଲ୍ଲା ଏବଂ ରାଜ୍ୟ ସ୍ତରୀୟ କ୍ରୀଡ଼ା ଆୟୋଜନ ଏବଂ କ୍ରୀଡ଼ା ଉପକରଣ ବିତରଣ

ଏକତାର ମୂଲ୍ୟ, ବିଭିନ୍ନତା, ସାମଗ୍ରିକତା ଏବଂ ସଂସ୍କୃତିର ପରିପ୍ରକାଶ ଏବଂ ହୃଦବୋଧ ପାଇଁ ସ୍ୱଦେଶୀ ଖେଳ ଏବଂ ପରମ୍ପରା ଏକ ପ୍ରକୃଷ୍ଟ ମାଧ୍ୟମ । ପାରମ୍ପରିକ ଖେଳ ସମାଜ କିମ୍ବା ସଂସ୍କୃତିର ଏକ ଉତ୍ପତି, ଯାହା ଜନଜାତି ସମାଜର ଐତିହ୍ୟକୁ ଉନ୍ନତ କରିଛି । ଓଡ଼ିଶାର ବିଭିନ୍ନ କ୍ରୀଡ଼ା ଜନଜାତିଙ୍କର ସଂସ୍କାର ଏବଂ କର୍ମକର୍ମାଣି ସହିତ ଜଡ଼ିତ । ତନ୍ମଧ୍ୟରୁ କେତେକ କଟି, ଗେଡ଼ି ବା ଘୁଡ଼େଲ, ଗଣ୍ଡି ଗଣନା, ଗୌଡ଼ ବାଡ଼ି ଇତ୍ୟାଦି ନାମରେ ନାମିତ । ପାରମ୍ପରିକ କ୍ରୀଡ଼ା ଖେଳ ଦଳ ଏବଂ ସମାଜ ମଧ୍ୟରେ ଏକ ସେତୁ ରୂପେ କାମ କରିଥାଏ । ଓଡ଼ିଶାରେ ଅନେକ ପ୍ରତିଭା ସଂପନ୍ନ ଜନଜାତି କ୍ରୀଡାବିତ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡ଼ାରେ ଓଡ଼ିଶାର ପ୍ରତିଷ୍ଠା ସ୍ଥାପନ କରିପାରିଛନ୍ତି । କ୍ରୀଡ଼ାର ଉନ୍ନତି ପାଇଁ ସାଂଗଠନିକ ଦୃଷ୍ଟିକୋଣରୁ ବିଚାର କଲେ ଓଡ଼ିଶା ଅନ୍ୟ ଜନଜାତି ବହୁଳ ରାଜ୍ୟ ଅପେକ୍ଷା ଆଗରେ ରହିଛି । ତଥାପି ଅନେକ ଲୁକ୍‌କାୟିତ କ୍ରୀଡ଼ା ପ୍ରତିଭା ଜନଜାତି ବହୁଳ ଅଂଚଳରେ ଏବେ ବି ଅଛନ୍ତି । ଯେଉଁମାନେ ଏହି କ୍ଷେତ୍ରରେ ଆହୁରି ସୁନାମ ହାସଲ କରିବାର ଯୋଗ୍ୟତା ରଖିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ କ୍ରୀଡ଼ାର ଆୟୋଜନ କରୁଛି ଯେମିତି ଜଣେ ବି କ୍ରୀଡ଼ା ପ୍ରତିଭା ଚିହ୍ନଟ ନ ହୋଇ ରହିନଯାଆନ୍ତି । ଜିଲ୍ଲାରେ କ୍ରୀଡ଼ା ପ୍ରତି ଉତ୍ସାହ ଏବଂ କ୍ରୀଡାବିତ୍ ମାନଙ୍କର ସମୁହ ଯୋଗଦାନ ପୂର୍ବକ ତୃଣମୂଳ ସ୍ତରରେ କ୍ରୀଡ଼ାର ସଶକ୍ତୀକରଣ ଏବଂ ଜନଜାତି ଜିଲ୍ଲାର ଶିଶୁ ମାନଙ୍କୁ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ମିଳିବ । ଏଥିପାଇଁ ଖେଳାଳୀ ମାନଙ୍କୁ ଖେଳ ଉପକରଣ ଯୋଗାଇ ଦିଆଯାଉଛି । ଓଡ଼ିଶାରେ ଜନଜାତିଙ୍କର ପାରମ୍ପରିକ ଐତିହ୍ୟକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସ୍ୱଦେଶୀ ଖେଳର ସଂରକ୍ଷଣ ପାଇଁ ମଧ୍ୟ ଯତ୍ନବାନ ରହିଛି । ୨୦୧୭-୧୮ ମସିହା ଠାରୁ ଏ ଯାବତ୍ ପ୍ରାୟ ୩୦୧୯ ଗୋଟି ଜନଜାତି ଯୁବ ସଂଗଠନକୁ ଚିହ୍ନଟ କରାଯାଇ ୨୦୫୯ ଗୋଟି ସଂଗଠନକୁ କ୍ରୀଡ଼ା ଉପକରଣ ଯୋଗାଇ ଦିଆଯାଇଛି ।

## ୭. ଜନଜାତି ଭାଷାର ପ୍ରୋତ୍ସାହନ

ଓଡ଼ିଶାର ଜନଜାତି, ୨୧ଟି ଭାଷା ଏବଂ ପ୍ରାୟତଃ ୭୪ଟି ଉପଭାଷାରେ କଥାବାର୍ତା ହୋଇଥାଆନ୍ତି । ୨୧ଟି ଜନଜାତି ଭାଷା ମଧ୍ୟରୁ ୭ ଗୋଟିର ନିଜସ୍ୱ ଲିପି ରହିଛି । ଅନ୍ୟାନ୍ୟ ସମାଜ ଭଳି, ଜନଜାତି ସମାଜରେ

ମଧ୍ୟ ଭାଷାର ପ୍ରାଧାନ୍ୟ ରହିଛି କାରଣ ଏହା ଲୋକଙ୍କୁ ଖବର କରିବାରେ ଏବଂ ନିଜକୁ ବ୍ୟକ୍ତ କରିବାରେ ସାହାଯ୍ୟ କରେ । କୌଣସି ଭାଷାର ପରିବର୍ତନ / ବିଲୋପ ହେଲେ ଭବିଷ୍ୟତ ପିଢି ତାଙ୍କର ପରମ୍ପରାର ଏକ ମୁଖ୍ୟ ଅଂଶକୁ ହରାଇଥାନ୍ତି । ପରିବର୍ତିତ ହୋଇଯାଉଥିବା ଜନଜାତି ଭାଷା ମାନଙ୍କୁ ପ୍ରଚଳିତ କରିବାପାଇଁ ରାଜ୍ୟ ସରକାର ୨୧ ଗୋଟି ଜନଜାତି ଭାଷାର ଶବ୍ଦକୋଷ ପ୍ରକାଶ କରିଛନ୍ତି । ଜନଜାତି ଭାଷାର ସଂରକ୍ଷଣ ଦିଗରେ ବହୁଭାଷିକ ଶିକ୍ଷା ଏକ ବିଶେଷ ଭୂମିକା ଗ୍ରହଣ କରିଛି । ଓଡ଼ିଶା ସରକାରଙ୍କ ଦ୍ୱାରା ଜନଜାତି ଜିଲ୍ଲା ମାନଙ୍କରେ ଏହି ଦ୍ୱିଭାଷୀୟ ଶବ୍ଦକୋଷକୁ ପ୍ରାଥମିକ ସ୍ତରରେ ବହୁଭାଷିକ ଶିକ୍ଷା ରୂପେ ଉପଯୋଗ କରାଯାଉଛି । ଓଡ଼ିଶାର ଜନଜାତି ସଂରକ୍ଷଣ ଓ ପ୍ରସାର ଏବଂ ବହୁଭାଷିକ ଶିକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ୨୧ ଗୋଟି ଭାଷାରେ, ଦ୍ୱୀଭାଷିକ ଶବ୍ଦକୋଷ ଓ ତ୍ରିଭାଷିକ ସ୍ୱଶିକ୍ଷଣ ପେଟିକା ଯଥା – ହୋ, ଭୂୟାଁ, ସାନ୍ତାଳି, ଜୁଆଙ୍ଗ, ମୁଣ୍ଡା, ସାଦ୍ରି, ଓରାଓଁ, ଖଡ଼ିଆ, କିସାନ, ବିଂଝାଲ, କୁଇ, ସଉରା, କୁଭି, ଗଦବା, ଦେଶୀଆ, ଗୋଣ୍ଡି, ଭୁଞ୍ଜିଆ, ବଣ୍ଡା, ଡିଡାୟୀ, କୋୟା ଏବଂ ଦେଶୀଆ (ଭୂମିଆ) ପ୍ରସ୍ତୁତ ସହ ଏବଂ ପ୍ରକାଶ କରିଛନ୍ତି । ଏହା ସରକାରୀ କଳ ଏବଂ ଜନଜାତିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ତଥା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଦିଗରେ ଉପଯୋଗୀ ହେବ ।

## ୮. ଜନଜାତି ହାଟ ସମୂହର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ

ଜନଜାତି ହାଟ, ଜନଜାତି ଅର୍ଥନିତୀର କେନ୍ଦ୍ର ବିନ୍ଦୁ । ଏହା କେବଳ ଜିନିଷ କ୍ରୟ ବିକ୍ରୟର ସ୍ଥାନ ନୁହେଁ ବରଂ ଏକ ଜନଜାତି ସମାଜ ପାଇଁ ସମ୍ବାଦ ମତବ୍ୟକ୍ତ ଏବଂ ପରସ୍ପରର ମତ ଆଦାନ ପ୍ରଦାନ ପାଇଁ ଏକ ପ୍ରକୃଷ୍ଟ ମଂଚ । ଏହା ସେମାନଙ୍କ ମଧ୍ୟରେ ସାମାଜିକ ଆଦାନ ପ୍ରଦାନ ତଥା ଆମୋଦ ପ୍ରମୋଦ ପାଇଁ ଏକ ସୁଯୋଗ ଯୋଗାଇଥାଏ । ସେହି ହାଟରେ ଜନଜାତି ସମାଜ ପାରିବାରିକ ଆଦାନ ପ୍ରଦାନ, ବିବାହ ଏବଂ ବିଭିନ୍ନ ଉତ୍ସବ ବିଷୟରେ ଆଲୋଚନା କରିଥାନ୍ତି । ତେଣୁ ଏହି ହାଟକୁ ଜନଜାତି ଜୀବନର ପ୍ରାଣକେନ୍ଦ୍ର କୁହାଯାଇପାରେ । 'ହାଟ' ଜନଜାତି ସମାଜର ସାମାଜିକ, ସାଂସ୍କୃତିକ ଏବଂ ବ୍ୟବସାୟୀକ ବା ଅର୍ଥନୈତିକ ଜୀବନଶୈଳୀର ଚିତ୍ର ଉପସ୍ଥାପନ କରିଥାଏ । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ୨୦୧୭-୧୮ ମସିହା ଠାରୁ ୭୯୭ ଗୋଟି ପଞ୍ଜିକୃତ ହାଟ ମଧ୍ୟରୁ ୬୫୮ଟି ହାଟର ପୁନରୁଥାନ ଏବଂ ସୌନ୍ଦର୍ଯ୍ୟକରଣ କରି ଏହାକୁ ସଶକ୍ତ ଏବଂ ବିକଶିତ କରିଛି ।

## ୯. ଜନଜାତି ସଂଗ୍ରହାଳୟ ସ୍ଥାପନ

ଜନଜାତି ଜୀବନ ଶୈଳୀ ଏବଂ ସଂସ୍କୃତି ବିଷୟରେ ସାଧାରଣ ଜନତାଙ୍କୁ ଶିକ୍ଷିତ କରିବାରେ ଏବଂ ସ୍ଥାନୀୟ ଜନଜାତିଙ୍କୁ ନିଜର ଐତିହ୍ୟ ଏବଂ ସାଂସ୍କୃତିକ ସାଧନ ବିଷୟରେ ଅବଗତ କରିବା ଦିଗରେ ଜନଜାତି ସଂଗ୍ରହାଳୟ ବିଶେଷ ଉପଯୋଗୀ ହୋଇଥାଏ । ଏହି ସଂଗ୍ରହାଳୟ ଗୁଡ଼ିକ ଜନଜାତିଙ୍କ କ୍ଷେତ୍ରରେ ନିଜ ସାଂସ୍କୃତିକ ଐତିହ୍ୟ ଏବଂ ନିଜ ଜନ୍ମମାଟି ପ୍ରତି ଏକ ସମ୍ମାନବୋଧ ଜାଗ୍ରତ କରିବାରେ ସାହାଯ୍ୟ କରିଥାଏ । ଏହା ଜନଜାତି ଦ୍ୱାରା ବ୍ୟବହୃତ ନଥିପତ୍ର, ଚିତ୍ର, ମୌଖିକ ଇତିହାସ, ଧ୍ୱନୀ ଲେଖନ, ଚିତ୍ରିତ ତଥ୍ୟ, ସାଂସ୍କୃତିକ ତଥ୍ୟ, ବୃ

ଇତ୍ୟାଦିର ସଂରକ୍ଷଣ ପାଇଁ ଏକ ସ୍ଥାନ । ଏହା ସାଂସ୍କୃତିକ ଗୌରବର ପ୍ରକାଶ ଏବଂ ସାଧାରଣ ଜନତାଙ୍କର ଜନଜାତି ସମାଜ ସହିତ ଯୋଗଦାନ ଓ ଆଦାନ ପ୍ରଦାନର ଏକ ମଂଚ ଭାବେ କାମ କରେ । ଏହି ପରିପ୍ରେକ୍ଷୀରେ ରାଜ୍ୟର ୯ ଗୋଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା କରିବା ଏକ ଅତି ପ୍ରୟୋଜନୀୟ ପଦକ୍ଷେପ । ସଂଗ୍ରହାଳୟ ନିର୍ମାଣ ପାଇଁ ସମସ୍ତ ୯ ଗୋଟି ଜିଲ୍ଲାରେ ସ୍ଥାନ ନିରୁପଣ ହୋଇସାରିଛି ଏବଂ ୪ଟି ଜିଲ୍ଲା ଯଥା – ଗଜପତି, ନବରଙ୍ଗପୁର, ସୁନ୍ଦରଗଡ଼ ଏବଂ କେନ୍ଦୁଝରର ସଂଗ୍ରହାଳୟ ସ୍ଥାନର ସୀମାପ୍ରାଚୀର କାର୍ଯ୍ୟ ଆରମ୍ଭ ହୋଇଅଛି ।

ବିଗତ ଅଢେଇ ବର୍ଷରେ ରାଜ୍ୟ ସରକାର ତୃଣମୂଳ ସ୍ତରରୁ ଜନଜାତି ସଂସ୍କୃତିର ସଂରକ୍ଷଣ, ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟର ୯ ଗୋଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଗୁରୁତ୍ୱ ଦେଇ ଆସୁଛନ୍ତି । ଯାହାକି ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକୌଶଳରୁ ଅନୁମାନ କରାଯାଇପାରୁଛି । ପରନ୍ତୁ ଏହି ଯୋଜନାଟିର ଉନ୍ନତି ପାଇଁ ସ୍ଥାନୀୟ ଜନଜାତି ଓ ସ୍ଥାନୀୟ ସରକାରୀ ଅଧିକାରୀ ମାନଙ୍କର ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ୍ । କାରଣ ଜନଜାତି ସଂସ୍କୃତି ଜନଜାତି ସମାଜର ଏକ ପ୍ରତିଛବି । ବିଭିନ୍ନ ପ୍ରଚାର ପ୍ରସାର ମାଧ୍ୟମରେ ବିଭିନ୍ନ ସ୍ତରରେ ଯଥା ଜିଲ୍ଲା, ରାଜ୍ୟ ଓ ଦେଶରେ ଜନଜାତି ମାନଙ୍କୁ ଏହି ଯୋଜନାର ଉପଯୋଗୀତା ବିଷୟରେ ଜଣାଇବା ଜରୁରି ଅଟେ । ଏହି ପରିଷଦକୁ ଆହୁରି ଅଧିକ କ୍ରିୟାଶୀଳ ଓ ଦକ୍ଷତାସମ୍ପର୍ଣ୍ଣ କରିବା ଉଚିତ୍ । ଏହାଦ୍ୱାରା ଜନଜାତି ଯୁବପୀଢି ମାନଙ୍କର ଦକ୍ଷତା ବିକାଶ ହୋଇପାରିବ । ସ୍ୱତନ୍ତ୍ର ଭାବେ ପ୍ରତ୍ୟେକ ଜିଲ୍ଲାରେ ବିଭିନ୍ନ ପ୍ରକାର କଳା ଓ କଳାକୃତି ପାଇଁ ଗୋଟିଏ ଗୋଟିଏ ଲେଖାଏଁ Cluster ଚିହ୍ନଟ କରିବା ଉଚିତ୍ । ଯାହା ଦ୍ୱାରା ଜନଜାତି ମାନଙ୍କୁ ଉଚିତ୍ ତାଲିମ ଯୋଗାଇପାରିବ । ସଂସ୍କୃତିର ବିକାଶରେ ସମାଜର ବିକାଶ ଏହା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଆଭିମୁଖ୍ୟରୁ ହିଁ ସ୍ପଷ୍ଟ ହୋଇପାରୁଛି ।

**ଉପ ନିର୍ଦ୍ଦେଶକ, SCSTRTI**
**ଯୋଗାଯୋଗ- ୯୮୬୧୨୫୭୨୭୦**

# ବଣ୍ଡା ସଂସ୍କୃତିରେ ନିଶାକାରୀ ପାନୀୟ, ରୀତିନୀତି ଓ ଜୀବନ ଶୈଳୀ

**ରମେଶ ପ୍ରସାଦ ମହାନ୍ତି**

ଭାରତରେ ମୋଟ ୭୦୫ ଗୋଟି ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି । ତନ୍ମଧ୍ୟରୁ ଓଡ଼ିଶାରେ ମୋଟ ୬୨ଟି ସମ୍ପ୍ରଦାୟ ଦେଖାଯାଇଥାନ୍ତି ଏବଂ ଏମାନଙ୍କ ମଧ୍ୟରୁ ବଣ୍ଡା ସମ୍ପ୍ରଦାୟଟି ସର୍ବପୁରାତନ ଅଟନ୍ତି । ଏହା ଏକ କ୍ଷୁଦ୍ର ଜନଜାତି ଏବଂ ୨୦୧୧ ଜନଗଣନା ଅନୁସାରେ ଏମାନଙ୍କ ଲୋକସଂଖ୍ୟା ମାତ୍ର ପ୍ରାୟ ୬୦୦୦ ଅଟେ । ଏମାନେ ରାଜ୍ୟର ଘ  ଜଙ୍ଗଲ ଓ ଗିରିପୂର୍ଣ୍ଣ ଅଂଚଳ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ପୂର୍ବଘାଟ ପର୍ବତମାଳା ଉପରେ ସମୁଦ୍ର ପତନଠାରୁ ପ୍ରାୟ ୩୦୦୦-୪୦୦୦ ଫୁଟ ଉପରେ ଅବସ୍ଥିତ ଏକ ସୀମିତ ପରିସୀମା ବେଷ୍ଟିତ ମାତ୍ର ୩୨ଟି ଗ୍ରାମରେ ବସବାସ କରନ୍ତି । ସାଧାରଣତଃ ଏମାନଙ୍କର ପ୍ରତିଟି ଗ୍ରାମ ଘାଟିରେ ଫୁଟି ଉଠିଥିବା ଗୋଟିଏ ଗୋଟିଏ ପର୍ବତର ଶୀର୍ଷଭାଗରେ ଅବସ୍ଥିତ । କିମ୍ବଦନ୍ତୀ ତଥା ବ ର୍ମାନର ଭଗ୍ନାବଶେଷରୁ ଏହା ପ୍ରମାଣିତ ହୁଏ ଯେ, ସେମାନେ ମୁଖ୍ୟତଃ ହିଂସ୍ରଜନ୍ତୁଙ୍କ ଦାଉରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପର୍ବତର ଶୀର୍ଷଭାଗକୁ ଖୁବ୍ ଲମ୍ବା ଓ ଓସାରିଆ ପ୍ରସ୍ତର ଖଣ୍ଡମାନ (Menhir) ଦ୍ୱାରା ଗୋଲାକାର ଭାବେ ଆବଦ୍ଧ କରି ଦଳଗତ ଭାବେ ଜୀବନଯାପନ କରୁଥିଲେ । ପ୍ରାଚୀର ବାହାରକୁ ଯିବା ଆସିବା କରିବା ପାଇଁ ଗୋଟିଏ ମାତ୍ର ଅଣଓସାରିଆ ଫାଟକ ରହିଥାଏ, ଯେଉଁଠାରେ ଗ୍ରାମର ପ୍ରତ୍ୟେକ ଗୃହରୁ କ୍ରମାଗତ ଭାବେ ଜଣକ ପରେ ଜଣେ ଧନୁର୍ଦ୍ଧାରୀ ପ୍ରହରୀ ରୂପେ ଚବିଶ ଘ । ଜଗି ରହୁଥିଲେ । କିନ୍ତୁ ବର୍ତ୍ତମାନ ହିଂସ୍ର ଜୀବଜନ୍ତୁଙ୍କ ସଂଖ୍ୟା ଯଥେଷ୍ଟ ପରିମାଣରେ କମିଯାଇଥିବାରୁ ଏ ପ୍ରାଚୀର ସବୁ ପ୍ରତ୍ୟେକ ପୁରୁଣା ଗ୍ରାମରୁ ଋଗ୍ଣ ବା ଲୋପ ପାଇଗଲାଣି ।

ଯାହା ହେଲେନା କାହିଁକି ବଣ୍ଡାମାନେ ସେମାନଙ୍କ ଅଂଚଳକୁ ନିୟମାନୁସାରେ କେଉଁ ଆବାହନ କାଳରୁ ଚିହ୍ନଟ କରି ରଖିଛନ୍ତି ଏବଂ ସେମାନଙ୍କ ଅଂଚଳକୁ ସମତଳର ଅଧିବାସୀମାନେ 'ବଣ୍ଡାଘାଟୀ' ବୋଲି କହିଥାନ୍ତି । ବଣ୍ଡାଘାଟୀ ଉପରକୁ ସାଧାରଣତଃ ସମତଳର ଲୋକମାନେ ପ୍ରବେଶ କରିବାକୁ ସାହାସ କରି ନ ଥାନ୍ତି । ଏହାର କାରଣ ଅନେକ ଗୁଡ଼ିଏ ଥିଲେ ମଧ ସଙ୍କଟପୂର୍ଣ୍ଣ ପାହାଡ଼ିଆ ରାସ୍ତା, ଜଙ୍ଗଲି ପଶୁପକ୍ଷୀଙ୍କ ଉତ୍ସ୍ୱ, ଖାଦ୍ୟ ପଦାର୍ଥର ଘୋର ଅଭାବ ଓ ବଣ୍ଡା ମାନଙ୍କର ପ୍ରକୋପ ମୁଖ୍ୟ ଅଟେ । ଅନ୍ୟପକ୍ଷରେ ବଣ୍ଡାମାନେ ସେମାନଙ୍କ ଦେଶ ବା ଘାଟୀ ଉପରକୁ ସମତଳର ଲୋକମାନଙ୍କୁ (ଗୁଲଂ) ପ୍ରବେଶ କରାଇଦେବାକୁ ଖୁବ୍ କୁଣ୍ଠିତ ହୋଇଥାନ୍ତି । କୌଣସି ଅଣବଣ୍ଡା ଯଦି ସେମାନଙ୍କ କାର୍ଯ୍ୟକଳାପରେ ଅଯଥା ହସ୍ତକ୍ଷେପ କରନ୍ତି ସେମାନେ ତୀର ମୁନରେ ଜବାବ ଦେଇଥାନ୍ତି । ପ୍ରଫେସର ଏଲୁଇନ୍‌ଙ୍କ (୧୯୫୦) ଭାଷାରେ, ଏମାନଙ୍କ ହିଂସ୍ରକ ସ୍ୱଭାବ, ଶୀକାରାତ୍ମକ ମନୋଭାବ, ସ୍ତ୍ରୀଲୋକମାନଙ୍କର ସ୍ୱଳ୍ପ ବସ୍ତ୍ର ପରିଧାନ ଓ ପାହାଡିଆ ଘ  ଜଙ୍ଗଲ ମଧ୍ୟରେ ସେମାନଙ୍କର ଗ୍ରାମର ସ୍ଥିତି, ସେମାନଙ୍କୁ ଆଜିର ଆଧୁନିକ ସଭ୍ୟତାଠାରୁ ଖୁବ୍ ଦୂରରେ ରଖିଥିବାର ମୁଖ୍ୟ କାରଣମାନ ଅଟେ । ଏହି ପରିପ୍ରେକ୍ଷିରେ ପ୍ରଫେସର ପଟ୍ଟନାୟକ (୧୯୯୩) କୁହନ୍ତି, "ଅନେକ ବଣ୍ଡା

ଅତିମାତ୍ରାରେ ବଦରାଗୀ, ଭୟଙ୍କର ଓ ପ୍ରତିହିଂସା ପରାୟଣ । ସେମାନେ ଖୁବ୍ ମଦ୍ୟପାନ କରନ୍ତି ଏବଂ ଅତି ସହଜରେ କୌଣସି ସମ୍ପର୍କ ନିର୍ବିଶେଷରେ ମଣିଷକୁ ଜୀବନରେ ମାରିଦେବାକୁ ପଛାନ୍ତି ନାହିଁ ।" ଏମାନଙ୍କର ଅନ୍ୟ କେତୋଟି ମୁଖ୍ୟ ଗୁଣ ହେଲା – ସେମାନଙ୍କର କଥୋପକଥନରେ ରକ୍ଷିତା, ପୁରୁଷମାନେ ଧନୁତୀର ଇତ୍ୟାଦି ଧରି ସର୍ବଦା ମାତାଲ ଅବସ୍ଥାରେ ରହିବା, ଅତି କମ୍ ସମୟରେ ଖୁବ୍ ଛୋଟିଆ କାରଣ ପାଇଁ ଅତି ଭୟଙ୍କର ଆଚରଣ ଦେଖାଇବା, ସ୍ତ୍ରୀଲୋକମାନେ ଲଣ୍ଡା ରହି ମାତ୍ର ପ୍ରାୟ ୧୦ ଇ   ଓସାରର ବସ୍ତ୍ର ବା ରିଙ୍ଗା ପରିଧାନ କରିବା, ପ୍ରାୟ ସମସ୍ତ ପଶୁପକ୍ଷୀ ମାନଙ୍କ ମାଂସ ଭକ୍ଷଣ କରିବା, ଅଧିକ ବୟସର ଝିଅ ତା ଠାରୁ କମ୍ ବୟସର ପୁଅକୁ ବିବାହ କରିବା ପ୍ରଥା ଇତ୍ୟାଦି ।

ବଣ୍ଡାମାନେ ସାଧାରଣତଃ ଜୀବନଯାପନ ପାଇଁ ସେମାନଙ୍କ ଜଙ୍ଗଲ ଉପରେ ମୁଖ୍ୟତଃ ନିର୍ଭର କରିଥାନ୍ତି । ଜଙ୍ଗଲରୁ ବିଭିନ୍ନ ପ୍ରକାରର ଫଳମୂଳ, ଶାଗ, ଛତୁ, ଫୁଲ, କୀଟ, ପୋକ, ମୂଷା, ଠେକୁଆ, ବାରହା, ନେଉଳ ଏବଂ ଅନ୍ୟାନ୍ୟ ପାଶୁପକ୍ଷୀମାନଙ୍କୁ ସଂଗ୍ରହ ବା ଶିକାର କରିଥାନ୍ତି । ଏତଦ୍ ବ୍ୟତିତ ସେମାନେ ସମତଳ ଜମିର ଅଭାବ ଯୋଗୁଁ ପାହାଡ଼କୁ କାଟି କାଟି ସ୍ତରକୁ ସ୍ତର କରି (Terrace Culturation) ସେଥିରେ ଚାଷ କରିଥାନ୍ତି । ବାହାର ଦୁନିଆଁ ଉପରେ କେବଳ ଲୁଣ, ଶୁଖୁଆ, ମାଟିହାଣ୍ଡି, ଶୁଖିଲା ଲଙ୍କା, ଶରୀରକୁ ଆଚ୍ଛାଦିତ ରଖିବା ପାଇଁ ବିଭିନ୍ନ ପ୍ରକାର ମାଳି (beads) ଏବଂ ନିଶାଜାତୀୟ କିଛି ପାନୀୟ ତିଆରି କରିବା ପାଇଁ ଆବଶ୍ୟକ ପଡୁଥିବା ପଦାର୍ଥ ପାଇଁ ନିର୍ଭର କରିଥାନ୍ତି ।

ବଣ୍ଡାମାନେ ମାଦକଶ୍ରେଣୀ ପାନୀୟ ପାଇଁ ଖୁବ୍ ଆସକ୍ତ । ସେମାନେ ବିଭିନ୍ନ ପ୍ରକାରର ମାଦକଜାତୀର ପାନୀୟ ଗୁଡ଼ିକୁ ନିଜ ଶୈଳୀରେ ତିଆରି କରିଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ଆଦୃତ ଏହି ଶ୍ରେଣୀର ପାନୀୟକୁ ମୁଖ୍ୟତଃ ତିନିଗୋଟି ବିଭାଗରେ ବିଭକ୍ତ କରାଯାଇପାରେ । ସେଗୁଡିକ ହେଲା –

**କ)	ସଲପ ରସ ବା ସାପୁଙ୍ଗ୍**

**ଖ)	ଦେଶି ମଦ ବା ପେଣ୍ଡମ୍ ଏବଂ**

**ଗ)	ପାତନ ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ ସୁରା ବା ସାଗୁର୍ ।**

### କ)	ସଲପ (sagopalm/ caryota urers) ରସ

ବଣ୍ଡାମାନଙ୍କର ସଲପ ବୃକ୍ଷ ଏକ ମୁଖ୍ୟ ସମ୍ପ ି ଅଟେ । ଏହି ବୃକ୍ଷ ଯେଉଁ ଯୁବକର ଅଧିନରେ ନ ଥାଏ, ସେପରି ଯୁବକକୁ ବଣ୍ଡା ତରୁଣୀଟିଏ ଜୀବନସାଥୀ ବା ବିବାହ କରିବାକୁ ପଛଘୁ  । ଦେଇଥାଏ । ଏହାର ମୁଖ୍ୟ କରଣ ହେଲା- ବଣ୍ଡାମାନେ ଏହି ଗଛକୁ ସେମାନଙ୍କର ମା ସହିତ ତୁଳନା କରିଥାନ୍ତି ଏବଂ ଏହାର ରସ (juice) କୁ ମା'ର କ୍ଷୀର ବୋଲି ମନେ କରି ସେମାନେ ସେବନ କରିଥାନ୍ତି । ଏପରିକି ଏହି ରସକୁ ନବଜାତ ଶିଶୁକୁ ମଧ୍ୟ ସେବନ ପାଇଁ ଦିଆ ଯାଇଥାଏ । ଏହି ପରିପ୍ରେକ୍ଷୀରେ ସେମାନଙ୍କ ମଧ୍ୟରେ ଗୋଟିଏ କିମ୍ବଦନ୍ତୀ ମୁଁ ପ୍ରଥମେ ୧୯୯୧ ମସିହାରେ ବଡ଼ପଡା ଗ୍ରାମର ସୋମାକିରି ସାନିଙ୍କ ଠାରୁ ସଂଗ୍ରହ କରିଥିଲି, ଯାହା ବିଷୟରେ ଏଲୱିନ୍ ମଧ୍ୟ ତାଙ୍କ ଲିଖିତ 'ବଣ୍ଡା ହାଇଲାଣ୍ଡରସ୍'ରେ କିଛିଟା ପ୍ରକାଶ କରିଛନ୍ତି(୧୯୫୦) ।

କିମ୍ବଦନ୍ତୀଟି ଏହିପରି, ଯେତେବେଳେ ପୃଥିବୀରେ ମଣିଷ ବା ବଣ୍ଡା ସୃଷ୍ଟି ହୋଇ ନ ଥିଲେ, ସ୍ୱର୍ଗରୁ ଗୋଟିଏ ପୁଅ ଓ ଗୋଟିଏ ଝିଅ ପୃଥିବୀର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସିଥିଲେ । ସେମାନଙ୍କର ପ୍ରଥମ ଦେଖାରେ ଦୁହେଁ ଦୁହିଁଙ୍କୁ ପ୍ରେମ କରି ବସିଲେ ଏବଂ ସେଇ ପ୍ରେମରୁ ହିଁ ବଣ୍ଡା ଜାତିର ସୃଷ୍ଟି ହେଲା । ତାଙ୍କ ଔରସରୁ ଏକ ସଙ୍ଗେ ଜନ୍ମ ନେଲେ ଗୋଟିଏ ପୁତ୍ର ସନ୍ତାନ ଓ ଗୋଟିଏ କନ୍ୟା ସନ୍ତାନ । ଏହି ଶିଶୁ ଦୁଇଟି ଜନ୍ମ ଗ୍ରହଣ କରୁଥିବା ସମୟରେ ପୁରୁଷଟି ଗୋଟିଏ ହରିଣକୁ ଦେଖି ତାକୁ ଶୀକାର କରିବା ଉଦ୍ଦେଶ୍ୟରେ ତା ପଛେ ପଛେ ଧାଇଁଲା । ଏଣେ କ୍ଷୁଧାର୍ତ୍ତ ମା' ଟି ପୁରୁଷର ଶିକାର ଅପେକ୍ଷାରେ ଥାଏ । ଏଣେ ବେଳ ଗଡ଼ି ଗଡ଼ି ଯିବା ସଂଗେ ସଂଗେ ମା ଟିର କ୍ଷୁଧା ମଧ୍ୟ ପ୍ରବଳରୁ ପ୍ରବଳତର ହେବାକୁ ଲାଗୁଥାଏ । ସେ ଭାବିଲା ପୁରୁଷଟି ବୋଧହୁଏ ହରିଣଟିକୁ ଶିକାର କରି ଏକା ଏକା ଭକ୍ଷଣ କରୁଛି । ସେ ଯଦି ଠିକଣା ସମୟରେ ତା ପାଖରେ ନ ପହଁଚେ ତେବେ ତା ପାଇଁ ବୋଧହୁଏ କିଛି ମାଂସ ରହିବ ନାହିଁ । ଏହି ଚିନ୍ତାରେ ସେ ତାର ନବଜାତ ଶିଶୁ ଦୁଇଟିକୁ ଗୋଟିଏ ସଳପ ବୃକ୍ଷ ମୂଳେ ଶୁଆଇ ଦେଇ ପୁରୁଷଟିର ଅନୁସନ୍ଧାନରେ ବାହାରି ପଡ଼ିଲା ଏବଂ ଗୋଟିଏ ସ୍ଥାନରେ ପୁରୁଷଟିକୁ ହରିଣମାଂସ ଭକ୍ଷଣ କରୁଥିବାର ଦେଖି ତା ସଙ୍ଗେ ତାର କ୍ଷୁଧା ମେ ।ଇବାକୁ ଲାଗିଲା । ଦୁହେଁ ଭୋକ ବିକଳରେ ଏତେ ମାତ୍ରାରେ ଭୋଜନ କରିଦେଲେ ଯେ ଆଉ ସେମାନେ ସେମାନଙ୍କ ନବଜାତ ଶିଶୁ ଦୁଇଜଣଙ୍କ ପାଖକୁ ଫେରି ପାରିଲେ ନାହିଁ । ଏଣେ କ୍ଷୁଧାରେ ଶିଶୁ ଦୁଇଟି ଖୁବ୍ ଚିତ୍କାର କରିବାକୁ ଲାଗିଲେ। ତାଙ୍କ କ୍ରନ୍ଦନ ଧ୍ୱନୀ ସମଗ୍ର ଅଂଚଳକୁ ଶିହରିତ କରିବାକୁ ଲାଗିଲେ । ସଳପ ବୃକ୍ଷଟି ଶିଶୁ ଦୁଇଟିର ବିକଳ କ୍ରନ୍ଦନ ଶୁଣି ସହ୍ୟ କରି ପାରିଲା ନାହିଁ । ତାର ଖୁବ୍ ଦୟାଭାବ ଦେଖାଦେଲା । ସେ ତାର ଚେରଗୁଡ଼ିକୁ ମାଟି ଭିତରେ ଭିତରେ ସୁଦୂର ଚିତ୍ରକୋଣ୍ଡ ନଦୀ ପର୍ଯ୍ୟନ୍ତ ଲମ୍ବାଇ ଦେଇ ସେଠାରୁ ସୁମିଷ୍ଟ ଜଳ ସଂଗ୍ରହ କରି ତା ସହିତ ତା ନିଜର ସ୍ୱାଦିଷ୍ଟ ରସ ବା କ୍ଷୀରକୁ ମିଶାଇ କ୍ରନ୍ଦନରତ ଶିଶୁ ଦୁଇଟିଙ୍କ ପାଟିରେ ଜୀବାମୃତ ପରି ଅନର୍ଗଳ ଥପ୍ ଥପ୍ କରି ଝରାଇବାକୁ ଲାଗିଲା । ପିଲା ଦୁଇଟି ସେଇ ସଳପ ଗଛର ରସକୁ ପାନ କରି ବଂଚିବାକୁ ଲାଗିଲେ ଏବଂ ସେହି ଦିନଠାରୁ ସଳପ ଗଛକୁ ସେମାନେ ସେମାନଙ୍କ ମା ପରି ସ୍ଥାନ ମଧ୍ୟ ଦେଲେ । ଏହି ପରିପ୍ରେକ୍ଷିରେ ଏଲୁଇନ୍ କହନ୍ତି ବୋଧହୁଏ ଏହି ସଳପ ରସ ହିଁ ବଣ୍ଡାମାନଙ୍କ କଷ୍ଟ ଜୀବନର ମୁଖ୍ୟ ସାନ୍ତ୍ୱନାକାରୀ ପଦାର୍ଥ ଅଟେ । (୧୯୫୦:୫୩)

ଜଣେ ବଣ୍ଡା ପାଇଁ ସଳପ ଗଛଟିଏ ତା ଜୀବନର ଏକ ମୁଖ୍ୟ ଆକର୍ଷଣ ହୋଇଥାଏ । ତେଣୁ ମାନସିକ ସ୍ତରରେ ସେ ସର୍ବଦା ତା ସଳପ ବୃକ୍ଷ ସଂଗେ ହିଁ ରହିଥାଏ । ଏହି ଗଛରୁ ଭଣ୍ଡା (spadix) ଯେ କୌଣସି ସମୟରେ ବାହାରିପାରେ କିନ୍ତୁ ସାଧାରଣତଃ ଖରାଦିନେ ଏହି ଭଣ୍ଡାରୁ ଅଧିକ ପରିମାଣରେ ରସ ନିର୍ଗତ ହୋଇଥାଏ ଏବଂ ଏହି ସମୟରେ ବଣ୍ଡାମାନେ ସାଧାରଣତଃ ସର୍ବଦା ଏହି ସଳପ ରସ ପାନ କରି ମାତାଲ ଅବସ୍ଥାରେ ଥା'ନ୍ତି । ସକାଳୁ ସକାଳୁ ଉଠିଲା କ୍ଷଣି ଜଣେ ବଣ୍ଡା ରସ ଝରାଉଥିବା ତାର ସଳପ ବୃକ୍ଷ ପାଖକୁ ସିଧା ଯାଇଥାଏ ଏବଂ ରସ ହାଣ୍ଡିଟିକୁ ତଳକୁ ଆଣିଲା ପରେ ଏହାକୁ ଗରମ କରି ପାନ କରିଥାଏ । ଏମାନଙ୍କ ମତରେ, ଏହି ରସକୁ ତିନୋଟି ଉପାୟରେ ସେବନ କରାଯାଇପାରେ । ପ୍ରଥମତଃ ଜଣେ ବଣ୍ଡା ଗଛ ଉପରେ ବା ତଳେ ଏହି ରସକୁ ସିଧା ସଳଖ ସେବନ କରିପାରେ, ଦ୍ୱିତୀୟତଃ ଏହି ରସକୁ ଗରମ କରି

ପିଆଯାଇପାରେ ଏବଂ ତୃତୀୟତଃ ଏହାକୁ ପାତନ ପ୍ରଣାଳୀ (distilation) ମାଧ୍ୟମରେ ସୁରା (wine) କରାଯାଇ ମଧ୍ୟ ସେବନ କରାଯାଇପାରେ । ଏମାନଙ୍କ ମତରେ ମୁଖ୍ୟତଃ, ଏହାକୁ ଗରମ କରି ସେବନ କରାଯାଇଥାଏ ଏବଂ ଏପରି କଲେ, ଦେହରେ ବଳ ଆସିବା ସହିତ ଏହା ଖାଦ୍ୟ ଖାଇବାର ବା ଭୋଜନ କରିବାର ସନ୍ତୁଷ୍ଟି ପ୍ରଦାନ କରିଥାଏ । ଏହା ଦ୍ୱାରା ସେମାନେ ଗୋଟିଏ ଦିନରେ ଅଧିକ ଥର ଏହାକୁ ମଧ୍ୟ ସେବନ କରିପାରିଥାନ୍ତି । ଅନ୍ୟପକ୍ଷରେ ଏହାକୁ ଥଣ୍ଡା ରୂପରେ ପାନ କରାଗଲେ ଦିନକୁ ପିଡ଼ିତ ପରି ଲାଗେ ଏବଂ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା ହୁଏ ନାହିଁ । ବେଳେ ବେଳେ ଏହାକୁ ସେବନ କରିବାର ପରଦିନ ମଧ୍ୟ ମୁଣ୍ଡ ବୁଲାଇଥାଏ । ଅନେକ ସମୟରେ ଏହି ରସ ସୂର୍ଯ୍ୟକିରଣ ଦ୍ୱାରା ଗରମ ହୋଇ ଅମ୍ଳିଭବନ ହୋଇଥିଲେ, ଏହାକୁ ସଂନ୍ଧ୍ୟା ସମୟରେ ପାନ କରାଯାଇଥାଏ । ଏହା ସକାଳର ଥଣ୍ଡା ରସଠାରୁ ବହୁମାତ୍ରାରେ ସ୍ୱାଦିଷ୍ଟ ହୋଇଥାଏ । ଯେଉଁ ବଣ୍ଡାମାନଙ୍କ ପାଖରେ ଅଧିକ ପରିମାଣରେ ସଲପ ଗଛ ଥାଏ, ସେମାନେ ତାକୁ ପାତନ ପ୍ରଣାଳୀ ଦ୍ୱାରା ସୁରା ବନାଇ ସେବନ କରିଥାନ୍ତି ଏବଂ ଏହାର ପ୍ରକୋପ ଉପରୋକ୍ତ ସମସ୍ତ ପ୍ରକାର ରସର ପ୍ରକୋପ ଠାରୁ ଅଧିକ ହୋଇଥାଏ ।

ସଲପ ରସକୁ ଅଧିକ ସ୍ୱାଦିଷ୍ଟ ବା ମାଦକଯୁକ୍ତ କରିବା ପାଇଁ ବଣ୍ଡାମାନେ ସେମାନଙ୍କ ଜଙ୍ଗଲରେ ମିଳୁଥିବା ବିଭିନ୍ନ ବୃକ୍ଷଲତା ଇତ୍ୟାଦିର ବିଭିନ୍ନ ଅଶଂ ବିଶେଷକୁ ବ୍ୟବହାର କରିଥାନ୍ତି । ଏଗୁଡ଼ିକ ମଧ୍ୟରେ ଗିଂସିଗ୍‌ତେ୍, କିରିଙ୍ଗେ, ପୁଷାୟୁ, ଲାଣ୍ଟୁ, ଏସେ ଏବଂ ଡାଙ୍ଗ୍ ଇତ୍ୟାଦି ଅନ୍ୟତମ । କିରିଙ୍ଗେ ଗଛର ଚେରକୁ ଏଥିପାଇଁ ବ୍ୟବହାର କରାଯାଏ କିନ୍ତୁ କିସିଂଙ୍ଗ୍‌ତେ ଏବଂ ଡ଼ାଙ୍ଗ ଗଛର ଛାଲି ଏଥିପାଇଁ ବ୍ୟବହାର କରାଯାଇଥାଏ । ଅନ୍ୟ ପକ୍ଷରେ ପୁଷାୟୁ ଗଛର ପତ୍ର ଏହି କାର୍ଯ୍ୟ ପାଇଁ ବ୍ୟବହାର କରାଯାଇଥାଏ । କିନ୍ତୁ ଗିସିଂଗ୍‌ତେ ଗଛର ଚେର ଏଥିପାଇଁ ସବୁଠାରୁ ଉତ୍କୃଷ୍ଟ ବୋଲି ସେମାନେ ମତାମତ ଦେଇଥାନ୍ତି । ଏହି ଗଛର ଚେର ଏପରି ଶକ୍ତିଶାଳୀ ଯେ କିଛି ନୂତନ ଚେରର ଗୁଚ୍ଛ ବେଳେବେଳେ କ୍ରମାଗତ ଭାବେ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ମଧ୍ୟ ବ୍ୟବହାର କରାଯାଇପାରେ ।

### ଖ) ଦେଶୀ ମଦ ବା ପେଣ୍ଡମ୍

ଅନେକ ପ୍ରକାର ଖାଦ୍ୟଶସ୍ୟରୁ ଦେଶୀ ମାଦକ ପାନୀୟ ତିଆରି କରାଯାଇପାରେ । କିନ୍ତୁ ବଣ୍ଡାମାନେ ସାଧାରଣତଃ ସେମାନଙ୍କର ଜମି ବା ଡଙ୍ଗରରୁ ଉତ୍ପନ୍ନ କରାଯାଉଥିବା ଖାଦ୍ୟଶସ୍ୟ ଯଥା ଚାଉଳ ବା କେରାଙ୍ଗ୍ (o. ori 29, sativa) ମାଣ୍ଡିଆ (paricum miliare), କାଙ୍ଗୁ ବା ୱିଡାର (eleusine corocana), ଏବଂ ରିଗ୍‌ଡାର୍ ଖାଙ୍କଡାକିରୁ ଏହା ପ୍ରସ୍ତୁତ କରିଥାନ୍ତି । ଏହିସବୁ ଖାଦ୍ୟଶସ୍ୟରୁ ତିଆରି କରାଯାଉଥିବା ମାଦକ ପାନୀୟକୁ ଯଥାକ୍ରମେ କେରଙ୍ଗ ପେଣ୍ଡମ୍, ସାମେ ପେଣ୍ଡମ୍, ୱିଡ଼ାର ପେଣ୍ଡମ୍, ରିଗ୍‌ଡ଼ାର ପେଣ୍ଡମ୍ ଏବଂ ପୁନୁଇ ପେଣ୍ଡମ୍ କୁହାଯାଇଥାଏ । ଏ ପ୍ରତ୍ୟେକ ଖାଦ୍ୟଶସ୍ୟ ଗୁଡ଼ିକର, ସ୍ଥଳ ବିଶେଷରେ ଅନେକ ଗୁଡ଼ିଏ କିସମ ରହିଥାଏ ଏବଂ କେବଳ କେତୋଟି କିସମରୁ ଏହି ପେଣ୍ଡମ୍ ତିଆରି କରାଯାଇଥାଏ । ନିଜ ନିଜ ଜମିରୁ ସେମାନେ ଖୁବ୍ କମ୍ ପରିମାଣର ଚାଉଳ ଉତ୍ପନ୍ନ କରିପାରିଥାନ୍ତି । ତେଣୁ ସାଧାରଣତଃ, ଧନୀ ଶ୍ରେଣୀର ବଣ୍ଡାମାନେ ଚାଉଳ ବା କେରଙ୍ଗ୍ ପେଣ୍ଡମ୍ ବନାଇବା ପାଇଁ ସକ୍ଷମ ହୋଇଥାନ୍ତି । କିନ୍ତୁ ବିଧିବିଧାନ ଅନୁଯାୟୀ

ବିଭିନ୍ନ ପର୍ବପର୍ବାଣୀରେ ପୂର୍ବପୁରୁଷ ଏବଂ ବିଭିନ୍ନ ଦେବଦେବୀମାନଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ନିଜ ଜମିରୁ ଉତ୍ପନ୍ନ କରାଯାଇଥିବା ଖାଦ୍ୟଶସ୍ୟକୁ ପେଣ୍ଡମ୍ ତିଆରି କରିବା ପାଇଁ ବ୍ୟବହାର କରାଯାଇଥାଏ । ବଜାରରୁ କ୍ରୟ କରାଯାଉଥିବା ଖାଦ୍ୟଶସ୍ୟରୁ ସେମାନେ ସାଧାରଣଦିନ ମାନଙ୍କରେ ପାନ କରିବାକୁ ଆବଶ୍ୟକ ଥିବା ପେଣ୍ଡମ୍ ତିଆରି କରିଥାନ୍ତି ।

ସାଧାରଣତଃ ଘରର ସ୍ତ୍ରୀ ଲୋକମାନେ ବା ନିଜ ପତ୍ନୀ ହିଁ ଏହାକୁ ପ୍ରସ୍ତୁତ କରିଥାନ୍ତି । ଯଦି ଜଣେ ବ୍ୟକ୍ତିଙ୍କର ଦୁଇଜଣ ସ୍ତ୍ରୀ ଥା'ନ୍ତି, ପ୍ରଥମ ସ୍ତ୍ରୀଟି ଏହାକୁ ପ୍ରସ୍ତୁତ କରିଥାନ୍ତି । ଏହାକୁ ବନାଇବା ପାଇଁ ସେମାନେ କେତେଗୁଡ଼ିଏ ନିୟମ କାନୁନ୍ ପାଳନ କରିଥା'ନ୍ତି । ଭିନ୍ନ ଭିନ୍ନ ପେଣ୍ଡମ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟତଃ ଗୋଟିଏ ପ୍ରକାର ପ୍ରଣାଳୀ ଅନୁସରଣ କରାଯାଇଥାଏ । ଯାହାହେଉ ନା କାହିଁକି ସ୍ଥଳ ବିଶେଷରେ କିଛିଟା ବ୍ୟତିକ୍ରମ ମଧ୍ୟ ଦେଖା ଯାଇଥାଏ । ଚାଉଳ ବା କେରଙ୍ଗ୍ ପେଣ୍ଡମ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଚାଉଳକୁ ଗୋଟିଏ ମାଟି ପାତ୍ରରେ ରନ୍ଧା ଯାଇଥାଏ । ଏହାକୁ ଗଳାଗଲା ପରେ ଭାତ ଗୁଡ଼ିକୁ ଗୋଟିଏ ମଶିଣା ଉପରେ ଥଣ୍ଡା ହେବା ପାଇଁ ବିଛାଇ ଦିଆଯାଏ । ଭାତଗୁଡ଼ିକ କିପରି ଅଠାଳିଆ ନ ହୋଇ ପରସ୍ପର ସହିତ ଲାଗି ନ ଯାଇ ଗୋଟି ଗୋଟି ହୋଇ ରହେ ସେଥିପ୍ରତି ସେମାନେ ଖୁବ୍ ସଜାଗ ରହିଥାନ୍ତି । ଏହା ଥଣ୍ଡା ହୋଇଗଲା ପରେ ସାପ୍ତାହିକ ବଜାରରୁ କ୍ରୟ କରାଯାଇଥିବା ଏକ ରାସାୟନିକ ବସ୍ତୁ ବା ସୁରାମଣ୍ଡ ଯଥା ପେଣ୍ଡମ୍ ସୁରଙ୍ଗ (ବଟି ଆକାରର)କୁ ଗୁଣ୍ଡ କରି ଏଥିରେ ଭଲ ଭାବରେ ମିଶ୍ରଣ କରିଥାନ୍ତି । ଏହା ଅମ୍ଳୀଭବନ କରିବାରେ ସାହାର୍ଯ୍ୟ କରିଥାଏ । ସାଧାରଣତଃ ୩ କେ.ଜି ଚାଉଳର ପେଣ୍ଡମ୍ ପ୍ରସ୍ତୁତ କରିବା ପାଇଁ ମୋଟାମୋଟି ଭାବେ ପା ରୁ ଛ' ଗୋଟି ପେଣ୍ଡମ୍ ସୁରଙ୍ଗ୍‌ର ଗୁଣ୍ଡ ବ୍ୟବହାର କରାଯାଇଥାଏ । ଏହା ପରେ ଗୋଟିଏ ମାଟିପାତ୍ର ଚୁଲିରେ ବସାଯାଇ ପ୍ରଥମେ ତତା ଯାଇଥାଏ । ପରେ ପରେ ଏହି ଗରମ ପାତ୍ରଟିରେ ପେନ୍‌ଣ୍ଡମ୍ ସୁରାଙ୍ଗ୍ ମିଶା ଯାଇଥିବା ସମସ୍ତ ଭାତକୁ ଏଥିରେ ପକାଯାଇ କିଛି ପାଣି ମିଶ୍ରଣ କରାଯାଇଥାଏ ଏବଂ ଏହାର ମଦକତା ବୃଦ୍ଧି କରାଯିବା ପାଇଁ ଜଙ୍ଗଲରୁ ସଂଗୃହୀତ ପୁସାୟୁ ଗଛର କିଛି ପତ୍ର ଏଥିରେ ବ୍ୟବହାର କରାଯାଇଥାଏ । ଏତଦ୍‌ବ୍ୟତୀତ ଏଥିରେ କିଛି ଅଙ୍ଗାର ଖଣ୍ଡମାନ ମଧ୍ୟ ସେମାନେ ମିଶାଇ ଦେଇଥାନ୍ତି । ଏମାନଙ୍କ ମତରେ ଏହି ଅଙ୍ଗାର ଖଣ୍ଡମାନ ବିଭିନ୍ନ ମୃତ ବା ଜୀବିତ ଆତ୍ମା ମାନଙ୍କର କୁ-ଦୃଷ୍ଟିକୁ ଦୂର କରିବାରେ ଖୁବ୍ ସହାୟକ ହୋଇଥାଏ । ଏହାଛଡ଼ା ଏହି ଅଙ୍ଗାର ଖଣ୍ଡମାନ ପେନ୍‌ଣ୍ଡମ୍‌ର ସ୍ୱାଦକୁ ବୃଦ୍ଧି କରିବାରେ ମଧ ସାହାଯ୍ୟ କରିଥାଏ ।

ଏହି ମିଶ୍ରଣକୁ ପ୍ରସ୍ତୁତ କରାଯାଇଥିବା ପାତ୍ରର ମୁହଁଟିକୁ ଏକ ମାଟି ଢ଼ାଙ୍କୁଣି ବା ପତ୍ର ମାଧମରେ ବନ୍ଦ କରାଯାଇ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ରଖାଯାଇଥାଏ । ସାଧାରଣତଃ ଖରାଦିନେ ଏହାକୁ ୪-୫ ଦିନ ପର୍ଯ୍ୟନ୍ତ ଅମ୍ଳିକରଣ ପାଇଁ ରଖାଯାଉଥିବାବେଳେ ଶୀତଦିନେ ଏହାକୁ ପ୍ରାୟ ୭-୮ ଦିନ ବା ତା'ଠାରୁ ଅଧିକ ଦିନ ପର୍ଯ୍ୟନ୍ତ ଛାଡ଼ି ଦେଇଥାନ୍ତି । କିଛି ଦିନ ପରେ ଏଥିରୁ ବାସ୍ନା ବାହାରି ଥାଏ ଏବଂ ଏହାର ନରମ ବା କଡ଼ା ବାସ୍ନାକୁ ଅନୁସରଣ କରି ଏହାକୁ ବ୍ୟବହାର କରିବାର ଦିନ ଧାର୍ଯ୍ୟ କରିଥାନ୍ତି ।

### ଗ) ପାତନ ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ ସୁରା ବା ସାଗୁର୍

ପାତନ ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ମାଦକ ପାନୀୟକୁ ବଣ୍ଡାମାନେ ସାଗୁର୍ କହିଥାନ୍ତି । ସେମାନେ ବିଭିନ୍ନ ପ୍ରକାର ପାଚିଲା ଫଳ, କୋଳି ଓ ମହୁଲ ଫୁଲ, ଆଖୁରସ, ଗୁଡ଼ ଏବଂ ସଲପ ରସ ଏବଂ

ପେଣ୍ଡମ୍ ତୁଳନାରେ ଅଧିକ କୋହଲଯୁକ୍ତ ହୋଇଥାଏ ଏବଂ ଏହାର ମୂଲ୍ୟମ୍ଭ ସେଗୁଡ଼ିକ ତୁଳନାରେ ଅଧିକ ଅଟେ । ଯେଉଁ ସବୁ ଫଳରୁ ବଣ୍ଡାମାନେ ଏହାକୁ ପ୍ରସ୍ତୁତ କରନ୍ତି, ସେଗୁଡ଼ିକ ହେଲା- ପଣସ, ଆମ୍ବ, ଲଙ୍କା ଆମ୍ବ, କଦଳୀ, ସପୁରୀ ଏବଂ ତେନ୍ତୁଳି ଏବଂ ଏଥିପାଇଁ ବ୍ୟବହାର କରାଯାଉଥିବା କୋଳି ଗୁଡ଼ିକ ହେଲା – ଜାମୁ କୋଳି, ବରକୋଳି, ଭୂଇଁ ଖଜୁରୀ କୋଳି, ଅଁଳା କୋଳି ଇତ୍ୟାଦି । କିନ୍ତୁ ଫୁଲ ମାନଙ୍କ ମଧ୍ୟରୁ ଏମାନେ କେବଳ ମହୁଲ ଫୁଲକୁ ଏହାକୁ ପ୍ରସ୍ତୁତ କରିଥାନ୍ତି ।

ସାଧାରଣତଃ ସାଗୁର ପ୍ରସ୍ତୁତ କରିବା ପାଇଁ ବଣ୍ଡାମାନେ ନିଜର ଶୈଳୀ ଓ ଜ୍ଞାନକୁ ବ୍ୟବହାର କରିଥା'ନ୍ତି ଏବଂ ସମସ୍ତ ପ୍ରକାରର ସାଗୁର ପାଇଁ ସେମାନେ ଗୋଟିଏ ମାତ୍ର ପ୍ରଣାଳୀ ଅବଲମ୍ବନ କରିଥାନ୍ତି । ସର୍ବପ୍ରଥମେ ସେମାନେ ପାଚି ଯାଇଥିବା ଫଳରୁ ତା'ର ଶଶକୁ ବାହାର କରିଥା'ନ୍ତି ଏବଂ ଖଦଡ଼ ପଦାର୍ଥକୁ ହାତ କିମ୍ବା ଅନ୍ୟ ଉପାୟରେ ଅଲଗା କରି ସାରିଲା ପରେ ସେହି ଶଶରେ କିଛି ପାଣି ମିଶାଇ ତାକୁ ପତଳା କରିଥା'ନ୍ତି । ଏହାକୁ ଗୋଟିଏ ମାଠିଆ (ଉଙ୍କୁଇଁ)ରେ ରଖିଲା ପରେ ଅନ୍ୟ ଏକ ମାଟି ପାତ୍ରର ମୁହଁକୁ ଓଲଟାଇ ଏହା ଉପରେ ରଖାଯାଇଥାଏ, ଯାହାକୁ ସେମାନେ ଖୁପୁରୀ ବୋଲି କୁହନ୍ତି । ଏହି ଖୁପୁରୀର ବେକ ପାଖାପାଖି ଗୋଟିଏ କଣା ରହିଥାଏ, ଯେଉଁଥିରେ ଗୋଟିଏ ନଳୀର (ନାଲା) ଏକ ପାଖ ଭ ର୍ି କରାଯାଇ ଏହାର ଚାରି ପାଖରେ ଥିବା ଫାଙ୍କକୁ ଗୋବର (କତାଙ୍ଗ୍) ଦ୍ୱାରା ମୁହି ଦିଆ ଯାଇଥାଏ । ଏହାଦ୍ୱାରା ସାଗୁର୍ ରନ୍ଧା ହବା ସମୟରେ ଫାଙ୍କା ବାଟରେ କୈଣସି ବାଷ୍ପ କ୍ଷରଣ ବା ନଷ୍ଟ ହୋଇ ପାରି ନଥାଏ । ନଳୀର ଅନ୍ୟ ମୁଣ୍ଡଟି ନିମ୍ନ ଯାଗାରେ ଥିବା ଏକ ଅନୁମିନିୟମ ପାତ୍ର (ଗରିହା) ମୁହଁରେ ପ୍ରବେଶ କରାଯାଇଥାଏ ଏବଂ ଏହି ପାତ୍ରର ମୁହଁକୁ ଏକ ପ୍ରକାର ଜଙ୍ଗଲି ପତ୍ର (ଲାଣ୍ଡୁଲା) ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଆବଦ୍ଧ କରି ଦିଆଯାଏ, ଯଦ୍ୱାରା ବାଷ୍ପ ବାହାରକୁ ବାହାରି ପାରି ନ ଥାଏ । ଯେଉଁ ନଳଟି ଖୁପୁରୀରୁ ଆସି ଗରିଆରେ ପଡ଼ିଥାଏ ତା'ର ମଝାମଝି ଅଂଶରେ ମୋଟା କପଡ଼ା ଗୁଡ଼ାଇ ଦିଆଯାଇଥାଏ ଏବଂ ଝରଣାରୁ ବୋହି ଆସୁଥିବା ପାଣିକୁ ଏକ ଫାଳ ହୋଇଥିବା ଏକ ନଳା ମାଧ୍ୟମରେ ଏହି କପଡ଼ା ଉପରେ ବୋହି ଯିବାକୁ ଦିଆଯାଏ । ଏହା ଫଳରେ ଶୀତଳୀକରଣ ପକ୍ରିୟା ଦ୍ୱାରା ସୁରା ବା ସାଗୁର ପ୍ରସ୍ତୁତ ହୋଇଥାଏ ।

## ମାଦକଜାତୀୟ ପାନୀୟର ଉପଯୋଗିତା

ବଣ୍ଡାମାନେ ମାଦକ ଜାତୀୟ ପାନୀୟଗୁଡ଼ିକୁ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ତିଆରି କରିବା ସଙ୍ଗେ ସଙ୍ଗେ ସେବନ ମଧ୍ୟ କରିଥାନ୍ତି । ଦୈନନ୍ଦିନ ଜୀବନରେ ସେମାନେ ଏହାକୁ ଖାଦ୍ୟ ପରି ଗ୍ରହଣ କରିଥା'ନ୍ତି । ଜୀବନଚକ୍ରର ପ୍ରତ୍ୟେକ କାର୍ଯ୍ୟ ଯଥା ଜନ୍ମ, ବିବାହ ଏବଂ ମୃତ୍ୟୁ ସମୟରେ ମଧ୍ୟ ଏ ସବୁକୁ ବିଶେଷ ଭାବରେ ସେବନ କରାଯାଇଥାଏ । ଏମାନେ ବିଭିନ୍ନ ଦେବଦେବୀ ଓ ଭୂତପ୍ରେତ ମାନଙ୍କ ଅବସ୍ଥିତିକୁ ଖୁବ୍ ବିଶ୍ୱାସ କରନ୍ତି ତେଣୁ ସେମାନଙ୍କୁ ଅପ୍ୟାୟିତ ବା ଶାନ୍ତିରେ ରଖିବା ପାଇଁ ମଧ୍ୟ ଏହି ପାନୀୟ ଗୁଡ଼ିକ ପ୍ରଦାନ କରାଯାଇଥାଏ । ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ କରି କଷ୍ଟ ଅନୁଭବ କଲେ ଏଥିରୁ ମୁକ୍ତି ପାଇବା ପାଇଁ ଏଗୁଡ଼ିକ ମଧ୍ୟ ପାନ କରାଯାଏ । ତତ୍ ସଂଗେସଂଗେ ଗୃହକୁ ଆସିଥିବା ବନ୍ଧୁବାନ୍ଧବ ମାନଙ୍କୁ ଏହା ମାଧ୍ୟମରେ ସ୍ୱାଗତ କରାଯିବାର ପରମ୍ପରା ରହିଛି । ବିବାହ ସମୟରେ ଏହାକୁ କନ୍ୟାସୁନା ରୂପରେ କନ୍ୟାର ପିତା

ବରପକ୍ଷରୁ ପାଇବା ପାଇଁ ହକ୍‌ଦାର ଅଟନ୍ତି । କୌଣସି ବେନିୟମ କାର୍ଯ୍ୟ କରି ଗ୍ରାମସଭା ଦ୍ୱାରା ଦୋଷୀ ସାବ୍ୟସ୍ତ ହେଲେ ଏହାକୁ ଜୋରିମାନ ହିସାବରେ ଦେବାକୁ ପଡ଼ିଥାଏ । ଶୀତଦିନେ ପ୍ରବଳ ଥଣ୍ଡାରୁ ନିଜକୁ ମୁକ୍ତ ରଖିବା ପାଇଁ ଏହାକୁ ସେବନ କରାଯାଇଥାଏ । ଏହି ସମୟରେ ଏହା ଖୁବ୍ ଆନନ୍ଦଦାୟକ ଅଟେ । କୌଣସି ଅପରାଧରେ ଲିପ୍ତ ହୋଇ ଜେଲ୍ ଯିବାକୁ ପଡ଼ିଲେ ତଥା ପୋଲିସ୍ ହାତରେ କୌଣସି ବଣ୍ଡା ସେମାନଙ୍କ ଗ୍ରାମ ବା ଜଙ୍ଗଲରେ ଲୁଚି ରହି ଥିବା ସମୟରେ ଧରାପଡ଼ି ଥାନାକୁ ଯିବା ପାଇଁ ପଡିଲେ ଗିରଫ୍ ବା ଦୋଷୀ ବ୍ୟକ୍ତିକୁ ସାହି ପଡ଼ିଶାରୁ ଲୋକମାନେ ନିଜ ନିଜ ଗୃହରେ ଥିବା ଯେ କୌଣସି ପ୍ରକାରର ମାଦକ ପାନୀୟ ପ୍ରଦାନ କରିଥାନ୍ତି ଏବଂ ବ୍ୟକ୍ତି ଜଣକୁ ଟିକିଏ ଟିକିଏ କରି ନିମନ୍ତ୍ରଣ କରିଥିବା ବ୍ୟକ୍ତିମାନଙ୍କ ଠାରୁ ଗ୍ରହଣ କରିଥାଏ । ଏମାନଙ୍କ ମଧ୍ୟରେ କନ୍ୟା ଅପହରଣ କରି ବିବାହ କରିବା ପ୍ରଥା ପ୍ରଚଳିତ ଏବଂ ଏହି କାର୍ଯ୍ୟ ପାଇଁ ଗ୍ରାମର ଅନେକ ଯୁବକ ନିୟୋଜିତ ହୋଇଥାନ୍ତି । ନିୟୋଜିତକାରୀଙ୍କୁ ଏହାକୁ ଆକଣ୍ଠ ମଦ୍ୟପାନ କରାଇବାକୁ ପଡ଼ିଥାଏ । ଏତଦ୍ ବ୍ୟତୀତ ବିଭିନ୍ନ କାର୍ଯ୍ୟ ପାଇଁ ପରସ୍ପରର ଶ୍ରମ ବିନିମୟ କରି ଲକ୍ଷ ହାସଲ କରିବା ଉପାୟରେ ବଣ୍ଡାମାନେ ଖୁବ୍ ଅଭ୍ୟସ୍ତ । ଏହି ସମୟରେ ଆୟୋଜକଙ୍କୁ ଶ୍ରମଦାନ କରି ଆସିଥିବା ଶ୍ରମିକମାନଙ୍କୁ ପେଟଭରା ମାଦକ ପାନୀୟ ଦେବାକୁ ପଡ଼ିଥାଏ ।

## ମାଦକ ପାନୀୟ ସେବନ କରାଯିବାର ନିୟମ

ମାଦକ ପାନୀୟ ସେବନ କରାଯିବାର ବିଭିନ୍ନ ପ୍ରକାର ନିୟମ ଓ ବିଧି ବିଧାନ ଥାଏ । ବଣ୍ଡାମାନେ ଦଳଗତ ଭାବରେ ମାଦକ ପାନୀୟ ସେବନ କରିବାକୁ ପସନ୍ଦ କରିଥାନ୍ତି । କିନ୍ତୁ ସାଧାରଣତଃ ସଲପ ରସ ବା ସାପୁଙ୍ଗ୍ ସେବନ କରିବାକୁ ହେଲେ ସେମାନେ ସଲପ ବୃକ୍ଷର ତଳେ ଗୋଲ ହୋଇ ବସିଥାନ୍ତି ଏବଂ ରସ ହାଣ୍ଡିଟିକୁ ସେମାନଙ୍କ ମଧ୍ୟ ଭାଗରେ ରଖାଯାଇଥାଏ । ଏହାକୁ ସେବନ କରିବା ପାଇଁ ସେମାନେ ଏକ କ୍ଷୁଦ୍ର ଓ ଶୁଖିଲା ଲାଉରେ (ତୁମ୍ବା) ତିଆରି କରାଯାଇଥିବା ଡଙ୍କା ବ୍ୟବହାର କରିଥାନ୍ତି । ପ୍ରଥମେ ଗ୍ରାମର ଦିସାରୀ (medicineman/ soothsayer) ବା ଆୟୋଜନକାରୀ ବା ଗଛର ମାଲିକ ଏହି ତୁମ୍ବା ସାହାଯ୍ୟରେ ସଲପ ରସରୁ କିଛିମାତ୍ରା ମାଟିମା (earth godden) ଓ ମୃତାତ୍ମା ମାନଙ୍କ ଉଦ୍ଦେଶ୍ୟରେ ଅଲଗା ଅଲଗା ପ୍ରଦାନ କଲାପରେ ନିଜେ କିଛି ପାନ କରି ତୁମ୍ବାଟିକୁ ପାଖ ବ୍ୟକ୍ତିଙ୍କୁ ସମର୍ପଣ କରିଥାଏ ଏବଂ ସେମାନେ ଆକଣ୍ଠ ପାନ କରିସାରିବା ପର୍ଯ୍ୟନ୍ତ ତୁମ୍ବାଟି ଜଣକଠାରୁ ଅନ୍ୟ ଜଣକ ପାଖକୁ ଘୂରି ବୁଲିଥାଏ । ଅନ୍ୟପକ୍ଷରେ ବିଭିନ୍ନ ପର୍ବପର୍ବାଣୀରେ ବିଭିନ୍ନ ଖାଦ୍ୟଶସ୍ୟରୁ ବିଭିନ୍ନ ପ୍ରକାର ପେଣ୍ଡମ ପ୍ରସ୍ତୁତ କରାଯାଇଥାଏ । ଗ୍ରାମର ବା ପାଖାପାଖି ଗ୍ରାମ ମାନଙ୍କର ତରୁଣୀମାନେ ଦଳଗତ ଭାବେ ନାଚି ନାଚି ଗୋଟିଏ ଗୃହରୁ ଅନ୍ୟ ଗୃହକୁ ବୁଲିଥାନ୍ତି ଏବଂ ଏହି ସମୟରେ ଗୃହକ ୀ ସେମାନଙ୍କୁ ଏହି ପାନୀୟ ପ୍ରଦାନ କରିଥାନ୍ତି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ବନ୍ଧୁ ବାନ୍ଧବ ବା ଗ୍ରାମବାସୀମାନଙ୍କୁ ମଧ୍ୟ ଏହା ପ୍ରଦାନ କରାଯାଇଥାଏ ।

**Academic Member, NCDS, Bhubaneswar**
**ଯୋଗାଯୋଗ-୯୮୬୧୧୬୨୮୫୬**

# ଜନଜାତିଙ୍କ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି ଓ ସାହିତ୍ୟିକ ଦୃଷ୍ଟିଭଙ୍ଗୀ

**ପରମାନନ୍ଦ ପଟେଲ**

ଜନଜାତିଙ୍କ ବିଷୟରେ ବିଶେଷତଃ ସାହିତ୍ୟ କ୍ଷେତ୍ରରେ ଚର୍ଚ୍ଚା କଲାବେଳକୁ ଜନଜାତିଙ୍କ ସାମାଜିକ-ସାଂସ୍କୃତିକ ତଥା ଐତିହାସିକ ପୃଷ୍ଠଭୂମି ଉପରେ ଜାଣିବାର ଆବଶ୍ୟକତା ରହିଛି । ଓଡ଼ିଶାରେ ୬୨ ପ୍ରକାର ଅନୁସୂଚିତ ଜନଜାତି ବସବାସ କରୁଛନ୍ତି । ଏମାନେ ଭାରତ ସରକାରଙ୍କ ବିଜ୍ଞପ୍ତି ଅନୁସାରେ ଅନୁସୂଚିତ ତାଲିକାଭୁକ୍ତ । ତେବେ ଏମାନେ ଅନୁସୂଚିତ ତାଲିକା ଭୁକ୍ତ ହେବା ପର୍ଯ୍ୟନ୍ତ ଯେଉଁ ପୃଷ୍ଠଭୂମିରେ ଜନଜାତିଙ୍କ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଛି, ସାହିତ୍ୟରେ ଏମାନଙ୍କ ଜୀବନ ଶୈଳୀର ପ୍ରତି'ଳନ କିପରି ହୋଇଛି, ତଥା ସାହିତ୍ୟିକ ଦୃଷ୍ଟିଭଙ୍ଗୀ କ'ଣ ରହିଛି ତାହା ଦେଖିବାର କଥା ।

ଜନଜାତିଙ୍କ ବିଷୟରେ ପ୍ରଥମତଃ ପୁରାଣ ସାହିତ୍ୟ ଉପରେ କିଛିଟା ଆଭାସ ମିଳେ । ଏ ସମୟରେ ଏମାନେ କିରାତ, ଶବର, ଜାରା, ଦାସ, ଦସ୍ୟୁ କୋଲ, ନିଶାଦ, ଦ୍ରାବିଡ଼, ଆଭିର, ବନେଚର ପ୍ରଭୃତି ନାମରେ ନାମିତ ହେଉଥିଲେ । ତତ୍କାଳୀନ ସମୟରେ ସେମାନଙ୍କୁ ଏକ ଦୁର୍ଦ୍ଧର୍ଷ, କିନ୍ତୁ ସରଳ ଏବଂ ଶିକାର ତଥା ଫଳମୂଳ ସଂଗ୍ରହ ସହ, ଗୋଷ୍ଠୀବଦ୍ଧ ଜୀବନ ଯାପନ କରୁଥିବା ତଥା ନାରୀମାନଙ୍କୁ ଅନେକ ସ୍ୱାଧିନତା ଦେଉ ଥିବାର ସୂଚନା ମିଳେ ।

ଐତିହାସିକ ଆଲୋଚନାରେ ଖାରବେଳ, ଅଶୋକଙ୍କ ସମୟରୁ ଆରମ୍ଭ କରି ପ୍ରାକ୍ ମୋଗଲ ଶାସନ ଯାବତ୍ ସମୟକୁ ଏହାର ଅର୍ନ୍ତଭୁକ୍ତ କରାଯାଇପାରେ । ଏହି ସମୟର ଚର୍ଯ୍ୟା ଗୀତିକାରେ ଶବର ପାଦ, ଡୋମ୍ବୀ ପାଦ, ଲୁଇ ପାଦ ପ୍ରମୁଖ ବୌଦ୍ଧ ସିଦ୍ଧାଚାର୍ଯ୍ୟଙ୍କ ରଚନାବଳୀରେ କାଁ ଭା ଜନଜାତିଙ୍କ ବିଷୟରେ ଲେଖା ଦେଖିବାକୁ ମିଳୁଥିଲେ ସୁଦ୍ଧା ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମିରେ ଅଧ୍ୟୟନ ବିଶେଷ ଆଲୋକପାତ କରାଯାଇ ନାହିଁ । ସଭ୍ୟତା ଓ ସଂସ୍କୃତି ଉପରେ ବିବିଧ ସନ୍ଦର୍ଭ ବହୁ ଐତିହାସିକ ପ୍ରାଚୀନ ଭାରତୀୟ ପୃଷ୍ଠଭୂମିରେ ତା଼୍ୱିକ ଆଲୋଚନାମାନ କରିଛନ୍ତି । ତେବେ ଜନଜାତି ସଂସ୍କୃତି ଓ ସମାଜ ବ୍ୟବସ୍ଥା ଉପରେ କିଛି ଧାରଣା କେତେକ ତାମ୍ର ଫଳକରୁ ସୂଚନା ମାତ୍ର ରହିଥିବାର ଜଣାଯାଏ ।

ମଧ୍ୟଯୁଗ ମୋଗଲ ଶାସନ ତଥା ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ନିଜର ଅସ୍ମିତା ଜାହିର କରିସାରିଛି । ସଂସ୍କୃତ ଠାରୁ ଦୂରେଇ ଯାଇ କ୍ରମଶଃ ଲୋକ ଭାଷାରେ ପୁରାଣ, କାବ୍ୟ ସାହିତ୍ୟର ଆଦର ବଢ଼ିଛି । ସାରଳାଙ୍କ ଠାରୁ ଆରମ୍ଭ କରି ଉପେନ୍ଦ୍ରଭଂଜାଦି ସମୟ ପର୍ଯ୍ୟନ୍ତ ଲେଖକଙ୍କ ତୂଳୀରେ ଜନଜାତି ସମାଜ କିଛି କିଛି ପ୍ରସଂଗତଃ ଚର୍ଚ୍ଚା ପରିସରଭୁକ୍ତ ହୋଇଛନ୍ତି । ଇଂରେଜମାନଙ୍କ ଭାରତ ଆଗମନ ଓ କ୍ରମଶଃ ଇଂରେଜ ଶାସନର ଅୟମାରମ୍ଭ ସହ ଇତିହାସ ଲିଖନ, ସମାଜ ଓ ସଂସ୍କୃତି ବିଷୟରେ ଆଲୋଚନା, ସାହିତ୍ୟ, ଦର୍ଶନ, ପ୍ରତ୍ୟେକ ଉପରେ ଚର୍ଚ୍ଚାର ବାଟ ଫିଟିବା ଆରମ୍ଭ କରିଛି । କଲିକତା ଦେଇ ତତ୍କାଳୀନ ଓଡ଼ିଶା (ଉତ୍କଳ)କୁ ଆଧୁନିକତା ପ୍ରବେଶ ସହ ଇଂରେଜ କ୍ର୍ତ୍ତୃକ ଜନଜାତି ବିଦ୍ୟା ଉପରେ ବିଶେଷ ଅଧ୍ୟୟନ ଆରମ୍ଭ ହୁଏ । ଏଠାରେ ପ୍ରସଙ୍ଗତଃ କୁହାଯାଇପାରେ, ଏବର ଓଡ଼ିଶା ଇଂରେଜ ସମୟରେ ୧୯୩୬ ମାର୍ଚ୍ଚ ପର୍ଯ୍ୟନ୍ତ ବିଭିନ୍ନ ପ୍ରଶାସନିକ ଅଂଚଳରେ ବିଭକ୍ତ ହୋଇଥାଏ । ମାଡ୍ରାସ ପ୍ରେସିଡେନ୍ସୀ ଅଧୀନରେ କୋରାପୁଟ, ଗଞ୍ଜାମ (ଘୁମୁସର) ମାହାଲ; କେନ୍ଦ୍ରୀୟ

(ନାଗପୁର) ପ୍ରେସିଡେନ୍ସୀ ଅଧୀନରେ ସମ୍ବଲପୁର ମାହାଲ ଏବଂ କଲିକତା ପ୍ରେସିଡେନ୍ସୀ ଅଧୀନରେ ବାଲେଶ୍ୱର, କଟକ, ପୁରୀ । ଏହାଛଡ଼ା ଅନେକ ଗଡ଼ଜାତ ଅଂଚଳ ଯଥା ମୟୁରଭଂଜ, କେନ୍ଦୁଝର, ବଣେଇ, ଗାଙ୍ଗପୁର, ଢେଙ୍କାନାଳ, ବାମଣ୍ଡା, କଳାହାଣ୍ଡି, ପାରଳା ପ୍ରମୁଖ ରାଜା ରାଜୁଡ଼ାଙ୍କ ପ୍ରତ୍ୟକ୍ଷ ତ ୍ୱାବଧାନରେ ଇଂରେଜ ଶାସନ ଅଧୀନ ହୋଇ ରହିଥିଲା । ଏମାନେ ପୁଣି ସମୟ ବିଶେଷରେ ଭିନ୍ନ ଭିନ୍ନ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ରହୁଥିବାରୁ ସେମାନଙ୍କ ସାମାଜିକ ବ୍ୟବସ୍ଥା ଜଟିଳ ହେବାରେ ଲାଗୁଥାଏ । କଲିକତା ପ୍ରେସିଡେନ୍ସୀ ଅନ୍ତର୍ଭୁକ୍ତ କଟକ, ପୁରୀ, ବାଲେଶ୍ୱର ତଟବ ର୍ୀ ପ୍ରଦେଶ ମୋଗଲବନ୍ଦୀ ଅଂଚଳ ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ବହନ କରିଥାଏ । ଶିକ୍ଷା ଓ ପ୍ରଶାସନିକ ସଂସ୍କାରର ପ୍ରଭାବ ସିଧାସଳଖ ଏମାନଙ୍କ ନିକଟରେ ପଡୁଥାଏ । ତତ୍କାଳୀନ ନବ୍ୟଶିକ୍ଷିତ ଗୋଷ୍ଠୀ କଲିକତା କେନ୍ଦ୍ରୀକ ହୋଇଥାନ୍ତି । ଓଡ଼ିଶା ୧୯୩୬ରେ ସ୍ୱତନ୍ତ୍ର ରୂପ ନେବା ବେଳକୁ ଆଧୁନିକ ଭାଷା ସାହିତ୍ୟର ବିକାଶ ପାଇଁ ପ୍ରଥମତଃ ତଟବ ର୍ୀ ଅଂଚଳରୁ ପ୍ରାଧାନ୍ୟ ବିସ୍ତାର କରେ । ଅନ୍ୟ ଅଂଚଳ ଯାହା ୧୯୩୬ରେ ଆସି ଓଡ଼ିଶା ସହ ମିଶିଲା ସେତେବେଳ ପର୍ଯ୍ୟନ୍ତ ଏକ ଦ୍ୱନ୍ଦାତ୍ମକ ପରିସ୍ଥିତିରେ ଶିକ୍ଷା ସଂସ୍କାର ସହ ପଛୁଆ ହୋଇ ରହିଥିଲେ । ସେମାନଙ୍କ ସମାଜ ସଂସ୍କୃତି ତତ୍ ସମୟ ପର୍ଯ୍ୟନ୍ତ ଅଣଚର୍ଚ୍ଚିତ ।

ଜନଜାତିଙ୍କ ବିଷୟରେ ଅଧ୍ୟୟନର ପ୍ରାରମ୍ଭ କାଳ (Formative Period) ପ୍ରାୟତଃ ୧୭୭୪-୧୯୧୯ ମସିହାରୁ । Dalton (୧୮୭୨), Hunter (୧୮୭୨), ପ୍ରମୁଖ ପାଶ୍ଚାତ୍ୟ ବିଦ୍ୱାନ/ ପ୍ରଶାସକ ମାନେ ଜନଜାତିଙ୍କ ଉପରେ କିଛି କିଛି ଚର୍ଚ୍ଚା ଆରମ୍ଭ କରନ୍ତି । ସେମାନଙ୍କ ଲେଖାରେ କନ୍ଧ, ଜୁଆଙ୍ଗ, ବଣ୍ଡା, ସାନ୍ତାଳ, ଭୂୟାଁ, ମୁଣ୍ଡା ଉପରେ ତଥ୍ୟ ମିଳିବାକୁ ଲାଗେ ଏବଂ ଜନଜାତି ବିଷୟରେ ଏକ ସ୍ଥୁଳ ଧାରଣା ବୁଦ୍ଧିଜୀବିଙ୍କ ମଧ୍ୟରେ ସୃଷ୍ଟି ହୁଏ । ସାମାଜିକ ବ୍ୟବସ୍ଥା ଉପରେ ପରିବ ର୍ନର ସୂତ୍ରପାତ ଏହି ସମୟରେ ଘଟେ । କଲିକତା ପ୍ରେସିଡେନ୍ସୀ ଅଧିନରେ ଥିବା ଜିଲ୍ଲା ଏବଂ ଏ ଅଂଚଳରୁ କେନ୍ଦୁଝର, ମୟୁରଭଂଜକୁ ସୁଗମ ଯାତ୍ରା ସମ୍ଭବ ହେଉଥିବାରୁ ସେ ଅଂଚଳର ସମାଜ-ସଂସ୍କୃତି ଉପରେ ନଜର ପଡ଼ିବା ଆରମ୍ଭ ହୁଏ । କଲିକତାରୁ ମାଡ୍ରାସକୁ ରାଜରାସ୍ତା ନିର୍ମାଣ, ରେଳ ପଥର ବିକାଶ, ନାଗପୁର-ମାଡ୍ରାସ-କଲିକତା ତିନୋଟି ପ୍ରଶାସନିକ ନାଭିକେନ୍ଦ୍ରକୁ ଯୋଡ଼ିବାର ଇଚ୍ଛା ନେଇ ପ୍ରକଳ୍ପ ଆରମ୍ଭରେ ସୁଲଭ ଦରରେ ଉପଲଭ୍ୟ ସ୍ଥାନୀୟ ଜନଜାତିଙ୍କୁ ଶ୍ରମିକ ହିସାବରେ ନିୟୋଜିତ କରିବାର ଅଭିପ୍ସାରୁ ତାଙ୍କ ବିଷୟରେ ଜାଣିବାର କୌତୁହଳ ସୃଷ୍ଟି ହୁଏ । ଏହି ସମୟକୁ ଅର୍ଥାତ୍ ୧୯୧୯ ରୁ ୧୯୪୯ ଜନଜାତି ବିଦ୍ୟା ଅଧ୍ୟୟନର ବିନ୍ୟାସୀ କାଳ (Constructive) ହିସାବରେ ନିଆଯାଇପାରେ । ପୂର୍ବରୁ ଜନଜାତି ମାନେ ନିଜର ପାରଂପରିକ ଅଧିକାର ନେଇ ସାନ୍ତାଳ ବିଦ୍ରୋହ ଭୂୟାଁ ବିପ୍ଳବ, ଭୂମିଜ ବିପ୍ଳବ, କନ୍ଧ ବିପ୍ଳବ, କୋୟା ବିପ୍ଳବ, ମୁଣ୍ଡା ବିପ୍ଳବର ସୂତ୍ରପାତ କରିଥିଲେ । ଫଳତଃ ସେମାନଙ୍କ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଉପରେ ପ୍ରସଙ୍ଗ ଜାଗରିତ ହୁଏ । ଫକୀର ମୋହନ ତାଙ୍କ ଲେଖାରେ ଧରଣୀଧର ମେଳି କଥା ଦର୍ଶାଇ କେନ୍ଦୁଝର ଅଂଚଳର ଭୂୟାଁ, ଜୁଆଙ୍ଗ, କୋହ୍ଲ ଉପରେ ସୂଚନା ଦିଅନ୍ତି । ସାହିତ୍ୟ କ୍ଷେତ୍ରରେ ତା'ର ପ୍ରତିଫଳନ ସହ ଫକୀର ମୋହନ, ରାଧାନାଥଙ୍କ ସାହିତ୍ୟରୁ ସାର୍ବଜନୀନ ହେବାରେ ଲାଗେ ।

ଜନଜାତି ବିଦ୍ୟାର ପ୍ରାୟୋଗିକ କାଳ ୧୯୪୯ରୁ ୧୯୭୫ ପର୍ଯ୍ୟନ୍ତ ବ୍ୟାପ୍ତ । ସରକାରୀ ବିକାଶ ଯୋଜନାର ଅନୁପ୍ରବେଶ; ଅଣ ସରକାରୀ ସଂସ୍ଥା (NGO) ମାନଙ୍କର ସମସ୍ୟା ଅଧ୍ୟୟନ ଆଳରେ ଜନଜାତି ଅଂଚଳକୁ ପ୍ରବେଶ, ବିସ୍ଥାପନ, ଶିଳ୍ପାୟନ ସର୍ବୋପରି, ଆଧୁନିକ ଗଣମାଧ୍ୟମର ଅନୁପ୍ରବେଶ ଜନିତ ଜନଜାତି

ସମାଜ, ପରମ୍ପରା ଓ ପରିବ ର୍ତନର ଦୋ ଛକିରେ ଉବୁଟୁବୁ ହେଉଥିଲା ବେଳେ ହାତଗଣତି କିଛିଟା ସର୍ଜନାତ୍ମକ ସାହିତ୍ୟ କୃତି ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଦୃଷ୍ଟିଗୋଚର ହେବାରେ ଲାଗେ । ମାତ୍ର ତତ୍‌କାଳିନ ସାହିତ୍ୟିକଙ୍କ ରଚନାରେ ଯେଉଁ ଜନଜାତି ପ୍ରସଙ୍ଗତଃ ଚର୍ଚ୍ଚିତ ହୁଅନ୍ତି ତାହା କେବଳ ପରଜା, କନ୍ଧ, ସଉରା, ସାନ୍ତାଳ, ବଣ୍ଡା, ଜୁଆଙ୍ଗ ଭିତରେ ହିଁ ସୀମିତ ହୋଇ ରହେ । ଏମାନେ ଇଂରେଜ ମାନଙ୍କ ଗସ୍ତ ଡାଇରୀ ଓ ଲୋକ ପରଂପରା ଆଧାରିତ ରଚନା ପ୍ରଭାବରୁ ସ୍ପଷ୍ଟ ମାତ୍ର । ଜନଜାତିଙ୍କ ସମାଜ ଓ ସଂସ୍କୃତି ପ୍ରତି ଦୃଷ୍ଟି ଦେଲେ ସେମାନଙ୍କର ପରମ୍ପରା, ରୀତିନୀତି, କର୍ମକର୍ମାଣି, ମୌଳିକ ଚିନ୍ତନ, ବିଶ୍ୱାସ, ଅନୁଭୂତି, ବୋଧଶକ୍ତି, ଆଦର୍ଶ ବିଚାରଧାରା, ସୌନ୍ଦର୍ଯ୍ୟବୋଧ, କଳାପ୍ରେମ, ଲୋକକଥା, ରାଜନୈତିକ ବିଚାର, ଆଇନ ଓ ନ୍ୟାୟ, ଅର୍ଥନୀତି, ଆଧିଭୌତିକ ଉପଲବ୍ଧି ତଥା ଚିନ୍ତାଧାରା ଏବଂ ସାମୁହିକ ଜୀବନଧାରା ସର୍ବୋପରି ସେମାନଙ୍କ ଦୁନିଆଁ ଖୁବ୍ ବିଚିତ୍ର । ଜଟିଳ ଭୌଗୋଳିକ ବ୍ୟବସ୍ଥାରେ ଜୀବନ ନିର୍ବାହ କରୁଥିବା ପ୍ରତ୍ୟେକଟି ମଣିଷ ବିଚିତ୍ର ହେବା ସ୍ୱାଭାବିକ । ଦୁର୍ଗମ ଓ ଜଟିଳ ବନ ପ୍ରାନ୍ତରେ ବସବାସ କରି ବଂଚିବାର ଅଦ୍ୟମ ସାହାସ ଗୋଟାଉଥିବା ମଣିଷଟି ଯେପରି ସରଳ ସେହିପରି ଆତ୍ମବିଶ୍ୱାସୀ । ଏ କ୍ଷେତ୍ରରେ ପ୍ରଚୁର ଆତ୍ମବିଶ୍ୱାସ ମଣିଷକୁ ସାମାଜିକ ପ୍ରାଣୀଟିଏ କରିଛି ନିଶ୍ଚୟ ତା ସହ ସେହି ବ୍ୟବସ୍ଥାରେ ଆତ୍ମପ୍ରତ୍ୟୟ ଭରା ସ୍ୱାଭିମାନୀ ମଣିଷଟାଏ ମଧ୍ୟ ହୋଇଛି । ସମାଜରେ, ପରିବାରରେ ରହି ନିବିଡତା ମଧ୍ୟରେ ସମ୍ମାନବୋଧ ଶିଖିଛି । ଆମ ତଥା କଥିତ ସମାଜ ବ୍ୟବସ୍ଥାର "ଆପଣ" "ଆଜ୍ଞା" ନୁହଁ 'ତୁ', 'ତୁଇ'ରୁ ନିବିଡ଼ ସଂପର୍କ ଯୋଡ଼ିଛି । ଆବିଳତା ନାହିଁ । ସତ୍‌ଭାଷୀ ସେ । ଚାଲିବା ଶିଖିବା ଦିନଠାରୁ କର୍ମ ସଂପୃକ୍ତି ତାକୁ ସ୍ୱାବଲମ୍ବୀ କରିଛି । ପରିବାରରୁ, ବନ୍ଧୁଜନଠୁଁ, ସହଯୋଗ ପାଇଛି । ସହଭାଗୀତାର ହାତ ତାକୁ ସୁଦୃଢ଼ କରିଛି, ହାରିନି କୌଣସି କାର୍ଯ୍ୟରେ । ଅସଫଳ ହେଲେ ମଧ୍ୟ ପ୍ରକୃତି ଭିତରେ ରହି ସହନଶୀଳ ହୋଇଛି । ବିରୁଦ୍ଧରେ ଯାଇନି । ସକରାତ୍ମକ ଦୃଷ୍ଟିରେ ଆଗକୁ ଆଗକୁ ମାଡ଼ି ଜୟ କରିଛି ଦୁର୍ଗମକୁ । ଏଥିଜନିତ ଯେଉଁ ଶ୍ରମ କ୍ଲାନ୍ତୀ ଆସିଛି, ଆଶୁକବି ପାଲଟି ସେ ଗାଇଛି ତାର ଜୟଗାଥା । ଶ୍ରମ ଲାଘବର ଗାଥା । ଶକ୍ତି ସଂଚାର ପାଇଁ ଯେଉଁ ଶବ୍ଦ ସମୂହର ଆବଶ୍ୟକତା; ଆବିଳତା ଭୁଲିଯିବା ପାଇଁ ଯେଉଁ ଧ୍ୱନି ଦରକାର ତାକୁ ସଜାଇ ଗାଇଛି ସେ ତା'ର ପ୍ରେମ ବିରହର ସଂଗୀତ । ସେ ଭକ୍ତି ଅର୍ଘ୍ୟ ବାଢ଼ିଛି ସର୍ବନିୟନ୍ତା ପାଖରେ । ସେ ଭିତରେ ତା'ର ଜୀବନ ସଂଗ୍ରାମ ହିଁ ବ୍ୟାଖ୍ୟାନ ହୋଇଛି । ରହସ୍ୟମୟ ଜଗତ ଦର୍ଶନର ଅସୀମ ଉତ୍କଣ୍ଠା, ଜୀବନର ବାସ୍ତବତା ସବୁ ଏକତ୍ରୀତ ହୋଇଛି । ଦେବତା ଓ ପ୍ରକୃତି ଭିତରେ ସେ ନିଜକୁ ହଜାଇ ଦେଇନି । ସମାନ୍ତରାଳ ଭାବରେ ନିଜକୁ ଉପସ୍ଥାପିତ କରିଛି । ତା'ର ଲୋକ ପରମ୍ପରାକୁ ସମୃଦ୍ଧି କରିଛି କଷଟି ପଥରରେ ଘଷି ମାଜି, ପିଢ଼ି ପର ପିଢ଼ି ନୂତନ ଅନୁଭୂତି ବାଂଟିବା ସହ, ସେଥିରେ ଆଣିଛି ନୂତନତା । ସଂକ୍ଷିପ୍ତ ବ୍ୟାଖ୍ୟାନ ପୁରାଣ ପାଲଟିଛି । ଅନୁଭୂତି ପାଲଟିଛି, ବୀରଗାଥା । ଏହା ସବୁ କିନ୍ତୁ ମୌଖିକ ହୋଇ ରହିଛି । ସମୟ ସ୍ରୋତରେ ଅନେକ ବିଲକ୍ଷଣ ଦେଖାଦେଇଛି ଜନଜାତି ଲୋକ ପରମ୍ପରାରେ । ବିଭିନ୍ନ ପ୍ରଶାସନିକ ସଂସ୍କାରରେ ସେ ଅବହେଳିତ ହେବାରେ ଲାଗିଛି । ବ୍ୟବହାରର ବସ୍ତୁ ହିସାବରେ ତାକୁ ବିନିଯୋଗ କରାଯିବା ଉପରାନ୍ତ ଲୋକ ପରମ୍ପରା କ୍ରମଶଃ ଅନାଦୃତ ହେବାରେ ଲାଗିଛି । ମିଶନାରୀ କର୍ତୃକ କିଛି ବିଦ୍ୱାନ ତାଙ୍କ ଉପଯୋଗ ପାଇଁ ଜନଜାତି ଲୋକ ସାହିତ୍ୟର ସଂଗ୍ରହ କରିଥିଲେ । ଏହାକୁ ଆଧାର କରି ବୁଦ୍ଧିଜୀବି ମାନଙ୍କ କ୍ରମଶଃ ଜନଜାତି ସମାଜ ପ୍ରତି ଦୃଷ୍ଟି ପଡ଼ିବାରୁ ସେହି ସଂଗୃହୀତ ଲୋକ ପରମ୍ପରାକୁ ବ୍ୟବହାର କରିବାରେ କୌଶଳମାନ ସୃଷ୍ଟି ହେଲା । ପ୍ରଥମେ ଜନଜାତି ବ୍ୟକ୍ତି ସଂପଦାକୁ ଉପଯୋଗ କରି ନିଜ ବିକାଶ ମାର୍ଗ ପ୍ରଶସ୍ତ କରାଯାଉଥିଲା । ପରବର୍ତୀ ସମୟରେ

ତାଙ୍କ ଜ୍ଞାନ ସଂପଦାର ଭରପୁର ଫାଇଦା ନେଇ ନିଜସ୍ୱ କୌଶଳରେ ତାହାର ଉପଯୋଗ କରାଗଲା । ମାତ୍ର ପ୍ରତ୍ୟେକରେ ଏକ ଉନ୍ନାସିକତାର ଗନ୍ଧ ରହିଲା । ଓଡ଼ିଶାରେ ବିଂଶ ଶତାବ୍ଦୀର ମଧ୍ୟ ଚରଣ ବା ସ୍ୱାଧୀନତା ପୂର୍ବ ସମୟ ପର୍ଯ୍ୟନ୍ତ ଲେଖାବଳୀରେ ଖାଲି ବାହ୍ୟ ଦର୍ଶନ ପ୍ରତିଫଳିତ ହେବା ଏହାର କାରଣ । ବିଂଶ ଶତାବ୍ଦୀ ଅପରାର୍ଦ୍ଧ ବେଳକୁ ଆନୁଷ୍ଠାନିକ ଶିକ୍ଷା ଲାଭ ସହ ବିବିଧ ଅଧ୍ୟୟନ ସହ ପରିଚିତ ହେଉଥିବା ଶିକ୍ଷିତ ଗୋଷ୍ଠୀ ପାଖରେ ଜନଜାତି ବିଷୟ ସହ ଭାଷା, ଚଳଣି ଉପରେ ଅନେକ ଚର୍ଚ୍ଚା ଚର୍ଚ୍ଚିତ ହେବାରେ ଲାଗିଲା । ପରପର ତାହା ବିବିଧ ରୂପରେ ସାହିତ୍ୟରେ ସ୍ଥାନ ପାଇଲା । ଏଠି ଲକ୍ଷ୍ୟ କରିବା କଥା ବୁଦ୍ଧିଜୀବି ଗୋଷ୍ଠୀଙ୍କ ଜନଜାତି ସଂସ୍କୃତି ପ୍ରତି ଧାରଣା ସେତେ ସ୍ୱଷ୍ଟ ନ ଥଲା । ଏହାର କହିବାର ଉଦ୍ଦେଶ୍ୟ ଜନଜାତିଙ୍କ ବିଷୟରେ ଆମେ ତଥାପି ଅଜ୍ଞ ଥିଲେ । ତାଙ୍କ ଜଗତ ଅନାବିସ୍କୃତ ଥିଲା । ସେମାନେ ଥିଲେ ଅଣଚର୍ଚ୍ଚିତ ।

ମାତ୍ର ଏ କ୍ଷେତ୍ରରେ ଗୋପିନାଥ ମହାନ୍ତି ଥିଲେ ଏକ ବ୍ୟତିକ୍ରମ । ଏଠାରେ ପ୍ରସଂଗତଃ ଗୋପୀନାଥ ମହାନ୍ତିଙ୍କୁ କହୁଛି । ଗୋପୀବାବୁ ଜଣେ Field Anthropologist ଯାହା ଦେଖିଲେ ଅନୁଭୂତି ସିଦ୍ଧ ଧାରଣା ବର୍ଣ୍ଣନାତ୍ମକ ଢ଼ଙ୍ଗରେ ସାହିତ୍ୟିକ ପୁଟ ଦେଇ ଲେଖିଲେ । ପରେ ଅନେକ ଲେଖାହୋଇଛି ପୂର୍ବରୁ ମଧ କିଛି ଲେଖା ହୋଇଥିଲା । ମାତ୍ର ଗୋପୀବାବୁଙ୍କୁ ଆମେ classic ପର୍ଯ୍ୟାୟକୁ ନେଉଛେ ତା'ର ଅର୍ଥ ହେଉଛି ତାଙ୍କର କ୍ଷେତ୍ର ଅନୁଭୂତି ଓ ବିଷୟ ପ୍ରବେଶ । ସଂସ୍କୃତି ସହ ସେ ଜଡ଼ିତ ହୋଇଯାଉଥିଲେ । ଧାଂଡା ବସା ଭିତରେ ରହି ସେ ଅବଲୋକନ କରୁଥିଲେ ଜନଜାତିର ଜଗତକୁ । ପ୍ରଶାସନିକ ଅଧିକାରୀ ଭାବରେ ବିକାଶ ଓ ପ୍ରତିବଦ୍ଧତା କାଏମ ରଖୁଥିଲେ । ବିଚାରକ ଭୂମିକାରେ ନିରପେକ୍ଷତା ଅବଲମ୍ବନ କରୁଥିଲେ । ଏ ସବୁ ସହିତ ସେ ଥିଲେ ଜଣେ ଜିଜ୍ଞାସୁ ଭାଷା ଗବେଷକ । ଯେଉଁଠି ସେ ପ୍ରଶାସନିକ ଅଧିକାରୀ ହିସାବରେ କ ର୍ବ୍ୟ ନିର୍ବାହର ସୁଯୋଗ ପାଇଛନ୍ତି, ସେଠି ସେ ଅଂଚଳର ଭାଷା ସହ ନିଜକୁ ସାମିଲ କରିଛନ୍ତି । ସେ ଠିକ୍ ବୁଝିଥିଲେ ଭାଷାକୁ ଜାଣିବା ଅର୍ଥ ସଂସ୍କୃତିକୁ ଜାଣିବା, ହୃଦୟକୁ ଜାଣିବା । ତେଣୁ ସେମାନଙ୍କ ପ୍ରତ୍ୟେକ ସମସ୍ୟାକୁ ଭାଷାରେ ବୁଝି, ପଢ଼ି ବ୍ୟାଖାନ କରୁଥିଲେ । ଜନଜାତି ମଣିଷ ସହ ମିଶିବାର ମାନସିକତା, ପ୍ରଶାସନିକ ଅଧିକାରୀ ହୋଇ ବିକାଶ ମାର୍ଗ ସୁଗମ କରାଇବା ଏବଂ ବିଚାରକ ଆସନରେ ନିରପେକ୍ଷତା ରଖିବା ତାଙ୍କ ଠାରେ ହିଁ ସମ୍ଭବ ହେଉଥିଲା । ସେ ଅନ୍ତର୍ମନସକୁ ଯେତେ ଅବଲୋକନ କରିଥିଲେ ପରବର୍ତୀ ପର୍ଯ୍ୟାୟରେ ଆଉ କୌଣସି ଲେଖକଙ୍କ ପାଖରେ ତାହା ଜୁଟିନାହିଁ । ସେ ବୁଝିଥିଲେ ପରିବ ର୍ନ ଅବଶ୍ୟମ୍ଭାବୀ । ତଦନୁସାରେ ମଣିଷର ମାନସିକତା ମଧ ପରିବ ର୍ତ ହେବ । ପରଂପରା ଓ ପରିବ ର୍ନର ମଧ ସମୟର ଅନ୍ତର୍ଦ୍ୱନ୍ଦକୁ ବିଶ୍ଳେଷଣ କରିବାର ତୀବ୍ର ମାନସିକତା ତେଣୁ ତାଙ୍କ ରଚନା ବଳୀରେ ସ୍ୱଷ୍ଟ ହେଉଥିଲା । ସ୍ଥାନ-କାଳ-ପାତ୍ର ଦେଖି ସେ ଚରିତ୍ର ମାଧମରେ ସମସ୍ୟାକୁ, ପରିବ ର୍ନକୁ ଦେଖୁଥିଲେ ।

ନେହରୁଙ୍କ ପ ଶୀଳ ନୀତି ଏବଂ ଭେରିୟର ଏଲ୍‌ୱିନଙ୍କ Tribal Theory ସହ ଉ ମ ରୂପେ ଅବଗତ ଗୋପୀବାବୁ ସର୍ବୋଦୟ ଆନ୍ଦୋଳନ ସହ ପରିଚିତ ହୋଇ ଜନଜାତିର ଦୁନିଆକୁ ପ୍ରବେଶ କରି ସାରିଥିଲେ ଜଣେ ସହୃଦୟ ଦରଦୀ ମଣିଷ ଭାବରେ । ଭାରତ ସ୍ୱାଧୀନ ହେବାର ପ୍ରାକ୍ ଓ ପର ଅବସ୍ଥା । ଭାରତୀୟ ସାମାଜିକ-ସାଂସ୍କୃତିକ-ରାଜନୈତିକ ପାଣିପାଗର ଏକ ଘଡ଼ି ସନ୍ଧି ମୁହୂ ର୍ । ଉପନିବେଶବାଦୀ ଶାସନର ବାହୁଡା ଓ ସ୍ୱଶାସନର ଶ୍ରୀ ଗୁଣ୍ଡିଚାର ସନ୍ଧି ମୁହୂ ର୍ରେ ଯେଉଁ କତିପୟ ଚିନ୍ତାନାୟକ ମାନଙ୍କ ଭୂମିକା ମୁଖ୍ୟ ଥିଲା, ସେହି ରାଜନୈତିକ-ପ୍ରଶାସନିକ ଗୋଷ୍ଠୀ ନିଜ ପ୍ରାଧାନ୍ୟ ବଜାୟ ରଖିଲେ । ନଗର କେନ୍ଦ୍ରୀକ ରାଜନୀତି

ପୃଷ୍ଠପଟରେ ନୂତନ ଭାରତର ପରିକଳ୍ପନାରେ ପ୍ରଶାସନିକ ଗୋଷ୍ଠୀ ନଗରଠୁଁ ପଲ୍ଲୀଯାଏ ମୁଖ୍ୟ ନିୟନ୍ତ୍ରକ ହିସାବରେ ଆଧିପତ୍ୟ ବିସ୍ତାର କରିଥିଲେ । ଏହି ପ୍ରେକ୍ଷାପଟରେ ଉଭୟ ଗୋଷ୍ଠୀରେ କିଛି ଉଦାର ବୁଦ୍ଧିଜୀବିଙ୍କ ଆବିର୍ଭାବ ଘଟିଥିଲା ନିଶ୍ଚୟ । ଏମାନେ ସମାଜ ଓ ନାଗରିକଙ୍କ ସହ ପ୍ରଶାସନ ତଥା ସରକାରଙ୍କୁ ଯୋଡୁଥିଲେ । ପରାଧୀନ ଭାରତରେ ଏମାନେ ଇଂରେଜ ମନସ୍କ । ପ୍ରଜାତନ୍ତ୍ରରେ ବା ସ୍ୱାଧୀନ ଭାରତରେ ସ୍ୱାଧୀନ ଚିନ୍ତନକୁ ଯେଉଁମାନେ ସଫଳତାର ସହ ବିନିଯୋଗ କଲେ ସେମାନେ ମଣିଷଙ୍କ ସହଯୋଗ ପାଇଲେ । ସାହିତ୍ୟରେ ଜନଜାତି ଚର୍ଚ୍ଚାର ପ୍ରତିଫଳନ ହେବାରେ ଲାଗିଲା ।

ନେହେରୁ ଚିନ୍ତନରୁ ଓହରି ଯାଇ ଭାରତ ବର୍ଷ ପ ମ ପ ବାର୍ଷିକ ଯୋଜନା (୧୯୭୪-୭୮) କାଳକୁ ପରମ୍ପରାରୁ ପ୍ରଗତି ମାର୍ଗକୁ ଲମ୍ଫ ପ୍ରଦାନ କରିଥିଲା । ସେଇ ଘଡ଼ି ସନ୍ଧି ମୁହୂର୍ତ୍ତରେ ସ୍ୱାଧୀନତା ଉପରାନ୍ତ ପ୍ରଥମ ପିଢ଼ି ଉତୀର୍ଣ୍ଣ ହୋଇ ଦ୍ୱିତୀୟ ପିଢ଼ି ସାମ୍ନାକୁ ଆସିଛନ୍ତି । ବିକାଶ ପରିଭାଷାରେ ଜର୍ଜରିତ ଏଇ ଦ୍ୱିତୀୟ ପିଢ଼ି ନିଜକୁ ଅସୁରକ୍ଷିତ ମନେ କରିବା ସହ ବିବିଧ ଯୋଜନାର ଶରବ୍ୟ ହୋଇଛନ୍ତି; ଠିକ୍ ସେତିକିବେଳର ଲେଖାରେ ଏହି ସବୁ ସାମାଜିକ ଦ୍ୱନ୍ଦ କଥା ଉଠିଛି । ପ୍ରଥା ଓ ପରଂପରା ଭାଙ୍ଗିବାରେ ଲାଗିଛି । ନୂତନ ଅବସ୍ଥା ସହ ଖାପ ଖୁଆଇବାରେ ଅନଭ୍ୟସ୍ତ ଜନଜାତି ଜଟିଳତାର ସାମ୍ନା କରିଛନ୍ତି । ମାତ୍ର ଏ ଚିତ୍ରକୁ ସ୍ପଷ୍ଟତଃ ନଗର କେନ୍ଦ୍ରୀକ ବୁଦ୍ଧିଜୀବିଙ୍କ ଲେଖାରେ ମିଳେ ନାହିଁ । ବିଂଶ ଶତାବ୍ଦୀର ଶେଷ ପାଦ ବେଳକୁ ଗୋପୀବାବୁଙ୍କ ପରପର ଅନେକ ଲେଖକ ଆସିଛନ୍ତି । ଅନେକ କାଳଜୟୀ ଉପନ୍ୟାସ, ଗଳ୍ପ, ନିବନ୍ଧ ଲେଖା ହୋଇଛି ମାତ୍ର ସେ ବେଳର ଚିନ୍ତାଧାରା ଓ ପରିବର୍ତନକୁ ସାମ୍ନା କରୁଥିବା ମଣିଷର ମାନସିକତା ଆଉ ସମାନ ନ ଥିଲା । ସମସ୍ୟାକୁ ଅଂଗେ ଲିଭାଇବା ଓ ସମସ୍ୟାକୁ ପଢ଼ିବା ଭିନ୍ନ କଥା । ପୁନଶ୍ଚ ତୃତୀୟ ପିଢ଼ିକୁ ଆମେ ଦେଖିଲେ ଉପର ଠାଉରିଆ । ବୁଦ୍ଧିଜୀବି ମଧ୍ୟ ତୃତୀୟ ପିଢ଼ିର ବାହାରିଲେ । ପଢ଼ିଛେ ଅନେକ । ସମାଜତାତ୍ୱିକ, ନୃତାତ୍ୱିକ, ଅର୍ଥତାତ୍ୱିକ, ସାହିତ୍ୟିକ ଅନେକ କୃତି ସହ ପରିଚିତ ହୋଇଛେ । ଆମର କିନ୍ତୁ ଅର୍ନ୍ତଭୁକ୍ତି ରହିଲା ନାହିଁ ତାଙ୍କ ଜଟିଳ ସମାଜ ବ୍ୟବସ୍ଥା ସହିତ । ଆମେ ଜଡ଼ିତ ହେଲେ ନାହିଁ ତାଙ୍କ ଜୀବନଧାରା; ସାମାଜିକ ଚଳଣି, ସାଂସ୍କୃତିକ ବିଧି ବ୍ୟବସ୍ଥା ସହ । ଆମ ପାଖରେ ଗୁଡ଼ାଏ ଶବ୍ଦ ଭଣ୍ଡାର ରହିଲା, ଅନେକ ପ୍ରକାଶିତ, ସଂଗୃହୀତ ତଥ୍ୟ ରହିଲା । ତାକୁ ଦେଖି ପରଖି ବାହ୍ୟତଃ ଆମେ ଗଢ଼ି ଚାଲିଲେ ସାହିତ୍ୟରୂପୀ ସୁରମ୍ୟ ଅଟ୍ଟାଳିକା । କିନ୍ତୁ ଜନଜୀବନକୁ ଖୋଜିବା; ଖୋଜି ତଟସ୍ଥ ହେବାର ସାହିତ୍ୟ ଆଉ ରହିଲା ନାହିଁ ।

ଏଠାରେ ଛୋଟିଆ ବକ୍ତବ୍ୟଟାଏ ଯୋଡୁଛି । ଜନଜାତି ସହ ମୋର ଅନ୍ତର୍ଭୁକ୍ତି ସାମାନ୍ୟ । କା ଭାଁ ସରକାରୀ କାର୍ଯ୍ୟରେ ତାଙ୍କ ସହ ମିଶିବାର ସୁଯୋଗ ପାଇଛି । ସେଥିରେ ମୁଁ ଦେଖିଛି କିଛିଟା ବିଲକ୍ଷଣ । ଗୋଟାଏ ଉଦାହରଣ ଦେବି । କନ୍ଧ କହିଲେ ଆମ ମନକୁ ଆସେ ମଣିଷ ବଳି ଦେଉଥିବା ଏକ ଗୋଷ୍ଠୀ । ଯିଏ ଭଲ ହଳଦୀ ପାଇବା ପାଇଁ ଧରଣୀ ଦେବୀଙ୍କ ନିକଟରେ ମଣିଷ ବଳି ଦେଇ ତା'ର ରକ୍ତ ହଳଦୀ କିଆରୀରେ ଦେଉଥିଲା । ଇଂରେଜ କର୍ତୃକ ତାହା ବନ୍ଦ ହେଲା । ଏହା ପରବର୍ତୀ ସମୟରେ କେଡୁ, କଡୁ, ଟୋକିମରା, ମେରିଆ ନାମରେ ନାମିତ ହୋଇ ରହିଲା । କନ୍ଧମାଳରେ କନ୍ଧମାନେ ମେରିଆ ଦେଉଥିଲେ ତାହା କେଡୁକୁ ରୂପାନ୍ତରିତ ହେଲା । କଳାହାଣ୍ଡିରେ ଝିଅ ବଳି ଦେଉଥିଲେ "ଟୋକିମରା" ହେଲା । ରାୟଗଡ଼ାରେ ମଇଁଷି ବଳି ପ୍ରଥାଟି "ମେରିଆ" ହୋଇ ରହିଗଲା । ଇଂରେଜମାନେ କନ୍ଧମାଳରେ ମଣିଷ ବଳିପ୍ରଥା ବନ୍ଦ କରିଥିଲେ । କେଡୁ ପର୍ବରେ ଯେଉଁ ମଇଁଷି ମରା ହୁଏ, ତା'ର ମାଂସ ଓ ରକ୍ତ ବିହନରେ ଦେବାର ପ୍ରଥା ରହିଛି । ବିଶ୍ୱାସ, ବିହନ ଭଲ ଗଜା ହେବ,

ଭଲ ଅମଳ ହେବ । ଆଜି ବି ଏ ପ୍ରଥା Fertility rituals ହିସାବରେ ରହିଛି । କାହିଁ କେଉଁଠି ବିଲରେ, କିଆରୀରେ ରକ୍ତ ଦେବାର ତ ନଜିର ନାହିଁ । ପରବ ୀ ପର୍ଯ୍ୟାୟରେ ପରଜା, ଭତରା, କନ୍ଧ, ହଲ୍‌ବା ମାନଙ୍କର ବାଲିଯାତ୍‌ରା ସେଇ Fertility rituals ର ପରିବର୍ତିତ ପ୍ରତୀକାତ୍ମକ ପାର୍ବଣ । ହୋଇ ରହିଲା ଅନାଲୋଚିତ । ତାହାହେଲେ ମାଟି ଦେବତାରପୂଜା ନାଁରେ ଜନଜାତିଙ୍କ ସାଂସ୍କୃତିକ ଅବବୋଧକୁ ଭୁଲ୍ ଭାବରେ ସାହିତ୍ୟରେ ପରିବେଷଣ କରାଗଲା ନାହିଁ ତ । ଏକ ସଂସ୍କୃତି ସମ୍ପନ୍ନ ମଣିଷର ପାରମ୍ପରିକ ବିଶ୍ୱାସକୁ ଭିନ୍ନ ଭାବରେ ଉପସ୍ଥାପିତ କରାଯାଇ ପାଠକୀୟ ବିଶ୍ୱସ୍ତତା ନେଲା । ବାସ୍ତବ ରହିଗଲା ତମସାରେ ।

ବର୍ତମାନ ଆମକୁ ଦେଖିବାର ଅଛି ଜନଜାତି ସମାଜ-ସଂସ୍କୃତି ଆଧାରିତ ଯେଉଁ ଉପାଦାନ ସମୂହକୁ ଆମେ ସାହିତ୍ୟ ହିସାବରେ ପୁନର୍ଲିଖନ କରୁଛେ ତା'ର ବାସ୍ତବତା ଯୁକ୍ତି ସିଦ୍ଧ ତ ? ଏଠି ଧାରଣାଟିଏ ଦେବାରେ ମୁଁ କୁଣ୍ଠିତ ହେବି ନାହିଁ ଯେ ଆଧୁନିକତା ଆସିବା ପୂର୍ବରୁ ଜନଜାତି ସମାଜ ଯଥେଷ୍ଟ ଆଧୁନିକ ଥିଲେ । ବିଜ୍ଞାନ ବାର୍ତା ପହ ାଇବା ସମୟକୁ ସେମାନେ ବିଜ୍ଞାନୀ ମଣିଷ ହିସାବରେ ନିଜ ବ୍ୟବସ୍ଥାରେ ବ ୁଥିଲେ । ତାଙ୍କ ଜ୍ଞାନ କୌଶଳ ଭୌଗୋଳିକ ଓ ପରିବେଶ ଆଧାରିତ ହୋଇ ଯଥେଷ୍ଟ ଉନ୍ନତ ଥିଲା । ନତୁବା ଏତେ ପ୍ରତିକୂଳ ବ୍ୟବସ୍ଥା ସତ୍ତ୍ୱେ ସେଇ ବଣୁଆ ମଣିଷମାନେ ଅଦ୍ୟାବଧି ରହିଥାନ୍ତେ କିପରି ।

ଏବର ସମାଜ ବ୍ୟବସ୍ଥା ଜନଜାତି ସମାଜରୁ ହିଁ ସୃଷ୍ଟି । ଏବର ପ ାୟତିରାଜ ବ୍ୟବସ୍ଥାର ଆରମ୍ଭର ବହୁ ପୂର୍ବରୁ ସେମାନେ ପାରଂପରିକ ପ ାୟତ ବ୍ୟବସ୍ଥା ମଧ୍ୟରେ ନିଜର ସାମାଜିକ ଓ ରାଜନୈତିକ ଜୀବନ ନିର୍ବାହ କରୁଥିଲେ । ଜୀବନ ବଂଚିବା ପାଇଁ କୃଷି ଜ୍ଞାନ ତାଙ୍କର ଯଥେଷ୍ଟ ଥିଲା । ବିହନ ସଂରକ୍ଷଣ, କୃଷି କର୍ମ ଆରମ୍ଭ, ଜଳ ଓ ଜମି ପରିଚାଳନା, ପରିବେଶ ବିଜ୍ଞାନ ପ୍ରତ୍ୟେକ ସହିତ ସେମାନଙ୍କ ସମ୍ୟକ ପରିଚୟ ଥିଲା । କର୍ମ ସଂସ୍କୃତିରେ ପ୍ରକୃତି ଓ ସଂସ୍କୃତିର ସମନ୍ୱୟରେ ଧର୍ମଧାରଣାର ଅୟମାରମ୍ଭ ଜନଜାତି ମାନେ ହିଁ କରିଥିଲେ । ପ୍ରକୃତିର ସମସ୍ତ ଏକକକୁ ଦେବତ୍ୱର ମର୍ଯ୍ୟାଦା ଦେବାରେ ଜନଜାତି ହିଁ ପ୍ରଥମ ପୂଜକର ସ୍ଥାନ ନେଇଥିଲେ ।

ସେ ଆଜିରେ ବିଶ୍ୱାସୀ । ଅତୀତରୁ ଶିଖୁଥିଲେ କିନ୍ତୁ ଭବିଷ୍ୟତ ପାଇଁ ଚିନ୍ତିତ ନ ଥିଲେ । ତେଣୁ ତାଙ୍କ ଭାଷାରେ, କ୍ରୀୟାକର୍ମରେ ଅତୀତ ଓ ଅଣ ଅତୀତର ଭାଷା ମିଳେ ଭବିଷ୍ୟତର ବ୍ୟବହାର ନାହିଁ । ତାଙ୍କ ଜୀବନ ବର୍ତମାନ ସର୍ବସ୍ୱ । ଅର୍ଥ ତାଙ୍କ ଜୀବନକୁ ଗ୍ରାସ କରିନାହିଁ । ସେମାନେ ଅଳ୍ପରେ ସନ୍ତୁଷ୍ଟ ତେଣୁ ସେମାନେ ଯଥାର୍ଥରେ ସୁଖବାସୀର ଜୀବନ ନିର୍ବାହ କରୁଥିଲେ ।

ଏଠି ଆଉ ଗୋଟିଏ ଜିନିଷ ଲକ୍ଷ୍ୟ କରିବାର ଆବଶ୍ୟକତା ରହିଛି । ଜନଜାତିଙ୍କ ସହ "ସାହୁକାର" ଶବ୍ଦକୁ ଯୋଡ଼ିବା । ସବୁବେଳେ ସାହୁକାରମାନେ ବଡ଼ ଶୋଷକ (Exploitor) ବୋଲି ଚିତ୍ରଣ କରାଯାଇଛି, ମୁଁ ଏଥି ସହ ଏକ ମତ ନୁହେଁ । ଏଠାରେ ସାହୁକାର କିଏ ? ସବୁବେଳେ ମୀନ ମାଛକୁ ହିଁ ସାହୁକାର ହିସାବରେ ଚିତ୍ରଣ କରାଯାଇଛି ସାର୍କକୁ ନୁହେଁ । ଏଠି ସେହି ସାହୁକାରମାନେ ଜନଜାତି ଅର୍ଥନୀତିକୁ ଧ୍ୱଂସ କରିନାହାନ୍ତି । ଯେଉଁମାନେ ସେମାନଙ୍କ ସୁଖଦୁଃଖରେ ସହାୟ ହୋଇଛନ୍ତି । ଜନଜାତି ଅଂଚଳରେ ପ ାୟତକୁ ଯଦି ଏକକ ହିସାବରେ ଗ୍ରହଣ କରାଯାଏ ତେବେ ଗୋଟିଏ ପ ାୟତରେ ହାରାହାରୀ ଗୋଟିଏ ଦୋକାନୀ ସାହୁକାର । ହୁଏତ ଥିଲାବାଲା । ଦୋକାନ ଖଣ୍ଡିଏ କରି ତେଲ ଲୁଣଠୁଁ ଲୁଗାପଟାଯାଏ ସବୁ ଥିବ । ଜନଜାତିମାନେ ଆବଶ୍ୟକତା ଅନୁସାରେ ନେବେ । ମାତ୍ର ଅସଲ ସାହୁକାର ସେ ନୁହେଁ ଯେ ନିଜ ଗୁଜୁରାଣ ମେ ାଇବାକୁ ସମ୍ବଳ ସଂଗ୍ରହ

କରୁଛି । ଗାଁର ସାଥୀ ହୋଇଛି । ଅସଲ ସାହୁକାର କେବେ ବି ସାମ୍ନାକୁ ଆସିନି ବା ମୁଖ୍ୟ ଚରିତ୍ର ହୋଇ ଭ  । ହୋଇନି, ଯେ ପ୍ରାକୃତିକ ସମ୍ବଳକୁ ନଷ୍ଟ କରିଛି । ଜ୍ଞାନ କୌଶଳକୁ ହଡପ୍ କରିଛି । ଶୀକାର ଗଳ୍ପରେ ଯେଉଁ ଚରିତ୍ର ବର୍ଣ୍ଣିତ, ଜନଜାତିଙ୍କୁ ବୁଝି ନ ଥିବା ଦୃଷ୍ଟିରେ ଠିକ୍ ମନେ ହେଉଥାଇ ପାରେ ମାତ୍ର, ଝପଟ୍ ସିଂ ଓ ଗୋବିନ୍ଦ ସର୍ଦ୍ଦାର ସହ "ବକ୍‌ସିସ" ତିନୋଟି ପ୍ରତୀକର ଅନୁଶୀଳନ କଲେ ଜନଜାତି ମଣିଷ "ମୁଖ୍ୟ ସାହୁକାର"କୁ ତଥାପି ଚିହ୍ନିବାରେ ସକ୍ଷମ ହୁଏ ନାହିଁ । ଗଳ୍ପଟିର ଅନୁଶୀଳନ ମଧ୍ୟ ସେ ଦୃଷ୍ଟିରୁ ହୋଇନି । ଝପଟ ସିଂ ଅତ୍ୟାଚାରୀ ନୁହେଁ, ସେ ଜନଜାତି ସମାଜର ହୀତକାରୀ । ମୁଖ୍ୟ ସାହୁକାରର ପ୍ରରୋଚନାରେ ତାକୁ ମରା ଯାଇଛି । ଏଠି ଘିନୁଆ ମାଧ୍ୟମ । ଯଦି ଘିନୁଆ ସ୍ପଷ୍ଟବାଦୀ, ସତ୍ୟକୁ ସାମନା କରୁଛି, ତେବେ ଝପଟ ସିଂକୁ ମାରିବା ବେଳେ ସେ କାହିଁକି ଚିନ୍ତା କରି ନାହିଁ । ସାନ୍ତାଳ ମନସ୍ତ   ଅନୁଶୀଳନରେ ଏପରି ରେକର୍ଡର ଦୃଷ୍ଟାନ୍ତ ନାହିଁ । ସେ ପୁଣି ମୁଖ୍ୟ ସାହୁକାର ପ୍ରାୟୋଜିତ ଗୋବିନ୍ଦ ସର୍ଦ୍ଦାରକୁ ମାରିବା ବେଳକୁ ବକ୍‌ସିସ୍ ପ୍ରତୀକର ଅବତାରଣା ଜନଜାତି ମନସ୍ତା ିକ ଦୃଷ୍ଟି କୋଣରୁ ଭିନ୍ନ ମନେ ହେଉଛି, ଯେଉଁଠି ମାରିବା ପାଇଁପ୍ରରୋଚିତ କରିବାରେ ମୁଖ୍ୟ ସାହୁକାରର ସମର୍ଥନ ନାହିଁ । ତେଣୁ ଦୁଇ ଚରିତ୍ର ଘିନୁଆ as a Protagonist ଏବଂ ସାନ୍ତାଳ ସମାଜର ପ୍ରତିନିଧି ଘିନୁଆର ମେଳକ ରହୁନି । ସେହିପରି ଅନେକ ଚରିତ୍ର ଆସିଛନ୍ତି ଓ ଯାଇଛନ୍ତି । ଯେଉଁଠି ଜନଜାତିଙ୍କ ସାମାଜିକ ସ୍ଥିତି ଆକଳନରେ ମନସ୍ତ ୍ୱ ସହ ପରିଚିତି ନଥାଇ ପ୍ଲଟ ସଂଚରିତ ହୋଇଥିବା ଧାରଣା ଜନ୍ମେ । ଏହି ଦୃଷ୍ଟିରୁ ଜନଜାତି ସମାଜର ସାମାଜିକ ବାସ୍ତବତା ଓ ମନସ୍ତା ି୍ୱକ ବିଶ୍ଳେଷଣ ଓଡ଼ିଆ ସାହିତ୍ୟରେ ସଠିକ୍ ଭାବରେ ଚିତ୍ରଣ କରାଯାଇପାରି ନାହିଁ । ବ ର୍ମାନ ସମୟରେ ଜନଜାତି ସମାଜ ସଂସ୍କୃତି ସହ ନିଜସ୍ୱ ଅନ୍ତର୍ଭୁକ୍ତି ଉପରାନ୍ତ ଓ ଗଭୀର ଅଧ୍ୟୟନ ସହ ଲେଖନୀର ଧାରାକୁ ଯିବାର ଆବଶ୍ୟକତା ମନେ ହୁଏ । ସାହିତ୍ୟ ବିଶେଷତଃ, କବିତା, ଗଳ୍ପ, ଉପନ୍ୟାସ ସଂରଚନା ବେଳକୁ ଏ ସବୁ ପ୍ରତି ଧ୍ୟାନ ଦେଲେ ଜନଜାତି ସମାଜ ଓ ସଂସ୍କୃତି ଭି ିକ ସାହିତ୍ୟ ସହ ପୁନର୍ଲିଖନ ଆହୁରି ଉପାଦେୟ ହୋଇପାରନ୍ତା । ଅବଶ୍ୟ ଅନେକ ଲେଖକ ବୁଦ୍ଧିଜୀବି ଯେଉଁମାନେ ଜନଜାତି ଅଂଚଳରେ ରହି ତାଙ୍କ ପ୍ରତ୍ୟକ୍ଷ ସଂପର୍କରେ ଆସିଛନ୍ତି ତାଙ୍କ ପାଖରେ କିଛି କିଛି ସୁନ୍ଦର ସାହିତ୍ୟ ମିଳୁଛି । ଆହୁରି ମଧ୍ୟ ଅନେକ ସାହିତ୍ୟିକ ଜନଜାତି ସମାଜର ପ୍ରତିନିଧିତ୍ୱ କରୁଛନ୍ତି । ନବେଦଶକର ଜଣେ ଅଣଚର୍ଚ୍ଚିତ ଜନଜାତି ଲେଖିକା ସୁକାନ୍ତୀ ନାୟକ; ସଭ୍ୟ ସମାଜର କିପରି ଶରବ୍ୟ ହୋଇଛନ୍ତି, ତା'ର ସୁନ୍ଦର ଚିତ୍ର ରୂପ "ଆଦିବାସୀ ନେତା ମଣିଷ ଶିକାରୀ" ସଂକଳନରେ ସ୍ପଷ୍ଟ ଭାବରେ ଫୁଟାଇ ପାରିଛନ୍ତି । ଜନଜାତି ସମାଜର ବ୍ୟକ୍ତି ମାନସର ମାନସିକ ଅନ୍ତର୍ଦ୍ୱନ୍ଦ ଫୁଟାଇବାରେ ତାଙ୍କ ଲେଖନୀ ଏକ ମାଇଲ ଖୁ   ମନେ ହୁଏ । ସେହିପରି ସାଇମନ ବିଡ଼ିକା, ଠାକୁର ଦାସ ହାଁସଦା, ଦମୟନ୍ତୀ ବେଶ୍ରା, ଅର୍ଜୁନ ହେମ୍ବ୍ରମ୍, ଚୈତନ୍ୟ ପ୍ରସାଦ ମାଝୀ ପ୍ରମୁଖ ଲେଖକ ଲେଖିକାଙ୍କ ରଚନାବଳୀ ଜନଜାତି ସମାଜର ଅନ୍ତର୍ମନସକୁ ଉନ୍ମୋଚନ କରିବାରେ ଲାଗିଛି ।

**ବରିଷ୍ଠ ଜନଜାତି ବିଶେଷଜ୍ଞ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ**
**ଯୋଗାଯୋଗ- ୯୪୩୭୯୭୬୨୮୭**

# ମେରିଆ ପୋଢ଼ବଳି ଓ କୁଟିଆ କନ୍ଧ ପରମ୍ପରା

**କ୍ଷେତ୍ରବାସୀ ମାନ୍‌ସେଠ୍**

ପୋଢ଼ବଳି ବା ପୋଢ଼ପୂଜା କୁଟିଆକନ୍ଧ ଜନଜାତି ଧର୍ମାଚାର ମଧ୍ୟରେ ଏକ ପ୍ରମୁଖ ପାଳନ ପର୍ବ । ପୂଜାର ଉଦ୍ଦେଶ୍ୟ ଭେଦରେ ପୋଢ଼ ବଳିକୁ ନିମ୍ନମତେ ଚାରିଟି ବର୍ଗରେ ବିଭାଜନ କରାଯାଇପାରେ ।

୧. କପ୍‌କା କରୁ- ନୂଆଁ ପଦରରେ ଗାଁ ବସିବା ପରେ ।

୨. ଟାକୁକାଲୁ ଅବସରରେ - ମେରିଆ ପୂଜା ଦିନ ଘୁ ।ଇବା ପାଇଁ ।

୩. ଛୁଆକୁ ନାମ ରଖିବା ପାଇଁ ।

୪. ମେରିଆ (ଟକି-ବାଣ୍ଡି / ବିହା (ଆ) ।

ଉପର ବର୍ଣ୍ଣିତ ସମସ୍ତ ରକମର ପୋଢ଼ ପୂଜା ଉପସ୍ଥାପକ ତୁମୁଡ଼ିବନ୍ଧ ବ୍ଲକ (କନ୍ଧମାଳ) ଅନ୍ତର୍ଗତ ପଲମ୍, ବଲମ୍, ନେଲିଙ୍ଗ୍ ପଦର, ପାଗାର୍ ପାଡ଼ି (ମା'ପେରୁ), କମ୍‌ଲାପଡ଼ା, ଡୁପି ଓ କ୍ରାଞ୍ଜା (ସଫା ଗାଁଡ଼ା) ଭଳି ଅନେକ କୁଟିଆ କନ୍ଧ ଗାଁମାନଙ୍କରେ ବିଭିନ୍ନ ସମୟରେ ଆୟୋଜିତ ପୋଢ଼ପୂଜା ଯାତ୍ରା ଦେଖିବାକୁ ଯାଇଛି । ପ୍ରତ୍ୟେକ ଗ୍ରାମର ଜାନୀ, ପୂଜେରା, କୁଟାକା, ମାଝୀ ତଥା ଗାଁର ସମ୍ପୃକ୍ତ ଗାଣ୍ଡା (ଡମ୍)ମାନଙ୍କୁ ପରାମର୍ଶ କରି ପୋଢ଼ପୂଜାର ପୂର୍ବ ପ୍ରସ୍ତୁତି ସମେତ ପାଳନ ବିଧି ଇତ୍ୟାଦିର ସବିଷଦ ବିବରଣୀ ସଂଗ୍ରହ କରିଛି । ଉକ୍ତ ପ୍ରବନ୍ଧଟି ପୂଜାରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବୟାନ ଓ ମୋର ପ୍ରତ୍ୟକ୍ଷ ଅନୁଭୂତି ଆଧାରରେ ପ୍ରସ୍ତୁତ । ନୀତିକାନ୍ତି ଓ ଅନ୍ୟାନ୍ୟ ବିଧିବିଧାନ ଦୃଷ୍ଟିରୁ ଉପର ବର୍ଣ୍ଣିତ ସମସ୍ତ ପୋଢ଼ବଳି ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଥିଲେ ହେଁ 'ମେରିଆ' ବା 'ଟକି-ବାଣ୍ଡି' ହିଁ ଶ୍ରେଷ୍ଠ ପାଳନ ଉତ୍ସବ ବୋଲି ଜାଣିବାକୁ ମିଳିଛି । ଅତଏବ ଏ ପ୍ରବନ୍ଧରେ 'ମେରିଆ ପୋଢ଼ବଳି' ସମ୍ପର୍କରେ ଆଲୋଚନା କରାଯାଇଅଛି ।

ମେରିଆ ପୋଢ଼ବଳି ଖାଇବାକୁ ଇଚ୍ଛାହେଲେ ଧର୍‌ନୀ ଦେବତା ଗାଁର କୁଟାକା ମାଧ୍ୟମରେ ସ୍ୱପ୍ନଦ୍ୱାରା ତାହାକୁ ପ୍ରକାଶ କରିଥାନ୍ତି । ବହୁତ ବର୍ଷ ଧରି ବଳି ରକ୍ତ ଖାଇ ନଥିଲେ 'ମାଲାଦୁପା' ବା ପୂଜା ସାମଗ୍ରୀ କାନ୍ଦିଥାଏ ବୋଲି କୁଟିଆ କନ୍ଧ ଲୋକ ବିଶ୍ୱାସ ରହିଛି । ଏହାକୁ କୁଟାକା "ସିକ୍‌ଡ଼ି ଡ଼ି ମାଞ୍ଜାନେ-କଡ଼ା ଡ଼ି ମାଞ୍ଜାନେ, ମାଲା ଡ଼ି ମାଞ୍ଜାନେ - ଦୁପା ଡ଼ି ମାଞ୍ଜାନେ" ବୋଲି ବର୍ଣ୍ଣନା କରିଥାଏ । ଏଭଳି ଆଭାସ ପାଇବା ପରେ ଗାଁଲୋକେ ବିଚାର ବିମର୍ଶ କରି ବଳି ପୋଢ଼ କିଣି ଆଣିଥାନ୍ତି । ମେରିଆ ପୋଢ଼ପୂଜା ଏକ ବ୍ୟୟବହୁଳ ବ୍ୟାପାର । ଏଭଳି ବଡ଼ ଧରଣର ଆୟୋଜନ ପାଇଁ ଅବଶ୍ୟ ସମୟ ଦରକାର । ତେଣୁ ସେହି ପୋଢ଼କୁ ଧର୍‌ନୀ ଦେବତାଙ୍କୁ ଦେଖାଇ ବଳି ପୂଜାର ନିର୍ଦ୍ଧାରିତ ଦିନ ବାର ଅବଗତ କରାଇ ଅନୁରୋଧ ଜଣାଇଥାନ୍ତି । ଏ ଅବସରରେ ପୂଜେରା ଦ୍ୱାରା ଉଚ୍ଚାରିତ ତିବାଦାଇ ବା ଅନୁରୋଧ ଜନିତ ସତ୍ୟପାଠ ବଚନର କୀୟଦଂଶ ଏଠାରେ ଉଦ୍ଧାର କରାଗଲା :-

'ଇନୁ ଦାର୍‌ନୀ ପେ'ନୁ- ଜାକେରି ପେ'ନୁଣାତି, ଇନୁ ବାଙ୍ଗପେ'ନୁ- ନେଲା ପେ'ନୁଣାତି; ଇନୁ ନମେର୍ ଦୁକା ଇଇଞ୍ଜାତି, ବିଚା-ଜାରା ଡୁପ୍‌କିଞ୍ଜାତି, ଅଣା-ଗାଟି ଡୁପ୍‌କିଞ୍ଜାତି । ଆଙ୍ଗେ ଆଙ୍ଗେ ପେ'ନୁ - ମାଜୁ ଓ୍ୱାନାଲା ଆଙ୍ଗଟା'ଟ ମୁଇ ସିଲାତି । ଏରା ଗାଏସି ନେଞ୍ଜୁ ଆମୁ ବାନାସାଇ ତସପିଞ୍ଜାନାମୁ । ଇରା କମା-ଦାମା ମେହାନ୍‌ମୁ । ଇରା ନିଙ୍ଗେ ଆମୁ ବାଚରା-ଉଣ୍ଡୁ ବେଇତିସି- 'ଦିନା କସା ବେଇତିସି ସିଆନାମୁ' ।"

**ଓଡ଼ିଆ ଭାବାର୍ଥ:-**

"ତୁମେ ଧରଣୀ ଦେବତା, ପଦର ଦେବତା, ତୁମେ ଜ୍ୱର ବେମାର କରାଉଥିଲ, ବିହନ ଲୁକାଉଥିଲ (ଅମଳ କମ୍ କରାଉଥିଲ), ବେ   ଶିକାର ଲୁକାଉଥିଲ    । ଅନ୍ୟାନ୍ୟ କ୍ଷତିକାରକ ଦେବତାମାନେ ଆକ୍ରମଣ କଲାବେଳେ ଆମକୁ ସାହା ହେଉନଥିଲ । ସେଇଥି ପାଇଁ ଆଜି ଆମେ ଏ ପୂଜା ପୋଢ଼ର ରୂପବର୍ଣ୍ଣ ତୁମକୁ ଦେଖାଉଛୁ । ଏହାର ଶିଙ୍ଗ ଦେଖିଥାଅ । ଏଇଟାକୁ ଆମେ ବର୍ଷ ପାହିଲେ, ସମୟ ଆସିଲେ ବଳିଭୋଗ ଚଢ଼ାଇ ତୁମକୁ ଅର୍ପଣ କରିବୁ ।

ଇତ୍ୟବସରରେ ପୂଜାରୀ ସୂର୍ଯ୍ୟ ଦେବତା, ଚନ୍ଦ୍ର ଦେବତାଙ୍କ ସମେତ ନିଜ କୂଳର ସମସ୍ତ ପିତୃ-ପୁରୁଷଙ୍କ 'ଆତ୍ମା ବା ଡୁମାଙ୍କୁ ମଧ୍ୟ ସ୍ମରଣ କରି ଅନୁରୋଧ ଜଣାଇଥାଏ ।

ଥରେ ଦେବତାଙ୍କୁ ଦେଖାଇ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେବା ପରେ ସେ ପୋଢ଼କୁ ଚାଷ ବାସ କାମରେ ବିନିଯୋଗ କରାଯାଇନଥାଏ । ଗୁହାଳରେ ଢୁକାଇଥାନ୍ତି, କିନ୍ତୁ ପଘା ବା ଦଉଡ଼ିରେ ବାନ୍ଧନ୍ତି ନାହିଁ । ସେ ବିଲ ବାଡ଼ିରୁ ଫସଲ ଖାଇଗଲେ ହେଁ ତାକୁ ଠେଙ୍ଗାବାଡ଼ିରେ ପ୍ରହାର କରି ଘଉଡ଼ାନ୍ତି ନାହିଁ । ପ୍ରଚଳିତ ପ୍ରଥା ଅନୁସାରେ ପୋଢ଼କୁ ଦେଖାଇବା ଦିନରୁ ତିନିବର୍ଷ ଭିତରେ ବଳି ପକାଇବାକୁ ବାଧ   । ବଳି ପୂଜାର ତିଥିବାରକୁ ନେଇ ଗାଁରେ ଚୂଡ଼ାନ୍ତ ନିଷ୍ପ   ି ନେବା ପରେ ପୁଣି ଥରେ ସେହି ପୋଢ଼କୁ ଦଶହରା ମାସ (କାର୍ ିକ / ଅକ୍ଟୋବର) ରେ ଧରଣୀ ଦେବତାଙ୍କୁ ଦେଖାଇ ଦିଆଯାଇଥାଏ । ଦ୍ୱିତୀୟ ପର୍ଯ୍ୟାୟର ଏହି କାର୍ଯ୍ୟକ୍ରମ ବେଳେ ପୂଜେରା / ଜାନୀ ପୋଢ଼କୁ ନୂଆ କୁଇରି ଚାଉଳ ଖୁଆଇ ନିମ୍ନମତେ କିଛି ପଦମନ୍ତ୍ର ଉଚ୍ଚାରଣ କରିଥାଏ :-

"ଇନୁ ଦାର୍‌ନୀ ପେ'ନୁ - ଜାକେର୍ ପେ'ନୁ, ଟିକା ଓ୍ୱାଲି-ବାନାଓ୍ୱାଲି, ଇରା ଆନୁ ନିଙ୍ଗେ ବାନା-ସାଇ ତସାଞ୍ଜାତେ । ଇଗେରି ବାଚ୍‌ରା-ଇଗେରି ଉଣ୍ଡୁତା ଇରା ନିଙ୍ଗେ ଆନୁ ସିଆଆ । ଦିନା-କସା ଓ୍ୱେଇତିସି, ଇନୁ ଏମ୍ବା ପାରାଗୁଣ୍ଡା ପାଣ୍ଡି, ସାଞ୍ଜା-ଦାଶା ପାଣ୍ଡି ।"

**ଓଡ଼ିଆ ଭାବାର୍ଥ:-**

"ତୁମେ ଧରଣୀ ଦେବତା, ଚିତ୍ରିତ ପଥରର ଦେବତା, ମୁଁ ଏହି ମେରିଆ ପୂଜା ପୋଢ଼ର ରୂପ ବର୍ଣ୍ଣ ଦେଖାଇଦେଲି । ଏହାକୁ ବର୍ଷ ଶେଷ ସୁଦ୍ଧା ତୁମ ଉଦ୍ଦେଶ୍ୟରେ ବଳି ଚଢ଼ାଇବି । ଉପଯୁକ୍ତ ସମୟ ଉପଗତ ହେଲେ ତୁମେ ଅବଶ୍ୟ ତୁମର ପ୍ରାପ୍ୟ ପୂଜା ଭୋଗ ପାଇବ ।"

ପ୍ରତିବର୍ଷ ପୌଷ ମାସରେ କୁଟିଆ କନ୍ଧ ଲୋକେ ପାଳନ କରନ୍ତି 'ପୁଣିକାଲୁ' ବା ନୂଆ ମଦ ପର୍ବ । ପୋଡ଼ପୂଜା ଯାତ୍ରା ପାଳନ କରିବାକୁ ଥିବା ବର୍ଷ 'ପୁଣିକାଲୁ' ପରେ ପରେ ଆରମ୍ଭ କରାଯାଇଥାଏ ପ୍ରସ୍ତୁତି ପର୍ବ । କୁଟିଆ କନ୍ଧ ପରମ୍ପରା ଅନୁଯାୟୀ ମେରିଆ ପୋଡ଼ ବଳିର ପ୍ରକୃଷ୍ଟ ସମୟ ହେଲା ମାଘ ମାସ । ମାଘ ମାସର ପ୍ରଥମ ସପ୍ତାହରେ ମେରିଆ ପୋଡ଼କୁ ବିଧିବଦ୍ଧ ଭାବରେ ଶେଷଥର ପାଇଁ ଦେବୀ ଦେବତାଙ୍କୁ ଦେଖାଇଦିଆଯାଇଥାଏ । ଏସବୁ କାର୍ଯ୍ୟର ଦାୟିତ୍ୱ ମୁଖ୍ୟତଃ ଗାଁ ଜାନୀର । ହେଲେ ଏହି ପ୍ରକ୍ରିୟାରେ ପାଖ ନିକଟ ଗାଁରୁ ନିମନ୍ତ୍ରିତ 'ଅଡ଼୍‌ଗା-ପଡ଼୍‌ଗା' ବା ବ୍ରତଧାରୀ ସହଯୋଗୀ ଭକ୍ତମାନେ ତାକୁ ସହଯୋଗ କରିଥାନ୍ତି । ପୂଜା ବିଧିର ଅନୁଶାସନ ମୁତାବକ କେଉଁ ଗାଁର ପୂଜା କାର୍ଯ୍ୟରେ କେଉଁ ଗାଁର ଲୋକେ 'ଅଡ଼୍‌ଗା-ପଡ଼୍‌ଗା'ର ଦାୟିତ୍ୱ ତୁଲାଇବେ ତାହା ଅବଶ୍ୟ ପୂର୍ବରୁ ସ୍ଥିରିକୃତ ହୋଇ ରହିଛି । । ନିର୍ଦ୍ଧାରିତ ପୂଜାଦିନ ପୂର୍ବରୁ କୌଣସି ଗୋଟିଏ ରବିବାର ଦେଖି ପୋଡ଼କୁ ପବିତ୍ର ହଳଦୀ ପାଣିରେ ସ୍ନାନ କରାଇଥାନ୍ତି । ପୋଡ଼କୁ ଏ ସମୟରେ 'ମାଙ୍ଗାମୁଣ୍ଡା' ନାମକ ଗୋଟିଏ ଦୁଇ କେନିଆ କାଠ ଖମ୍ବରେ ବାନ୍ଧି ରଖାଯାଏ । ଏହି ମାଙ୍ଗା ମୁଣ୍ଡାର ଦୁଇ କେନାରେ ତିନିଟି 'କେନ୍' (ଭାତମଦ ତିଆରିରେ ବ୍ୟବହୃତ ପୂର୍ବ ପ୍ରସ୍ତୁତ ଦ୍ରବ୍ୟ) ପୁଡ଼ା ଝୁଲାଇ ରଖିବାର ବିଧି ରହିଛି । ଏହା ଆୟୋଜକଙ୍କର ବଳିପୂଜା ନିମନ୍ତେ ଦେବଦେବୀଙ୍କ ନିକଟରେ ସଂକଳ୍ପ କରି ଦେଇଥିବା କ  କୁ ନିଷ୍ଠାପର ଭାବରେ ପାଳନ କରିବା କଥାକୁ ସୂଚାଇଥାଏ ।

ମେରିଆ ପୋଡ଼ ପୂଜା ଉଦ୍ଦେଶ୍ୟରେ ଖମ୍ବ ପୋତିବା ପାଇଁ ନିର୍ଦ୍ଧାରିତ ଦିନ ହେଲା ମାଘ ମାସର ଦ୍ୱିତୀୟ ରବିବାର । ଏହି ମୁଣ୍ଡା ବା ଖମ୍ବ ପାଇଁ ଉପଯୁକ୍ତ ଶାଳ ଗଛର ଅନ୍ୱେଷଣ କାର୍ଯ୍ୟ ବୁଧବାର ଦିନ ଠାରୁ ଆରମ୍ଭ କରିଦେଇଥାନ୍ତି । ଏହି କାର୍ଯ୍ୟରେ ବିନିଯୋଗ କରିବା ବ୍ୟକ୍ତିଙ୍କୁ ଚୟନ କରିବା ଉଦ୍ଦେଶ୍ୟରେ ଗାଁର କୁଟାକା 'ଜାଗ' ଧରି (ପବିତ୍ର ପୂଜା ସାମଗ୍ରି ନିକଟରେ ଦୀପ ଜାଳି) ଦେବାବିଷ୍ଟ ହୋଇ ଦେବଦେବୀଙ୍କର ଆଜ୍ଞା ଭିକ୍ଷା କରିଥାଏ । ଦୈବୀ ନିର୍ଦ୍ଦେଶ ମୁତାବକ ଗାଁର ଜଣେ ଅବିବାହିତ ଯୁବକ ନ ମିଳିଲେ ଯୋଗ୍ୟ ବିବାହିତ ବ୍ୟକ୍ତି ମଧ୍ୟ ଏ କାର୍ଯ୍ୟଭାର ତୁଲାଉଥିବା ନଜିର ରହିଛି । ଏହି ବ୍ୟକ୍ତି ସମେତ ତାକୁ ଖମ୍ବ ଆଣିବା କାମରେ ସହଯୋଗ କରିବା ପାଇଁ ସଂକଳ୍ପ କରିଥିବା ବ୍ୟକ୍ତିମାନେ ମଧ୍ୟ ପୂଜାର ଏକମାସ ପୂର୍ବରୁ ଆହାର, ବିହାର କ୍ଷେତ୍ରରେ ସଂଜମ ଓ ପବିତ୍ରତା ରକ୍ଷା କରିବାକୁ ପଡ଼ିଥାଏ । ଗାଁର ଜାନୀ, ପୁଜେରା, ମାଝୀ ଓ ଅଡ଼୍‌ଗା-ପଡ଼୍‌ଗାଙ୍କ ସହିତ ସେମାନେ ମଧ୍ୟ ମନରେ ଭକ୍ତି, ନିଷ୍ଠା ଓ ବିଶ୍ୱାସ ରଖି ଦିନକୁ ଓଳିଏ ଭୋଜନ କରି ଓଳିଏ ଓପାସ ବ୍ରତ ପାଳନ କରିଥାନ୍ତି । ଖାଲି ଏତିକି ନୁହେଁ ମେରିଆ ପୂଜାରେ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ 'ଟାକୁକାଲୁ' ପର୍ବ ପରଠାରୁ ମାଘ ମାସ ଦ୍ୱିତୀୟ ରବିବାର (ପୂଜା) ପର୍ଯ୍ୟନ୍ତ ପ୍ରାୟ ଆଠମାସ ଅମିଷ ବର୍ଜନ କରିବା ସଙ୍ଗେ ସଙ୍ଗେ କନ୍ଦା ଜାତୀୟ ଦ୍ରବ୍ୟ, ଆଳୁ, ବାଇଗଣ, ବୋଇତାଳୁ, କଦଳୀ, ଲାଉ, ଜହ୍ନି, କାକୁଡ଼ି, କାନ୍ଦୁଲ, ଛତୁ, କରଡ଼ି ଇତ୍ୟାଦି ଖାଦ୍ୟ ଖାଇବା ମନା । ଅବଶ୍ୟ ମାଙ୍ଗାମୁଣ୍ଡା ବା ଯୋଗମୁଣ୍ଡା ପୋତିବା ପରେ ଶିକାର ସୂତ୍ରରୁ ଉପଲବ୍ଧ ମାଂସ ଖାଇବା ଅବୈଧ ବିବେଚିତ ହୁଏ ନାହିଁ ।

ମେରିଆ ପୋଡ଼ର ବେକରେ ବନ୍ଧାଯାଉଥିବା ଦଉଡ଼ିକୁ ପୂଜା ଖମ୍ବ ସହିତ ସିଧାସଳଖ ସଂଜୋଗ କରାଯାଉନଥିବା ଦେଖିବାକୁ ମିଳିଛି । ପ୍ରାୟ ତିନି / ଚାରି ହାତ ଦୈର୍ଘ୍ୟ ବିଶିଷ୍ଟ ଏକାଧିକ ପ୍ରସ୍ଥ ବୋଲାଯାଇଥିବା

ଏକ ବୃ ାକାର ଶିଆଳି ଦଉଡ଼ି ପୂଜାଖମ୍ବରେ ଗଳାଇ ତଳେ ପକାଇ ରଖାଯାଏ । ଏହାର ନାମ 'ସମ୍ବରି' । 'ଅଡ଼୍ଗା-ପଡ଼୍ଗାମାନେ ପୋଢ଼ ବେକର ଦଉଡ଼ିକୁ ଏହି 'ସମ୍ବରି' ସହିତ ସଂଯୁକ୍ତ କରି ଶକ୍ତ ଭାବେ ବାନ୍ଧିଥାନ୍ତି । ଏହାଦ୍ୱାରା ପୋଢ଼ ଡିଆଁ ଉକୁଟା କଲେ ମଧ୍ୟ ପୂଜା ଖମ୍ବ ଦୋହଲିବା ଆଶଙ୍କା ରହେ ନାହିଁ । ବର୍ଣ୍ଣିତ 'ସମ୍ବରି' ସହିତ ପୋଢ଼କୁ ବାନ୍ଧିବାରେ ବ୍ୟବହୃତ ସମସ୍ତ ଶିଆଳି ଦଉଡ଼ି ମଧ୍ୟ ମୁଣ୍ଡା ହାଣି ଆଣିବା ଦଳ ହିଁ ସଂଗ୍ରହ କରିଥାନ୍ତି ।

କୁଟିଆ କନ୍ଧ ଜାତିର ଉତ୍ପ ି ସ୍ଥଳୀ ହେଲା ସଫାଙ୍ଗାଡ଼ା । ଯୁଗ୍ମ ନାମରେ ଏହାକୁ 'ସଫାଙ୍ଗାଡ଼ା-ସାର୍ଙ୍ଗାଡ଼ା' କୁହାଯାଇଥାଏ । ଅବଶ୍ୟ ଏ ସ୍ଥାନର 'ସ'ତିକାଡ଼ା' ନାମକ ଗହ୍ୱରରୁ କୁଟିଆ କନ୍ଧଙ୍କ ସମେତ କୁଟିଆ ଡମ୍, ପାଇକ, କମାର ଆଦି ବର୍ଗର ସମସ୍ତେ ଉତ୍ପ ି ଲାଭ କରିଥିବା କଥା କୁଟିଆ କନ୍ଧ ମୌଖିକ ସୃଷ୍ଟିଧର୍ମୀ ମିଥ୍ ମ୍ନରେ ବର୍ଣ୍ଣନା ରହିଛି । ଏ ଦୃଷ୍ଟିରୁ 'ସଫାଙ୍ଗାଡ଼ା' ହେଲା କନ୍ଧମାଳର 'ତ୍ରିପିଷ୍ଟପ' (ବେଦ ବର୍ଣ୍ଣିତ ନେପାଳ ସ୍ଥିତ ମଣିଷ ଉତ୍ପ ି ସ୍ଥଳୀ) । ଏହି ସ୍ଥାନଟି ତୁମୁଡ଼ିବନ୍ଧ ବ୍ଲକ୍ ଅନ୍ତର୍ଗତ ଗୁମ୍ମା (ପ ାୟତ) ଗାଁର ପଶ୍ଚିମ ଦିଗରେ 'ଅବସ୍ଥିତ । ସ୍ଥାନୀୟ କୁଟିଆ ଡମ୍ ଓ ପାଇକ ଲୋକଙ୍କ ମୁଖରେ ଏହା 'ଦଉଖମନ୍' ଭାବେ ପରିଚିତ । ସପାଙ୍ଗଡ଼ା ବା ଦଉଖମନ୍‌ର ଅଧିଷ୍ଠାତ୍ରୀ ଦେବୀ ହେଲେ 'ରାଣୀଆଡୁ-ବେନ୍ଦେଆଡୁ' । କହନ୍ତି ପୂର୍ବେ ଏ ଦେବୀଙ୍କ ନିକଟରେ ନରବଳି ପକାଯାଉଥିଲା । ଆଜିକାଲି ପ୍ରାୟ ୧୫/୧୮ ବର୍ଷ ବ୍ୟବଧାନରେ ଏଠାରେ ମେରିଆ ପୋଢ଼ବଳି ଆୟୋଜନ ହୋଇଥାଏ । କିଛି ସ୍ଥାନୀୟ ଲୋକ ଏବେ ମଧ୍ୟ ପୋଢ଼ ବଳି ସାଙ୍ଗକୁ ଖୁବ୍ ଗୋପନରେ ନରବଳି ଦିଆଯାଉଥିବା ବୟାନ କରନ୍ତି । ଉପସ୍ଥାପକ ୧୯୯୮ ଓ ୨୦୧୭ ମସିହା ମେରିଆ ବଳି ଅବସରରେ ସାଫାଙ୍ଗାଡ଼ା ପୂଜାସ୍ଥଳୀ ଜଙ୍ଗଲ ମଧ୍ୟରେ ପୂଜାର ପୂର୍ବ ରାତି ଠାରୁ ସେଠାରେ ରହି ପୂଜାମନ୍ତ୍ର ଆଦିକୁ ରେକର୍ଡିଂ କରିଥିଲା । ସଫାଙ୍ଗାଡ଼ାର ମେରିଆପୂଜା ଅନ୍ୟ ଗାଁମାନଙ୍କର ପୂଜା ତୁଳନାରେ ଅନେକ ଦୃଷ୍ଟିକୋଣରୁ ନିଆରା । ଏଠାକାର ପୂଜାରେ କେବଳ 'ଡିମାକା' ବର୍ଗର କୁଟିଆ କନ୍ଧ ଲୋକେ ଆୟୋଜନ କରିଥାନ୍ତି । ଅନ୍ୟପକ୍ଷରେ 'ଲୁଣ୍ଡୃକା' ବଂଶୋଦ୍ଭବ କୁଟିଆ କନ୍ଧ ଲୋକେ 'ସଫାଙ୍ଗାଡ଼ା' ପାଖ ମାଡ଼ନ୍ତି ନାହିଁ । ସେମାନଙ୍କ ବିଚାରରେ ସଫାଙ୍ଗାଡ଼ା ସେମାନଙ୍କ ଉତ୍ପ ି ସ୍ଥଳ ହୋଇଥିବା ହେତୁ ତାହା ସେମାନଙ୍କ ଜନନୀର ଯୋନି ସଦୃଶ୍ୟ । ଅତଏବ ସେ ସ୍ଥାନର ଦର୍ଶନ, ପୂଜନ ତାଙ୍କ ପକ୍ଷେ ଅବାଞ୍ଛନୀୟ । ଲୁଣ୍ଡୃକା କୁଟିଆ କନ୍ଧ ଲୋକେ ରାଣୀଆଡୁଙ୍କୁ ଶୁଶାଭଟା ନିକଟସ୍ଥ କାଣୁନଦୀ କୂଳରେ ଅବସ୍ଥିତ 'କ'କିବାକି-ବାରାବାକି' ନାମକ ସ୍ଥାନରେ ପୂଜା କରିଥାନ୍ତି ।

ମେରିଆ ଖମ୍ବର 'ଲିଇଙ୍ଗ୍-ପିଚିଙ୍ଗ୍' ବା ଖୋଦେଇ ଚିତ୍ର କାମ ବୁଧବାର ଠାରୁ ଶନିବାର ଯାଏଁ ଚାଲେ । ଏ କାର୍ଯ୍ୟ ଶନିବାର ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ପଡ଼େ । ପୂଜାର ପୂର୍ବରାତି (ଶନିବାର) ପୋଢ଼କୁ ବାନ୍ଧିବା ମେରିଆ ଖମ୍ବ ପୋତାଯାଇଥାଏ । ମୁଣ୍ଡା ବା ପୂଜା ଖମ୍ବ ପୋଡ଼ି ତା ଉପରେ ଗାଁର ପାଣ୍ଡା ଦ୍ୱାରା ପ୍ରଦ "ମୁଣ୍ଡା ପାଜି' (ଘୁଷୁରି)କୁ ଚାରିଦିଗରୁ ଚାରିଥର ବାଡ଼େଇ ବଳି ଚଢ଼ାଯାଇଥାଏ । ବଳିପୂଜା ଚଢ଼ାଇବା ପୂର୍ବରୁ ପୂଜେରା । ଖମ୍ବ ଓ ପୋତିଥିବା ମାଟି ଟାଣ ହେବା ପାଇଁ ଦେବତାଙ୍କ ନିକଟରେ ପ୍ରାର୍ଥନା ଜଣାଇ ନିମ୍ନ ମତେ 'ତିବାଦାଇ' ବା ସତ୍ୟ କରିଥାଏ :-

"ନେଞ୍ଜୁ ଦିନା-ନେଞ୍ଜୁ କସା କାଟାଣି ନାଇ ମୁଣ୍ଡା-ନାଇ ଡେଡି ମୁସ୍‌ନା ୱେଣା ଟାଣା ସୁଞ୍ଜେ ମାଞ୍ଜା ମୁ । ଟାଣା ସାରେଣି-ପାଟା ସାରେଣି ଆ ଆପାଇବେ । ଏସ୍ତି କାଟେଞ୍ଜା-ଏସ୍ତି ଲଗେଞ୍ଜା, ସେର ଓ୍ୱାତାଞ୍ଜା-ଗାଡ଼୍ଞ୍ଜା ଓ୍ୱାତାଞ୍ଜା ଓ୍ୱାନାଓ୍ୱ ବାସାଗାରି ସିଆଦେ ।" xxxxxx

"ଏସକୋଡ୍‌ଲୁ-ବେସକୋଡ୍‌ଲୁ, ବିଚାତାଆ-ଜାରତାଆ, ପିଣାମାନା-ଦାସାମାନାଣାଇ, ରୁମା ମାନା-ଗାମା ମାନାଇଣାଇ ରେପ୍‌ତାଲାମୁ । ଜାକା ସାଦେଣାତି-ବିମାଣାତି, ଇ ଅସ-ଇ ବେସ ରେପ୍ତାଲାମୁ; ବାନାସାଇ ତସିସି ରେପ୍ତାମୁ ।" xxxxxx

**ଓଡ଼ିଆ ଭାବାର୍ଥ:**

"ଆଜି ଦିନ ଠାରୁ ମୋର ପୂଜା ଖମ୍ବ ପୋତିବା ବେଳେ ତୁମେ ମାଟି ଦେବତା ହଲଚଲ ନହୋଇ ସ୍ଥିର ହୋଇ ରହ । ଆଉ ଏଣିକି ମାଟି ଅସ୍ଥିର ଥଲଥଲ ନହେଉ । ପୂଜାରେ ବିଘ୍ନ ଘଟାଇବା ପାଇଁ କୌଣସି ଅଜଣା ଦୁଷ୍ଟ ବ୍ୟକ୍ତି ଆସିଥିଲେ ତାକୁ ଗାଁରେ ପୂରାଇ ଦିଅନାହିଁ ।" xxxxxx

"ଏ ଯେଉଁ ଉଲ୍‌କା ଭଳି ଜିନିଷ ଦେବତାଙ୍କ ଆଶୀର୍ବାଦ ସ୍ୱରୂପ ମ ର୍କୁ ଆସିଥାଏ, ତାହା ଏକ ପିତଳ ଡାଉଁରିଆ ଭଳି ଦିଶିଥାଏ । କେବଳ ପରମ ସୌଭାଗ୍ୟଶାଳୀ ବ୍ୟକ୍ତିଙ୍କୁ ହିଁ ତାହା ପ୍ରାପ୍ତ ହୋଇଥାଏ । ଏହି ଡାଉଁରିଆ ପିନ୍ଧିଥିବା ବ୍ୟକ୍ତିକୁ ଶରବିନ୍ଧିଲେ ବା ବନ୍ଧୁକ ଫୁଟାଇଲେ ମଧ୍ୟ ତାହାର କୌଣସି କ୍ଷତି ଘଟେ ନାହିଁ । ହାତୀ, ବାଘ ଭଳି ହିଂସ୍ର ଜନ୍ତୁ ମଧ୍ୟ ତାକୁ ମାରିପାରନ୍ତି ନାହିଁ ।"

ପୋଢ଼ ପୂଜା ଖମ୍ବର ଅନତି ଦୂରରେ ଅବସ୍ଥିତ ଧରନୀ ଶିଳକୁ ବାଉଁଶର ଚା  ଘେରଦେଇ ଓ ଡାଳଛପର କରି ନିର୍ମାଣ କରାଯାଇଥାଏ ଏକ ଅଭିନବ କୁଟୀର । ଏହାର ନାମ 'ଗାତାଡ୍' । ଏହି ଗାତାଡ଼ ଭିତରେ ଧରନୀ ଶିଳ ସମ୍ମୁଖ ଭାଗରେ 'ମାଲା -ଦୁପା' ବା ଖଣ୍ଡା, ଟାଙ୍ଗି, କୁରୀ, ଶିଙ୍କୁଳି ଇତ୍ୟାଦି ସାଜ-ସରଞ୍ଜାମ ରଖାଯାଇଥାଏ । ତା' ସମ୍ମୁଖରେ ଶିଆଳି ପତ୍ରରେ କୁଇରି ଚାଉଳ କ୍ରମ ଅନୁସାରେ ପକାଇ ଜାନୀ ମନ୍ତ୍ର ଉଚ୍ଚାରଣ କରିଚାଲେ । ଏଭଳି ମନ୍ତ୍ରୋଚାରଣ କଲା ବେଳେ ଜାନୀ ପୁରୁଷ ଗାୟକର  ଭୂମିକା ତୁଲାଉଥିବା ବେଳେ 'ଅଡ୍‌ଗା-ପଡ୍‌ଗା'ମାନେ ନାରୀ ଭୂମିକାରେ ଅବ  ର୍ଣ୍ଣ ହୋଇ ଗୀତ ମନ୍ତ୍ରର ପାଳିଆ ଧରି ତାକୁ ସହଯୋଗ କରନ୍ତି । ମେରିଆ ପୂଜା ପାଇଁ ଉଦ୍ଦିଷ୍ଟ କାଠ ବାଦ୍ୟ 'ଟିକୁଣୀ' ଏ ଅବସରରେ ଠିଡ଼ିକ୍-ଠିଡ଼ିକ୍ ବାଜି ଚଳଚ  ଳ ହୋଇଉଠେ । ଗାତାଡ୍ ପରିସର ଭିତରେ 'ଟିକୁଣୀ' ଛଡ଼ା ଅନ୍ୟ କୌଣସି ବାଦ୍ୟ ବାଜେ ନାହିଁ । ମେରିଆ ପୋଢ଼ପୂଜାରେ 'ଅଡ୍‌ଗା-ପଡ୍‌ଗା'ମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଅନ୍ୟାନ୍ୟ ଆୟୋଜକ ଭକ୍ତଙ୍କ ଭଳି ସେମାନେ ମ୍ଭ ଅନ୍ୟତମ ବ୍ରତଧାରୀ ସେବକ, ପୂଜାରୀର ପ୍ରମୁଖ ସହଯୋଗୀ । ବଳି ପକାଇବା ପୂର୍ବରୁ ବାଦ୍ୟବାଜଣା ସହ ପୋଢ଼କୁ ପୂଜା ଖମ୍ବ ଚତୁପାର୍ଶ୍ୱରେ ପରିକ୍ରମା କରିବା ପ୍ରକ୍ରିୟାର ନାମ 'କୁଟୁକୁମା' । ସେତିକି ବେଳେ ପୋଢ଼ର ଚାରିଗୋଡ଼ରେ ବନ୍ଧା ହୋଇଥିବା ଦଉଡ଼ି ଗୁଡ଼ିକୁ ଭିଡ଼ି ଧରିବା କାମ 'ଅଡ୍‌ଗା' ମାନଙ୍କର ।

ନିଜ ମାମୁଁ ଗାଁର ମେରିଆ ପୋଢ଼ପୂଜାରେ ଯୋଗ ଦେବା ପାଇଁ ଆସିବାବେଳେ 'କଡ଼ା-ଓ୍ୱାଡ଼ା ପ୍ରାଙ୍ଗା' ବା ଓପାଷ ଚାଉଳ ଧରି ଆସିବା ଭଣଜାମାନଙ୍କର ପ୍ରଧାନ କ ର୍ବ୍ୟ । ଏହି  ଚାଉଳକୁ ଶିଆଳି ପତ୍ରର ପୁଡ଼ିଆରେ ଭରି 'ଓ୍ୱାଡ଼ାମାରା' (ବାରଙ୍ଗ ଗଛ)ର ଠେଙ୍ଗାରେ କେବଳ ଗୋଟିଏ ପାର୍ଶ୍ୱରେ ଝୁଲାଇ ବୋହିବା ବିଧି ରହିଛି । ପୂଜାରେ ଯୋଗଦେବାକୁ ଆସୁଥିବା ଅନ୍ୟାନ୍ୟ ଗାଁର ଲୋକେ ନୂଆ ବାଉଁଶ ଟୋକେଇ କୁଇରି ଚଉଳ ସମ୍ପୂର୍ଣ୍ଣ ଭ ର୍ତ୍ତି କରିବା ସହିତ ଏହାକୁ ସମ୍ମାନର ସହିତ ଫୁଲମାଳ ଗୁଡ଼ାଇ ସଜାଇ ରଖାଯାଇଥାଏ । ତାକୁ ମୁଣ୍ଡାଇଥିବା

ବ୍ୟକ୍ତି ମଧ୍ୟ ଫୁଲମାଳ ପିନ୍ଧି ଶୋଭାଯାତ୍ରାରେ ଆଗରେ ଚାଲେ । ଆୟୋଜନ କରୁଥିବା ଗାଁର ଲୋକେ ମଧ୍ୟ ତାଙ୍କୁ ବାଦ୍ୟ-ବାଜଣା ସହିତ ହର୍ଷଧ୍ୱନି କରି ସ୍ୱାଗତ କରିବାକୁ ଭୁଲନ୍ତି ନାହିଁ । ପାଖ ପଡ଼ିଶା ଗାଁରୁ ଲୋକେ ଅଧିକ ସଂଖ୍ୟାରେ ଯୋଗଦେଲେ ଦେବଦେବୀମାନେ ଖୁବ୍ ପ୍ରସନ୍ନ ହୋଇ ଭକ୍ତଙ୍କ ମନବାଞ୍ଛା ପୁରଣ କରନ୍ତି ବୋଲି ବିଶ୍ୱାସ ରହିଛି ।

ମେରିଆ ପୋଢ଼କୁ ପ୍ରାୟ ରାତି ସାତଟା ବେଳେ ବନ୍ଧାହେବା ପର ଠାରୁ ଜାନି ଓ ତାଙ୍କ ସହଯୋଗୀମାନେ ମନ୍ତ୍ରପାଠ ଆରମ୍ଭ କରିଦିଅନ୍ତି । କୁଟିଆ କନ୍ଧ ଲୋମିଥିର 'ଲିଙ୍ଗାଜାଲାଣି' (ସୃଷ୍ଟି) ଠାରୁ 'ଟ'କି ବାଣ୍ଡି' (ମେରିଆ ବଳି) ପର୍ଯ୍ୟନ୍ତ ସମସ୍ତ ବିଷୟକୁ ସଂକ୍ଷିପ୍ତରେ ଉପସ୍ଥାପନ କରିବା ହେଲା ଏ ପର୍ଯ୍ୟାୟର ପ୍ରମୁଖ ଅଙ୍ଗ । ଏ ଅବସରରେ ସମସ୍ତ 'ସ'ରୁପେ'ନୁ' (ପର୍ବତ ଦେବତା), ବାଙ୍ଗ ପେ 'ନୁ' (ପଦର ଦେବତା), 'ସାନ୍ଦି ପେ 'ନୁ' (ଜ୍ଞାନର ଦେବତା), 'ଜାକା ପେ' ନୁ' (ସ୍ୱର୍ଗର ଦେବତା) ଗୁଡ଼ି ଦେବତା ଓ ଜଳ ଦେବତାଙ୍କ ସମେତ ନିଜ କୁଳର 'ଉଡୁରା-ପେନାରା' ବା ଦିବଙ୍ଗତ ସମସ୍ତ ପିତୃପୁରୁଷଙ୍କ ଆତ୍ମାଙ୍କୁ ସେ ପୂଜାରେ ଉପସ୍ଥିତ ରହି ବଳି ଭୋଗ ପାଇବାକୁ ଅନୁରୋଧ ଜଣାଇ ଆହ୍ୱାନ କରନ୍ତି । ପୂଜା ସ୍ଥଳୀକୁ ଆସି ଧରଣୀ ଦେବତାଙ୍କୁ ବୁଝାଇ, ମନାଇ ଆୟୋଜନକାରୀ ଭକ୍ତଙ୍କୁ ବାଞ୍ଛିତ ଫଳ ପ୍ରଦାନ କରାଇବା ହେଲା ଏମାନଙ୍କ ଦାୟିତ୍ୱ ।

ପୂଜା କାର୍ଯ୍ୟରେ ଔପଚାରିକ ଢ଼ଙ୍ଗରେ ଆରମ୍ଭ କରିବାକୁ ଯାଇ ଜଳ ଦେବତାଙ୍କୁ ଆହ୍ୱାନ ପୂର୍ବକ ଧର୍‌ନୀର ତିନିଶିଳ, ଯଥା:- ବାମ ପାର୍ଶ୍ୱର 'ବୁରା ପେନୁ', ମଝିର – 'ଟାଣା ପେନୁ' ଓ ଡାହାଣର 'ଜାକେର୍ ପେ'ନୁ' ସହିତ ତତ୍ ପଶ୍ଚାତ୍ ଅବସ୍ଥାପିତ 'ଉଜୁୱାଲି-ପେଡ଼୍‌ନୁୱାଲି'କୁ ଜଳାଭିଷେକ କରାଇ ପୂତ ପବିତ୍ର କରାଯାଇଥାଏ । ତତ୍ ସଙ୍ଗେ ସଙ୍ଗେ ପୂଜାସ୍ତମ୍ଭଟିକୁ ମଧ୍ୟ ଯଥାବିଧି ପ୍ରଥାନୁମୋଦିତ 'ତିବା-ଦାଇ' ବା ମନ୍ତ୍ର ଦ୍ୱାରା ଜଳ ସ୍ନାନ କରାଇବା ବିଧି ରହିଛି । ଏହି ଉପଲକ୍ଷେ ପୂର୍ବରୁ ଏକ ଲାଉ ତୁମ୍ୱାରେ ବିଧି ମୁତାବକ ପବିତ୍ର ଜଳ ସଂଗ୍ରହ କରି ଅଣାଯାଇଥାଏ ।

ପ୍ରତି ଧର୍‌ନୀର ଶିଳ ସମ୍ମୁଖରେ ୪ଟି ଲେଖାଏଁ ଶିଆଳି ପତ୍ରକୁ ସଂଯୁକ୍ତ କରି ରଖିବା ଫଳରେ ଏଥିରେ ବ୍ୟବହୃତ ହୋଇଥାଏ ମୋଟ୍ ୧ ୨ଟି ପତ୍ର । ମନ୍ତ୍ରପାଠ ଓ ପାରାଗୁଣ୍ଡା ବା ପବିତ୍ର କୁଇରି ଚାଉଳ ପକାଇବା କାର୍ଯ୍ୟ ଏକାସଙ୍ଗରେ ଆସ୍ତେ ଆସ୍ତେ ଚାଲେ । ପ୍ରଥମ ଚରଣର ଏହିପୂଜା କାର୍ଯ୍ୟ ବଣର କୁକୁଡ଼ା, ମୟୂର ଆଦି ଡାକିବା ବେଳକୁ, ଅର୍ଥାତ୍ ପ୍ରାତଃ ୩.୩୦ରୁ ୪.୦୦ ଭିତରେ ସାରିଦେବାକୁ ପଡ଼େ । ଏଥିରେ ବ୍ୟବହୃତ ପତ୍ର ଗୁଡ଼ିକୁ ବିସ୍ଥାପିତ କରିନେଇ 'ମାଣ୍ଢା' ପଥର ଉପରେ ପକାଇଦେଇ ପରବ ର୍ତ୍ତୀ ପର୍ଯ୍ୟାୟର ପୂଜା ପାଇଁ ପୁଣି ପୂର୍ବଭଳି ନୂଆକରି ୧ ୨ଟି ଶିଆଳି ପତ୍ର ଥୁଆହୁଏ । ପୂଜା ଧରିଥିବା ଜାନି ଓ ତାଙ୍କର ସମସ୍ତ ସହଯୋଗୀ ୨ୟ ପର୍ଯ୍ୟାୟ ପୂଜା ପାଇଁ ସ୍ନାନ-ସୌଚ ହୋଇସାରି 'ଗାଡାଡ଼୍' ଭିତର ପୂଜାସ୍ଥଳୀକୁ ପ୍ରବେଶ କରନ୍ତି । ନୂଆକରି ଥୁଆ ହୋଇଥିବା ପତ୍ର ଗୁଡ଼ିକ ଉପରେ ପୂଜେରା ହଳଦୀଗୁଣ୍ଡ ଓ ଅରୁଆ ଚାଉଳ ଗୁଣ୍ଡ ଦ୍ୱାରା ୭ଟି ଗାର ସାହାଯ୍ୟରେ କୋଷ୍ଠି କାଟି ପୂଜା ମନ୍ତ୍ର ଆରମ୍ଭ କରେ । ଏଥରକ ମଧ୍ୟ ପୂର୍ବଭଳି ସମସ୍ତ ଦେବଦେବୀ ଓ ପିତୃ ପୁରୁଷଙ୍କ ଆତ୍ମାଙ୍କୁ ଆବାହନ କରିଥାନ୍ତି । ଏସବୁ ପୂଜା ମନ୍ତ୍ରର ତାଳେ ତାଳେ କାଠବାଦ୍ୟ 'ଟିକୁଣୀ' ଅବଶ୍ୟ ବାଜେ ।

ପ୍ରମୁଖ ପୂଜକ ବା ଜାନି 'ମାଲାଦୁପା'ର ପବିତ୍ର ପୂଜା ଟାଙ୍ଗି ଦ୍ୱାରା ମେରିଆ ପୋଢ଼କୁ ପ୍ରଥମ ପ୍ରହାର କରିବା ପରେ ଅନ୍ୟ ସହଯୋଗୀ ମୁଣ୍ଡକାଟି ଅଲଗା କରିଥାଏ । ପୋଢ଼ ଧରାଶାୟୀ ହୋଇଯିବା ପରେ ଲୋକେ ତା ଦେହରୁ ଖଣ୍ଡ ଖଣ୍ଡ ମାଂସ କାଟି, ପିତଳ ଢ଼ାଳରେ ରକ୍ତ ସଂଗ୍ରହ କରି ନିଜ ନିଜ ଚାଷ ଜମି, ପଦର ଇତ୍ୟାଦି ସ୍ଥାନର ମାଟିରେ ପୋତିଥାନ୍ତି । ବଳି ପଡ଼ିବା ପରେ କାଳ ବିଳମ୍ବ ନ କରି ପୋଢ଼ର ରକ୍ତ ଜୁଡୁବୁଡୁ ମୁଣ୍ଡକୁ ଜଣେ ଅଡ଼୍‌ଗା କାନ୍ଧରେ ବୋହି ଧରି ବାଦ୍ୟ ବାଜଣା ସହିତ ସାତଥର ପୂଜାସ୍ଥଳୀ ପରିକ୍ରମା କରେ । ଏହା ପରେ ସେ ମୁଣ୍ଡକୁ 'ଉଜୁୱାଲି' ଉପରେ ଥୋଇ ଦିଆଯାଏ । ପୋଢ଼ର ଆଗ ଗୋଡ଼ରୁ ଗୋଟିଏ ପଡ଼ିଆ ମାଣ୍ଡା ଦେବତାଙ୍କ ପଥର ଗଦା ଉପରେ ଭୋଗ ଲାଗି ସ୍ୱରୂପ ଅର୍ପଣ କରାଯାଇଥାଏ । ପୂଜା ଦିନ ରାତିରେ ମେରିଆ ପୋଢ଼ ମାଂସକୁ ନିଆଁରେ ପୋଡ଼ି କୁଇରି ଚାଉଳର ଭାତ ସହିତ 'ନୁଣିବାନା' ଉପରେ ଭୋଗ ଲଗାଇଥାନ୍ତି । ଏ ଅବସରରେ ଭାତ ପରସିବାକୁ ଚଟୁ ବ୍ୟବହୃତ ହେଉଥିବାବେଳେ ପୋଡ଼ା ମାଂସ ଅର୍ପଣ କରାଯାଇଥାଏ ଚିମୁଟାରେ । ନରବଳି ପ୍ରଥା ପ୍ରଚଳନ ଥିଲାବେଳେ ମଣିଷ ମାଂସକୁ ନିଆଁରେ ପୋଡ଼ି ଠିକ୍ ଏହି ଢ଼ଙ୍ଗରେ ଭୋଗ ବାଢୁଥିଲେ । ପୋଢ଼ ବଳି କ୍ଷେତ୍ରରେ ମଧ୍ୟ ତଦନୁରୂପ ରୀତିନୀତି ଅନୁସୃତ ହୋଇଆସୁଛି । କିଛି ପୁରୁଖା ଲୋକଙ୍କୁ ପରାମର୍ଶ କରିବା ଦ୍ୱାରା ଜାଣିବାକୁ ମିଳିଛି କି ମେରିଆ ମଣିଷକୁ ବଳି ପକାଇବା ପରେ ଡାହାଣ ପାର୍ଶ୍ୱ ଫଞ୍ଜିଆ ତଳୁ କୁରାଢ଼ୀରେ ହାଣି କଲିଜା ବାହାର କରି ତାକୁ ନିଆଁରେ ପୋଡ଼ି ଭୋଗ ଲଗାଉଥିଲେ । କୁଟିଆ କନ୍ଧ ପରମ୍ପରା ଅନୁସାରେ ଦେବତାଙ୍କୁ ଅର୍ପଣ କରାଯାଉଥିବା ଭୋଗରୁ କିଛି ଖାଇବା ପୂଜକ ପକ୍ଷେ ଅନିବାର୍ଯ୍ୟ । ଏଭଳି ପ୍ରଥାକୁ ସମ୍ମାନ ଜଣାଇ କେତେକ କ୍ଷେତ୍ରରେ ଜାନିମାନେ ନରମାଂସକୁ ନାମକୁ ମାତ୍ର ମୁହଁରେ ଲଗାଉଥିଲେ । କିନ୍ତୁ ଅନେକ ଜାନି ଦେବତାଙ୍କ ଉଦ୍ଦେଶ୍ୟରେ "ତୁମକୁ ଭୋଗ ଦେଲି, ଖାଅ, ମୁଁ ମଧ୍ୟ ଖାଉଛି" କହି ଖାଇବାର ଅଭିନୟ କରି ଚିମୁଟାରେ ମାଂସ ଖଣ୍ଡକୁ ନିଜର ପିଠି ପଟକୁ ପକାଇ ଦେଉଥିଲେ । ତନ୍ତ୍ର ବିଧି ମୁତାବକ ମେରିଆ ମଣିଷର ଖପୁରିରେ କୁଇରି ଚାଉଳର ଭାତ ରାନ୍ଧି ତାକୁ ଭୋଗ ଲଗାଯାଉଥିଲା ।

ରବିବାର ରାତିର ପୂଜା ଭୋଗ ପରେ ମେରିଆ ପୂଜାର ଦ୍ୱିତୀୟ ପର୍ଯ୍ୟାୟ ସମାପନ ହୋଇଥାଏ ସୋମବାର ଦିନ । ଏହି ପୂଜାଟି 'ଜାକା ପେ'ନୁ' ବା ସ୍ୱର୍ଗର ଦେବତାଙ୍କ ଉଦ୍ଦେଶ୍ୟରେ କରନ୍ତି । ପୂଜାର ପ୍ରାରମ୍ଭରେ ମୁଣ୍ଡାରେ ବନ୍ଧା ଯାଏ ବାଉଁଶ କେନା ଓ ଆମ୍ବଡାଳ । ପୂର୍ବଭଳି ଅଡ଼୍‌ଗାମାନେ ଜାନି ସହିତ ଧର୍ନୀ ଶିଳ ସମ୍ମୁଖରେ ବସନ୍ତି । ପୂଜା ଖମ୍ବ ଉପରେ ଦୁଇଟି ଓ ତା'ର ପାଦଦେଶରେ ଦୁଇଟି କରି ଶିଆଳି ପତ୍ର ଥୋଇ ସେଥିରେ ଜାନି ପାରାଗୁଣ୍ଡା ପକାଇ ପୂଜାକୁ ଆଗକୁ ବଢ଼ାଏ । ବଳିପଡ଼େ ଗୋଟିଏ ଧଳା ଛେଳିଛୁଆ ଓ ପଟେ ଧଳା କୁକୁଡ଼ା ଗଞ୍ଜା । ଏ ପ୍ରସଙ୍ଗରେ ବୋଲାଯାଉଥିବା ପୂଜା ମନ୍ତ୍ରାଦିର ବିଷୟବସ୍ତୁକୁ ଚୁମ୍ବକରେ ନିମ୍ନମତେ ଉଦ୍ଧାର କରାଯାଇପାରେ:-

"ତୁମକୁ ଏହି ପୂଜା ଭୋଗ ଖାଇବା ପାଇଁ ନିମନ୍ତ୍ରଣ କରିଥିଲୁ । ତୁମେ ଭୋଗ ଖାଇଲ । ଏଣିକି ଆମ ଗାଁର ସମସ୍ତଙ୍କୁ ନିରୋଗ ରଖ, ଚାଷ କଲେ ଭଲ ଅମଳ ହେଉ, ଆମକୁ ଭଲ ଶିକାର ମିଳୁ".... ଇତ୍ୟାଦି ।

ଏହି ପୂଜା ଶେଷ ହେବା ପରେ ମେରିଆ ପୋଢ଼ର ମାଂସ କାଟି ଗାଁର ପ୍ରତ୍ୟେକ ପରିବାରକୁ, ବନ୍ଧୁବାନ୍ଧବମାନଙ୍କୁ ଭାଗ କରାଯାଏ । ଏହାକୁ 'କୁନ୍ଦ୍ରା କହନ୍ତି ।

ମେରିଆ ପୂଜାର ଶେଷ ପର୍ଯ୍ୟାୟରେ ପୋଢ଼ର ଚାରି ଗୋଡ଼କୁ ରାନ୍ଧି ଏକ ଭୋଜିର ଆୟୋଜନ କରାଯାଏ । ସାଧାରଣତଃ ପୂଜା ପରବ ର୍ତ୍ତୀ ରବିବାର ହିଁ ଏହି କାର୍ଯ୍ୟକ୍ରମ କରାଯାଇଥାଏ । ବନ୍ଧୁଗାଁରୁ ଭଣଜାମାନେ ମିଶାଇଥିବା କୁଇରି ଚାଉଳରୁ ରନ୍ଧା ଯାଇଥିବା 'କାଟେଲ୍' ମଦ ପିଇ ଗୋଡ଼ର ମାଂସ ରାନ୍ଧି ଜାନି, ପୂଜେରା ଅଡ଼୍‌ଗା-ପଡ଼୍‌ଗାଙ୍କ ସମେତ ସମସ୍ତ ଗ୍ରାମବାସୀ ଆନନ୍ଦରେ ଖାଇ ମଉଜ ମଜଲିସ୍ କରନ୍ତି ।

ଲୋକ ବିଶ୍ୱାସ ଲୋକ ଜୀବନର ଆଧାର । କିନ୍ତୁ ଏହି ଲୋକ ବିଶ୍ୱାସ ଅନ୍ଧ ବିଶ୍ୱାସ ଦ୍ୱାରା ପ୍ରଭାବିତ ହେବା ଏକ ବିଡ଼ମ୍ବନା । ମନୁଷ୍ୟର ବୌଦ୍ଧିକ ବିକାଶ କ୍ରମରେ ଗତକାଲିର ବିଶ୍ୱାସ ମଧ୍ୟରୁ ଅନେକ ଆଜି ଅନ୍ଧ ବିଶ୍ୱାସ ପରିଷରଭୁକ୍ତ ହୋଇଯାଇଛି । ଆଦିବାସୀ ସଂସ୍କୃତି ପରିବ ର୍ତ୍ତନ ଶ୍ରୋତର ଏକ ପ୍ରବହମାନ ଧାରା । ଅତଏବ କୁଟିଆ କନ୍ଧ ସାଂସ୍କୃତିକ ଧାରାରେ ମଧ୍ୟ ପରିବ ର୍ତ୍ତନ ଏକ ସ୍ୱଭାବିକ ପ୍ରକ୍ରିୟା । ଆଗାମୀ ଦିନରେ ଆଦିବାସୀ ସଂସ୍କୃତି ଅନ୍ଧ ବିଶ୍ୱାସ ବର୍ଜିତ ହୋଇ କେଉଁ ରୂପରେ ବ ୍ରହିବ ତାହା ଭବିଷ୍ୟତ ହିଁ କହିବ ।

**ପରାମର୍ଶ:**

୧. ଶ୍ରୀ ଇନ୍ଦ୍ର ମୁଠାମାଝୀ, ବଲମ୍-୬୦ ବର୍ଷ
୨. ଶ୍ରୀ ଭୀମରାଜ ମାଝୀ, ପାଗାର୍‌ପାଡ଼ି-୪୦ ବର୍ଷ
୩. ଶ୍ରୀ ଲିମ୍ବଧର ମାଝୀ, ପାଗାର୍‌ପାଡ଼ି-୩୫ ବର୍ଷ
୪. ଶ୍ରୀ ବୁଢ଼ ନାୟକ, ମଶାନ୍ ପଡ଼ା-୫୫ ବର୍ଷ

**ବନଶ୍ରୀ ସାହିତ୍ୟ ଓ ସଂସ୍କୃତି ପରିଷଦ, ତୁମୁଡ଼ିବନ୍ଧ, କନ୍ଧମାଳ**
**ଯୋଗାଯୋଗ-୯୪୩୭୨୪୨୯୭୯**

# ସାନ୍ତାଳ ସମ୍ପ୍ରଦାୟର ପାରଂପରିକ ଜ୍ଞାନ ବିଜ୍ଞାନ

**ନାକୁ ହାଁସ୍‌ଦାଃ**

ଓଡ଼ିଶାରେ ବସବାସ କରୁଥିବା ବାଷଠି ପ୍ରକାରର ଆଦିବାସୀମାନଙ୍କ ମଧ୍ୟରୁ ସାନ୍ତାଳ ଏକ ପ୍ରମୁଖ ସମ୍ପ୍ରଦାୟ । ଏମାନେ ଓଡ଼ିଶାର ମୟୁରଭଂଜ, କେନ୍ଦୁଝର, ବାଲେଶ୍ୱର ଜିଲ୍ଲାରେ ବାସ କରୁଥିବା ଦେଖାଯାଇଥାଏ । ଏହା ବ୍ୟତୀରେକ ଓଡ଼ିଶାର ଅନ୍ୟ ଜିଲ୍ଲାମାନଙ୍କରେ ଯଥା ଢ଼େଙ୍କାନାଳ, ଅନୁଗୋଳ ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କରେ ମଧ ସ୍ୱଳ୍ପ ମାତ୍ରାରେ ବାସ କରୁଥିବା ଦେଖାଯାଇଥାଏ । ଓଡ଼ିଶା ଛଡା ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମ ଆଦି ରାଜ୍ୟମାନଙ୍କରେ ମଧ ବହୁଳଭାବେ ରହୁଥିବା ଜଣାଯାଇଥାଏ । ଦେଶବାହାରେ ବଙ୍ଗଳା ଦେଶ, ନେପାଳ, ମରିଗସ୍ ପରି କେତେକ ଦେଶରେ ମଧ ଏହି ସଂପ୍ରଦାୟର ଲୋକମାନେ ବହୁ ସଂଖ୍ୟାରେ ବାସ କରୁଥିବା ଦେଖାଯାଏ । ତେଣୁ ସାନ୍ତାଳ ଏକ ଆନ୍ତର୍ଜାତିକ ଆଦିବାସୀ ସମ୍ପ୍ରଦାୟ । ଏହି ସମ୍ପ୍ରଦାୟ ଏହିପରି ଏକ ବିସ୍ତିର୍ଣ୍ଣ ଅଂଚଳରେ ବସବାସ କରୁଥିଲେ ମଧ ସେମାନଙ୍କର ଭାଷା ଓ ସଂସ୍କୃତି ଏକ ଓ ଅଭିନ୍ନ । ଅନ୍ୟ ଆଦିବାସୀଙ୍କ ତୂଳନାରେ ସାନ୍ତାଳ ସମ୍ପ୍ରଦାୟ ଜ୍ଞାନ ବିଜ୍ଞାନ ତଥା ନିଜସ୍ୱ ଜ୍ଞାନ କୌଶଳ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥିବାର ଜଣାଯାଏ ।

## ବାସଗୃହ ନିର୍ମାଣଶୈଳୀ

ସାନ୍ତାଳମାନଙ୍କର ବାସଗୃହ ନିର୍ମାଣ ଜ୍ଞାନ ଅତ୍ୟନ୍ତ ଉଚ୍ଚମାନର । ଏଥିପାଇଁ ହିଁ କୁହାଯାଇଥାଏ "ଅଳାଃ ଖନ୍‌ପେମ୍ ଠିକାୟା ଅକାକଦ ହଲ୍‌ହପନ୍ କଓ୍ୱାଃ ଅଳାଃବାନା" ଅର୍ଥାତ୍ ଘର ଦେଖି ହିଁ ବାରି ହୋଇପଡ଼େ କେଉଁସବୁ ଘର ସାନ୍ତାଳମାନଙ୍କର । ସାନ୍ତାଳମାନେ ତାଙ୍କ ଗୃହ ନିର୍ମାଣର ଅନୁକୂଳ ମକର ସଂକ୍ରାନ୍ତି ପରଦିନ 'ଆଖାନ୍' ଦିବସରେ ହିଁ ଆରମ୍ଭ କରିଥାନ୍ତି । କାରଣ ଏହିଦିନ ପାଖରୁ ହିଁ ଶୀତର ପ୍ରକୋପ ଧିରେ ଧିରେ କମିଥାଏ ବୋଲି ସାନ୍ତାଳମାନେ କେଉଁ ଆବାହମାନ କାଳରୁ ଜାଣି ଆସିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବିଜ୍ଞାନ ମତବ୍ୟକ୍ତ କରେ ଏହି ଦିନରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୁଏ । ତେଣୁ ଏହି ସମୟର ଖରା ଟାଣ ହୋଇ ନଥାଏ । ତେଣୁ ସାନ୍ତାଳମାନେ ଏହାକୁ ଉପଯୁକ୍ତ ସମୟଭାବେ ଚୟନ କରିଛନ୍ତି । ମାଟି କାନ୍ଥରେ ଘର ତୋଳିବା ସକାଶେ ଖରା ବେଶୀ ଟାଣ ହୋଇଗଲେ ମାଟି କାନ୍ଥଟି ହଠାତ୍ ଶୁଖିଯିବା ଦ୍ୱାରା ଫାଟି ଆଁ କରିବାର ସମ୍ଭାବନା ରହିଛି । ଡିହରେ କରାଯାଉଥିବା ପ୍ରଥମ ଘରର ଦ୍ୱାର ଦକ୍ଷିଣ ଦିଗକୁ କରାଯାଇ ନଥାଏ । କାରଣ ଏହି ଦିଗଟିକୁ ସେମାନେ ଅଶୁଭ ଭାବେ ଗ୍ରହଣ କରିଥାନ୍ତି । କୌଣସି ବ୍ୟକ୍ତି ବିଶେଷଙ୍କ ଦେହାନ୍ତ ପରେ ଦକ୍ଷିଣକୁ ମୁଣ୍ଡ କରି ହିଁ ସେମାନେ ଅନ୍ତେଷ୍ଟିକ୍ରିୟା କରିଥାନ୍ତି । ଘର ଗୁଡିକର ଲମ୍ବ ଓ ପ୍ରସ୍ଥ ଘର ତୋଳୁଥିବା ଲୋକର ସମ୍ବଳ ତଥା ଡିହର ଆକାର ଉପରେ ନିର୍ଭର କରିଥାଏ । ତଥାପି ଲମ୍ବ ଓ ପ୍ରସ୍ତ ଯେତିକି ହେଉଥାଉନା କାହିଁକି ତାହା ସହିତ ଚାଖଣ୍ଡେ ଅବା ଚାରି ଆଙ୍ଗୁଳି ନିଶ୍ଚୟ ଯୋଡ଼ିହୋଇ ରହିଥାଏ । ଯେପରିକି ଦୈର୍ଘ୍ୟ ପନ୍ଦର ହାତ ଚାଖଣ୍ଡେ ଅବା ଏକଇଶି ହାତ ଚାଖଣ୍ଡେ ପ୍ରସ୍ଥ ଏଗାର ହାତ ଚାଖଣ୍ଡେ କିମ୍ବା ନଅ ହାତ ଚାରି ଆଙ୍ଗୁଳି ଏପରି କରାଯାଇଥାଏ । କାନ୍ଥ ଉଠିବା

ପରେ ଉପର ଛପର ବାଲେଶ୍ୱର, ବାରିପଦା ଅଂଚଳର ସାନ୍ତାଳମାନେ ନଡ଼ାରେ କରୁଥିବା ସ୍ଥଳେ ବାମନଘାଟି (ରାଇରଙ୍ଗପୁର) ଏବଂ ପା ପୀଢ଼ି ଅ ଳର ସାନ୍ତାଳମାନେ ପ୍ରାୟତଃ ଖପରରେ ଛପର କରିଥାନ୍ତି । ଖପର ଘରଗୁଡ଼କ ପ୍ରାୟତଃ ସତୁରୀ ଡ଼ିଗ୍ରୀର ଗଡ଼ାଣିଆ ହୋଇଥିବା ବେଳେ ନଡ଼ାଛପର ଘରଗୁଡ଼ିକ ଷାଠିଏ ଡିଗ୍ରୀର ଗଡ଼ାଣିଆ କରାଯାଇଥାଏ ।

ଏହାପରେ ଘର କାନ୍ଥଗୁଡିକ ମହିଳାମାନଙ୍କ ଦ୍ୱାରା ସୁନ୍ଦରଭାବେ ମାଟିର ପ୍ରଲେପ ନିଆଯିବା ସକାଶେ ସ୍ୱତନ୍ତ୍ର ଧରଣର ମାଟିସବୁ ବ୍ୟବହାର କରାଯାଇଥାଏ । ଏହି ମାଟି ବାଲିଆ ଜମିରୁ ସଂଗ୍ରହ କରାଯାଇ ଦୁଇତିନି ପ୍ରସ୍ତରେ ପ୍ରଲେପ ଦିଆଯାଏ । ପରେ ତାହା ଉପରେ ବିଭିନ୍ନ ରଙ୍ଗମାଟିରେ ଲିପାଯାଇଥାଏ । ଅନେକ ସମୟରେ ଘର କାନ୍ଥମାନଙ୍କରେ ବିଭିନ୍ନ ଚିତ୍ରସବୁ ଅଙ୍କାଯାଇ କାନ୍ଥ ଗୁଡ଼ିକର ସୌନ୍ଦର୍ଯ୍ୟ ବହୁଗୁଣିତ କରାଯାଇଥାଏ । ଘରର ଭିତର କାନ୍ଥଗୁଡ଼ିକ ରଙ୍ଗବେରଙ୍ଗର ନ ହୋଇ କେବଳ ଚାଷଜମିରୁ ସଂଗ୍ରହ କରାଯାଇଥିବା ଈଷତ୍ ଧଳାରଙ୍ଗ ହିଁ ଦିଆଯାଇଥାଏ । କାରଣ ଏହି ଧରଣର ରଙ୍ଗ ଦିଆଗଲେ ରାତିରେ ଅଳ୍ପ ଆଲୁଅରେ ମଧ୍ୟ ଘରଟି ଅଧିକ ଆଲୋକିତ ହୋଇଥାଏ । ସେହିପରି ମଧ୍ୟ ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ର ତାପରେ ଘରଟି ଅପେକ୍ଷାକୃତ କମ୍ ତାତେ ଅର୍ଥାତ୍ ଏହା ଗରମ ପ୍ରତିରୋଧକ ଭାବେ ମଧ୍ୟ କାର୍ଯ୍ୟ କରିଥାଏ । ଭଣ୍ଡାର ଘରେ ଚାରିଫୁଟ ଉଚ୍ଚର ଏକ ଭାଡ଼ି ନିର୍ମାଣ କରାଯାଇଥାଏ, ତାହା ଉପରେ ଧାନ, ଚାଉଳ, ତଥା ଅନ୍ୟାନ୍ୟ ଶସ୍ୟ ରଖିବାର ବ୍ୟବସ୍ଥା କରାଯାଇଥାଏ । ଭାଡ଼ି ତଳ ଠାକୁର ଘର ଭାବେ ବ୍ୟବହାର କରାଯାଏ । ଏଠାରେ ମାରାଂବୁରୁ ଓ ଅନ୍ୟାନ୍ୟ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯିବା ସମେତ ପୂର୍ବପୁରୁଷମାନଙ୍କୁ ମଧ୍ୟ ପୂଜା କରାଯାଇଥାଏ । ତେଣୁ ଏହା ସେମାନଙ୍କର ନିବାସ ସ୍ଥଳ । ଏହି ଘରକୁ ଅନ୍ୟ କେହି ବାହାର ଲୋକ ପ୍ରବେଶ କରିବା ବାରଣ କରାଯାଇଥାଏ । ଏପରିକି ବିଭା ହୋଇଥିବା ଝିଅ ମଧ୍ୟ ପ୍ରବେଶ କରିବା ନିଷେଧ । ଏଠାରେ ଏକଥା ଉଲ୍ଲେଖ ଯୋଗ୍ୟ ଯେ ଏହି ଯେଉଁ ଭାଡ଼ି ନିର୍ମାଣ କରାଯାଇଥାଏ, ଏହା ଉପରେ ଶସ୍ୟସବୁ ରଖାଯାଉଥିବା ହେତୁ ତାହା ସୁରକ୍ଷିତ ହୋଇ ରହିଥାଏ ।

**କୃଷି ପଦ୍ଧତି**

ସାନ୍ତାଳମାନଙ୍କ କୃଷିପଦ୍ଧତି କଥାବସ୍ତୁକୁ ଅବଲୋକନ କଲେ ସେଥିରେ ମଧ୍ୟ ତାଙ୍କର ମୌଳିକତା ଅବଲୋକନ କରାଯାଇପାରେ । ସାନ୍ତାଳମାନେ ମୁଖ୍ୟତଃ କୃଷିଜୀବି । ସେମାନେ ଧାନଚାଷ କରିବା ସମେତ ବିଭିନ୍ନ ପରିବା ଓ ଡାଲିଜାତୀୟ ଶସ୍ୟ ଏବଂ ତୈଳବୀଜ ମଧ୍ୟ ଉତ୍ପାଦନ କରିଥାନ୍ତି । ଚାଷ କରିବା ସହିତ ସେମାନେ ପଶୁପକ୍ଷୀ ପାଳନ କରିଥାନ୍ତି । ଆଜିର ଭାଷାରେ ଯାହାକୁ ମିଶ୍ରିତ କୃଷି ନାମରେ ନାମିତ କରାଯାଉଅଛି । ସେମାନେ ପାଳନ କରୁଥିବା ପଶୁ ମଧ୍ୟରୁ ଗାଈ, ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ବତକ ଆଦି ପ୍ରଧାନ । ଏମାନଙ୍କୁ ପାଳନ କରିବା ଦ୍ୱାରା ସାନ୍ତାଳମାନେ ଆବଶ୍ୟକ ପରିମାଣର ମାଂସ ପାଇପାରିଥାନ୍ତି ଏବଂ ନିଜ ଜମିରେ ବ୍ୟବହାର କରିବା ସକାଶେ ଖତ ପାଇପାରିଥାନ୍ତି । ସାନ୍ତାଳମାନେ ବହୁଦିନ ପର୍ଯ୍ୟନ୍ତ ଏଥି ସକାଶେ ହିଁ କୃତିମ ସାର ବ୍ୟବହାର ଠାରୁ ବହୁ ଦୂରରେ ଥିଲେ । ସାନ୍ତାଳମାନେ ପାଳିତ ପଶୁମାନଙ୍କ ସକାଶେ ଅଲଗା ଅଲଗା ଗୁହାଳର ବ୍ୟବସ୍ଥା କରିଥାନ୍ତି । କାରଣ ସେମାନେ ଜାଣିଥିଲେ ଗୋଟିଏ ଗୁହାଳରେ ଏକାଧିକ ପ୍ରକାରର ପଶୁଙ୍କୁ ରଖାଗଲେ ଯେଉଁମାନଙ୍କ ସଂଖ୍ୟା ବେଶୀ ଥାଏ, ସେମାନେ ହିଁ ବଂଶବୃଦ୍ଧି କରିବେ । ଅନ୍ୟ ଗୋଷ୍ଠୀ ଜୀବର ଆଶାନୁରୂପ ବୃଦ୍ଧି ଘଟିବ ନାହିଁ ।

କୁକୁଡ଼ା ପାଳନ କ୍ଷେତ୍ରରେ ସାନ୍ତାଳମାନେ ଅଗ୍ରଣୀ । ଏକାଧିକ ମାଈ କୁକୁଡ଼ା ଅଣ୍ଡା ଦେଉଥିଲେ, ପ୍ରତି ଦୁଇଟି ମାଈ କୁକୁଡା ଭିତରୁ ଗୋଟିକୁ ଅଣ୍ଡା ଶୂନ୍ୟ କରି ଗୋଟିଏ ମାଈକୁକୁଡାକୁ ହିଁ ଅଣ୍ଡା ଉଷୁମାଇବା ପାଇଁ ଦିଆଯାଇଥାଏ । ଫଳରେ ଖାଲିଥିବା ମାଈ କୁକୁଡ଼ାଟି ଅପେକ୍ଷାକୃତ ଅଳ୍ପଦିନ ବ୍ୟବଧାନରେ ପୁଣି ଅଣ୍ଡା ଦେବାକୁ ଆରମ୍ଭ କରିଥାଏ । ଏହି ପ୍ରକାରେ କୁକୁଡ଼ା ସଂଖ୍ୟା ବୃଦ୍ଧି କରାଯାଇଥାଏ ।

**ଖାଦ୍ୟ ପ୍ରସ୍ତୁତି**

ମନୁଷ୍ୟ ବଂଚିବା ସକାଶେ ଖାଦ୍ୟର ଆବଶ୍ୟକତା ରହିଛି । ଏହି ଖାଦ୍ୟ ମଧ୍ୟ କେତେବେଳେ ଜୀବନହାନୀର କାରଣ ହୁଏ । ଖାଦ୍ୟ ପ୍ରସ୍ତୁତି କିଛିଟା ତ୍ରୁଟି ରହିଗଲେ ଏହି ପ୍ରକାରେ ବିଭିନ୍ନ ସମସ୍ୟାମାନ ଆସି ଉଭା ହୁଏ । ତେଣୁ ଶସ୍ୟ ଉତ୍ପାଦନ ପରି ଖାଦ୍ୟ ପ୍ରସ୍ତୁତିର ମଧ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି । ଏହାକୁ ମଧ୍ୟ ଏକ କଳାର ମାନ୍ୟତା ଦିଆଯାଇଥାଏ । ଖାଦ୍ୟ ପ୍ରସ୍ତୁତି ଗୋଷ୍ଠୀ ସମ୍ପ୍ରଦାୟ ତଥା ଅ  ଳ ଭେଦରେ ଭିନ୍ନ ଭିନ୍ନ ହୋଇଥାଏ । ଏହି ନ୍ୟାୟରେ ସାନ୍ତାଳମାନଙ୍କ ଖାଦ୍ୟ ପ୍ରସ୍ତୁତି ଶୈଳୀ ଅଲଗା ରହିବା ମଧ୍ୟ ସ୍ୱାଭାବିକ ମନେ ହୁଏ ।

ସାନ୍ତାଳମାନଙ୍କ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ଯଥା: ସିଦ୍ଧ ଏବଂ ଅସିଦ୍ଧ । ସିଦ୍ଧ ଖାଦ୍ୟ କହିଲେ ସିଝା ଯାଇଥିବା ଖାଦ୍ୟକୁ ବୁଝାଯାଇଥାଏ । ଅପର ପକ୍ଷରେ ଅସିଦ୍ଧ ଖାଦ୍ୟ କହିଲେ ସିଝା ଯାଇ ନ ଥିବା ଖାଦ୍ୟକୁ ବୁଝାଯାଇଥାଏ । ସିଝାଇ ଖାଦ୍ୟ ପ୍ରସ୍ତୁତ କରିବା ଏକ ସାଧାରଣ କଥା । ଏହା ଏହି ଗୋଷ୍ଠୀର ଆଦିବାସୀମାନେ ମଧ୍ୟ ଅନ୍ୟମାନଙ୍କ ପରି ହିଁ କରିଥାନ୍ତି । ପତ୍ର (ଶାଳପତ୍ର)ରେ ମାଂସ, ଛତୁ, ମାଛ ଆଦିକୁ ମଧ୍ୟ ଗୁଡ଼ାଯାଇ ଅଙ୍ଗାରରେ ବସାଇ ଖାଦ୍ୟ ପ୍ରସ୍ତୁତ କରାଯିବା ଏକ ନିଆରା ପରଂପରା । ଏହି ପ୍ରଣାଳୀରେ ପ୍ରସ୍ତୁତ ଖାଦ୍ୟ ଅତ୍ୟନ୍ତ ସ୍ୱାଦିଷ୍ଟ ଓ ରୁଚିକର ହୋଇଥାଏ । କେବଳ ଏତିକି ନୁହେଁ ଏଥିରେ ମଧ୍ୟ ଯଥେଷ୍ଟ ପରିମାଣର ଖାଦ୍ୟସାର ରହିଥାଏ । ଯାହା ଶରୀର ପକ୍ଷେ ଅତ୍ୟନ୍ତ ଲାଭଦାୟକ ।

ଏହା ବ୍ୟତିରେକ ସାନ୍ତାଳମାନେ କେତେକ ଖାଦ୍ୟକୁ ନ ସିଝାଇ ପ୍ରସ୍ତୁତି କରିବାର ମଧ୍ୟ ଦେଖାଯାଇଥାଏ । ସେହି ଧରଣର ଏକ ଖାଦ୍ୟ ହେଉଛି "ପାଲୁଆ" । ଏହା ନବପଲ୍ଲବିତ ତେନ୍ତୁଳୀ ଗଛରୁ ସଂଗ୍ରହ କରାଯାଇଥାଏ । ଏହି ନୂଆଁ କଅଁଳି ଥିବା ତେନ୍ତୁଳୀ ପତ୍ରକୁ ସଂଗ୍ରହ କରାଯାଇ ଶୁଖାଇ ଦିଆ ଯାଇଥାଏ । ଦୁଇ ତିନି ଦିନ ଶୁଖିବା ପରେ ତାହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଇ ଚାଲୁଣୀରେ ଚଲା ଯାଇଥାଏ । ତେଣୁ ଏତେବେଳକୁ ଏହା ଅଟା ପରି ମସୃଣ ଗୁଣ୍ଡରେ ପରିଣତ ହୋଇଯାଏ । ଏହାକୁ ଲାଉତୁମ୍ବା ଅବା ମାଠିଆରେ ରଖାଯାଇ ତାହାର ମୁହଁକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଏ । ପରେ ତାହାକୁ ଆବଶ୍ୟକତା ଅନୁସାରେ କାଢ଼ି ଖିଆଯାଇଥାଏ । କେତେବେଳେ ଏହା ପଖାଳ ଭାତ ସହିତ ତ ଅନ୍ୟ କେତେବେଳେ କୁସୁମ ଫଳ ସହିତ । ଅନେକ ସମୟରେ ଘରେ କୌଣସି ତରକାରୀ ନ ଥିଲା ବେଳକୁ ଏଥିରେ ପେଜ ଗୋଳାଇ ଦିଆଯାଇ ଏହାକୁ ମଧ୍ୟ ତରକାରୀ ଭାବେ ଖିଆ ଯାଇଥାଏ । ଏଠାରେ ଏକଥା ଉଲ୍ଲେଖ ଯୋଗ୍ୟ ଯେ ପୁରୁଣା 'ପାଲୁଆ' ନୂଆ ଅପେକ୍ଷା ଶତଗୁଣରେ ଭଲ । ଏହାର ଔଷଧୀୟ ଗୁଣ ମଧ୍ୟ ଯଥେଷ୍ଟ ବେଶୀ । ପେଟ ଖରାପ ହୋଇ କାହାର ଝାଡ଼ା ହେଉଥିଲେ ଏହି ପୁରୁଣା "ପାଲୁଆ"କୁ ଏକ ଦୋନାରେ ଗୋଳାଇ ଥରୁଟିଏ ପିଇଦେଲେ ପତଳା ଝାଡ଼ା ସମ୍ପୂର୍ଣ୍ଣ ରୂପେ ଭଲ ହୋଇ ଯାଇଥାଏ ।

## ସଂସ୍କାର ବିଧି

ମନୁଷ୍ୟ ଯଦି ଅନ୍ୟ ଜୀବମାନଙ୍କ ପାଖରୁ ନିଜକୁ ଅଲଗା କରି ପାରିଥାଏ, ତାହା ତାହାର ଏହି ସଂସ୍କାର ବିଧି ସକାଶେ ହିଁ ସମ୍ଭବ ହୋଇଅଛି । ଏହି ବିଧି, ପୁନଶ୍ଚ ସମ୍ପ୍ରଦାୟ ତଥା ଗୋଷ୍ଠୀ ଭେଦରେ ପରସ୍ପରଠାରୁ ଅଲଗା ହୋଇଥାଏ । ଏହି ନ୍ୟାୟରେ ସାନ୍ତାଳମାନଙ୍କ ସଂସ୍କାର ବିଧି ଅଲଗା କରିବା ସ୍ୱାଭାବିକ । ସେମାନେ ଜନ୍ମ ପାଖରୁ ମୃତ୍ୟୁଯାଏ ବିଭିନ୍ନ ପ୍ରକାରର ସଂସ୍କାର ବିଧିମାନ ନିଜସ୍ୱ ଶୈଳୀରେ ପାଳନ କରିଥାନ୍ତି । ଉଦାହରଣ ସ୍ୱରୂପ ନିମ୍ନରେ ତିନିଗୋଟି ସଂସ୍କାର ବିଧିର କଥା ଆଲୋଚନା କରାଯାଇପାରେ –

## ଜାତ ସଂସ୍କାର

ସାନ୍ତାଳ ସମାଜରେ ସନ୍ତାନ ଜାତ ହେବା ପରେ ନବଜାତ ସନ୍ତାନ ଓ ପ୍ରସୂତିଙ୍କୁ ଅଶୁଚି ବୋଲି ବିବେଚନା କରାଯାଇଥାଏ ।ଏପରିକି ସେହି ପରିବାର ତଥା ଗ୍ରାମକୁ ମଧ୍ୟ କେତେ ସମୟ ପର୍ଯ୍ୟନ୍ତ ଅଶୁଚି ହୋଇଥିବା କଥା ଗ୍ରହଣ କରି ନିଆଯାଇଥାଏ । ସେଥିପାଇଁ ହିଁ ଗ୍ରାମର ନାୟକ (ଜାହିରାର ପୂଜକ) ଗ୍ରାମଟି ଶୁଚିବନ୍ତ ନ ହେବା ଯାଏ ଭୋଜନ ମଧ୍ୟ କରନ୍ତି ନାହିଁ । ଯଦି ବିଧି ସମାପ୍ତ ହେବାରେ ବିଳମ୍ବ ଘଟେ ଗ୍ରାମର ସୀମା ବାହାରକୁ ଯାଇ ଅନ୍ୟ ଗାଁ ସୀମାରେ ଖାଇଦେଇ ଆସନ୍ତି । ଏଠାରେ ଏକଥା ଉଲ୍ଲେଖ ଯୋଗ୍ୟ ଯେ ନବଜାତ ସନ୍ତାନର ନାଭି ନାଡ଼ କାଟିବା ପାଖରୁ ହିଁ ଶୁଚି ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି ନାଭି ନାଡ଼କୁ ଏମାନେ ଏକ ତୀରର ଧାରରେ ଛେଦନ କରିଥାନ୍ତି । ଏକଥା ଏଠାରେ କହିବା ଉଚିତ ଯେଉଁ ତୀର ଯୋଗେ ନାହିନାଡ଼ କଟାଯାଏ, ତାହା କଳଙ୍କ ମୁକ୍ତ ହେବା ଆବଶ୍ୟକ । ଏହି କଳଙ୍କ ମୁକ୍ତ ତୀରଟିକୁ ନାହିନାଡ଼ କାଟିବା ପୂର୍ବରୁ ପ୍ରଥମତଃ ହଳଦୀ ପାଣିରେ ଭଲ ଭାବେ ଧୂଆ ଯାଇଥାଏ । ତାହାପରେ ସେଥିରେ ନାଡ଼ କଟାଯାଏ ।

ସାନ୍ତାଳମାନଙ୍କର ଏହି ପରଂପରା କେଉଁ ଆବାହମାନ କାଳରୁ ରହି ଆସିଛି । ଏଠାରେ ଲକ୍ଷ୍ୟ କରିବା କଥା ସେମାନେ କଳଙ୍କମୁକ୍ତ ତୀରଟିକୁ ହଳଦୀ ପାଣିରେ ଧୋଇ ଯେଉଁ ବିଶୋଧନ କାର୍ଯ୍ୟଟି କରି ଆସିଛନ୍ତି । ତାହା ସମ୍ପୂର୍ଣ୍ଣ ଭାବେ ବିଜ୍ଞାନସମ୍ମତ ଅଟେ । କାରଣ ବିଜ୍ଞାନ ମଧ୍ୟ ଆଣି ସେହିକଥା ଘୋଷଣା କରୁଅଛି ଯେ ହଳଦୀ ଯୋଗେ ବ୍ୟାକ୍ଟେରିଆଙ୍କୁ ମାରି ଦିଆଯାଇପାରେ । ଯେହେତୁ ହଳଦୀର ସେହି ଗୁଣ ରହିଅଛି ।

## ବିବାହ ସଂସ୍କାର

ସାନ୍ତାଳମାନଙ୍କ ପରଂପରାରେ ବିବାହ କାର୍ଯ୍ୟର ମୁଖ୍ୟପର୍ବ ସିନ୍ଦୁରଦାନ ଅବସରରେ ବରକୁ କାନ୍ଧ ଉପରେ ବସାଯାଇଥିବା ବେଳେ କନ୍ୟାକୁ ଏକ ବାଉଁଶ ଝୁଡ଼ି (ଦାଲ୍‌ଉଆ)ରେ ଟେକି ଧରି ଦାଣ୍ଡ ମଝିରେ ଦକ୍ଷିଣାବ ର୍ତରେ ବୁଲାଯାଇଥାଏ (ତିନିଥର ସକାଶେ) । ଏହି ପରିକ୍ରମା ଶେଷହେବା ପରେ ଧର୍ମନାମରେ ବରକନ୍ୟାର ସିନ୍ଥିରେ ତିନିଥର ସିନ୍ଦୁର ଦାନ କରିବାର ବିଧି ରହିଛି । ଏତେବେଳକୁ ଗ୍ରାମର ମାଝୀବାବାଙ୍କ ନେତୃତ୍ୱରେ ଉପସ୍ଥିତ ପା ଭାଇ ଏବଂ ଅନ୍ୟ ଲୋକମାନେ ଧର୍ମଡାକ (ମାରାଂବୁରୁ ହିଲା) ବୋଲି ଧ୍ୱନି ଉଚ୍ଚାରଣ ମଧ ତିନିଥର କରିଥାନ୍ତି । ଏହା ଘର ପାଖରୁ ଏହି ବର କନ୍ୟା ପତିପତ୍ନୀ ରୂପରେ ସମାଜରେ ବସବାସ କରିବା ସକାଶେ ଅନୁମତି ପ୍ରାପ୍ତ ହେଲେ ବୋଲି ଧରି ନିଆଯାଇଥାଏ ।

## ମୃତ୍ୟୁ ସଂସ୍କାର

କୌଣସି ବ୍ୟକ୍ତି ବିଶେଷଙ୍କ ଶବକୁ ସତ୍କାର କରିବା ସକାଶେ ନେବା ଅବସରରେ ଗାଁ ମୁଣ୍ଡରେ ରଖାଯାଇ ଆତ୍ମୀୟ ସ୍ୱଜନଙ୍କୁ ଶେଷଥର ପାଇଁ ମୁଖ ଦର୍ଶନର ସୁଯୋଗ ଦିଆଯାଇଥାଏ । ଏହି ସମୟରେ ମଧ୍ୟ ଶବବାହକ ମାନେ ରଖିବା ପୂର୍ବରୁ ଦକ୍ଷିଣା ବ ର୍ରେ ତିନିଥର ପରିକ୍ରମା କରିଥାନ୍ତି । ପୁନର୍ବାର ଶ୍ମଶାନକୁ ନେବାପରେ ଯେଉଁଠାରେ ଶବକୁ ଦାହ ଅବା କବର ଦିଆଯିବାର ଥାଏ, ସେଠାରେ ମଧ୍ୟ ପୂର୍ବବତ୍ ତିନିଥର ଦକ୍ଷିଣାବ ର୍ରେ ପରିକ୍ରମା କରିଥାନ୍ତି । ଏହା ପରେ ଦାହ ଅବା ସମାଧି ନିଆଯାଇଥାଏ ।

ଏଠାରେ ଲକ୍ଷ୍ୟ କରିବା କଥା ସାନ୍ତାମାନେ ବିବାହ ଏବଂ ମୃତ୍ୟୁ ସଂସ୍କାର ପାଳନ କରାଯିବା ଅବସରରେ ଦକ୍ଷିଣାବ ର୍ରେ ହିଁ ପରିକ୍ରମା କରିଥାନ୍ତି ସେମାନଙ୍କର ଏହି ଧରଣର ପରିକ୍ରମା ପୃଥିବୀର ପରିକ୍ରମା ସହିତ ସାମଞ୍ଜସ୍ୟ ରକ୍ଷା କରୁଅଛି । ତେଣୁ କୁହାଯାଇଥାଏ ସାନ୍ତାଳ ସମ୍ପ୍ରଦାୟର ଏହି ପରିକ୍ରମା ବିଧି ପୃଥିବୀର ପରିକ୍ରମା ବିଧିରୁ ହିଁ ଗ୍ରହଣ କରାଯାଇଅଛି । ଅର୍ଥାତ୍ ସାନ୍ତାଳୀମାନେ ଏହି କଥା ପୂର୍ବରୁ ଜାଣିସାରିଥିଲେ ଯେ ପୃଥିବୀ ଦକ୍ଷିଣାବ ର୍ରେ ଘୂର୍ଣ୍ଣାୟମାନ ଅବସ୍ଥାରେ ରହିଅଛି । ଅବଶ୍ୟ ସେହି ଧରଣର କଥାବସ୍ତୁ ସେମାନେ କାହା ପାଖରୁ କିପରି, କେବେ ପାଖରୁ ଜାଣିଥିଲେ ଏହି ଦିଗରେ ସେମିତି କିଛି ତଥ୍ୟ ଜଣା ପଡ଼ି ନାହିଁ । ତେଣୁ ଏହି ଦିଗରେ ଅଧିକରୁ ଅଧିକ ଗବେଷଣାମାନ କରାଯିବାର ଆବଶ୍ୟକତା ରହିଛି ।

## କାରିଗରୀ ବିଦ୍ୟା

ସାନ୍ତାଳମାନଙ୍କ ଜୀବନଯାପନ ପ୍ରଣାଳୀକୁ ଅନୁଧ୍ୟାନ କଲେ ସେମାନଙ୍କଠାରେ କାରିଗରୀ ବିଦ୍ୟା ଯେ ସର୍ବଦା ବିଦ୍ୟମାନ ଏହା ଆପେ ଆପେ ବାରି ହୋଇ ପଡ଼ିଥାଏ । ସେମାନଙ୍କ ଲୋକୋକ୍ତିରୁ ଜଣାଯାଇଥାଏ "ପାରକମ୍ ବେନାଓ ନାହେଲ୍ ବେନାଓ୍ୱ ବାମ୍ ବାଡ଼ାୟଖାନ୍ ଆଲମ୍ ବାହୁ ଜଂଆ ।" ଓଡ଼ିଆରେ ଏହାକୁ ଅନୁବାଦ କଲେ ଏହି ପରି ହେବ "ଖଟ ତିଆରି, ଲଙ୍ଗଳ ତିଆରି ନ ଜାଣିଲା ଯାଏ, ନ ହୁଅ ବାହା ।" ଅର୍ଥାତ୍ ଜଣେ ପୁରୁଷ ଲୋକଙ୍କ ସକାଶେ ଏହିସବୁ କାମ ଅତ୍ୟନ୍ତ ସାଧାରଣ କାମ ତେଣୁ ଏହାକୁ ପ୍ରତ୍ୟେକ ଲୋକ ଜାଣିବା ଏକ ସାଧାରଣ କଥା । ଅପର ପକ୍ଷରେ ଅନ୍ୟ ସମ୍ପ୍ରଦାୟମାନଙ୍କ ସକାଶେ ଏହା ମଧ୍ୟ ଏକ କାରିଗରୀ ବିଦ୍ୟା । ସେମାନଙ୍କ ଏହି ଲଙ୍ଗଳ ଏବଂ ଖଟ ତିଆରି କରିବା କ୍ଷେତ୍ରରେ କାରିଗରୀ କୌଶଳକୁ ଅବଲୋକନ କରାଯାଇପାରେ । ଖଟଖୁରା ତିଆରି କଲାବେଳକୁ କେତେବେଳେ ସାଧାରଣ ଭାବେ ଚାନ୍ଛି ତିଆରି କରାଯାଉଥିଲେ ମଧ୍ୟ ଏହି ଖୁରାର ମଧ୍ୟଭାଗ ଅ ାକୃତି ସାମାନ୍ୟ ସରୁ କରାଯାଇ ସେଠାରେ ବିଭିନ୍ନ କିସମର ଚିତ୍ର କରାଯାଇଥାଏ । ତାହା କେତେବେଳେ ପୁଷ୍ପର ପାଖୁଡ଼ା ପରି ତ ଅନ୍ୟ କେତେବେଳେ କରତର ଦାନ୍ତ ପରି କରାଯାଇଥାଏ । ଯେଉଁସବୁ ଖଟଖୁରାକୁ କୁନ୍ଦାଯାଇଥାଏ ସେଥିରେ ଘଟର ଆକୃତି ମଧ୍ୟ ଭାଗରେ କରାଯାଇଥାଏ । ସେହିପରି ବୁଣିଲା ବେଳକୁ ମଧ୍ୟ ଦଉଡ଼ିରେ ପୁଷ୍କରିଣୀ, ରମ୍ବସ ଆକୃତିର ଚତୁଷ୍କୋଣ ଆଦି କରାଯାଇଥାଏ ।

ସାନ୍ତାଳରମଣୀମାନଙ୍କ ଦ୍ୱାରା ଘରର କାନ୍ଥରେ ଯେଉଁ ଧରଣର କାରୁକାର୍ଯ୍ୟମାନ କରାଯାଇଥାଏ ତାହା ନ ଦେଖିଲା ଲୋକଙ୍କୁ ଠିକ୍ ଭାବେ ବୁଝାଇବା କଷ୍ଟକର । ତଥାପି ବୁଝାଇବା ସକାଶେ ପ୍ରୟାସ କରାଯାଉଅଛି ।

କାନ୍ଥଗୁଡ଼ିକ ଏପରି ସିଧା ଓ ମସୃଣ କରାଯାଇଥାଏ ଯେ ତାହା ଇଟା ସିମେ   କାନ୍ଥର ଭ୍ରମ ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ । ଏହି ରଙ୍ଗରେ ବିଭିନ୍ନ ଫୁଲ, ଗଛଲତା, ପଶୁପକ୍ଷୀ ଏବଂ ଶିକାର କରିବାର ଦୃଶ୍ୟ, ପଙ୍‌କ୍ତି ନୃତ୍ୟର ଚିତ୍ର କେତେକ ଜ୍ୟାମିତିକ ରେଖାଚିତ୍ର ଆଦି ସୁନ୍ଦର ଭାବେ କରାଯାଇଥାଏ । ଏହି ଧରଣର କାରୁକାର୍ଯ୍ୟ ସୂଚାଇ ଦିଏ ଆଦିବାସୀ ସାନ୍ତାଳମାନେ ଏହି କ୍ଷେତ୍ରରେ ମଧ୍ୟ କୌଣସି ଗୁଣରେ କମ୍ ନୁହଁନ୍ତି ।

**ଗ୍ରହ ନକ୍ଷତ୍ର ସମ୍ବନ୍ଧୀୟ ଜ୍ଞାନ**

ଗ୍ରହ ନକ୍ଷତ୍ର ସମ୍ବନ୍ଧୀୟ ଜ୍ଞାନ ଗାରିମାର କଥା ଯେତେବେଳେ ଆଲୋଚନା କରାଯାଏ, ସେତେବେଳେ ବିଜ୍ଞାନର କଥା ଆପେ ଆପେ ଆସିଯାଇଥାଏ । ଅର୍ଥାତ୍ ଏକ ପରିମାର୍ଜିତ ଜ୍ଞାନର କଥା ମନକୁ ଆସେ । ଯେଉଁମାନେ ସଭ୍ୟ ଏବଂ ଉନ୍ନତ ସେମାନଙ୍କ ପାଖରେ ହିଁ ଏହି ଧରଣର ବିଶେଷ ଜ୍ଞାନ ରହିଥିବା କଥା ବିଚାର କରାଯାଇଥାଏ । ସାନ୍ତାଳମାନେ ସେହି ସ୍ତରର ହୋଇଥିବା ହେତୁ ତାଙ୍କଠାରେ ସେହି ଧରଣର ଗାରିମାର ଭଣ୍ଡାରକୁ ଅବଲୋକନ କରାଯାଇ ପାରେ । ସାନ୍ତାଳ ସମାଜରେ ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ 'ଚାନ୍ଦବଙ୍ଗା' ନାମରେ ଗ୍ରହଣ କରାଯାଇଅଛି । ଏହି ସୃଷ୍ଟିରେ ଭଲମନ୍ଦ ଯେତେସବୁ ଯାହା ଘଟେ ସେଥିସକାଶେ ଏହି ଦୁହିଁଙ୍କୁ ହିଁ କାରଣ ସ୍ୱରୂପ ଗ୍ରହଣ କରାଯାଇଥାଏ । ସେଥିପାଇଁ ପ୍ରତ୍ୟେକ ଦିନ ସୂର୍ଯ୍ୟୋଦୟ ପୂର୍ବରୁ ଅନେକ ଲୋକଙ୍କ ଦାଣ୍ଡପଟ ମୁଖଦ୍ୱାର ସମ୍ମୁଖରେ ଗୋବରରେ ଗୋଲାକୃତିର ଲେପ ଦିଆଯାଇଥାଏ ସେହି ଚନ୍ଦ୍ରସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ । ଏହି ବିଲେପନ ପୁଣି ଦକ୍ଷିଣାବ ର୍ତ୍ତରେ ହିଁ କରାଯାଇଥାଏ । ସେହିପରି ଯେ କୌଣସି ପୂଜା ଅବସରରେ ଅରୁଆ ଚାଉଳର ଚୂନାରେ ଯେଉଁ ଯନ୍ତ୍ର ସଂସ୍ଥାପନ କରାଯାଏ ତାହା ମଧ୍ୟ ଗୋଲାକୃତିର ହୋଇଥାଏ ଠିକ୍ ଗୋବରର ବିଲୋପନ ପରି । ଆଜି ବିଜ୍ଞାନ ଯାହା ଘୋଷଣା କରିଛି ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର ଏହି କଥାକୁ ସାନ୍ତାଳମାନେ ବହୁ ପୂର୍ବରୁ ଜାଣି ସାରିଥିଲେ ।

ସେହିପରି ରାତିରେ ଆକାଶରେ ଦୃଶ୍ୟମାନ ହେଉଥିବା ଅଗଣିତ ତାରା ମଣ୍ଡଳୀକୁ ମଧ୍ୟ ସାନ୍ତାଳମାନେ ଅନୁଧ୍ୟାନ କରିବାକୁ ବିସ୍ମରୀ ଯାଇନାହାନ୍ତି । ଏହି ତାରାଗୁଡ଼ିକ ମଧ୍ୟରୁ ସନ୍ଧ୍ୟାବେଳକୁ ଦୃଶ୍ୟମାନ ହେଉଥିବା ବୁଧଗ୍ରହକୁ ସେମାନେ 'ସିଙ୍ଗାଲ୍ ଇପିଲ' ନାମରେ ନାମୀତ କରିଥାନ୍ତି । କାରଣ ଏତେବେଳକୁ ସାନ୍ତାଳମାନେ ରାତ୍ରଭୋଜନ (ସିଙ୍ଗାଳ ଦାକାଜପ୍) କରିଥାନ୍ତି । ସେହିପରି ସପ୍ତର୍ଷି ମଣ୍ଡଳକୁ ସେମାନେ ବୁଢ଼ୀ ପାରକମ୍ (ବୁଢ଼ୀ ଖଟୁଲୀ) ନାମରେ ନାମୀତ କରିଥାଆନ୍ତି । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ, ସାନ୍ତାଳ ପରଂପରାରେ ଶବକୁ ଘରୁ ଦଉଡ଼ିଆ ଖଟୁଲୀରେ ହିଁ ଶ୍ମଶାନକୁ ନିଆଯାଇଥାଏ । ଅନ୍ୟ କେତେକ ସମ୍ପ୍ରଦାୟରେ ଖଟୁଲୀକୁ ଓଲଟାଯାଇ ଯେପରି ନିଆ ଯାଇଥାଏ ଏମାନେ ସେମିତି କରିନଥାନ୍ତି । ଭଲ ଲୋକଟିଏ ଯେପରି ଭାବେ ଖଟରେ ଶୋଇଥାଏ, ସେହିପରି ଭାବେ ହିଁ ଶବକୁ ମଧ୍ୟ ନିଆଯାଏ । ଏହି ଅବସରରେ ଚାରିଖଟର ଖୁରା ପାଖରେ ଚାରିଜଣ ଶବବାହକ ରହିଥାନ୍ତି । ସେମାନଙ୍କୁ ଅନୁସରଣ କରି କୁଳଧାରଣ କରିଥିବା ବ୍ୟକ୍ତି ତାଙ୍କ ପଛକୁ ପୁଡ଼ା ଦଉଡ଼ିରେ ଅଗ୍ନି ସଂଯୋଗ କରି ଧାରଣ କରିଥିବା ଲୋକ ଏବଂ ଗ୍ରାମର ମୁଖ୍ୟ ମାଝୀବାବା ଅନୁସରଣ କରି ଚାଲିବାର ପରଂପରା ରହିଆସିଛି । ଏହାର ପ୍ରତିଛବି ଭାବେ ସେମାନେ ସପ୍ତର୍ଷିକୁ ଗ୍ରହଣ କରିଥାନ୍ତି । ପିଲ୍‌ଚୁଙ୍କ ଶବକୁ ତାଙ୍କ ପୁତ୍ରଗଣ ନେଉଥିବାର ପରିକଳ୍ପନା କରାଯାଇଅଛି । କୃତିକା ନକ୍ଷତ୍ରପୁଞ୍ଜକୁ ସାନ୍ତାଳମାନେ ସରେନ୍‌ଇପିଲ୍ ବୋଲି

କହିଥାନ୍ତି । ସାନ୍ତାଳମାନଙ୍କ ପୁରାଣ (ଅଲିଖିତ ଲୋକ କାହାଣୀ) ସାକ୍ଷ୍ୟ ପ୍ରଦାନ କରେ । ସୋରେନ୍ ବଂଶର ଲୋକମାନେ ପାଇକ ଭାବେ ନିଷ୍ଠାପର ଭାବେ କାର୍ଯ୍ୟକରି ଆସିଛନ୍ତି । ସେଥିପାଇଁ ହିଁ ଚାନ୍ଦବଙ୍ଗା ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ନଭମଣ୍ଡଳରେ ସ୍ଥାନ ପ୍ରଦାନ କରିଅଛନ୍ତି । ଯାହାକୁ ଆର୍ଯ୍ୟ ପରଂପରାରେ ଆକାଶଗଙ୍ଗା ବୋଲି କୁହାଯାଇଥାଏ । ତାହାକୁ ସାନ୍ତାଳ ସମାଜ ଗାଈ ଡ଼ାହାର-କାଡ଼ା ଡ଼ାହାର (ଗାଈ ସଡ଼କ-ମଇଁଷି ସଡ଼କ) ଭାବରେ ଚିହ୍ନିତ କରିଥାଏ । ଏହି ପରୋପକାରୀ ଜୀବ ଉପରେ ସନ୍ତୁଷ୍ଟ ହୋଇ ଚାନ୍ଦବଙ୍ଗା ସେମାନଙ୍କ ସକାଶେ ଆକାଶରେ ସଡ଼କପଥ ନିର୍ମାଣ କରିଥିବା କଥା ସାନ୍ତାଳମାନେ ବିଶ୍ୱାସ କରିଥାନ୍ତି । ସେହିପରି ପାହାନ୍ତା ପର ବେଳକୁ ଯେଉଁ ଶୁକ୍ରତାରା ନିଶାର ପରିସମାପ୍ତି ଏବଂ ଦିବସ ଆଗମନର ସୂଚନା ପ୍ରଦାନ କରିଥାଏ, ତାହାକୁ ସାନ୍ତାଳୀ ଭାଷାରେ 'ଉର୍ବାଇପିଲ୍' କୁହାଯାଇଥାଏ ।

ଅମାବାସ୍ୟା ପରେ ଯେଉଁ ନୂଆ ଜହ୍ନ ଦେଖାଯାଏ, ତାହାକୁ ସେମାନେ 'ମୁଲୁଃଚାନ୍ଦ' କହିଥାନ୍ତି । ଏହି 'ମୁଲୁଃଚାନ୍ଦ'ଦେଖାଦେଲା ବେଳକୁ ଯଦି ଉ  ରକୁ ଢ଼ଳିଥିଲେ ସେହି ମାସଟି ଶୁଭଭାବେ ବିବେଚିତ ହୁଏ, ଦକ୍ଷିଣପଟକୁ ଢ଼ଳିଥିଲେ ଅଶୁଭ ବୋଲି ଗ୍ରହଣ କରାଯାଇଥାଏ । ମଧ୍ୟ ଭାଗରେ ଥିଲେ ଫଳ ମଧ୍ୟ ମଧ୍ୟମ ଧରଣର ହୋଇଥାଏ ବୋଲି କୁହାଯାଇଥାଏ । ଚନ୍ଦ୍ର ଏବଂ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ବଳୟ ସୃଷ୍ଟି ହୋଇଥିବା କଥାକୁ ଦେଖିଲେ ସାନ୍ତାଳମାନେ କହିଥାନ୍ତି 'ଚାନ୍ଦକ ଦୁଲୁବ୍ ଆବାଓ୍ୱ ଦେୟ' । ଅର୍ଥାତ୍ ଚାନ୍ଦବଙ୍ଗାଙ୍କ ସକାଶେ ଦରବାର ବସିଛି । ଚନ୍ଦ୍ର, ସୂର୍ଯ୍ୟ ଅମାପ ଶକ୍ତିର ଅଧିକାରୀ ହୋଇଥିଲେ ମଧ୍ୟ ସେମାନେ ତାଙ୍କ କ ର୍ବ୍ୟରେ ଅବହେଳା କଲେ ତାଙ୍କୁ ମଧ୍ୟ ବିଚାରର ସମ୍ମୁଖୀନ ହେବାକୁ ପଡ଼ିଥାଏ । ବିଶେଷତଃ ଠିକ୍ ସମୟରେ ବର୍ଷା ନହେଲେ ସେମାନେ ଏହି ଧରଣର ବିଚାରର ସମ୍ମୁଖୀନ ହୋଇଥାନ୍ତି ।

ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ସମୟକୁ ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଭାବେ ଗ୍ରହଣ କରି ଆସିଛନ୍ତି । ଏହି ସମୟ ବେଳକୁ ବିଶେଷତଃ ଗର୍ଭବତୀ ମହିଳାମାନଙ୍କୁ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ । ଏହିଦିନ ସେମାନେ କୌଣସି ପନିପରିବାକୁ ମଧ୍ୟ କାଟି ନ ଥାନ୍ତି । ଘରୁ ବାହାରକୁ ବାହାରିବା ସକାଶେ ମଧ୍ୟ ବାରଣ କରାଯାଇଥାଏ । ଏହି ସମୟରେ କୌଣସି ବ୍ୟକ୍ତି ଆହାର ମଧ୍ୟ ଗ୍ରହଣ କରି ନଥାନ୍ତି । ଅପରପକ୍ଷରେ ଏତେବେଳକୁ ଫଳ ଧରୁ ନ ଥିବା ବୃକ୍ଷମାନଙ୍କୁ ଆଘାତ କଲେ ସେଥିରେ ଫଳ ଧରିଥାଏ ବୋଲି ବିଶ୍ୱାସ ରହିଛି । ସୂର୍ଯ୍ୟପରାଗ ହେବା କଥାକୁ ସାନ୍ତାଳମାନେ ବିପଦ ଘନେଇ ଆସୁଥିବାର ପ୍ରତୀକ ଭାବେ ଗ୍ରହଣ କରିଥାନ୍ତି । ସୂର୍ଯ୍ୟପରାଗ ପରେ ପରେ ଅରଣ୍ୟରେ 'ବାଘମାତେ' ବୋଲି ସାନ୍ତାଳମାନଙ୍କର ବିଶ୍ୱାସ ରହିଛି ।

### ପାଣିପାଗ ସମ୍ବନ୍ଧୀୟ ପୂର୍ବାନୁମାନ

ସାନ୍ତାଳମାନେ ପ୍ରକୃତିକୁ ଅନୁଧ୍ୟାନ କରି ହିଁ ପାଣିପାଗର ପୂର୍ବାନୁମାନ କରିଥାନ୍ତି । କେଉଁ ବର୍ଷ କେତେ ପରିମାଣରେ ବର୍ଷା ହେବ, କୃଷିକାର୍ଯ୍ୟ ଶେଷପର୍ଯ୍ୟନ୍ତ ବର୍ଷା ହେବ କି ନାହିଁ ତାହା ଧାନକୁ ଦେଖି ହିଁ ପରଖିଥାନ୍ତି । ଅର୍ଥାତ୍ ଘରେ ରଖାଯାଇଥିବା ଧାନର କେଉଁ ଭାଗରେ ଧାନ ପୋକ ଲାଗିଛି ତାହାକୁ ଦେଖନ୍ତି । ଯଦି ଆଗକୁ ଲାଗିଥିଲେ କୃଷିକାର୍ଯ୍ୟ ଆରମ୍ଭରେ ଭଲ ବର୍ଷା ହୋଇ ପରେ ଠିକ୍ ଭାବେ ସର୍ବଦା ହୁଏ ନାହିଁ । ମଧ୍ୟ ଭାଗରେ

ଲାଗିଥିଲେ କୃଷିକାର୍ଯ୍ୟର ମଝାମଝି ପର୍ଯ୍ୟନ୍ତ ବର୍ଷା ହୋଇଥାଏ, ଯଦି ଶେଷଭାଗରେ ଲାଗିଥିଲେ ସେହି ବର୍ଷ ଶେଷ ପର୍ଯ୍ୟନ୍ତ ଭଲ ବର୍ଷା ହେବାର ପୂର୍ବାନୁମାନ କରିଥାନ୍ତି । ସେହିପରି କେତେ ପରିମାଣର ଝଡ଼ ହେବ, ପବନ ହେବ ତାହାକୁ ଲିପି ନାମକ ପକ୍ଷୀର ବସାକୁ ଦେଖି ପୂର୍ବାନୁମାନ କରିଥାନ୍ତି । ଏହି ପକ୍ଷୀ ଗଛ ଡ଼ାଳରେ ବସା ବାନ୍ଧିଥିଲେ ସେହିବର୍ଷ ଏତେଟା ପବନ ହେବ ନାହିଁ ବୋଲି ଧରି ନିଆଯାଇଥାଏ । ଯଦି ତଳେ ଭୂମି ଉପରେ ବୁଦାମାନଙ୍କରେ ବାନ୍ଧିଥାଏ, ତାହାଲେ ଖୁବ୍ ଜୋର୍‌ରେ ଝଡ଼ତୋଫାନ ହେବାର ପୂର୍ବାନୁମାନ କରାଯାଇଥାଏ ।

ଗୋଟିଏ ଦିନର ପାଣିପାଗ ସମ୍ବନ୍ଧରେ ଅନୁମାନ କରିବାକୁ ଯାଇ ସୂର୍ଯ୍ୟ ଉଇଁଲାବେଳକୁ କେତେ ସମୟ ରକ୍ତବର୍ଣ୍ଣ ଧାରଣ କରୁଛନ୍ତି ତାହାକୁ ନେଇ ପୂର୍ବାନୁମାନ କରାଯାଇଥାଏ । ଅର୍ଥାତ୍ ଏତେବେଳକୁ ପୂର୍ବାକାଶ ସମ୍ପୂର୍ଣ୍ଣ ରକ୍ତବର୍ଣ୍ଣ ଧାରଣ କରିଥିଲେ ବର୍ଷା ଦିନେ ଦୁଇଦିନ ଭିତରେ ହେବାର ଅନୁମାନ କରାଯାଇଥାଏ । ଧୂଆଁପତ୍ର ନରମି ଯାଇଥିଲେ, ତେନ୍ତୁଳି ଅଠାଳିଆ ଲାଗୁଥିଲେ, ରଖାଯାଇଥିବା ମହୁଲ ଅଠାଳିଆ ଲାଗୁଥିଲେ, ପିମ୍ପୁଡ଼ିମାନେ ମୁହଁରେ ଅଣ୍ଡାଧରି ଏପଟ ସେପଟ ହେଉଥିଲେ, ଉଇ ହୁଙ୍କାମାନଙ୍କରେ ନୂଆ ମାଟି ଉଠିଥିଲେ ବର୍ଷା ଖୁବ୍ ନିକଟତର ହୋଇଥିବାର ଅନୁମାନ କରାଯାଇଥାଏ । ଯଦି ଆକାଶରେ ମେଘ ଥାଏ ବିଶେଷତଃ ସଂଧ୍ୟା ଅବା ରାତ୍ରବେଳକୁ ଟିକିଏ ବିଜୁଳି ମାରିଲେ ଖୁବ୍ ଦୂରରୁ ମଧ୍ୟ ତାହା ଜାଣି ହୁଏ । ଏହି ବିଦ୍ୟୁତ୍ ଯଦି ବାରମ୍ବାର ଲାଗି ଲାଗି ହେଉଥାଏ ତାହାହେଲେ ମଧ୍ୟ ବର୍ଷା ଆସିଗଲାଣି ବୋଲି ଅନୁମାନ କରାଯାଇଥାଏ ।

ଏହି ପ୍ରକାରେ ସାନ୍ତାଳମାନଙ୍କ ନିଜସ୍ୱ ଜ୍ଞାନ କୌଶଳର କଥା ବିଚାରାଲୋଚନା କଲେ ପ୍ରତ୍ୟେକ କ୍ଷେତ୍ରରେ ତାହା ବିଦ୍ୟମାନ । ସେଗୁଡ଼ିକ ମଧ୍ୟରୁ ଅନେକ ଆଜିର ସମୟରେ ମଧ୍ୟ ଦରକାରୀ ହୋଇ ରହିଅଛି, ତାହାର ଆବଶ୍ୟକତା ମଣିଷ ସମାଜ ସକାଶେ, କୃଷି ସକାଶେ ଅନୁଭବ କରାଯାଇଥାଏ । ଏହି ଦିଗରେ ଏ ପର୍ଯ୍ୟନ୍ତ ସେମିତି ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇପାରି ନାହିଁ । ଏ ଦିଗରେ ଅଧିକ ଆଲୋଚନା ତଥା ଗବେଷଣା କାର୍ଯ୍ୟମାନ କରାଗଲେ ତାହା ଆଗାମୀ ଦିନ ସକାଶେ ସଂରକ୍ଷିତ ହୋଇ ରଖାଯାଇପାରନ୍ତା ଏବଂ ମାନବ ଜାତିର ସେବାରେ ବିନିଯୋଗ କରାଯାଇପାରନ୍ତା । କାରଣ ଯାନ୍ତ୍ରୀକ ଶକ୍ତିର ଯେତେ ଅଗ୍ରଗତି ଘଟିଲେ ମଧ୍ୟ ଯୁଦ୍ଧ ଆଦି ବିପତି ସମୟରେ ତାହା ନଷ୍ଟ ହୋଇ ଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ, ତେଣୁ ସେତେବେଳ ସକାଶେ ଆମକୁ ଏହି ପାରମ୍ପରିକ ତଥ୍ୟମାନ ସଂରକ୍ଷଣ ରଖାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି, ଏହାକୁ ଅସ୍ୱୀକାର କରାଯାଇ ନ ପାରେ ।

**ସହକାରୀ ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ**
**ଯୋଗାଯୋଗ- ୯୪୩୭୨୯୨୮୯୯**

# ସାଂପ୍ରତିକ ଆଦିବାସୀର ପାର୍ବିକ ରୀତିନୀତି: ଆଉ ଏକ ଆଲୋଡନ ଜରୁରୀ

**ବିଜୟ ଉପାଧ୍ୟାୟ**

ଆଦିବାସୀ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତା'ର ସାମାଜିକ ଓ ପାର୍ବିକ ରୀତିନୀତି । ମୋର ଏହି ନିବନ୍ଧ ପାର୍ବିକ ରୀତିନୀତିକୁ ନେଇ ଏକ ତର୍ଜମା । ବହୁ ନୃତ ୍ୱବିତ୍ ଓ ସମାଜତ ୍ୱବିତ୍ ଯେତେବେଳେ ଧାର୍ମିକ ରୀତି ନୀତି କଥା କହନ୍ତି, ବା ସମସ୍ତ ପାର୍ବିକ ରୀତିନୀତିକୁ ଧାର୍ମିକ ରୀତିନୀତି ରୂପେ ଅଭିହିତ କରନ୍ତି, ଅତି ନମନୀୟ ଭାବେ ସେତେବେଳେ ସେମାନେ ଧର୍ମ ଶବ୍ଦଟିର ଅର୍ଥ କରିଥାନ୍ତି । ଅଣ ଆଦିବାସୀ ବା ଗଡ଼ିଆ ସମାଜରେ ଧର୍ମର ଅର୍ଥବୋଧ ଯେଉଁ ବ୍ୟାପକ ଧାରଣା ତଥା ଆତ୍ମିକ ପରିମଣ୍ଡଳକୁ ନେଇ ନିର୍ମିତ ଓ ଆଧାରିତ ହୋଇଥାଏ, ସେ ଅର୍ଥବୋଧ ଆଦିବାସୀ ସମାଜରେ ନ ଥାଏ । ସେଠି (ଗଡ଼ିଆ ସମାଜରେ) ଥାଏ ଆତ୍ମା, ପରାମାତ୍ମା, ସ୍ୱର୍ଗ, ନର୍କ, ପାପ, ପୁଣ୍ୟ, ଚେତନା, ଅତିଚେତନା, ଆଜିର ବହ୍ୱାଡ଼ମ୍ବର ଭରା ବିବୃତି କିନ୍ତୁ ଆଦିବାସୀର କୌଣସି ଧର୍ମଶାସ୍ତ୍ର ନ ଥାଏ । ଅଲୌକିକତା ଥାଏ କିନ୍ତୁ ଅଜ୍ଞତା ଓ ଦାରିଦ୍ର୍ୟ ପ୍ରସୂତ । ଜ୍ଞାନ ଗୌରବର କୁଟିଳ ତର୍କ ସମ୍ମତ ଅଲୌକିକତାର ସେଠି କିଛି ମାନେ ନ ଥାଏ । ଡୁମା ଓ ଦେବତା ଥାନ୍ତି କିନ୍ତୁ ସେମାନେ ଆର୍ଯ୍ୟର ଭଗବାନ ବା ପ୍ରେତାତ୍ମା ନୁହଁନ୍ତି । ଅଣ ଆଦିବାସୀ ସମାଜର କପଟତାପୂର୍ଣ୍ଣ ସନ୍ୟାସୀବୃ ି, ବା ଭିକ୍ଷାବୃ ି ଓ ପୂଜକବୃ ି ସରଳ ବିଶ୍ୱାସୀ ଲୋକଙ୍କୁ ପ୍ରତାରିତ କରିବାର ଅଭିପ୍ରାୟ ନେଇ ଶହ ଶହ ବର୍ଷ ଧରି ଚାଲି ଆସିଥିବା ବେଳେ ଆଦିବାସୀ ସମାଜର ଦିଶାରୀ, ଗୁରୁମାଇଁ ଓ ପୂଜାରୀ ଆଦି ବୃ ି ବା କାର୍ଯ୍ୟ ବଂଶାନୁବ ୍ୀକ ହୋଇନଥାଏ ।

ସମୂହର ମଙ୍ଗଳ ପାଇଁ ଗୋଷ୍ଠୀ ସେମାନଙ୍କୁ ବାଛେ ଓ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଏ । ସେହି ଦାୟିତ୍ୱକୁ ନିର୍ବାହ କରିବାକୁ ଯାଇ ସେ ଯାହାକିଛି ସାଧନା କରେ ଓ ପାରମ୍ପରିକ ନୀତିର ନିଷ୍ଠାପର ପ୍ରୟୋଗ କରେ । ଖାସ୍ ସେଇଥି ପାଇଁ ବାଘକୁ ନ ଡରି ରାତି ଅଧରେ ଦିଶାରୀ ଯାଏ ନକ୍ଷତ୍ର ଖୋଜି ।

ଆଦିବାସୀ ଗୋଷ୍ଠୀରେ ଆଫ୍ରିକୀୟ 'ଉବୁ ୁ' ଭଳି ସମୂହ ହେଉଛି ସବୁଠାରୁ ବଡ଼ । ବ୍ୟକ୍ତି ସେଠି ନିଶ୍ଚିହ୍ନ ହୋଇଗଲେ ବି ଶୋଚନା ନାହିଁ । 'ମୁଁ' ମାନଙ୍କ ଉପରେ 'ଆମେ' ର ରାଜୁତି । ଆଦିବାସୀର କିଛି ଲିଖିତ ଧର୍ମଶାସ୍ତ୍ର ନାହିଁ କିନ୍ତୁ ତାର ଏକ ଅଲିଖିତ ଦର୍ଶନ ଓ ମୂଲ୍ୟବୋଧ ରହିଥାଏ ଯାହା ମୌଖିକ । ଅର୍ଥାତ୍ ପାରମ୍ପରିକ ଭାବେ ମୁଖରୁ ମୁଖ ପ୍ରସରିତ ହୋଇ ଗୋଟିଏ ପୀଢ଼ିରୁ ଏହା ପରବ ୍ୀ ପୀଢ଼ିକୁ ସଂଚାରିତ ହୋଇଥାଏ ଓ ଗତି କରିଥାଏ । "ଅନ୍ୟମାନେ ଅଛନ୍ତି ତେଣୁ ମୁଁ ଅଛି ।" ନୁହେଁ ଯେ, "ମୁଁ ଅଛି ତେଣୁ ଅନ୍ୟମାନେ ଅଛନ୍ତି ।" ଏହି ଅସ୍ତିତ୍ୱବାଦ ବିରୋଧୀ (Anti existentialist) ସମଷ୍ଟିଗତ ମନୋଭାବ ହେଉଛି ଆଦିବାସୀ ଗୋଷ୍ଠୀର ସାଧାରଣ ସଂସ୍କୃତି । ଯେ ପର୍ଯ୍ୟନ୍ତ ଅନ୍ୟମାନେ ଦୁଃଖରେ ଅଛନ୍ତି, ଭୋକରେ ଅଛନ୍ତି, ଜଣେ କେମିତି ସୁଖୀ ହେବ ? ଏହି ତ ୍ୱ ସବୁ ପ୍ରକାରର ବ୍ୟକ୍ତି ବାଦିତାକୁ ନଷ୍ଟ କରିଯିଏ । (ଅବଶ୍ୟ ସେଥିପାଇଁ ସହଜରେ ସେମାନେ ଗଡ଼ିଆ ସାହୁକାର ମାନଙ୍କର ଶୀକାର ହୁଅନ୍ତି ।

ଏହି ଚିନ୍ତାଧାରାକୁ ଆଉ ଟିକେ ପ୍ରସାରିତ ଓ ବ୍ୟାପକ କରିବାକୁ ଯାଇ ନୋବେଲ୍ ବିଜେତା ଡେସ୍‌ବଣ୍ଡ ଟୁଟୁ କହନ୍ତି, "ଉବୁନ୍ତୁ ହେଉଛି ମଣିଷ ପଣିଆର ସାରାଂଶ, ଯାହା ସୂଚାଇ ଦିଏ ଯେ, ମୋର ବ୍ୟକ୍ତିଗତ ବିଚାର ଓ ଦର୍ଶନ ଆପଣଙ୍କ ବିଚାର ଓ ଦର୍ଶନ ସହ ସଂପୃକ୍ତ । ଉବୁନ୍ତୁ ହେଉଛି ସମଗ୍ରତା, କରୁଣା, ଏହାକୁ ଧାରଣ କରିଥିବା ଲୋକଟି ଅନ୍ୟର ସଫଳତାରେ ଇର୍ଷାନ୍ୱିତ ହୁଏ ନାହିଁ । ଅନ୍ୟ ପାଇଁ ବିପଦକୁ ଖାତିର ନ କରି ଆଗକୁ ଗୋଡ଼ ବଢ଼ାଇ ଦିଏ । ସ୍ୱୀକାର କରେ ଯେ, ତା'ର ଜୀବନ କେବଳ ନିଜ ପାଇଁ ନୁହେଁ ଅନ୍ୟ ମାନଙ୍କ ପାଇଁ । ସେ ବିଶ୍ୱାସ ରଖିଥାଏ ସକଳ ଘାତ ପ୍ରତିଘାତ ଭିତରେ ଜଣେ ତଥାପି ଉଦାରବାଦୀ ହୋଇ ପାରିବ । ଜୀବନକୁ ଥରେ ନୁହେଁ ହଜାରେ ଥର ହଁ କହିପାରିବ । (ଅନୁବାଦ ଶୈଳେନ୍ଦ୍ର ଦ୍ୱିବେଦୀ) ।

ସୁତରାଂ, ଯଦିଓ ଆଦିବାସୀର କିଛି ଲିଖିତ ଦର୍ଶନଶାସ୍ତ୍ର ନ ଥାଏ, ମୁଁ ଆଗରେ 'ଆମେ'କୁ ଥୋଇବା ହେଉଛି ଏହାର କେନ୍ଦ୍ରୀୟ ଦର୍ଶନ ।

ଆଦିବାସୀ ପ୍ରକୃତି ତଥା ଧରତ୍‌ନୀର ଉପାସକ । ଉପରେ ଧର୍ମଦେବତା । ତଳେ ଧର୍‌ତନୀ । ଏହାକୁ ଛାଡ଼ିଦେଲେ ଆଉ କିଛି ନାହିଁ । ଧରମ୍‌ର ଅର୍ଥ ସୂର୍ଯ୍ୟ । ସେ ପ୍ରତ୍ୟକ୍ଷ । ପ୍ରକୃତିର ସର୍ବଶ୍ରେଷ୍ଠ ପରିପ୍ରକାଶ । ସବୁ ସୃଷ୍ଟିର ମୂଳ । ତେଣୁ ସେ ଆଦିବାସୀର ଧର୍ମଦେବତା । ସାନ୍ତାଳୀ ତଥା ସାଦ୍ରୀ ଭାଷାରେ 'ସାର୍‌ନା' ହେଉଛି ସେମାନଙ୍କର ଧର୍ମ । ସାର୍‌ନା ମଧ୍ୟ ସେଇ ପ୍ରକୃତି । କିନ୍ତୁ ଆଦିବାସୀର ଏହି ଧରମ୍ ଗଡ଼ିଆ ବା ଆର୍ଯ୍ୟର ଧର୍ମ ସହ ଜଡ଼ିତ ଭାଗ୍ୟ ଭଗବାନ । ଅର୍ଥାତ୍ ସନାତନ ଧର୍ମଠାରୁ ସମ୍ପୂର୍ଣ୍ଣ ଅଲଗା, ବେଦ ବା ଉପନିଷଦରେ 'ଅ' ଉପସର୍ଗ ଲଗାଇ ସର୍ବୋଚ୍ଚ ବ୍ରହ୍ମକୁ ଯେପରି ସଜ୍ଞ୍ୟାୟିତ କରିବାର ଚେଷ୍ଟା କରାଯାଇଛି ତାହା ଏକାନ୍ତ ଅସ୍ପଷ୍ଟ । ଯଥା: ଅନାଦି, ଅନନ୍ତ, ଅବର୍ଣ୍ଣନୀୟ, ଅଚିନ୍ତନୀୟ, ଅଦୃଶ୍ୟ, ଅଣାକାର, ଅଲେଖ ଇତ୍ୟାଦି । ଆଦିବାସୀମାନଙ୍କ ପାଇଁ ପ୍ରକୃତିର ଦେବାଳୟ ହେଉଛିଶାଳ ବା ମହୂଲ ଗଛର ଏକ ଜଙ୍ଗଲ । କେଉଁଠି କେଉଁଠି ଏହା ଏକ ପର୍ବତ । ଯେପରିକି ଡ଼ଙ୍ଗରିଆ କନ୍ଧର ନିୟମଗିରି କିମ୍ବା ବଣ୍ଡାମାନଙ୍କର ବଣ୍ଡାପାହାଡ଼, ଝରଣିଆ କନ୍ଧ ଓ ବିଂଝାଲ ମାନଙ୍କର ଗନ୍ଧମାର୍ଦ୍ଦନ, ଯାହାକୁ ବିଭିନ୍ନ ଉପାଖ୍ୟାନ ସହ ଯୋଡି ଦେଇ ପରବର୍ତ୍ତୀ ସମୟରେ ଆର୍ଯ୍ୟମାନେ ଦୁଇପଟେ ଦୁଇଟି ମନ୍ଦିର ନିର୍ମାଣ କରିଦେଲେ (ହରିଶଙ୍କର ଓ ନୃସିଂହନାଥ) । ସେଠି ପୁଣି ସ୍ଥାପିତ ହୋଇଗଲେ ପ୍ରାୟ ସମସ୍ତ ମୁଖ୍ୟ ଆର୍ଯ୍ୟ ଦେବାଦେବୀ । କିନ୍ତୁ ଆଦିବାସୀମାନଙ୍କ ପାଇଁ ଗନ୍ଧମାର୍ଦ୍ଦନ ପର୍ବତ ହିଁ ଦେବତା । ବଣ୍ଡା ପାହାଡ଼ରେ ପାଟଖଣ୍ଡା କି ନୃସିଂହନାଥର ବିଲେଇ ହୋଇପାରେ ଏକ ପ୍ରତୀକ ।

ମୁଣ୍ଡା ଓ ସାନ୍ତାଳମାନଙ୍କ ବସତିର ପ୍ରବେଶ ପଥରେ ରହିଥିବା ଶାଳ ଜଙ୍ଗଲକୁ କୁହାଯାଏ 'ଜାହିରା' । ଆଦିମକାଳରେ ଏଭଳି ଶାଳ ଜଙ୍ଗଲକୁ କୁହାଯାଉଥିଲା ଖେର୍‌ୱାଲ୍ । ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶାର ସାନ୍ତାଳ, କୋହ୍ଲ, ଭୂମିଜ, ମାହାଲି ଓ ବିର୍ହଳା ମାନେ ନିଜକୁ 'ଖେର୍‌ୱାଜ୍' ଧର୍ମର ବୋଲି କହିଆସୁଥିଲେ । କିନ୍ତୁ ବିହାରର ସାନ୍ତାଳ ଆନ୍ଦୋଳନର ନେତା ଜୟପାଳ ସିଂ ଏହାକୁ 'ସାର୍‌ନା' ବୋଲି ନାମିତ କଲେ । ଯାହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେଲା । ଏହାର ମୁଖ୍ୟ ପ୍ରତୀକ– ଶର, ଶାଳବୃକ୍ଷ ଓ ଶିଳା । ଏ ସମସ୍ତ ହେଉଛି ମାଟି ବା ମୃତ୍ତିକାର ପ୍ରତୀକ । 'ଜା' ର ଅର୍ଥ 'ବୀଜ' । 'ଏର୍' ଅର୍ଥ ରୋପଣ । ଜା + ଏର୍ = 'ଜାହିରା' ଅର୍ଥାତ୍ ବୀଜ

ରୋପଣ । 'ଶାର୍' ଅର୍ଥ ଶର ଓ 'ନାର୍' ଅର୍ଥ ନାଭିସୂତ୍ର । ଶାଳଗଛ ଦେହରେ ଶରବିଦ୍ଧ କରି ତାକୁ ହିଁ ସୃଷ୍ଟିର ପ୍ରତୀକ ରୂପେ ଗ୍ରହଣ କରାଯାଏ । ତାହା ହେଉଛି 'ସାର୍‌ନା' ।

ଦକ୍ଷିଣ ଓଡ଼ିଶା ଛତିଶଗଡ଼ ତଥା ଦକ୍ଷିଣ ଭାରତର ଆଦିବାସୀ ସଂପ୍ରଦାୟ ଗଣ୍ଡ, କୋୟା, ବଣ୍ଡା, ଡିଡାୟୀ, ପରଜା, ଭତରା, କନ୍ଧ, ଗାଦବା, ଦୁରୁଆ ଏ ସମସ୍ତଙ୍କ ପାର୍ବିକ ରୀତି ନୀତିରେ ମଧ୍ୟ ରହିଛି ଶର ବା ଖଣ୍ଡା, ବୃକ୍ଷ ବା ଖୁ ି ଓ ସର୍ଗି ବା ମହୁଲ ଗଛ । ଏମାନଙ୍କର ଦେବତା ମଧ ସେହି ପ୍ରକୃତି ଉପରେ ଧରମ୍ ଦେବତା ଓ ତଳେ ଧର୍‌ତନୀ ମାତା । ସବୁ ଦେବୀ ଦେବତା ହେଉଛନ୍ତି ବୃକ୍ଷ, ଶିଳା କିମ୍ବା ପ୍ରକୃତିର ବିଭିନ୍ନ ଅଭିବ୍ୟକ୍ତି ।

ଦେବତାମାନଙ୍କ ସହ ବା ର୍ାଳାପ କରିବା ପାଇଁ ମଧ୍ୟସ୍ଥ ରୂପେ ଆର୍ଯ୍ୟମାନେ ବ୍ରାହ୍ମଣମାନଙ୍କୁ ଉପସ୍ଥାପିତ କରିଛନ୍ତି । ତାଙ୍କ ଦୃଷ୍ଟିରେ ସେହିମାନେ ହିଁ ଦେବାତ୍ମା – ଦେବତାଙ୍କ ପ୍ରତିନିଧି । ଯେହେତୁ ଦେବତାମାନଙ୍କ ଭାଷା ସଂସ୍କୃତ, ସେହିଥିରେ ସେମାନେ ବା ର୍ାଳପ କରନ୍ତି, ଯାହା ଅନ୍ୟ କେହି ବୁଝନ୍ତି ନାହିଁ । ଅଥଚ ଆଦିବାସୀ ସମାଜର ଯେ କୌଣସି ପୁରୁଷ ବା ସ୍ତ୍ରୀ ହେଉଛି ଗୁରୁମାୟୀ । ଦେବବାଦ୍ୟର ତାଳେ ତାଳେ ସେମାନେ ନିଜ ଉପରୁ ନିୟନ୍ତ୍ରଣ ହରାଇ ଏକ ବିଶେଷ ମାନସିକ ଅବସ୍ଥାରେ ପହ ୍ ଯାଆନ୍ତି । ଓଡ଼ିଶାର ପୁରପଲ୍ଲୀର ଠାକୁର ଠାକୁରାଣୀଙ୍କ ପାଖରେ ଯେଉଁ କାଳେସୀ ବା ଦାସୀମାନେ ଦେବବାଦ୍ୟର ତାଳରେ ନାଚନ୍ତି ଓ ଦେବାତ୍ମା ପ୍ରବେଶର ଦାବୀ କରି ବା ଆଳ ଦେଖାଇ ବିଭିନ୍ନ ଆଦେଶ ଶୁଣାନ୍ତି ଓ ଭବିଷ୍ୟବାଣୀ କରନ୍ତି, ସେଠାରେ ଛଳନା ଥାଏ ମୁଖ୍ୟ । ଗାଁ ଅଧିପତି ମାନଙ୍କ ନିର୍ଦ୍ଦେଶରେ ଏମାନେ ଏଭଳି ଅଭିନୟ କରିଥାନ୍ତି ଏବଂ ଗାଁର ଆପଦବିପଦ ପାଇଁ ମୁଖ୍ୟତଃ ଗରିବ କୃଷକ ମାନଙ୍କୁ ବା ଅମାନିଆ / ନିୟମ ଭଙ୍ଗକାରୀ ଲୋକଙ୍କୁ ଲକ୍ଷ୍ୟ କରିଥାନ୍ତି । କିନ୍ତୁ ଆଦିବାସୀ ସମାଜରେ ଶିରା ଓ ଗୁରୁମାୟୀମାନେ କୌଣସି ଦେବଭାଷାରେ ବା ର୍ାଳାପ କରନ୍ତି ନାହିଁ ବା କିଛି ନିର୍ଦ୍ଦେଶନାମା ଦିଅନ୍ତି ନାହିଁ କି ଭବିଷ୍ୟତବାଣୀ କରନ୍ତି ନାହିଁ । ମୋର ନିଜ ଅଭିଜ୍ଞତାରୁ ମୁଁ ଜାଣେ, ଏମାନେ ଏକ ବିଶେଷ ମାନସିକ ଅବସ୍ଥାରେ ପହଁଚିଯାଇ ଖୁବ୍ ନାଚନ୍ତି, ପ୍ରାୟ ନିର୍ବାକ୍ ରହନ୍ତି ଓ ନାଚି ନାଚି ବେହୋସ୍ ହୋଇ ଯାଆନ୍ତି । ସେମାନେ ପଥର ବା ଶିଳା ଉପରେ କିପରି ପଡ଼ି ନ ଯିବେ ସେ ଦିଗରେ ଗାଁ ଲୋକେ ତତ୍ପର ହୋଇ ତାଙ୍କ ପାଖେ ପାଖେ ଜଗନ୍ତି । କେବେ କେଉଁଠି କେହି ଯଦି କ୍ୱଚିତ୍ କିଛି କହନ୍ତି, ଗାଁ ଲୋକଙ୍କ ମଙ୍ଗଳ ପାଇଁ ତାହା ହୋଇଥାଏ ତାର ନିଜସ୍ୱ ବିଚାର ଆଧାରିତ ବା ର୍ା ବା ସନ୍ଦେଶ ।

ସେହିପରି ଯେକୌଣସି ପରବରେ ମୁଖ୍ୟ ଭୂମିକା ନେଇଥାନ୍ତି ଦିଶାରି, ଦିଉତ୍ତୁ, ଓ୍ୱାଡ଼େ ବା କୁଡାଂ (ସଉରା) । ଏ ସମସ୍ତେ ନକ୍ଷତ୍ରର ଗତି ଓ ସ୍ଥିତିକୁ ଅ୍ଧୟନ କରି ପରବମାନଙ୍କ ତିଥି ଧାର୍ଯ୍ୟ କରନ୍ତି । ଶେଷରେ ବୀରୁ ବା ଅସଲ ପୂଜାପୂଜୀ କାମ କରନ୍ତି  ପୂଜାରୀ ବା ଶିଶା । ସବୁ ପୂଜା ପ୍ରକୃତି କୈନ୍ଦ୍ରିକ ଗଛ, ପତର, ପର୍ବତ, ଜୋଲା ଗାଡ଼ (ନଦୀ ବା ଝରଣା), ଖୁ ି ବା ଦାରୁ, ଆମ୍ବ, ତେନ୍ତୁଳି, କାନ୍ଦୁଲ, ଧାନ, ମାଣ୍ଡିଆ ଆଦି 'ସଲ- ସମସ୍ତେ ପୂଜା ପାଆନ୍ତି । ଆଦିବାସୀ ସଂସ୍କୃତିରେ ପରବକୁ ନେଇ ମାସମାନଙ୍କର ନାମକରଣ ହୋଇଥାଏ । ପୁଷ୍‌ମାସରୁ ସେମାନଙ୍କର ବର୍ଷ ଆରମ୍ଭ ହୁଏ । ଅମାବାସ୍ୟାରୁ ଅମାବାସ୍ୟାକୁ ନେଇ ମାସର ହିସାବ ହୁଏ । ଦେଶିଆ ଭାଷାରେ ଗୋଟିଏ ଜନ୍‌ରୁ ଆଉ ଗୋଟିଏ ଜନ୍ । ପରବ୍ ଅନୁସାରେ ମାସର କ୍ରମ ହେଉଛି ପୁଷ୍, ମାଘ, 'ାଗୁନ୍,

ଚଇତ୍, ବୈଶାଖ୍, ଲାଣ୍ଡି, ଆଶାଢ଼, ବାନ୍ଦାନ୍ ବା ବାନ୍ଦାପାନା, ଅଶା, ଦଶରା, ଦିଆଲି, ପଣ୍ଡୁ । ଏହିପରି ବାର ମାସରେ ବାର ପରବ । ସୁତରାଂ ଆଦିବାସୀ ସମାଜରେ ବର୍ଷଯାକ ପରବ ଚାଲିଥାଏ । ଏ ସବୁରେ ଅଣ ଆଦିବାସୀ ବା ଗଡ଼ିଆମାନଙ୍କୁ ବାରଣ ଥାଏ । କିନ୍ତୁ ତାହା ସେତେଟା କଡ଼ାକଡ଼ି ନୁହେଁ ।

ତେବେ ପର୍ବତ କୈନ୍ଦ୍ରିକ ପରବରେ ଯେଉଁ ବିରୁ କରାଯାଏ; ସେଠାକୁ କୌଣସି ବାହାର ଲୋକଙ୍କୁ ବାରଣ କରାଯାଇଥାଏ । ପର୍ବତକୁ ଦେବତା ମାନିବାର ପରମ୍ପରା ବିଶେଷ ଭାବେ ରହିଛି ବଣ୍ଡା ଓ କନ୍ଧ ତଥା ଲାଂଜିଆ ସୌରାମାନଙ୍କର । ବଣ୍ଡାମାନଙ୍କ ବଣ୍ଡା ପର୍ବତ ଓ କନ୍ଧମାନଙ୍କ ବାର ପର୍ବତ ଏ ଦୃଷ୍ଟିରୁ ଖୁବ୍ ପବିତ୍ର । ଏହି ବାର ପର୍ବତ ହେଉଛି ଗନ୍ଧମାର୍ଦ୍ଦନ ପର୍ବତ ଶୃଙ୍ଖଳାର ଏକ ଅଂଶ । ଏହାର ଦେବୀ ହେଉଛନ୍ତି ଛତର ବାଉତୀ । ଛତର ବାଉତିଙ୍କ ଆଦିପୀଠ ଛତର ଦାଣୀ । ଛତର ଦାଣୀ ପର୍ବତ ଶୃଙ୍ଖଳାର ୭ଟି ପାହାଡ଼ । ଏହି ସାତୋଟି ପାହାଡ଼ରେ ସାତ ଜଣ ଦେବୀ ବିରାଜମାନ ବୋଲି ବିବେଚନା କରାଯାଏ । ଛତର ବାଉତୀ, ଗରଭଙ୍ଗା, କୁଲିହା, ମାଲି, ସୁନ୍ଦରୀ ଝଜା ବନ୍ଧା, ଡୁଙ୍ଗରୀ, ରଉଲ ଡଙ୍ଗର, ସାତ ଧାଙ୍ଗଡ଼ୀ, ମୁଖ୍ୟ ଠାକୁରାଣୀ ଛତର ବାଉତୀ । ଏହାକୁ ଛାଡ଼ି ରହିଛି ଆହୁରି ପା ଟି ପରବତ୍ – ସମସ୍ତେ ଜଣେ ଜଣେ ଠାକୁରାଣୀଙ୍କ ଅଧିଷ୍ଠାନ । ସେ ସବୁ ହେଲେ ୧. ମକରେନ୍, ୨. ବୁଡ୍‌ପାଏନ୍, ୩. କରଡ଼ି ପାଏନ୍, ମହୁଲ ପାଏନ୍, ୪. ଜାମ୍ ପାଏନ୍ ଓ ୫. ଟିପ୍‌ଟିପ୍ ପାଏନ୍ ।

